

As Per Model CBCS Syllabus , Odisha

+୩

ଭାରତ ଇତିହାସ- ୧

History of India - I

Semester- I

Core Course - I

ଶଶାଙ୍କ ଶେଖର ସାମଲ

କିତାବ ମହଲ

As Per Model C B C S Syllabus, Odisha

+୩
ଭାରତ ଇତିହାସ-୧
(History of India–I)

Semester – I
Core Course – I

ଡକ୍ଟର ଶଶାଙ୍କ ଶେଖର ସାମଲ
ଏମ୍.ଏ., ଏମ୍.ଫିଲ୍, ପିଏଚ୍.ଡି. (ଉତ୍କଳ), ଏଲ୍.ଏଲ୍.ବି, କୋବିଦ(ହିନ୍ଦୀ)
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଇତିହାସ ବିଭାଗ
ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମ

KM KITAB MAHAL
College Square
Cuttack-753003

କିତାବ ମହଲ
କଲେଜ ସ୍କୋୟାର୍
କଟକ-୭୫୩୦୦୩

+୩ ଭାରତ ଇତିହାସ - ୧

(History of India – I)

+୩ ପ୍ରଥମ ବର୍ଷ (ସମ୍ମାନ) ଛାତ୍ରଛାତ୍ରୀଙ୍କ ନିମନ୍ତେ

ଲେଖକ :

ଡକ୍ଟର ଶଶାଙ୍କ ଶେଖର ସାମଲ (ତରଣି)

ପ୍ରକାଶକ :

କିତାବ ମହଲ

ଜେସିକେ ଟାୱାର, କଲେଜ ସ୍କୋୟାର, କଟକ-୭୫୩୦୦୩

ଫୋନ୍ : (୦୬୭୧) ୨୫୪୮୩୩୩, ୨୫୪୮୩୦୧

e-mail : mail@kitabmahal.in

ପ୍ରଥମ ସଂସ୍କରଣ - ୨୦୧୯

ପୁନଃମୁଦ୍ରଣ - ୨୦୨୨

© ଶ୍ରୀମତୀ ସୁନନ୍ଦା ସାମଲ

We are committed to serve students with best of our knowledge and resources. We have taken utmost care and attention while preparing this book but we would beg to state that Authors and Publishers should not be held responsible for unintentional mistakes that might have crept in. However, errors brought to our notice, shall be gratefully acknowledged and attended to.

ମୁଦ୍ରଣ :

ଶକୁନ୍ତଳା ପ୍ରିଣ୍ଟର୍ସ

ବିଡାନାସି, କଟକ-୧୪

Sonali Maharana (Lipi)

Sonali,

ଉତ୍ସର୍ଗ

କଥିତ କଥା ଓ କୃତକାର୍ଯ୍ୟର ଚିହ୍ନ ରହିଯାଏ ଇତିହାସ
ହୋଇ, ସମୟ ବାଲିରେ ଯୁଗରୁ ଯୁଗାନ୍ତ ଯାଏଁ ।
ଚନ୍ଦ୍ରକାନ୍ତ ଖଣ୍ଡାୟୀ, କିତାବ ମହଲ, ଭାଇ !
ଏଇ ପାଠ୍ୟ ପୁସ୍ତକକୁ ଉତ୍ସର୍ଗ କରୁଛି
ତମରି କରକମଳରେ
ଓଡ଼ିଆ ଛାତ୍ରଛାତ୍ରୀଙ୍କ ହୃଦୟରେ ଜ୍ଞାନାଲୋକ
ପ୍ରଜ୍ୱଳିତ କରିବା ପାଇଁ ।

ଶଶାଙ୍କ

ମୁଖବନ୍ଧ

ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବା ପ୍ରୟାସରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଦ୍ୱାରା ନିର୍ଦ୍ଧାରିତ ଚୟନ ଆଧାରିତ ମାପ ପଦ୍ଧତି (ସି.ବି.ସି.ଏସ୍.) ପ୍ରଣାଳୀର ପାଠ୍ୟ ଖସଡା ସର୍ବାଦୌ ଅଭିନନ୍ଦନୀୟ ଅଟେ । **"+୩ ଭାରତ ଇତିହାସ-୧"** ପୁସ୍ତକଟି ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ (ସମ୍ମାନ) ଛାତ୍ରଛାତ୍ରୀଙ୍କ ପ୍ରଥମପତ୍ର ପାଇଁ ଉଦ୍ଦିଷ୍ଟ । ଉଚ୍ଚଶିକ୍ଷା ବିଭାଗଦ୍ୱାରା ନୂତନ ଭାବେ ପ୍ରବର୍ତ୍ତିତ ପାଠ୍ୟଖସଡା (ସି.ବି.ସି.ଏସ୍.) ଅନୁଯାୟୀ ପୁସ୍ତକଟି ପ୍ରସ୍ତୁତ । ବିଷୟଗୁଡ଼ିକ ଯେପରି ସହଜରେ ବୋଧଗମ୍ୟ ହୋଇପାରିବ, ସେଥିପାଇଁ ସରଳ ଓ ସାବଲୀଳ ଭାଷାରେ ବିଷୟଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି । ଉକ୍ତ ପୁସ୍ତକରେ ପ୍ରସ୍ଫୁଟିତ ବିଷୟଗୁଡ଼ିକ ଯଥା- ପ୍ରାଚୀନ ଭାରତ ଇତିହାସର ପୁନର୍ଗଠନ, ପ୍ରାକ୍-ଐତିହାସିକ ଶିକାରୀ-ସଂଗ୍ରହକାରୀ ଏବଂ ଖାଦ୍ୟ ଉତ୍ପାଦନ, ହରପ୍ପା ସଭ୍ୟତା ଓ ସାଂସ୍କୃତିକ ପରିବର୍ତ୍ତନକୁ ନେଇ ପୁସ୍ତକଟି ଆତ୍ମପ୍ରକାଶ କରୁଛି ।

ପୁସ୍ତକଟିରେ ଅନିଚ୍ଛାକୃତ ତ୍ରୁଟି ରହିଥାଇପାରେ; ମାତ୍ର ଏଥି ନିମନ୍ତେ ମୂଲ୍ୟବାନ୍ ପରାମର୍ଶ ଓ ସଂଶୋଧନୀ ପ୍ରସ୍ତାବ ସର୍ବଦା ସ୍ୱାଗତଯୋଗ୍ୟ, ଯାହାକି ପରବର୍ତ୍ତୀ ସଂସ୍କରଣରେ ସ୍ଥାନିତ ହେବ ।

ଅଧୁନା ସମୟର ଇତିହାସ ଶିକ୍ଷାଦାନରେ ଅହେତୁକ ପରିବର୍ତ୍ତନ ଘଟିଛି । ଏବେକାର ଇତିହାସ ତା'ର ଗତିପଥ ବଦଳେଇ ରାଜନୈତିକ ଇତିହାସର ଯୁଦ୍ଧ, ରାଜ୍ୟଜୟ, ନରହତ୍ୟା, ଲୁଣ୍ଠନ ଓ ରାଜାଙ୍କ ପ୍ରଜାପୀଡନ ଆଦିରୁ ଦୂରେଇ ଯାଇ ମାନବୀୟ ସଭ୍ୟତା ଓ ସଂସ୍କୃତି ଆଡକୁ ଧାଇଁଛି । ଏହା ଅନୁଭବ କରାଯାଇ ସାରିଛି ଯେ, କେବଳ ମାତ୍ର ରାଜ୍ୟ ଓ ପ୍ରଶାସକବର୍ଗ ଇତିହାସ ଗଠନ କରନ୍ତି ନାହିଁ; ବରଂ ରହିଥାଏ ସାଧାରଣ ଜନତାଙ୍କ ବିଶେଷ ଯୋଗଦାନ । ପ୍ରକୃତରେ କହିବାକୁ ଗଲେ ସାଧାରଣ ଜନତା ହିଁ ଯୁଗେ ଯୁଗେ ଇତିହାସର ଗତିପଥ ନିର୍ଣ୍ଣାୟକ ଏବଂ ଇତିହାସ ଗଠନକାରୀ ଅଟନ୍ତି । ଇତିହାସ ରାଜାଙ୍କର ନୁହେଁ, ବରଂ ଜନସାଧାରଣଙ୍କ ଦାୟାଦ । ଯେପରିକି କାର୍ଯ୍ୟତଃ ସୈନିକମାନେ ଯୁଦ୍ଧ କରିଥାନ୍ତି, ମୃତ୍ୟୁବରଣ କରିଥାନ୍ତି, କଷ୍ଟ ଭୋଗିଥାନ୍ତି; ଠିକ୍ ସେହିପରି କାର୍ଯ୍ୟତଃ ଶ୍ରମିକ ଓ କାରିଗରମାନେ ମନ୍ଦିର, ସୌଧ ଆଦି ସମସ୍ତ ନିର୍ମାଣ କରିଥାନ୍ତି; କିନ୍ତୁ ନାମ ହୋଇଥାଏ ରାଜାଙ୍କର । ତେଣୁକରି ଅଧୁନା ସମୟର ଗବେଷକମାନେ ବିଭିନ୍ନ ଯୁଗର ସାମାଜିକ, ଅର୍ଥନୈତିକ, ଧାର୍ମିକ, ସାଂସ୍କୃତିକ, କଳା ଓ ଭାସ୍କର୍ଯ୍ୟ ଆଦିର ଅନୁସନ୍ଧାନ କରି ରାଜନୈତିକ ଘଟଣାବଳୀକୁ ପ୍ରଚ୍ଛଦ ପଟରେ ରଖି ଇତିହାସ ରଚନା କରୁଛନ୍ତି । ଫଳତଃ ଆମେ ତଦାନୀନ୍ତନ ସଭ୍ୟତା, ସଂସ୍କୃତି, ପ୍ରତିଟି ମାନବୀୟ କାର୍ଯ୍ୟକଳାପ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ଜାଣିପାରୁଛୁ ତଥା ଇତିହାସ ଲିଖନ, ପଠନ ଓ ଶିକ୍ଷାଦାନର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ସଫଳ ହୋଇପାରୁଛି । କୌଣସି ଏକ ଉନ୍ନତି ଅଥବା ନିର୍ମାଣ ପାଇଁ କାର୍ଯ୍ୟତଃ ଦାୟୀ ଥିବା ଜନସାଧାରଣଙ୍କୁ ଲୋକଲୋଚନକୁ ଆଣିବା ହିଁ ହେଉଛି ବାସ୍ତବ ଇତିହାସ, ଯାହାକି ଆଧୁନିକ ଯୁଗର ଐତିହାସିକମାନେ କରି ଚାଲିଛନ୍ତି ।

ଯେହେତୁ ଏହି ପୁସ୍ତକଟି ଛାତ୍ରଛାତ୍ରୀମାନଙ୍କ ପଢ଼ିବା ନିମନ୍ତେ ଉଦ୍ଦିଷ୍ଟ ଅଟେ, ତେଣୁ ଆମ୍ଭେ ଯଥାସମ୍ଭବ ସମସ୍ତ ବିଷୟର ବିଶଦ ବ୍ୟାଖ୍ୟା କରିଛୁ । ଆମ୍ଭ ମତରେ ଧର୍ମ ଏବଂ କଳାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ସଭ୍ୟତା । ତେଣୁ ଆମ୍ଭେ ଏଠି ପ୍ରାକ୍-ଐତିହାସିକ ଯୁଗରୁ ଐତିହାସିକ ଯୁଗ ପର୍ଯ୍ୟନ୍ତ ସବୁ ପ୍ରକାର ମାନବୀୟ କାର୍ଯ୍ୟକଳାପ, ବିଚାରଧାରା, ଧର୍ମ ଓ ଦର୍ଶନ, ସଭ୍ୟତା, ସଂସ୍କୃତି ଆଦିର ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରି ବିଶଦ ଭାବରେ ବର୍ଣ୍ଣନା କରିଛୁ ।

ପୁସ୍ତକଟି ରଚନା କରିବା ପାଇଁ ମୋତେ ବିଶେଷ ରୂପରେ ପ୍ରୋତ୍ସାହିତ ଏବଂ ଦିଗଦର୍ଶନ କରିଥିବା ଶ୍ରୀଯୁକ୍ତ ମଦନ ମୋହନ ମହାପାତ୍ର, ଶ୍ରୀମତୀ ଦିଗମ୍ବରୀ ମହାପାତ୍ର, ଅବସରପ୍ରାପ୍ତ ଇତିହାସ ପ୍ରାଧ୍ୟାପକ ଏବଂ ପ୍ରାଧ୍ୟାପିକା, ବିବେକାନନ୍ଦ ଆପାର୍ଟମେଣ୍ଟ, ବ୍ରହ୍ମପୁର, ଗଞ୍ଜାମ ଏବଂ ଧର୍ମପତ୍ନୀ ଶ୍ରୀମତୀ ସୁନନ୍ଦା ସାମଲଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଅର୍ପଣ କରୁଛି । ଜିଜ୍ଞାସାବଶତଃ ବାରମ୍ବାର ମୋତେ ପୁସ୍ତକ ସମ୍ପୂର୍ଣ୍ଣ କରିବା ପାଇଁ ଉତ୍ସାହିତ କରିଥିବା ଯୋଗୁଁ ଝିଅ ସୋନି, ପୁଅ ସୋନୁ, ଭ୍ରାତୃପ୍ରତିମ ଡ଼ଃ ପ୍ରଦୀପ୍ତ କୁମାର ଗାହାଣ, ପ୍ରାଧ୍ୟାପକ, ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟ, ଜୟଦେବ ବିହାର, ଭୁବନେଶ୍ୱର, ମୋର ପ୍ରିୟ ଛାତ୍ର ଶ୍ରୀଯୁକ୍ତ ବିଜୟ କୁମାର ପ୍ରଧାନ, ଅତିଥି ଅଧ୍ୟାପକ, ଶଶୀଭୂଷଣ ରଥ, ମହିଳା ମହାବିଦ୍ୟାଳୟ ବ୍ରହ୍ମପୁର ଏବଂ ପ୍ରିୟ ଛାତ୍ରୀ ଶ୍ରୀମତୀ ସ୍ୱାତୀ ଦୀପା ସ୍ୱାଇଁ, ଅତିଥି ଅଧ୍ୟାପିକା, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମଙ୍କୁ ହୃଦୟର ସହିତ ଧନ୍ୟବାଦ ଅର୍ପଣ କରୁଛି । **କିତାବ ମହଲ** ପ୍ରତିଷ୍ଠାନର ସମସ୍ତ ସଦସ୍ୟ ଏବଂ ଏହି ବହିର ପ୍ରକାଶକ ତଥା **କିତାବ ମହଲ,** କଟକର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ଖଣ୍ଡାୟୀ ଭାଇଙ୍କ ଉତ୍କଣ୍ଠା, ବାରମ୍ବାର ପ୍ରରୋଚନା, ପ୍ରୋତ୍ସାହନ ଏବଂ ତାଗିଦ୍ ଯୋଗୁଁ ପୁସ୍ତକ ଲିଖନରେ କ୍ଷିପ୍ରତା ଆସିଥିଲା । ସେମାନଙ୍କଦ୍ୱାରା ବିଶେଷ ରୂପରେ ଉତ୍ସାହିତ ହୋଇ ଏହି ପୁସ୍ତକ ରଚନା କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।

ଶ୍ରୀଗୁଣ୍ଡିଚା, ୨୦୧୯

ଡକ୍ଟର ଶଶାଙ୍କ ଶେଖର ସାମଲ

MODEL SYLLABUS
HISTORY (Core Course - I)

HISTORY OF INDIA - I

UNIT – 1 : Reconstructing Ancient Indian History

(a) Early Indian Notions of History

(b) Sources historical writings

(c) Historical Geography (Major Harappan Sites and Sixteen Mahajanapadas)

UNIT – 2 : Pre-historic Hunter-gatherers and Food Production

(a) Paleolithic cultures - Upper, Middle and Lower; Tool making habit

(b) Mesolithic cultures - New developments in Technology and Economy

(c) Neolithic and Chalcolithic Settlements

(d) Food Production : Beginning of Agriculture

UNIT – 3 : The Harappan Civilization

(a) Origins - Settlement Patterns and Town Planning

(b) Economic Life - Agriculture, Craft Productions and Trade

(c) Social and Political Organization; Religious Beliefs and Practices; Art

UNIT – 4 : Cultures in Transition

(a) Early Vedic Age - Society, Polity, Religion and Literature

(b) Later Vedic Age - Social Stratification (Varna and Gender), Polity, Religion and Culture

❑❑❑

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା

ପ୍ରଥମ ଏକକ (UNIT – I)

୧ । **ପ୍ରାଚୀନ ଭାରତ ଇତିହାସର ପୁନର୍ଗଠନ** ୧-୫୦

(କ) ପ୍ରାଚୀନ ଭାରତୀୟ ଇତିହାସ ପଠନର ଉଦ୍ଦେଶ୍ୟ

(ଖ) ଇତିହାସ ପୁନର୍ଗଠନ ପାଇଁ ଉଦ୍ଦିଷ୍ଟ ଉପାଦାନ ଏବଂ ଉପକରଣ : ମୌଳିକ ଉପାଦାନଗୁଡ଼ିକର ଶ୍ରେଣୀବିଭାଗ (ଐତିହାସିକ ସମୟ)

(ଗ) ଭୌଗୋଳିକ ଇତିହାସ : ମୌଳିକ ପ୍ରାକୃତିକ ପରିବେଶର ବିଭାଗୀକରଣ, ହିମାଳୟ ପର୍ବତମାଳା ଏବଂ ପଶ୍ଚିମ ସୀମାନ୍ତ, ସିନ୍ଧୁ ନଦୀର ସମତଳ ଅଞ୍ଚଳ, ଗାଙ୍ଗେୟ ଉତ୍ତର ଭାରତ, ଦାକ୍ଷିଣାତ୍ୟର ଶେଷସୀମା, ହରପ୍ପା ସଭ୍ୟତାର ପ୍ରମୁଖ କେନ୍ଦ୍ର, ଜନପଦ ଓ ମହାଜନପଦ, ଷୋଡଶ ମହାଜନପଦ

- ଆଦର୍ଶ ପ୍ରଶ୍ନାବଳୀ ।

ଦ୍ୱିତୀୟ ଏକକ (UNIT – II)

୨ । **ପ୍ରାକ୍-ଐତିହାସିକ ଶିକାରୀ-ସଂଗ୍ରହକାରୀ ଏବଂ ଖାଦ୍ୟ ଉତ୍ପାଦନ** ୫୧-୧୨୨

(କ) ପୁରାତନ ପ୍ରସ୍ତର ଯୁଗର ସଂସ୍କୃତି : ପୁରାତନ ପ୍ରସ୍ତର ଉପକରଣ, ପରିବ୍ୟାପ୍ତି, ଜୀବିକା ନିର୍ବାହ ଶୈଳୀ

(ଖ) ମଧ୍ୟ-ପ୍ରସ୍ତର ଯୁଗର ସଂସ୍କୃତି : ମଧ୍ୟ-ପ୍ରସ୍ତର ଯୁଗର ପରିବ୍ୟାପ୍ତି, ଜୀବିକା ନିର୍ବାହ ପଦ୍ଧତି, ଚିତ୍ରକଳା

(ଗ) ନୂତନ ପ୍ରସ୍ତର ଯୁଗର ସଭ୍ୟତା, ବିସ୍ତୃତି, ନୂତନ ପ୍ରସ୍ତର ଯୁଗୀୟ ସଭ୍ୟତାର ପ୍ରଗତି, ଚିତ୍ରକଳା ଓ କାରିଗରି କାର୍ଯ୍ୟ, **ତାମ୍ରଯୁଗର ସଭ୍ୟତା,** ଗୈରିକ ମାଟିପାତ୍ର ସଂସ୍କୃତି, ତାମ୍ର ଭଣ୍ଡାର ସମସ୍ୟା, ଚିତ୍ରିତ ଧୂସର ମାଟିପାତ୍ର ସଂସ୍କୃତି, ଉତ୍ତରାଞ୍ଚଳ କଳା ମାଟିପାତ୍ର ସଂସ୍କୃତି, ଅର୍ଥନୀତି ଏବଂ ବାଣିଜ୍ୟ ଅବସ୍ଥାନ, ପଶ୍ଚିମ, କେନ୍ଦ୍ରୀୟ ଓ ପୂର୍ବ ଭାରତର ତାମ୍ର ସଂସ୍କୃତି, ବାସଗୃହ ଏବଂ ଜନବସତି, ଧର୍ମବିଶ୍ୱାସ, ଦକ୍ଷିଣ ଭାରତୀୟ ତାମ୍ର ସଂସ୍କୃତି, କଳା ଓ କାରିଗରି କୌଶଳ

(ଘ) ଖାଦ୍ୟ ଉତ୍ପାଦନ, ନୂତନ ପ୍ରସ୍ତର ଯୁଗରେ କୃଷି ଓ ପଶୁପାଳନ, ପ୍ରାଚୀନ କୃଷିଜୀବୀ ଜନବସତି, ସାଂସ୍କୃତିକ ପର୍ଯ୍ୟାୟ, ଅର୍ଥନୀତି

- ଆଦର୍ଶ ପ୍ରଶ୍ନାବଳୀ ।

ଅଧ୍ୟାୟ	ବିଷୟ	ପୃଷ୍ଠା

ତୃତୀୟ ଏକକ (UNIT – III)

୩ । ହରପ୍ପା ସଭ୍ୟତା ୧୨୩-୧୫୨

(କ) ଉତ୍ପତ୍ତି, ହରପ୍ପା ସଭ୍ୟତାର ସମୟ, ହରପ୍ପା ସଭ୍ୟତାର ଅଗ୍ରଗତି, ନଗର ପରିକଳ୍ପନା, ବୃହତ ସ୍ନାନାଗାର

(ଖ) ଅର୍ଥନୈତିକ ଜୀବନ, ପଶୁପାଳନ, ବାଣିଜ୍ୟ ଘାଟି ପ୍ରତିଷ୍ଠା, କୃଷି, କଳା ଓ ହସ୍ତଶିଳ୍ପ, ଲିଖନ ଶୈଳୀ, କାରିଗରି ଉତ୍ପାଦନ, ବାଣିଜ୍ୟ ବ୍ୟବସାୟ

(ଗ) ସାମାଜିକ ଓ ରାଜନୈତିକ ସଂଗଠନ, ସମାଜ ବ୍ୟବସ୍ଥା, ହରପ୍ପାର ପ୍ରଶାସନିକ ବ୍ୟବସ୍ଥା, ଧର୍ମ ଓ ଧାର୍ମିକ ପ୍ରଥା, ସଭ୍ୟତାର ବିସ୍ତୃତି ଓ ପତନ

- ଆଦର୍ଶ ପ୍ରଶ୍ନାବଳୀ ।

ଚତୁର୍ଥ ଏକକ (UNIT – IV)

୪ । ସାଂସ୍କୃତିକ ପରିବର୍ତ୍ତନ ୧୫୩-୧୯୨

(କ) ପ୍ରାଚୀନ ବୈଦିକ ଯୁଗ, ସାଂସ୍କୃତିକ ଅବସ୍ଥାନ୍ତର, ଆର୍ଯ୍ୟମାନଙ୍କର ଅଭିଯାନ, ବୈଦିକ ସାହିତ୍ୟ, ବୈଦିକ ଯୁଗର ଅର୍ଥନୀତି, ଗ୍ରାମ୍ୟ ସଭ୍ୟତା, ସମାଜ, ରାଜନୀତି, ଧର୍ମ, ସାହିତ୍ୟ

(ଖ) ପରବର୍ତ୍ତୀ ବୈଦିକ ଯୁଗ, ସାମାଜିକ ଶ୍ରେଣୀ (ସ୍ତର) ରାଜନୀତି, ଧର୍ମ, ସଂସ୍କୃତି

- ଆଦର୍ଶ ପ୍ରଶ୍ନାବଳୀ ।

•

ପ୍ରଥମ ଏକକ
UNIT - I

ପ୍ରାଚୀନ ଭାରତ ଇତିହାସର ପୁନର୍ଗଠନ
(RECONSTRUCTING OF ANCIENT INDIAN HISTORY)

(କ) ପ୍ରାଚୀନ ଭାରତୀୟ ଇତିହାସ ପଠନର ଉଦ୍ଦେଶ୍ୟ
Early Indian Notions of History

(ଖ) ଇତିହାସ ପୁନର୍ଗଠନ ପାଇଁ ଉଦ୍ଦିଷ୍ଟ ଉପାଦାନ ଏବଂ ଉପକରଣ
Sources and Tools of Historical Reconstruction

(ଗ) ଭୌଗୋଳିକ ଇତିହାସ : (ହରପ୍ପା ସଭ୍ୟତାର ପ୍ରମୁଖ ଅଞ୍ଚଳ ଏବଂ ଷୋଡ଼ଶ ମହାଜନପଦ)
Historical Geography (Major Harappan Sites and Sixteen Mahajanapadas)

ପ୍ରାଚୀନ ଭାରତ ଇତିହାସର ପୁନର୍ଗଠନ
(Reconstructing of Ancient Indian History)

(କ) ପ୍ରାଚୀନ ଭାରତୀୟ ଇତିହାସ ପଠନର ଉଦ୍ଦେଶ୍ୟ
(Early Indian Notions of History)

ପ୍ରାଚୀନ ଭାରତୀୟ ଇତିହାସ ପଠନ ଅନେକ କାରଣରୁ ମହତ୍ତ୍ୱପୂର୍ଣ୍ଣ ଅଟେ । ପ୍ରାଚୀନ ଭାରତୀୟ ଇତିହାସ ପଠନର ଉଦ୍ଦେଶ୍ୟ ହେଉଛି ଆମ ନିଜସ୍ୱ ଅତୀତ ସମ୍ବନ୍ଧରେ ଜ୍ଞାନ ଆହରଣପୂର୍ବକ ନିଜକୁ ଏବଂ ନିଜର ପୂର୍ବପୁରୁଷଙ୍କୁ ଚିହ୍ନିବା । ଅତୀତରେ ଆମର ପୂର୍ବପୁରୁଷମାନେ କିପରି ଚଳୁଥିଲେ, ବଞ୍ଚୁଥିଲେ, କ'ଣ ଖାଉଥିଲେ ପିନ୍ଧୁଥିଲେ, ତାଙ୍କର ଧର୍ମଧାରା ଓ ପର୍ବପର୍ବାଣି କିପରି ଥିଲା ଆଦି ସର୍ବବିଧ ଜ୍ଞାନ ଆହରଣ ହିଁ ପ୍ରାଚୀନ ଭାରତୀୟ ଇତିହାସ ପଠନର ମୂଳ ଉଦ୍ଦେଶ୍ୟ ଅଟେ । କାରଣ ଅତୀତକୁ ଜାଣିବା ପରେ ଯାଇ ଆମେ ତା'ର ତର୍ଜମା କରି ବର୍ତ୍ତମାନ ଓ ଭବିଷ୍ୟତକୁ ସଜାଡ଼ି ପାରିବା ।

ଅତି ପ୍ରାଚୀନ କାଳରେ ଭାରତୀୟ ସମ୍ପ୍ରଦାୟ କେଉଁଠି, କେବେ ଓ କିପରି ଭାବରେ ସଭ୍ୟତା ଓ ସଂସ୍କୃତିର ଆରମ୍ଭ ଓ ବିକାଶ କରିଥିଲେ ସେ ସମ୍ବନ୍ଧରେ ଇତିହାସ ହିଁ ଆମକୁ ଅବଗତ କରାଇଥାଏ । ସେମାନେ କେବେ ଓ କିପରି ଭାବରେ ନିଆଁ, ଚକ ଆଦିର ବ୍ୟବହାର ଜାଣିଥିଲେ, ଯାଯାବର ଜୀବନକୁ ପରିତ୍ୟାଗ କରି ସାମାଜିକ ଜୀବନ ଆରମ୍ଭ କରିଥିଲେ, ସ୍ଥାୟୀ ବସତି ସ୍ଥାପନ କରିଥିଲେ, କୃଷିକାର୍ଯ୍ୟ ଏବଂ ପଶୁପାଳନ ଆରମ୍ଭ କରିଥିଲେ, ଉତ୍ପାଦିତ ଶସ୍ୟକୁ ସଞ୍ଚୟ କରିବା ଶିଖିଥିଲେ ଆଦି ଅନେକ ପ୍ରଶ୍ନର ସମାଧାନ କରିଥାଏ ଇତିହାସ । ପୁନଶ୍ଚ ସେମାନେ କେବେ ପ୍ରକୃତି ଓ ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଜୀବନଯାପନର ଶୈଳୀ ଆରମ୍ଭ କରିଥିଲେ; ଆହୁରି ମଧ୍ୟ ଇତିହାସ ପଠନ ଦ୍ୱାରା ପ୍ରାଚୀନତମ ସମୟରେ ଲୋକେ କେବେ ଓ କିପରି ଭାବରେ ଖାଦ୍ୟ ସଂଗ୍ରହକାରୀ ତଥା ଉତ୍ପାଦନକାରୀ ରୂପରେ ପରିବର୍ତ୍ତିତ ହୋଇଥିଲେ, ପରିବହନ ଓ ଗୃହ ନିର୍ମାଣ ଆରମ୍ଭ କରିଥିଲେ ଆଦି ସମ୍ବନ୍ଧରେ ସଠିକ୍ ଧାରଣା ପାଇଥାଉ । ସେମାନେ କେବେଠାରୁ ଲୁଗା ବୁଣିବା ଆରମ୍ଭ କଲେ, ଧାତୁର ବ୍ୟବହାର ଶିଖିଲେ, ଗ୍ରାମ, ନଗର ଓ ରାଜ୍ୟ ଗଠନ କଲେ ଆଦି ସର୍ବବିଧ ଜ୍ଞାନର ସାଗର ହେଉଛି ଇତିହାସ । ବିଶେଷତଃ ଲିଖନ ଓ ପଠନର ଜ୍ଞାନ ହେଉଛି ଏକ ସଭ୍ୟ ସମାଜର ମାନଦଣ୍ଡ । ଅଧୁନା ସମୟରେ ଭାରତରେ ପ୍ରଚଳିତ ସମସ୍ତ ଭାଷା ଓ ଲିପି ପ୍ରାଚୀନ ଭାରତରେ ପ୍ରଚଳିତ ବିଭିନ୍ନ ପ୍ରକାରର ଭାଷା ଓ ଲିପିର ପରିବର୍ତ୍ତିତ ଦାୟାଦ ଅଟନ୍ତି । ଆମେ ବ୍ୟବହାର କରୁଥିବା ଭାଷାଗୁଡ଼ିକର ମୂଳାଧାର ହେଉଛନ୍ତି ପ୍ରାଚୀନ ଭାରତୀୟ ଭାଷା, ଯାହାକି ପରିବର୍ତ୍ତିତ ସ୍ୱରୂପରେ ଅଧୁନା ସମୟରେ ବିଦ୍ୟମାନ ।

ଜ୍ଞାନ ଆହରଣର ଉପଯୋଗିତା

ସଭ୍ୟତାର ବିକାଶ ହେବା ଦିନଠାରୁ ବାସ୍ତବ ତଥ୍ୟର ଅନୁସନ୍ଧାନ ମଣିଷର ଅଦମ୍ୟ ଜିଜ୍ଞାସା ହୋଇ ଆସିଛି । ଏହା ତାକୁ ପୁରାତନ ପ୍ରସ୍ତର ଯୁଗରୁ ଆଧୁନିକ ଯାନ୍ତ୍ରିକ ଯୁଗ ଯାଏ ନେଇ ଆସିଛି । ଏହି ପରିବର୍ତ୍ତନଗୁଡ଼ିକ ମଣିଷକୁ

ଉନ୍ନତ ଚିନ୍ତାଧାରା ଏବଂ କର୍ମ କରିବା ପାଇଁ ପ୍ରୋତ୍ସାହିତ କରେ । ଆରିଷ୍ଟଟଲ୍‌ଙ୍କ ମତରେ ସାରା ସଂସାରର ତଥା ମଣିଷ ଜୀବନର ଗତିବିଧି ଏବଂ କାର୍ଯ୍ୟକଳାପକୁ ପ୍ରତିନିଧିତ୍ୱ କରିବା ପାଇଁ ଭିନ୍ନ ଭିନ୍ନ ତିନିଗୋଟି ପନ୍ଥା ରହିଛି; ଯଥା- ଇତିହାସ, ବିଜ୍ଞାନ ଏବଂ କାଳ୍ପନିକ ସାହିତ୍ୟ । ଇତିହାସ, ସତ୍ୟଗୁଡ଼ିକୁ ନିରୂପଣ ଓ ଲିପିବଦ୍ଧ କରେ । ନିରୂପିତ ଏବଂ ଲିଖିତ ସତ୍ୟ ଆଧାରରେ ବିଜ୍ଞାନ ନୀତିନିୟମ ପ୍ରଣୟନ କରୁଥିବା ବେଳେ କାଳ୍ପନିକ ସାହିତ୍ୟ, ଯାହାକି କଳାତ୍ମକ ଶୈଳୀରେ ଉପଲବ୍ଧ ସତ୍ୟକୁ ଲୋକଙ୍କୁ ପରଶି ଦିଏ । ଇତିହାସସମ୍ଭୂତ ଅଟେ ଐତିହାସିକତା ଏବଂ ଐତିହାସିକ ନିୟମଦ୍ୱାରା ନିର୍ଦ୍ଧାରିତ ତଥ୍ୟ, ଯାହାକି ଲିପିବଦ୍ଧ ଏବଂ ଅଭିଗୃହୀତ ଐତିହାସିକ ସତ୍ୟକୁ ପ୍ରକାଶିତ କରିଥାଏ । ମାନବ ସଭ୍ୟତା ଏବଂ ସମାଜର ବିବର୍ତ୍ତନ ଓ ପରିବର୍ତ୍ତନ ଏକ ନିର୍ଦ୍ଦିଷ୍ଟ ପ୍ରାକୃତିକ ନିୟମଦ୍ୱାରା ପରିଚାଳିତ ହୋଇଥାଏ, ଯାହାକୁ ଠିକ୍ ଭାବରେ ବୁଝି ପାରିଲେ ଅପରିହାର୍ଯ୍ୟ ଭବିଷ୍ୟତ ସମ୍ବନ୍ଧରେ ଧାରଣା କରିହୁଏ ଏବଂ ଏଥିପାଇଁ ଏକମାତ୍ର ଅବଲମ୍ବନ ହେଉଛି ଇତିହାସ ।

ମାନବୀୟ କାର୍ଯ୍ୟାବଳୀର ସମୀକ୍ଷିକା

ଇତିହାସ ହେଉଛି ସମଗ୍ର ମାନବୀୟ କାର୍ଯ୍ୟାବଳୀର ସମୀକ୍ଷକ ଅଥବା ସମୀକରଣକାରକ । ବିଶ୍ୱବ୍ରହ୍ମାଣ୍ଡ ଏବଂ ବିଶ୍ୱବ୍ରହ୍ମାଣ୍ଡକର୍ତ୍ତାଙ୍କୁ ଜାଣିବା, ଚିହ୍ନିବା ତଥା ଅନୁଭବ କରିବାର ମାଧ୍ୟମଗୁଡ଼ିକ ମଧ୍ୟରେ ଇତିହାସ ପୁରାଣ ହେଉଛି ଅନ୍ୟତମ । ସାଧାରଣ ସତ୍ୟର ସର୍ବୋଚ୍ଚତାକୁ ସମ୍ପୂର୍ଣ୍ଣ ରୂପରେ ବ୍ୟାଖ୍ୟା କରି ଭାରତୀୟମାନେ ଅତୀତକୁ ଠିକ୍ ଭାବରେ ବୁଝି ପାରିଥିଲେ । ଏହାର ନିଛକ ପ୍ରମାଣ ହେଉଛି ଯେ, ରାଜତନ୍ତ୍ରର ପ୍ରତିଷ୍ଠା କାଳରେ କଳିଙ୍ଗକୁ ଜୟ କଲାପରେ ସମ୍ରାଟ ଅଶୋକ, ଯୁଦ୍ଧ ବର୍ଜନକୁ ସାମ୍ରାଜ୍ୟର ସରକାରୀ ନୀତି ରୂପରେ ଘୋଷଣା କରିଥିଲେ ।

ଅତୀତର ତର୍ଜମାକାରିଣୀ

ବେଦ କୁହନ୍ତି ଯେ, ଜ୍ଞାନ ବିନେ ମୁକ୍ତି ନାହିଁ (ଋତେ ଜ୍ଞାନାନ୍ନ ମୁକ୍ତିଃ) । ଏତଦ୍‌ବ୍ୟତୀତ ଭାରତୀୟ ଦର୍ଶନରେ "ଜ୍ଞାନକୁ ଶକ୍ତି" ରୂପରେ ଗ୍ରହଣ କରାଯାଇଛି । ତେଣୁକରି ଜ୍ଞାନ-ଶକ୍ତି ଆହରଣ ପାଇଁ ସକଳ ବିଜ୍ଞଜନ ଅହରହ କୃଚ୍ଛ୍ର ସାଧନାରତ ଅଟନ୍ତି । ପୁନଶ୍ଚ ଜ୍ଞାନାଲୋକ, ଅଜ୍ଞାନ ତିମିର ହାରିଣୀ ଅଟେ । ସେ ଅଜ୍ଞାନରୂପକ ତମସାଚ୍ଛନ୍ନ ଗହ୍ୱରରେ ଆଲୋକର ବର୍ତ୍ତିକା ଜାଳି ମଣିଷକୁ ଦିବ୍ୟାଲୋକ ମଧ୍ୟରେ ପ୍ରବେଶ କରାଇଥାଏ, ଯାହାକି ବ୍ରହ୍ମାନନ୍ଦ ପ୍ରଦାନ କରେ । ବିଶ୍ୱବ୍ରହ୍ମାଣ୍ଡର ସମଗ୍ର ଜୀବଜଗତ ମଧ୍ୟରେ ମଣିଷ ହେଉଛି ଶ୍ରେଷ୍ଠ ଜୀବ, କାରଣ ସେ ଅନ୍ତର୍ନିହିତ ମାନସିକ ଶକ୍ତି ଏବଂ ସୂକ୍ଷ୍ମଦୃଷ୍ଟିସମ୍ପନ୍ନ ବୌଦ୍ଧିକତା ମଧ୍ୟରେ ସାମର୍ଥ୍ୟ ପ୍ରଦାନପୂର୍ବକ ସମନ୍ୱୟ ରକ୍ଷା କରିପାରେ । ଅଧୁନା ସମୟରେ ସମସ୍ତ ଜୀବ ଓ ନିର୍ଜୀବଙ୍କ ଜୀବନର ସବୁଦିଗ ସମ୍ବନ୍ଧରେ ଜାଣିବା ପାଇଁ ଅନୁସନ୍ଧିତ୍ସୁମାନେ ସର୍ବବିଧ ପରୀକ୍ଷାନିରୀକ୍ଷାରେ ବିନିଯୁକ୍ତ ହୋଇ ଜ୍ଞାନର ଭଣ୍ଡାର ଖୋଲି ଦେଇଛନ୍ତି । ଇତିହାସ ଏବଂ ପ୍ରତ୍ନତତ୍ତ୍ୱର ଜ୍ଞାନୀ ଅନୁସନ୍ଧିତ୍ସୁମାନେ ବିଶ୍ୱବ୍ରହ୍ମାଣ୍ଡର ସତ୍ୟ ପଛରେ ଲୁକ୍କାୟିତ ଗୂଢ଼ ରହସ୍ୟ ଉପରୁ ପରଦା ଉଠେଇ ଚାଲିଛନ୍ତି ।

ଐତିହାସିକ ଅନୁସନ୍ଧାନ ଉଭୟ ବସ୍ତୁବାଦୀ ଏବଂ ଧାର୍ମିକ ଜ୍ଞାନ ସମ୍ବନ୍ଧୀୟ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଦିଗ ଅଟେ । ବସ୍ତୁବାଦୀ ଜ୍ଞାନ ଶାରୀରିକ ଶକ୍ତି ପ୍ରଦାନ କରୁଥିବା ବେଳେ ଆଧ୍ୟାତ୍ମିକ ଜ୍ଞାନ ମାନସିକ ଶକ୍ତି ପ୍ରଦାନ କରିଥାଏ । ଧରାପୃଷ୍ଠରେ ଜୀବିତ ରହିବା ପାଇଁ ମଣିଷପକ୍ଷେ ଉଭୟ ଜ୍ଞାନ ଆହରଣ ଅବଶ୍ୟମ୍ଭାବୀ ଅଟେ । ଖୋଜିକରି ସତ୍ୟକୁ ଉଜାଗର କରିବା ହିଁ ଇତିହାସର ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଅଟେ । ଇତିହାସ ନୁହେଁ ତ କେବେ ଗଞ୍ଜା କୁକୁଡ଼ା ଏବଂ ଷଣ୍ଢଙ୍କ କାହାଣୀ କିମ୍ବା ଶାସକ ଓ ଶାସିତଙ୍କ କୃତକାର୍ଯ୍ୟର ଏକ ଧାରା ବିବରଣୀ; ନୁହେଁ ତ ପୁଣି ଏହା କେବଳ ମାତ୍ର ଲିଖିତ ଏକ ଦଲିଲ, ବରଂ ଅଟେ ହଜିଲା ଅତୀତକୁ ଉଜାଗରକାରିଣୀ ଏବଂ ଭବିଷ୍ୟତରେ ଏକ ସୁନ୍ଦର ଓ ସମ୍ପୂର୍ଣ୍ଣ ଜୀବନ ଜୀଇଁବା ପାଇଁ ନିର୍ଦ୍ଦେଶକାରିଣୀ, ଦିଗ୍‌ଦର୍ଶନକାରିଣୀ । ସର୍ବୋପରି ଇତିହାସ ଭବିଷ୍ୟତରେ ସତର୍କ ହେବାପାଇଁ ରଖିଦିଏ ଏକ "ବିପଦ ଜ୍ଞାପକ" । "ସାଗର ବକ୍ଷରେ ଜାହାଜ ଜୀବନେ ବତୀଘର ପରି ଧରଣୀ ବକ୍ଷରେ ମଣିଷ ଜୀବନେ କାର୍ଯ୍ୟ କରେ ଇତିହାସ ।"

ଐତିହାସିକ ସିଦ୍ଧାନ୍ତ

ସାମାଜିକ ପରିବେଷ୍ଟନୀ, ବୌଦ୍ଧିକ ପରମ୍ପରା ଏବଂ ବ୍ୟକ୍ତିଗତ ଅଭିଜ୍ଞତାକୁ ଆଧାର କରି, ଐତିହାସିକ ବିକାଶକୁ ବୁଝେଇବା ପାଇଁ ସମାଜବିଜ୍ଞାନୀମାନେ ଅନେକଗୁଡ଼ିଏ ତାତ୍ତ୍ୱିକ ସିଦ୍ଧାନ୍ତ ପ୍ରଣୟନ କରିଛନ୍ତି । ଇତିହାସରେ ବାସ୍ତବ ମତଦ୍ୱୈଧ ରହିଛି ସଂଚଳନ ସୃଷ୍ଟି କରିଥିବା ମୂଳ ଶକ୍ତିଙ୍କଠାରେ ଅର୍ଥାତ ସଭ୍ୟତା ବିକାଶର ସର୍ବପ୍ରାଥମିକ ପର୍ଯ୍ୟାୟରେ ପ୍ରାଚୀନତମ ମଣିଷଙ୍କ ଚଳଣିରେ । ଆଦିମ ମଣିଷ ସର୍ବପ୍ରଥମେ ପଶୁଙ୍କ ପରି ଜୀବନଯାପନ କରୁଥିଲା । କ୍ରମେ ସେ ଶିକାରୀ ଓ ସଂଗ୍ରହକାରୀ ଭୂମିକା ଗ୍ରହଣ କରିଥିଲା । ତା'ପର ପର୍ଯ୍ୟାୟରେ ସେ ହୋଇଥିଲା ଉତ୍ପାଦନକାରୀ ଏବଂ ସଞ୍ଚୟକାରୀ, ଯେତେବେଳେ କି ଉତ୍ପାଦନର ପ୍ରଣାଳୀରେ ବଳକା ଉତ୍ପାଦନ ସମ୍ବଳିତ ହୋଇ ସମାଜକୁ ଶ୍ରେଣୀ ଅଥବା ସମ୍ପ୍ରଦାୟରେ ବିଭାଜନ କରିଥିଲା; ଫଳସ୍ୱରୂପ ସମାଜରେ ବିଶିଷ୍ଟ ଅଥବା ସମ୍ଭ୍ରାନ୍ତ ଗୋଷ୍ଠୀ, ପଦପଦବୀରେ ପ୍ରାଧାନ୍ୟତା, ସାମାଜିକ ସ୍ତର ଏବଂ ସିଦ୍ଧାନ୍ତ ଅଥବା ନିଷ୍ପତ୍ତିକାରକ ଆଦିର ଜନ୍ମ ହୋଇଥିଲା, ଯାହାକି ଏକ ସୁସ୍ଥ ସମାଜ ପାଇଁ କ୍ଷତିକାରକ ଥିଲା । ସମ୍ଭ୍ରାନ୍ତ ଗୋଷ୍ଠୀର ଅଭ୍ୟୁଦୟ ପରେ ସେମାନେ ସାଧାରଣ ଲୋକଙ୍କୁ ବଳପୂର୍ବକ କାର୍ଯ୍ୟରେ ବିନିଯୋଗ କରି ଅଧିକ ଉତ୍ପାଦନ କରାଉଥିଲେ । ସବୁ ପ୍ରକାରର ଅନୁସନ୍ଧାନକାରୀ ଏହା ସ୍ୱୀକାର କରିଛନ୍ତି ଯେ, ବଳକା ଖାଦ୍ୟ ଉତ୍ପାଦନ ଯୋଗୁ ସମାଜରେ ପୂର୍ଣ୍ଣ ସମୟ ପାଇଁ ପ୍ରଶାସକ, ସର୍ବକାଳୀନ ସୈନିକ, ପୂଜକ, କାରିଗର ଏବଂ ଅନ୍ୟାନ୍ୟ ଖାଦ୍ୟ ଉତ୍ପାଦନ କରୁ ନ ଥିବା ବର୍ଗ ସମାଜରେ ସ୍ୱଚ୍ଛନ୍ଦରେ ବଞ୍ଚୁଥିଲେ । ବିଶେଷତଃ ଶାସକବର୍ଗ କୃଷକମାନଙ୍କୁ ଶୋଷଣ କରୁଥିଲେ । ଏଥିରୁ ଜଣାଯାଏ ଯେ, ମଣିଷ ଉତ୍ପାଦନକାରୀ ହେବା ସହିତ ପ୍ରଶାସନିକ କ୍ଷେତ୍ର ଓ ପ୍ରଶାସକଙ୍କ ଉଦ୍ଭବ ହୋଇଥିଲା; ପରବର୍ତ୍ତୀ କାଳରେ ଯାହାକୁ ରାଜ୍ୟ ଓ ରାଜା ବୋଲି ଆଖ୍ୟାୟିତ କରାଯାଇଥିଲା । ଏହି ସମୟରେ ଶିକାରୀ-ସଂଗ୍ରହକାରୀ ମଣିଷକୁ ଅନେକ ଅବସର ସମୟ ମିଳିଥିଲା । ଯେଉଁ ସମୟକୁ ବିନିଯୋଗ କରି ମଣିଷ କଳା, ଭାସ୍କର୍ଯ୍ୟ, ନିର୍ମାଣ ଏବଂ ଖେଳକୁଦ ଆଦିରେ ନିଯୁକ୍ତ ହେଉଥିଲା । ସର୍ବୋପରି ସମୟ ମିଳିବାରୁ ମଣିଷ ଅନେକ ପ୍ରକାରର ଧାର୍ମିକ, ଦାର୍ଶନିକ ଏବଂ ଗଠନମୂଳକ ଚିନ୍ତା କରିଥିଲା ।

ସାମାଜିକ ସମ୍ପ୍ରଦାୟ

ଗୋଷ୍ଠୀଗତ ଜୀବନ ଆରମ୍ଭ ହେବା ସହିତ ସମାଜରେ ସମ୍ପ୍ରଦାୟ ଅଥବା ଶ୍ରେଣୀର ଉଦ୍ଭବ ହୋଇଥିଲା । ଇତିହାସରେ ବସ୍ତୁବାଦିତା ସହିତ ଓତପ୍ରୋତ ଭାବେ ଜଡ଼ିତ ଥିଲା ସମାଜରେ ଶ୍ରେଣୀବିଭାଗ । ପ୍ରାଥମିକ ପର୍ଯ୍ୟାୟରେ ଦୁଇଗୋଟି ଶ୍ରେଣୀର ଲୋକେ ରହିଥିଲେ; ଯଥା- ଉତ୍ପାଦନ ସାଧନର ମାଲିକ ଏବଂ ଉତ୍ପାଦନ ସାଧନର ସ୍ୱତ୍ୱାଧିକାରରୁ ବଞ୍ଚିତ ହୋଇଥିବା ଗୋଷ୍ଠୀ । ସମାଜ ବିକାଶର ପ୍ରାଥମିକ ପର୍ଯ୍ୟାୟରେ ଉତ୍ପାଦନର ଲାଭାଂଶରୁ ବଞ୍ଚିତ ହେବା ଥିଲା ଶ୍ରେଣୀ ସୃଷ୍ଟି ଓ ବିଭାଗର ଭିତ୍ତି । ଉତ୍ପାଦିତ ସାମଗ୍ରୀର ବିଷମ ବଣ୍ଟନ ଥିଲା ସମାଜରେ ଅସମାନତା ଅଥବା ଉଚ୍ଚନୀଚ ଭାବନାର ଭିତ୍ତି, ଯାହାକି ଦୀର୍ଘସ୍ଥାୟୀ ଥିଲା । ଉକ୍ତ ବିଷମତା ଏବଂ ସମାଜରେ ବର୍ଗୀକରଣକୁ ଉଜାଗର କରି ମଣିଷ ମନରେ ଯୁଗେ ଯୁଗେ ସ୍ୱାଧୀନ ଚେତନା ଆଣିବା ପାଇଁ ଇତିହାସ ଆବହମାନ କାଳରୁ ସତତ ଚେଷ୍ଟିତ ହୋଇ ଆସିଛି । ଶାସକ କୁଳ ସର୍ବଦା ଚେଷ୍ଟିତ ଥିଲେ ଅର୍ଥ ଓ କ୍ଷମତାକୁ ନିଜ ହାତରେ ରଖିବା ପାଇଁ । ସର୍ବଦା ସେମାନେ ପାଦ ରଖୁଥିଲେ ଉତ୍ପାଦନର ଭିତ୍ତିଭୂମିରେ । ଏହି ସତ୍ୟକୁ ଉପଲବ୍ଧି କରି ସାଧାରଣ କୃଷକ ସମାଜ ଉତ୍ପାଦିତ ଖାଦ୍ୟଶସ୍ୟର ସୁଷମ ବଣ୍ଟନ ପ୍ରକ୍ରିୟାକୁ ଅଧିକାର କରିବା ପାଇଁ ସତତ ଚେଷ୍ଟିତ ଥିଲେ, ଯାହାକି ଶ୍ରେଣୀ ସୃଷ୍ଟିର ଏକ ଯଥାର୍ଥ ବ୍ୟାଖ୍ୟା ଥିଲା ।

ପ୍ରାଚୀନ ଭାରତୀୟ ସମାଜରେ ପୁନଶ୍ଚ ବିକଶିତ ହୋଇଯାଇଥିଲା ଯେ, ପୂଜକ ଏବଂ ସୈନିକମାନେ ଲାଭାଂଶ ପାଇଁ ବିଶେଷ ଅଧିକାର ସହିତ କୃଷକ ଓ ଶ୍ରମିକମାନଙ୍କ ଉପରେ ପ୍ରଭୁତ୍ୱ ମଧ୍ୟ ନିଜ ଅଧୀନରେ ରଖିଥିଲେ । ସେମାନେ କୃଷକମାନଙ୍କଠାରୁ ବିଭିନ୍ନ ପ୍ରକାରର ଖଜଣା, ଭେଟି ଆଦି ଆଦାୟ କରୁଥିଲେ; ଫଳରେ ସେମାନେ ଏକ

ସ୍ୱତନ୍ତ୍ର ଉଚ୍ଚଶ୍ରେଣୀଭୁକ୍ତ ଥିଲେ । ତେଣୁ କରି ଉଭୟ ପକ୍ଷର ବିପରୀତମୁଖୀ ସ୍ୱାର୍ଥ ରହିଥିଲା । ଇତିହାସ ଦୃଷ୍ଟିକୋଣରୁ ଏହିପରି ଏକ ସମାଜର ସ୍ଥାୟିତ୍ୱ ଅତି କ୍ଷୀଣ ଅଟେ ।

ସମାଜ ବ୍ୟବସ୍ଥାର ପ୍ରତିଫଳନକାରିଣୀ

ଇତିହାସ ହେଉଛି ଅତୀତରେ ସମାଜ ବ୍ୟବସ୍ଥାର ପ୍ରତିଫଳନକାରିଣୀ ଅଥବା ଦର୍ପଣ ସଦୃଶ । ଖାଦ୍ୟ ଉତ୍ପାଦନକାରୀ ଏବଂ ପଶୁପାଳନକାରୀ ମଣିଷ ସ୍ଥାୟୀ ବସବାସ ସହିତ ଗୋଷ୍ଠୀଗତ ଜୀବନଯାପନ ଆରମ୍ଭ କରିଥିଲା । ଏଥିରେ ସ୍ଥାୟିତ୍ୱ ଏବଂ ଚିର ପ୍ରବହମାନତା ଆଣିଥିଲା ବିବାହ ଓ ଏବଂ ରକ୍ତ ସମ୍ପର୍କ । ପୂର୍ବଜଙ୍କ ଦାୟାଦ ରୂପରେ ମଣିଷ ନିଜ କୌଳିକ ଟେକ ଓ ମହତ୍ତ୍ୱ ରକ୍ଷା କରିବାପାଇଁ ଚେଷ୍ଟାରତ ହୋଇଥିଲା । ଏକତ୍ର ବସବାସ କରିବା, ଗୋଷ୍ଠୀଦ୍ୱାରା ପ୍ରଚଳିତ ଭାଷାକୁ ଅଙ୍ଗୀକାର କରିବା ଏବଂ ସମାନ ପ୍ରକାରର ରୀତିନୀତି ପାଳନ କରୁଥିବା ମଣିଷଙ୍କୁ ଏକ ସମ୍ପ୍ରଦାୟର ଅଧୀନ ରୂପରେ ବିବେଚନା କରାଗଲା । ସମ୍ପ୍ରଦାୟ ପୁନଶ୍ଚ କୁଳ ଏବଂ କୁଳ ପୁଣି ବଂଶରେ ବିଭକ୍ତ ହୋଇଥିଲା । ଏହାଥିଲା ନୂତନ ପ୍ରସ୍ତର ଯୁଗର ସମୟକାଳ । ସମ୍ପ୍ରଦାୟଗୁଡ଼ିକ ଆଭ୍ୟନ୍ତରୀଣ କ୍ଷେତ୍ରରେ ବହୁମୁଖୀ କାର୍ଯ୍ୟରେ ନିଯୁକ୍ତ ଥିଲେ; ଯଥା- ଖାଦ୍ୟ ଉତ୍ପାଦନ, ପଶୁପାଳନ, ସୁରକ୍ଷା ଏବଂ ଯୁଦ୍ଧ ଓ ସମାଜ ଗଠନ ଆଦି । ଯୁଦ୍ଧଦ୍ୱାରା ସେମାନେ ଅନ୍ୟ ସମ୍ପ୍ରଦାୟକୁ ପରାସ୍ତ କରୁଥିଲେ ତଥା ଅନେକ କ୍ଷେତ୍ରରେ ବୈବାହିକ ସମ୍ପର୍କ ସ୍ଥାପନ କରୁଥିଲେ । ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ଉତ୍ପାଦିତ ଶସ୍ୟର ସୁଷମ ଆବଣ୍ଟନ କରାଯାଉଥିଲା, ଯାହାକି ସମାଜରେ ମୁଖ୍ୟଙ୍କ ବର୍ଦ୍ଧିଷ୍ଣୁ ସମ୍ପତ୍ତିଜନିତ ଅସମାନତାକୁ ଦୂର କରିବାରେ ବହୁଳ ଭାବରେ ସହାୟକ ହେଉଥିଲା । ଅଧିକାଂଶ କ୍ଷେତ୍ରରେ ଜମିର ମାଲିକାନା ସମ୍ପ୍ରଦାୟ ପାଖରେ ରହୁଥିଲା, ଯାହାକି ସାମ୍ପ୍ରଦାୟିକ ରକ୍ତ ସମ୍ପର୍କକୁ ସୂଚିତ କରୁଥିଲା । ନୃତତ୍ତ୍ୱ ଏବଂ ଇତିହାସର ବିକାଶ ପଥରେ ଅଗ୍ରଗତି ସମୟରେ ଆଦିବାସୀ ସମ୍ପ୍ରଦାୟ, ବିବିଧତାର ଅନେକ ସ୍ତର ଦେଇ ଗତି କରିଥିବା ସତ୍ୟକୁ ନୃତତ୍ତ୍ୱ ବିଜ୍ଞାନୀ ଓ ଐତିହାସିକମାନେ ସ୍ୱୀକାର କରନ୍ତି । ଆଦିବାସୀ ସମ୍ପ୍ରଦାୟରେ ମୁଖ୍ୟ ହେବା ପୁରୁଷାନୁକ୍ରମିକ ହୋଇଯାଇଥିଲା । ଏହିପରି ଭାବରେ ଇତିହାସ ଆଗାମୀ ସମୟ ପାଇଁ ଅତୀତରେ ସମାଜ ବ୍ୟବସ୍ଥା ସମ୍ବନ୍ଧରେ ଏକ ଯୁଗାନ୍ତକାରୀ ତଥ୍ୟ ପ୍ରଦାନ କରିଛି । ଅଧୁନା ସମୟରେ ଅନୁସନ୍ଧାନ ଇତିହାସର ବିଷୟବସ୍ତୁ ଆଧାରିତ ଦଲିଲ୍‌ର ଅନୁକରଣ କରୁଛି, ଯାହାକି ବିଭିନ୍ନ ପ୍ରକାରର ଅବଧାରଣାକୁ ସାର୍ବଜନୀନ କରୁଛି । ଇତିହାସର ଅନୁସନ୍ଧାନ, ପଶୁପାଳନ, ସମାଜ ବ୍ୟବସ୍ଥା, ଆଦିବାସୀଙ୍କ ଜୀବନଶୈଳୀ, ରାଜନୀତି, ସଂସ୍କୃତି ଓ ସଭ୍ୟତା ଆଦି ସବୁ ବିଭାଗକୁ ପ୍ରସାରିତ ହୋଇ ପାରିଛି ।

ସାହିତ୍ୟିକ ଅବଧାରଣାଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ଅବଶେଷଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରେ ଇତିହାସ । ସାହିତ୍ୟିକ ଅବଧାରଣାଗୁଡ଼ିକରୁ ପ୍ରଦତ୍ତ ସ୍ଥାନଗୁଡ଼ିକର ଅଧୁନା ସ୍ଥିତି ନିରୂପଣପୂର୍ବକ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଉକ୍ତ ସ୍ଥାନକୁ ଖନନ କରି ଲୁକ୍କାୟିତ ସତ୍ୟକୁ ଉଜାଗର କରିଥାଆନ୍ତି । ଏହିପରି ଭାବରେ ସାହିତ୍ୟରେ ଉଲ୍ଲିଖିତ ସ୍ଥାନରୁ କୃଷିଉପକରଣ, ଧାତବ ଯନ୍ତ୍ରପାତି, ଉପକରଣ, ମାଟିପାତ୍ର, ଟେରାକୋଟା ଜିନିଷ ଆଦି ସଂଗ୍ରହ କରିଥାଏ, ଯାହାକି ଇତିହାସ ଲିଖନ ପାଇଁ ଅତୀବ ମହତ୍ତ୍ୱପୂର୍ଣ୍ଣ ଅଟେ । ଇତିହାସ ଦୃଷ୍ଟିକୋଣରୁ ଦେଖିଲେ ପ୍ରତ୍ନତାତ୍ତ୍ୱିକ ଅବଶେଷାଂସଗୁଡ଼ିକରୁ ଆମେ ସମୟକାଳ, ପ୍ରାପ୍ତ ଜିନିଷର ପ୍ରାଚୀନତା ଅଥବା ବୟସ, ଭାରତୀୟ ଅଥବା ବୈଦେଶିକ ଆଦିର୍ ନିର୍ଣ୍ଣୟ କରିଥାଉ । ସାମାଜିକ ଏବଂ ଅର୍ଥନୈତିକ ପ୍ରଗତିର ଅନୁଧ୍ୟାନ ପାଇଁ ଅବଶେଷଗୁଡ଼ିକ ଏକାନ୍ତ ଅପରିହାର୍ଯ୍ୟ ଅଟନ୍ତି । ବୈଦିକ ସାହିତ୍ୟରେ ଉଲ୍ଲିଖିତ ଚିତ୍ରିତ ଧୂସର ମାଟିପାତ୍ରର ଲୌହଯୁଗ ସହିତ ସମ୍ବନ୍ଧ ବାବଦରେ ଅନୁସନ୍ଧାନରୁ ଜଣାଯାଇଛି ଯେ, ଉଭୟେ ସମସାମୟିକ ଅଟନ୍ତି ଏବଂ ସମାନ ଭୌଗୋଳିକ ଅଞ୍ଚଳର ବିକଶିତ ହୋଇଥିଲେ । ଆହୁରି ମଧ୍ୟ ଠିକ୍ ସେହିପରି ସମୟକାଳ ଏବଂ ବିକାଶରେ ଭୌଗୋଳିକ ଅଞ୍ଚଳର ସାମଞ୍ଜସ୍ୟ ରହିଥିବା ଉତ୍ତର ଭାରତୀୟ ମସୃଣ ଓ କୃଷ୍ଣବର୍ଣ୍ଣ ମାଟିପାତ୍ର ମଧ୍ୟ-ଗାଙ୍ଗେୟ ଉପତ୍ୟକା ଅଞ୍ଚଳରେ ବ୍ୟବହାର କରାଯାଉଥିବା ପାଲୀ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି । ପ୍ରତ୍ନତାତ୍ତ୍ୱିକ ଖନନରୁ ଯାହାକି ଉକ୍ତ ଅଞ୍ଚଳରୁ ପ୍ରାପ୍ତ ହୋଇଛି । ଏତଦ୍‌ଭିନ୍ନ ସୈନ୍ଧବ-ଗାଙ୍ଗେୟ ସମତଳ ଅଞ୍ଚଳରେ ବିକାଶଲାଭ କରିଥିବା ଧାତବ ସଂସ୍କୃତି ସମ୍ବନ୍ଧରେ ବୈଦିକ ଓ ବୌଦ୍ଧ ଧର୍ମଗ୍ରନ୍ଥଗୁଡ଼ିକରୁ ଜଣାଯାଏ । ପରବର୍ତ୍ତୀ ସମୟରେ ପ୍ରତ୍ନତାତ୍ତ୍ୱିକ ଖନନଦ୍ୱାରା

ଉକ୍ତ ଅଞ୍ଚଳର ଧାତବ ସଂସ୍କୃତିକୁ ଆବିଷ୍କାର କରାଯାଇ ପାରିଛି । ଏତଦ୍‌ଭିନ୍ନ ଭାରତୀୟ ସମାଜ ବ୍ୟବସ୍ଥାର ସଂସ୍ଥାପନ ସମ୍ପୂର୍ଣ୍ଣ ରୂପରେ ବେଦ ପୁରାଣ ଆଦି ଧର୍ମଗ୍ରନ୍ଥର ଉଲ୍ଲେଖ ଉପରେ ଆଧାରିତ । ଏପରିକି ସମୟ ସହିତ ତାଳ ଦେଇ ଏବଂ ଅନେକ ପରିବର୍ତ୍ତନ ମଧ୍ୟରେ ଗତିକରି ଯୁଗୋପଯୋଗୀ ଆମର ଆଜିର ଧର୍ମ ଓ ସମାଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପରେ ବେଦ, ପୁରାଣ ଉପରେ ଆଧାରିତ ଅଟେ ତଥା ବୈଦିକ ସମାଜ ବ୍ୟବସ୍ଥାର ଦାୟାଦ ଅଥବା ନିଛକ ପ୍ରତିଫଳନ ଅଟେ, ଯାହାକି ଇତିହାସର ବେଦ, ପୁରାଣ ଓ ଅନ୍ୟାନ୍ୟ ସାହିତ୍ୟ ଉପାଦାନର ଅଧ୍ୟୟନ ଦ୍ୱାରା ଆମେ ଅବଗତ ହୋଇଥାଉ । ବେଦ, ପୁରାଣ ଏବଂ ଅନ୍ୟାନ୍ୟ ସାହିତ୍ୟରେ ବର୍ଣ୍ଣିତ ସମସ୍ତ ପୁରୁଣା ଜିନିଷ, ଅବସ୍ଥିତି ସମ୍ବନ୍ଧରେ ଉଲ୍ଲିଖିତ ସ୍ଥାନ ଓ ସମୟକାଳ ଆଦିର ପ୍ରତ୍ନତାତ୍ତ୍ୱିକ ଖନନ ଚାଲିଆସୁଛି ତଥା ସତ୍ୟାସତ୍ୟ ଉନ୍ମୋଚନ ହୋଇ ଚାଲିଛି ।

ଐତିହାସିକ ସତ୍ୟ ଉନ୍ମୋଚନରେ ପ୍ରତ୍ନତତ୍ତ୍ୱ ଏବଂ ଇତିହାସର ସମ୍ପର୍କ

ଇତିହାସର ମୌଳିକ ଉଦ୍ଦେଶ୍ୟ ହେଉଛି ସତ୍ୟକୁ ଉନ୍ମୋଚନ କରି ଲୋକଲୋଚନକୁ ଆଣିବା, ଯାହାକି ପ୍ରତ୍ନତତ୍ତ୍ୱ ଏବଂ ନୃତତ୍ତ୍ୱର ସାହାଯ୍ୟ ବ୍ୟତିରେକେ ସମ୍ପୂର୍ଣ୍ଣ ଅସମ୍ଭବ ଅଟେ । ଭୂତତ୍ତ୍ୱ ବିଜ୍ଞାନ, ନୃତତ୍ତ୍ୱ ବିଜ୍ଞାନ, ପ୍ରତ୍ନତତ୍ତ୍ୱ ବିଜ୍ଞାନ ଏବଂ ଇତିହାସ ଏକତ୍ରିତ ନ ହେବାଯାଏ ଅନ୍ତତଃ ପ୍ରାଚୀନ ସମୟକାଳର ଇତିହାସ ରଚନା ସମ୍ଭବ ହେବ ନାହିଁ । ତେଣୁ କୌଣସି ଐତିହାସିକ ସତ୍ୟକୁ ଉନ୍ମୋଚନ କରିବା ପାଇଁ ଏହି ସମସ୍ତେ ଏକତ୍ର କାର୍ଯ୍ୟ କରିଥାନ୍ତି ତଥା ଅଙ୍ଗାଙ୍ଗୀଭାବେ ଜଡ଼ିତ ଅଟନ୍ତି । ଏହି ଚାରି ବିଷୟ ମଧ୍ୟରୁ ଗୋଟିକର ଅନୁପସ୍ଥିତିରେ ସର୍ବଗୁଣସମ୍ପନ୍ନ ଏକ ଇତିହାସ ରଚନା କରାଯାଇ ପାରିବ ନାହିଁ ଏବଂ ଏହାହିଁ ବାସ୍ତବ ସତ୍ୟ ଅଟେ ।

ପ୍ରସ୍ତର ଯୁଗ, ଧାତବ ଯୁଗ (ପ୍ରାକ୍-ଐତିହାସିକ ଏବଂ ଐତିହାସିକ ସମୟକାଳ), ଦ୍ରାବିଡ଼ ସଭ୍ୟତା, ଆର୍ଯ୍ୟ ସଭ୍ୟତା, ପ୍ରାରମ୍ଭିକ ରାଜତନ୍ତ୍ରର ସମୟକାଳରେ ବ୍ୟବହୃତ ଯନ୍ତ୍ରପାତି, ସାଜସରଞ୍ଜାମ, ଅସ୍ତ୍ରଶସ୍ତ୍ର, ବିଭିନ୍ନ ପ୍ରକାରର ନିର୍ମାଣ ଆଦିର ପ୍ରତ୍ନତାତ୍ତ୍ୱିକ ଖନନ କରାଇବାର ଶ୍ରେୟ ପାଇଥାଏ ଇତିହାସ । ଏ ଦିଗରେ ଭୂତତ୍ତ୍ୱ, ନୃତତ୍ତ୍ୱ, ପ୍ରତ୍ନତତ୍ତ୍ୱ ଏବଂ ଇତିହାସ ମିଳିତ ଭାବରେ ଏକତ୍ର କାର୍ଯ୍ୟ କରିଥାଆନ୍ତି । ନୃତତ୍ତ୍ୱ ଏବଂ ପ୍ରତ୍ନତତ୍ତ୍ୱ ଖନନରୁ ଆବିଷ୍କୃତ ଜିନିଷକୁ ଚିହ୍ନିତ ଏବଂ ବୟସ ନିର୍ଣ୍ଣୟ କରି ଦଲିଲ (ଡକୁମେଣ୍ଟ) ପ୍ରସ୍ତୁତ କରିଥାଆନ୍ତି, ଯାହାକି କାର୍ଯ୍ୟାଳୟ ସମ୍ବନ୍ଧୀୟ ଅଟେ । ଏହା ସାର୍ବଜନୀନ ହୋଇପାରେ ନାହିଁ । ଐତିହାସିକ କିନ୍ତୁ ସେହି ଦଲିଲ ଉପରେ ମନୋଜ୍ଞ ଭାଷାର ପୁଟ ଦେଇ, ରୁଚିପୂର୍ଣ୍ଣ କରି ପରଶି ଦିଏ ସାଧାରଣ ଜନତାଙ୍କୁ, ଯାହାକି ସାର୍ବଜନୀନ ଅଟେ । ଫଳରେ ଖନନରୁ ଆବିଷ୍କୃତ ଜିନିଷ, ତା'ର ଅବସ୍ଥିତି, ସମୟକାଳ ଆଦି ସମ୍ବନ୍ଧୀୟ ଇତିହାସ (ସତ୍ୟ)କୁ ସମସ୍ତେ ଜାଣିପାରନ୍ତି । ଏହାହିଁ ଇତିହାସର ପ୍ରକୃତ ଉଦ୍ଦେଶ୍ୟ ଏବଂ ପାଠକ ପାଇଁ ଲାଭପ୍ରଦ ଅଟେ ।

ଐତିହାସିକ ଗଣନାରୁ ଜଣାଯାଏ ଯେ, ସାହିତ୍ୟରେ ବର୍ଣ୍ଣିତ ରଙ୍ଗକରା ଧୂସର ମାଟିପାତ୍ର ଏବଂ ଧାତବ ସଂସ୍କୃତିର ପ୍ରତ୍ନତାତ୍ତ୍ୱିକ ପରିବ୍ୟାପ୍ତି ଥିଲା ୫୦୦ ବର୍ଷ । ସାହିତ୍ୟିକ ବର୍ଣ୍ଣନା ସହିତ ଇତିହାସ ଅନେକ କ୍ଷେତ୍ରରେ ଏକମତ ହୋଇ ପାରେ ନାହିଁ । ତେଣୁ ଇତିହାସ ଦୃଷ୍ଟିକୋଣରୁ ସେ ସମୟକାଳରେ ସଭ୍ୟତାର ପ୍ରଗତି ସମ୍ବନ୍ଧରେ ବିଶେଷ କିଛି ଜଣାଯାଏ ନାହିଁ । ହରପ୍ପାର ଖନନରୁ ଆମେ ଭାରତୀୟ ସଭ୍ୟତାର ଅଭ୍ୟୁଦୟ ସମ୍ବନ୍ଧରେ ଅନେକ କିଛି ଜାଣିପାରିଛୁ । ଠିକ୍ ସେହିପରି ପାଲୀ ସାହିତ୍ୟ ଏବଂ ଚୀନ ପରିବ୍ରାଜକମାନେ ଉଲ୍ଲେଖ କରିଥିବା ନଗରଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ଅନେକ ଲୁକ୍କାୟିତ ଜିନିଷ ଆବିଷ୍କାର କରାଯାଇ ପାରିଛି; ହେଲେ ଗ୍ରାମାଞ୍ଚଳ ସମ୍ବନ୍ଧରେ ଉକ୍ତ ଲେଖାଗୁଡ଼ିକରେ ବିଶେଷ ଉଲ୍ଲେଖ ନାହିଁ ଏବଂ ପ୍ରତ୍ନତାତ୍ତ୍ୱିକ ଖନନ ମଧ୍ୟ କରାଯାଇ ପାରି ନାହିଁ । ତେଣୁକରି ନଗର ଓ ଗ୍ରାମ ମଧ୍ୟରେ ସମ୍ପର୍କ ସମ୍ବନ୍ଧରେ ବହୁତ କମ୍ ଜଣାଯାଏ । ଏ ଦିଗରେ ମଧ୍ୟ ଇତିହାସ ନୀରବ ନୁହେଁ । ଅଧୁନା ସମୟରେ ଗ୍ରାମାଞ୍ଚଳର ଅନେକ ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଉଛି ଏବଂ ଏହି ପ୍ରକ୍ରିୟା ସକ୍ରିୟ ଅଛି । ନୃତାତ୍ତ୍ୱିକ ଏବଂ ଭୂତାତ୍ତ୍ୱିକ ପ୍ରାପ୍ତି ଓ ଉପଲବ୍ଧିର ସହାୟତାରେ ଇତିହାସ ଅନେକ ସମୟରେ ସାହିତ୍ୟରେ ଉଲ୍ଲିଖିତ ବିଷୟବସ୍ତୁର ତର୍ଜମା ଓ ବ୍ୟାଖ୍ୟା କରିଥାଏ । କେତେକ ସମୟରେ ଇତିହାସ ରଚନା ପାଇଁ ଐତିହାସିକ ପରିବେଶ ବିଜ୍ଞାନର ମଧ୍ୟ

ମୃତ୍ତିକାର ପ୍ରକାର ଓ ପ୍ରକୃତି, ପର୍ଯ୍ୟାବରଣ, ଉପଲବ୍ଧ ବୃକ୍ଷ ଓ ପଶୁପକ୍ଷୀ, ପାଣିପାଗ ଆଦିକୁ ନେଇ ସାହାଯ୍ୟ ନେଇଥାଏ । ମୃତ୍ତିକାର ପ୍ରକାର ଓ ପ୍ରକୃତି, ପର୍ଯ୍ୟାବରଣ, ଉପଲବ୍ଧ ବୃକ୍ଷ ଓ ପଶୁପକ୍ଷୀ, ମାନବୀୟ କାର୍ଯ୍ୟକଳାପ ଆଦିର ବିବେଚନା ମଧ୍ୟ ଇତିହାସରେ ସମୟକାଳ ଏବଂ ସଭ୍ୟତାର ପ୍ରକାରଭେଦ, ମାନବୀୟ କାର୍ଯ୍ୟକଳାପ ଆଦିର ବିବେଚନା କରାଯାଇଥାଏ । ଯେପରିକି ରଙ୍ଗକରା ଧୂସର ମାଟିପାତ୍ର ଉପଲବ୍ଧ ହେଉଥିବା ସ୍ଥାନଗୁଡ଼ିକ ପ୍ରାୟତଃ ବେଶି ପବନ ହେଉଥିବା ଏବଂ ଆଂଶିକ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଅବସ୍ଥିତ ଥିଲେ । ଉତ୍ତର ଭାରତୀୟ କଳାରଙ୍ଗର ମସୃଣ ମାଟିପାତ୍ରଗୁଡ଼ିକ ମଧ୍ୟ-ଗାଙ୍ଗେୟ ସମତଳ ଅଞ୍ଚଳରେ ଉପଲବ୍ଧ ହେଉଛି । ଜଣାଯାଇଛି ଯେ, ଅନେକ ସହସ୍ର ବର୍ଷଧରି ଏହି ଅଞ୍ଚଳ ଘଞ୍ଚ ସବୁଜ ବନାନୀ ପରିବେଷ୍ଟିତ ଥିଲା । ମଧ୍ୟ-ଗାଙ୍ଗେୟ ଅଞ୍ଚଳରେ ଘଞ୍ଚ ଜନବସତି ଏବଂ ଉନ୍ନତ ସଭ୍ୟତା ଗଢ଼ିଉଠିଥିବା ମୂଳରେ ଲୌହ ଧାତୁର ଯାନ୍ତ୍ରିକ ପ୍ରୟୋଗ ଉପଯୋଗୀ ହୋଇଥିବାର ପ୍ରମାଣ ମିଳି ସାରିଛି । ଏହିପରି ଭାବରେ ଇତିହାସ ଅନେକ ଲୁକ୍କାୟିତ ତଥ୍ୟକୁ ବିଭିନ୍ନ ପ୍ରକାରର ପ୍ରୟୋଗ ଓ ଅନୁସନ୍ଧାନ ମାଧ୍ୟମରେ ଲୋକଲୋଚନକୁ ଆଣିବାରେ ସତତ ଚେଷ୍ଟିତ ଅଟେ ।

ଅଧୁନା ସମୟରେ ଆଞ୍ଚଳିକ ଇତିହାସ ଉପରେ ଗବେଷଣା ଏବଂ ରଚନା ଅତୀବ ମହତ୍ତ୍ୱପୂର୍ଣ୍ଣ ହୋଇଯାଇଛି ତଥା କ୍ଷିପ୍ରଗତିରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ପକ୍ଷେ ନିଜସ୍ୱ ଅଞ୍ଚଳର ଅଧ୍ୟୟନ, ଅନୁସନ୍ଧାନ ଏବଂ ଆଞ୍ଚଳିକ ଇତିହାସ ପ୍ରଣୟନ ଏକାନ୍ତ କାମ୍ୟ ଏବଂ ମୁଖ୍ୟ ବିଷୟ ହୋଇଯାଇଛି । ବର୍ତ୍ତମାନ ସମୟରେ ଭାରତର ସମସ୍ତ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ଇତିହାସ ଗଠନକୁ ବିଶେଷ ଅଗ୍ରାଧିକାର ଦେଉଛନ୍ତି ।

ଅଧ୍ୟୟନକାରୀଙ୍କ ମନ ଓ ହୃଦୟରେ ଅନୁସନ୍ଧାନର ବିଚାରଧାରାକୁ ଦୃଢ଼ ଭାବରେ ଅନ୍ତର୍ନିବେଶ କରିବା ଏବଂ ତାଙ୍କ ମନରେ ଆଗ୍ରହ ଜାଗ୍ରତ କରିବା ହେଉଛି ଇତିହାସ ପଠନର ମୂଳ ଉଦ୍ଦେଶ୍ୟ । ବର୍ତ୍ତମାନ ଆମକୁ ଦେଖିବାର ଅଛି ଯେ, ଇତିହାସର ଅନୁସନ୍ଧିତ୍ସୁମାନେ ଅନୁସନ୍ଧାନର ଏହି ଭୟପ୍ରଦ ଓ କଷ୍ଟସାଧ୍ୟ କାର୍ଯ୍ୟର ସମ୍ମୁଖୀନ କିପରି ଭାବରେ ହେଉଛନ୍ତି ଏବଂ ପ୍ରଗତି ପଥରେ ଆଗେଇ ନେଉଛନ୍ତି । ସେମାନେ ନିଜକୁ ଶିକ୍ଷିତ କରିଦେଲେ ଦାୟିତ୍ୱ ସରିଯିବ ନାହିଁ, ବରଂ ନିଜର ପଛରେ ଭବିଷ୍ୟତ ବଂଶଧରଙ୍କ ପାଇଁ ଜ୍ଞାନୀ ଓ ଯୋଗ୍ୟ ଦାୟାଦ ସୃଷ୍ଟି କରି ରଖିଯିବାରେ ହିଁ ପୂର୍ଣ୍ଣତା ଆସିବ । ଆମେ ସର୍ବଦା ଇତିହାସ ଏବଂ ଐତିହାସିକର ଉତ୍ତରୋତ୍ତର ଉନ୍ନତି ଓ ପ୍ରଗତି କାମନା କରିବା ଏକାନ୍ତ ବିଧେୟ । ଫଳରେ ଏହି ଉକ୍ତି "ଐତିହାସିକମାନେ ଇତିହାସ ସୃଷ୍ଟି କରନ୍ତି" ସତ୍ୟରେ ପରିଣତ ହୋଇପାରିବ । ସର୍ବୋପରି ଇତିହାସ ଏବଂ ଐତିହାସିକ ଯୁଗେଯୁଗେ ନିଜସ୍ୱ ଅନୁସନ୍ଧାନ ଏବଂ ତଥ୍ୟ ପ୍ରଦାନ ମାଧ୍ୟମରେ ସମଗ୍ର ବିଶ୍ୱକୁ ଏକ ପରିବାରରେ ବାନ୍ଧି ରଖିଛନ୍ତି । ସବୁ ଅଞ୍ଚଳର ଲୋକଙ୍କୁ ଗୋଟିଏ ପରିବାରର ଅଂଶବିଶେଷରେ ପରିଣତ କରିବା କ୍ଷମତା ଇତିହାସର ରହିଛି । ତେଣୁ ଇତିହାସ ସର୍ବଦା ଘୋଷଣା କରି ଆସୁଛି ମହାନ୍ ବେଦବାଣୀ -

"ବସୁଧୈବ କୁଟୁମ୍ବକମ୍" ।

(ଖ) ଇତିହାସ ପୁନର୍ଗଠନ ପାଇଁ ଉଦ୍ଦିଷ୍ଟ ଉପାଦାନ ଏବଂ ଉପକରଣ
(Sources and Tools of Historical Reconstruction)

ଇତିହାସ ଶାସ୍ତ୍ରର ସରଳ ବ୍ୟାଖ୍ୟା ହେଉଛି :

"ସତ୍ୟର ଆଲୋକ ବିକିରଣକାରିଣୀ
ଅତୀତକୁ ପ୍ରତିଫଳନକାରିଣୀ
ଧ୍ୱଂସାଭିମୁଖୀ ସ୍ମୃତିଚିହ୍ନର ସଂରକ୍ଷଣକାରିଣୀ ।"

ଅତୀତରେ ଅନେକ ଯୁଦ୍ଧାଭିଯାନର ମୂକସାକ୍ଷୀ ଏବଂ ବୀର ରକ୍ତରଞ୍ଜିତ ଭାରତମାଟି ଦିନେ ଚଣ୍ଡାଶୋକଙ୍କ ଶବ ଉପରେ ଛିଡ଼ା କରାଇଥିଲା ଧର୍ମାଶୋକଙ୍କୁ । ବିଶ୍ୱବାସୀଙ୍କ କାନରେ ଫୁଙ୍କିଥିଲା ମହାମନ୍ତ୍ର ବାଣୀ "ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘମ୍ ଶରଣଂ ଗଚ୍ଛାମି ।" ପ୍ରାକ୍-ଐତିହାସିକ ଯୁଗରୁ ସାରା ଭାରତବର୍ଷର ମାଟିତଳେ

ଏବଂ ମାଟି ଉପରେ ପରିପୂର୍ଣ୍ଣ ହୋଇ ରହିଛି ପ୍ରାଚୀନ କଳା ଓ ଭାସ୍କର୍ଯ୍ୟ, ବୌଦ୍ଧ ବିହାର, ସ୍ତୂପ, ଚୈତ୍ୟ, ମନ୍ଦିର ତଥା ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି, ଯାହାକି ଇତିହାସ ନିର୍ମାଣର ମୌଳିକ ଉପାଦାନ ଅଟେ ।

ସମସ୍ତ ଇତିହାସ ମୌଳିକ ଉପାଦାନରେ ପର୍ଯ୍ୟବସିତ ଅଟେ । ଏକ ସମୟ ଥିଲା ଯେତେବେଳେ କି ପ୍ରାଚୀନ ଏବଂ ମଧ୍ୟଯୁଗୀୟ ଭାରତ ଇତିହାସ ସମ୍ବନ୍ଧରେ ଆମର ଜ୍ଞାନ ଅତୀବ ସୀମିତ ଥିଲା । ଏପରିକି ଆଲ୍‌ବେରୁଣି କହି ଦେଇଥିଲେ, "ହିନ୍ଦୁ ଲେଖକମାନେ ଐତିହାସିକ ଘଟଣାବଳୀର କ୍ରମାନ୍ୱୟତା ପ୍ରତି ବିଶେଷ ମହତ୍ତ୍ୱ ଦିଅନ୍ତି ନାହିଁ ।" ଏହି ସମ୍ବନ୍ଧରେ ଭାରତୀୟ ତଥା ବିଦେଶୀ ଗବେଷକମାନେ ଧନ୍ୟବାଦାର୍ହ ଅଟନ୍ତି, ଯାହାଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ଗବେଷଣା ଯୋଗୁଁ ଏବେ ଆମେ ଭାରତ ଇତିହାସ ସମ୍ବନ୍ଧରେ ଅନେକ କିଛି ଜାଣିପାରୁଛୁ । ବିଦେଶୀ ପରିବ୍ରାଜକମାନଙ୍କର ଭ୍ରମଣ ବୃତ୍ତାନ୍ତ ମଧ୍ୟ ଏହି ବିଷୟ ଉପରେ ଅଭିନନ୍ଦନୀୟ ଆଲୋକପାତ କରିଛି । ଇତିହାସ ସମ୍ବନ୍ଧରେ ଗବେଷକ, ଶିକ୍ଷକ ଏବଂ ବିଦ୍ୟାର୍ଥୀମାନଙ୍କ ଅଧିକ ଅଧ୍ୟୟନ ପାଇଁ ଐତିହାସିକ ଉପାଦାନ ସମ୍ବନ୍ଧିତ ଜ୍ଞାନ ଏକାନ୍ତ ଅପରିହାର୍ଯ୍ୟ ଅଟେ । ଅଧୁନା ସମୟରେ ପ୍ରଚଳିତ ଇତିହାସର ବିବିଧ ପ୍ରକାରେ ଅନୁଶୀଳନ ଓ ପର୍ଯ୍ୟବେକ୍ଷଣ ପାଇଁ ଐତିହାସିକଙ୍କୁ ମାନବ ଇତିହାସର ନୂତନ ତଥ୍ୟ ସହ ପୁନଃ ନିର୍ମାଣ ସକାଶେ ବିଭିନ୍ନ ପ୍ରକାରର ଉପାଦାନ ସହିତ ପରୀକ୍ଷାନିରୀକ୍ଷା କରିବା ଆବଶ୍ୟକ ହୋଇଥାଏ । କୌଣସି ଦେଶ ଓ ସମୟ କାଳର ସଠିକ୍ ମୂଲ୍ୟାଙ୍କନ କରିବା ପାଇଁ ବିଭିନ୍ନ ପ୍ରକାର ଉପାଦାନର ସଠିକ୍ ତର୍ଜମା ଆବଶ୍ୟକ ହୋଇଥାଏ । ପରିସଂଖ୍ୟାନଭିତ୍ତିକ ବାସ୍ତବ ସତ୍ୟ ଉପରେ ପର୍ଯ୍ୟବସିତ ଉପାଦାନକୁ ଆଧାର କରି ଇତିହାସ ରଚନା କରିବା ଜଣେ ପ୍ରକୃତ ଐତିହାସିକର ପରମ କର୍ତ୍ତବ୍ୟ ଅଟେ । ଅଧୁନା ସମୟରେ ବିଭିନ୍ନ ସଂଗ୍ରହାଳୟରେ ଅନେକ ମୌଳିକ ଉପାଦନ ଗଚ୍ଛିତ ହୋଇ ରହିଥିବାରୁ ପୂର୍ବର ଅସୁବିଧା ଅନେକାଂଶରେ ଦୂର ହୋଇ ପାରିଛି ।

ପ୍ରାକ୍-ଐତିହାସିକ ସମୟ ସମ୍ବନ୍ଧୀୟ ଉପାଦାନ

ପ୍ରାକ୍-ଐତିହାସିକ ସମୟ ସମ୍ବନ୍ଧରେ ଅଧ୍ୟୟନ ପାଇଁ ମଧ୍ୟ ସାହିତ୍ୟିକ ଏବଂ ପ୍ରତ୍ନତାତ୍ତ୍ୱିକ ଉତ୍ସ ରହିଛି ।

ସାହିତ୍ୟିକ ଉପାଦାନ

ସାହିତ୍ୟିକ ଉପାଦାନଗୁଡ଼ିକ ମଧ୍ୟରେ ଆମେ ପ୍ରଥମେ ଚାରି ବେଦର ଅବତାରଣା କରିବା; ଯଥା- ଋକ୍‌ବେଦ, ସାମବେଦ, ଯଜୁର୍ବେଦ ଏବଂ ଅଥର୍ବ ବେଦ ।

ଏଗୁଡ଼ିକ ମଧ୍ୟରେ ଋକ୍‌ବେଦ ହେଉଛି ସର୍ବପ୍ରଥମ ବେଦ । "ବେଦ" ଶବ୍ଦଟି ସଂସ୍କୃତ ଶବ୍ଦ 'ବିଦ୍'ରୁ ଆସିଛି, ଯାହାର ଅର୍ଥ ହେଉଛି "ଜିଜ୍ଞାସା" ।

ବେଦ ହେଉଛି ବିଭିନ୍ନ କବି ଓ ଋଷିବର୍ଗଙ୍କ ଦ୍ୱାରା ନୈବେଦ୍ୟ ରୂପରେ ଗାନ କରାଯାଇଥିବା ବିଭିନ୍ନ ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଏବଂ ମନ୍ତ୍ରଗୁଡ଼ିକର ସଂକଳନ । ଏହି ଚାରିବେଦ ମଧ୍ୟ ସେ ସମୟର ମୌଖିକ ପ୍ରଥାର ପ୍ରତିନିଧିତ୍ୱ କରିବା ବିଚାରଧାରାରେ ବିବେଚନା କଲେ 'ସଂହିତା' ଅଟନ୍ତି । ଏହି ମନ୍ତ୍ରଗୁଡ଼ିକ ପ୍ରଥମେ ସୃଷ୍ଟି ହେଲାବେଳେ ଲେଖା ହୋଇ ନଥିଲା ଏବଂ ଶ୍ରବଣ, ମନନ, ନିଦିଧ୍ୟାସନ ଯୋଗେ ପୁରୁଷ ପୁରୁଷ ଧରି ଚାଲି ଆସୁଥିଲା । ତେଣୁକରି ବେଦର ଅନ୍ୟତମ ନାମ ଶ୍ରୁତି ଅଟେ । ଏହି କାରଣ ଯୋଗୁଁ କୌଣସି ସଂହିତାର ସମୟ ଠିକ୍ ଭାବରେ ଆକଳନ କରାଯାଇ ପାରିନାହିଁ । ବାସ୍ତବରେ ପ୍ରତ୍ୟେକ ସଂହିତା ଅନେକ ଶତାବ୍ଦୀର ସଂଗୃହୀତ ବିଷୟବସ୍ତୁର ପ୍ରତିନିଧିତ୍ୱ କରେ । ଏହି ପରିପ୍ରେକ୍ଷୀରେ ଚାରି ବେଦର ସମୟ କାଳ ନିର୍ଦ୍ଧାରଣ କରିବାକୁ ଯାଇ ମହାମନୀଷୀମାନେ ଋକ୍‌ବେଦରେ ବର୍ଣ୍ଣିତ ଅବସ୍ଥା, ଘଟଣାବଳୀ, ଭୌଗୋଳିକ ଏବଂ ଐତିହାସିକ ବିବରଣୀକୁ ଅନୁଧ୍ୟାନ କରି ତା'ର ସମୟକାଳ ଖ୍ରୀ.ପୂ. ୧୫୦୦ ରୁ ୧୦୦୦ ମଧ୍ୟରେ ନିର୍ଦ୍ଧାରଣ କରିଛନ୍ତି ।

ଋକ୍‌ବେଦ ସଂହିତା ୧୦ ଖଣ୍ଡ ବହି ଅଥବା ମଣ୍ଡଳର ସମଷ୍ଟି ଅଟେ । ଏଗୁଡ଼ିକ ମଧ୍ୟରୁ ଦ୍ୱିତୀୟ ଏବଂ ସପ୍ତମ ମଣ୍ଡଳ ସର୍ବପ୍ରାଚୀନ ତଥା ପ୍ରାକ୍ ବୈଦିକ କାଳରେ ସୃଷ୍ଟି କରାଯାଇଥିଲା ବୋଲି ଗ୍ରହଣ କରାଯାଏ । ମଣ୍ଡଳ ପ୍ରଥମ, ଅଷ୍ଟମ, ନବମ ଏବଂ ଦଶମ ସଂହିତାରେ ପରବର୍ତ୍ତୀ ସମୟରେ ଯୋଗ କରାଯାଇଥିଲା ବୋଲି ବିଚାର କରାଯାଏ । ଆବେସ୍ତା ଏବଂ ଋକ୍‌ବେଦର ଭାଷାରେ ସାମଞ୍ଜସ୍ୟ ବୋଲି ଗବେଷକମାନେ ମତ ପ୍ରକାଶ କରିଛନ୍ତି । ଆବେସ୍ତା ହେଉଛି ପ୍ରାଚୀନତମ ଇରାନୀୟ ତଥା ଋକ୍‌ବେଦର ପୂର୍ବବର୍ତ୍ତୀ ଗ୍ରନ୍ଥ । ଭାଷାଗତ ସାମଞ୍ଜସ୍ୟତା ଏବଂ କ୍ରମିକତାରେ ପୂର୍ବବର୍ତ୍ତୀ ଯଥା- ଆବେସ୍ତା, ବେଦର ପୂର୍ବରୁ ଲେଖା ହୋଇଥିଲା ଆଦି ବିଷୟକୁ ବିଚାରକୁ ନେଇ ଗବେଷକମାନେ କହିଛନ୍ତି ଯେ-

(କ) ଏହି ପୁସ୍ତକଦ୍ୱୟରେ ବର୍ଣ୍ଣିତ ଲୋକମାନେ ଗୋଟିଏ ଭାଷାଭାଷୀ ଗୋଷ୍ଠୀ ଏବଂ ସେମାନେ ପଶ୍ଚିମ ଏସିଆ ଓ ଇରାନ୍ ଅଞ୍ଚଳରୁ ଭାରତକୁ ଆସିଥିଲେ । ଏହି ଲୋକମାନଙ୍କୁ 'ଆର୍ଯ୍ୟ' ବୋଲି କୁହାଯାଏ ।

(ଖ) ଆର୍ଯ୍ୟମାନଙ୍କର ମୌଳିକ ଉତ୍ପତ୍ତି ସ୍ଥଳ ଏକ ଥିଲା, ଯେଉଁଠାରୁ କି ସେମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ଇଉରୋପ ଏବଂ ପୂର୍ବାଞ୍ଚଳକୁ ଗତି କରିଥିଲେ ।

ଯାହାହେଉ, ଆର୍ଯ୍ୟମାନଙ୍କର ଉତ୍ପତ୍ତିସ୍ଥଳ ବାବଦରେ ବର୍ତ୍ତମାନ ମଧ୍ୟ ତର୍କ ବିତର୍କ ଜାରି ରହିଛି ତଥା କୌଣସି ସ୍ପଷ୍ଟ ସିଦ୍ଧାନ୍ତରେ ଐତିହାସିକମାନେ ଉପନୀତ ହୋଇପାରି ନାହାନ୍ତି । ବିଶେଷତଃ ଆର୍ଯ୍ୟମାନଙ୍କର ସାର୍ବଜନିକ ଜାତିଗତ ସମତା ପରିଚୟ ଧାରଣା ଏବେ ଭୁଲ୍ ବୋଲି ପ୍ରମାଣିତ ହୋଇ ସାରିଛି; କିନ୍ତୁ ସାର୍ବଜନିକ ଭାଷାଗତ ପରିଚୟକୁ ଐତିହାସିକମାନେ ଏବେ ମଧ୍ୟ ବିଶ୍ୱାସ କରୁଛନ୍ତି ଏବଂ ଏହାରି ଭିତ୍ତିରେ ସେମାନଙ୍କ ମଧ୍ୟରୁ ଅନେକ ଏବେ ମଧ୍ୟ କହୁଛନ୍ତି ଯେ, ଆର୍ଯ୍ୟମାନେ ଇରାନ୍ ଅଞ୍ଚଳରୁ ଭାରତକୁ ଆସିଥିଲେ ।

ଆହୁରି ମଧ୍ୟ ବୈଦିକ ତଥା ବୌଦ୍ଧ ଗ୍ରନ୍ଥଗୁଡ଼ିକରୁ ଆମେ ପ୍ରାକ୍-ଐତିହାସିକ ବୈଦିକ ଅନୁଷ୍ଠାନ ପଦ୍ଧତି, ରାଜନୈତିକ, ସାମାଜିକ ଏବଂ ଧାର୍ମିକ ବ୍ୟବସ୍ଥା ସମ୍ବନ୍ଧରେ ଜାଣିଥାଉ । ଦାର୍ଶନିକ ସମସ୍ୟାଗୁଡ଼ିକୁ ରେଖାଙ୍କିତ କରୁଥିବା ଉପନିଷଦକୁ ମଧ୍ୟ ବୈଦିକ ସାହିତ୍ୟର ଅଙ୍ଗ ଭାବରେ ଗ୍ରହଣ କରାଯାଏ । ଏହି ଗ୍ରନ୍ଥ ଖ୍ରୀ:ପୂ: ୮ମ ଶତାବ୍ଦୀ ପରଠାରୁ ଲେଖାଯାଇଥିଲା । ଏଥିରେ ଅନେକ ଜନପଦ ଏବଂ ମହାଜନପଦର ଉଲ୍ଲେଖ ଅଛି, ଯହିଁରୁ ଆମକୁ କୃଷିକାରକ ସମୁଦାୟର ବସତି ସମ୍ବନ୍ଧରେ ଜ୍ଞାନ ମିଳିଥାଏ । ଏହି ଗ୍ରନ୍ଥଗୁଡ଼ିକରୁ ପୁନଶ୍ଚ ବିଭିନ୍ନ ଅଞ୍ଚଳ ତଥା ଭୌଗୋଳିକ ବିଭାଜନର ସ୍ପଷ୍ଟ ଚିତ୍ର ମିଳିଥାଏ ।

ପ୍ରତ୍ନତାତ୍ତ୍ୱିକ ଉପାଦାନ (ଉତ୍ସ)

ବିଗତ ୪୦ ବର୍ଷ ମଧ୍ୟରେ ପଞ୍ଜାବ, ଉତ୍ତର ପ୍ରଦେଶ, ଉତ୍ତର ରାଜସ୍ଥାନ, ସିନ୍ଧୁ ଏବଂ ଘାଗ୍‌ରା ନଦୀ ଅଞ୍ଚଳରେ ଭୂଖନନ ଦ୍ୱାରା ହରପ୍ପାର ତାମ୍ରଯୁଗ ପରବର୍ତ୍ତୀ ସଭ୍ୟତାର ଜନବସତି ଆଦି ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିଛି । ଏଗୁଡ଼ିକର ସମୟ ହେଉଛି ଖ୍ରୀ.ପୂ. ୧୭୦୦ ରୁ ୬୦୦ । ଏହି ତାମ୍ର ସଭ୍ୟତାଗୁଡ଼ିକୁ ମଧ୍ୟ ହରପ୍ପା ପରବର୍ତ୍ତୀ ଧୂସର ବର୍ଣ୍ଣ ମାଟିପାତ୍ର (OPC), କଳା ଏବଂ ନାଲି ମାଟିପାତ୍ର (BRW) ଏବଂ ଚିତ୍ରିତ ଧୂସର ମାଟିପାତ୍ର (PGW) ସଂସ୍କୃତି କୁହାଯାଏ ।

ଆମେ ଏଠି ମନେ ରଖିବା ଉଚିତ ଯେ, ମାଟିପାତ୍ରର ପ୍ରକାର ମାନବର ସମ୍ପୂର୍ଣ୍ଣ ସଂସ୍କୃତିର ପ୍ରତିଫଳନ କରେ ନାହିଁ । ବିଭିନ୍ନ ପ୍ରକାରର ମାଟିପାତ୍ରର ଅର୍ଥ ନିଶ୍ଚିତ ରୂପରେ ନୁହେଁ ଯେ, ଯେଉଁ ଲୋକମାନେ ସେଗୁଡ଼ିକୁ ବ୍ୟବହାର କରୁଥିଲେ ସେମାନେ ମଧ୍ୟ ଭିନ୍ନ ଭିନ୍ନ ଥିଲେ । ମାଟିପାତ୍ରର ବ୍ୟାଖ୍ୟା କେବଳମାତ୍ର ସାଂସ୍କୃତିକ ସମାବେଶରେ କୌଣସି

ଏକ ନିର୍ଦ୍ଦିଷ୍ଟ ଜାତିର ସଂଜ୍ଞା ନିରୂପଣ କରିବାରେ ସାହାଯ୍ୟ କରେ, ଏହାଠାରୁ ଅଧିକ କିଛି ନୁହେଁ । କେତେକ ଐତିହାସିକ ଚେଷ୍ଟା ଚଳେଇଛନ୍ତି ତଥା ପରୀକ୍ଷା କରୁଛନ୍ତି ଯେ, ଉତ୍ତର-ପଶ୍ଚିମ ଏବଂ ଉତ୍ତର ଭାରତର କେତେକ ସଂସ୍କୃତିରୁ ଉପଲବ୍ଧ ଏହି ପ୍ରମାଣଗୁଡ଼ିକୁ ବୈଦିକ ସାହିତ୍ୟରୁ ମିଳୁଥିବା ଉପାଦାନଗୁଡ଼ିକ ସହିତ ତୁଳନା କରାଯାଇ ପାରିବ କି ନାହିଁ ।

ମାଟିପାତ୍ର

ଏନ୍.ବି.ପି. ମାଟିପାତ୍ରର ମହତ୍ତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଥିଲା ତା'ର ବାହ୍ୟ ଚାକଚକ୍ୟ । ଭଲ ଭାବରେ ଚକଟା ଯାଇଥିବା ଚିକ୍କଣ ମାଟିରେ କୁମ୍ଭାରଚକ ସାହାଯ୍ୟରେ ଏହି ପାତ୍ରଗୁଡ଼ିକ ତିଆରି କରାଯାଇଥିଲା । ମାଟିପାତ୍ରଗୁଡ଼ିକର ମଞ୍ଜି କେତେକ କ୍ଷେତ୍ରରେ ୧.୫ ମିଲିମିଟର ମୋଟା ରହୁଥିଲା । ଉଜ୍ଜ୍ୱଳ ଓ ଚକ୍ ଚକ୍ କରୁଥିବା କଳା ରଙ୍ଗର ବହିର୍ଭାଗ ଯୁକ୍ତ ମାଟିପାତ୍ର ବ୍ୟତୀତ ଏନ୍.ବି.ପି. ପାତ୍ରଗୁଡ଼ିକରେ ସୁନେଲି, ରୁପେଲି, ଧୂସର, ଧଳା, ଗୋଲାପି ଏବଂ ନୀଳରଙ୍ଗ ମଧ୍ୟ ଦିଆଯାଉଥିଲା । କେତେକ ସ୍ଥାନ (ରୂପାର୍, ସୋନପୁର)ରୁ ଆବିଷ୍କୃତ ଭଗ୍ନଖଣ୍ଡଗୁଡ଼ିକୁ ଯୋଡ଼ି ତିଆରି କରାଯାଇଥିବା ପାତ୍ରଗୁଡ଼ିକ, ଏନ୍.ବି.ପି. ମାଟିପାତ୍ର କେତେ ମୂଲ୍ୟବାନ୍ ଥିଲା ତା'ର ସୂଚନା ଦିଏ । ଏହା ସହିତ ଅନ୍ୟାନ୍ୟ ପ୍ରକାରର ପାତ୍ରର ଅବସ୍ଥିତିରୁ ଜଣାଯାଏ ଯେ, ଏନ୍.ବି.ପି. ମାଟିପାତ୍ରଗୁଡ଼ିକ ବିଳାସପୂର୍ଣ୍ଣ ଥିଲା । ଏହି ପାତ୍ର ସମସ୍ତେ ବ୍ୟବହାର କରି ପାରୁନଥିଲେ । ତେଣୁ ଏହା ଜଣାଯାଏ ଯେ, ଏନ୍.ବି.ପି. ମାଟିପାତ୍ର ବ୍ୟବହୃତ ହେଉଥିବା ସମାଜ ଅନେକ ଅସାମଞ୍ଜସ୍ୟମୂଳକ ସାମାଜିକ ପ୍ରତିଷ୍ଠା ଥିବା ଗୋଷ୍ଠୀରେ ବିଭାଜିତ ହୋଇଥିଲା ।

ଯଦିଓ ଏନ୍.ବି.ପି. ମାଟିପାତ୍ରଗୁଡ଼ିକ ସାଧାରଣତଃ ଚିତ୍ରିତ ନଥିଲା, ହେଲେ ମଧ୍ୟ କେତେକ ଚିତ୍ରିତ ଟୁକୁରା ଏହି ଅଞ୍ଚଳରୁ ମିଳିଛି । ହଳଦିଆ ଏବଂ ନାଲି ରଙ୍ଗରେ ଏହି ପାତ୍ରଗୁଡ଼ିକୁ ରଙ୍ଗ କରାଯାଇଛି । ସାଧାରଣତଃ ମାଟିପାତ୍ର ନକ୍ସାଗୁଡ଼ିକ ସରଳ ଓ ବକ୍ର ଥିଲା । ଏହା ଉପରେ ତରଙ୍ଗାୟିତ ରେଖା ଗୋଟି, ଏକ କେନ୍ଦ୍ରବିଶିଷ୍ଟ ପରସ୍ପରକୁ ଛେଦନ କରୁଥିବା ଗୋଲକ, ଅର୍ଦ୍ଧଗୋଲାକାର, ଅର୍ଦ୍ଧଗୋଲାକୃତି ଖିଲାଣ ବକ୍ରତଳବିଶିଷ୍ଟ ଥିଲା । ପାତ୍ରଗୁଡ଼ିକର ସାଧାରଣ ଆକାର ମଧ୍ୟରେ ଅର୍ଦ୍ଧଗୋଲାକାର ବେଲା ଏବଂ ବିଭିନ୍ନ ପ୍ରକାରର ବାସନ ରହିଥିଲା ।

ଅନ୍ୟାନ୍ୟ ଜିନିଷ

ଏନ୍.ବି.ପି. ସଂସ୍କୃତି ଅଞ୍ଚଳରୁ ତମ୍ବା, ଲୁହା, ସୁନା, ରୁପା, ପଥର, କାଚ ଏବଂ ହାଡ଼ରୁ ତିଆରି ବିଭିନ୍ନ ଜିନିଷ ଯଥା- କାରିଗରି ସରଞ୍ଜାମ, ଅସ୍ତ୍ରଶସ୍ତ୍ର, ଗହଣା ଆଦି ମିଳିଛି । ଏଗୁଡ଼ିକ ଏହି ସମୟର ଲୋକଙ୍କର କାରିଗରି ଜ୍ଞାନ କୌଶଳର ପ୍ରମାଣ ଦିଏ । ଆହୁରି ମଧ୍ୟ ଏ ବାବଦରେ ବୌଦ୍ଧଗ୍ରନ୍ଥଗୁଡ଼ିକରେ ଉଲ୍ଲିଖିତ ଅଛି । ଜାତକଗୁଡ଼ିକରେ ସେ ସମୟରେ କଳା ଓ କାରିଗରି ଜ୍ଞାନକୌଶଳ ବ୍ୟତୀତ ୧୮ଗୋଟି ଶ୍ରେଣୀ ବା ସଂଘର ଅବତାରଣା ରହିଛି; ଯଥା- କାଠ, ଧାତୁ, ପ୍ରସ୍ତର, ମୂଲ୍ୟବାନ୍ ପଥର ଅଳଙ୍କାର, ହାତୀଦାନ୍ତ, ତନ୍ତ ଆଦି ଜିନିଷର କାରିଗରମାନଙ୍କର ସଂଘ ରହିଥିଲା ।

ବିଭିନ୍ନ ସ୍ଥାନରୁ ମିଳୁଥିବା ତମ୍ବା ଜିନିଷଗୁଡ଼ିକ ଯଥା- ନିହଣ, ଛୁରୀ, ଖୋଳିବା ଜିନିଷ, କଣ୍ଟା, ଛୁଞ୍ଚି, ରୁପା ସଦୃଶ ଧାତୁର ଦଣ୍ଡ, ବାଡ଼ି ଆଗରେ ଦିଆଯାଉଥିବା ଧାତବ ମୁନିଆ ଗୋବ, ନଟେଇ, ଚୂଡ଼ି ଇତ୍ୟାଦି ।

ଲୁହା ଜିନିଷଗୁଡ଼ିକ କେବଳ ମାତ୍ର ତୁଳନାତ୍ମକ ରୂପରେ ବହୁସଂଖ୍ୟକ ନଥିଲା, ବରଂ ଏହା ପି.ଜି.ଡବ୍ଲ୍ୟୁ ସମୟ ତୁଳନାରେ ଅନେକ ଅଧିକ ପ୍ରକାରର ଜିନିଷ ପ୍ରଦର୍ଶନ କରିଥିଲା । କେବଳ କୌଶାମ୍ବୀରେ ୧୧୧୫ଗୋଟି ଲୁହା ତିଆରି ବିଭିନ୍ନ ଜିନିଷ ଗଚ୍ଛିତ ହୋଇ ରହିଛି - ଯେଉଁଗୁଡ଼ିକର ସମୟକାଳ ପ୍ରାୟ ଖ୍ରୀ.ପୂ. ୮୦୦ରୁ ଖ୍ରୀ.ଅ. ୫୫୦ ମଧ୍ୟରେ ଅଟେ । ଏଗୁଡ଼ିକ ମଧ୍ୟରେ,

(କ) କୃଷି ସରଞ୍ଜାମ ଯଥା- କୋଦାଳ, ଦାଆ ଏବଂ କାରିଗରୀ ସରଞ୍ଜାମ ଯଥା- ଟାଙ୍ଗିଆ, ବାର୍ସି, ନିହଣ, ପେଚ କଷିବା ଲମ୍ବା କଣ୍ଟା ଇତ୍ୟାଦି ।

(ଖ) ଅସ୍ତ୍ରଶସ୍ତ୍ର ଯଥା- ତୀର ମୁନ, ବର୍ଚ୍ଛା, ବର୍ଚ୍ଛା ଅଗର ମୁନିଆ ଲୁହା ଇତ୍ୟାଦି ।

(ଗ) ବିଭିନ୍ନ ପ୍ରକାରର ଜିନିଷ ଯଥା- ଛୁରୀ, ବିଭିନ୍ନ ପ୍ରକାରର ବେଣ୍ଟ, ବନଶୀକଣ୍ଟା, କଣ୍ଟା, ବୋଲ୍ଟ (କ୍ଷୁଦ୍ରକୀଳକ) ଲୌହବର୍ମ ଅଟକାଇବା ଲୌହପତ୍ର, ବଳୟ, ଛୋଟ ଘଣ୍ଟି ଇତ୍ୟାଦି । ଏନ୍.ବି.ପି. ସଂସ୍କୃତିର ମଧ୍ୟମ ପର୍ଯ୍ୟାୟରୁ ରୌପ୍ୟ ଛିଦ୍ରକରା ମୁଦ୍ରା ମିଳିଛି । ଏହା ସୂଚନା ଦିଏ ଯେ, ସମ୍ଭବତଃ ଏହି ସମୟରେ କିଣାବିକା ପାଇଁ ଦ୍ରବ୍ୟ ବିନିମୟରେ ଦ୍ରବ୍ୟର ଆଦାନପ୍ରଦାନ କରିବା ପଦ୍ଧତିରେ ପରିବର୍ତ୍ତନ ଆସିଥିଲା ।

(ଘ) ଦୁର୍ଗୀକରଣ ପରି ବିଶାଳ ନିର୍ମାଣ ସୂଚନା ଦିଏ ଯେ, ସେ ସମୟରେ ବହୁସଂଖ୍ୟକ ଲୋକ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଥିଲେ । ଏହି ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗେଇବା ପାଇଁ ଜଣେ ପ୍ରଶାସକ ଥିଲେ । ହସ୍ତିନାପୁର, ଆତ୍ରାଞ୍ଜିଖେରା ଏବଂ କୌଶାମ୍ବୀର ଖନନରୁ ପ୍ରମାଣିତ ହୋଇଛି ଯେ, ଏହି ସମୟ ବେଳକୁ ଗୃହ ନିର୍ମାଣ କାର୍ଯ୍ୟ ବହୁଳ ଭାବରେ ଚାଲିଥିଲା ଏବଂ ଫଳସ୍ୱରୂପ ଅନେକଗୁଡ଼ିଏ ନଗରୀର ଅଭ୍ୟୁଦୟ ହୋଇଥିଲା । ଜନବସତି ଭିତ୍ତିସ୍ଥାପନର ସର୍ବୋତ୍କୃଷ୍ଟ ପ୍ରମାଣ କୌଶାମ୍ବୀଠାରେ ମାଟିତଳୁ ଆବିଷ୍କୃତ ହୋଇଛି । ଏଠାରେ ଗଳିରାସ୍ତା, ଉପଗଳି ଏବଂ ପୋଡ଼ାଇଟାନିର୍ମିତ ଚଟାଣସବୁ ରହିଥିଲା । ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ ପୂର୍ବରୁ ନିର୍ମିତ ହୋଇଥିବା ଏକ ରାସ୍ତା ବାରମ୍ବାର ନିର୍ମିତ ହୋଇଥିବାର ପ୍ରମାଣ ରହିଛି । ୧୯୪୬ ମସିହାରେ ଅହିଚ୍ଛତ୍ରଠାରେ ଚିତ୍ରିତ ଧୂସର ମାଟିପାତ୍ର ସଭ୍ୟତା (ପି.ଜି.ଡବ୍ଲ୍ୟୁ)ର ପ୍ରଥମ ଆବିଷ୍କାର ପରେ ପରେ ଉତ୍ତର ଭାରତର ବିଭିନ୍ନ ସ୍ଥାନରେ ଏହି ସଭ୍ୟତାର ଅବସ୍ଥିତିକୁ ଲୋକଲୋଚନକୁ ଅଣାଯାଇ ଆମର ଐତିହାସିକ ଜ୍ଞାନରେ ସମୃଦ୍ଧି ହେବା ସହିତ ପ୍ରାକ୍-ଐତିହାସିକ ସମୟର ସଭ୍ୟତା ସମ୍ବନ୍ଧରେ ଅନେକ ତଥ୍ୟ ମିଳିପାରିଛି । ଆହୁରି ମଧ୍ୟ ପ୍ରମାଣିତ ହୋଇସାରିଛି ଯେ, ଖ୍ରୀ:ପୂ: ୨୦୦୦ ସୁଦ୍ଧା ଭାରତରେ କୃଷିଜୀବୀ ସମ୍ପ୍ରଦାୟର ଆବିର୍ଭାବ ହୋଇସାରିଥିଲା । ଏହି କୃଷକ ସମାଜଗୁଡ଼ିକ ତମ୍ବା କିମ୍ବା ପ୍ରସ୍ତରନିର୍ମିତ ସାଜସରଞ୍ଜାମ ଏବଂ ହାତହତିଆର ଆଦି ବ୍ୟବହାର କରୁଥିଲେ । ଅନେକ ପ୍ରକାରର ତମ୍ବା ଓ ପ୍ରସ୍ତରନିର୍ମିତ ହାତହତିଆର ତଥା ମାଟିପାତ୍ର ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆବିଷ୍କୃତ ହୋଇସାରିଛି । ହରପ୍ପା ଏବଂ ମହେଞ୍ଜୋଦାରୋ ଖନନରୁ ମିଳିଥିବା ନଗର ନିର୍ମାଣଶୈଳୀ, ପୋଡ଼ାଇଟା, ମାଟିପାତ୍ର, ମୂର୍ତ୍ତି ଆଦି ତଦାନୀନ୍ତନ ସଭ୍ୟତାର ମହନୀୟ ଉପାଦାନ ଅଟେ ।

ମୌଳିକ ଉପାଦାନଗୁଡ଼ିକର ଶ୍ରେଣୀବିଭାଗ (ଐତିହାସିକ ସମୟ)

ଭାରତରେ ଐତିହାସିକ ସମୟ ସାଧାରଣତଃ ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀରୁ ଆରମ୍ଭ ହୋଇଥିଲା ବୋଲି ଐତିହାସିକମାନେ ଗ୍ରହଣ କରିଛନ୍ତି ।

ଐତିହାସିକ ସମୟ କାଳର ଇତିହାସ ରଚନାରେ ଏକାନ୍ତ ଅପରିହାର୍ଯ୍ୟ ମୌଳିକ ଉପାଦାନଗୁଡ଼ିକର ଶ୍ରେଣୀ ବିଭାଗ ନିମ୍ନରେ ପ୍ରଦତ୍ତ ହେଲା ।

(କ) ସାହିତ୍ୟକୃତି

(ଖ) କଳା ସ୍ଥାପତ୍ୟ

(ଗ) ପରିବ୍ରାଜକମାନଙ୍କ ଭ୍ରମଣ ବୃତ୍ତାନ୍ତ ।

ମୌଳିକ ଉପାଦାନଗୁଡିକର ତାଲିକା



ସାହିତ୍ୟକୃତି

ପ୍ରାଚୀନ ଭାରତୀୟ ସାହିତ୍ୟକୃତି ମଧ୍ୟରେ ଏପରି ଏକ ଦଲିଲ ଅଥବା ପୁସ୍ତକ ନାହିଁ, ଯାହାକୁ ଉପାଦାନ ରୂପରେ ବ୍ୟବହାର କରି ସମଗ୍ର ଇତିହାସ ରଚନା କରିହେବ । ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ପାରୁ ନଥିଲେ ମଧ୍ୟ ବିଭିନ୍ନ ସମୟକାଳ ପାଇଁ ଭିନ୍ନ ଭିନ୍ନ ଦଲିଲ ଏବଂ ପୁସ୍ତକ ରହିଛି । ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ ପୂର୍ବର ସମସ୍ତ ଘଟଣାବଳୀ ତମସାଛନ୍ନ ହୋଇ ରହିଛି । ପ୍ରାଚୀନ ଭାରତୀୟ ସାହିତ୍ୟକୃତି ଆଂଶିକ ଭାବରେ ପାର୍ଥିବ (ଧର୍ମନିରପେକ୍ଷ) ଏବଂ ଆଂଶିକ ଭାବରେ ଧାର୍ମିକ ଅଟେ ।

ଧାର୍ମିକ ସାହିତ୍ୟକୃତି

ଭାରତୀୟ ସାହିତ୍ୟ ଆଂଶିକ ଭାବରେ ଧାର୍ମିକ ଏବଂ ଆଂଶିକ ଭାବରେ ପାର୍ଥିବ ଅଟେ । ଧାର୍ମିକ ସାହିତ୍ୟରେ ବେଦ, ପୁରାଣ ଆଦି ଅନ୍ତର୍ଭୁକ୍ତ ଅଟନ୍ତି । ଏପରିକି ଅଦ୍ୟାବଧି ବିକଶିତ ଏବଂ ପରିବର୍ତ୍ତିତ ହୋଇ ଆସୁଥିବା ଭାରତୀୟ ଧର୍ମଧାରା, ସମାଜ ବ୍ୟବସ୍ଥା, ରାଜନୈତିକ ବ୍ୟବସ୍ଥା ଏବଂ ଦର୍ଶନ, ବେଦ ଓ ପୁରାଣ ଉପରେ ଆଧାରିତ ତଥା ପର୍ଯ୍ୟବସିତ ଅଟେ । ବେଦ ଓ ପୁରାଣ ଭାରତୀୟମାନଙ୍କର ସର୍ବବିଧ କର୍ମର ମେରୁଦଣ୍ଡ ଅଟେ । ତେଣୁ ବେଦ ଓ ପୁରାଣକୁ ଅବଲମ୍ବନ ବ୍ୟତିରେକେ ଭାରତୀୟ ଇତିହାସ ରଚନା ଅପକ୍ୱ ଏବଂ ଅପୂର୍ଣ୍ଣ ଅଟେ ।

ବେଦ

ଭାରତୀୟ ସାହିତ୍ୟ ଜଗତରେ ଏପରି ଏକ ନିର୍ଦ୍ଦିଷ୍ଟ ସାହିତ୍ୟକୃତି ନାହିଁ, କେବଳ ମାତ୍ର ଯାହାକୁ ଉପାଦାନ ରୂପରେ ବ୍ୟବହାର କରି ସମଗ୍ର ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତ ଇତିହାସ ରଚନା କରାଯାଇ ପାରିବ । ବିଭିନ୍ନ

ସମୟକାଳ ପାଇଁ ବିଭିନ୍ନ ଉପାଦାନ ଉପରେ ନିର୍ଭର କରିବାକୁ ହୋଇଥାଏ । ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ ପୂର୍ବର ଇତିହାସ ତମସାଚ୍ଛନ୍ନ ଅଟେ । କେବଳ ମାତ୍ର ବେଦ ଓ ପୁରାଣଗୁଡ଼ିକ ସେହି ସମୟକାଳ ସମ୍ବନ୍ଧରେ ଯତ୍‌କିଞ୍ଚିତ ଆଲୋକପାତ କରିଥାନ୍ତି । ବେଦର ଐତିହାସିକ ବାସ୍ତବିକତା ସମ୍ବନ୍ଧରେ ଅଦ୍ୟାବଧି ଗବେଷକମାନଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି । ଐତିହାସିକ ପରମିତରଙ୍କ ମତରେ, "ବେଦରେ ଐତିହାସିକ ସତ୍ୟତାର ଅଭାବ ରହିଛି ।" ଡଃ ଏଚ୍.ସି. ରାୟଚୌଧୁରୀ ପରମିତରଙ୍କ ମତକୁ ଖଣ୍ଡନ କରି କହିଛନ୍ତି ଯେ, "ପ୍ରାଥମିକ (ପ୍ରାଚୀନ) ବୈଦିକ ଆର୍ଯ୍ୟମାନଙ୍କର ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ଜୀବନ ଉପରେ ଋଗ୍‌ବେଦ ବହୁଳ ଭାବରେ ଆଲୋକପାତ କରେ । ମାନବ ଜାତିର ସର୍ବପ୍ରଥମ ସାହିତ୍ୟକୃତି ହେଉଛି ଋଗ୍‌ବେଦ । ଅନ୍ୟ ତିନିବେଦ ଯଥା- ସାମ୍‌ବେଦ, ଯଜୁର୍ବେଦ ଏବଂ ଅଥର୍ବ ବେଦ ମଧ୍ୟ ତଦାନୀନ୍ତନ ସାମାଜିକ, ଧାର୍ମିକ ଓ ଅର୍ଥନୈତିକ ଜୀବନ ସମ୍ବନ୍ଧରେ ବିଶେଷ ଭାବରେ ଆଲୋକପାତ କରନ୍ତି । ବୈଦିକ ସାହିତ୍ୟକୃତି ଯଥା- ବ୍ରାହ୍ମଣ, ଆରଣ୍ୟକ ଏବଂ ଉପନିଷଦ ଆଦି ମଧ୍ୟ ପ୍ରାଚୀନ ଆର୍ଯ୍ୟମାନଙ୍କର ଦାର୍ଶନିକ ବିଚାରଧାରା, ଉପାସନା ପଦ୍ଧତି ଆଦି ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଛନ୍ତି । ପରିବାରର ପରିଚାଳନା, ପାରିବାରିକ ନୀତିନିୟମ ଏବଂ ଅଧିକାର ସମ୍ବନ୍ଧରେ ଗୃହସୂତ୍ରରେ ଉଲ୍ଲେଖ କରାଯାଇଛି । ଏହିପରି ଭାବରେ ଜଣାଯାଏ ଯେ, ବୈଦିକ ସାହିତ୍ୟରୁ ଗୃହୀତ ତଥ୍ୟ ପ୍ରମାଣ ନିଚ୍ଛକ ସତ୍ୟ ଅଟେ ତଥା ବିଶ୍ୱାସଯୋଗ୍ୟ ଉପାଦାନ ଅଟେ; ହେଲେ ମଧ୍ୟ ବୈଦିକ ସୂତ୍ରରୁ ନିଆଯାଉଥିବା ଉପାଦନଗୁଡ଼ିକୁ ତର୍ଜମା କରି ସତର୍କତାର ସହିତ ବ୍ୟବହାର କରିବା ଏକାନ୍ତ ବିଧେୟ ଅଟେ । ପରବର୍ତ୍ତୀ ବୈଦିକ ସାହିତ୍ୟଗୁଡ଼ିକ ଯଥା- ବ୍ରାହ୍ମଣ ଏବଂ ଉପନିଷଦ ଖ୍ରୀ:ପୂ: ୮ମ ଶତାବ୍ଦୀରୁ ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ ମଧ୍ୟରେ ବୈଦିକ ସମାଜର କ୍ରମାନ୍ୱୟରେ ବିବର୍ତ୍ତନ ଏବଂ ଏକ ଆଦିମ ଅଧିବାସୀ ସାମ୍ପ୍ରଦାୟିକ ରାଜ୍ୟ ବ୍ୟବସ୍ଥାରୁ କ୍ଷେତ୍ରୀୟ (ଆଞ୍ଚଳିକ) ରାଜ୍ୟ ବ୍ୟବସ୍ଥାକୁ ରୂପାନ୍ତର ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ଋଗ୍‌ବେଦ ସଂହିତାର ପରବର୍ତ୍ତୀ ସମୟରେ ସଂଯୋଗ କରାଯାଇଥିବା ଦଶମ ମଣ୍ଡଳ ଯଜୁଃ, ଅଥର୍ବ ଏବଂ ସାମ୍‌ବେଦ ଗ୍ରନ୍ଥଗୁଡ଼ିକ ପରବର୍ତ୍ତୀ ବୈଦିକ ଯୁଗରେ ରଚିତ ହୋଇଥିଲା । ଯଜୁର୍ବେଦରେ ପରମ୍ପରାଗୁଡ଼ିକର ପ୍ରାଞ୍ଜଳ ଓ ବିସ୍ତୃତ ରୂପ ତଥା ସାମାଜିକ ଏବଂ ରାଜନୈତିକ ବିଷୟବସ୍ତୁ ଆଦି ରହିଛି । ପରବର୍ତ୍ତୀ ବୈଦିକ ଯୁଗର ଧାର୍ମିକ ଅବସ୍ଥା, ପରମ୍ପରା ଏବଂ ସମାଜ ବ୍ୟବସ୍ଥା ସମ୍ବନ୍ଧରେ ଜାଣିବା ପାଇଁ ଅଥର୍ବ ବେଦ ହେଉଛି ଏକ ଉତ୍ତମ ଉପାଦାନ । ଆରଣ୍ୟକ ଏବଂ ଉପନିଷଦରୁ ଆମେ ତଦାନୀନ୍ତନ ଦର୍ଶନ, ଋଷିମାନଙ୍କର ତପସ୍ୟା, ଆତ୍ମାର ସ୍ୱରୂପ, ଆର୍ଯ୍ୟମାନଙ୍କର ଧାର୍ମିକ ବିଚାରଧାରା ଆଦି ସମ୍ବନ୍ଧରେ ଜାଣିଥାଉ । କଳ୍ପସୂତ୍ରରୁ ଆମେ ରୀତି, ନୀତି, ପୂଜାପଦ୍ଧତି, ପରମ୍ପରା ଆଦି ସମ୍ବନ୍ଧରେ ଜାଣିଥାଉ ।

ପୁରାଣ

ଗୁପ୍ତ ଶାସନ କାଳରେ ସମ୍ପାଦିତ ୧୮ଗୋଟି ପୁରାଣ ମଧ୍ୟରୁ ୫ ଗୋଟି ପୁରାଣରୁ ଆମେ ବିଭିନ୍ନ ରାଜବଂଶର ବଂଶାବଳୀ ପାଇଥାଉ । ଇତିହାସ ସମ୍ବନ୍ଧୀୟ ଜ୍ଞାନ ବିଭୂଷିତ ପୁରାଣଗୁଡ଼ିକ ଯଥା- ବିଷ୍ଣୁ, ବାୟୁ, ମତ୍ସ୍ୟ, ବ୍ରହ୍ମ ଏବଂ ଭବିଷ୍ୟ ପୁରାଣ । ବିମ୍ବିସାରଙ୍କ ପୂର୍ବ ସମୟର ତାଲିକା ଏବଂ ଇତିହାସରେ କିଞ୍ଚିତ ସତ୍ୟତା ରହିଛି । ଏହା ସତ୍ତ୍ୱେ ମଧ୍ୟ ପୌରାଣିକ ବଂଶାବଳୀ ତାଲିକାକୁ ଗ୍ରହଣ ପୂର୍ବରୁ ବିଶେଷ ତର୍ଜମାର ଆବଶ୍ୟକତା ରହିଛି । ତେଣୁ ପୁରାଣଗୁଡ଼ିକ ବିମ୍ବିସାରଙ୍କ ପୂର୍ବବର୍ତ୍ତୀ ସମୟର ଇତିହାସ ଗଠନର ମୂଳଭିତ୍ତି ଅଟନ୍ତି । ପୁରାଣଗୁଡ଼ିକ ପାଞ୍ଚଗୋଟି ବିଷୟ ଉପରେ ଆଲୋକପାତ କରନ୍ତି; ଯଥା- ସର୍ଗ, ପ୍ରତିସର୍ଗ, ବଂଶ, ମନ୍ୱନ୍ତର ଏବଂ ବଂଶଚରିତ । ଇତିହାସର ଛାତ୍ରମାନଙ୍କ ପାଇଁ ବଂଶଚରିତ ବିଶେଷ ଉପଯୋଗୀ ଅଟେ । ପୁରାଣଗୁଡ଼ିକ ବିଭିନ୍ନ ସମୟକାଳରେ ବିଭିନ୍ନ ଅଞ୍ଚଳରେ ରାଜୁତି କରୁଥିବା ରାଜାମାନଙ୍କ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ସେଗୁଡ଼ିକ ପୌରାଣିକ ଯୁଗର ଶେଷ ସମୟକାଳରୁ ବୁଦ୍ଧଙ୍କ ଅଭ୍ୟୁଦୟ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନକୁ ପୂରଣ କରନ୍ତି । ପୁରାଣରୁ ଆମେ ହସ୍ତିନାପୁରର ପୁରୁରାଜାମାନଙ୍କ ସମ୍ବନ୍ଧରେ, କୋଶଳର ଇକ୍ଷ୍ୱାକୁ ବଂଶ, ମଗଧର ଶିଶୁନାଗ ଏବଂ ନନ୍ଦବଂଶ ଆଦି ସମ୍ବନ୍ଧରେ ଜାଣିଥାଉ । ଆହୁରି ମଧ୍ୟ କେତେକ ପୁରାଣରୁ ଆମେ ଦୁର୍ଦ୍ଧର୍ଷ ଅଭିର, ଗର୍ଦ୍ଦଭ, ଶକ, ତୁସାର, ହୂଣ ଆଦି ବଂଶଗୁଡ଼ିକ ସମ୍ବନ୍ଧରେ ଜାଣିଥାଉ ।

ପ୍ରାଚୀନ ଭାରତୀୟ ରାଜ୍ୟଗୁଡ଼ିକର ଭୌଗୋଳିକ ଅବସ୍ଥିତି, ରାଜ୍ୟଗୁଡ଼ିକର ସୀମା ଏବଂ ନଗରଗୁଡ଼ିକର ଅବସ୍ଥିତି ସମ୍ବନ୍ଧରେ ଜାଣିବା ପାଇଁ ଆମେ ପୁରାଣଗୁଡ଼ିକର ସାହାଯ୍ୟ ନେଇଥାଉ । ତଦାନୀନ୍ତନ ପର୍ବତ, ନଦୀ ଓ ନଗର ଗୁଡ଼ିକ ମଧ୍ୟରେ ଦୂରତା, ବୈଶିଷ୍ଟ୍ୟ ଆଦି ସମ୍ବନ୍ଧରେ ମଧ୍ୟ ଆମେ ପୁରାଣରୁ ଜାଣିଥାଉ ।

ଭାରତୀୟ ଜନଜୀବନରେ ଦୁଇ ମହାନ୍ ପୁରାଣ ହେଉଛନ୍ତି ରାମାୟଣ ଏବଂ ମହାଭାରତ । ଉଭୟ ପୁରାଣ ସବୁ ବର୍ଗର ଲୋକଙ୍କ ହୃଦୟକୁ ଛୁଇଁ ପାରିଛି । ପୁରାଣରୂପକ ଜ୍ଞାନର ଖଣିରୁ ବିଷୟବସ୍ତୁ ଉତ୍ତୋଳନ କରି ଲେଖକ, କବି, ନାଟ୍ୟକାର ଆଦି ଅସଂଖ୍ୟ କୃତି ସଂରଚନା କରିଯାଇଛନ୍ତି । ଉଭୟ ପୁରାଣରେ ତାଦାନୀନ୍ତନ, ରାଜନୈତିକ, ଧାର୍ମିକ, ସାମାଜିକ, ଅର୍ଥନୈତିକ, ଦାର୍ଶନିକ ଜୀବନଧାରା ସମ୍ବନ୍ଧରେ ବିଶଦ ବର୍ଣ୍ଣନା କରାଯାଇଛି । ଆର୍ଯ୍ୟ-ଦ୍ରାବିଡ଼ ସମରରେ ଇନ୍ଦ୍ର (ପୁରନ୍ଦର)ଙ୍କ ସହାୟତା ଆଦି ସମ୍ବନ୍ଧରେ ମଧ୍ୟ ବର୍ଣ୍ଣନା କରାଯାଇଛି । କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ, ଆଧୁନିକ ଧର୍ମ ଏବଂ ସମାଜ ବ୍ୟବସ୍ଥା ବେଦ ପରେ ସମ୍ପୂର୍ଣ୍ଣ ରୂପରେ ରାମାୟଣ ଏବଂ ମହାଭାରତର ଦାନ ଅଟେ ।

ଏତଦ୍‌ଭିନ୍ନ ମନୁ, ଯାଜ୍ଞବଲ୍‌କ୍ୟ, ବିଷ୍ଣୁ, ବୃହସ୍ପତି, ନାରଦ ଆଦି ସ୍ମୃତି ମଧ୍ୟ ବୈଦିକ ଧର୍ମାବଲମ୍ବୀଙ୍କ ସାମାଜିକ ରୀତିନୀତି, ଧର୍ମ ଓ ଦର୍ଶନ ସମ୍ବନ୍ଧରେ ଅମୂଲ୍ୟ ଜ୍ଞାନ ପ୍ରଦାନ କରିଥାନ୍ତି ।

ବୌଦ୍ଧ ସାହିତ୍ୟ

ପାଲୀ ସାହିତ୍ୟରୁ ଆମେ ପ୍ରାଚୀନ ଭାରତ ସମ୍ବନ୍ଧରେ ଅନେକ କିଛି ଜାଣିଥାଉ । ଗ୍ରୀକ୍ ସମ୍ରାଟ ମିନାଣ୍ଡରଙ୍କ ନାମାନୁଯାୟୀ ନାମିତ ମିଳିନ୍ଦପହ୍ନରୁ ଆମେ ବୌଦ୍ଧଧର୍ମ ସମ୍ବନ୍ଧରେ ଅନେକ ତାର୍କିକ ଉପାଦାନ ପାଇଥାଉ । ବୌଦ୍ଧଧର୍ମର ଧାର୍ମିକତ୍ୱ ସମ୍ବନ୍ଧିତ ଅନେକ ଯୁକ୍ତି ସମ୍ବଳିତ ଏହି ପୁସ୍ତକ ପାଲୀ ସାହିତ୍ୟର ଏକ ଅନନ୍ୟ କୃତି ଅଟେ । ଦୀପବଂଶ ଏବଂ ମହାବଂଶରେ ସିଂହଳର 'ରାଜବଂଶାବଳୀ ଉଲ୍ଲିଖିତ ହୋଇଛି । ସଂସ୍କୃତ ଭାଷାରେ ଲିଖିତ ଲଳିତବିସ୍ତାର ଏବଂ ବିପୁଲ୍ୟ ସୂତ୍ର ବୌଦ୍ଧଧର୍ମ ସମ୍ବନ୍ଧରେ ବିଶେଷ ଉପାଦେୟ ଉପାଦାନ ଅଟନ୍ତି । ନୀତିପ୍ରକରଣରେ ବୁଦ୍ଧଙ୍କ ପ୍ରଦତ୍ତ ଶିକ୍ଷା ସମ୍ବନ୍ଧରେ ଆଲୋଚନା ରହିଛି । ଖ୍ରୀ:ଅ: ୫ମ ଶତାବ୍ଦୀରେ ବୁଦ୍ଧଘୋଷ ତାଙ୍କ ବିଶୁଦ୍ଧିମାଗଗରେ ବୌଦ୍ଧଧର୍ମର ବିଶଦ ବ୍ୟାଖ୍ୟା କରିଛନ୍ତି । ବୌଦ୍ଧଧର୍ମର ମହାନ୍ ଗୁରୁ ନାଗାର୍ଜୁନଙ୍କ ଶତସହସ୍ରିକା, ପ୍ରଜ୍ଞାପାରମିତା ଏବଂ ମାଧ୍ୟମିକ ସୂତ୍ର, ଅସଙ୍ଗଙ୍କ ମହାଯାନ ସୂତ୍ରାଳଙ୍କାର, ବସୁବନ୍ଧୁଙ୍କ ଅଭିଧମ୍ମକୋଷ, ଅଶ୍ୱଘୋଷଙ୍କ ବୁଦ୍ଧ ଚରିତ, ସୂତ୍ରାଳଙ୍କାର, ସୌନ୍ଦରାନନ୍ଦ କାବ୍ୟ ଆଦି ଗ୍ରନ୍ଥରୁ ଆମେ ତଦାନୀନ୍ତନ ଧର୍ମ, ରାଜନୀତି, ସମାଜ ବ୍ୟବସ୍ଥା, ଅର୍ଥନୈତିକ ବ୍ୟବସ୍ଥା ସମ୍ବନ୍ଧରେ ଅନେକ କିଛି ଜାଣିଥାଉ । ଜାତକ କାହାଣୀରୁ ଆମେ ବୁଦ୍ଧଙ୍କ ପୂର୍ବଜନ୍ମଗୁଡ଼ିକ ସମ୍ବନ୍ଧରେ ଜାଣିଥାଉ । ପ୍ରାୟ ୫୪୯ଗୋଟି ଜାତକ କାହାଣୀ ଅଦ୍ୟାବଧି ସଂଗ୍ରହ କରାଯାଇ ପାରିଛି । ବ୍ରାହ୍ମଣ୍ୟ ସାହିତ୍ୟର ତ୍ରୁଟିବିଚ୍ୟୁତି ସମ୍ବନ୍ଧରେ ଅବଗତ ହେବାପାଇଁ ଜାତକ ଗପଗୁଡ଼ିକ ଆମକୁ ଅଧିକ ତଥ୍ୟ ଯୋଗାଇ ଥାଆନ୍ତି ।

ଜୈନ ସାହିତ୍ୟ

ଜୈନ ସାହିତ୍ୟକୃତିଗୁଡ଼ିକରେ ମଧ୍ୟ ଅନେକ ଐତିହାସିକ ଉପାଦାନ ରହିଛି । ପ୍ରଫେସର ଜାକୋବି ଏବଂ ଡଃ. ବନାରସୀ ଦାସ ଜୈନ ସାହିତ୍ୟ ଉପରେ ବିଶେଷ ଅଧ୍ୟୟନ କରିଛନ୍ତି । ବିଶାଖାଦତ୍ତଙ୍କ 'ମୁଦ୍ରାରାକ୍ଷସ'ରୁ ଆମେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏବଂ ଚାଣକ୍ୟଙ୍କ ସମ୍ବନ୍ଧରେ ଅନେକ କିଛି ଜାଣିଥାଉ । ନନ୍ଦମାନଙ୍କୁ ବିତାଡ଼ିତ କରି ଚନ୍ଦ୍ରଗୁପ୍ତ ମୌର୍ଯ୍ୟ କିପରି ଭାବରେ ମଗଧର ସିଂହାସନ ଅଧିକାର କରିଥିଲେ ସେ ସମ୍ବନ୍ଧରେ ଏହି ପୁସ୍ତକରେ ସବିଶେଷ ବିବରଣୀ ରହିଛି ।

ପାର୍ଥିବ (ଧର୍ମନିରପେକ୍ଷ) ସାହିତ୍ୟକୃତି

ପ୍ରାଚୀନ ଭାରତୀୟ ଇତିହାସ ସମ୍ବନ୍ଧରେ ଆମର ଜ୍ଞାନବୃଦ୍ଧିରେ ସାହାଯ୍ୟ କରିଥାନ୍ତି ଅନେକଗୁଡ଼ିଏ ପାର୍ଥିବ (ଧର୍ମନିରପେକ୍ଷ) ସାହିତ୍ୟକୃତି । ବିଶାଖାଦତ୍ତଙ୍କ ପ୍ରଣୀତ ମୁଦ୍ରାରାକ୍ଷସରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏବଂ କୌଟିଲ୍ୟଙ୍କ କାହାଣୀର ବିଶଦ ବିବରଣୀ ପ୍ରଦାନ କରାଯାଇଛି । ଉତ୍ତର-ପଶ୍ଚିମ ଭାରତର ରାଜାମାନଙ୍କ ବାବଦରେ ଗ୍ରୀକ୍ ଏବଂ ଲାଟିନ୍ ଅଞ୍ଚଳରେ ଅନେକ ପ୍ରମାଣଯୋଗ୍ୟ ଉପାଦାନ ଇତସ୍ତତଃ ଭାବରେ ମିଳିଥାଏ, ଯାହାକି ପ୍ରଣିଧାନଯୋଗ୍ୟ ଅଟେ । ୟୁ-ଚି କିମ୍ବା କୁଶାଣମାନଙ୍କର ପ୍ରାଚୀନ ଇତିହାସ ଜାଣିବା ପାଇଁ ଆମକୁ ଚୀନର ପ୍ରାଚୀନ ହାନ୍ ରାଜବଂଶ ଏବଂ ପରବର୍ତ୍ତୀ ହାନ୍ ରାଜବଂଶର ବଂଶାବଳୀ ଉପରେ ନିର୍ଭର କରିବାକୁ ପଡ଼ିଥାଏ ।

ବ୍ରାହ୍ମଣ୍ୟ ଓ ଅନ୍ୟାନ୍ୟ ସାହିତ୍ୟକୃତି

୧୯୦୫ ମସିହାରେ ଆବିଷ୍କାର ହେବାଠାରୁ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ମୌର୍ଯ୍ୟ ସମୟର ଏକ ପ୍ରଧାନ ତଥ୍ୟ ସମ୍ବଳ ବୋଲି ବିବେଚିତ ହୁଏ । ଆଜିକାଲି ଅର୍ଥଶାସ୍ତ୍ରର ତାରିଖ ସମ୍ପର୍କରେ ବିଭିନ୍ନ ନୂତନ ଦୃଷ୍ଟିଭଙ୍ଗୀ ଲୋକଲୋଚନକୁ ଆସିଲାଣି । ସେଥିରୁ କେତେକ ମତାମତ ଦିଅନ୍ତି ଯେ, ଏହି ମୂଳ ରଚନା ସାମଗ୍ରିକ ଭାବେ ମୌର୍ଯ୍ୟ ସମୟରେ ଲେଖାଯାଇଛି ବୋଲି ବିଚାର କରିବା ଉଚିତ ହେବନାହିଁ । ଯାହାହେଉ ପରିସଂଖ୍ୟାନ ପଦ୍ଧତି ଉପରେ ନିର୍ଭର କରି ମତାମତ ଦିଆଯାଇଛି ଯେ, ଅର୍ଥଶାସ୍ତ୍ରର କେତେକ ଅଧ୍ୟାୟ ଖ୍ରୀ.ଅ. ପ୍ରଥମ ଦୁଇଟି ଶତାବ୍ଦୀ ମଧ୍ୟରେ ସମୟଭୁକ୍ତ ହେବା ଉଚିତ । ଯାହାହେଲେବି ଅନେକ ବିଦ୍ୱାନ୍ ଏହି ପାଠ୍ୟକ୍ରମ ସମ୍ବନ୍ଧୀୟ ବିଷୟବସ୍ତୁର ମୁଖ୍ୟ ଭାଗକୁ ମୌର୍ଯ୍ୟ ସମୟର ବୋଲି ବ୍ୟବହାର କରିଥାନ୍ତି । ସେମାନେ ମତ ଦିଅନ୍ତି ଯେ, ସେହି ବିଷୟବସ୍ତୁ ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରୀ କୌଟିଲ୍ୟଙ୍କ ଦ୍ୱାରା ମୂଳତଃ ଲେଖାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଅନ୍ୟ ଲେଖକମାନଙ୍କ ଦ୍ୱାରା ଟୀକା ପ୍ରସ୍ତୁତ ତଥା ସମ୍ପାଦନା କରାଯାଇଥିଲା । ବିଭିନ୍ନ ସମୟକାଳରେ ଲିଖିତ ବ୍ରାହ୍ମଣ୍ୟ ସାହିତ୍ୟଗୁଡ଼ିକ ମଧ୍ୟ ପ୍ରାଚୀନ ଭାରତ ସମ୍ବନ୍ଧରେ ଆମକୁ ଅନେକ ଉପାଦାନ ପ୍ରଦାନ କରିଥାଏ । ସମୁଦ୍ରଗୁପ୍ତଙ୍କ ରାଜସଭା ମଣ୍ଡନ କରୁଥିବା ପଣ୍ଡିତ ହରିସେନଙ୍କ ବିଭିନ୍ନ କୃତି ଏବଂ ବିଶେଷତଃ ଆଲ୍ଲାହାବାଦ ସ୍ତମ୍ଭରେ ଉତ୍କୀର୍ଣ୍ଣ ଲିପିରୁ ଆମେ ତାଙ୍କର ପାଣ୍ଡିତ୍ୟ ସମ୍ବନ୍ଧରେ ଜାଣିଥାଉ । ଆଲ୍ଲାହାବାଦ ସ୍ତମ୍ଭ ଲିପିରେ ହରିସେନ ସମୁଦ୍ରଗୁପ୍ତଙ୍କ ପ୍ରଶସ୍ତି ଏବଂ ଦିଗ୍‌ବିଜୟ ସମ୍ବନ୍ଧରେ ଅତୀବ ମନୋଜ୍ଞ ଭାବରେ ବିଶଦ ବିବରଣୀ ପ୍ରଦାନ କରିଛନ୍ତି । କାଳିଦାସଙ୍କ ରଚିତ ଅଭିଜ୍ଞାନଶାକୁନ୍ତଳମ୍, ମେଘଦୂତ ଏବଂ ଅନ୍ୟାନ୍ୟ କୃତି ମଧ୍ୟରେ ରଘୁବଂଶ ଆଦି ଅମୂଲ୍ୟ ଐତିହାସିକ ତଥ୍ୟ ସମ୍ବଳିତ ଗ୍ରନ୍ଥ ଅଟନ୍ତି । ତଦାନୀନ୍ତନ ସାମାଜିକ ବ୍ୟବସ୍ଥା ସମ୍ବନ୍ଧରେ ଉକ୍ତ ପୁସ୍ତକଗୁଡ଼ିକ ତଥ୍ୟର ସାଗର ଅଟନ୍ତି । ଦୁଃଖର ବିଷୟ ଯେ, ଏହି ଅମୂଲ୍ୟ କୃତିଗୁଡ଼ିକର ସମୟ ଆଜିଯାଏ ସଠିକ୍ ରୂପରେ ଜଣାଯାଇ ପାରି ନାହିଁ ।

ଭାସଙ୍କ ଦ୍ୱାରା ରଚିତ ନାଟକଦ୍ୱୟ ଯଥା- ସ୍ୱପ୍ନବାସବଦତ୍ତା ଏବଂ ପ୍ରତିଜ୍ଞାଯୋଗନ୍ଧରାୟଣ ଆମକୁ ତଦାନୀନ୍ତନ ଭାରତୀୟ ରାଜନୈତିକ ପଟ୍ଟଚିତ୍ର ପ୍ରଦାନ କରିବା ସହିତ ଉଜ୍ଜୟିନୀର ରାଜା ପ୍ରଦ୍ୟୋତଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥାଏ । ସମ୍ରାଟ ହର୍ଷବର୍ଦ୍ଧନଙ୍କ ଦ୍ୱାରା ଲିଖିତ ତିନୋଟି ନାଟକ ଯଥା- ନାଗାନନ୍ଦ, ରତ୍ନାବଳୀ ଏବଂ ପ୍ରିୟଦର୍ଶିନୀ ଖ୍ରୀ:ଅ: ୭ମ ଶତାବ୍ଦୀର ଇତିହାସ ସମ୍ବନ୍ଧରେ ଆଲୋକ ପ୍ରଦାନ କରନ୍ତି । ଖ୍ରୀ.ଅ. ୧୧୪୯-୫୦ରେ ଲିଖିତ କଲ୍‌ହଣଙ୍କ ରାଜତରଙ୍ଗିଣୀ ପ୍ରକୃତ ଅର୍ଥରେ ଏକ ଐତିହାସିକ ପୁସ୍ତକ ଅଟେ । ଲେଖକ ବହୁ କଷ୍ଟ ସ୍ୱୀକାରପୂର୍ବକ ବିଦ୍ୟମାନ ବଂଶାବଳୀ ସବୁ ସଂଗ୍ରହ କରି ପୁସ୍ତକଟିରେ ସନ୍ନିବେଶିତ କରିଛନ୍ତି । ଭାରତୀୟ ଲେଖକମାନଙ୍କ ମଧ୍ୟରେ ସେ ହିଁ ଏକମାତ୍ର ଲେଖକ ଯିଏକି କନିଷ୍କଙ୍କ ଏକ ବିବରଣୀ ପ୍ରଦାନ କରିଛନ୍ତି ଏବଂ ଖ୍ରୀ:ଅ: ୭ମ ଶତାବ୍ଦୀରୁ ଖ୍ରୀ:ଅ: ୧୨ଶ ଶତାବ୍ଦୀ ମଧ୍ୟରେ କାଶ୍ମୀରର ପ୍ରତ୍ୟେକ ରାଜାଙ୍କର ଜୀବନୀ ଏବଂ କୃତିତ୍ୱକୁ ଏକ ଧାରାବାହିକ ସୂତ୍ରରେ ତଥା ବିଶଦ ଭାବରେ ଏବଂ ସର୍ବୋପରି ବିଶ୍ୱାସଯୋଗ୍ୟ ଓ ଗ୍ରହଣୀୟ ଭାବରେ ପ୍ରଦାନ କରିଛନ୍ତି । ଇତିହାସ ଗଠନ ପାଇଁ ମଧ୍ୟ

ବିଶେଷ ରୂପରେ ସାହାଯ୍ୟ କରିଥାଏ ପାଣିନୀଙ୍କ ରଚିତ ବ୍ୟାକରଣ ପୁସ୍ତକ 'ଅଷ୍ଟାଧ୍ୟାୟୀ'। ମୌର୍ଯ୍ୟ-ପୂର୍ବକାଳର ଜନପଦଗୁଡ଼ିକର ଏକ ବିଶଦ ବିବରଣୀ ଏହି ପୁସ୍ତକରେ ରହିଛି। ବାସ୍ତବରେ ଦେଖିଲେ ପ୍ରାଚୀନ ସଂସ୍କୃତ ସାହିତ୍ୟ ତଦାନୀନ୍ତନ ଇତିହାସ ଏବଂ ଜନଜୀବନର ଦର୍ପଣ ସଦୃଶ ଅଟେ, ଯାହାକି ଆମ ସମ୍ମୁଖରେ ଅତୀତକୁ ପ୍ରତିଫଳିତ କରି ପାରିଛି।

ଆଞ୍ଚଳିକ କାଳାନୁକ୍ରମିକ ଲିଖିତ ବିବରଣୀ

ସଂସ୍କୃତ ସାହିତ୍ୟ ବ୍ୟତୀତ ପ୍ରାଚୀନ ଇତିହାସ ସମ୍ବନ୍ଧରେ ତଥ୍ୟ ଯୋଗାଇଥାଏ ତାମିଲ ସାହିତ୍ୟ, ଯାହାକି ସଙ୍ଗମ-ସାହିତ୍ୟ ରୂପରେ ବିଶେଷ ଭାବରେ ପରିଚିତ। ଏହି ସାହିତ୍ୟ ତିନିରୁ ଚାରିଶହ ବର୍ଷକାଳର ଇତିହାସ ପ୍ରଦାନ କରେ। ସଙ୍ଗମ-ସାହିତ୍ୟ ପ୍ରାୟ ୩୦୦୦୦ ଧାଡ଼ିବିଶିଷ୍ଟ ପଦ୍ୟ ଅଟେ। ଏହାକୁ ଆଠଗୋଟି କବିତା ସଂକଳନରେ ସଜ୍ଜିତ କରାଯାଇଛି, ଯାହାକୁ ଏଟ୍ଟୁତ୍ତୋକାଇ କୁହାଯାଏ। ସଙ୍ଗମ-ସାହିତ୍ୟ, ବୈଦିକ ସାହିତ୍ୟ ବିଶେଷତଃ ଋଗ୍‌ବେଦ ଠାରୁ ଭିନ୍ନ ଅଟେ। ଅନେକ କବିତାରେ ଯୁଦ୍ଧ, ଯୋଦ୍ଧା, ସେନାନୀ ଏବଂ ରାଜାଙ୍କ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। କବିତାଗୁଡ଼ିକ ସମର ଏବଂ ବୀରଗାଥାନୁରଞ୍ଜିତ ଅଟନ୍ତି। ଏଥିରୁ ଆମେ ରାଜାମାନଙ୍କର ନାମ, ବଂଶ, ପ୍ରତିପତ୍ତି, ରାଜ୍ୟସୀମା ଆଦି ଅନେକ ବିଷୟରେ ଜାଣିଥାଉ। ଆହୁରି ମଧ୍ୟ ଆମେ କାବେରୀପଟ୍ଟନମ୍ ପରି ଅନେକ ବନ୍ଦୋବସ୍ତ, ଯବନମାନଙ୍କ ଆଗମନ, ଗ୍ରୀକ୍ ଏବଂ ଲାଟିନ୍ ଦେଶଗୁଡ଼ିକ ସହିତ ବ୍ୟବସାୟ ବାଣିଜ୍ୟ ଆଦି ସମ୍ବନ୍ଧରେ ଜାଣିଥାଉ।

ଜୀବନ ଚରିତ

ଗୁପ୍ତ ରାଜବଂଶର ଆରମ୍ଭରୁ ଆମେ ଇତିହାସ ସମ୍ବନ୍ଧରେ ପ୍ରାୟତଃ ରାଜପଣ୍ଡିତମାନଙ୍କ ଦ୍ୱାରା ରଚିତ ଜୀବନଚରିତଗୁଡ଼ିକରୁ ଜାଣିଥାଉ। ଦରବାରୀ ପଣ୍ଡିତମାନଙ୍କ ଦ୍ୱାରା ଲିଖିତ, ରାଜାମାନଙ୍କର ଏହି ଜୀବନଚରିତ ପ୍ରଶସ୍ତିକୁ ତ୍ୟାଗ କରିବା ପରେ ପ୍ରାୟତଃ ସତ୍ୟ ଉପରେ ଆଧାରିତ ଇତିହାସ ପ୍ରକାଶ ପାଏ। ଏହା ସାଧାରଣତଃ ସ୍ୱାର୍ଥ ସମ୍ବଳିତ ଥାଏ। ତେଣୁ ଐତିହାସିକମାନେ ଏଥିପ୍ରତି ସଚେତନ ହେବା ବିଧେୟ। ଏହି ବିଭାଗରେ କେତେକ ମହତ୍ତ୍ୱପୂର୍ଣ୍ଣ ପୁସ୍ତକ ଯଥା- ବାଣଙ୍କ ଦ୍ୱାରା ରଚିତ ହର୍ଷଚରିତ, ବିଲ୍‌ହଣଙ୍କ ବିକ୍ରମାଙ୍କଦେବଚରିତ, ବାକ୍‌ପତିରାଜଙ୍କ ଗୌଡ଼ବାହୋ, ସନ୍ଧ୍ୟାକର ନନ୍ଦୀଙ୍କ ରାମଚରିତ, ଜୟସିଂହଙ୍କ କୁମାରପାଳଚରିତ, ଚାନ୍ଦବରଦାଇଙ୍କ ପୃଥ୍ୱୀରାଜ ରାସୋ ଇତ୍ୟାଦି।

ଆହୁରି ମଧ୍ୟ ଗୁଜୁରାଟ, କାଶ୍ମୀର ଓ ନେପାଳ ଆଦି ସ୍ଥାନରୁ କେତେ ଆଞ୍ଚଳିକ ଜୀବନ ଚରିତ ମଧ୍ୟ ଉପଲବ୍ଧ ହୋଇପାରିଛି। ଏତଦ୍‌ଭିନ୍ନ ଦାକ୍ଷିଣାତ୍ୟର ଇତିହାସ ଜାଣିବା ପାଇଁ ବିଶେଷ ଉପଯୋଗୀ ପୁସ୍ତକ ହେଉଛି ନନ୍ଦିକା-କଲମ୍ବକମ୍ ଓ କଳିଙ୍ଗଥୁପାରାନି।

ଉପରୋକ୍ତ ସାହିତ୍ୟ ପୁସ୍ତକଗୁଡ଼ିକୁ ପ୍ରକୃତରେ ଇତିହାସ ପୁସ୍ତକ ରୂପରେ ଗ୍ରହଣ କରାଯାଇ ପାରିବ ନାହିଁ। କାହିଁକି ନା ସେଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାଜାଙ୍କ କୀର୍ତ୍ତିରାଜି ଓ କୃତିତ୍ୱକୁ ଅତିରଞ୍ଜିତ କରି ପ୍ରସ୍ତୁତ କରିବା। ରାଜାଙ୍କର ଜୀବନ ଚରିତ, ଶାସନକାଳ ଆଦିକୁ ତଦାନୀନ୍ତନ ଲେଖକମାନେ ଇତିହାସ ରୂପରେ ବିବେଚନା କରୁ ନଥିଲେ। ତେଣୁକରି ସଠିକ୍ ତଥ୍ୟ ଦେଇ ପାରିନାହାନ୍ତି।

ପ୍ରାକୃତିକ ବିଜ୍ଞାନ

ସାମାଜିକ ବିଜ୍ଞାନରୁ ଉପଲବ୍ଧ ଉପାଦାନକୁ ବିନିଯୋଗ କରି ପ୍ରାଚୀନ ଭାରତୀୟ ଇତିହାସ ଗଠନ ପ୍ରଣାଳୀ ଅନ୍ତତଃ ଚାଳିଶ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ରସାୟନ ଶାସ୍ତ୍ର, ଜୈବଶାସ୍ତ୍ର, ନୃତତ୍ତ୍ୱ ଶାସ୍ତ୍ର ଆଦିରୁ ପ୍ରାପ୍ତ ତଥ୍ୟ ପ୍ରମାଣ ଇତିହାସ ରଚନା ପାଇଁ ନିର୍ଭରଯୋଗ୍ୟ ଅଟେ। ଏପରିକି ଭାରତରେ ଲିଖିତ ଜ୍ୟୋତିଷ ଶାସ୍ତ୍ର, ଗଣିତ ଶାସ୍ତ୍ର, ପଦାର୍ଥ ବିଜ୍ଞାନ ଆଦି ବିଦେଶରେ ଆଦୃତ ହେବା ସହିତ ପ୍ରାଚୀନ ଭାରତର ଏହିସବୁ କ୍ଷେତ୍ରରେ ଉନ୍ନତିର ବାର୍ତ୍ତାବହ ଅଟେ।

ଚରକଙ୍କ ଚରକ ସଂହିତା, ବାଗଭଟ୍ଟଙ୍କ ଅଷ୍ଟାଙ୍ଗ ସଂଗ୍ରହ ଚିକିତ୍ସା ଶାସ୍ତ୍ର, ବରାହ ମିହିରଙ୍କ ଜ୍ୟୋତିଷଶାସ୍ତ୍ର ଯଥା- ପଞ୍ଚ ସିଦ୍ଧାନ୍ତ, ବୃହତ ସଂହିତା ଆଦି ପ୍ରସିଦ୍ଧ ଅଟେ । "ପାଏ" ପଦ୍ଧତି ଏବଂ "ଶୂନ୍ୟ"ର ଉଦ୍ଭାବକ ଆର୍ଯ୍ୟଭଟ୍ଟଙ୍କ ଦଶଗିତିକା ସୂତ୍ର, ଆର୍ଯ୍ୟଭଟ୍ଟୀୟ ଆଦିରୁ ବିଜ୍ଞାନ କ୍ଷେତ୍ରରେ ଭାରତୀୟ ଉନ୍ନତି ସମ୍ବନ୍ଧରେ ଜାଣିହୁଏ ।

ପ୍ରତ୍ନତାତ୍ତ୍ୱିକ ଉପାଦାନ

ପ୍ରାଚୀନ ଭାରତୀୟ ଇତିହାସ ରଚନା ପାଇଁ ସାହିତ୍ୟିକ ଉପାଦାନ ଆମକୁ ସମ୍ପୂର୍ଣ୍ଣ ତଥ୍ୟ ଦେଇପାରି ନ ଥାଏ । ପ୍ରତ୍ନତାତ୍ତ୍ୱିକ ଉପାଦାନକୁ ଇତିହାସ ଲିଖନର ମେରୁଦଣ୍ଡ ରୂପରେ ବିବେଚନା କରାଯାଏ । ବିଶେଷ ଭାବରେ ପ୍ରାକ୍-ଇତିହାସ ଏବଂ ପ୍ରାଚୀନ ଇତିହାସ ଲିଖନ ପାଇଁ ପ୍ରତ୍ନତାତ୍ତ୍ୱିକ ଧ୍ୱଂସାବଶେଷର ବିଶେଷ ମହତ୍ତ୍ୱ ରହିଛି । ବିଶେଷତଃ ପ୍ରାକ୍-ଐତିହାସିକ ସମୟର ଅଧ୍ୟୟନ ପାଇଁ ସାହିତ୍ୟିକ ଉପାଦାନ ନାହିଁ । ପୁନଶ୍ଚ ପ୍ରାକ୍-ଐତିହାସିକ ସ୍ଥାନର ଅବସ୍ଥିତି, ଐତିହାସିକ ସ୍ଥାନର ଅବସ୍ଥିତି ଓ ସ୍ୱରୂପ ଠାରୁ ଅନେକ ପ୍ରକାରରେ ଭିନ୍ନ ଅଟେ । ପ୍ରାକ୍-ଐତିହାସିକ ସ୍ଥାନଗୁଡ଼ିକରେ ସାଧାରଣତଃ ପ୍ରମୁଖ ବାସସ୍ଥାନର ଧ୍ୱଂସାବଶେଷ ଉପଲବ୍ଧ ହୁଏ ନାହିଁ । ସେହି ସ୍ଥାନଗୁଡ଼ିକରେ ମଣିଷ, ବୃକ୍ଷ ଏବଂ ପଶୁପକ୍ଷୀ, ସରୀସୃପ ଆଦିଙ୍କର ଜୀବାଶ୍ମ ହିଁ ମିଳିଥାଏ । ପୁନଶ୍ଚ ଏହି ଜୀବାଶ୍ମଗୁଡ଼ିକ ପାହାଡ଼ ଶୀର୍ଷ, ମାଳଭୂମି, ନଦୀକୂଳିଆ ଅଞ୍ଚଳଗୁଡ଼ିକରେ ମିଳିଥାଏ । ଏହିସବୁ ସ୍ଥାନରେ ପ୍ରସ୍ତର ଯୁଗୀୟ ଅସ୍ତ୍ରଶସ୍ତ୍ର, ସାଜସରଞ୍ଜାମ ଏବଂ ମାଟିପାତ୍ରର ଅବଶେଷ ମିଳିଥାଏ । ଖ୍ରୀଷ୍ଟପୂର୍ବ ତୃତୀୟ ଶହସ୍ରାବ୍ଦ ବେଳକୁ ଭାରତୀୟମାନେ ଲିଖନ ପ୍ରଣାଳୀ ଜାଣିଥିଲେ ମଧ୍ୟ ଅଦ୍ୟାବଧି ଏହାକୁ ଚିହ୍ନି ପାଠ କରାଯାଇ ପାରିନାହିଁ । ତେଣୁ କରି ହରପ୍ପା ସଭ୍ୟତାକୁ ପ୍ରାକ୍-ଐତିହାସିକ ସଭ୍ୟତା ରୂପରେ ଅଭିହିତ କରାଯାଇ ଆସୁଛି । ଏହି ସ୍ଥିତି ତାମ୍ର-ପ୍ରସ୍ତର ଯୁଗରେ ମଧ୍ୟ ରହିଥିଲା ।

ସୌଧ ଏବଂ ସ୍ଥାପତ୍ୟ କଳା

ସୌଧ ଏବଂ ସ୍ଥାପତ୍ୟ କଳା ସାଧାରଣତଃ ତିନୋଟି ସ୍ୱରୂପରେ ବିଦ୍ୟମାନ ଅଟନ୍ତି; ଯଥା- ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ରଞ୍ଜିତ ଚିତ୍ର ।

ଗୃହ, ମନ୍ଦିର, ମୂର୍ତ୍ତି, ଟେରାକୋଟା, ଅଳଙ୍କାର, ଭଗ୍ନ ପାତ୍ର ଆଦି ପ୍ରାଚୀନ ଧ୍ୱଂସାବଶେଷ ଆମକୁ ବହୁଳ ଭାବରେ ଉପଯୋଗୀ ଉପାଦାନ ଯୋଗାଇଥାଏ । ପ୍ରାଚୀନ ଭାରତୀୟମାନେ ଛାଡ଼ି ଯାଇଥିବା ଇଟାନିର୍ମିତ ବିହାର, ଏବଂ ପ୍ରସ୍ତର ନିର୍ମିତ ମନ୍ଦିର ଆଦି ଅତୀତର ନିର୍ମାଣ କୌଶଳ ସମ୍ବନ୍ଧରେ ଅବଗତ କରାଇ ଆସୁଛି । ସାରା ଭାରତବର୍ଷର ବିଭିନ୍ନ ସ୍ଥାନରେ ଏହିସବୁ ନିର୍ମାଣଗୁଡ଼ିକ ମାଟିତଳେ ପୋତି ହୋଇ ରହିଛି, ଯାହାକି କ୍ରମାନ୍ୱୟରେ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ଲୋକଲୋଚନକୁ ଆସୁଛି । ପୁନଶ୍ଚ ଏହିସବୁ ଅବଶେଷ ପ୍ରାଚୀନ ଇତିହାସ ରଚନା ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ଭାରତୀୟ କଳା ସ୍ଥାପତ୍ୟର ବିବର୍ତ୍ତନ ଏବଂ କ୍ରମବିକାଶ ସାଂସ୍କୃତିକ ସଂସ୍ଥିତି ଏବଂ ସଭ୍ୟତା ସମ୍ବନ୍ଧରେ ଜାଣିବା ପାଇଁ ଆମକୁ ବିଶେଷ ସହାୟତା କରିଥାଆନ୍ତି । ପ୍ରତ୍ନତାତ୍ତ୍ୱିକ ଖନନ ସମ୍ଭୂତ ସିନ୍ଧୁ ନଦୀର ସଭ୍ୟତା ଭାରତୀୟ ସଭ୍ୟତାର ଆରମ୍ଭ ଏବଂ ମୌଳିକତା ସମ୍ବନ୍ଧରେ ଆମର ଜ୍ଞାନକୁ ବିସ୍ତାରିତ କରିଥାଏ । ଏହା ପୁନଶ୍ଚ ଭାରତୀୟ ସଭ୍ୟତାର ଅୟମାରମ୍ଭକୁ ଅନେକ ହଜାର ବର୍ଷ ପୂର୍ବକୁ ନେଇଯାଏ । ତକ୍ଷଶିଳା, ସାରନାଥ ଆଦି ପ୍ରାଚୀନ ନଗରର ପ୍ରତ୍ନତାତ୍ତ୍ୱିକ ଖନନ ଲୋକଙ୍କ ଜୀବନଶୈଳୀର ବିଭିନ୍ନ ଧାରା ସମ୍ବନ୍ଧରେ ଅବଗତ କରାଇଥାଏ ।

ହସ୍ତିନାପୁର ଓ କୌଶାମ୍ବୀ ଆଦି ନଗରୀର ପ୍ରତ୍ନତାତ୍ତ୍ୱିକ ଖନନ ଖ୍ରୀ:ପୂ: ୧୦୦୦ ସମୟକାଳରେ ଭାରତୀୟ ସଭ୍ୟତାର ବିକାଶ ସମ୍ବନ୍ଧରେ ଅବଗତ କରାଇଥାଏ । ଜଣାଯାଏ ଯେ, ସେ ସମୟ କାଳରେ ଲୋକେ ସ୍ୱଚ୍ଛଳ ଏବଂ ସମୃଦ୍ଧ ଜୀବନଯାପନ କରୁଥିଲେ ତଥା ଲୁହାର ବ୍ୟବହାର ଜାଣିଥିଲେ । ପ୍ରତ୍ନତାତ୍ତ୍ୱିକ ଖନନଗୁଡ଼ିକରୁ ଆମେ କୁଶାଣମାନଙ୍କ ସମ୍ବନ୍ଧରେ, ଗାନ୍ଧାର ଚିତ୍ରକଳାର ଆରମ୍ଭ ଓ ବିକାଶ ସମ୍ବନ୍ଧରେ, ପାଟଳିପୁତ୍ର ଖନନରୁ ମୌର୍ଯ୍ୟମାନଙ୍କ ସମ୍ବନ୍ଧରେ,

ଦେଓଗଡ଼ ମନ୍ଦିର, କାନପୁର, ଝାନ୍‌ସୀ ଆଦି ସ୍ଥାନରୁ ଗୁପ୍ତମାନଙ୍କ କଳା ଭାସ୍କର୍ଯ୍ୟ ସମ୍ବନ୍ଧରେ ଅବଗତ ହୋଇଥାଉ। ପୁନଶ୍ଚ ଆମେ ପ୍ରତ୍ନତାତ୍ତ୍ୱିକ ଖନନରୁ ଖ୍ରୀ:ପୂ: ୨୦୦୦ ସମୟରେ ଗଙ୍ଗାନଦୀ ତଟବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠିଥିବା ଧାତବ ସଭ୍ୟତା, ତଦାନୀନ୍ତନ ନଗର ଓ ଗୃହ ଆଦିର ନକ୍ସା, ମାଟିପାତ୍ର, ଲୋକଙ୍କ ଜୀବନଶୈଳୀ ଏବଂ ବ୍ୟବହାର କରୁଥିବା ଉପକରଣ ସମ୍ବନ୍ଧରେ ଜାଣିଥାଉ। ଉପଲବ୍ଧ ଜିନିଷଗୁଡ଼ିକର ଅଙ୍ଗାରକ ଏବଂ ରାସାୟନିକ ପରୀକ୍ଷାନିରୀକ୍ଷା ମାଧ୍ୟମରେ ସମୟକାଳ ନିର୍ଦ୍ଧାରଣ କରାଯାଇଥାଏ। ଗଛଲତାର ଜୀବାଶ୍ମଗୁଡ଼ିକର ପରୀକ୍ଷାରୁ ତଦାନୀନ୍ତନ ଜଳବାୟୁ, ପରିବେଶ ଏବଂ କୃଷିର ଅଗ୍ରମାରମ୍ଭ ସମ୍ବନ୍ଧରେ ଜଣାଯାଏ, ଯେପରିକି ରାଜସ୍ଥାନ ଏବଂ କାଶ୍ମୀର ଅଞ୍ଚଳରେ ଖ୍ରୀ:ପୂ: ୭୦୦୦-୬୦୦୦ବେଳକୁ କୃଷିର ଆରମ୍ଭ ହୋଇଯାଇଥିଲା। ଏହିପରି ଭାବରେ ଦେଖିଲେ ଜଣାଯାଏ ଯେ, ସ୍ଥାପତ୍ୟଗୁଡ଼ିକର ଧ୍ୱଂସାବଶେଷ ଅତୀତରେ ଲୋକଙ୍କ ମାନସିକତା ଏବଂ ବିଚାରଧାରାର ଅଧ୍ୟୟନ ପାଇଁ ସର୍ବୋତ୍କୃଷ୍ଟ ମାଧ୍ୟମ ଅଟେ। ଭାରତୀୟ ସ୍ଥାପତ୍ୟ ବିଶେଷଭାବରେ ଧାର୍ମିକ ଭାବନା ଏବଂ ଧର୍ମଧାରା ଦ୍ୱାରା ପ୍ରଭାବିତ ଅଟେ। ପ୍ରାଥମିକ ପର୍ଯ୍ୟାୟରେ ଭାରତୀୟ ସ୍ଥାପତ୍ୟ ବୌଦ୍ଧଧର୍ମ ଦ୍ୱାରା ବହୁଳ ଭାବରେ ପ୍ରେରିତ ଅଟେ। ଭାରତରେ ଗଢ଼ି ଉଠିଥିବା ଅସଂଖ୍ୟ ଚୈତ୍ୟ, ବିହାର ଓ ସ୍ତୂପ ଆଦି ଏହାର ଜ୍ୱଳନ୍ତ ଉଦାହରଣ ଅଟେ। ମୌର୍ଯ୍ୟମାନଙ୍କ ରାଜପ୍ରାସାଦ ନିର୍ମାଣରେ ପାର୍ସିୟ ପ୍ରଭାବ ପ୍ରଚ୍ଛନ୍ନ ଅଟେ। ଗୁପ୍ତମାନଙ୍କ ସମୟରୁ ମନ୍ଦିର ସ୍ଥାପତ୍ୟର ଆରମ୍ଭ ହୋଇଥିଲା। ଏହି ସ୍ଥାପତ୍ୟଗୁଡ଼ିକରୁ ଆମେ ତଦାନୀନ୍ତନ ସାମାଜିକ, ଅର୍ଥନୈତିକ, ଧାର୍ମିକ ଆଦି ଜୀବନ ସମ୍ବନ୍ଧରେ ଅନେକ କିଛି ଜାଣିଥାଉ।

ଭାରତୀୟ ସର୍ବପ୍ରାଚୀନ ଭାସ୍କର୍ଯ୍ୟର ଉଦାହରଣ ଆମେ ପାଇଥାଉ ହରପ୍ପା ସଂସ୍କୃତିରୁ। ଏହା ଆର୍ଯ୍ୟମାନଙ୍କ ପୂର୍ବରୁ ଅତୀବ ଉନ୍ନତମାନର ସଭ୍ୟତା ଭାରତରେ ଗଢ଼ି ଉଠିଥିବାର ନିଛକ ପ୍ରମାଣ ଅଟେ।

ପ୍ରାଚୀନ ଭାରତୀୟ ସଂସ୍କୃତି ଓ ଧର୍ମଧାରା ସମ୍ବନ୍ଧରେ ଆମକୁ ଅମୂଲ୍ୟ ଜ୍ଞାନ ପ୍ରଦାନ କରେ ରଞ୍ଜିତ କଳା। ପ୍ରାଚୀନ ରଞ୍ଜିତ କଳା ବିଶେଷତଃ ଧାର୍ମିକ ବିଷୟବସ୍ତୁ ଉପରେ ପର୍ଯ୍ୟବସିତ ଥିଲା। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଅଜନ୍ତା, ବାଘ, ଏଲୋରା ଆଦି ସ୍ଥାନରେ ରହିଥିବା ରଞ୍ଜିତ କଳା।

ଅଭିଲେଖ

ପ୍ରାଚୀନ ଭାରତୀୟ ଇତିହାସ ସମ୍ବନ୍ଧରେ ଆମକୁ ଅଭିଲେଖଗୁଡ଼ିକ ବାସ୍ତବ ଜ୍ଞାନ ପ୍ରଦାନ କରିଥାଏ। ଅଭିଲେଖଗୁଡ଼ିକ ପ୍ରସ୍ତର, ଗୁମ୍ଫା, ଲୁହା ଆଦି ବିଭିନ୍ନ ଧାତୁ, ମନ୍ଦିର ଗାତ୍ର, ସ୍ତମ୍ଭ ଆଦିରେ ଖୋଦିତ ହୋଇଥାଏ। ଭାରତର ପ୍ରାଚୀନତମ ଅଭିଲେଖଗୁଡ଼ିକ ପ୍ରସ୍ତର ଦେହରେ ଖୋଦନ କରାଯାଇଛି। ଖ୍ରୀଷ୍ଟ ଅବ୍ଦର ପ୍ରାଥମିକ ପର୍ଯ୍ୟାୟରେ ପ୍ରସ୍ତର ବ୍ୟତୀତ ତାମ୍ରଫଳକରେ ମଧ୍ୟ ଅଭିଲେଖଗୁଡ଼ିକ ଉତ୍କୀର୍ଣ୍ଣ କରିବା ଆରମ୍ଭ ହୋଇଯାଇଥିଲା। ପ୍ରାଥମିକ ପର୍ଯ୍ୟାୟର ଅଭିଲେଖଗୁଡ଼ିକ ପ୍ରାୟତଃ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀ ବେଳକୁ ପ୍ରାକୃତିକ ଲିପିରେ ଉତ୍କୀର୍ଣ୍ଣ କରାଯାଉଥିବା ବେଳେ ଖ୍ରୀଷ୍ଟାବ୍ଦ ୨ୟ ଶତାବ୍ଦୀ ବେଳକୁ ସଂସ୍କୃତର ଆରମ୍ଭ କରାଯାଇଥିଲା। ଖ୍ରୀ:ଅ: ୯ମ ଏବଂ ୧୦ମ ଶତାବ୍ଦୀ ବେଳକୁ ଅଭିଲେଖଗୁଡ଼ିକୁ ଆଞ୍ଚଳିକ ଭାଷାରେ ମଧ୍ୟ ଉତ୍କୀର୍ଣ୍ଣ କରିବା ଆରମ୍ଭ କରାଯାଇଥିଲା। ଅଭିଲେଖଗୁଡ଼ିକରୁ ଆମେ ମୌର୍ଯ୍ୟ ଏବଂ ଗୁପ୍ତମାନଙ୍କ ସମ୍ବନ୍ଧରେ ସର୍ବାଧିକ ଜାଣିଥାଉ। ହରପ୍ପାରୁ ମିଳିଥିବା ଅଭିଲେଖ ଛବିଲିପି ଦ୍ୱାରା ଉତ୍କୀର୍ଣ୍ଣ କରାଯାଇଛି ତଥା ଚିହ୍ନିତ କରାଯାଇ ପାରି ନାହିଁ।

ଅଭିଲେଖଗୁଡ଼ିକ ଆମକୁ ଯୁଦ୍ଧ, ରାଜନୀତି, ସମାଜ, ଧର୍ମ, କଳାସ୍ଥାପତ୍ୟ, ଭୂମିଦାନ ଆଦି ସର୍ବବିଧ ଜ୍ଞାନ ପ୍ରଦାନ କରିଥାନ୍ତି। ପ୍ରାପ୍ତି ସ୍ଥାନଗୁଡ଼ିକରୁ ସାମ୍ରାଜ୍ୟର ସୀମା, ରାଜାମାନଙ୍କର ରୀତିନୀତି, ଯଶକୀର୍ତ୍ତି, ପ୍ରଚଳିତ ଭାଷା, ଅନ୍ୟାନ୍ୟ ରାଜ୍ୟ ଓ ଦେଶ ସହିତ ବିଭିନ୍ନ ପ୍ରକାରର ସମ୍ପର୍କ ଆଦି ସମ୍ବନ୍ଧରେ ଆମେ ଅବଗତ ହୋଇଥାଉ। ଏହା ମଧ୍ୟ ସତ୍ୟ ଅଟେ ଯେ, ଅଭିଲେଖର ସମର୍ଥନ ବ୍ୟତିରେକେ ସାହିତ୍ୟିକ ପ୍ରମାଣଗୁଡ଼ିକ ସମ୍ପୂର୍ଣ୍ଣ ନୁହନ୍ତି। ଅଭିଲେଖଗୁଡ଼ିକ ମଧ୍ୟରୁ ବିଶେଷ ମହତ୍ତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଥିବା ଅଭିଲେଖଗୁଡ଼ିକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଅଟନ୍ତି; ଯଥା- ଏସିଆ

ମାଇନର୍ ଅଞ୍ଚଳରୁ ପ୍ରାପ୍ତ ବୋଘାଜ୍‌କୋଇ ଅଭିଲେଖ ଆର୍ଯ୍ୟମାନଙ୍କର ସ୍ଥାନାନ୍ତର ସମ୍ବନ୍ଧରେ ମହତ୍ତ୍ୱପୂର୍ଣ୍ଣ ସୂଚନା ଦିଏ । ଧର୍ମ ସମ୍ବନ୍ଧିତ ଅଭିଲେଖଗୁଡ଼ିକ ଧାର୍ମିକ ଏବଂ ନୀତିଗତ ବିଷୟ ଉପରେ ଆଧାରିତ ଅଟନ୍ତି । ସିନ୍ଧୁ ସଭ୍ୟତା ଅଞ୍ଚଳରୁ ପ୍ରାପ୍ତ ମୋହରଗୁଡ଼ିକ ଧର୍ମ ସମ୍ବନ୍ଧିତ ଏବଂ ପୂଜ୍ୟ ହୋଇଥିବା ବିଶେଷ ସମ୍ଭାବନା ଅଛି ।

ଅଶୋକଙ୍କ ଅଭିଲେଖ

ଶିଳା ଏବଂ ସ୍ତମ୍ଭ ଦେହରେ ଉତ୍କୀର୍ଣ୍ଣ କରାଯାଇଥିବା ଅଶୋକଙ୍କ ଅଭିଲେଖଗୁଡ଼ିକ ରାଜଯୋଗୀ ସମ୍ରାଟଙ୍କ ଧାର୍ମିକ ଏବଂ ନୈତିକ କାର୍ଯ୍ୟକଳାପ ଉପରେ ଆଲୋକପାତ କରନ୍ତି । ସେଗୁଡ଼ିକ ପ୍ରାୟତଃ ବ୍ରାହ୍ମୀ ଏବଂ ଖରୋଷ୍ଠି ଲିପିରେ ଉତ୍କୀର୍ଣ୍ଣ କରାଯାଇଛି । ଅଶୋକଙ୍କ ଶିଳାଲିପି ଏକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ଅଟନ୍ତି । ମୌର୍ଯ୍ୟ ରାଜବଂଶ ସମ୍ବନ୍ଧରେ ଜ୍ଞାନ ଆହରଣ ପାଇଁ ଅଶୋକଙ୍କ ଅଭିଲେଖଗୁଡ଼ିକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଉପାଦାନ ଅଟନ୍ତି ।

ଏତଦ୍‌ବ୍ୟତୀତ ପ୍ରଶସ୍ତି ଅଭିଲେଖଗୁଡ଼ିକ ସାଧାରଣତଃ ରାଜାଙ୍କର ନାମ, ବଂଶାବଳୀ, ଜୀବନୀ, ସାମରିକ, ରାଜନୈତିକ ଓ ପ୍ରଶାସନିକ କୀର୍ତ୍ତି ସମ୍ବନ୍ଧରେ ମହତ୍ତ୍ୱପୂର୍ଣ୍ଣ ଉପାଦାନ ଅଟନ୍ତି । ଏଗୁଡ଼ିକରୁ କିନ୍ତୁ ଭଣିତି ଓ ଚାଟୂକ୍ତିକୁ ବାଦ୍ ଦେଇ ଗ୍ରହଣ କରିବାକୁ ହୋଇଥାଏ ।

ଦାନ ସମ୍ବନ୍ଧୀୟ ଅଭିଲେଖଗୁଡ଼ିକ ରାଜାଙ୍କ ଦ୍ୱାରା ପ୍ରଦତ୍ତ ଦାନଗୁଡ଼ିକ ଯଥା- ସନ୍ନ୍ୟାସୀମାନଙ୍କୁ ଗୃହ ଓ ଗୁମ୍ଫା, ମନ୍ଦିରରେ ଦୀପ ଜଳେଇବା ତଥା ବ୍ରାହ୍ମଣ ଓ ଦରିଦ୍ର ଭୋଜନ ପାଇଁ ମନ୍ଦରିସ୍ଥ ହୁଣ୍ଡିରେ ମୁଦ୍ରାଦାନ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରେ । କେତେକ ଅଭିଲେଖରେ ଜନ୍ମ, ପୂଜାପାର୍ବଣ, ମହୋତ୍ସବ ଆଦି ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି ।

ମୌର୍ଯ୍ୟମାନଙ୍କ ପରବର୍ତ୍ତୀ ସମୟକାଳ ସମ୍ବନ୍ଧରେ ଜାଣିବା ପାଇଁ ସରକାରୀ ଏବଂ ଘରୋଇ ଆଦି ଦୁଇ ପ୍ରକାରର ଅଭିଲେଖ ଉପଲବ୍ଧ ହୋଇଥାଏ ।

ସରକାରୀ (ପ୍ରଶାସନିକ) ଅଭିଲେଖ

ଆମେ ଦୁଇ ପ୍ରକାରର ସରକାରୀ (ପ୍ରଶାସନିକ) ଅଭିଲେଖ ପାଇଥାଉ; ଯଥା- (କ) ରାଜାମାନଙ୍କର ଭଣିତି ଏବଂ ଅତିରଞ୍ଜନ (ଖ) ସମୁଦ୍ରଗୁପ୍ତଙ୍କର ଆଲ୍ଲାହାବାଦ ସ୍ତମ୍ଭ ଲିପି, ରାଜା ଭୋଜଙ୍କର ଗ୍ୱାଲିଅର ପ୍ରଶସ୍ତି ଆଦି ଏହି ଶ୍ରେଣୀର ଅଟନ୍ତି । ୩୩ ଧାଡ଼ି ବିଶିଷ୍ଟ ଆଲ୍ଲାହାବାଦ ସ୍ତମ୍ଭ ଲିପିରେ ସମୁଦ୍ରଗୁପ୍ତଙ୍କ ଦିଗ୍‌ବିଜୟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି । ଗୌତମୀ ପୁତ୍ର ସାତକର୍ଣ୍ଣିଙ୍କର ନାସିକ୍ ପ୍ରଶସ୍ତି ସାତବାହନ ଇତିହାସ ସମ୍ବନ୍ଧରେ ଆଲୋକପାତ କରେ ।

ଘରୋଇ (ବ୍ୟକ୍ତିଗତ) ପ୍ରଶସ୍ତି

ଘରୋଇ (ବ୍ୟକ୍ତିଗତ) ପ୍ରଶସ୍ତିଗୁଡ଼ିକ ସାଧାରଣତଃ ଦେବଦେବୀମୂର୍ତ୍ତିଙ୍କ ଶରୀରରେ ଅଥବା ଧାର୍ମିକ ପ୍ରତିଷ୍ଠାନ (ମନ୍ଦିର)ଗୁଡ଼ିକରେ ଉତ୍କୀର୍ଣ୍ଣ କରାଯାଇଥାଏ । ଏଗୁଡ଼ିକ କଳାସ୍ଥାପତ୍ୟର ବିକାଶ, ରାଜନୈତିକ, ସାମାଜିକ, ଅର୍ଥନୈତିକ, ଧାର୍ମିକ ଆଦି ସମ୍ବନ୍ଧରେ ସୂଚନା ଦିଏ । ଏହି ଅଭିଲେଖଗୁଡ଼ିକରୁ ଆମେ ରାଜାଙ୍କର ନାମ, କୀର୍ତ୍ତି, ବଂଶାବଳୀ ଆଦି ସମ୍ବନ୍ଧରେ ଅବଗତ ହୋଇଥାଉ । ଘରୋଇ (ବ୍ୟକ୍ତିଗତ) ଅଭିଲେଖଗୁଡ଼ିକର ସଂଖ୍ୟା ସର୍ବାଧିକ ଅଟେ । ଧର୍ ଓ ଆଜମେର ଅଭିଲେଖ ଗୋଟିଏ ଲେଖାଏ ନାଟକ ଅଟନ୍ତି ।

ମୁଦ୍ରା

ଅଭିଲେଖ ପରି ମୁଦ୍ରା ମଧ୍ୟ ଇତିହାସ ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ପ୍ରାଚୀନ ଭାରତୀୟ ମୁଦ୍ରାଗୁଡ଼ିକ ସୁନା, ରୁପା, ତମ୍ବା, ସୀସା ଆଦି ଧାତୁରେ ନିର୍ମିତ ହେଉଥିଲା । ଆଗକାଳରେ ମୁଦ୍ରାଗୁଡ଼ିକୁ ଲୋକେ ମାଟି, ତମ୍ବା ଆଦିରେ ନିର୍ମିତ ମାଠିଆରେ ରଖୁଥିଲେ । ତେଣୁକରି ଭାରତର ବିଭିନ୍ନ ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ଆମେ

ଅଦ୍ୟାବଧି ଅନେକ ମୁଦ୍ରାକୋଷ ପାଇ ପାରିଛୁ । ବ୍ୟବସାୟ ବାଣିଜ୍ୟ ମାଧ୍ୟମରେ ରୋମ୍, ଗ୍ରୀସ୍ ଆଦି ଦେଶରୁ ଭାରତକୁ ଆସିଥିବା ମୁଦ୍ରା ମଧ୍ୟ ଏହି ମୁଦ୍ରାକୋଷଗୁଡ଼ିକରୁ ମିଳିଛି ।

ଅତି ପ୍ରାଚୀନ ମୁଦ୍ରାଗୁଡ଼ିକରେ କେତେକ ପ୍ରତୀକ ଚିହ୍ନର ଚିତ୍ର ରହିଥିବା ବେଳେ ପରବର୍ତ୍ତୀ ମୁଦ୍ରାଗୁଡ଼ିକରେ ରାଜାଙ୍କ ଚିତ୍ର, ଦେବଦେବୀଙ୍କ ଚିତ୍ର, ତାରିଖ, ରାଜାଙ୍କ କୀର୍ତ୍ତି ଆଦି ଖୋଦିତ ହୋଇଥାଏ । ଏହିସବୁ ଭାରତୀୟ ଇତିହାସର ଲୁକ୍କାୟିତ ଦିଗକୁ ଉନ୍ମୋଚନ କରିଥାଏ । ପ୍ରାପ୍ତିସ୍ଥାନରୁ ଜଣାଯାଏ ଯେ, ପ୍ରାପ୍ତ ମୁଦ୍ରାଟି ସେହି ଅଞ୍ଚଳରେ ପ୍ରଚଳିତ ଥିଲା । ରାଜାମାନଙ୍କ ନାମଗୁଡିକ ଶାସନ କରୁଥିବା ରାଜାମାନଙ୍କ ବଂଶାବଳୀ ସଠିକ୍ ଭାବରେ ନିର୍ଣ୍ଣୟ କରିବା ପାଇଁ ଆମକୁ ସାହାଯ୍ୟ କରିଥାଏ । ଆହୁରି ମଧ୍ୟ ମୁଦ୍ରା, ତଦାନୀନ୍ତନ ଅର୍ଥନୈତିକ ଇତିହାସ ଲେଖିବା ପାଇଁ ଆମର ସହାୟକ ହୋଇଥାଏ । ବ୍ୟାକ୍ଟେରିଆର ରାଜାମାନେ ମୁଦ୍ରାରେ ନାମ ବ୍ୟତୀତ ସେମାନଙ୍କ ସମ୍ବନ୍ଧରେ ଜାଣିବା ପାଇଁ ଆଉ କିଛି ଛାଡ଼ି ଯାଇ ନାହାନ୍ତି । ଇଣ୍ଡୋ-ଗ୍ରୀକ୍ ରାଜାମାନଙ୍କର ଭାରତ ଆଗମନ ଓ ଶାସନ ସମ୍ବନ୍ଧରେ ଆମେ କେବଳ ମାତ୍ର ତାଙ୍କ ଦ୍ୱାରା ଉତ୍କୀର୍ଣ୍ଣ କରାଯାଇଥିବା ମୁଦ୍ରାରୁ ଜାଣିଥାଉ । ମୁଦ୍ରାର ଆକାର ପ୍ରକାର, ନିର୍ମିତ ଧାତୁ, ଅଙ୍କିତ ଚିତ୍ରାବଳୀ, ଖୋଦିତ ପ୍ରଶସ୍ତି ଆଦି ତଦାନ୍ତୀନ୍ତନ ଧର୍ମଧାରା, ସାଂସ୍କୃତିକ, ଅର୍ଥନୈତିକ ଜୀବନ ଏବଂ ମୁଦ୍ରାରେ ବୈଦେଶିକ ପ୍ରଭାବ ଆଦି ସମ୍ବନ୍ଧରେ ସୂଚନା ଦିଏ । ବ୍ୟାକ୍ଟେରୀୟ, ସିଥୀୟ, ପାର୍ଥେନୀୟ ଏବଂ କୁଶାଣ ଆଦି ରାଜାମାନଙ୍କ ଦ୍ୱାରା ଉତ୍କୀର୍ଣ୍ଣ କରାଯାଇଥିବା ମୁଦ୍ରା ପ୍ରାଚୀନ ଭାରତୀୟ ଇତିହାସ ରଚନା ପାଇଁ ଅତ୍ୟନ୍ତ ଉପାଦେୟ ଅଟେ । ମୁଦ୍ରାର ଅଧ୍ୟୟନ ବ୍ୟତିରେକେ ଉକ୍ତ ରାଜବଂଶଗୁଡ଼ିକର ବାସ୍ତବ ଇତିହାସ ରଚନା ପ୍ରାୟତଃ ଅସମ୍ଭବ ଅଟେ ।

ଅଭିଲେଖ ଏବଂ ମୁଦ୍ରା ପ୍ରାଚୀନ ଭାରତକୁ ହୃଦୟଙ୍ଗମ କରିବା ପାଇଁ ଏକ ବିଶେଷ ତଥ୍ୟ ସମ୍ବଳିତ ବିବରଣୀ ଥିଲା । ଏହା ମୌର୍ଯ୍ୟ ସମୟରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ସମୟର ମୁଦ୍ରାଗୁଡ଼ିକ ରାଜାମାନଙ୍କର ନାମ ବହନ କରୁ ନ ଥିଲା ଏବଂ ସେସବୁକୁ ଛିଦ୍ରଣ ମୁଦ୍ରା (Punch-marked Coin) କୁହାଯାଉଥିଲା, କାରଣ ବିଭିନ୍ନ ପ୍ରକାରର ପ୍ରତୀକ ସ୍ୱତନ୍ତ୍ରଭାବେ ସେଥିରେ ଛିଦ୍ରଣ କରାଯାଉଥିଲା ।

ଯଦିଓ ଏହି ପ୍ରକାରର ମୁଦ୍ରା ପ୍ରାୟତଃ ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀଠାରୁ ଜଣାଯାଇଥିଲା, ମୌର୍ଯ୍ୟ ଛିଦ୍ରଣ ମୁଦ୍ରାର ଧାରା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା । ସମ୍ଭବତଃ ଏହା କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଚଳିତ ହେଉଥିଲା, କାରଣ ଏଥିରେ ବ୍ୟବହୃତ ହେଉଥିବା ପ୍ରତୀକ ସବୁରେ ସମତା ରହୁଥିଲା । ସାତବାହନମାନଙ୍କ ମୁଦ୍ରା ସେମାନଙ୍କ ବାଣିଜ୍ୟିକ ସମୃଦ୍ଧିର ପୁଷ୍ଟି କରେ । ଅନେକ ପ୍ରକାରର ଗୁପ୍ତମୁଦ୍ରା ବହୁଳ ଭାବରେ ପ୍ରଚଳିତ ଥିଲା । ଗୁପ୍ତ ରାଜବଂଶ ସମ୍ବନ୍ଧରେ ଅଭିଲେଖଗୁଡ଼ିକରୁ ପ୍ରାପ୍ତ ଉପାଦାନରେ ଗୁପ୍ତମାନଙ୍କ ମୁଦ୍ରା ଆହୁରି ଅନେକ ବାସ୍ତବ ତଥ୍ୟ ଯୋଡ଼ି ଦେଇଥାଏ । ଯେପରିକି ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କର ଶକମାନଙ୍କ ସହିତ ରହିଥିବା ସମ୍ପର୍କରେ ପୁଷ୍ଟି କରେ ତାଙ୍କ ଦ୍ୱାରା ଉତ୍କୀର୍ଣ୍ଣ କରାଯାଇଥିବା ଚୈତ୍ୟ ପ୍ରକାରର ମୁଦ୍ରା । ସମୁଦ୍ରଗୁପ୍ତଙ୍କ ମୁଦ୍ରାଗୁଡ଼ିକରେ ଉତ୍କୀର୍ଣ୍ଣ ପ୍ରଶସ୍ତି ଯଥା-

"ରାଜାଧିରାଜ ପୃଥିବୀମ୍ ବିଦ୍ୱା ଦିବଂ ଜୟତି ଅପ୍ରତିବାର୍ଯ୍ୟ ବୀର୍ଯ୍ୟଃ ।"

"କୃତାନ୍ତ ପରଶୁଃ ଜୟତ୍ୟଜିତ ରାଜ ଜେତାଜିତ"

ଆଦିରୁ ଆମେ ତାଙ୍କ କୃତିତ୍ୱ ସମ୍ବନ୍ଧରେ ଜାଣିଥାଉ । ଅନ୍ୟ ଏକ ମୁଦ୍ରାରେ ଯୁପସ୍ତମ୍ଭ ତଳେ ଏକ ଅଶ୍ୱ ଦଣ୍ଡାୟମାନ ହୋଇ ରହିଛି ଏବଂ ତଳେ ପ୍ରଶସ୍ତିରେ ଲେଖାଅଛି "ଅନେକାଶ୍ୱମେଧାଯାଜୀ" ଯାହାକି ତାଙ୍କ ସର୍ବକ୍ଷତ୍ରାନ୍ତକର ପ୍ରମାଣ କରେ ତଥା ଅନେକଗୁଡ଼ିଏ ଅଶ୍ୱମେଧ ଯଜ୍ଞ କରିଥିବା ପ୍ରକାଶ କରେ । ଏହିପରି ଭାବରେ ଇତିହାସ ଗଠନ ପାଇଁ ମୁଦ୍ରା ଆମକୁ ବିଶେଷ ସହାୟକ ହୋଇଥାଏ ।

ତାମ୍ରଫଳକ

ଖ୍ରୀ:ଅ: ୧୭୭୪ ମସିହାରୁ "ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ" ପ୍ରତିଷ୍ଠା ପରଠାରୁ ଶହ ଶହ ତାମ୍ର ଦାନପତ୍ର ଉଦ୍ଧାର, ପାଠ ଓ ପ୍ରକାଶ କରାଯାଇ ସାରିଛି । ମହାନ୍ ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁଙ୍କ ସହାୟତାରେ ଶହ ଶହ ତାମ୍ର ଦାନପତ୍ର ମାଟିଗର୍ଭରୁ ଉଦ୍ଧାର କରାଯାଇଛି । ଏହି ଦାନପତ୍ରଗୁଡ଼ିକରୁ ଆମେ ରାଜାଙ୍କର ନାମ, ଗୋତ୍ର, ବଂଶାବଳୀ, ସମୟ ଏବଂ ଦାନ କରାଯାଉଥିବା ଗ୍ରାମ ଅଥବା ଅଞ୍ଚଳ, ଦାନର ଉଦ୍ଦେଶ୍ୟ, ଦେବଦେବୀଙ୍କ ନାମ ଆଦି ସମ୍ବନ୍ଧରେ ଜାଣିଥାଉ । ଭୂମି ଦାନ କରାଯାଇଥିବା ତାମ୍ରପତ୍ରଗୁଡ଼ିକ କବଲା ରୂପରେ କାମ କରୁଥିଲା । ଅନେକ ବୌଦ୍ଧ ବିହାରରେ ଜମି ଦାନପତ୍ର ଦେଖିଥିବା ସମ୍ବନ୍ଧରେ ଫାହିୟାନ ଉଲ୍ଲେଖ କରିଛନ୍ତି । ଏପରିକି ସେଗୁଡ଼ିକ ମଧ୍ୟରୁ ଅନେକେ ବୁଦ୍ଧଙ୍କ ସମସାମୟିକ ଅଟନ୍ତି । ମୌର୍ଯ୍ୟମାନଙ୍କ ସମୟରେ ଉତ୍କୀର୍ଣ୍ଣ କରାଯାଇଥିବା ସୋହଗଉରା ତାମ୍ରପତ୍ରର ଆବିଷ୍କାର ଫାହିୟାନଙ୍କ ଉକ୍ତିର ସତ୍ୟତା ପ୍ରତିପାଦନ କରିଥାଏ । ହୁଏନ୍-ସାଂ ଉଲ୍ଲେଖ କରିଛନ୍ତି ଯେ, କନିଷ୍କ ଏକ ବୌଦ୍ଧ ମହାସଭା ଆହୂତ କରାଇଥିଲେ । ଏହି ମହାସଭାରେ ବୌଦ୍ଧଧର୍ମ ଉପରେ ତିନୋଟି ଟୀକା ପ୍ରସ୍ତୁତ କରାଯାଇଥିଲା, ଯାହାକି ତାମ୍ରପତ୍ର ଦେହରେ ଉତ୍କୀର୍ଣ୍ଣ କରାଯାଇ ପ୍ରସ୍ତର ନିର୍ମିତ ଫରୁଆଗୁଡ଼ିକରେ ଭର୍ତ୍ତି କରାଯାଇ ସ୍ତୂପଗୁଡ଼ିକ ଭିତରେ ସନ୍ନିବେଶିତ କରାଯାଇଥିଲା । ଏହା ମଧ୍ୟ ଜଣାଯାଏ ଯେ, ବେଦ ଉପରେ ହୋଇଥିବା ଟୀକାକୁ ତାମ୍ରପତ୍ରରେ ଉତ୍କୀର୍ଣ୍ଣ କରାଯାଇଥିଲା । କେତେକ ଦୁର୍ଲ୍ଲଭ ଗ୍ରନ୍ଥକୁ ତାମ୍ରପତ୍ର ଦେହରେ ଉତ୍କୀର୍ଣ୍ଣ କରାଯାଇ "ବ୍ରିଟିଶ ମ୍ୟୁଜିଅମ୍"ରେ ରଖାଯାଇଛି । କେତେକ ସମୟରେ ବିଭିନ୍ନ ଚୁକ୍ତିପତ୍ର ଏକାଧିକ ତାମ୍ରପତ୍ର ଆବଶ୍ୟକ କରିଥାଏ । ଏହି କ୍ଷେତ୍ରରେ ତାମ୍ରପତ୍ରଗୁଡ଼ିକୁ ତାମ୍ରନିର୍ମିତ ତାରରେ ଗୁନ୍ଥିକରି ରଖାଯାଏ । ଲେଖାର ବିଷୟବସ୍ତୁ ଅନୁଯାୟୀ ତାମ୍ରପତ୍ରର ଆକାର ନିର୍ଦ୍ଧାରିତ କରାଯାଏ । ପ୍ରଶସ୍ତିକୁ ଛାଡ଼ି ତାମ୍ରପତ୍ରରୁ ଆମେ ଇତିହାସ ରଚନା ପାଇଁ ତଥ୍ୟ ଗ୍ରହଣ କରିଥାଉ । ତାମ୍ରପତ୍ରର ବିଷୟବସ୍ତୁ ଇତିହାସ ରଚନା ପାଇଁ ବିଶେଷ ସହାୟକ ହୋଇଥାଏ ।

ମୋହର

ମୋହରଗୁଡ଼ିକରୁ ଆମେ ରାଜା, ରାଜ୍ୟ, ପ୍ରଶାସନିକ ଅବସ୍ଥିତି, ରାଜକୀୟ ଚିହ୍ନ, ଦେବଦେବୀ ଆଦି ସମ୍ବନ୍ଧରେ ଜାଣିଥାଉ । ହରପ୍ପାଠାରୁ ମିଳିଥିବା ମୋହର ପ୍ରାୟ ଖ୍ରୀ:ପୂ: ୨୫୦୦ ସମୟକାଳର ଅଟେ ତଥା ସେଥିରେ ଛବିଲିପି ଉତ୍କୀର୍ଣ୍ଣ କରାଯାଇଛି, ଯାହାକି ଅଦ୍ୟାବଧି ଚିହ୍ନିତ କରାଯାଇ ପାରି ନାହିଁ; ହେଲେ ଏହି ମୋହରରୁ ଆମେ ସେଠିକାର ପୁରୁଷ ଦେବତା ହୁଏତ ପଶୁପତି ଏବଂ ସେ ସମୟର ପଶୁଗୁଡ଼ିକ ସମ୍ବନ୍ଧରେ ଜାଣିଥାଉ । ବିଭିନ୍ନ ରାଜବଂଶର ମୋହରଗୁଡ଼ିକରେ ରାଷ୍ଟ୍ରର ପ୍ରତୀକ ବା ଚିହ୍ନ ମଧ୍ୟ ରହୁଥିଲା; ଯଥା- ଗୁପ୍ତମାନଙ୍କ ମୋହରରେ ଗରୁଡ଼ଧ୍ୱଜ ଆଦି ।

ଏତଦ୍‌ଭିନ୍ନ ପ୍ରତ୍ନତାତ୍ତ୍ୱିକ ଖନନ ସମୟରେ ଉପଲବ୍ଧ ହେଉଥିବା ଜୀବାଶ୍ମ ଓ କଙ୍କାଳ ମଧ୍ୟ ଇତିହାସ ଗଠନରେ ସାହାଯ୍ୟ କରିଥାଏ । ଅଙ୍ଗାରକ ପଦ୍ଧତି ଏବଂ ରାସାୟନିକ ପରୀକ୍ଷାଦ୍ୱାରା କଙ୍କାଳ ତଥା ଅନ୍ୟାନ୍ୟ ଜୀବାଶ୍ମର ସମୟକାଳ ନିର୍ଣ୍ଣୟ କରାଯିବା ଫଳରେ ସେ ସମୟରେ ବସବାସ କରୁଥିବା ଲୋକଙ୍କର ଗୋଷ୍ଠୀ, ଜାତି ଆଦି ସମ୍ବନ୍ଧରେ ଜଣାଯାଏ । ହରପ୍ପା ଓ ମହେଞ୍ଜୋଦାରୋରୁ ଏହିପରି ଅନେକ କଙ୍କାଳ ଓ ଜୀବାଶ୍ମ ମିଳିଛି; ଫଳରେ ସେହି ସଭ୍ୟତା ନିର୍ମାଣ କରିଥିବା ସମ୍ପ୍ରଦାୟ ସମ୍ବନ୍ଧରେ ଆମେ ଜାଣିଥାଉ ।

ବିଦେଶୀ ପରିବ୍ରାଜକମାନଙ୍କର ଭ୍ରମଣ ବୃତ୍ତାନ୍ତ

ଭାରତୀୟ ଜୀବନ ଶୈଳୀ ଏବଂ ସଭ୍ୟତା ସମ୍ବନ୍ଧରେ ବିଦେଶୀ ପରିବ୍ରାଜକମାନଙ୍କର ଭ୍ରମଣ ବୃତ୍ତାନ୍ତ ଇତିହାସ ରଚନା କରିବା ପାଇଁ ବହୁଳ ଭାବରେ ସହାୟକ ହୋଇଥାଏ । ଭାରତ ସମ୍ପର୍କରେ ରୋମୀୟ ଏବଂ ଗ୍ରୀକ୍ ଲେଖକମାନେ ବିଶେଷ ଭାବରେ ଭାରତୀୟମାନଙ୍କ ସମ୍ପର୍କରେ ଲେଖିଛନ୍ତି । ଏହି ଉତ୍ସକୁ ଆମେ ତିନି ଶ୍ରେଣୀରେ ବିଭକ୍ତ କରିପାରିବା;

ଯଥା- ପାର୍ସିକ ସାହିତ୍ୟିକ ବିବରଣୀ, ଚୀନଦେଶୀୟ ବିବରଣୀ ଏବଂ ମୁସଲମାନ ଲେଖକଙ୍କର ଭାରତ ସମ୍ବନ୍ଧୀୟ ବିବରଣୀ ।

ପାର୍ସିକ ସାହିତ୍ୟିକ ବିବରଣୀ

ହେରୋଡୋଟସ୍, କ୍ଷାଇଲେକ୍ସ ଏବଂ ଟେସିଆସ ଆଦି ଭାରତ ଉପରେ ପାର୍ସୀୟ ଆଧିପତ୍ୟ ସମ୍ପର୍କରେ ଲେଖିଛନ୍ତି । ଭାରତୀୟମାନଙ୍କ ମଧ୍ୟରେ ଅନେକ ପ୍ରକାରର ବିବିଧତା ରହିଥିବା ସମ୍ବନ୍ଧରେ ହେରୋଡୋଟସ୍ ପ୍ରକାଶ କରିଛନ୍ତି । ଆଲେକଜାଣ୍ଡରଙ୍କ ଭାରତ ଅଭିଯାନ ସମୟରେ ପାଶ୍ଚାତ୍ୟ ଜଗତ ସହିତ ଭାରତର ସମ୍ପର୍କ ସ୍ଥାପିତ ହୋଇଥିଲା । ଆଲେକଜାଣ୍ଡରଙ୍କ ସହିତ ନିଅର୍କସ୍, ଓନେସିକ୍ରିଟସ୍, ଆରିଷ୍ଟୋବୁଲସ୍, ଡ଼ିମାକସ୍ ଆଦି ପ୍ରସିଦ୍ଧ ଐତିହାସିକ ମଧ୍ୟ ଭାରତକୁ ଆସିଥିଲେ । ସେମାନେ ଆଲେକଜାଣ୍ଡରଙ୍କ କାହାଣୀ ସହିତ ଉତ୍ତର-ପୂର୍ବ ଭାରତ ସମ୍ବନ୍ଧରେ ଉପାଦେୟ ବିବରଣୀ ପ୍ରଦାନ କରିଛନ୍ତି । ଭାରତ ସମ୍ବନ୍ଧରେ ଲେଖିଥିବା ବିଦେଶୀ ପାର୍ସିକ ସାହିତ୍ୟିକମାନଙ୍କର ମଧ୍ୟରେ ଅଗ୍ରଣୀ ଥିଲେ ମେଗାସ୍ଥିନିସ୍ । ସେ ଥିଲେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜଦରବାରରେ ଅବସ୍ଥାପିତ ଗ୍ରୀକ୍ ରାଜା ସେଲ୍ୟୁକସ୍ ନିକେଟରଙ୍କ ରାଜଦୂତ । ତାଙ୍କ ଦ୍ୱାରା ରଚିତ ପୁସ୍ତକ "ଇଣ୍ଡିକା"ରେ ସେ ଭାରତୀୟ ରାଜନୈତିକ, ସାମାଜିକ ଏବଂ ଧାର୍ମିକ ଜୀବନର ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଛନ୍ତି । ପ୍ରାଚୀନ ଭାରତୀୟ ଇତିହାସ ସମ୍ବନ୍ଧରେ "ଇଣ୍ଡିକା" ଏକ ମୂଲ୍ୟବାନ ଗ୍ରନ୍ଥ ଅଟେ । ଆରିଆନ୍, ଡିଓଡୋରସ୍, ଷ୍ଟ୍ରାବୋ ଆଦି ଲେଖକ ମେଗାସ୍ଥିନିସ୍‌ଙ୍କ ବିବରଣୀରୁ ଉଦ୍ଧୃତ କରି ସେମାନଙ୍କ ଗ୍ରନ୍ଥଗୁଡ଼ିକୁ ନିଜ ନିଜ ପୁସ୍ତକରେ ସ୍ଥାନିତ କରିଛନ୍ତି । ପ୍ଲୁଟାର୍କ ଆଲେକଜାଣ୍ଡରଙ୍କ ଜୀବନୀ ରଚନା କରିଛନ୍ତି । ସେଥିରେ ସେ ତାଙ୍କର ଭାରତ ଆକ୍ରମଣର ବିବରଣୀ ମଧ୍ୟ ପ୍ରଦାନ କରିଛନ୍ତି । କର୍ଟିୟସ୍ ତାଙ୍କ ପୁସ୍ତକ "ଏରିଷୋମ୍"ରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଜୀବନୀ ସମ୍ବନ୍ଧରେ ଆଲୋକପାତ କରିଛନ୍ତି । ପ୍ଲିନି ସମସାମୟିକମାନଙ୍କରେ ଭାରତୀୟ ଜାତିଗୁଡ଼ିକର ଭୌଗୋଳିକ ଅବସ୍ଥିତି, ସାମାଜିକ, ଜଳବାୟୁ ଆଦି ଜାଣିବା ପାଇଁ ବିଶେଷ ଉପାଦେୟ ପୁସ୍ତକ ହୋଇଛି ଟଲେମିଙ୍କ ଦ୍ୱାରା ରଚିତ "ଜ୍ୟୋଗ୍ରାଫି" । ପ୍ଲିନି ତାଙ୍କ "ନେଚୁରାଲ ହିଷ୍ଟୋରି" ପୁସ୍ତକରେ ଭାରତର ପ୍ରକୃତି, ପ୍ରାକୃତିକ ସମ୍ପଦ, ଜୀବଜନ୍ତୁ, ବୃକ୍ଷଲତା ଆଦିର ବିଶଦ ବିବରଣୀ ପ୍ରଦାନ କରିଛନ୍ତି । ଫ୍ଲିଷ୍ଟସ୍ ମଧ୍ୟ ଆଲେକଜାଣ୍ଡରଙ୍କ ସ୍ଥାପିତାନୀର ଏକ ସୁନ୍ଦର ବିବରଣୀ ପ୍ରଦାନ କରିଛନ୍ତି ।

ଚୀନଦେଶୀୟ ବିବରଣୀ

ବୌଦ୍ଧଧର୍ମର ପ୍ରଚାର ଯୋଗୁ ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା । ଭାରତବର୍ଷରୁ ବୌଦ୍ଧଧର୍ମର ବିଭିନ୍ନ ପବିତ୍ର ସ୍ଥାନଗୁଡ଼ିକୁ ଦର୍ଶନ କରିବା ପାଇଁ ଚୀନ ଦେଶରୁ ଅନେକ ତୀର୍ଥଯାତ୍ରୀ ଆସୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ତୀର୍ଥଯାତ୍ରୀ ଭାରତୀୟ ସାମାଜିକ, ଧାର୍ମିକ ଏବଂ ରାଜନୈତିକ ଆଦି ଜୀବନ ଯାତ୍ରା ସମ୍ବନ୍ଧରେ ବିବରଣୀମାନ ପ୍ରସ୍ତୁତ କରିଥିଲେ ତଥା ଚୀନ୍‌କୁ ଅନେକ ବିବରଣୀ ଏଠି ଛାଡ଼ି ଯାଇଥିଲେ । ଖ୍ରୀ:ପୂ: ୧ମ ଶତାବ୍ଦୀରେ ଭାରତ ସମ୍ବନ୍ଧରେ ଚୀନ ଐତିହାସିକ ସୁମାଚେନ୍ ଏକ ନିର୍ଭରଯୋଗ୍ୟ ଐତିହାସିକ ବିବରଣୀ ପ୍ରସ୍ତୁତ କରିଥିଲେ । ଫାହି-ୟାନ୍, ଚୀନର ସୁ-ତି ଏବଂ ଭାରତର କୁଶାଣ ରାଜବଂଶ ସମ୍ବନ୍ଧରେ ଇତିହାସ ରଚନା କରିଥିଲେ । ଧାର୍ମିକ ପରିବ୍ରାଜକ ଫା-ହିୟାନ୍, ଗୁପ୍ତ ସମ୍ରାଟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ କାଳରେ ଭାରତ ଭ୍ରମଣରେ ଆସିଥିଲେ । ତାଙ୍କ ଦ୍ୱାରା ଲିଖିତ ବିବରଣୀ ଗୁପ୍ତ ରାଜବଂଶ ସମ୍ବନ୍ଧରେ ଜାଣିବା ପାଇଁ ମୁଖ୍ୟ ଉପାଦାନ ଅଟେ । ଫା-ହିୟାନ୍, ହୁଏନ-ସାଂ ଭାରତ, ଚୀନ ଭାରତ, ଉପାଦେୟ ତଥ୍ୟ ଆଦି ଭ୍ରମଣ କରି ପ୍ରତ୍ୟେକ ବୌଦ୍ଧଧର୍ମ ସମ୍ବନ୍ଧରେ ପ୍ରବଚିତ ପୁସ୍ତକ ଯୋ-କୋ-କି ରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଯାଇଛନ୍ତି । ଇତ୍-ସିଂ ଭାରତରେ ବୌଦ୍ଧଧର୍ମ ସମ୍ବନ୍ଧୀୟ ଅନେକ ପୁସ୍ତକ ରଚନା କରିଛନ୍ତି ।

ଭାରତ ଭ୍ରମଣକାରୀମାନଙ୍କ ମଧ୍ୟରେ ଭ୍ରମଣକାରୀ ହୁଏନ୍-ସାଂ, ସମ୍ରାଟ ହର୍ଷବର୍ଦ୍ଧନଙ୍କ ସମୟରେ ଚୀନ ଦେଶରୁ ଭାରତ ଭ୍ରମଣରେ ଆସିଥିଲେ । ସେ ଛାଡ଼ି ଯାଇଥିବା ତାଙ୍କ ଭ୍ରମଣ ପୁସ୍ତକ "ସି-ୟୁ-କି"ରେ ଭାରତୀୟ

ରାଜନୀତି, ଧର୍ମଧାରା, ସମାଜ ଓ ଅର୍ଥନୀତି ଉପରେ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି । ପ୍ରାଚୀନ ଭାରତୀୟ ଇତିହାସ ଲିଖନ ପାଇଁ ଲାମା ତାରାନାଥଙ୍କ ରଚିତ ପୁସ୍ତକ ଦୁଲ୍‌ଭା ଏବଂ ତାଙ୍ଗ୍ୟୁର୍ ବିଶେଷ ଉପାଦେୟ ଅଟନ୍ତି । ବିଭିନ୍ନ ଲେଖକଙ୍କ ସମ୍ବନ୍ଧରେ ଅଧ୍ୟୟନ କଲେ ଏହା ସ୍ପଷ୍ଟ ହୁଏ ଯେ, ପାର୍ଥିବ ସାହିତ୍ୟିକମାନେ ରାଜନୈତିକ ଏବଂ ପ୍ରଶାସନିକ ବିଷୟ ଉପରେ ବିଶେଷ ମହତ୍ତ୍ୱ ଦେଇଥିବା ବେଳେ ପରିବ୍ରାଜକମାନେ ତାଙ୍କ ବିବରଣୀରେ ବୌଦ୍ଧଧର୍ମର ସ୍ଥିତାବସ୍ଥା ଏବଂ ସାମାଜିକ ଜୀବନକୁ ମହତ୍ତ୍ୱ ଦେଇଛନ୍ତି । ଯେପରିକି ମେଗାସ୍ଥିନିସ୍‌ଙ୍କ ପୁସ୍ତକରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନ ପଦ୍ଧତି, ଦରବାରୀ ଏବଂ ସାମରିକ ଜୀବନ, ରାଜପ୍ରାସାଦ ଓ ନଗର ନିର୍ମାଣ ଆଦି ନିଖୁଣ ଓ ଜୀବନ୍ତ ରୂପରେ ଚିତ୍ରଣ କରାଯାଇଛି ।

ମୁସଲମାନ ଲେଖକମାନଙ୍କର ବିବରଣୀ

ଖ୍ରୀ:ଅ: ୧୦ମ ଶତାବ୍ଦୀରେ ଆରବୀୟ ପଣ୍ଡିତ ଆଲ୍-ବେରୁଣି ଆକ୍ରମଣକାରୀ ଗଜନୀର ସୁଲତାନ ମାମୁଦ୍‌ଙ୍କ ସହିତ ଭାରତ ଆସିଥିଲେ । ସଂସ୍କୃତର ସେ ଥିଲେ ଜଣେ ମହାନ୍ ପଣ୍ଡିତ । ତାଙ୍କ ରଚିତ "ତେହେକିକ୍-ଇ-ହିନ୍ଦ୍" ହେଉଛି ଭାରତ ସମ୍ବନ୍ଧରେ ଏକ ଯୁଗାନ୍ତକାରୀ ପୁସ୍ତକ । ଭାରତ ଏବଂ ଭାରତୀୟମାନଙ୍କ ସମ୍ବନ୍ଧରେ ଏହା ସୂଚନା ପ୍ରଦାନକାରୀ ଏକ ଖଣି ଅଟେ ।

ଦେଖାଯାଏ ଯେ, ବିଦେଶୀ ଲେଖକମାନଙ୍କ ଲେଖାରେ ଅତିରଞ୍ଜନର ମାତ୍ରା ଅତୀବ ନଗଣ୍ୟ ଅଟେ । ସେମାନେ ନିର୍ଲିପ୍ତ ହୋଇ ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରି ବିଶେଷ ଅନୁଧ୍ୟାନପୂର୍ବକ ବିବରଣୀଗୁଡ଼ିକୁ ପ୍ରସ୍ତୁତ କରିଛନ୍ତି; ହେଲେ ମଧ୍ୟ ତାଙ୍କ ଲେଖାରେ କେତେକ ସାଧାରଣ ତ୍ରୁଟିବିଚ୍ୟୁତି ରହିଯାଇଛି, କାରଣ ସେମାନେ ଆଞ୍ଚଳିକ ଭାଷା ଜାଣି ନଥିଲେ । ଭାରତ ସମ୍ବନ୍ଧରେ ଅଧ୍ୟୟନ ପାଇଁ ସେମାନେ ଏଠି ବେଶି ଦିନ ରହି ନଥିଲେ । ସେମାନେ ବିଶେଷତଃ ଗ୍ରୀକ୍ ଲେଖକମାନେ କାନକୁହା କଥା ସବୁକୁ ସତ ରୂପରେ ଲିପିବଦ୍ଧ କରୁଥିଲେ ଏବଂ ଏହିପରି ଭାବରେ ବିଦେଶୀ ଲେଖକମାନେ ଅନେକଗୁଡ଼ିଏ ଭୁଲ୍ ତଥ୍ୟ ପ୍ରଦାନ କରିଯାଇଛନ୍ତି ।

ଲୋକକଥା

ପୁରୁଷାନୁକ୍ରମେ, ପାରମ୍ପରିକ ରୀତିରେ ଚଳି ଆସୁଥିବା ଲୋକକଥା ଅଥବା ସ୍ଥାନୀୟ ବାସିନ୍ଦା, ଆଦିବାସୀ ସମ୍ପ୍ରଦାୟର କାହାଣୀ ଆଦିର ମଧ୍ୟ ଇତିହାସ ଗଠନରେ ମହତ୍ତ୍ୱ ରହିଛି । କୌଣସି ଏକ ସ୍ଥାନକୁ ଅନୁସନ୍ଧାନ ପାଇଁ ପହଞ୍ଚିବା ପରେ ଐତିହାସିକମାନେ ପ୍ରଚଳିତ ଲୋକକଥା ଦ୍ୱାରା ପ୍ରୋତ୍ସାହିତ ହୋଇ ମଧ୍ୟ ସେହି ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନ ଓ ଅନୁସନ୍ଧାନ କରି ବାସ୍ତବ ସତ୍ୟକୁ ଲୋକଲୋଚନକୁ ଆଣିଥାନ୍ତି । ଅଧୁନା ସମୟରେ ଉପକୂଳବର୍ତ୍ତୀ ଓଡ଼ିଶାର ବିଶେଷ କରି ଧୀବର ସମ୍ପ୍ରଦାୟରେ ପ୍ରଚଳିତ ସମ୍ରାଟ ଅଶୋକ ଏବଂ କଳିଙ୍ଗର ଧୀବର କନ୍ୟା କାରୁବାକୀଙ୍କ ମଧ୍ୟରେ ପ୍ରେମ ଉପାଖ୍ୟାନ ଐତିହାସିକମାନଙ୍କୁ ଏ ଦିଗରେ ବିଶେଷ ଅନୁସନ୍ଧାନ ପାଇଁ ପ୍ରେରିତ କରିଥାଏ । ଆଦିବାସୀମାନଙ୍କ କାହାଣୀଗୁଡ଼ିକରୁ ଆମେ ପ୍ରାଚୀନ କାଳ ସମ୍ପର୍କରେ ଅନେକ ସୂଚନା ପାଇଥାଉ । ସେଗୁଡ଼ିକ ଗ୍ରହଣ କରିବା ପୂର୍ବରୁ କିନ୍ତୁ ବିଶେଷ ତର୍ଜମାର ଆବଶ୍ୟକ ହୋଇଥାଏ । ଏହି ଗପଗୁଡ଼ିକରେ ବିଶେଷତଃ ସାମ୍ପ୍ରଦାୟିକ ରୀତିନୀତି, ପୂଜାପାର୍ବଣ, ଦେବଦେବୀ ଏବଂ ସେମାନଙ୍କର ଅଲୌକିକ ଶକ୍ତି ଆଦି ସନ୍ନିବେଶିତ ହୋଇଥାଏ । ଅନେକ କ୍ଷେତ୍ରରେ ସ୍ଥାନୀୟ ରାଜାଙ୍କର ଅଲୌକିକ କାର୍ଯ୍ୟକଳାପର ବିବରଣୀ ରହିଥାଏ । ଯାହାବି ହେଉ ଲୋକକଥା ମଧ୍ୟ କିଛି ଅଂଶରେ ଇତିହାସ ଗଠନରେ ସହାୟକ ହୋଇଥାଏ ।

ଇତିହାସ ଲିଖନର ପ୍ରାଥମିକ ପର୍ଯ୍ୟାୟରେ ପ୍ରାଚୀନ ଭାରତୀୟ ଇତିହାସ ମୁଖ୍ୟତଃ ସାହିତ୍ୟକୃତି ଆଧାରରେ ଗଠିତ ହୋଇଥିଲା । ବିଭିନ୍ନ ସାହିତ୍ୟ ବିଶେଷତଃ ଧାର୍ମିକ ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣିତ ଅନେକ ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନ ପରେ ଅଧୁନା ସମୟରେ ଇତିହାସ ଗଠନର ପ୍ରଣାଳୀ ବଦଳି ଯାଇଛି ଏବଂ ବିଶେଷ ରୂପରେ ବାସ୍ତବିକତା ସହିତ

ସମ୍ପର୍କିତ ପ୍ରତ୍ନତାତ୍ତ୍ୱିକ ଜିନିଷଗୁଡ଼ିକ ଉପରେ ଆଧାରିତ ହୋଇଛି । ସାହିତ୍ୟ ଓ ପୁରାଣରେ ବର୍ଣ୍ଣିତ ଉପାଖ୍ୟାନ ଅପେକ୍ଷା ଇତିହାସ ଗଠନ ପାଇଁ ମୁଦ୍ରା, ଶିଳାଲିପି ଏବଂ ଅନ୍ୟାନ୍ୟ ପ୍ରତ୍ନତାତ୍ତ୍ୱିକ ଉପାଦାନ ବିଶେଷ ମହତ୍ତ୍ୱପୂର୍ଣ୍ଣ ଓ ବାସ୍ତବ ଅଟନ୍ତି । ଉପରୋକ୍ତ ଉପାଦାନଗୁଡ଼ିକର ସଦୁପଯୋଗ କରି ଆମେ ଆମର ପ୍ରାଚୀନ ଇତିହାସ ଗଠନ କରିପାରିବା ।

(ଗ) ଭୌଗୋଳିକ ଇତିହାସ
(Historical Geography)

ଉତ୍ତରମ୍ ଯତ୍ ସମୁଦ୍ରସ୍ୟ
ହିମାଦ୍ରେଶ୍ଚୈବ ଦକ୍ଷିଣମ୍
ବର୍ଷମ୍ ତତ୍ ଭାରତ ନାମଃ
ଭାରତୀ ଯତ୍ର ସନ୍ତତିଃ ॥

ଭାରତବର୍ଷର ଉତ୍ତର ଦିଗରେ ହିମାଳୟ ଏବଂ ଦକ୍ଷିଣ ଦିଗରେ ସମୁଦ୍ର ରହିଥିବାବେଳେ ପୂର୍ବ ଓ ପଶ୍ଚିମ ଦିଗକୁ ସମୁଦ୍ର ଘେରି ରହିଛି । ଭାରତ ଏକ ବିଶାଳ ଦେଶ ଅଟେ । ଏହାକୁ ଉପମହାଦେଶ ମଧ୍ୟ କୁହାଯାଏ । ଏକଦା ଏହାର ସୀମା ପୂର୍ବରୁ ପଶ୍ଚିମକୁ ୪୦୦୦ କି.ମି. ଏବଂ ଉତ୍ତରରୁ ଦକ୍ଷିଣକୁ ୩୨୦୦ କି.ମି. ଦୀର୍ଘ ଥିଲା । ଏହାର ଭୂଭାଗର ସୀମାନ୍ତ ଅଞ୍ଚଳର ପରିବ୍ୟାପ୍ତି ୯୬୦୦ କି.ମି. ହୋଇଥିବା ବେଳେ ସାମୁଦ୍ରିକ ସୀମାନ୍ତ ଅଞ୍ଚଳର ପରିବ୍ୟାପ୍ତି ୮୦୦୦ କି.ମି. ଅଟେ । ଭାରତର କ୍ଷେତ୍ରଫଳ ୩୨,୦୦୦ କି.ମି. ଅଟେ । ଗ୍ରେଟ୍ ବ୍ରିଟେନ୍‌ଠାରୁ ଭାରତର ଆକାର ୨୦ ଗୁଣ ଅଧିକ ଅଟେ । ୧୯୪୭ ଖ୍ରୀ.ଅ.ର ବିଭାଜନ ଓ ସ୍ୱାଧୀନତା ପ୍ରାପ୍ତି ପରେ ଭାରତର ଆକାର ଯଦିଓ ଏକ-ତୃତୀୟାଂଶ କମିଯାଇଛି ତଥାପି ମଧ୍ୟ ଏହା ଏକ ବିଶାଳ ଦେଶର ମାନ୍ୟତା ପାଇ ଆସୁଛି ।

କୌଣସି ଏକ ଅଞ୍ଚଳରେ, ଐତିହାସିକ ଧାରାକୁ ଉନ୍ମୁକ୍ତ କରିବା ସହ ପ୍ରାକୃତିକ ବୈଶିଷ୍ଟ୍ୟର ପରସ୍ପର ସମ୍ପର୍କ ଅଛି । ଭୌଗୋଳିକ ଉପାଦାନର ପରିଚୟ ଆମକୁ ସାଂସ୍କୃତିକ ବିକାଶ ସମ୍ବନ୍ଧରେ ବୁଝିବା ପାଇଁ ଯଥେଷ୍ଟ ସାହାଯ୍ୟ କରେ । ଆହୁରି ମଧ୍ୟ ଭୂଗୋଳ ଓ ପର୍ଯ୍ୟାବରଣକୁ ମୁଖ୍ୟଚାଳକ ଭାବରେ ଗ୍ରହଣ କରାଯାଇ ନ ପାରେ, କାରଣ ସମସ୍ତ ପ୍ରାକୃତିକ ଅଞ୍ଚଳ କେବଳ ସମ୍ଭାବନାର କ୍ଷେତ୍ର ଏବଂ ଏସବୁ ସମ୍ଭାବନାକୁ କାରିଗରୀ କୌଶଳର ସଫଳତା ବଳରେ ମନୁଷ୍ୟ ନିଜେ ହସ୍ତକ୍ଷେପ କରି ବାସ୍ତବତାରେ ପରିଣତ କରିପାରିଛି । ଯୁକ୍ତି ମାଧ୍ୟମରେ କୁହାଯାଏ ଯେ "ପ୍ରକୃତି ବିକାଶର ଗତିପଥ ନିର୍ଦ୍ଧାରଣ କରୁଥିବାବେଳେ ମଣିଷ ବିକାଶର ପ୍ରକାର ଓ ପର୍ଯ୍ୟାବରଣର ସମ୍ପର୍କ ସ୍ଥିର କରେ । ପ୍ରକୃତି ଯେଉଁ ସୀମା ନିର୍ଦ୍ଧାରଣ କରିଛି, ମଣିଷ ନିଜେ ତା'ର ଅନୁଭୂତି ବଳରେ, ତା'ର ସାଧନ ମାଧ୍ୟମରେ ତାକୁ ଜୟ କରିପାରିଛି ।" ଏହା ଏକ ପ୍ରଗତିଶୀଳ ପ୍ରକ୍ରିୟା ଯାହା ମଣିଷର ଅନୁଭୂତି ମଣ୍ଡଳକୁ ଅନବରତ ସମୃଦ୍ଧ କରେ ଏବଂ ମଣିଷର ପର୍ଯ୍ୟାବରଣ ନିୟନ୍ତ୍ରଣର ସମ୍ମୁଖାଞ୍ଚଳକୁ ବିସ୍ତାରିତ କରାଏ । ଏକ ସମୟରେ ଯେଉଁ ପ୍ରାକୃତିକ ବୈଶିଷ୍ଟ୍ୟ ବା ପର୍ଯ୍ୟାବରଣ ଅବସ୍ଥା ମଣିଷ ପାଇଁ ପ୍ରତିକୂଳ ହେଉଥିଲା ତାହା ଅନ୍ୟ ଏକ ଅବସ୍ଥାରେ ସମ୍ଭାବ୍ୟ ପ୍ରାଚୁର୍ଯ୍ୟ ପ୍ରଦାନ କରିଥାଏ ।

ମୌଳିକ ପ୍ରାକୃତିକ ପରିବେଶର ବିଭାଗୀକରଣ

ମୌଳିକ ଭୌଗୋଳିକ ବିଭାଗୀକରଣ ୩ ପ୍ରକାର ଅଟେ ।

(୧) ହିମାଳୟ ଉଚ୍ଚଭୂମି, (୨) ଗାଙ୍ଗେୟ-ଭାରତ ସମତଳଭୂମି ଓ (୩) ଉପଦ୍ୱୀପୀୟ ଭାରତ ।

ପ୍ରତ୍ୟେକ ଭୌଗୋଳିକ ଭୂମିର ପୁନର୍ବାର ବିଭାଗୀକରଣ କରାଯାଇପାରେ । ବର୍ତ୍ତମାନ ସୁଦ୍ଧା ହିମାଳୟର ବୃଦ୍ଧି ଘଟୁଛି । ପର୍ବତମାଳାରୁ ପ୍ରଚୁର ପରିମାଣର ପଟୁ ଓ କ୍ଷୟ ପ୍ରକ୍ରିୟା ମାଧ୍ୟମରେ ସମତଳଭୂମିକୁ ପ୍ରବାହିତ ହେଉଅଛି ।

ଗଙ୍ଗା, ସିନ୍ଧୁ, ବ୍ରହ୍ମପୁତ୍ର, ନଦୀ ସମୂହ ହିମାଳୟ ପର୍ବତମାଳାରୁ ବର୍ଷସାରା ଜଳ ପ୍ଳାବନ କରନ୍ତି । ଉତ୍ତରଭାରତର ଉର୍ବର ସମତଳଭୂମି ଏକ ବୃତ୍ତଚାପରୂପେ ସିନ୍ଧୁର ମୁଖଠାରୁ ଗଙ୍ଗାନଦୀର ମୁଖ ପର୍ଯ୍ୟନ୍ତ ୩୨୦୦ କି.ମି. ପରିବ୍ୟାପ୍ତ ହୋଇଅଛି । ଏହି ବିସ୍ତାରିତ ଭୂମି ପ୍ରାୟ ୩୨୦ କି.ମି. ଚଉଡ଼ା । ଯେତେବେଳେ ସିନ୍ଧୁ ଉପତ୍ୟକା ଉପମହାଦେଶରେ ପ୍ରଥମ ସଭ୍ୟତା ପ୍ରଦାନ କରିଥିଲା, ସେତେବେଳେ ଗାଙ୍ଗେୟ ସମତଳଭୂମି ସହର ଜୀବନକୁ ଲାଳନପାଳନ କରିବା ସହ ବଞ୍ଚେଇ ରଖିଲା ଓ ଖ୍ରୀଷ୍ଟପୂର୍ବ ପ୍ରଥମ ସହସ୍ରାବ୍ଦରେ ରାଷ୍ଟ୍ର, ସମାଜ ଓ ରାଜକୀୟ ଛାଞ୍ଚ ମଧ୍ୟ ବହନ କରିଥିଲା ।

ଭାରତର ସମତଳ ଅଞ୍ଚଳ ଓ ଉପଦ୍ୱୀପୀୟ ଭାରତ ଏକ ବୃହତ ମଧ୍ୟବର୍ତ୍ତୀ ଅଞ୍ଚଳଦ୍ୱାରା ପୃଥକ୍ ହୋଇଛି, ଯାହାକୁ ଉନ୍ନତ ପରିଭାଷାର ଅଭାବରେ ଆମେ କେନ୍ଦ୍ରୀୟ ଭାରତ ବୋଲି କହିପାରୁ । ସେହି ଅଞ୍ଚଳ ଗୁଜୁରାଟଠାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ଦୀର୍ଘ ୧୬,୦୦ କି.ମି. ଧରି ପରିବ୍ୟାପ୍ତ । ରାଜସ୍ଥାନର ଆରାବଳୀ ପର୍ବତ ସିନ୍ଧୁ ଉପତ୍ୟକାକୁ ଉପଦ୍ୱୀପଠାରୁ ପୃଥକ୍ କରିଛି ଏବଂ ମଧ୍ୟବର୍ତ୍ତୀ ଅଞ୍ଚଳକୁ ବିନ୍ଧ୍ୟାଞ୍ଚଳ ଏବଂ ସାତପୁରା ପର୍ବତମାଳା ଏବଂ ଛୋଟନାଗପୁର ମାଳଭୂମିରୂପେ ବର୍ଣ୍ଣିତ କରାଯାଇଛି । ଏହି ଛୋଟନାଗପୁର ଅଞ୍ଚଳ ବିହାର, ବେଙ୍ଗଲ ଓ ଓଡ଼ିଶାର କିଛି ଅଂଶ ଗ୍ରହଣ କରିଛି । ଏହି କେନ୍ଦ୍ରୀୟ ଭାରତ ଅଞ୍ଚଳକୁ ଚାରୋଟି ଉପାଞ୍ଚଳରେ ବିଭକ୍ତ କରାଯାଇପାରେ ।

୧ । ଜୟପୁର ଓ ଉଦୟପୁର ମଧ୍ୟରେ ରାଜପୁତମାନଙ୍କର ଭୂମି ।

୨ । ଉଜୟିନୀ ଚାରିପାଖେ ରହିଥିବା ମାଳଭୂମି ଯାହା ପ୍ରାଚୀନ ସମୟରେ ଅବନ୍ତୀ ନାମରେ ପରିଚିତ ଥିଲା ।

୩ । ନାଗପୁର ଚାରିପାଖେ ଥିବା ବିଦର୍ଭ ବା ଉପାଞ୍ଚଳ ।

୪ । ପୂର୍ବ ମଧ୍ୟପ୍ରଦେଶରେ ଥିବା ଛତିଶଗଡ଼ ଉପତ୍ୟକା ଯାହା ପ୍ରାଚୀନ ସମୟରେ ଦକ୍ଷିଣ କୋଶଳ ନାମ ଧାରଣ କରିଥିଲା ।

ଯଦିଓ ସାଧାରଣତଃ ଆମେ ଜାଣୁ ଯେ, ଏହି ମଧ୍ୟବର୍ତ୍ତୀ ଅଞ୍ଚଳ ସହିତ ଯୋଗାଯୋଗ ଓ ଗମନାଗମନ ସହଜସାଧ୍ୟ ଥିଲା ଏବଂ ଅନ୍ୟ ଭୌଗୋଳିକ ଅଞ୍ଚଳ ସହିତ ମଧ୍ୟ ସମ୍ପର୍କ ଥିଲା ।

କେନ୍ଦ୍ରୀୟ ଭାରତ ବା ମଧ୍ୟବର୍ତ୍ତୀ ଅଞ୍ଚଳର ଦକ୍ଷିଣ ଧାରରେ ଯେଉଁ ଗଠନ ସୃଷ୍ଟି ହୋଇଛି, ତାହାକୁ ଉପଦ୍ୱୀପ ଭାରତ କୁହାଯାଏ । ଏହା ଏକ ପ୍ରାଚୀନ ଭୂଭାଗ, ଯେଉଁଥିରେ ସ୍ଥାୟିତ୍ୱର ଚିହ୍ନ ଦେଖିବାକୁ ମିଳେ । ଏହି ପ୍ରସ୍ତର ଗଠନ ଧୀରେ ଧୀରେ ପଶ୍ଚିମ ଆଡ଼ୁ ପୂର୍ବଆଡ଼କୁ ଗଡ଼ି ଆସିଛି ଏବଂ ଚାରିଟି ମୁଖ୍ୟ ନଦୀ ବଙ୍ଗୋପସାଗର ଆଡ଼କୁ ପ୍ରବାହିତ ହେଉଛନ୍ତି । ଏହି ଚାରି ନଦୀ– ମହାନଦୀ, ଗୋଦାବରୀ, କ୍ରିଷ୍ଣା ଏବଂ କାବେରୀ ପଟୁ ପୂର୍ଣ୍ଣ ସମତଳ ଭୂମି ସୃଷ୍ଟି କରିଛନ୍ତି ଏବଂ ସମତଳ ଭୂମି ଓ ତ୍ରିକୋଣ ଭୂମିରେ ନାଭିକୀୟ ଅଞ୍ଚଳ ସୃଷ୍ଟି କରି ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ଯୁଗରେ ଅନବରତ ସାଂସ୍କୃତିକ ସମୃଦ୍ଧି ଧାରଣକ୍ଷମ ହୋଇପାରିଛନ୍ତି ।

ନର୍ମଦା ଓ ତାପ୍ତିନଦୀ ପଶ୍ଚିମମୁଖୀ ହୋଇ ପ୍ରବାହିତ ହୋଇଛନ୍ତି ଏବଂ କେନ୍ଦ୍ରୀୟ ଭାରତରେ ଦୀର୍ଘ ପାର୍ବତ୍ୟ ଅଞ୍ଚଳକୁ ବିସ୍ତାରିତ ହୋଇ ଗୁଜୁରାଟ ନିକଟସ୍ଥ ଆରବ ସାଗରରେ ମିଶିଛନ୍ତି । ଏହି ଅଞ୍ଚଳ ଦାକ୍ଷିଣାତ୍ୟ ମାଳଭୂମିର ଅଞ୍ଚଳ ରୂପେ ଜଣାଶୁଣା ।

ଏହା ଉତ୍ତରରେ ବିନ୍ଧ୍ୟ ପର୍ବତମାଳାଠାରୁ ଦକ୍ଷିଣରେ କର୍ଣ୍ଣାଟକ ସୀମା ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି । ମହାରାଷ୍ଟ୍ରର କୃଷ୍ଣ ମୃତ୍ତିକା ଏବଂ କେନ୍ଦ୍ରାଞ୍ଚଳ ସଂଯୁକ୍ତ ଅଞ୍ଚଳ ପର୍ଯ୍ୟାପ୍ତ ପରିମାଣରେ ଆର୍ଦ୍ରତା ଧାରଣା କରିପାରୁଥିବାରୁ ସ୍ୱତନ୍ତ୍ର ଭାବରେ ଏ ଅଞ୍ଚଳ ଧନବାନ୍ ଅଟେ । ଏହି ଅଞ୍ଚଳକୁ 'ନିଜସ୍ୱ ଋକ୍ଷ' ଅଞ୍ଚଳ ଭାବରେ ଗ୍ରହଣ କରାଯାଇଛି । ପଶ୍ଚିମରେ ଏହି ମାଳଭୂମି ପଶ୍ଚିମଘାଟ ପର୍ବତମାଳା ନିକଟରେ ଶେଷ ହୋଇଛି ଏବଂ ପୂର୍ବରେ ପୂର୍ବଘାଟ ପର୍ବତମାଳା ନିକଟରେ ଏହାର ସୀମାରେଖା ଚିହ୍ନିତ ହୋଇଛି, ଯାହାଦ୍ୱାରା ଦାକ୍ଷିଣାତ୍ୟ ମାଳଭୂମି ପୂର୍ବାଞ୍ଚଳ ସାମୁଦ୍ରିକ ଉପକୂଳଠାରୁ ଅଲଗା ହୋଇ

ପଶ୍ଚିମରେ ସଂକୀର୍ଣ୍ଣ ଉପତ୍ୟକା ରୂପେ ପରିଣତ ହୋଇଛି । ନୀଳଗିରି ଓ କାଡାମମ୍ ପର୍ବତମାଳା ମୌଳିକ ଉପଦ୍ୱୀପୀୟ ଗଠନର ଉପଶାଖାରୂପେ ଗ୍ରହଣୀୟ ହୋଇଥାନ୍ତି ।

ହିମାଳୟ ପର୍ବତମାଳା ଏବଂ ପଶ୍ଚିମ ସୀମାନ୍ତ

ହିମାଳୟ ପର୍ବତମାଳା ୩ଟି ବିସ୍ତୃତ ଭାଗରେ ବିଭକ୍ତ ହୋଇପାରେ ।

- ପୂର୍ବାଞ୍ଚଳ
- ପଶ୍ଚିମାଞ୍ଚଳ
- କେନ୍ଦ୍ରାଞ୍ଚଳ

ପୂର୍ବାଞ୍ଚଳ ପର୍ବତମାଳା 'ବ୍ରହ୍ମପୁତ୍ରର ପୂର୍ବାଞ୍ଚଳଠାରୁ ଆରମ୍ଭ ହୋଇ ଆସାମ ହୋଇ ଦକ୍ଷିଣ ଚୀନ ପର୍ଯ୍ୟନ୍ତ ଉତ୍ତର-ଦକ୍ଷିଣକୁ ପରିବ୍ୟାପ୍ତ' । ଯଦିଓ ପୂର୍ବାଞ୍ଚଳ ପର୍ବତମାଳାରେ ଗତିପଥ କଷ୍ଟସାଧ୍ୟ ଥିଲା ତଥାପି ପ୍ରାଗ୍-ଐତିହାସିକ ସମୟରୁ ଦକ୍ଷିଣ-ପୂର୍ବ ଏସିଆ ଏବଂ ଦକ୍ଷିଣ ଚୀନ୍‌ର ସାଂସ୍କୃତିକ ପ୍ରଭାବକୁ ଗତିରୋଧ କରିପାରି ନ ଥିଲା । 'କେନ୍ଦ୍ରୀୟ ହିମାଳୟ ଅଞ୍ଚଳ ଭୁଟାନ୍‌ଠାରୁ ଚିତ୍ରାଲ୍ ପର୍ଯ୍ୟନ୍ତ ଓ ପଟ୍ଟଳାକାର ଭୂମି ତିବ୍ବତର ପ୍ରାନ୍ତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଟେ ।' ଏହି ସୀମାନ୍ତ ଅତିକ୍ରମ କରି ଭାରତ ଓ ତିବ୍ବତ ମଧ୍ୟରେ ବାଣିଜ୍ୟ ଓ ଅନ୍ୟାନ୍ୟ ସମ୍ପର୍କ ପ୍ରତିଷ୍ଠିତ ହୋଇପାରିଥିଲା । ସଂକୀର୍ଣ୍ଣ ହିନ୍ଦୁକୁଶ ପର୍ବତମାଳା, ହିମାଳୟଠାରୁ ଦକ୍ଷିଣ-ପଶ୍ଚିମ ଆଡ଼କୁ ଆଫଗାନିସ୍ତାନ ଅନ୍ତର୍ଗତ ପ୍ରାଚୀନ ଗାନ୍ଧାର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି । ଭୌଗୋଳିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ପଶ୍ଚିମ ଆଫଗାନିସ୍ଥାନ ପୂର୍ବାଞ୍ଚଳ ଇରାନ୍ ସହ ସମ୍ପର୍କ ସ୍ଥାପିତ ହୋଇଛି; କିନ୍ତୁ ଦକ୍ଷିଣ-ପୂର୍ବ ଆଫଗାନିସ୍ତାନ, ଭାରତୀୟ ଉପମହାଦେଶ ସହ ନୂତନ ପ୍ରସ୍ତରଯୁଗରୁ ସାଂସ୍କୃତିକ ସମ୍ପର୍କ ରଖିଆସିଅଛି । ଖାଇବର ପଥ, ଅନ୍ୟାନ୍ୟ ପଥ ଓ କାବୁଲ ନଦୀ ସିନ୍ଧୁ ଉପତ୍ୟକା ସହ ସଂଯୋଗ ହୋଇଛି । ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ, ଆଫଗାନିସ୍ତାନ ଅନ୍ତର୍ଗତ ସେର୍ଟଗାୟି ସ୍ଥାନ ହରପ୍ପା ସଭ୍ୟତାରେ ଏକ ବାଣିଜ୍ୟିକ କେନ୍ଦ୍ର ଥିଲା । ପ୍ରାଚୀନ କାବୁଲ୍ ଓ କାନ୍ଦାହାର ସହର ଭାରତ ଓ ଇରାନ ସହ ବାଣିଜ୍ୟିକ ସମ୍ପର୍କ ରଖିପାରିଥିଲେ ।

ଜଣେ ବେଲୁଚିସ୍ତାନ ଆଡ଼କୁ ଗତି କଲାବେଳେ, ଦକ୍ଷିଣ-ପଶ୍ଚିମ ଆଫଗାନିସ୍ତାନ ଅଞ୍ଚଳରେ ମରୁଭୂମିର ତୀବ୍ରତା ଅନୁଭବ କରିପାରେ । ଏହି ଅଞ୍ଚଳ ନୂତନ ପ୍ରସ୍ତରଯୁଗରୁ ପଶୁପାଳନଦ୍ୱାରା ଜୀବିକା ନିର୍ବାହକୁ ଲାଭଜନକ ରୂପେ ବିବେଚନା କରାଯାଏ । ବେଲୁଚିସ୍ତାନର ମାକ୍ରାନ ଅଞ୍ଚଳ ମାନବୀୟ ବସତି ପାଇଁ ଉପଯୋଗୀ ନୁହେଁ । ଉଦାହରଣସ୍ୱରୂପ, ଆଲେକ୍‌ଜାଣ୍ଡର ଭାରତ ଅଭିଯାନ ସାରି ମାକ୍ରାନ୍ ଫେରିବା ବାଟରେ ତାଙ୍କ ପଦାତିକ ବାହିନୀର ଏକ ଅଂଶ ଖାଦ୍ୟ ଓ ଜଳାଭାବ କାରଣରୁ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲେ । ଏହି ଅଞ୍ଚଳକୁ ଏକ ପ୍ରକାର କେନ୍ଦ୍ରସ୍ଥଳୀରୂପେ ବିବେଚନା କରାଯାଉଥିଲା ।

ସିନ୍ଧୁନଦୀର ସମତଳ ଅଞ୍ଚଳ

ଗିରିପଥ, ସିନ୍ଧୁ ନଦୀର ମୂଲ୍ୟବାନ୍ ସମତଳଭୂମି ଦେଇ ଗତି କରିଅଛି, ଯାହାକୁ ଦୁଇଟି ଅଞ୍ଚଳରେ ବିଭକ୍ତ କରାଯାଇପାରେ ।

- ପଞ୍ଜାବ
- ସିନ୍ଧୁ

ପଞ୍ଜାବ (ଏବେ ଭାରତ ପାକିସ୍ତାନଦ୍ୱାରା ବିଭାଜିତ) ଆକ୍ଷରିକ ଅର୍ଥରେ ପଞ୍ଚନଦୀର ଦେଶକୁ ବୁଝାଏ । ସିନ୍ଧୁର ଏହି ପଞ୍ଚ ଉପନଦୀ ସମୂହ ବିସ୍ତୃତ ପଟୁ ସମତଳଭୂମିରେ ପ୍ରବାହିତ ହୋଇ ଉପମହାଦେଶର ଏହି ଅଞ୍ଚଳକୁ ଖାଦ୍ୟ ଭଣ୍ଡାରରେ ପରିଣତ କରିଛନ୍ତି । ଏହି ସମତଳଭୂମିର ପୂର୍ବଭାଗ ଗଙ୍ଗା ଅବବାହିକାରେ ମିଶିଛି । ପଞ୍ଜାବ ସଂସ୍କୃତିର

ତରଳପାତ୍ର ଓ ମିଳନସ୍ଥଳ । ପୂର୍ବ ବିଦ୍ୟମାନ ସଂସ୍କୃତି ଏବଂ ସଂସ୍କୃତିର ଅନାହୂତ ପ୍ରବେଶର ଉପାଦାନ ଏଠାରେ ରଞ୍ଜିତ ହୋଇଛି । ପଞ୍ଜାବ ସମୃଦ୍ଧି ଓ ସାମରିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଆକ୍ରମଣକାରୀମାନଙ୍କୁ ସର୍ବଦା ନିମନ୍ତ୍ରଣ କରିଆସିଛି ।

ସିନ୍ଧୁ ଉପତ୍ୟକାର ନିମ୍ନାଞ୍ଚଳ ଓ ତ୍ରିକୋଣଭୂମି ସିନ୍ଧ୍ ଅଞ୍ଚଳ ଗଠନ କରିଅଛି । ଭୌଗୋଳିକ ଦୃଷ୍ଟିକୋଣରୁ ଏହାର ଉତ୍ତର-ପଶ୍ଚିମରେ ବେଲୁଚିସ୍ତାନ ପାହାଡ଼ ଓ ଦକ୍ଷିଣ-ପୂର୍ବରେ ଥର ମରୁଭୂମି ଅବସ୍ଥିତ । ଏହାର ଗୁଜୁରାଟ ସହିତ ଐତିହାସିକ ସମ୍ପର୍କ ରହିଛି । ଏହି ଅଞ୍ଚଳରେ ବୃଷ୍ଟିପାତ ଅତି କମ୍; କିନ୍ତୁ ପଟୁମାଟି ଅତି ଉର୍ବର । ସିନ୍ଧୁନଦୀ କୂଳରେ ପ୍ରଚୁର ଧାନ ଓ ଗହମ ଉତ୍ପାଦିତ ହୁଏ । ଆଗରୁ ଉଲ୍ଲେଖ କରାଯାଇଛି ଯେ ସିନ୍ଧୁ ଉପତ୍ୟକାରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ସହସ୍ରାବ୍ଦରେ ଉପମହାଦେଶର ପ୍ରଥମ ସହର ସଭ୍ୟତା ଗଢ଼ି ଉଠିଥିଲା । ଏହି ସଭ୍ୟତାର ମୁଖ୍ୟ ସହର ମହେଞ୍ଜୋଦାରୋ ଓ ହରପ୍ପା ଯଥାକ୍ରମେ ପଞ୍ଜାବ ଓ ସିନ୍ଧୁରେ ଅବସ୍ଥିତ ।

ଗାଙ୍ଗେୟ ଉତ୍ତର ଭାରତ

ସିନ୍ଧୁ ଅଞ୍ଚଳଠାରୁ ଗାଙ୍ଗେୟ ଅବବାହିକାର ଜଳବାୟୁ ଅଧିକ ଆର୍ଦ୍ର ଥାଏ ଏବଂ ଭାରତୀୟ-ଗାଙ୍ଗେୟ ବିଭାଜନରେ ହାରାହାରି ବାର୍ଷିକ ବୃଷ୍ଟିପାତ ୫୦ ସେ.ମି.ରୁ ଆରମ୍ଭକରି ବେଙ୍ଗଲରେ ପହଞ୍ଚିବା ବେଳକୁ ୨୦୦ ସେ.ମି. ହୋଇଯାଏ । ଗଙ୍ଗା ସମତଳ ଭୂମିକୁ ତିନୋଟି ଉପାଞ୍ଚଳରେ ବିଭକ୍ତ କରାଯାଏ ।

- ଉପର
- ମଧ୍ୟ ଏବଂ
- ନିମ୍ନ

ଉତ୍ତରପ୍ରଦେଶର ପଶ୍ଚିମ ଓ କେନ୍ଦ୍ରୀୟ ଉଚ୍ଚ ସମତଳ ଭୂମି ବିସ୍ତୃତ ଭାବେ ଦୋଆବ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ । ଏହି ଅଞ୍ଚଳରେ ହରପ୍ପା ସଂସ୍କୃତିର ବିସ୍ତାରଣ ହୋଇଛି ବୋଲି ପ୍ରାମାଣିକ ତଥ୍ୟ ମିଳୁଛି । ଏହା ଥିଲା ସଂଚିତ୍ରିତ ଗ୍ରେଓ୍ୱାର ସଂସ୍କୃତିର କେନ୍ଦ୍ରସ୍ଥଳ ଓ ପରବର୍ତ୍ତୀ ବୈଦିକ ସମୟରେ ଏହି ସ୍ଥାନ ଥିଲା ସ୍ପନ୍ଦନ ସୃଷ୍ଟିକାରୀ କାର୍ଯ୍ୟକଳାପର ପେଣ୍ଠସ୍ଥଳ ।

ଗଙ୍ଗାଯମୁନାର ସଙ୍ଗମ ସ୍ଥଳ, ଦୋଆବର ଶେଷ ସ୍ଥାନରେ ଆଲ୍ଲାହାବାଦ ଅବସ୍ଥିତ (ପ୍ରାଚୀନ ପ୍ରୟାଗ) । ମଧ୍ୟ ଗାଙ୍ଗେୟ ସମତଳ ଭୂମି ପୂର୍ବ ଉତ୍ତରପ୍ରଦେଶ ଓ ବିହାର ସହ ସମ୍ପର୍କ ରଖେ । ଏହି ସ୍ଥାନରେ ପ୍ରାଚୀନ କୋଶଳ, କାଶୀ ଏବଂ ମଗଧ ଅବସ୍ଥିତ । ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀଠାରୁ ଏହା ଥିଲା ସହର ଜୀବନ, ମୁଦ୍ରା ଅର୍ଥନୀତି ଏବଂ ବାଣିଜ୍ୟର କେନ୍ଦ୍ରସ୍ଥଳ । ମୌର୍ଯ୍ୟ ସାମ୍ରାଜ୍ୟର ବିସ୍ତାରଣ ପାଇଁ ଏହି ଅଞ୍ଚଳ ପ୍ରଧାନ ସୂତ୍ରଧର ଥିଲା ଏବଂ ଗୁପ୍ତ ସମୟ ପର୍ଯ୍ୟନ୍ତ ରାଜନୈତିକ ଗୁରୁତ୍ୱ ବହନ କରିଥିଲା । (ଖ୍ରୀ.ଅ. ୫ମ ଶତାବ୍ଦୀ)

ଭୌଗୋଳିକ ଦୃଷ୍ଟିକୋଣରୁ ଉପର ଓ ମଧ୍ୟ ଗାଙ୍ଗେୟ ସମତଳ ଭୂମିର ସଂଜ୍ଞା ପ୍ରଦାନ କରାଯାଇପାରେ । ଏହା ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ କେନ୍ଦ୍ରୀୟ ଭାରତ ପର୍ବତମାଳା ପର୍ଯ୍ୟନ୍ତ ପରିବ୍ୟାପ୍ତ । ନିମ୍ନ ସମତଳ ଭୂମି ବେଙ୍ଗଲ ରାଜ୍ୟର ଦ୍ୱୈତ ଶେଷ ସୀମାରେ ଉପନୀତ । ବଙ୍ଗଳାର ବିସ୍ତୃତ ସମତଳ ଭୂମି ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ ଆନୀତ ପଟୁମାଟିଦ୍ୱାରା ଗଠିତ । ନିମ୍ନାଞ୍ଚଳ ସମତଳ ଭୂମିରେ ପ୍ରଚୁର ବୃଷ୍ଟିପାତ ଯୋଗୁଁ ଜଙ୍ଗଲ ଓ ସନ୍ତସନ୍ତିଆ ଭୂମି ସୃଷ୍ଟି ହୋଇଥାଏ, ଯାହାଦ୍ୱାରା କି ବଙ୍ଗଳାରେ ପ୍ରାଚୀନ ବସତି ସ୍ଥାପନ କଷ୍ଟସାଧ୍ୟ ହୋଇଥିଲା । ଲୌହ ପ୍ରଯୁକ୍ତିବିଦ୍ୟାର ନିୟନ୍ତ୍ରଣ ଓ ବୃହତ୍ତର ଉପଯୋଗ ଫଳରେ ଦୁର୍ଗମ ପଟୁମାଟିର ଉର୍ବରତାକୁ ସଦୁପଯୋଗ କରାଯାଇପାରିଲା । ମଧ୍ୟ ସମତଳ ଭୂମିଠାରୁ ଏହି ଅଞ୍ଚଳରେ ଅପେକ୍ଷାକୃତ ବିଳମ୍ବରେ ସହରୀ ସଂସ୍କୃତି ପ୍ରସାରିତ ହୋଇଥିଲା । ପ୍ରାଚୀନକାଳରୁ ବଙ୍ଗଳାରେ ଅନେକ ପୋଖରୀ ସୃଷ୍ଟି ହୋଇଥିଲା ।

ଗଙ୍ଗା ନଦୀର ସମତଳ ଭୂମିରେ ଅନେକ ବୃହତ୍ ଜନବସତି ରହିଛି ଏବଂ ଅନ୍ୟ ଅଞ୍ଚଳ ଅପେକ୍ଷା ଏହି ଅଞ୍ଚଳ ଅଧିକ ଜନସଂଖ୍ୟାର ଘନତ୍ୱ ବହନ କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ପାରମ୍ପରିକ ସ୍ତର ଦେଇ ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦରୁ ଗଢ଼ି ଉଠିଥିବା ଭାରତୀୟ ସଭ୍ୟତାର ଏହି ଅଞ୍ଚଳ ହେଉଛି ହୃଦୟଭୂମି । ବଙ୍ଗଳା ସମତଳ ଭୂମିକୁ ଲାଗି ରହିଥିବା ବିସ୍ତୃତ ଆସାମ ଉପତ୍ୟକା ବ୍ରହ୍ମପୁତ୍ର ନଦୀଦ୍ୱାରା ସୃଷ୍ଟି ହୋଇଛି । ଆସାମ ଉପତ୍ୟକା ଅଞ୍ଚଳ ୬୦୦ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଟେ । ସାଂସ୍କୃତିକ ଦୃଷ୍ଟିକୋଣରୁ ବଙ୍ଗଳା ଆସାମରେ ନିକଟତର; ମାତ୍ର ଐତିହାସିକ ବିକାଶ ଦୃଷ୍ଟିରୁ ଏହା ଓଡ଼ିଆ ଭଳି ବିଳମ୍ବିତ ସମୟରେ ମୁଣ୍ଡ ଟେକିଥିଲା ।

ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ ଏବଂ କେନ୍ଦ୍ରୀୟ ଭାରତ

ଆମେ ଆଗରୁ ଯାହା ଲକ୍ଷ୍ୟ କରିଛେ, କେନ୍ଦ୍ରୀୟ ଭାରତ ସମ୍ପୂର୍ଣ୍ଣରୂପେ ଏକ ଅଲଗା ଅଞ୍ଚଳ ଥିଲା ଏବଂ ଏହାର କେନ୍ଦ୍ରୀୟ ମଧ୍ୟବିନ୍ଦୁ ନ ଥିଲା । ଏହା ଏକ ପାର୍ବତ୍ୟ ଅଞ୍ଚଳ । ତାହା ସତ୍ତ୍ୱେ, ଏହି ଭୌଗୋଳିକ ବିଭାଗର ଉତ୍ତର-ପଶ୍ଚିମ ଅଂଶରେ ଆରାବଳୀ ପର୍ବତ ଅବସ୍ଥିତ ଏବଂ ଏହି ପର୍ବତ ଉତ୍ତର-ପଶ୍ଚିମ ଦିଗରୁ ଉତ୍ତର-ପୂର୍ବ ଆଡ଼କୁ ପରିବ୍ୟାପ୍ତ । ଆରାବଳୀ ପ୍ରାୟ ମରୁମୟ ରାଜ୍ୟ ରାଜସ୍ଥାନକୁ ଦ୍ୱିଖଣ୍ଡିତ କରିଅଛି । ଏହି ରାଜ୍ୟରେ ଦକ୍ଷିଣ-ପୂର୍ବାଞ୍ଚଳ, ଆରାବଳୀର ପୂର୍ବଆଡ଼କୁ ଏକ ଉପାଞ୍ଚଳ, ଯାହାକୁ ମାଲୱା କୁହାଯାଏ । ଏହି ଅଞ୍ଚଳରେ ମୃତ୍ତିକାର ଉର୍ବରତା କାରଣରୁ, ଜଳସେଚନର ଅଭାବ ସତ୍ତ୍ୱେ ଭଲ ଶସ୍ୟ ଉତ୍ପନ୍ନ ହୁଏ । ଏହି ଅଞ୍ଚଳରେ ତାମ୍ରପ୍ରସ୍ତର ଯୁଗର ସଭ୍ୟତା ଯଥେଷ୍ଟ ଭାବରେ ପରିଲକ୍ଷିତ ହୁଏ । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଏହି ଅଞ୍ଚଳ ମଧ୍ୟ-ଭାରତର ହରପ୍ପା ଏବଂ ଉତ୍ତର ଓ ଦାକ୍ଷିଣାତ୍ୟର ସେତୁରୂପେ କାର୍ଯ୍ୟ କରେ । ସାଂସ୍କୃତିକ ଦୃଷ୍ଟିରୁ ପରବର୍ତ୍ତୀ ଯୁଗରେ ଏହି ଅଞ୍ଚଳ ଉତ୍ତରସ୍ଥ ସମତଳ ଭୂମିର ପରିବର୍ଦ୍ଧନରୂପେ ସୃଷ୍ଟି ହୋଇଛି ବୋଲି ମନେ କରାଯାଏ । ପୂର୍ବରେ ଛତିଶଗଡ଼ ସମତଳ ଅଞ୍ଚଳ, ଉପର ମହାନଦୀ ଅବବାହିକାରେ ଏକ କ୍ଷୁଦ୍ର ଅଞ୍ଚଳ, ଯେଉଁଠି ଉତ୍ତମ ବୃଷ୍ଟିପାତ ହୁଏ ଓ ଯଥେଷ୍ଟ ଧାନ ଉତ୍ପନ୍ନ ହୁଏ । ଚତୁର୍ଥ-ପଞ୍ଚମ ଶତାବ୍ଦୀଠାରୁ ପଶ୍ଚିମ ଓଡ଼ିଶାର ଦୋଳାୟିତ ଉଚ୍ଚଭୂମି ସହିତ ଏହି ଅଞ୍ଚଳମାନେ ଆସୁଥିବାରୁ ଏମାନଙ୍କ ମଧ୍ୟରେ ସାଂସ୍କୃତିକ ଓ ରାଜନୈତିକ ପ୍ରଭାବ ରହିଛି ।

ଆମେମାନେ ଯେଉଁ ଅଞ୍ଚଳକୁ କେନ୍ଦ୍ରୀୟ ଭାରତରୂପେ ନାମିତ କରିଛେ ତାହା ବର୍ତ୍ତମାନର ମଧ୍ୟପ୍ରଦେଶରୂପେ ପରିଚିତ । ଏଠାରେ ଉତ୍ତରରୁ ଦକ୍ଷିଣକୁ ଗତିବିଧି, ବିନ୍ଧ୍ୟ ଓ ସାତପୁରା ପର୍ବତମାଳାଦ୍ୱାରା ଏବଂ ନର୍ମଦା, ତାପ୍ତିନଦୀଦ୍ୱାରା ବିଘ୍ନିତ ହୋଇଛି । କେନ୍ଦ୍ରୀୟ ଭାରତ ଦକ୍ଷିଣ ବିହାର, ପଶ୍ଚିମ ଓଡ଼ିଶା ଏବଂ ପୂର୍ବ ମଧ୍ୟପ୍ରଦେଶରେ ଜନଜାତିମାନଙ୍କର କେନ୍ଦ୍ରୀକରଣ ହୋଇଛି । ତଥାପି ଏହି ଅଞ୍ଚଳକୁ ଏକ ମନ୍ଥର କିନ୍ତୁ ଦୃଢ଼ ଅନ୍ତଃ-ପ୍ରବେଶର ଅଞ୍ଚଳରୂପେ ମନେକରାଯାଏ । ପ୍ରାଚୀନ ଐତିହାସିକ ସମୟରୁ, ଅଧିକନ୍ତୁ ଗୁପ୍ତ ଯୁଗରୁ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସାଂସ୍କୃତିକ ପ୍ରଭାବ ଏଠାରେ ଜନଜାତିମାନଙ୍କୁ ପ୍ରଭାବିତ କରିବା ସହ ସମନ୍ୱିତ କରିଛି ଏବଂ ଏହି ଅଞ୍ଚଳରେ ଭାରତୀୟ ସମାଜର ଶକ୍ତିଶାଳୀ ଜାତିଭିତ୍ତିକ କୃଷକ ଭିତ୍ତିଭୂମି ସୃଷ୍ଟି ହୋଇଛି ।

କେନ୍ଦ୍ରୀୟ ଭାରତ ଅଞ୍ଚଳର ପଶ୍ଚିମରେ ଗୁଜୁରାଟ ଅବସ୍ଥିତ । ଏହା ତିନୋଟି ପ୍ରାକୃତିକ ଅଞ୍ଚଳରେ ଗଠିତ ସୌରାଷ୍ଟ୍ର, ଅନାର୍ତ୍ତ (ଉ. ଗୁଜୁରାଟ) ଏବଂ ଲଟ୍ (ଦ. ଗୁଜୁରାଟ) ଆଂଶିକ ଶୁଷ୍କପବନଦ୍ୱାରା ଗଠିତ ମୃତ୍ତିକା ଅନାର୍ତ୍ତ ଅଞ୍ଚଳର ଲକ୍ଷଣ ଏବଂ ପଶ୍ଚିମ ଉପକୂଳରେ ଉର୍ବର ଅଞ୍ଚଳଦ୍ୱାରା ଲାଟ ଗଠିତ । କାଥିଆୱାର, ଗୁଜୁରାଟର କେନ୍ଦ୍ରୀୟ ଉପଦ୍ୱୀପରୂପେ ପରିଚିତ । ରାନ୍ ଅଫ୍ କଚ୍ଛର ନିମ୍ନ ଅବସ୍ଥିତି ଅନ୍ୟ ଏକ ଲକ୍ଷଣ, ଯାହାକି ମୌସୁମୀ ପ୍ରବାହ ସମୟରେ ଜଳଭୂମିରେ ପରିଣତ ହୁଏ । ଏହିସବୁ ଭୌଗୋଳିକ ବିଭାଗୀକରଣ ସତ୍ତ୍ୱେ ଗୁଜୁରାଟର ସାଂସ୍କୃତିକ ପରିଚୟ ଓ ଏକତ୍ୱ ରହିଛି, କାରଣ ପୂର୍ବରେ ବିନ୍ଧ୍ୟ ଓ ପଶ୍ଚିମଘାଟ ପର୍ବତମାଳାଦ୍ୱାରା ଆବଦ୍ଧ ଓ ଉତ୍ତରରେ ମରୁଭୂମିଦ୍ୱାରା ଆବଦ୍ଧ । ଯଦିଓ ଏହା ଏକ ନିଃସଙ୍ଗ ଅଞ୍ଚଳରୂପେ ଜଣାଯାଏ; କିନ୍ତୁ ବାସ୍ତବରେ ହରପ୍ପା ସଭ୍ୟତା ସମୟରୁ ଏହି ଅଞ୍ଚଳରେ ଅବିରତ

ପ୍ରାଚୀନ ବସତି ସ୍ଥାପିତ ହୋଇଛି । ସିନ୍ଧୁ ସହ ଭୌଗୋଳିକ ନିକଟତା ଦୃଷ୍ଟିରୁ ସୌରାଷ୍ଟ୍ରରେ ହରପ୍ପା ସଭ୍ୟତାର ସମ୍ପ୍ରସାରଣ ଅନୁଭୂତ ହୁଏ । ଭାରତର ସୁଦୂର ପଶ୍ଚିମାଞ୍ଚଳ ଓ ସିନ୍ଧୁ ମଧ୍ୟସ୍ଥ ଏହି ଅଞ୍ଚଳ ଏକ ମଧ୍ୟବର୍ତ୍ତୀ ଅଞ୍ଚଳରୂପେ ପରିଗଣିତ ହୁଏ । ନର୍ମଦା, ତାପ୍ତୀ, ସାବରମତି, ମହାନଦୀ ପ୍ରଭୃତି ନଦୀଗୁଡ଼ିକ କେନ୍ଦ୍ରୀୟ ଭାରତର ପର୍ବତମାନଙ୍କରୁ ଆଣୁଥିବା ପଟୁମାଟିଦ୍ୱାରା ସମୃଦ୍ଧ ଅଟେ । ଗୁଜୁରାଟର ନିରାପତ୍ତାଗତ ଅବସ୍ଥିତି ଓ ଦୀର୍ଘ ଉପକୂଳ ଯୋଗୁଁ ଚାରି ହଜାର ବର୍ଷ ଧରି ଉପକୂଳ ଓ ବହିର୍ବାଣିଜ୍ୟର କେନ୍ଦ୍ର ହୋଇପାରିଥିଲା ।

ଗଙ୍ଗାନଦୀର ଦକ୍ଷିଣ-ପଶ୍ଚିମ ତ୍ରିକୋଣଭୂମି ଆଡ଼କୁ ଓ କେନ୍ଦ୍ରୀୟ ଭାରତରେ ପୂର୍ବାଞ୍ଚଳସୀମା ପର୍ବତମାଳା ଆଡ଼କୁ ଓଡ଼ିଶାର ଉପକୂଳ ସମତଳ ଭୂମି ଅବସ୍ଥିତ । ଉପକୂଳ ସମତଳ ଭୂମି ଅଞ୍ଚଳ ବୃହତ୍ ଭାବେ ମହାନଦୀ ତ୍ରିକୋଣଭୂମିରେ କେନ୍ଦ୍ରୀଭୂତ ଯଦିଓ ବଙ୍ଗୋପସାଗରରେ ଏକା ତଟ ଅଞ୍ଚଳରେ ଅନ୍ୟ କେତେକ ନଦୀ ଯୋଗ ଦେଇଛନ୍ତି । ପୂର୍ବ ସୂଚନା ଅନୁସାରେ ପଶ୍ଚିମ ଓଡ଼ିଶା, କେନ୍ଦ୍ରାଞ୍ଚଳ ଭାରତୀୟ ପର୍ବତମାଳାର ସମ୍ପ୍ରସାରଣ ଯିଏକି ଛତିଶଗଡ଼ ସମତଳ ଭୂମି ଭଳି ଏକା ପ୍ରକାରର ବୈଶିଷ୍ଟ୍ୟ ପ୍ରଦର୍ଶନ କରିଆସିଛି । ତେଣୁ ଓଡ଼ିଶାରେ ଦୁଇ ପ୍ରକାରର ଭୌଗୋଳିକ ପରିବେଶ ଦେଖାଯାଏ, ଯେଉଁଥିରେ କି ବୃଦ୍ଧି ଓ ବିକାଶର ଅସାମଞ୍ଜସ୍ୟ ଦେଖିବାକୁ ମିଳେ । ଉର୍ବର ଉପକୂଳ ସମତଳ ଭୂମିର ସମୃଦ୍ଧ କୃଷି ଭିତ୍ତିଭୂମି, ଏକ ମୁଖ୍ୟ ଭୂମିରୂପ ଗ୍ରହଣ କରିବା ସହିତ ସାମାଜିକ ସାଂସ୍କୃତିକ ବିକାଶର କେନ୍ଦ୍ରସ୍ଥଳରୂପେ ଗଣ୍ୟ କରାଯାଏ । ବିଳମ୍ବିତ ପ୍ରଥମ ଖ୍ରୀଷ୍ଟାବ୍ଦ ସହସ୍ରାବ୍ଦରେ ଓଡ଼ିଶା ତାହାର ଭାଷାଗତ ଓ ସାଂସ୍କୃତିକ ପରିଚୟ ପ୍ରଦାନ କରିଥିଲା ।

ଉପଦ୍ୱୀପ ଭାରତ

ଦାକ୍ଷିଣାତ୍ୟ ମାଳଭୂମି ଏବଂ ପରିବେଷ୍ଟିତ ଉପକୂଳ ସମତଳଭୂମି ଭାରତର ସୀମାରେଖାର ସଂଜ୍ଞା ପ୍ରଦାନ କରେ । ପୂର୍ବ ଉପକୂଳ ସମତଳଭୂମି ଏବଂ ଦକ୍ଷିଣର ଶେଷ ସୀମା ବିସ୍ତୃତ ହେଲାବେଳେ ପଶ୍ଚିମରେ ଏହା ସଂକୀର୍ଣ୍ଣ ଅଟେ । ବମ୍ବେ ଓ ପାଲଘାଟ ନିକଟରେ ଏହା ସମ୍ପୂର୍ଣ୍ଣ ସଂକୀର୍ଣ୍ଣ । ଏହି ମାଳଭୂମି ତିନୋଟି ମୁଖ୍ୟ ଅଞ୍ଚଳରେ ବିଭକ୍ତ ହୋଇଛି, ଯାହା ବିସ୍ତୃତ ଭାବେ ମହାରାଷ୍ଟ୍ର, ଆନ୍ଧ୍ର ଏବଂ କର୍ଣ୍ଣାଟକକୁ ସଂଯୋଗ କରୁଛି । ଦକ୍ଷିଣ ଆଡ଼କୁ ଦାକ୍ଷିଣାତ୍ୟ ମାଳଭୂମିର ସାଂସ୍କୃତିକ ପ୍ରଭାବର ବିସ୍ତାର ହୋଇଛି ଏବଂ ଏହା ସମ୍ଭବ ହୋଇଛି କାରଣ ପଶ୍ଚିମଘାଟ ପର୍ବତମାଳାକୁ ଛାଡ଼ିଦେଲେ ଏହି ଅଞ୍ଚଳରେ ଅନ୍ୟ କିଛି ଘନ ଅରଣ୍ୟ ନାହିଁ । ମହାରାଷ୍ଟ୍ରର ସୀମା ଆନ୍ଧ୍ରକୁ ଲାଗି ରହିଛି । ଏହି ସୀମାରେଖା ଡେଇଁ ଯେକେହି ତେଲେଙ୍ଗାନା ଅଞ୍ଚଳର ଲାଲ୍ ମୃତ୍ତିକାର ସମ୍ମୁଖୀନ ହୋଇପାରେ । ଏହାର ମୃତ୍ତିକାର ଆର୍ଦ୍ରତା ଧରିରଖିବାର ଶକ୍ତି ନାହିଁ । ତେଣୁ ତେଲେଙ୍ଗାନା ଅଞ୍ଚଳରେ ଅନେକ ଜଳାଧାର ଓ କୃତ୍ରିମ ଉପାୟରେ ଜଳସେଚନର ପ୍ରକାର ଦେଖାଯାଏ । ଏହି ଅଞ୍ଚଳରେ ପର୍ଯ୍ୟାବରଣଗତ ପାର୍ଥକ୍ୟ ଓ ପ୍ରାଚୀନ ବସତିର ବିକାଶ ଉପରେ ପ୍ରଭାବର ବିଶେଷ ଗୁରୁତ୍ୱ ନାହିଁ । ନୂତନ ପ୍ରସ୍ତର ଯୁଗରେ ଦକ୍ଷିଣ-ପଶ୍ଚିମ ଆନ୍ଧ୍ରରେ ବସତି ସ୍ଥାପନ କରିଥିବା ଅଧିବାସୀମାନେ ପଶୁଚାରଣ ସମ୍ବନ୍ଧୀୟ କାର୍ଯ୍ୟକୁ ଗ୍ରହଣୀୟ ଆଭିମୁଖ୍ୟ ଭାବେ ଆପଣେଇଥିବାବେଳେ ତାମ୍ର ପ୍ରସ୍ତର ଯୁଗରେ ଉତ୍ତର ଓ ଦାକ୍ଷିଣାତ୍ୟର ଅଧିବାସୀମାନେ କୃଷିକାର୍ଯ୍ୟ ଉପରେ ନିର୍ଭର କରୁଥିଲେ । କର୍ଣ୍ଣାଟକ ଦକ୍ଷିଣ-ପଶ୍ଚିମ ଦାକ୍ଷିଣାତ୍ୟର ଅନ୍ତର୍ଭୁକ୍ତ ହୋଇଥିବାବେଳେ ଏହାର କିଛି ଅଞ୍ଚଳ ଦାକ୍ଷିଣାତ୍ୟ ଲାଭାଦ୍ୱାରା ଅନ୍ତର୍ଭୁକ୍ତ ହୋଇ ନ ଥିଲା । ଏହା ସହିତ ପଶ୍ଚିମଘାଟ ପର୍ବତମାଳାର କିଛି ଅଂଶ ଓ ପଶ୍ଚିମ ଉପକୂଳ ସମତଳ ଜମିର କିଛି ଅଂଶ ଏହି ରାଜ୍ୟର ଅନ୍ତର୍ଭୁକ୍ତ । ଏହି ରାଜ୍ୟର ଦକ୍ଷିଣାଞ୍ଚଳ ଉନ୍ନତ ଓ ଜଳମୟ, ତେଣୁ ଉତ୍ତରାଞ୍ଚଳ ଅପେକ୍ଷା ଏ ଅଞ୍ଚଳ ମାନବ ବସତି ସ୍ଥାପନ ନିମିତ୍ତ ଉପଯୋଗୀ ଅଟେ । ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ କୌଣସି ପ୍ରାକୃତିକ ବୈଶିଷ୍ଟ୍ୟର ସୀମାରେଖା ନାହିଁ । ଏହି ଅଞ୍ଚଳରେ ନୂତନ ପ୍ରସ୍ତର ଯୁଗର ଅଧିବାସୀମାନଙ୍କର ନିକୃଷ୍ଟ ସାଂସ୍କୃତିକ ଅବଶିଷ୍ଟାଂଶରୁ ପର୍ଯ୍ୟାବରଣର ସୀମାରେଖା ନ୍ୟସ୍ତ ହୋଇଥିବା ଜଣାପଡ଼େ ।

ଚାରୋଟି ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କ ମଧ୍ୟରେ ଆନ୍ଧ୍ର ସର୍ବବୃହତ୍ । ଏହା ତେଲେଙ୍ଗାନା ଭଳି ଉପାଞ୍ଚଳ, ଉର୍ବର ଉପକୂଳ ସମତଳଭୂମି ରାୟଲାସିମା ଇତ୍ୟାଦିକୁ ନେଇ ଗଠିତ । ଆନ୍ଧ୍ରର ଦକ୍ଷିଣ-ପଶ୍ଚିମ ରାଜ୍ୟକୁ ତେଲେଙ୍ଗାନା କହନ୍ତି । ଏହାର ଲାଲ୍ ମୃତ୍ତିକା ସେତେ ଉର୍ବର ନୁହେଁ ଏବଂ ଏହାର ମୁଖ୍ୟ ଶସ୍ୟ ବାଜରା, ରବିଶସ୍ୟ ଓ ତୈଳବୀଜ ଇତ୍ୟାଦି ଥିଲା । ପୂର୍ବରେ ପୂର୍ବଘାଟ ପର୍ବତମାଳାର ଏକ ଅଂଶ ଏବଂ ପୂର୍ବ ଉପକୂଳ ସମତଳ ଭୂମି, ଉତ୍ତରରେ ଓଡ଼ିଶା ସୀମାରେ ମହେନ୍ଦ୍ରଗିରି ନିକଟରୁ ଦକ୍ଷିଣକୁ ତାମିଲନାଡୁ ପର୍ଯ୍ୟନ୍ତ ସଂଯୁକ୍ତ କ୍ରିଷ୍ଣା-ଗୋଦାବରୀ ତ୍ରିକୋଣଭୂମି ପ୍ରାଣକେନ୍ଦ୍ର ରୂପେ ଆନ୍ଧ୍ରରେ ଅନ୍ତର୍ଭୁକ୍ତ ହୋଇଛି । ଏହା ମୁଖ୍ୟତଃ ଏକ ଧାନ ଉତ୍ପାଦନକାରୀ ଅଞ୍ଚଳ । ଦୁଇ ନଦୀ ମଧ୍ୟରେ ଥିବା ଉପକୂଳ ଅଞ୍ଚଳ, ପ୍ରାଚୀନ କାଳରୁ ବେଙ୍ଗି ନାମରେ ପରିଚିତ । ବେଙ୍ଗିକୁ ଭାତହାଣ୍ଡି ଅଞ୍ଚଳ କହନ୍ତି । କ୍ରିଷ୍ଣା ଓ ତୁଙ୍ଗଭଦ୍ରା ମଧ୍ୟରେ ଥିବା ରାଏଚୁର ଦୋଆବ ଅଞ୍ଚଳରେ ସବୁବେଳେ ଯୁଦ୍ଧ ଲାଗି ରହୁଥିଲା ।

ଦାକ୍ଷିଣାତ୍ୟର ଶେଷସୀମା

ଦକ୍ଷିଣର ଶେଷସୀମାକୁ ଦାକ୍ଷିଣାତ୍ୟ ମାଳଭୂମିର ଭଗ୍ନାବଶେଷ, ନୀଳଗିରି ଓ କାଡାମମ୍ ପର୍ବତ ଭଳି ପୃଥକ୍ ଅଞ୍ଚଳ ରହିଛି । ଏମାନେ ପଶ୍ଚିମ ଓ ପୂର୍ବ ଉପକୂଳ ସମତଳ ଭୂମିକୁ ଆପାତତଃ ବିଭାଜନ କରିଛନ୍ତି । ଦକ୍ଷିଣରେ ବିସ୍ତୃତ ପୂର୍ବ ଉପକୂଳ ସମତଳଭୂମି ଏବଂ ଏହାର ପାର୍ଶ୍ଵବର୍ତ୍ତୀ ପଶ୍ଚାତ୍‌ଭୂମିକୁ ନେଇ ତାମିଲନାଡୁ ଗଠିତ । ପଶ୍ଚିମସ୍ଥ ଉପକୂଳ ସମତଳଭୂମି ଏହା ଦକ୍ଷିଣର ଶେଷସୀମା ଆଡ଼କୁ ବିସ୍ତୃତି ଲାଭ କରିଛି । ପଶ୍ଚିମସ୍ଥ ଉପକୂଳ ସମତଳଭୂମି ଦକ୍ଷିଣର ଶେଷସୀମା ଆଡ଼କୁ ବିସ୍ତୃତ ହୋଇ ମାଲାବାର ଅଞ୍ଚଳ ଆଡ଼କୁ ଯୋଗାଯୋଗ ସ୍ଥାପନ କରିଛି । ଧାନ ଓ ଅନ୍ୟାନ୍ୟ ଫସଲକୁ ଛାଡ଼ି କେରଳ ଗୋଲମରିଚ ଓ ମସଲାର ଉତ୍ପାଦନ କରୁଥିଲା । ପରବର୍ତ୍ତୀ ମୌର୍ଯ୍ୟ ଶାସନ କାଳରେ ଏ ସବୁକୁ ନେଇ ପାଶ୍ଚାତ୍ୟ ଜଗତ ସହ ବାଣିଜ୍ୟ କାରବାର କରୁଥିଲା । ତାମିଲନାଡୁଠାରେ ତଟଭୂମିକୁ ଘାଟଦେଇ ପଶ୍ଚିମଘାଟର ଦକ୍ଷିଣ ସୀମାଦେଇ ପ୍ରବେଶଯୋଗ୍ୟ । କେରଳକୁ ସମୁଦ୍ର ପଥଦେଇ ଖ୍ରୀଷ୍ଟିଆନ୍ ଓ ପରେ ମୁସଲମାନମାନଙ୍କର ପ୍ରଭାବ ଆସିଥିଲା । ଉଲ୍ଲେଖଯୋଗ୍ୟ ଯେ, ଗଙ୍ଗାନଦୀର ଉପତ୍ୟକା ଭଳି କେରଳ ଓ ତାମିଲନାଡୁରେ ଜନସଂଖ୍ୟାର ଘନତ୍ୱ ଅଧିକ ଅଟେ ।

ହରପ୍ପା ସଭ୍ୟତାର ପ୍ରମୁଖ କେନ୍ଦ୍ର : ମନରେ ପ୍ରଶ୍ନ ଉଠିପାରେ ଯେ, କାହିଁକି ହରପ୍ପାବାସୀ ସୁଦୂର ସୋରଟୁ (ଆଫଗାନିସ୍ତାନ ଏବଂ ସୁର୍କୋଟାଡା, ଗୁଜୁରାଟ) ଅଞ୍ଚଳକୁ ଅଧିକାର କରିଥିଲେ ? ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ଏଠି ହରପ୍ପା ସଭ୍ୟତାର ଅନ୍ୟାନ୍ୟ କେନ୍ଦ୍ରଗୁଡ଼ିକ ସମ୍ବନ୍ଧରେ ପର୍ଯ୍ୟାଲୋଚନା କରାଯାଇଛି ।

ଦକ୍ଷିଣ ଆଫଗାନିସ୍ତାନ

ଦକ୍ଷିଣ ଆଫଗାନିସ୍ତାନରେ ମୁଣ୍ଡିଗାକ୍ ନାମକ ଏକ ସ୍ଥାନ ଅଛି । ଏହା ଏକ ବାଣିଜ୍ୟ ପଥରେ ଅବସ୍ଥିତ ଥିଲା ଏବଂ ଏହା ପ୍ରାଚୀନ ସିନ୍ଧୁ ସଭ୍ୟତା ସମୟର ସମକକ୍ଷ ଓ ସଂପର୍କିତ ଥିଲା । ଏହା ଇରାନ୍ ଓ ବେଲୁଚିସ୍ତାନ ସହରୀ ସଂସ୍କୃତି ସଭ୍ୟତା ସହିତ ତାଳ ରଖିପାରିଥିଲା । ବିଭିନ୍ନ ମାଟିପାତ୍ର ଏବଂ ସୂର୍ଯ୍ୟରଶ୍ମୀରେ ଶୁଖିଥିବା ଇଟାରୁ ଏହାର ଯଥେଷ୍ଟ ପ୍ରମାଣ ମିଳେ । ଏହାବ୍ୟତୀତ, କୋଠାଘର, ସ୍ତମ୍ଭ ଓ ଉଦ୍ୟାନ ଚିତ୍ରିତ ହୋଇଥିବା ପଦାର୍ଥ ଯଥା- ଅଶ୍ୱତ୍ଥ ଗଛ, ଷଣ୍ଢ, ପକ୍ଷୀ ଇତ୍ୟାଦି ସେ ସମୟର ସଂସ୍କୃତି ବାବଦରେ ପରିଚୟ ଦିଏ । ମୂଲ୍ୟବାନ୍ ପଥର ଯଥା- ନୀଳା ଏବଂ ଷ୍ଟିଏଟ୍ଟାଇଟ ସେ ସମୟର ବାଣିଜ୍ୟ ବାବଦରେ ଅବଗତ କରାଏ । ଇରାନ୍ ଓ ମଧ୍ୟ-ଏସିଆ ସହିତ ସିନ୍ଧୁବାସୀମାନଙ୍କର ବ୍ୟବସାୟିକ ସମ୍ପର୍କ ଥିଲା ।

କ୍ୱେଟା ଉପତ୍ୟକା

ଏହାର ଅବସ୍ଥିତି ଦକ୍ଷିଣ-ପୂର୍ବ ମୁଣ୍ଡିଗାକ୍ ସହରଠାରୁ କିଛି ଦୂରରେ ଅଟେ । ଏଠାରେ ଡ୍ୟାମ୍ବସାଦତ୍ ନାମକ ସ୍ଥାନରୁ ଆବିଷ୍କୃତ ହୋଇଥିବା ଖ୍ରୀ.ପୂ. ୩ ହଜାର ବର୍ଷ ତଳର ବୃହତ୍ ଘର ସହିତ ଇଟାରେ ନିର୍ମିତ ହୋଇଥିବା କାନ୍ଥ, ବିଭିନ୍ନ ପ୍ରକାରର ମାଟିପାତ୍ର ମୁଣ୍ଡିଗାକ୍‌ରୁ ମିଳିଥିବା ମାଟିପାତ୍ରର କାରୁକାର୍ଯ୍ୟ ସହିତ ସମକକ୍ଷ ଥିବାର ପ୍ରମାଣ ମିଳିଅଛି । ଲୋକମାନେ ପଥର ଖୋଦେଇ ଏବଂ ତମ୍ବା ବ୍ୟବହାର କରୁଥିବାର ଦେଖିବାକୁ ମିଳେ । ଏହା ବ୍ୟତୀତ ରଣଘୁଣ୍ଡାଇ ନାମକ ସ୍ଥାନରେ ଲୋକମାନେ ସୂକ୍ଷ୍ମଭାବରେ ତିଆରି ହୋଇଥିବା ଚିତ୍ରିତ ମାଟିପାତ୍ର ଏବଂ କୁଜ ଥିବା ଷଣ୍ଢ କ୍ୱେଟା ଉପତ୍ୟକା ବାବଦରେ ସମକକ୍ଷତା ପ୍ରତିପାଦନ କରିଥାଏ । ପେରିଆନୋଘୁଣ୍ଡାଇ ନାମକ ସ୍ଥାନରେ ଆବିଷ୍କୃତ ହୋଇଥିବା ନାରୀର ଚିତ୍ର ସେ ସମୟର ସୂକ୍ଷ୍ମତାକୁ ସୂଚାଇ ଦିଏ ।

ମଧ୍ୟ ଏବଂ ଦକ୍ଷିଣ ବେଲୁଚିସ୍ତାନ

ମଧ୍ୟ ଓ ଦକ୍ଷିଣ ବେଲୁଚିସ୍ତାନର କେନ୍ଦ୍ର ଯଥା – ଆନ୍‌ଜିରା, ଟେଗାଉ ନିନ୍ଦୋୱାରୀ ଏବଂ ବାଲାକୋଟ ସ୍ଥାନଗୁଡ଼ିକ ଆମକୁ ହରପ୍ପା ସଭ୍ୟତାର ସମୟ ବାବଦରେ ଅବଗତ କରିଥାଏ । ସେଠାରେ ଥିବା ଛୋଟ ଛୋଟ ଗ୍ରାମ ଏବଂ ସହର ତଥା ବାଲାକୋଟରୁ ଆବିଷ୍କୃତ ହୋଇଥିବା ବୃହତ୍ ଘର ଏବଂ ମାଟିପାତ୍ର ବେଲୁଚିସ୍ତାନ ସଂସ୍କୃତିର ପରିପକ୍ୱତା ବାବଦରେ ପ୍ରମାଣ ଦେଇଥାଏ । ସେମାନେ ବ୍ୟବହାର କରୁଥିବା ମାଟିପାତ୍ର ଉପରେ କୁଜ ଥିବା ଷଣ୍ଢ ଏବଂ ଅଶ୍ୱସ୍ଥ ବୃକ୍ଷର ଚିତ୍ର ବିକଶିତ ହରପ୍ପା ସଭ୍ୟତାର ମୂକସାକ୍ଷୀ ଅଟେ ।

ସିନ୍ଧୁ ଉପତ୍ୟକା

ଖ୍ରୀ:ପୂ: ୪ ହଜାର ବର୍ଷ ମଧ୍ୟ ଭାଗରେ ସିନ୍ଧୁ ଉର୍ବର ଅଞ୍ଚଳରେ କିଛିଟା ପରିବର୍ତ୍ତନ ଆସିଥିଲା । ସିନ୍ଧୁ ଓ ହ୍ରାକ୍ରା ନଦୀ କୂଳରେ କେତେକ ଛୋଟ ଓ ବଡ଼ ବସତିମାନ ସ୍ଥାପିତ ହୋଇଥିଲା । ଏହି ଅଞ୍ଚଳମାନ ହରପ୍ପା ସଭ୍ୟତାର ପ୍ରାଣକେନ୍ଦ୍ର ଥିଲା ।

(କ) ଆମ୍ରି : ସିନ୍ଧୁ ପ୍ରଦେଶର ନିମ୍ନଭାଗ ଅଞ୍ଚଳରେ ଆମ୍ରି ବସତି ଅବସ୍ଥିତ ଥିଲା । ସେଠାକାର ଲୋକମାନେ ବାସ କରୁଥିବା ଗୃହଗୁଡ଼ିକ ପଥର ଏବଂ ମାଟିନିର୍ମିତ ଇଟାରେ ତିଆରି ହୋଇଥିଲା । ଏକ ପ୍ରକାର ଶସ୍ୟାଗାର ମଧ୍ୟ ସେମାନେ ତିଆରି କରିଥିଲେ । କୁଜ ଥିବା ଷଣ୍ଢ ଓ ଉଦ୍ୟାନ ଖୋଦେଇ କାରୁକାର୍ଯ୍ୟ ନିର୍ମାଣ କରିଥିଲେ, ଯାହା ଚକ ଉପରେ ରହିପାରୁଥିଲା । ସେମାନେ ମଧ୍ୟ ସେମାନଙ୍କର ବସତିଗୁଡ଼ିକ ଦୁର୍ଗ ଦ୍ୱାରା ଦୁର୍ଗୀକୃତ କରୁଥିଲେ ।



(କ) ପ୍ରାଥମିକ ସିନ୍ଧୁ ମାଟିପାତ୍ର କୋଟଡିଜି (ଖ) ପ୍ରାଥମିକ ସିନ୍ଧୁ ମାଟିପାତ୍ର କାଳିବାଙ୍ଗାନ

(ଖ) କୋଟଡିଜି : ସିନ୍ଧୁ ନଦୀର ବାମପାର୍ଶ୍ୱରେ ଏବଂ ମହେଞ୍ଜୋଦାରୋର ବିପରୀତ ଦିଗରେ କୋଟଡିଜି ଅବସ୍ଥିତ ଅଟେ । ଏଠାରେ ବାସ କରୁଥିବା ପ୍ରାଚୀନ ହରପ୍ପାବାସୀ ଆତ୍ମରକ୍ଷା ପାଇଁ ସୁଦୃଢ଼ କାନ୍ଥମାନ ନିର୍ମାଣ କରୁଥିଲେ । ସେମାନେ ମଧ୍ୟ ଚକ ଲାଗିଥିବା କାରୁକାର୍ଯ୍ୟ ଖୋଦିତ ଧୂସର ରଙ୍ଗର ମାଟିପାତ୍ର ବ୍ୟବହାର କରୁଥିଲେ । ଏହା ରାଜସ୍ଥାନର

କାଳିବାଙ୍ଗାନ ଓ ବେଲୁଚିସ୍ତାନର ମେହେରଗଡ଼ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଥିଲା । ସିନ୍ଧୁ କୂଳରେ ଥିବା ସମସ୍ତ ବସତି ଅଞ୍ଚଳରୁ କୋଟଡିଜିର ମାଟିପାତ୍ରର ପରିଚୟ ମିଳେ । ଏହା ହରପ୍ପା ସହରୀ ସଭ୍ୟତାର ପୂର୍ବବର୍ତ୍ତୀ ଥିଲା ଏବଂ ପରେ ପରେ ଏହା ନଗରୀ ହରପ୍ପା ସଭ୍ୟତାର ପରବର୍ତ୍ତୀ ସମୟକୁ ଆସିଥିଲା । ପ୍ରତ୍ନତାତ୍ତ୍ୱିକମାନେ ବିଶ୍ୱାସ କରନ୍ତି ଯେ, ପ୍ରାଚୀନ ହରପ୍ପାବାସୀଙ୍କ ଚଳଣିରେ କୋଟ୍‌ଡିଜି ସଂସ୍କୃତିର ସାମଞ୍ଜସ୍ୟ ଦେଖିବାକୁ ମିଳେ ।

(ଗ) ମେହେରଗଡ଼ : ହରପ୍ପା ନଗରୀ ସଭ୍ୟତା ପୂର୍ବରୁ ମେହେରଗଡ଼ ସମୃଦ୍ଧଶାଳୀ ସହରୀ ସଭ୍ୟତା ଥିଲା । ବିଭିନ୍ନ ପ୍ରକାର ପ୍ରସ୍ତର କାର୍ଯ୍ୟ ଓ ଲିପିରୁ ଏହାର ପ୍ରମାଣ ମିଳିଅଛି । ଏହାର ତମ୍ବା ଓ ମାଟିପାତ୍ର ସୂଚନା ଦିଏ ଯେ, ଏହା ଇରାନ୍ ଏବଂ ପଡ଼ୋଶୀ ବସତିମାନ ଯଥା- ଡ୍ୟାମ୍‌ସାଦତ୍ ଏବଂ କ୍ୱେଟା ଉପତ୍ୟକା ସହିତ ସାମଞ୍ଜସ୍ୟ ରଖିପାରିଥିଲା । ଏହାର ଅନ୍ୟ ଏକ ଉଦାହରଣ ତଥ୍ୟ (ଯୋବ୍) ଉପତ୍ୟକାରୁ ଦେଖିବାକୁ ମିଳେ ।

(ଘ) ରେହମନ ଧେରୀ : ଏହା ସିନ୍ଧୁ ନଦୀର ଉତ୍ତରରେ ଅବସ୍ଥିତ ଥିବା ଏକ ବସତି । ଏଠାରେ ପ୍ରାଚୀନ ହରପ୍ପାର ସହରମାନ ଆବିଷ୍କୃତ ହୋଇଅଛି । ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ସହରୀ ଯୋଜନା, ରାସ୍ତା ଏବଂ ଅନ୍ୟାନ୍ୟ ଆକର୍ଷକ ବସ୍ତୁମାନ ଦୃଷ୍ଟିକୁ ଆସିଅଛି । ଏହା ମଜବୁତ କାନ୍ଥଦ୍ୱାରା ଘେରି ରହୁଥିଲା ଏବଂ ବାହ୍ୟ ଆକ୍ରମଣରୁ ନିଜକୁ ଉକ୍ତ ଅଞ୍ଚଳର ଅଧିବାସୀମାନେ ଦୂରେଇ ରଖି ପାରିଥିଲେ । ଏଠାରେ ଥିବା ମାଟିପାତ୍ର ଏବଂ ମୂଲ୍ୟବାନ୍ ପଥର କୋଟଡିଜିର ଅନୁରୂପ ଥିଲା । ଲିପି ପଥର ନିର୍ମିତ ବସ୍ତୁ ସହିତ ତମ୍ବା ଓ ବ୍ରୋଞ୍ଜ ଏଠାରେ ଦେଖିବାକୁ ମିଳେ ।

(ଙ) ତାର୍‌କାଇ କିଲା : ପ୍ରତ୍ନତତ୍ତ୍ୱବିତ୍‌ମାନେ ବାନ୍ନୁ ଅଞ୍ଚଳର ଉତ୍ତର-ପଶ୍ଚିମ ସୀମାରେ ତାର୍‌କାଇ କିଲାର ଅବସ୍ଥିତି ସଂପର୍କରେ ପ୍ରମାଣ ପାଇଛନ୍ତି । ଆବିଷ୍କୃତ ହୋଇଥିବା ଶସ୍ୟଗୁଡ଼ିକ ମଧ୍ୟରୁ ଗହମ, ବାର୍ଲି, ଯବ ଓ ବିଭିନ୍ନ ମଞ୍ଜି ଅନ୍ୟତମ ଅଟେ । ଲୋହାନ ଅଞ୍ଚଳରେ ମିଳିଥିବା ଶିଳ୍ପକେନ୍ଦ୍ର ଯେଉଁଠାରେ ପଥରରୁ ଯାନ୍ତ୍ରିକ ସାମଗ୍ରୀ ପ୍ରସ୍ତୁତ ହେଉଥିବାର ପ୍ରମାଣ ମିଳେ ଏବଂ ଲୋହାନ ଅଧିବାସୀମାନେ ପଥରନିର୍ମିତ କୁରାଢ଼ୀ, ହାତୁଡ଼ି ଓ ହାତ ତିଆରି ଯନ୍ତ୍ର ସାହାଯ୍ୟରେ ଶସ୍ୟକୁ ଗୁଣ୍ଡ କରୁଥିଲେ । ସେଠାରୁ ମିଳିଥିବା ମୂଲ୍ୟବାନ୍ ପଥର ଏବଂ ମାଟିପାତ୍ର ମଧ୍ୟ-ଏସିଆ ସହିତ ତାରକାଇ କିଲାର ସମ୍ପର୍କକୁ ପ୍ରତିପାଦନ କରେ ।



ଚିତ୍ର କରାଯାଇଥିବା ପାତ୍ର

ମଇଁଷି ମୁଣ୍ଡପରି ମାଟିପାତ୍ର

ପଞ୍ଜାବ ଏବଂ ବାହାବଳପୁର

ପଶ୍ଚିମ ପଞ୍ଜାବରେ (ପାକିସ୍ତାନ) ହରପ୍ପା ଅବସ୍ଥିତ ସମସ୍ତଙ୍କୁ ଜଣାଅଛି । ପ୍ରତ୍ନତାତ୍ତ୍ୱିକ ଖନନ ପରେ ଏଠାରେ ନଗରୀ ସଭ୍ୟତାର ଚିହ୍ନ ମିଳିଅଛି । ବାହାବଳପୁରଠାରେ ୪୦ ଗୋଟି ବସତି ରହିଅଛି - ହାକ୍ରା ନଦୀର ଶୁଷ୍କ ମୁହାଣ ନିକଟରେ, ଯାହାକି ପ୍ରାଚୀନ ହରପ୍ପା ସମୟର ପ୍ରମାଣ ଦିଏ ଏବଂ ଏଠାରେ ଅଧିକାଂଶ ଅଞ୍ଚଳ ସଂପୂର୍ଣ୍ଣ ଗ୍ରାମ ଥିଲା । ତଥାପି ଶିଳ୍ପକେନ୍ଦ୍ରରେ ନିର୍ମିତ ହେଉଥିବା ପଦାର୍ଥ ଖୁବ୍ କମ୍ ପରିମାଣରେ ଦେଖିବାକୁ ମିଳୁଥିଲା । ଗାମନୱାଲା ୨୭.୩

ହେକ୍ଟର ଜମି ଉପରେ ପର୍ଯ୍ୟବସିତ ଥିଲା ଏବଂ କାଳିବାଙ୍ଗାନଠାରେ ଥିବା ହରପ୍ପା ସଭ୍ୟତାଠାରୁ ଏହା ଅଧିକ ବଡ଼ ଥିଲା । ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ ଯେ, ଉକ୍ତ ବୃହତ୍ ସହର କେବଳ କୃଷିଭିତ୍ତିକ ନଥିଲା, ବରଂ ଶାସନ ଓ ଶିଳ୍ପର ମିଳନସ୍ଥଳୀ ଥିଲା ।

କାଳିବାଙ୍ଗାନ

ଏହା ଉତ୍ତର ରାଜସ୍ଥାନରେ ଅବସ୍ଥିତ । ଏହା ପ୍ରାଚୀନ ହରପ୍ପା ସଭ୍ୟତାର କେନ୍ଦ୍ରରୂପେ ପରିଗଣିତ ହୋଇଅଛି । ଏଠାରେ ମାଟି ତିଆରି ଇଟା ଓ ଘର ନିର୍ମାଣ କରାଯାଇଅଛି ଏବଂ ଏହା କାଳିବାଙ୍ଗାନବାସୀଙ୍କର ବାସସ୍ଥଳୀ ଅଟେ । ସେମାନଙ୍କ ଦ୍ୱାରା ବ୍ୟବହୃତ ମାଟିପାତ୍ର ଭିନ୍ନ ତଥା ଉନ୍ନତ ଧରଣର ଥିଲା; ମାତ୍ର କେତେକ ମାଟିପାତ୍ର କୋଟଡିଜି ମାଟିପାତ୍ର ସହିତ ସାମଞ୍ଜସ୍ୟ ରଖୁଥିବାର ଜଣା ପଡ଼ିଅଛି । ମଣିଷଟିଏ ହଳକରୁଥିବାର ଚିତ୍ର କିମ୍ବା ମଞ୍ଜି ବୁଣୁଥିବାର ଚିତ୍ର ଏଠାରୁ ଆବିଷ୍କୃତ ହୋଇଅଛି । ତେଣୁ କାଳିବାଙ୍ଗାନ ସଭ୍ୟତା କୃଷିଭିତ୍ତିକ ଥିବାର ଜଣାଯାଏ ।



କାଳିବାଙ୍ଗାନରୁ ମିଳିଥିବା ପ୍ରାଚୀନ ସିନ୍ଧୁ ସଭ୍ୟତାର ମାଟିପାତ୍ର

ହରପ୍ପା

ହରପ୍ପା ପ୍ରଥମ ସ୍ଥାନ ଯାହାକି ଆବିଷ୍କୃତ ହୋଇଥିଲା । ୧୯୨୦ ମସିହା ପରଠାରୁ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଯଥା- ଦୟାରାମ ସାହାଣୀ, ଏମ୍.ଏସ୍.ବତ୍ସ ଏବଂ ମର୍ଟିମର୍ ହୁଇଲରଙ୍କ ଚେଷ୍ଟା ଫଳରେ ଏହାର ଖନନ କାର୍ଯ୍ୟ କରାଯାଇଥିଲା । ଏହା ପଶ୍ଚିମ ପଞ୍ଜାବର ରାବୀ ନଦୀ କୂଳରେ ଅବସ୍ଥିତ ଅଟେ । ଏହି ସଭ୍ୟତାର ଧ୍ୱଂସାବଶେଷ ତିନିମାଇଲ୍ ଯାଏ ପରିବ୍ୟାପ୍ତ ଅଟେ । ଏହାର କିଛି ଲୋକ ଖାଦ୍ୟ ପଦାର୍ଥ ଉତ୍ପାଦନ କରିବା ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ ଥିଲେ । ଶାସନ, ବାଣିଜ୍ୟ-ବ୍ୟବସାୟ, ବିଭିନ୍ନ କାରିଗରି କାମ ଏବଂ ଧର୍ମାଦି କାର୍ଯ୍ୟ ପାଇଁ ଏହି ସଭ୍ୟତାର ଅନ୍ୟ ଅଧିବାସୀମାନଙ୍କୁ ନିୟୋଜିତ କରାଯାଇଥିଲା । ବଳଦଗାଡ଼ି ଏବଂ ନଦୀ ଉପରେ ଡଙ୍ଗା ଦ୍ୱାରା ମୁଖ୍ୟତଃ ବାଣିଜ୍ୟ କାରବାର ଚାଲିଥିଲା । ଏହା ବ୍ୟବସାୟର ମୁଖ୍ୟ କେନ୍ଦ୍ରରେ ଥିବାରୁ ବାଣିଜ୍ୟ ପାଇଁ ଉପଯୁକ୍ତ ଥିଲା ଏବଂ ମଧ୍ୟ-ଏସିଆ, ଆଫଗାନିସ୍ତାନ ଓ ଜାମ୍ମୁ ସହିତ ସଂଯୁକ୍ତ ଥିଲା ।

ମହେଞ୍ଜୋଦାରୋ

ସିନ୍ଧୁନଦୀକୂଳରେ ସିନ୍ଧ୍ ଜିଲ୍ଲାରେ (ଲାରକାନା) ଏହା ଅବସ୍ଥିତ ଅଟେ । ଏହା ହରପ୍ପା ସଭ୍ୟତାର ବୃହତ୍ ନଗରୀ ଅଟେ । ଏହାର ସହରୀ ଯୋଜନା, ଗୃହ, କୋଠାବାଡ଼ି, ଶିଳାଲିପି ଆମକୁ ଅନେକ ତଥ୍ୟ ପ୍ରଦାନ କରେ । ଏହାର ଖନନ କାର୍ଯ୍ୟ ୧୯୨୨ ଖ୍ରୀଷ୍ଟାବ୍ଦରେ ପ୍ରତ୍ନତତ୍ତ୍ୱବିତ୍ ଆର୍.ଡି. ବାନାର୍ଜୀ ଏବଂ ସାର୍ ଜନ୍ ମାର୍ଶାଲଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ପରେ ମ୍ୟାକେ ଏବଂ ଜର୍ଜ ଡେଲସ ଏହାର ଖନନ ଦାୟିତ୍ୱ ନେଇଥିଲେ । ଏଠାକାର ବୃହତ୍ ଅଟ୍ଟାଳିକାର

ଉଚ୍ଚତା ୭୫ ଫୁଟ୍ ଥିଲା । ସିନ୍ଧୁ ନଦୀରେ ବନ୍ୟା ଆସିବା ଫଳରେ ମହେଞ୍ଜୋଦାରୋ ନଗରୀ ବନ୍ୟାପ୍ଳାବିତ ହୋଇଯାଉଥିଲା; ଫଳରେ ଉର୍ବର ପଟ୍ଟମାଟି ଜମିଯାଉଥିବାରୁ ଉକ୍ତ ଅଞ୍ଚଳ ଶସ୍ୟ ଉତ୍ପାଦନ ନିମିତ୍ତ ଉପଯୁକ୍ତ ଥିଲା ।

କାଳିବାଙ୍ଗାନ

କାଳିବାଙ୍ଗାନରେ ୧୯୬୦ ଖ୍ରୀଷ୍ଟାବ୍ଦରେ ଖନନ କାର୍ଯ୍ୟ ହୋଇଥିଲା । ପ୍ରଖ୍ୟାତ ଐତିହାସିକ ବି.କେ. ଥାପରଙ୍କ ତତ୍ତ୍ୱାବଧାନରେ ଏହା କରାଯାଇଥିଲା ତଥା ଏହା ରାଜସ୍ଥାନର ଘାଘରା ନଦୀକୂଳରେ ଅବସ୍ଥିତ ଓ ଶୁଷ୍କ ଅଟେ । କେତେକ ପ୍ରତ୍ନତାତ୍ତ୍ୱିକ ମତ ଦିଅନ୍ତି ଯେ- କାଳିବାଙ୍ଗାନ କେନ୍ଦ୍ର ହରପ୍ପା ସଭ୍ୟତାର ପୂର୍ବ ଶାସିତ ଅଞ୍ଚଳର ଏକ ଅଂଶ ଥିଲା । ପ୍ରମାଣ ସ୍ୱରୂପ- ବର୍ତ୍ତମାନର ହରିୟାନା ପ୍ରଦେଶ, ପୂର୍ବ ପଞ୍ଜାବ ଏବଂ ପଶ୍ଚିମ ଉତ୍ତରପ୍ରଦେଶର ସ୍ଥଳ ଯଥା- ବାରା, ସିସିୱାଲ ଏବଂ ଆଲାମଗିରିପୁର ଆବିଷ୍କୃତ ହୋଇଅଛି । କାଳିବାଙ୍ଗାନ କେନ୍ଦ୍ର ହରପ୍ପା ସଂସ୍କୃତିର ଏକ ଅଂଶବିଶେଷ ଅଟେ । ହରପ୍ପା ମାଟିପାତ୍ରରୁ ଏହାର ମଧ୍ୟ ପ୍ରମାଣ ମିଳିଅଛି ।

ଲୋଥାଲ୍

ଗୁଜୁରାଟର ଲୋଥାଲ୍ କେନ୍ଦ୍ର ଖନନ କରାଯାଇ ବିଭିନ୍ନ ସ୍ଥାନ ଯଥା- ରଙ୍ଗପୁର ଓ ସୁର୍କୋଟାଡା ଇତ୍ୟାଦି ଆବିଷ୍କୃତ ହୋଇଛି । ଏହା ଉପସାଗର ଉପକୂଳବର୍ତ୍ତୀ କାମ୍ବେ ସନ୍ନିକଟରେ ଅବସ୍ଥିତ ଅଟେ । ଏହାର ଖନନ କାର୍ଯ୍ୟ ପ୍ରତ୍ନତତ୍ତ୍ୱବିତ୍ ଏସ୍.ଆର୍.ରାଓଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏବଂ ଏଠାରେ ଏକ ବନ୍ଦରର ପ୍ରମାଣ ମଧ୍ୟ ମିଳିଅଛି । ସୁତ୍‌କାଜେନ୍‌ଡୋର୍ ପାକିସ୍ତାନ-ଇରାନ୍ ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଏବଂ ଯାହା ମାକ୍ରାନ୍ ଉପକୂଳକୁ ଛୁଇଁ ଅଛି । ଏହାର ଦୁର୍ଗ ବାହ୍ୟ ଆକ୍ରମଣରୁ ପ୍ରତିରକ୍ଷା ସଦୃଶ କାମ କରେ । ବାଣିଜ୍ୟ କାରବାର ପାଇଁ ଏହା ଏକ ସାମୁଦ୍ରିକ ବନ୍ଦର ହିସାବରେ ପରିଗଣିତ ହେଉଥିଲା ।

ସୁତ୍‌କାଜେନ୍‌ଡୋର୍

ପାକିସ୍ତାନ ଇରାନ୍ ସୀମାରେଖାର ମାକ୍ରାନ୍ ଉପକୂଳରେ ଏହା ଅବସ୍ଥିତ ଅଟେ । ବର୍ତ୍ତମାନ ଉକ୍ତ କେନ୍ଦ୍ର ପଥୁରିଆ ଏବଂ ଶୁଷ୍କ ଅଟେ । ସହରର ଚତୁର୍ଦ୍ଦିଗରେ ପ୍ରତିରକ୍ଷା ପାଇଁ ଦୁର୍ଗମାନ ରହିଅଛି । ଏହା କେବଳ ସାମୁଦ୍ରିକ ବନ୍ଦର ହିସାବରେ ଉପଯୁକ୍ତ ଥିଲା ।

ଜନପଦ ଓ ମହାଜନପଦ

ଏବେକାର ସମୟରେ ଆମେ ଦେଖୁଛୁ ଯେ, ଆମ ଆଖପାଖରେ ଥିବା ଲୋକମାନେ ଏକାପ୍ରକାରର ଭାଷାରେ କଥାବାର୍ତ୍ତା କରନ୍ତି । ଏତଦ୍‌ଭିନ୍ନ ସମଗ୍ର ଅଞ୍ଚଳର ଲୋକମାନେ ଏକା ପ୍ରକାରର ପର୍ବପର୍ବାଣି ପାଳନ କରନ୍ତି । ସେମାନଙ୍କର ରୀତି, ନୀତି, ବିବାହ ଆଦି ଏକା ପ୍ରକାରର ହୋଇଥାଏ । ସେମାନଙ୍କର ଖାଇବା, ପିଇବା, ପିନ୍ଧିବା, ଚାଲିଚଳଣି ଆଦି ପ୍ରାୟତଃ ଏକା ପ୍ରକାରର ହୋଇଥାଏ । ସାଂସ୍କୃତିକ ଏକତା ରଖୁଥିବା ଏହି ଅଞ୍ଚଳଗୁଡିକ କିପରି ଭାବରେ ଅସ୍ତିତ୍ୱକୁ ଆସିଥିଲେ ? ଏହି ପ୍ରକ୍ରିୟାର ଆରମ୍ଭ ଜନପଦଗୁଡିକର ଅଭ୍ୟୁଦୟ ସହିତ ଭାରତୀୟ ଭୂଗୋଳର ମଧ୍ୟ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରାଯାଏ । ବୈଦିକ ସମାଜ ଉପରେ ଆଲୋଚନା କରିବା ସମୟରେ ଆମେ ବିଶିଷ୍ଟ ଭୌଗୋଳିକ ଅଞ୍ଚଳ ବାବଦରେ ଆଲୋଚନା କରି ନଥିଲୁ । ଏହାର କାରଣ ଥିଲା, ସେତେବେଳେ ଲୋକେ କୌଣସି ଏକ ବିଶେଷ ଅଞ୍ଚଳ ସହିତ ଜଡ଼ିତ ହୋଇ ନଥିଲେ । କୃଷକମାନଙ୍କ ବସତି ଅଞ୍ଚଳ ନିର୍ଦ୍ଦିଷ୍ଟ ହେବା ସହିତ ସେଠିକାର ନିବାସୀ ଆଖପାଖର କ୍ଷେତ୍ର ସହିତ ଭାବନାତ୍ମକ ରୂପରେ ସଂଶ୍ଳିଷ୍ଟ ହୋଇଯାଇଥିଲେ । ସେମାନେ ସେହିସବୁ ଅଞ୍ଚଳରେ ନଦନଦୀ, ପଶୁପକ୍ଷୀ ଏବଂ ଫଳଫୁଲକୁ ଦେଖିଲେ । ଏତଦ୍‌ବ୍ୟତୀତ ଏହି ସମୟ କାଳ ମଧ୍ୟରେ ସେମାନେ କୌଣସି

ଏକ ଭୌଗୋଳିକ କ୍ଷେତ୍ରକୁ ନିଜର ବୋଲି ଗ୍ରହଣ କରିନେଇଥିଲେ । ଏହିସବୁ ଭୌଗୋଳିକ କ୍ଷେତ୍ରଗୁଡ଼ିକ ଅନ୍ୟାନ୍ୟ ସମ୍ପ୍ରଦାୟର ଭୌଗୋଳିକ କ୍ଷେତ୍ରଠାରୁ ଭିନ୍ନ ଭିନ୍ନ ଥିଲେ, ଯେଉଁମାନେ କି ପରସ୍ପର ସହିତ ଶତ୍ରୁତା ଅଥବା ମିତ୍ରତାର ଭାବନା ରଖୁଥିଲେ । ଆଭ୍ୟନ୍ତରୀଣ ଭାବରେ ସମ୍ପର୍କ ତଥା ବାହ୍ୟ ଜଗତଠାରୁ ଅଲଗା ହେବାର ବିଶେଷତା ସମ୍ପନ୍ନ ଏହିସବୁ ଜନପଦ ପ୍ରାଚୀନ ଭାରତର ପ୍ରାରମ୍ଭିକ ବିକାଶର ଆଧାର ହୋଇଥିଲେ । ଏହିସବୁ ଭୂଖଣ୍ଡ ଅଥବା ଜନପଦ ସମାନ ଭାଷା, ରୀତିନୀତି ଏବଂ ଧାରଣା ବିକାଶର କେନ୍ଦ୍ର ହୋଇଯାଇଥିଲେ ।

ବୈଦିକ ଯୁଗ ତଥା ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ

ଜନପଦଗୁଡ଼ିକ ବାବଦରେ ଆଲୋଚନା କରିବା ସମୟରେ ଆମକୁ ଜନପଦଗୁଡ଼ିକର ଅଭ୍ୟୁଦୟ ବାବଦରେ ଅନେକଗୁଡ଼ିଏ ବିଷୟରେ ଉଲ୍ଲେଖ କରିବାକୁ ହୋଇଥାଏ । ଯେହେତୁ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ବେଳକୁ ଜନପଦଗୁଡ଼ିକର ଅସ୍ତିତ୍ୱ ଆସିଯାଇ ସାରିଥିଲା, ତେଣୁକରି ଆମେ କହି ପାରିବା ଯେ, ଯେଉଁ ଅଞ୍ଚଳଗୁଡ଼ିକରେ ଏହି ଜନପଦଗୁଡ଼ିକ ଅସ୍ତିତ୍ୱକୁ ଆସିଯାଇ ସାରିଥିଲେ, ସେସବୁ ଅଞ୍ଚଳରେ ବିଶାଳ ଧରଣର ପରିବର୍ତ୍ତନ ସଂଘଟିତ ହୋଇସାରିଥିଲା । ଯେଉଁ ଅଞ୍ଚଳଗୁଡ଼ିକରେ ଲୋକେ ଜନପଦରେ ରହୁଥିଲେ ସେଠାରେ ଗାଆଁ, ସହର ଏବଂ ନଗରମାନ ପ୍ରତିଷ୍ଠିତ ହୋଇଥିଲା । ଏହି ସମୟ ବେଳକୁ ପୁନଶ୍ଚ ଗୂଢ଼ ଦାର୍ଶନିକ ବିଚାରର ଉଦୟ ହୋଇଥିଲା । ବୌଦ୍ଧପନ୍ଥୀ, ଜୈନପନ୍ଥୀ ଏବଂ ଅନ୍ୟାନ୍ୟ କେତେକ ପ୍ରଚଳିତ ଧର୍ମମତର ବିରୋଧୀ ସମ୍ପ୍ରଦାୟର ଅଭ୍ୟୁଦୟ ଏହି ସମୟରେ ହୋଇଥିଲା । ଭିକ୍ଷୁ, ରାଜାରାଜୁଡ଼ା ତଥା ବ୍ୟବସାୟୀମାନେ ଇତିହାସ ପୃଷ୍ଠାରେ ପରିବ୍ୟାପ୍ତ ହୋଇଗଲେ । ଏହି ପ୍ରକାରେ ଯେଉଁ ଯୁଗ ବାବଦରେ ଆମେ ଅଧ୍ୟୟନ କରିବା ଏହା କେତେ ଅର୍ଥରେ ଆମର ତତ୍କାଳୀନ ଭାରତୀୟ ସମାଜରେ ସଂଘଟିତ ନିରନ୍ତର ପରିବର୍ତ୍ତନକୁ ଆଲୋକକୁ ଆଣିବ ।

ଉପାଦାନ

ଆମକୁ ଜନପଦ ଏବଂ ମହାଜନପଦ ବାବଦରେ କେତେକ ତଥ୍ୟ ବୈଦିକ ତଥା ବୌଦ୍ଧ ସାହିତ୍ୟରୁ ମିଳିଥାଏ । ବ୍ରାହ୍ମଣମାନେ ଏକ ବୈଦିକ ଗ୍ରନ୍ଥର ଉଲ୍ଲେଖ କରନ୍ତି, ଯହିଁରେ ବୈଦିକ ଅନୁଷ୍ଠାନର ପଦ୍ଧତି ପାଳନ ବାବଦରେ ଉଲ୍ଲେଖ କରାଯାଇଛି । ସେହିପରି ଦାର୍ଶନିକ ସମସ୍ୟାଗୁଡ଼ିକୁ ରେଖାଙ୍କିତ କରୁଥିବା ଉପନିଷଦକୁ ମଧ୍ୟ ବୈଦିକ ସାହିତ୍ୟର ଅଙ୍ଗ ଭାବରେ ଗ୍ରହଣ କରାଯାଏ । ଏହି ଗ୍ରନ୍ଥ ଖ୍ରୀ.ପୂ. ଅଷ୍ଟମ ଶତାବ୍ଦୀ ପରଠାରୁ ଲେଖାଯାଇଥିଲା । ଏଥିରେ ଅନେକ ଜନପଦ ଏବଂ ମହାଜନପଦର ଉଲ୍ଲେଖ ଅଛି, ଯହିଁରୁ ଆମକୁ କୃଷିକାରକ ସମୁଦାୟର ବସତି ବାବଦରେ ବିବିଧ ଜ୍ଞାତବ୍ୟ ବିଷୟ ମିଳିଥାଏ । ଏହି ଯୁଗ ସମ୍ବନ୍ଧରେ ଜ୍ଞାନର ଅନ୍ୟ ଏକ ଉତ୍ସ ହେଉଛି, ବେଦ ଏବଂ ଲିଖିତ ସାହିତ୍ୟ । ସଂଘର ନିୟମ ବାବଦରେ ଆଲୋକପାତ କରୁଥିବା ବିନୟପିଟକ, ବୁଦ୍ଧଙ୍କ ଉପଦେଶର ସଂଗ୍ରହ ସୂତ୍ରପିଟକ ତଥା ଅଲୌକିକ ସମସ୍ୟାଗୁଡ଼ିକର ଉଲ୍ଲେଖ କରୁଥିବା ଅଭିଧମ୍ମ ପିଟକ, ଆମକୁ ଏହି ଯୁଗ ବାବଦରେ ତଥା ଏଯୁଗର ଧର୍ମ ପ୍ରଚାରକ, ରାଜକୁମାର, ଧନୀ ଏବଂ ନିର୍ଦ୍ଧନୀ ତଥା ଗାଆଁ ଓ ସହର ବାବଦରେ ସୂଚନା ଦିଅନ୍ତି । ବୁଦ୍ଧଙ୍କ ପୂର୍ବ ଜନ୍ମ ବାବଦରେ ସୂଚନା ଦେଉଥିବା ଜାତକ କଥା, ସୂତ୍ରପିଟକର ଏକ ଅଙ୍ଗ ଅଟେ । ଏଗୁଡ଼ିକ ମଧ୍ୟ ଆମକୁ ସେ ସମୟର ସମାଜ ବାବଦରେ ସ୍ପଷ୍ଟ ସୂଚନା ଦିଅନ୍ତି ।

ଏହି ଗ୍ରନ୍ଥଗୁଡ଼ିକରେ ବିଭିନ୍ନ ଅଞ୍ଚଳ ତଥା ଭୌଗୋଳିକ ବିଭାଜନର ସ୍ପଷ୍ଟ ଚିତ୍ର ମିଳିଥାଏ । ପୁରାତତ୍ତ୍ୱବିତ୍‌ମାନେ ଏହି ଯୁଗ ବାବଦରେ ଆମକୁ ଜାଣିବାରେ ମଧ୍ୟ ବହୁଳ ଭାବରେ ସାହାଯ୍ୟ କରନ୍ତି । ସେମାନେ ଅହିଛତ୍ର, ହସ୍ତିନାପୁର, କୌଶାମ୍ବୀ, ଉଜ୍ଜୟିନୀ, ଶ୍ରାବସ୍ତୀ, ବୈଶାଳୀ ତଥା ଅନ୍ୟାନ୍ୟ କେତେକ ଅଞ୍ଚଳର ପ୍ରତ୍ନତାତ୍ତ୍ୱିକ ଖନନ କରିଛନ୍ତି, ଯେଉଁଗୁଡ଼ିକର କି ଏହିସବୁ ଗ୍ରନ୍ଥରେ ଉଲ୍ଲେଖ ରହିଛି । ସେମାନେ ଏହିସବୁ ଅଞ୍ଚଳର ଲୋକଙ୍କଦ୍ୱାରା ପ୍ରୟୋଗ କରାଯାଇଥିବା ବସ୍ତ୍ର, ଘର, କାନ୍ଥ, ନଗର ଆଦିର ଅବଶେଷ ପାଇ ପାରିଛନ୍ତି । ଉଦାହରଣସ୍ୱରୂପ, ଏହି ଯୁଗର

ପ୍ରତ୍ନତାତ୍ତ୍ୱିକ ଉପଲବ୍ଧିରୁ ଜଣାଯାଏ ଯେ, ଏହି ଯୁଗର ଲୋକେ "ଉତ୍ତରୀକଳା ପାଲିସ କରାଯାଇଥିବା ମୃତ୍ତିକା ପାତ୍ର" କୁହାଯାଉଥିବା ଉତ୍କୃଷ୍ଟ ମାଟିପାତ୍ର, ବାସନର ବ୍ୟବହାର କରୁଥିଲେ । ପୂର୍ବ କାଳର ଜନବସତିଗୁଡ଼ିକରେ ଲୋକେ ହୁଏତ ଲୁହାର ବ୍ୟବହାର ଜାଣି ନଥିଲେ ଅଥବା ବିଶେଷ ଅବସରରେ ବ୍ୟବହାର କରୁଥିଲେ ବୋଲି ଜଣାପଡ଼େ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଲୋକମାନେ ବହୁଳ ଭାବରେ ଲୁହାର ବ୍ୟବହାର କରୁଥିବା ପ୍ରମାଣ ଆମ ପାଖରେ ରହିଛି । ଏହା ସମ୍ପନ୍ନ କୃଷିଜୀବୀ ବସତି ଏବଂ ନଗରଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ଖନନ ସମୟରେ ମିଳିପାରିଛି । ପ୍ରତ୍ନତାତ୍ତ୍ୱିକ ଏବଂ ସାହିତ୍ୟିକ ଉତ୍ସର ମିଳିତ ସୂଚନାରୁ ଆମକୁ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ତଥା ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମାଜର ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୋଇଥାଏ ।

ଜନବସତିର ପ୍ରକାରଭେଦ-୧ : ଜନପଦ

ସମସାମୟିକ ଗ୍ରନ୍ଥଗୁଡ଼ିକରୁ ସୁବ୍ୟବସ୍ଥିତ ଭୌଗୋଳିକ କ୍ଷେତ୍ରରେ ସମାଜ ତଥା ଅର୍ଥ ବ୍ୟବସ୍ଥାରେ ହେଉଥିବା ପରିବର୍ତ୍ତନ ବିଭିନ୍ନ ଖଣ୍ଡ/ବିଭାଗ ଆଦିରୁ ସୂଚନା ମିଳିଥାଏ । ଏଥିରେ ମହାଜନପଦ, ଜନପଦ, ନଗର, ନିଗମ, ଗ୍ରାମ ଆଦି ମୁଖ୍ୟ ଅଟେ । ନିମ୍ନରେ ଜନପଦ ବାବଦରେ ଆଲୋଚନା କରାଗଲା ।

ଜନପଦର ଶାବ୍ଦିକ ଅର୍ଥ ହେଉଛି ଲୋକେ ଯେଉଁଠି ନିଜର ପାଦ ରଖନ୍ତି । ଏହି ଗ୍ରନ୍ଥଗୁଡ଼ିକରେ ଏହା ବାରମ୍ବାର ଉଲ୍ଲିଖିତ ହୋଇଛି । ବୈଦିକ ସମାଜରେ ଏହାର ଅର୍ଥ ଥିଲା 'ଏକ କୂଳର ସଦସ୍ୟ' । ପ୍ରାଥମିକ ବୈଦିକ ସମାଜରେ ଜନର ସଦସ୍ୟମାନେ ପଶୁପାଳକ ଥିଲେ, ଯେଉଁମାନେ କି ଚାରଣଭୂମିର ସନ୍ଧାନରେ ବିଚରଣ କରୁଥିଲେ; ହେଲେ ଉତ୍ତର ବୈଦିକ ସମୟ ପର୍ଯ୍ୟାୟରେ 'ଜନ'ର ସଦସ୍ୟମାନେ ଚାଷ କରିବା ଆରମ୍ଭ କରିଥିଲେ ଏବଂ ସ୍ଥାୟୀ ଭାବରେ ବସବାସ କରିବାକୁ ଲାଗିଲେ । ଏହି ଚାଷୀକୂଳର ବସତିଗୁଡ଼ିକୁ ଜନପଦ କୁହାଯାଉଥିଲା । ପ୍ରାଥମିକ ପର୍ଯ୍ୟାୟରେ ଏହି ବସ୍ତିଗୁଡ଼ିକର ନାମ ସେ ଅଞ୍ଚଳରେ ପ୍ରତିପତ୍ତିଶାଳୀ କ୍ଷତ୍ରିୟମାନଙ୍କର ନାମାନୁସାରେ ରଖାଯାଉଥିଲା । ଉଦାହରଣସ୍ୱରୂପ, ଦିଲ୍ଲୀ ଏବଂ ଉପର ଉତ୍ତର ପ୍ରଦେଶ, କୁରୁ ଏବଂ ପାଞ୍ଚାଳ ଜନପଦ ନାମରେ ପରିଚିତ ଥିଲେ, ଯାହାକି ପ୍ରତିପତ୍ତିଶାଳୀ କ୍ଷତ୍ରିୟ ବଂଶର ନାମ ଥିଲା । ସେମାନେ କୌଣସି ଏକ ସ୍ଥାନରେ ବସତି ସ୍ଥାପନ କରି ରହିଯିବା ପରେ ଚାଷର ବିସ୍ତାର, ବିଶେଷକରି ଲୁହାର ଟାଙ୍ଗିଆ, ଫାଉଡ଼ା, ଲଙ୍ଗଳର ପାତ ଆଦିର ଉପଯୋଗଦ୍ୱାରା ହୋଇଯାଉଥିଲା । ଏହି ସବୁ ଲୌହ ସାଜସରଞ୍ଜାମ ଦ୍ୱାରା ପୂର୍ବକାଳର ତାମ୍ର ଏବଂ ପଥରର ସାଜସରଞ୍ଜାମ ଅପେକ୍ଷା ଏବେ ଅଧିକ ସୁବିଧା ଓ ସହଜରେ ଜଙ୍ଗଲକୁ ସଫା କରାଯାଇପାରୁଥିବା ତଥା ମାଟିକୁ ଅଧିକ ଗଭୀର କରି ଖୋଳଯାଇ ପାରୁଥିଲା । ମଧ୍ୟ-ଗାଙ୍ଗେୟ, ଯାହାକି ଆଲ୍ଲାହାବାଦର ପୂର୍ବରେ ଅବସ୍ଥିତ ଉପତ୍ୟକା ଅଞ୍ଚଳ, ଧାନଚାଷ ପାଇଁ ବିଶେଷ ଉପଯୁକ୍ତ ଅଞ୍ଚଳ ଅଟେ । ପ୍ରତି ଏକର ଜମିରେ ଧାନର ଉତ୍ପାଦନ ହାର ଗହମ ଅପେକ୍ଷା ବହୁତ ଅଧିକ ଥିଲା । ଏଥିଯୋଗୁଁ ଧୀରେ ଧୀରେ ଚାଷ ଏବଂ ଜନସଂଖ୍ୟାରେ ବୃଦ୍ଧି ଅବଶ୍ୟମ୍ଭାବୀ ଥିଲା । ବଂଶଗୁଡ଼ିକର ମୁଖ୍ୟମାନଙ୍କର ଜଣେ ଆଉ ଜଣଙ୍କ ସହିତ ଯୁଦ୍ଧ ସମୟରେ ସୁରକ୍ଷା ତଥା ଲୁଟତରାଜ ପାଇଁ ବହୁତ କିଛି ରହିଥିଲା । ସଂପ୍ରତି ପଶୁଧନ ବ୍ୟତୀତ ଚାଷରୁ ଉତ୍ପାଦନ ମଧ୍ୟ ବହୁତ ପରିମାଣରେ ମିଳୁଥିଲା । ପର୍ବପର୍ବାଣିଗୁଡ଼ିକୁ ଭବ୍ୟ ରୂପ ଦେବା ଉଦ୍ଦେଶ୍ୟରେ ମଧ୍ୟ ସେମାନଙ୍କ ମଧ୍ୟରେ ଲୁଟପାଟ କରିବା ଇଚ୍ଛା ତୀବ୍ର ହୋଇଥିଲା । ଚାଷର ବିସ୍ତାର, ଯୁଦ୍ଧ ତଥା ବିଜୟ ପ୍ରକ୍ରିୟାରେ ବୈଦିକ ଜନଜାତିଗୁଡ଼ିକ ପରସ୍ପର ମଧ୍ୟରେ ତଥା ଅନାର୍ଯ୍ୟମାନଙ୍କ ସଂସ୍ପର୍ଶରେ ଆସିଥିଲେ । ଏହି କାରଣରୁ ବିସ୍ତୃତ ସୀମା ଅଞ୍ଚଳଗୁଡ଼ିକର ଗଠନ ଆରମ୍ଭ ହୋଇଯାଇଥିଲା । ଉଦାହରଣସ୍ୱରୂପ, 'ପାଞ୍ଚାଳ' ପାଞ୍ଚଗୋଟି ସମଭାବାପନ୍ନ ଜନଜାତିଙ୍କର ଏକତ୍ରୀକରଣକୁ ପ୍ରତିନିଧିତ୍ୱ କରୁଥିଲା । କେତେକ ଜନପଦ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ବେଳକୁ ମହାଜନପଦ ରୂପରେ ବିକଶିତ ହୋଇଯାଇଥିଲେ । ଜନପଦଗୁଡ଼ିକର ଆଭ୍ୟନ୍ତରୀଣ ସାମାଜିକ-ରାଜନୈତିକ ସଂରଚନାରେ ହେଉଥିବା ନିରନ୍ତର ପରିବର୍ତ୍ତନର ପରିଣାମସ୍ୱରୂପ କାଳକ୍ରମେ ଏହିସବୁ ମହାଜନପଦ ଗଠିତ ହୋଇଯାଇଥିଲା । ଏଗୁଡ଼ିକ ମଧ୍ୟରୁ

ଏକ ମୁଖ୍ୟ ପରିବର୍ତ୍ତନ ଥିଲା କୃଷିଜୀବୀମାନଙ୍କର ବିସ୍ତାର । ତତ୍‌କାଳୀନ ଗ୍ରନ୍ଥଗୁଡ଼ିକରୁ ଆମକୁ ସୂଚନା ମିଳିଥାଏ ଯେ, ବୈଦିକ ଗ୍ରନ୍ଥମାନଙ୍କରେ ଗାଈମାନଙ୍କ ପ୍ରଜାତି ବିଷୟରେ ବର୍ଣ୍ଣନା ଭଳି ଏସବୁ ଗ୍ରନ୍ଥମାନଙ୍କରେ ଧାନର ପ୍ରଜାତି ବିଷୟରେ ବର୍ଣ୍ଣନା କରାଯାଇଛି ।

ନୂତନ ଗୋଷ୍ଠୀ ସମୂହଗୁଡ଼ିକର ଉଦୟ

ସମାଜରେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଥିଲା ନୂତନ ଶ୍ରେଣୀ ଏବଂ ଗୋଷ୍ଠୀ ସମୂହଗୁଡ଼ିକର ଅଭ୍ୟୁଦୟ । ନିମ୍ନରେ ଏହାକୁ ବିସ୍ତାରପୂର୍ବକ ଆଲୋଚନା କରାଗଲା ।

ଗୃହପତି (ଗହପତି)

ଗୃହପତି ବା ଗହପତି ଜମିଥିବା ପରିବାରର ପାରିବାରିକ ମାଲିକ ଥିଲେ । କଥିତ ଅଛି, ଜଣେ ବ୍ରାହ୍ମଣ ଗୃହସ୍ୱାମୀ ପାଖରେ ଏତେ ପରିମାଣରେ ଜମି ଥିଲା ଯେ, ତାଙ୍କୁ ଜମିକୁ ହଳ କରିବା ପାଇଁ ପାଞ୍ଚଶହ ଲଙ୍ଗଳ ଆବଶ୍ୟକ ହେଉଥିଲା । ଉତ୍ତର ବୈଦିକ ସମାଜରେ 'ବିଶ୍' ଚାଷୀକୁଳର ପ୍ରତିନିଧିତ୍ୱ କରୁଥିଲେ । ଭୂମି କୁଳର ସାମୂହିକ ସମ୍ପତ୍ତି ଥିଲା । ଚାଷୀ ସମାଜର ଅଭ୍ୟୁଦୟ ସଙ୍ଗେ ସଙ୍ଗେ ଜମି ସମ୍ପତ୍ତିର ପ୍ରଧାନ ଅଙ୍ଗ ହୋଇଯାଇଥିଲା । କ୍ଷତ୍ରିୟ ଏବଂ ବ୍ରାହ୍ମଣମାନଙ୍କର ଶାସନ କୁଳ ଏହାକୁ (ଜମିକୁ) ସେମାନଙ୍କ ନିଜ ନିୟନ୍ତ୍ରଣାଧୀନ କରି ନେଇଥିଲେ । ଏହି ସବୁ ଗୋଷ୍ଠୀରୁ ଗୃହସ୍ୱାମୀର ସୃଷ୍ଟି ହୋଇଥିଲା, ଯିଏ କି ସାମୂହିକ ମିଳିତ ମାଲିକାନାର ବିଲୟ ଏବଂ ବୃହତ୍ ବ୍ୟକ୍ତିଗତ ଭୂସ୍ୱାମୀଙ୍କର ଅଭ୍ୟୁଦୟର ପ୍ରତୀକ ଥିଲେ । ଗୃହପତି ନିଜ ଜମିରୁ ଶସ୍ୟ ଉତ୍ପାଦନର ସମସ୍ତ କାର୍ଯ୍ୟ ଦାସ, ମଜୁରିଆ (କର୍ମଚାରୀ) ତଥା ଶୂଦ୍ରମାନଙ୍କଦ୍ୱାରା କରାଉଥିଲେ । ଯୁଦ୍ଧବନ୍ଦୀମାନଙ୍କୁ ଦାସ ରୂପରେ ବ୍ୟବହାର କରାଯାଉଥିଲା । ଜନଜାତିର ଗରିବ ଲୋକେ କର୍ମକାର (ମଜୁରିଆ) ଭାବରେ କାମ କରୁଥିଲେ । ଆଶ୍ରିତ ମଜୁରିଆଙ୍କ ଉପଯୋଗ ଏପରି ଏକ ବଞ୍ଚିତ ଅଥବା ସର୍ବହରା ବର୍ଗ ଉତ୍‌ଥାନର ସୂଚକ ଥିଲା, ଯେଉଁମାନଙ୍କର ଶ୍ରମକୁ ଅତିରିକ୍ତ ଖାଦ୍ୟାନ୍ନ ଉତ୍ପାଦନ ପାଇଁ ବିନିଯୋଗ କରାଯାଉଥିଲା । ଜମିରୁ ଉତ୍ପାଦିତ ଲାଭ ଦାସ କିମ୍ବା ମଜୁରିଆଙ୍କୁ ନ ମିଳି ଗୃହପତିଙ୍କୁ ମିଳୁଥିଲା ।

ବଣିକ

ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସାୟୀ ବର୍ଗର ଅଭ୍ୟୁଦୟ ସମ୍ଭବତଃ ଗୃହପତି ବର୍ଗରୁ ହିଁ ହୋଇଥିଲା । ଉତ୍ପାଦିତ ଶସ୍ୟକୁ ବିକ୍ରିକରି ସେମାନେ କିଛି ଅଧିକ ଧନ ସମ୍ପତ୍ତି ସଂଗ୍ରହ କରି ନେଇଥିଲେ । ପରମୁହୂର୍ତ୍ତରେ ସେହି ଧନକୁ ବ୍ୟବସାୟରେ ବିନିଯୋଗ କରୁଥିଲେ । ବୌଦ୍ଧଗ୍ରନ୍ଥ ସୂତ୍ରରେ ବ୍ୟବସାୟୀମାନଙ୍କ ପାଇଁ ଏକ ଶବ୍ଦ ଯାହାର କି ବାରମ୍ବାର ପ୍ରୟୋଗ କରାଯାଇଛି ତାହା ହେଉଛି 'ସେଠୀ' । ଏହାର ଅର୍ଥ ହେଉଛି 'ଯାହା ପାଖରେ ସର୍ବାଧିକ ଅଛି ।' ଏଥିରୁ ଏହା ସ୍ପଷ୍ଟ ହୁଏ ଯେ, ଧନ ସମ୍ପତ୍ତିର ଦିଆନିଆ କରୁଥିବା ବ୍ୟକ୍ତିମାନଙ୍କୁ ସମାଜରେ ବିଶେଷ ପ୍ରତିଷ୍ଠା ଏବଂ ଶକ୍ତି ପ୍ରାପ୍ତ ହୋଇଥିଲା । ବ୍ରାହ୍ମଣ୍ୟ ଗ୍ରନ୍ଥଗୁଡ଼ିକରେ ପ୍ରାୟତଃ ବ୍ୟବସାୟୀ ଏବଂ ବୈଶ୍ୟମାନଙ୍କର ଉଲ୍ଲେଖ ଅଛି । ସେମାନେ ବ୍ୟବସାୟୀ ଗୋଷ୍ଠୀ ଥିଲେ । ସେମାନଙ୍କୁ ଏହି ଗ୍ରନ୍ଥଗୁଡ଼ିକରେ ନିମ୍ନ ଦୃଷ୍ଟିରେ ଦେଖାଯାଇଛି । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ସୁଦ୍ଧା ବ୍ୟବସାୟ ଏବଂ ବାଣିଜ୍ୟ ଆର୍ଥିକ ଗତିବିଧିର ଏକ ସ୍ୱତନ୍ତ୍ର କ୍ଷେତ୍ର ହୋଇସାରିଥିଲା । ବ୍ୟବସାୟୀମାନେ ମୁଖ୍ୟତଃ ସହରଗୁଡ଼ିକରେ ରହୁଥିଲେ । ସେମାନଙ୍କ ଅଭ୍ୟୁଦୟକୁ ଆଜିକାର ସମୟରେ ସହର ଓ ନଗର ସହିତ ଜଡ଼ିତ କରାଯାଏ । ଏହି ବ୍ୟବସାୟୀମାନେ ସୁବିସ୍ତୃତ ବିଶାଳ ଅଞ୍ଚଳରେ ନିଜର ବ୍ୟବସାୟକୁ ପରିବ୍ୟାପ୍ତ କରି ରଖିଥିଲେ । ବିଭିନ୍ନ ପ୍ରଦେଶରେ ବ୍ୟବସାୟ ପ୍ରସାର କରି ସେମାନେ ଏପରି ସମ୍ଭାବନା ସୃଷ୍ଟି କରିଦେଇଥିଲେ ଯେ, ରାଜା ବ୍ୟବସାୟୀମାନେ ଭ୍ରମଣ କରିଥିବା ଅଞ୍ଚଳ ସବୁକୁ ନିଜ ଅଧୀନସ୍ଥ କରି ନିଅନ୍ତୁ । ଏହି ପ୍ରକାରେ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ସୁଦ୍ଧା କୃଷକ ଏବଂ

ବ୍ୟବସାୟୀମାନଙ୍କର ଏକ ପୃଥକ ବର୍ଗ ଅଭିବୃଦ୍ଧି ଘଟି ସାରିଥିଲା । ସେମାନେ ବ୍ୟାପକ ବାଣିଜ୍ୟ ସାଥିରେ ଜଡ଼ିତ ରହିଥିଲେ । ବହୁତା ଆଡ଼ଯାଏଁ ଅଥବା ଯନ୍ତ୍ରକୁ ପ୍ରଥମ କରିବାକୁ ନିଜକୁ ଅଜଣା କରି ନେଇଥିଲେ । ପ୍ରମୁଖ ଏହି ସମୟ କାଳରେ ଜମିରେ ବ୍ୟବହାର ହେବାକୁ ଥିବା ପଶୁସମ୍ପଦ, ଭୂମି ତଥା ତା'ର ଉତ୍ପାଦନ ବୃଦ୍ଧିରେ ନିଜସ୍ୱ ସମ୍ପତ୍ତି ଏକ ବିତ୍ତଶାଳୀ ଆର୍ଥିକ ଭାବରେ ହୋଇପାରିଥିଲା ।

ଶାସକ ଏବଂ ଶାସିତ

ସାମାଜିକ ଆର୍ଥିକ କ୍ଷେତ୍ରରେ ବିକାଶ ସହିତ ମହାଜନପଦଗୁଡ଼ିକରେ ରାଜନୈତିକ ସ୍ଥିତିରେ ମଧ୍ୟ ପରିବର୍ତ୍ତନ ହୋଇଥିଲା । ପୂର୍ବ ବୈଦିକ କାଳରେ ରାଜା ଶକ୍ତି ହିଁ ପ୍ରମୁଖ ପାଇଁ କେନ୍ଦ୍ରିତ ହୋଇଥିଲା । ଉତ୍ତରବୈଦିକଯୁଗ, ରାଜ, ରାଜାଙ୍କ ଦରବାରରେ ଯେ ସମସ୍ତ ଅନେକ ବିମର୍ଶନୀ କରେ ଯେ, ସମ୍ମୁଖରେ ରାଜା ଭାବରେ ବିବିଧ ଅଛନ୍ତି । ଏହାର ଅର୍ଥ ହେଉଛି, ଯେଉଁ ବ୍ୟକ୍ତି ସମ୍ମୁଖରେ ଅଥବା ବଂଶପରମ୍ପରାରେ ଶାସନ କରୁଥିଲେ । ଠିକ୍ ସେହିପରି ସ୍ୱୟଂଭୂମଣ୍ଡଳ ଶ୍ରେଷ୍ଠ ରାଜା ହୋଇ ସ୍ୱରାଜ୍ୟ । ସେମାନେ ନିଜ ନିଜର ବଂଶକୁ ଶାସନ କରୁଥିଲେ; ସେହେତୁ କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ସୀମା ଉପରେ ଶାସନର ପରିକଳ୍ପନା କରାଯାଇ ନଥିଲା । ରାଜା ତଥା ସମାଜଙ୍କଠାରୁ ଅଲଗା ଥାଇ କରିବା ଆଧାରରେ ସେମାନଙ୍କ ଭୂମି ଉପରେ ନିର୍ଭର କରୁଥିଲା । ରାଜା ଜଣେ ଉତ୍ତମ ପିତୃତ୍ୱର ବ୍ୟକ୍ତି ଭାବରେ ସ୍ଥାନ ହେଉଥିଲେ, ଯାହାଙ୍କ କର୍ତ୍ତବ୍ୟ ବଂଶର ସମ୍ପଦକୁ ସୁରକ୍ଷିତ କରିବା ଥିଲା । ତାଙ୍କ ପାଖରେ ସ୍ୱତନ୍ତ୍ର ଅଲଗା ଆଦାୟ ବ୍ୟବସ୍ଥା ଅଥବା ସୈନ୍ୟବାହିନୀ ନଥିଲା । ଏହାର ବିପରୀତ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ଉତ୍ତରଭାଗରେ ରାଜାମାନଙ୍କ ଭାବରେ ଉତ୍ତରାଧିକାର-ଆର୍ଥିକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଶାସନ କରିବା, ନିୟମିତ ଅଲଗା ଆଦାୟ ଏବଂ ତାଙ୍କୁ ତଥା ସୈନ୍ୟବାହିନୀ ରଖିବା ଇତ୍ୟାଦିରେ ସମର୍ଥ ହେଲେ । ଏହେ ରାଜା ଏବଂ ପ୍ରଜାଙ୍କ ମଧ୍ୟରେ ଭିନ୍ନତା ଷଷ୍ଠ ହୋଇଯାଇଥିଲା । ପ୍ରଜାମାନଙ୍କ ମଧ୍ୟରେ ଅଣ-ବଂଶୀୟ ସମ୍ପର୍କ ମଧ୍ୟ ଥିଲେ । ସୈନ୍ୟବାହିନୀର ଉପସ୍ଥିତି ଅର୍ଥ ହେଉଛି ପ୍ରାମାଣ୍ୟ ଲୋକମାନଙ୍କ ଉପରେ ବଳପ୍ରୟୋଗ କରିବାର ଅଧିକାର ତଥା ଦଣ୍ଡଦେବା ତାଙ୍କ ଏବଂ ଅଧିକାଂଶ ସହିତ ନିଜର ସେନ୍ୟୋପ ଦ୍ୱାରା ହେଉଥିଲା । ପୂର୍ବକାଳର ରାଜାଙ୍କଠାରୁ ଭୂମିପୁତ୍ରଙ୍କ ପ୍ରତି ଅଧିକାଂଶ ଆକ୍ରମଣ ପ୍ରାମାଣ୍ୟରେ ଏବଂ ସଂଗଠିତ ଭାବରେ ଆକ୍ରମଣ କରି କୌଣସି ଅଞ୍ଚଳକୁ ବଳପ୍ରୟୋଗ କରି ତଥା କୃଷକ ଏବଂ ବ୍ୟବସାୟୀମାନଙ୍କଠାରୁ ବଳପୂର୍ବକ ଅଲଗା ଆଦାୟ ବ୍ୟବସ୍ଥା ତଥା କରିବା ଆରମ୍ଭ ହୋଇଯାଇଥିଲା । ଅଲଗା ଆଦାୟ ପାଇଁ ନିଯୁକ୍ତ କର୍ମଚାରୀମାନଙ୍କ ଦ୍ୱାରା ବାରାଣସୀ ଭଳି କରାଯାଉଥିଲା । ରାଜକର୍ମଚାରୀମାନଙ୍କ ସହାୟତାରେ ରାଜା ସହିତ ଅନେକ ଶାସନ କରୁଥିଲେ । ଉତ୍ପାଦନର ଏକ ଅଂଶ ରାଜାଙ୍କୁ ଦିଆଯାଉଥିଲା । ଭୂମି ଉପରେ ଅଧିକାର ପାଇଁ 'ଭାଗଦୁଘ', 'ଶୌଲ୍କିକ' ଏବଂ 'ବଳିସାଧକ' ଆଦି କର୍ମଚାରୀ ନିଯୁକ୍ତ ହୋଇଥିଲେ । ଏହି ସମୟରେ ରାଜା କର ଆଦାୟ ପାଇଁ ରାଜକର୍ମଚାରୀମାନଙ୍କ ଦ୍ୱାରା ଗ୍ରାମଭୋଜକ ଓ ଅନ୍ୟାନ୍ୟ ଅଧିକାରୀ ନିଯୁକ୍ତ କରୁଥିଲେ । ଧନଧାନ୍ୟ, ଗୋରୁ, ଘୋଡ଼ା, ହାତୀ ଓ ଗହଣା ଆଦି ରାଜାଙ୍କ ଖଜଣା ଘରେ ଥିଲା । ଅନେକ ସମ୍ପତ୍ତି ଥିଲା ।

ଏହିପରି ଭାବରେ ଆମେ ଦେଖୁଛୁ ଯେ, ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଏକ ନୂତନ ପ୍ରକାରର ରାଜନୈତିକ ବ୍ୟବସ୍ଥାର ଅଭ୍ୟୁଦୟ ହୋଇଥିଲା । ପ୍ରଥମ ଥର ପାଇଁ ସୈନ୍ୟ, ଦୁର୍ଗ, ଖଜଣା ଭଳି ଉପାଦାନ ରାଜ୍ୟର ଅଙ୍ଗ ଭାବେ ଗଣାଯାଉଥିଲା । ସାମନ୍ତମାନଙ୍କ ନିଜର ସମ୍ପର୍କ ମଧ୍ୟରେ ଶକ୍ତି ଦେଖାଯାଇଥିଲା । ଏହି ରାଜ୍ୟ ଗୁଡ଼ିକ ପ୍ରଜାଙ୍କ ଉପରେ ପ୍ରଭାବ ଗଢ଼ି ଉଠିଥିଲା । ପ୍ରାମାଣିକତା ଅନୁସାରେ ଏକ ସୈନ୍ୟବାହିନୀ ରହିଥିଲା । ପ୍ରଜାମାନଙ୍କଠାରୁ ଅଲଗା ଆଦାୟ କରାଯାଉଥିବା ରାଜସ୍ୱ ସୈନ୍ୟବାହିନୀ ପ୍ରତି ଦିଆଯାଉଥିଲା । ସୈନିକ ପୁରୁଷମାନଙ୍କର ନିୟମିତ ରାଜା ଏବଂ ଅଧିକାରୀମାନଙ୍କ ତରଫରୁ ବଂଶ ପରମ୍ପରାଠାରୁ ଭିନ୍ନ କରିଦେଲା ।

ଜନଜାତିଗୁଡ଼ିକ ସୁଦୂର ଅଞ୍ଚଳଗୁଡ଼ିକରେ ଯୁଦ୍ଧ କରିପାରୁ ନଥିଲେ ତଥା ସୈନ୍ୟବାହିନୀର ଆବଶ୍ୟକତା ମୁତାବକ ନିୟମିତ ଖଜଣା ଦେବା ସେମାନଙ୍କ ପକ୍ଷେ ସମ୍ଭବ ହେଉନଥିଲା । ରାଜାଙ୍କ ଶକ୍ତି ଜନଜାତିର ନିଜ ସାଥୀଙ୍କ ମଧ୍ୟରେ ଧନର ବଣ୍ଟନ ଉପରେ ଆଧାରିତ ନଥିଲା । ଏବେ ରାଜାଙ୍କ ଶକ୍ତି ସଂଘବଦ୍ଧ ବଂଶସମୂହକୁ ଭାଙ୍ଗିବାର ତଥା ଧନ ଉତ୍ପାଦନରେ ସକ୍ଷମ ବ୍ୟକ୍ତି ଏବଂ ସମୂହଗୁଡ଼ିକୁ ମାନ୍ୟତା ଦେବା ଉପରେ ଆଧାରିତ ଥିଲା । ଏହି ଧନର କିଛି ଅଂଶ ଖଜଣା ରୂପରେ ଉତ୍ପାଦନକାରୀମାନଙ୍କଠାରୁ ଆଦାୟ କରାଯାଉଥିଲା । ବଂଶ ଉପରେ ଆଧାରିତ ସମାଜ ଯଦି ପ୍ରତିଷ୍ଠିତ ହୋଇଥାନ୍ତା, ତେବେ ମୁଖିଆଦ୍ୱାରା ଏହିପରି ମନଇଚ୍ଛା ବଳପୂର୍ବକ ଧନ ନେଇଯିବା ସ୍ୱୀକୃତ ହୋଇ ନଥାନ୍ତା । ମୁଖିଆଙ୍କ ସ୍ଥାନରେ ଆସୀନ ରାଜା କୃଷକ ଏବଂ ବ୍ୟବସାୟୀମାନଙ୍କଠାରୁ ଖଜଣା ଆଦାୟ କରୁଥିଲେ ତଥା ସେମାନଙ୍କୁ ଆଭ୍ୟନ୍ତରୀଣ ଓ ବାହ୍ୟ ଆକ୍ରମଣରୁ ସୁରକ୍ଷା ପ୍ରଦାନ କରୁଥିଲେ ।

ଜନବସତିର ପ୍ରକାର-୨ : ମହାଜନପଦ

ଏକ ନୂତନ ରାଜନୈତିକ-ଭୌଗୋଳିକ ଖଣ୍ଡ ଯହିଁରେ ଗୃହପତି, ବ୍ୟବସାୟୀ ତଥା ଶାସକ ଏବଂ ଶାସିତଙ୍କ ମଧ୍ୟରେ ସମ୍ପର୍କର ନୂତନ ପ୍ରତିଫଳନ ଦେଖାଦେଇଥିଲା, ସେଗୁଡ଼ିକୁ ମହାଜନପଦ କୁହାଗଲା । ମହାଜନପଦର ତାତ୍ପର୍ଯ୍ୟ ମଗଧ, କୋଶଳ ଆଦି ବିଶାଳ ଜନପଦ, ଯହିଁରେ ରାଜା ଅଥବା ଆଭିଜାତ୍ୟ ବର୍ଗ ରାଜୁତି କରୁଥିଲେ । ବିଶେଷତଃ, ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ କେତେକ ମହାଜନପଦ ତତ୍ପୂର୍ବବର୍ତ୍ତୀ ସମୟରେ ସ୍ୱାୟତ୍ତ ଶାସିତ ଜନପଦକୁ ମିଶେଇକରି ଗଠିତ ହୋଇଥିଲେ । ଉଦାହରଣସ୍ୱରୂପ, କୋଶଳ ଜନପଦରେ ଶାକ୍ୟ, କାଶୀ ତଥା ମଗଧରେ ସାମ୍ରାଜ୍ୟ ଗଠିତ ହେବା ପୂର୍ବରୁ ଅଙ୍ଗ ଓ ବଜ୍ଜି ଆଦି ଜନପଦ ମିଶି ସାରିଥିଲେ । ସମସାମୟିକ ବୌଦ୍ଧ ଗ୍ରନ୍ଥଗୁଡ଼ିକରେ ନୂତନ ସମାଜର ପ୍ରତିବିମ୍ବ ପ୍ରତିଫଳିତ ହୋଇଥିଲା । ବିଶେଷକରି ସେଗୁଡ଼ିକର ଉଲ୍ଲେଖ ଜୀବକ କଥାଗୁଡ଼ିକରେ ଉଲ୍ଲିଖିତ ହୋଇଥିଲା । ଐତିହାସିକମାନେ ଏହି ଲୋକକଥାଗୁଡ଼ିକୁ ସେ ଯୁଗର ମଣିଷର ଆଶା, ଅଭିଳାଷ, ସମ୍ବନ୍ଧ ତଥା ସାମାଜିକ ଅବସ୍ଥା ବାବଦରେ ଜାଣିବା ପାଇଁ ଅଧ୍ୟୟନ କରିଥାନ୍ତି ।

ଜୀବକ କଥା

ପ୍ରସିଦ୍ଧ ଚିକିତ୍ସକ ଜୀବକଙ୍କ କଥା ବୁଦ୍ଧଙ୍କ ସମୟରୁ ଉପଲବ୍ଧ ହୋଇଥାଏ । ରାଜଗୃହ (ପାଟନା ନିକଟସ୍ଥ ରାଜଗିରି) ସହରରେ ଅଭୟ ନାମକ ଜଣେ ରାଜକୁମାର ରହୁଥିଲେ । ସେ ସଡକ କଡରେ ଏକ ପରିତ୍ୟକ୍ତ ଶିଶୁକୁ ଦେଖିଲେ । ସେ ତାକୁ ଘରକୁ ନେଇ ଆସିଲେ ଏବଂ ଧାଈକୁ ସେ ଶିଶୁର ଲାଳନପାଳନ ଭାର ଦେଲେ । ସେ ଶିଶୁର ନାମ ରଖିଥିଲେ "ଜୀବକ" ।

ଜୀବକ ବଡ଼ ହେବାପରେ ଜୀବିକା ନିର୍ବାହ ପାଇଁ ତାକୁ କ'ଣ କରିବାକୁ ପଡ଼ିବ ସେ ବାବଦରେ ଭାବିବାକୁ ଲାଗିଲା । ସେ ଜଣେ ବୈଦ୍ୟ (ଚିକିତ୍ସକ) ହେବାପାଇଁ ନିର୍ଣ୍ଣୟ ନେଲା । ସେ ସମୟରେ ତକ୍ଷଶିଳା ଏକ ପ୍ରସିଦ୍ଧ ଶିକ୍ଷାକେନ୍ଦ୍ର ଥିଲା । ଆୟୁର୍ବେଦ ଶିକ୍ଷାପାଇଁ ଜୀବକ ସେଠାକୁ ଯିବାପାଇଁ ସିଦ୍ଧାନ୍ତ ନେଲା ।

ଜୀବକ ତକ୍ଷଶିଳାରେ ସାତବର୍ଷ କାଳ ରହିଥିଲା । ସେଠାରେ ସେ ପ୍ରସିଦ୍ଧ ଆୟୁର୍ବେଦବିତ୍‌ଙ୍କ ତତ୍ତ୍ୱାବଧାନରେ ଏକାନ୍ତ ଅଧ୍ୟୟନ କରିଥିଲା । ଶିକ୍ଷା ଶେଷରେ ଗୁରୁ ତାକୁ ପରୀକ୍ଷା କରିବା ପାଇଁ ଚାହିଁଲେ । ଜୀବକକୁ ଗୁରୁ ଆଦେଶ ଦେଇଥିଲେ ଯେ, ସେ ତକ୍ଷଶିଳାରେ ଚାରିଆଡେ ବୁଲି ବୁଲି ଏପରି ଜଡିବୁଟି ଖୋଜି ଆଣିବ ଯାହାକି ଔଷଧ ତିଆରି ପାଇଁ କୌଣସି କାମରେ ଆସୁ ନଥିବ । ଜୀବକ ଅତି ସାବଧାନ ସହକାରେ ସେହିପରି ଜଡିବୁଟି ଖୋଜିବାରେ ଲାଗିଲା, ଯାହାକି ଔଷଧ ତିଆରି କରିବା ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ବେକାର ଅଥବା ମୂଲ୍ୟହୀନ ଅଟେ । ଜୀବକ ଫେରି ଆସିବା ପରେ ଗୁରୁଜୀ ତାକୁ ପଚାରିଲେ, "ତୁମେ କେତେଗୋଟି ଉଦ୍ଭିଦ ପାଇଲ ?" ଜୀବକ ଉତ୍ତର ଦେଇଥିଲା

"ହେ ମହାନୁଭବ ଗୁରୁଜୀ ! ମୋତେ ଆପଣଙ୍କ ଆଦେଶ ମୁତାବକ ଗୋଟିଏ ହେଲେ ଉଦ୍ଭିଦ ମିଳିଲା ନାହିଁ, ଯାହାକି କୌଣସି ହେଲେ ଔଷଧ ତିଆରି ପାଇଁ କାମରେ ଆସିବ ନାହିଁ ।" ଗୁରୁଜୀ ଅତି ପ୍ରସନ୍ନ ହୋଇ କହିଥିଲେ ଯେ, ଜୀବକ ତୁମର ଶିକ୍ଷା ସମ୍ପୂର୍ଣ୍ଣ ହେଲା ।

ତା'ପରେ ଜୀବକ ରାଜଗୃହ ଆଡକୁ ଯାତ୍ରା କଲା । ସେ ଅଧାବାଟ ଅତିକ୍ରମ କରିଛି, ଏପରି ସମୟରେ ତା'ପାଖରେ ଥିବା ସମସ୍ତ ଧନ ସମାପ୍ତ ହୋଇଗଲା । ସେ କିଛି କାମ ଖୋଜିବାରେ ଲାଗିଗଲା । ତାକୁ ଖବର ମିଳିଲା ଯେ, ସେହି ପାଖର ଜଣେ ଧନୀ ବ୍ୟବସାୟୀଙ୍କ ପତ୍ନୀ ସାତ ବର୍ଷ ହେଲା ବେମାର ଅଛନ୍ତି । ଜୀବକ ତାଙ୍କୁ ଆରୋଗ୍ୟ କରିଦେଲେ । ବ୍ୟବସାୟୀ ଜଣକ ଜୀବକଙ୍କୁ ଅନେକ ଧନ ଦେଲେ । ଏହିପରି ଭାବରେ ଜୀବକ ରାଜଗୃହରେ ପହଞ୍ଚିଲେ । ରାଜଗୃହକୁ ଆସି ସେ ସମ୍ରାଟ ବିମ୍ବିସାରଙ୍କ ବ୍ୟକ୍ତିଗତ ବୈଦ୍ୟ ରୂପରେ ଅଧିଷ୍ଠିତ ହୋଇଥିଲେ । ସମ୍ରାଟ ବିମ୍ବିସାର ଜୀବକଙ୍କ ବିଦ୍ୟା ଓ ଜ୍ଞାନରେ ଏତେ ବେଶି ପ୍ରଭାବିତ ହୋଇଗଲେ ଯେ, ସେ ଜୀବକଙ୍କୁ ବୁଦ୍ଧଙ୍କ ଚିକିତ୍ସା ପାଇଁ ପଠାଇଥିଲେ । ଏହିପରି ଭାବରେ ଜୀବକ ବୁଦ୍ଧଙ୍କ ସଂସ୍ପର୍ଶରେ ଆସିଥିଲେ । ସେ ବୌଦ୍ଧ ଭିକ୍ଷୁମାନଙ୍କୁ ବହୁତ ଭେଟି ଦେଇଥିଲେ ।

ଗାଆଁ

ମହାଜନପଦଗୁଡିକରେ ମୌଳିକ ବସତିଗୁଡିକର ଅଂଶ ଥିଲା ଗ୍ରାମ (ଯାହାକି ପାଲୀ ଏବଂ ପ୍ରାକୃତ ଭାଷାରେ ସଂସ୍କୃତର ଗ୍ରାମ ଶବ୍ଦର ସମାନାର୍ଥବୋଧକ ଅଟେ ଏବଂ ଏହାର ଅର୍ଥ ମଧ୍ୟ ଗାଆଁ ଅଟେ) । ଏହି ଗାଆଁଗୁଡିକ ଲୋକଙ୍କର ଚଳପ୍ରଚଳ ହେଉଥିବା ଖଣ୍ଡ ଥିଲା ଏବଂ ଯେତେବେଳେ ଦୁଇଗୋଟି ଗାଆଁ ପାଖାପାଖି ହୋଇ ଯାଆନ୍ତି ତେବେ ସଂଗ୍ରାମ (ଯାହାର ଶାବ୍ଦିକ ଅର୍ଥ ଗାଆଁଗୁଡିକ ଗୋଟିଏ ଅନ୍ୟଟିର ପାଖକୁ ଆସିବା ଅଟେ) ଅଥବା ଯୁଦ୍ଧ ହେଉଥିଲା । ଚଳପ୍ରଚଳ ଖଣ୍ଡ ହୋଇଥିବାରୁ ଯେତେବେଳେ ଶତ୍ରୁତା ସମ୍ପନ୍ନ ଦୁଇଗୋଟି ଗ୍ରାମ ମିଳିତ ହେଉଥିଲା, ସେତେବେଳେ ଜଣେ ଅନ୍ୟ ଜଣକର ପଶୁସମ୍ପଦକୁ ବଳପୂର୍ବକ ନେଇ ଯିବାପାଇଁ ଚେଷ୍ଟା କରୁଥିଲେ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ଗାଆଁଗୁଡିକ ଏହିପରି ମଣିଷମାନଙ୍କର ବସତି ଥିଲା ଯେଉଁ ସ୍ଥାନର ଲୋକେ ଚାଷକାର୍ଯ୍ୟ କରୁଥିଲେ । ଏହା ପଶୁପାଳନଠାରୁ କୃଷିଜୀବୀ ସମୁଦାୟର ପରିବର୍ତ୍ତନ ଆଡକୁ ସଙ୍କେତ କରିଥାଏ । ଗାଆଁ, ଛୋଟ ଏବଂ ବଡ଼ ଉଭୟ ପ୍ରକାରର ଥିଲା, ଯେଉଁଠିକି ଏକ ଅଥବା ଏକାଧିକ ପରିବାର ବସବାସ କରିପାରୁଥିଲେ । ପ୍ରତୀତ ହୁଏ ଯେ, ଗାଆଁର ପ୍ରତ୍ୟେକ ପରିବାର ଗୋଟିଏ ଗୋତ୍ର ବିଶିଷ୍ଟ ଥିଲେ; ଫଳରେ ସମଗ୍ର ଗାଆଁ ପରସ୍ପର ସହିତ ସମ୍ପର୍କରେ ଯୋଡି ହୋଇଥିଲା । ଅର୍ଥାତ୍ ସମସ୍ତେ ସମସ୍ତଙ୍କର ବନ୍ଧୁପରିଜନ ଏବଂ ସମ୍ବନ୍ଧୀୟ ଥିଲେ । କ୍ରମଶଃ ବହୁ ପରିମାଣରେ ଜମି ଅଧିକାର କରି ରଖିଥିବା ପରିବାରଗୁଡିକର ଅଭ୍ୟୁଦୟ ତଥା ସେମାନଙ୍କର ଦାସ, କର୍ମକାର ତଥା ପୋରିଆ (ହଳିଆ) ରଖିବା ସଙ୍ଗେସଙ୍ଗେ ଅଣ-ସ୍ୱଗୋତ୍ରୀୟ ଗ୍ରାମ ଅସ୍ତିତ୍ୱକୁ ଆସିଥିଲା । ଭୂସ୍ୱାମୀତ୍ୱ ଏବଂ ବିଭିନ୍ନ ପ୍ରକାରର ରୟତୱାରୀ ଅଧିକାରର ମଧ୍ୟ ଉଲ୍ଲେଖ ମିଳିଥାଏ । କସକ ଏବଂ କ୍ଷେତ୍ରିକା ଶବ୍ଦଗୁଡିକର ପ୍ରୟୋଗ ଶୂଦ୍ର ଜାତିର ସାଧାରଣ କୃଷକଙ୍କ ପାଇଁ କରାଯାଉଥିଲା । ଗାଆଁର ମୁଖିଆଙ୍କୁ ଗ୍ରାମଣୀ କୁହାଯାଉଥିଲା । ସିପାହୀ, ହାତୀ ତଥା ଅଶ୍ୱ ପ୍ରଶିକ୍ଷକ ଏବଂ ମଞ୍ଚ ପ୍ରବନ୍ଧକଙ୍କୁ ମଧ୍ୟ ଗ୍ରାମଣୀ କୁହାଯାଉଥିଲା । ଶିଳ୍ପକ୍ଷେତ୍ରରେ ବିଶେଷଜ୍ଞତାରେ ବୃଦ୍ଧିର ପ୍ରମାଣ ଗାଆଁର ପଶୁପାଳକ, କମାର, କାଠକଟାଳୀ ଆଦିଙ୍କର ଉଲ୍ଲେଖରୁ ଜାଣିହୁଏ । କୃଷି ବ୍ୟତୀତ ଅନ୍ୟାନ୍ୟ କଳାଗୁଡିକରେ ଗାଆଁଦ୍ୱାରା ବିଶିଷ୍ଟ କୌଶଳ ପ୍ରାପ୍ତ କରିବା, ବର୍ଦ୍ଧିଷ୍ଣୁ ବ୍ୟବସାୟ ଆଦି ସମ୍ପନ୍ନ-ଅର୍ଥ ବ୍ୟବସ୍ଥାର ସୂଚକ ଅଟେ । ଏହାର କାରଣ, ଗାଆଁର ଯେଉଁ ଲୋକମାନେ ନିଜେ ଖାଦ୍ୟାନ୍ନ ଉତ୍ପନ୍ନ କରୁ ନଥିଲେ ସେମାନେ ସମ୍ଭବତଃ ଅନ୍ୟ ଲୋକଙ୍କଠାରୁ ଖାଦ୍ୟାନ୍ନ ପ୍ରାପ୍ତ କରୁଥିଲେ, ଯାହାର ଅର୍ଥ ବସ୍ତୁଗୁଡିକର ପରସ୍ପର ବିନିମୟ ଜନସାଧାରଣଙ୍କ ଆର୍ଥିକ ଜୀବନର ଅଭିନ୍ନ ଅଙ୍ଗ ହୋଇଯାଇଥିଲା । କଳା କ୍ଷେତ୍ରରେ ସେମାନଙ୍କର ବିଶେଷ ଦକ୍ଷତାରୁ ମଧ୍ୟ ଏହି ଦିଗ ବାବଦରେ ସଙ୍କେତ ମିଳିଥାଏ ଯେ, ଶିଳ୍ପକାରମାନଙ୍କ ଦ୍ୱାରା ଉତ୍ପାଦିତ ଜିନିଷଗୁଡିକର ବିଶେଷ ଆବଶ୍ୟକତା ରହିଥିଲା ।

ସହର ଓ ନଗର

ଏହି ସମୟରେ ରାଜା ଏବଂ ବ୍ୟବସାୟୀମାନଙ୍କଦ୍ୱାରା ନିୟନ୍ତ୍ରିତ ବିଭିନ୍ନ ଜାତିର ଲୋକେ ବସବାସ କରୁଥିବା ନୂତନ ବସତି ସବୁ ଗଢ଼ି ଉଠିଥିଲା । ଏହି ଖଣ୍ଡଗୁଡିକ (ବସତିଗୁଡିକ) ପୁର, ନିଗମ ତଥା ନଗର ଭାବରେ ଅଲଗା ଅଲଗା ପ୍ରକାରରେ ଉଲ୍ଲିଖିତ ହୋଇ ଆସୁଛି । ଏହି ବସତିଗୁଡିକ ମଧ୍ୟରେ ପ୍ରଭେଦ ସ୍ପଷ୍ଟ ନୁହେଁ । ଏହି ନଗର ଏବଂ ସହର, ଗାଆଁଗୁଡିକ ଅପେକ୍ଷା ବହୁତ ବଡ଼ ଥିଲା । ସମସାମୟିକ ସାହିତ୍ୟରୁ ଅଯୋଧ୍ୟା ତଥା ବାରଣାସୀ ପରି ସହରଗୁଡିକ ବାବଦରେ ସୂଚନା ମିଳିଥାଏ, ଯାହାର କ୍ଷେତ୍ରଫଳ ତିରିଶରୁ ପଚାଶ ବର୍ଗ କିଲୋମିଟର ବୋଲି ଉଲ୍ଲେଖ ଅଛି । ଏହି ତଥ୍ୟ କିନ୍ତୁ ଅତିରଞ୍ଜିତ ବୋଲି ମନେହୁଏ, କାରଣ ଏହି ସହରଗୁଡିକର ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଏ ଯେ, ସେଗୁଡିକ ସାଧାରଣ ବସତି ଥିଲା । କୌଣସି ସମୟରେ ମଧ୍ୟ ଏହାର କ୍ଷେତ୍ରଫଳ ପାଞ୍ଚ କିଲୋମିଟରରୁ ଅଧିକ ନଥିଲା । ଇତିହାସର ଏହି ପର୍ଯ୍ୟାୟର ପରବର୍ତ୍ତୀ ସମୟରେ ମସୃଣକାର ମୃତ୍ତିକାପାତ୍ର (ମାଠିଆ, ଭାଣ୍ଡ ଆଦି) ପରି ଉତ୍କୃଷ୍ଟ ଭାଣ୍ଡ ଏହି ବସତିର ବାସିନ୍ଦାମାନେ ବ୍ୟବହାର କରୁଥିଲେ । ଏହି ବସତିଗୁଡିକରେ ବେପାର ବାଣିଜ୍ୟ ଏବଂ ଲୋକସଂଖ୍ୟାରେ ନିରନ୍ତର ବୃଦ୍ଧି ହୋଇ ଚାଲିଥିଲା । କୌଶାମ୍ବୀ, ଉଜ୍ଜୟିନୀ, ରାଜଘାଟ (ବାରଣାସୀ) ତଥା ରାଜଗୀର ଆଦି ସହରଗୁଡିକର ଚତୁଃପାର୍ଶ୍ୱରେ ଦୁର୍ଗୀକରଣ (ପୁର ନିର୍ମାଣ) କରାଯାଇଥିଲା । ପ୍ରାଚୀନ ଗ୍ରନ୍ଥସବୁରୁ ମିଳୁଥିବା ତଥ୍ୟାବଳୀରୁ ଏହା ସ୍ପଷ୍ଟ ହୁଏ ଯେ, ଏହି ସହରଗୁଡିକର ଅଭ୍ୟୁଦୟ, ଶକ୍ତିର କେନ୍ଦ୍ରସ୍ଥଳ ତଥା ମହାଜନପଦଗୁଡିକ ଉପରେ ନିୟନ୍ତ୍ରଣକାରୀ ରୂପରେ ହୋଇଥିଲା । ରାଜା ସହରରେ ରହି ଶାସନ କରୁଥିଲେ । ନବୋଦିତ ବ୍ୟବସାୟୀବର୍ଗ ମୁଦ୍ରା ପ୍ରଚଳନର ଆରମ୍ଭ ହେବାପରେ ଏହିସବୁ ଶକ୍ତିକୈନ୍ଦ୍ରିକ ନଗରଗୁଡିକରେ ରହି ବ୍ୟବସାୟକୁ ନିୟନ୍ତ୍ରଣ କରୁଥିଲେ ।

ଷୋଡଶ ମହାଜନପଦ

ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଉତ୍ତର ଭାରତରେ ଷୋଡଶ ମହାଜନପଦ ବିଦ୍ୟମାନ ଥିଲା । ବୌଦ୍ଧ ଗ୍ରନ୍ଥଗୁଡିକରେ ବୁଦ୍ଧଙ୍କ ସମୟରେ ଷୋଡଶ ମହାଜନପଦର ଅବସ୍ଥିତି ବାବଦରେ ଉଲ୍ଲିଖିତ ହୋଇଛି । ଐତିହାସିକମାନଙ୍କ ମଧ୍ୟରେ ବୁଦ୍ଧଙ୍କ ଜନ୍ମ ତାରିଖକୁ ନେଇ ଏବେ ମଧ୍ୟ ମତଭେଦ ରହିଛି । ବୌଦ୍ଧ ଗ୍ରନ୍ଥଗୁଡିକରେ ଯେଉଁଠି ବୁଦ୍ଧଙ୍କ ବାବଦରେ ଉଲ୍ଲେଖ ରହିଛି, ସେଇଠି ବାରମ୍ବାର ଏହି ମହାଜନପଦଗୁଡିକ ବାବଦରେ ଉଲ୍ଲେଖ କରହିଛି । ତଥାପି ମଧ୍ୟ ଏହା ଗ୍ରହଣ କରାଯାଏ ଯେ, ବୁଦ୍ଧ ଖ୍ରୀଷ୍ଟପୂର୍ବ ଷଷ୍ଠ ଓ ପଞ୍ଚମ- ଉଭୟ ଶତାବ୍ଦୀର କିଛି ଅଂଶରେ ଜୀବିତ ଥିଲେ । ତେଣୁ ବୌଦ୍ଧଗ୍ରନ୍ଥଗୁଡିକରେ ବୁଦ୍ଧଙ୍କ ଜୀବନକାଳର ଉଲ୍ଲେଖକୁ ସେହି ଯୁଗର ପ୍ରତିଫଳନ ଭାବରେ ଦେଖାଯାଏ । ଏହି ଲେଖାଗୁଡିକରୁ ଆମକୁ ଭାରତର ବିଭିନ୍ନ ଅଞ୍ଚଳରେ ରାଜନୈତିକ ଏବଂ ଆର୍ଥିକ ଅବସ୍ଥା ଉପରେ ବିଶେଷ ଜ୍ଞାନପ୍ରାପ୍ତ ହୋଇଥାଏ । ଏହି ମହାଜନପଦଗୁଡିକ ହଜାର ହଜାର ଗାଆଁ ଏବଂ କେତେଗୁଡିଏ ସହରର ବିଳୟର ପ୍ରତିନିଧିତ୍ୱ କରେ । ଏହି ଷୋହଳଗୋଟି ମହାଜନପଦ ଉତ୍ତର-ପଶ୍ଚିମ ପାକିସ୍ତାନକୁ ନେଇ ପୂର୍ବ ବିହାର ପର୍ଯ୍ୟନ୍ତ ତଥା ହିମାଳୟର ତରାଇ ଅଞ୍ଚଳରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ବୌଦ୍ଧଗ୍ରନ୍ଥ ସୂତ୍ତ ପିଟକର ଏକ ଭାଗ ଅଙ୍ଗୁତ୍ତର ନିକାୟରେ ବୁଦ୍ଧଙ୍କ ସମୟରେ ରହିଥିବା ନିମ୍ନଲିଖିତ ମହାଜନପଦଗୁଡିକ ବାବଦରେ ଉଲ୍ଲେଖ ଅଛି ।

୧. କାଶୀ	୨. କୋଶଳ	୩. ଅଙ୍ଗ	୪. ମଗଧ
୫. ବଜ୍ଜି	୬. ମଲ୍ଲ	୭. ଚେଦୀ	୮. ବତ୍ସ
୯. କୁରୁ	୧୦. ପାଞ୍ଚାଳ	୧୧. ମଚ୍ଛ (ମତ୍ସ୍ୟ)	୧୨. ସୂରସେନ
୧୩. ଅସ୍ସକ	୧୪. ଅବନ୍ତୀ	୧୫. ଗାନ୍ଧାର	୧୬. କାମ୍ବୋଜ

ଅନ୍ୟ ଏକ ବୌଦ୍ଧସୂତ୍ର, ମହାବସ୍ତୁରେ ଷୋହଳ ଜନପଦର ଏହିପରି ସୂଚୀ ମିଳେ; ହେଲେ ଏଥିରେ ଗାନ୍ଧାର ତଥା କାମ୍ବୋଜ ଯାହାକି ଉତ୍ତର-ପୂର୍ବରେ ଅବସ୍ଥିତ ଥିଲା ସେଗୁଡ଼ିକର ନାମ ଉଲ୍ଲେଖ ନାହିଁ । ଏଗୁଡ଼ିକ ସ୍ଥାନରେ ପଞ୍ଜାବରେ ଶିବି ଏବଂ ମଧ୍ୟଭାଗରେ ଦଶର୍ଣ୍ଣ- ଏହି ଦୁଇଗୋଟି ନାମ ରହିଛି । ଏହିପରି ଜୈନଗ୍ରନ୍ଥ ଭଗବତୀ ସୂତ୍ର ଷୋଡ଼ଶ ମହାଜନପଦର ଏକ ଭିନ୍ନ ସୂଚୀ ପ୍ରଦାନ କରିଥାଏ, ଯହିଁରେ ବଙ୍ଗ ତଥା ମାଳୟର ନାମ ରହିଛି । ଷୋହଳ ସଂଖ୍ୟାଟି ପାରମ୍ପରିକ ଭଳି ପ୍ରତୀତ ହୁଏ ତଥା ସୂଚୀରେ ଭିନ୍ନତାର କାରଣ ଏହା ଅଟେ ଯେ, ବୌଦ୍ଧ ଏବଂ ଜୈନମାନେ ନିଜ ନିଜର ମହତ୍ତ୍ୱର କ୍ଷେତ୍ରକୁ ସୂଚୀରେ ମିଶେଇ ଥାଇପାରନ୍ତି । ସୂଚୀଗୁଡ଼ିକରୁ ଜଣାଯାଏ ଯେ, ମଧ୍ୟ ଗାଙ୍ଗେୟ ଉପତ୍ୟକା ଧୀରେ ଧୀରେ କେନ୍ଦ୍ରୀୟତା ପ୍ରାପ୍ତ କରୁଥିଲା, କାହିଁକିନା ଅଧିକତର ମହାଜନପଦ ଏହି ଅଞ୍ଚଳରେ ଅବସ୍ଥିତ ଥିଲା । ନିମ୍ନରେ ଏହି ମହାଜନପଦର ଇତିହାସ ଏବଂ ଭୂଗୋଳ ସମ୍ବନ୍ଧରେ ସବିଶେଷ ଆଲୋଚନା କରାଗଲା ।



ଷୋଡ଼ଶ ମହାଜନପଦ, ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ

୧ । କାଶୀ : ଷୋହଳ ମହାଜନପଦ ମଧ୍ୟରେ ଆରମ୍ଭରୁ କାଶୀ ସବୁଠୁଁ ବେଶି ଶକ୍ତିଶାଳୀ ଥିଲା । ଆଜିର ବାରଣାସୀ ଜିଲ୍ଲା ତଥା ତା'ର ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଏହି ମହାଜନପଦର ରାଜଧାନୀ ବାରଣାସୀକୁ ଭାରତର ସବୁଠୁଁ ମୁଖ୍ୟ ସହର ରୂପରେ ଅଭିହିତ କରାଯାଇଛି । ଏହା ଗଙ୍ଗା ଓ ଗୋମତୀ ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ଥିଲା ।

ଏଠିକାର ଜମି ଅତ୍ୟନ୍ତ ଉର୍ବର ଏବଂ ଶସ୍ୟପ୍ରସୂ ଥିଲା । ତୁଳାରେ ତିଆରି ବସ୍ତ୍ର ଏବଂ ଘୋଡ଼ାମାନଙ୍କର କିଣାବିକା ବଜାର ପାଇଁ କାଶୀ ବିଖ୍ୟାତ ଥିଲା । ବନାରସ ନାମରେ ପରିଚିତ ରାଜଘାଟ ସ୍ଥାନର ଖନନରୁ, ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ସମୟରେ ସହରୀକରଣର କୌଣସି ପ୍ରଭାବପୂର୍ଣ୍ଣ ପ୍ରମାଣ ମିଳିନାହିଁ । ଏକ ପ୍ରମୁଖ ନଗର ରୂପରେ ଏହାର ଉଦୟ ଖ୍ରୀ.ପୂ. ୪୫୦ ପାଖାପାଖି ହୋଇଥିବାର ଅନୁମାନ କରାଯାଏ । ଯାହା ହେଉ, ଏହା ବୌଦ୍ଧ ଭିକ୍ଷୁମାନଙ୍କର ଗେରୁଆ ବସ୍ତ୍ର, ଯାହାକୁ ସଂସ୍କୃତରେ 'କଶାୟ' ବୋଲି କୁହାଯାଉଥିଲା, କାଶୀରେ ତିଆରି କରାଯାଉଥିଲା । ଏଥିରୁ ବୁଦ୍ଧଙ୍କ ସମୟରେ କାଶୀ ବସ୍ତ୍ର ଉତ୍ପାଦନର କେନ୍ଦ୍ର ଏବଂ ବଜାର ରୂପରେ ବିକଶିତ ହେବାର ସଙ୍କେତ ମିଳେ । କାଶୀର ଅନେକ ରାଜାଙ୍କଦ୍ୱାରା କୋଶଳ ଏବଂ ଅନ୍ୟାନ୍ୟ ରାଜ୍ୟ ଉପରେ ବିଜୟପ୍ରାପ୍ତ କରିଥିବାର ଉଲ୍ଲେଖ ରହିଛି । ରୁଚିକର ପ୍ରସଙ୍ଗ ହେଉଛି ଯେ, ରାମଙ୍କ କାହାଣୀର ପ୍ରାଚୀନତମ ବୃତ୍ତାନ୍ତ 'ଦଶରଥ ଜାତକ', ଦଶରଥ, ରାମ ଆଦିଙ୍କୁ ଅଯୋଧ୍ୟା ପରିବର୍ତ୍ତେ କାଶୀର ରାଜା ବୋଲି ବର୍ଣ୍ଣନା କରିଛି । ଜୈନ ସମ୍ପ୍ରଦାୟର ତେଇଶିତମ ଗୁରୁ ପାର୍ଶ୍ୱନାଥ (ତୀର୍ଥଙ୍କର)ଙ୍କର ପିତା ବନାରସର ରାଜା ଥିଲେ ବୋଲି କୁହାଯାଇଛି । ବୁଦ୍ଧ ମଧ୍ୟ ତାଙ୍କର ପ୍ରଥମ ଧର୍ମବାଣୀ ବାରଣାସୀର ସାରନାଥଠାରେ ପ୍ରଦାନ କରିଥିଲେ । ଏହି ପ୍ରକାରେ ପ୍ରାଚୀନ ଭାରତର ସମସ୍ତ ମୁଖ୍ୟ ଧର୍ମ ନିଜ ନିଜର ସମ୍ବନ୍ଧ ବାରଣାସୀ ସହିତ ଯୋଡ଼ିଥାନ୍ତି; ହେଲେ ବୁଦ୍ଧଙ୍କ ସମୟ ସୁଦ୍ଧା କୋଶଳ, କାଶୀ ଉପରେ ଆଧିପତ୍ୟ ପ୍ରତିଷ୍ଠା କରିସାରିଥିଲା ତଥା ମଗଧ ଏବଂ କୋଶଳ ମଧ୍ୟରେ ଯୁଦ୍ଧର କାରଣ ହୋଇଯାଇଥିଲା ।

ପଶ୍ଚିମରେ ଗୋମତୀ ନଦୀ ପ୍ରବାହିତ ହେଉଥିଲା । ପୂର୍ବ
୨ । କୋଶଳ : କୋଶଳ ମହାଜନପଦର ପଶ୍ଚିମରେ ଗୋମତୀ ନଦୀ ପ୍ରବାହିତ ହେଉଥିଲା । ଏହାର ଉତ୍ତରରେ ନେପାଳର ପାହାଡିଆ
ପଟରେ ସଦାନୀରା ନଦୀ ଏହାକୁ ବିଦେହ ଜନପଦଠାରୁ ଅଲଗା କରୁଥିଲା । ସାହିତ୍ୟିକ ସୂତ୍ରରୁ ଜଣାଯାଏ ଯେ, କୋଶଳର ଅଭ୍ୟୁଦୟ
ଅଞ୍ଚଳ ଏବଂ ଦକ୍ଷିଣରେ ସ୍ୟାନଦିକା ନଦୀ ବହୁଥିଲା । ଉଦାହରଣସ୍ୱରୂପ, ଆମେ ଜାଣିବାକୁ ପାଉ ଯେ
ଅନେକ ଛୋଟ ଛୋଟ ଖଣ୍ଡ ଏବଂ ବଂଶର ମିଶ୍ରଣରେ ହୋଇଥିଲା । ମଝିମନିକାୟରେ ବୁଦ୍ଧ ନିଜକୁ କପିଳବାସ୍ତୁର ନିବାସୀ
କପିଳବାସ୍ତୁର ଶାକ୍ୟମାନେ କୋଶଳର ନିୟନ୍ତ୍ରଣରେ ଥିଲେ । ମଝିମନିକାୟରେ ବୁଦ୍ଧ ନିଜକୁ କପିଳବାସ୍ତୁର ନିବାସୀ
ବୋଲି କହିଛନ୍ତି । ଏତଦ୍‌ବ୍ୟତୀତ ଏହା ମଧ୍ୟ ଗ୍ରହଣ କରାଯାଏ ଯେ, କୋଶଳର ରାଜା ବିଦୁଧାନ, ଶାକ୍ୟବଂଶକୁ
ଧ୍ୱଂସ କରି ଦେଇଥିଲେ । ଏହାର ଅର୍ଥ ଶାକ୍ୟବଂଶ କୋଶଳର ନାମମାତ୍ର ନିୟନ୍ତ୍ରଣରେ ଥିଲା । ନବୋଦିତ ରାଜତନ୍ତ୍ର
କେନ୍ଦ୍ରୀକୃତ ନିୟନ୍ତ୍ରଣ ସ୍ଥାପିତ କରି ଶାକ୍ୟମାନଙ୍କର ସ୍ୱାୟତ୍ତତାକୁ ନଷ୍ଟ କରିଦେଇଥିଲେ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ
ମଗଧର ଯେଉଁ ଶାସକମାନଙ୍କର ନାମ ଉଲ୍ଲେଖ ହୋଇଛି, ସେମାନେ ହେଲେ - ହିରଣ୍ୟନାଭ, ମହାକୋଶଳ,
ପ୍ରସେନଜିତ୍ ତଥା ଶୁଦ୍ଧୋଦନ । ଏହି ରାଜାମାନେ ଅଯୋଧ୍ୟା, ସାକେତ, କପିଳବାସ୍ତୁ ଏବଂ ଶ୍ରାବସ୍ତୀରୁ ଶାସନ
କରୁଥିବାର ଅନୁମିତ ହୁଏ । ସମ୍ଭବତଃ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ଆରମ୍ଭରେ କୋଶଳର ନିୟନ୍ତ୍ରଣ ଅନେକ ଛୋଟ ଛୋଟ
ଖଣ୍ଡର ସର୍ଦ୍ଦାରମାନଙ୍କ ହାତରେ ରହିଥିଲା, ଯେଉଁମାନେ କି ଛୋଟ ଛୋଟ ବସ୍ତିରେ ଶାସନ କରୁଥିଲେ । ଖ୍ରୀ.ପୂ. ଷଷ୍ଠ
ଶତାବ୍ଦୀର ଶେଷ ଭାଗରେ ପ୍ରସେନଜିତ୍ ଏବଂ ବିଦୁଧାନଙ୍କ ପରି ରାଜାମାନେ ସମସ୍ତ ଛୋଟ ଛୋଟ ବସ୍ତିର ସର୍ଦ୍ଦାରଙ୍କୁ
ନିଜ ନିୟନ୍ତ୍ରଣାଧୀନ କରିଦେଇଥିଲେ । ସେମାନେ ଶ୍ରାବସ୍ତୀରୁ ଶାସନ ପରିଚାଳନା କରୁଥିଲେ । ଏହି ପ୍ରକାରେ ତିନି
ବଡ଼ ସହର ଅଯୋଧ୍ୟା, ସାକେତ ଏବଂ ଶ୍ରାବସ୍ତୀକୁ ନିଜ ନିୟନ୍ତ୍ରଣାଧୀନ କରି କୋଶଳ ଏକ ସମ୍ପନ୍ନ ରାଜ୍ୟ
ହୋଇଯାଇଥିଲା । ତା'ପରେ କୋଶଳ, କାଶୀ ଏବଂ ତା'ର ଆଖପାଖ ସମସ୍ତ ଅଞ୍ଚଳକୁ ଜୟ କରିନେଇଥିଲା ।
କୋଶଳର ରାଜାମାନେ ଉଭୟ ବ୍ରାହ୍ମଣ୍ୟ ଧର୍ମ ଏବଂ ବୌଦ୍ଧଧର୍ମକୁ ପ୍ରୋତ୍ସାହନ ଦେଉଥିଲେ । ସେମାନେ ମଧ୍ୟ
ସହନଶୀଳ ଥିଲେ । ରାଜା ପ୍ରସେନଜିତ୍ ବୁଦ୍ଧଙ୍କର ମିତ୍ର ତଥା ସମସାମୟିକ ଥିଲେ । ପରବର୍ତ୍ତୀ ସମୟରେ କୋଶଳ
ଉଦୀୟମାନ ମଗଧ ସାମ୍ରାଜ୍ୟର ସବୁଠାରୁ ବଡ଼ ଶତ୍ରୁ ହୋଇଯାଇଥିଲା ।

୩ । ଅଙ୍ଗ : ଦକ୍ଷିଣ ବିହାରର ଭାଗଲପୁର ଏବଂ ମୁଙ୍ଗେର ଜିଲ୍ଲାକୁ ନେଇ ଅଙ୍ଗ ରାଜ୍ୟ ଗଠିତ ହୋଇଥିଲା । ସମ୍ଭବତଃ ଉତ୍ତରକୁ ଏହାର ବିସ୍ତୃତି କୋଶୀ ନଦୀ ପର୍ଯ୍ୟନ୍ତ ଥିଲା ଏବଂ ଏଥିରେ ପୂର୍ଣ୍ଣିଆ ଜିଲ୍ଲାର କିଛି ଅଞ୍ଚଳ ମିଶିଥିଲା । ଏହା ମଗଧର ପୂର୍ବ ଏବଂ ରାଜମହଲ ପର୍ବତମାଳାର ପଶ୍ଚିମକୁ ଅବସ୍ଥିତ ଥିଲା । ଅଙ୍ଗର ରାଜଧାନୀ ଥିଲା ଚମ୍ପା । ଏହା ଗଙ୍ଗା ଏବଂ ଚମ୍ପା ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ଥିଲା । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ଛଅଗୋଟି ମହାନ୍ ନଗରୀଗୁଡିକ ମଧ୍ୟରେ ଅନ୍ୟତମ ଥିଲା ଚମ୍ପା ନଗରୀ । ଏହା ବ୍ୟବସାୟ ବାଣିଜ୍ୟ ପାଇଁ ବିଖ୍ୟାତ ଥିଲା ତଥା ବ୍ୟବସାୟୀମାନେ ଏହିଠାରୁ ସୁଦୂର ଗଙ୍ଗାନଦୀକୁ ପାରହୋଇ ଯାଉଥିଲେ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ମଧ୍ୟଭାଗରେ ଅଙ୍ଗକୁ ମଗଧ ସାମ୍ରାଜ୍ୟ ଜୟକରି ନିଜ ରାଜ୍ୟ ସହିତ ମିଶେଇ ଦେଇଥିଲା । ଭାଗଲପୁର ନିକଟରେ ଚମ୍ପା ସ୍ଥାନର ଭୂଖନନ ସମୟରେ ଉତ୍ତର କାର୍ଲେର ମସୃଣ ମୃତ୍ତିକା ପାତ୍ର ବହୁମାତ୍ରାରେ ମିଳିଥିଲା ।

୪ । ମଗଧ : ଦକ୍ଷିଣ ବିହାରର ପାଟନା ଏବଂ ଗୟାର ଆଖପାଖ ଅଞ୍ଚଳକୁ ନେଇ ମଗଧ ରାଜ୍ୟ ଗଠିତ ହୋଇଥିଲା । ଏହାର ଉତ୍ତର ଏବଂ ପଶ୍ଚିମ ଦିଗରେ ଯଥାକ୍ରମେ ସୋନ ଏବଂ ଗଙ୍ଗା ନଦୀ ପ୍ରବାହିତ ହେଉଥିଲେ । ପୂର୍ବରେ ଏହା ଛୋଟନାଗପୁରର ପଠା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର ପୂର୍ବ ଦିଗରେ ଆହୁରି ମଧ୍ୟ ଚମ୍ପା ନଦୀ ବହୁଥିଲା, ଯାହାକି ମଗଧକୁ ଅଙ୍ଗଠାରୁ ପୃଥକ୍ କରୁଥିଲା । ଏହାର ରାଜଧାନୀ ଥିଲା ଗିରିବ୍ରଜ ବା ରାଜଗୃହ । ରାଜଗୃହ ପାଞ୍ଚଗୋଟି ପର୍ବତ ବେଷ୍ଟିତ ଅଭେଦ୍ୟ ସହର ଥିଲା । ରାଜଗୃହକୁ ଘେରି ରହିଥିବା ପ୍ରାଚୀର, ଭାରତ ଇତିହାସରେ ସର୍ବପ୍ରଥମ ତଥା ପ୍ରାଚୀନତମ ଦୁର୍ଗ ପ୍ରାଚୀରର ଉଦାହରଣ ଅଟେ । ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀ ସମୟ ସୁଦ୍ଧା ମଗଧର ରାଜଧାନୀ ରାଜଗୃହରୁ ପାଟଳିପୁତ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠି ପ୍ରଥମ ପର୍ଯ୍ୟାୟରେ ରାଜୁତି କରିଥିବା ମଗଧ ରାଜାମାନଙ୍କର ସ୍ମୃତି ଚିହ୍ନ ରହିଛି । ବ୍ରାହ୍ମଣ୍ୟଗ୍ରନ୍ଥଗୁଡିକରେ ମଗଧର ଜନତାଙ୍କୁ ମିଶ୍ରିତ ଏବଂ ନୀଚ

ଶ୍ରେଣୀର ବୋଲି ବର୍ଣ୍ଣନା କରାଯାଇଛି । ସମ୍ଭବତଃ ଏହାର କାରଣ ହେଉଛି ପ୍ରାକ୍ ଐତିହାସିକ ଯୁଗରେ ଏଠାକାର ନିବାସୀମାନେ ବର୍ଣ୍ଣ ବ୍ୟବସ୍ଥା ଏବଂ ବ୍ରାହ୍ମଣ୍ୟ କର୍ମକାଣ୍ଡ ଓ ଅନୁଷ୍ଠାନର ଅନୁରୂପ ଜୀବନଯାପନ କରୁ ନଥିଲେ । ଅନ୍ୟ ପକ୍ଷରେ, ଏହି ଅଞ୍ଚଳରେ ବୌଦ୍ଧଧର୍ମର ବିଶେଷ ପ୍ରଭାବ ରହିଥିଲା । ବୁଦ୍ଧଙ୍କୁ ଏହି କ୍ଷେତ୍ରରେ ଜ୍ଞାନପ୍ରାପ୍ତି ହୋଇଥିଲା । ବୁଦ୍ଧଙ୍କ ପ୍ରସିଦ୍ଧ ରହଣି ଅଞ୍ଚଳଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ରାଜଗୃହ । ମଗଧର ସମ୍ରାଟ ବିମ୍ବିସାର ଏବଂ ଅଜାତଶତ୍ରୁ ବୁଦ୍ଧଙ୍କର ମିତ୍ର ତଥା ଶିଷ୍ୟ ଥିଲେ । ତରାଇ ଅଞ୍ଚଳର ଉର୍ବର ଜମି ଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲା ଏବଂ ଦକ୍ଷିଣ ବିହାରସ୍ଥିତ ଲୁହାପଥର ଖଣିଗୁଡ଼ିକ ଉପରେ ମଗଧର ନିୟନ୍ତ୍ରଣ ତଥା ଅପେକ୍ଷାକୃତ ମୁକ୍ତ ସାମାଜିକ ବ୍ୟବସ୍ଥାର ପୃଷ୍ଠଭୂମିରେ ଏହି ରାଜ୍ୟ ଇତିହାସରେ ସର୍ବୋତ୍କୃଷ୍ଟ ରାଜ୍ୟ ରୂପରେ ଅଭିହିତ ଅଟେ । ଗଙ୍ଗା, ଗଣ୍ଡକ ଏବଂ ସୋନ ନଦୀର ବାଣିଜ୍ୟିକ ମାର୍ଗ ଉପରେ ଏହାର ନିୟନ୍ତ୍ରଣ ରହିଥିବା ଯୋଗୁଁ ଏହାକୁ ବିପୁଳ ରାଜସ୍ୱ ମିଳୁଥିଲା । କୁହାଯାଏ ଯେ, ମଗଧ ସମ୍ରାଟ ବିମ୍ବିସାର ୮୦,୦୦୦ ଗାଆଁର ଗ୍ରାମଣୀ (ଗ୍ରାମନୀ)ମାନଙ୍କର ଏକ ସଭା ଡକେଇଥିଲେ । ହୁଏତ ଏହି ସଂଖ୍ୟା ଅତିରଞ୍ଜିତ ହୋଇଥାଇପାରେ; ହେଲେ ଏତିକି ଜଣାଯାଏ ଯେ, ବିମ୍ବିସାରଙ୍କ ଶାସନ କାଳରେ ଗ୍ରାମ୍ୟ ସଙ୍ଗଠନଗୁଡ଼ିକ ଏକ ଖଣ୍ଡ ରୂପରେ ବିକଶିତ ହୋଇ ସାରିଥିଲେ । ଗ୍ରାମନୀ (ଗ୍ରାମଣୀ)ମାନେ ସେଗୁଡ଼ିକର ସମ୍ବନ୍ଧୀ ନଥିଲେ, ବରଂ ଗାଆଁର ମୁଖିଆ ଓ ପ୍ରତିନିଧି ଥିଲେ । ଏହି ପ୍ରକାରେ ତାଙ୍କର ଶକ୍ତି, ତାଙ୍କର ସମ୍ବନ୍ଧୀୟଙ୍କର ଦୟା ଉପରେ ଆଧାରିତ ନଥିଲା । ଅଜାତଶତ୍ରୁ ବଳପୂର୍ବକ ସିଂହାସନ ଅଧିକାର କରି ତାଙ୍କ ପିତା ବିମ୍ବିସାରଙ୍କୁ ଯାତନା ଦେଇ ମୃତ୍ୟୁର କାରଣ ହୋଇଥିଲେ । ବଜ୍ଜି ଏବଂ ବୈଶାଳୀ ଉପରେ ମଗଧର ଆଧିପତ୍ୟ ପ୍ରତିଷ୍ଠିତ ହେବା ସହ ଏହା ସମ୍ପନ୍ନତା ଆଡକୁ ଆଗେଇ ଚାଲିଥିଲା । ଏହାର ପରିଣତି ସ୍ୱରୂପ ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀରେ ମୌର୍ଯ୍ୟ ସାମ୍ରାଜ୍ୟ ଗଠିତ ହୋଇଥିଲା ।

୫ । ବଜ୍ଜି : ବିହାର ପ୍ରଦେଶର ବୈଶାଳୀ ଜିଲ୍ଲାର ପାଖାପାଖି ଥିଲା ବଜ୍ଜି । ବଜ୍ଜିର ଆଭିଧାନିକ ଅର୍ଥ ହେଉଛି, ପଶୁପାଳକ ସମୁଦାୟ । ଏହା ଗଙ୍ଗାନଦୀର ଉତ୍ତରପଟକୁ ଅବସ୍ଥିତ ଥିଲା । ଏହି ମହାଜନପଦ ଉତ୍ତରରେ ନେପାଳର ପାର୍ବତ୍ୟାଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଗଣ୍ଡକ ନଦୀ ଏହାକୁ କୋଶଳଠାରୁ ଅଲଗା କରୁଥିଲା । ପୂର୍ବରୁ ଉଲ୍ଲିଖିତ ମହାଜନପଦଗୁଡ଼ିକଠାରୁ ବଜ୍ଜିମାନଙ୍କର ରାଜନୈତିକ ସଙ୍ଗଠନ ଭିନ୍ନ ଥିଲା । ସମସାମୟିକ ଗ୍ରନ୍ଥଗୁଡ଼ିକରେ ଏଗୁଡ଼ିକୁ ଗଣସଂଘ କୁହାଯାଉଥିଲା, ଯାହାର ବ୍ୟାଖ୍ୟା ଗଣତନ୍ତ୍ର ଅଥବା କୁଳତନ୍ତ୍ରୀୟ ରାଜ୍ୟ ରୂପରେ କରାଯାଇଛି । ଏହି ଯୁଗର ଗଣତନ୍ତ୍ର କୌଣସି ଏକ ସର୍ବଶକ୍ତିମାନ ରାଜାଙ୍କଦ୍ୱାରା ଶାସନର ପ୍ରତିନିଧିତ୍ୱ କରୁ ନଥିଲା, ବରଂ ଏହି ଶାସନ କ୍ଷତ୍ରିୟ ସର୍ଦ୍ଦାରମାନଙ୍କଦ୍ୱାରା ସଂଯୁକ୍ତ ରୂପରେ ହେଉଥିଲା । ଏହି ଶାସକବର୍ଗ, ଯାହାର ସଦସ୍ୟଙ୍କୁ ରାଜା କୁହାଯାଉଥିଲା ବର୍ତ୍ତମାନ ଅଣ-କ୍ଷତ୍ରିୟ ବର୍ଗଠାରୁ ପୃଥକ୍ ହୋଇଯାଇଥିଲେ ।

ବଜ୍ଜି ଆଠଗୋଟି ଗଣରାଜ୍ୟର ସଂଗଠନ ଥିଲା, ଯହିଁରେ ବିଦେହ, ଲିଚ୍ଛବୀ, ଜ୍ଞାତ୍ରିକ ଆଦି ମୁଖ୍ୟ ଥିଲେ । ବିଦେହର ରାଜଧାନୀ ଥିଲା ମିଥିଳା । ଏହାକୁ ନେପାଳର ଆଧୁନିକ ଜନକପୁର ବୋଲି ଚିହ୍ନିତ କରାଯାଏ । ଯଦିଓ ରାମାୟଣରେ ଏହାକୁ ରାଜା ଜନକଙ୍କ ସହିତ ଜଡ଼ିତ କରାଯାଇଛି, ବୌଦ୍ଧ ଗ୍ରନ୍ଥଗୁଡ଼ିକରେ ଏହାକୁ ଗଣରାଜ୍ୟ ପରମ୍ପରା ସହିତ ଜଡ଼ିତ କରାଯାଇଛି ।

ପ୍ରାଚୀନ ଭାରତୀୟ ଗଣସଂଘରେ ସର୍ବାଧିକ ବିଖ୍ୟାତ ଲିଚ୍ଛବୀମାନଙ୍କର ରାଜଧାନୀ ଥିଲା ବୈଶାଳୀ । ବୈଶାଳୀ ଏକ ବୃହତ୍ ଏବଂ ସମୃଦ୍ଧିଶାଳୀ ନଗରୀ ଥିଲା ବୋଲି ଅନୁମାନ କରାଯାଏ । ଅନ୍ୟ ଏକ ଗଣରାଜ୍ୟ ରୂପରେ ଜ୍ଞାତ୍ରିକମାନେ ବୈଶାଳୀର ଉପ-ନଗରଗୁଡ଼ିକର ବସତିମାନଙ୍କରେ ରହୁଥିଲେ । ଏହି ଗଣରାଜ୍ୟରେ ଜୈନ ତୀର୍ଥଙ୍କର ମହାବୀରଙ୍କ ଜନ୍ମ ହୋଇଥିଲା । ସଂଗଠନର ଅନ୍ୟାନ୍ୟ ସଂପ୍ରଦାୟମାନେ ଥିଲେ ଉଗ୍ର, ଭୋଗ, କୌରବ ତଥା ଏକ୍ଷବାକ । ସମ୍ଭବତଃ ବୈଶାଳୀ ସମଗ୍ର ସଂଗଠନର କେନ୍ଦ୍ର ଥିଲା । ସେମାନେ ତାଙ୍କ ଭିତରେ ଦ୍ୱନ୍ଦ୍ୱ, ଗଣ୍ଡଗୋଳ ଆଦିକୁ ନିଜ ଭିତରେ ସଭା ଡକେଇ ସମାଧାନ କରୁଥିଲେ । ଏକ ଜାତକ କଥା ଅନୁଯାୟୀ ବଜ୍ଜିମାନଙ୍କୁ ଅନେକ ବଂଶର ସର୍ଦ୍ଦାର ଶାସନ କରୁଥିଲେ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଏହି ଜନପଦ ଏକ ମହତ୍ତ୍ୱପୂର୍ଣ୍ଣ ଶକ୍ତି ରୂପରେ ପ୍ରତିଷ୍ଠିତ ଥିଲା; ହେଲେ ସେମାନଙ୍କ ପାଖରେ ସୈନ୍ୟବାହିନୀ କିମ୍ବା କୃଷି ରାଜସ୍ୱ ପ୍ରାପ୍ତ କରିବା ପାଇଁ କୌଣସି ବ୍ୟବସ୍ଥା ନଥିଲା । ବିଶ୍ୱାସ

କରାଯାଏ ଯେ, ମଗଧର ସମ୍ରାଟ୍ ଅଜାତଶତ୍ରୁ, ଏହି ସଂଗଠନକୁ ନଷ୍ଟ କରିଦେଇଥିଲେ । ନିଜର ମନ୍ତ୍ରୀ ବସ୍ସକାରଙ୍କ ସହଯୋଗରେ ଅଜାତଶତ୍ରୁ ବିଭିନ୍ନ ବଂଶର ସର୍ଦ୍ଦାରମାନଙ୍କ ମଧ୍ୟରେ ଅବିଶ୍ୱାସର ମଞ୍ଜି ବୁଣି ଦେଇଥିଲେ ଓ ତା'ପରେ ସେ ଲିଚ୍ଛବୀମାନଙ୍କ ଉପରେ ଆକ୍ରମଣ କରିଦେଇଥିଲେ ।

୬ । ମଲ୍ଲ : ପ୍ରାଚୀନ ଗ୍ରନ୍ଥରେ ଉଲ୍ଲିଖିତ ମଲ୍ଲମାନେ ଏକ କ୍ଷତ୍ରିୟ ବଂଶ ଥିଲେ, ଯେଉଁମାନଙ୍କୁ ଗଣସଂଘ ବୋଲି କୁହାଯାଉଥିଲା । ଏହି ବଂଶର ବିଭିନ୍ନ ଶାଖାପ୍ରଶାଖା ରହିଥିଲା । ସେଗୁଡ଼ିକ ମଧ୍ୟରୁ ଦୁଇଗୋଟି ବଂଶର ମୂଳ ବାସସ୍ଥାନ ପାବା ଏବଂ କୁଶୀନଗର ଥିଲା । କୁଶୀନଗରକୁ ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାର 'କଷିଆ' କ୍ଷେତ୍ର ବୋଲି ଧରାଯାଏ । ପାବାର ଅବସ୍ଥିତି ସଂପର୍କରେ ଐତିହାସିକମାନଙ୍କ ମଧ୍ୟରେ ମତଭେଦ ରହିଛି । ମଲ୍ଲମାନଙ୍କର ରାଜ୍ୟ ସୀମା ଶାକ୍ୟମାନଙ୍କ ସୀମାର ଦକ୍ଷିଣ-ପୂର୍ବ ତଥା ପୂର୍ବ ପଟକୁ ରହିଥିଲା । ଅନୁମାନ କରାଯାଏ ଯେ, ମଲ୍ଲମାନଙ୍କୁ ପାଞ୍ଚହଜାର ଛୋଟ ଛୋଟ ବସତିର ସର୍ଦ୍ଦାର ଶାସନ କରୁଥିଲେ । ବୁଦ୍ଧଙ୍କର ମହାପ୍ରୟାଣ କୁଶୀନଗର ନିକଟରେ ହୋଇଥିଲା ଏବଂ ମଲ୍ଲମାନେ ହିଁ ତାଙ୍କର ଅନ୍ତିମ ସଂସ୍କାର କରିଥିଲେ ।

୭ । ଚେଦୀ : ଚେଦୀ ମହାଜନପଦର ସୀମା ଆଧୁନିକ ବୁନ୍ଦେଲଖଣ୍ଡର ପୂର୍ବାଞ୍ଚଳର ଆଖପାଖରେ ଥିଲା । ସମ୍ଭବତଃ ଏହା ମାଳବର ପଠା ପର୍ଯ୍ୟନ୍ତ ବିସ୍ତୃତ ଥିଲା । କୃଷ୍ଣଙ୍କର ଶତ୍ରୁ ଶିଶୁପାଳ ଚେଦୀମାନଙ୍କର ରାଜା ଥିଲେ । ମହାଭାରତ ଅନୁଯାୟୀ ଚେଦୀମାନେ ଚମ୍ବଲ ଆରପଟର ମତ୍ସ୍ୟ, ବନାରସର କାଶୀ ରାଜବଂଶ ଏବଂ ସୋନନଦୀ ଅବବାହିକାର କରୁଷମାନଙ୍କ ସହିତ ଉତ୍ତମ ସଂପର୍କ ସ୍ଥାପନ କରିଥିଲେ । ଏହାର ରାଜଧାନୀ ସୋଥିବତୀ (ସୁକ୍ତିମତୀ) ଥିଲା, ଯାହା ସମ୍ଭବତଃ ଉତ୍ତରପ୍ରଦେଶର ବାନ୍ଦା ଜିଲ୍ଲାରେ ଅବସ୍ଥିତ ଥିଲା । ଏହି କ୍ଷେତ୍ରର ଅନ୍ୟାନ୍ୟ ମୁଖ୍ୟ ନଗର ଥିଲା ସହଜାତି ଏବଂ ତ୍ରିପୁରୀ ।

୮ । ବତ୍ସ : ବତ୍ସର ରାଜଧାନୀ ଥିଲା କୌଶାମ୍ବୀ । ଏହା ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ସବୁଠାରୁ ଶକ୍ତିଶାଳୀ କେନ୍ଦ୍ର ଥିଲା । ଆଲ୍ଲାହାବାଦ ନିକଟରେ ଯମୁନା ନଦୀ କୂଳରେ ଅବସ୍ଥିତ କୌଶାମ୍ବୀ ଆଧୁନିକ ସମୟର କୋସମ ବୋଲି ଜଣାଯାଏ । ଏଥିରୁ ଜଣାଯାଏ ଯେ, ବତ୍ସ ଜନପଦ ଆଧୁନିକ ସମୟର ଆଲ୍ଲାହାବାଦର ପାଖାପାଖି ଅବସ୍ଥିତ ଥିଲା । ପୁରାଣ ମତରେ ପାଣ୍ଡବମାନଙ୍କର ବଂଶଜ ନିଚକ୍ଷୁ ହସ୍ତିନାପୁରର ନଈବଢ଼ିର ଭାସିଯିବା ପରେ କୌଶାମ୍ବୀରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ନାଟ୍ୟକାର ଭାସ, ସ୍ୱରଚିତ ନାଟକ ମାଧ୍ୟମରେ ବତ୍ସମାନଙ୍କର ଜଣେ ରାଜା ଉଦୟନଙ୍କୁ ଅମର କରିଦେଇଛନ୍ତି । ଏହି ନାଟକ ଉଦୟନ ଏବଂ ଅବନ୍ତୀର ରାଜକୁମାରୀ ବାସବଦତ୍ତାଙ୍କ ମଧ୍ୟରେ ପ୍ରେମ କାହାଣୀ ଉପରେ ଆଧାରିତ । ଏଥିରେ ମଗଧ, ବତ୍ସ, ଅବନ୍ତୀ ପରି ଶକ୍ତିଶାଳୀ ରାଜ୍ୟଗୁଡ଼ିକ ମଧ୍ୟରେ ସଂଘର୍ଷର ଉଲ୍ଲେଖ ମଧ୍ୟ ମିଳିଥାଏ । ଅନୁମାନ କରାଯାଏ ଯେ, ଏହି ସଂଘର୍ଷରେ ବତ୍ସ ପରାଜିତ ହୋଇଥିଲେ; ଫଳସ୍ୱରୂପ, ପରବର୍ତ୍ତୀ ଗ୍ରନ୍ଥଗୁଡ଼ିକରେ ବତ୍ସକୁ ଅଧିକ ମହତ୍ତ୍ୱ ଦିଆଯାଇନାହିଁ ।



ପୋଡାଇଟା ନିର୍ମିତ ଦୁର୍ଗ (କୌଶାମ୍ବୀ)

୯ । କୁରୁ : ବିଶ୍ୱାସ କରାଯାଏ ଯେ, କୁରୁ ଜନପଦର ରାଜା ଯୁଧିଷ୍ଠିରଙ୍କ ପରିବାର ସହିତ ସମ୍ବନ୍ଧ ରଖୁଥିଲେ । ସେମାନେ ଦିଲ୍ଲୀ-ମିରଟର ଆଖପାଖ ଅଞ୍ଚଳରେ ରହୁଥିଲେ । ଅର୍ଥଶାସ୍ତ୍ର ତଥା ଅନ୍ୟାନ୍ୟ ଗ୍ରନ୍ଥଗୁଡ଼ିକରେ ସେମାନଙ୍କୁ

"ରାଜଶବ୍ଦୋପଜୀବିନହ" ଅର୍ଥାତ୍ ରାଜାଙ୍କର ପଦବୀ ବିଭୂଷିତ ଲୋକଙ୍କର ସଂଜ୍ଞା ଦିଆଯାଇଛି । ଏହାଦ୍ୱାରା ସର୍ଦ୍ଦାର ବଂଶର ବିକ୍ଷିପ୍ତ ସଂରଚନାର ସଙ୍କେତ ମିଳେ । ସେମାନଙ୍କର ସଂପୂର୍ଣ୍ଣ ଏକାଧିକାର ଅନୁପସ୍ଥିତିର ପ୍ରମାଣ ଏହି କ୍ଷେତ୍ରର ଅନେକ ରାଜନୈତିକ କେନ୍ଦ୍ରର ଉଲ୍ଲେଖରୁ ମଧ୍ୟ ମିଳିଥାଏ । ହସ୍ତିନାପୁର, ଇନ୍ଦ୍ରପ୍ରସ୍ଥ, ଇଶୁକର ଆଦି ପ୍ରତ୍ୟେକଙ୍କୁ କୁରୁମାନଙ୍କର ରାଜଧାନୀ ରୂପରେ ଉଲ୍ଲିଖିତ କରାଯାଇଛି । ସେମାନଙ୍କର ନିଜସ୍ୱ ଶାସକମାନେ ରହିଥିଲେ ।

ଆମେ କୁରୁମାନଙ୍କ ବାବଦରେ ମହାଭାରତରୁ ଜାଣୁ । ଏହା ପାଣ୍ଡବ ଏବଂ କୌରବଙ୍କ ମଧ୍ୟରେ ଉତ୍ତରାଧିକାରିତ୍ୱ ପାଇଁ ଯୁଦ୍ଧର ଗାଥା ଅଟେ । ପ୍ରେମ, ଯୁଦ୍ଧ, ଷଡ଼ଯନ୍ତ୍ର, ଘୃଣା ଏବଂ ମାନବୀୟ ଅସ୍ତିତ୍ୱର ବିଶେଷ ଦାର୍ଶନିକ ସମସ୍ୟା ଉପରେ ଉତ୍କୃଷ୍ଟ ବିବରଣୀ ଯୋଗୁ ଏହି ମହାକାବ୍ୟ ପୁରୁଷ ପୁରୁଷ ଧରି ଭାରତୀୟ ଜନସାଧାରଣଙ୍କୁ ରୋମାଞ୍ଚିତ କରି ଆସୁଛି । ଐତିହାସିକମାନେ ଏହି ମହାକାବ୍ୟକୁ ଘଟଣାଗୁଡ଼ିକର ବାସ୍ତବିକ ବିବରଣୀ ପରିବର୍ତ୍ତେ ଏକ ସାହିତ୍ୟିକ ମହାକାବ୍ୟ ରୂପରେ ଦେଖିଥାନ୍ତି । ମହାଜନପଦଗୁଡ଼ିକର ଅଭ୍ୟୁଦୟ ପରେ ବହୁ ପରିମାଣରେ ଯୁଦ୍ଧର ଆରମ୍ଭ ହୋଇଥିଲା । ଏହାର ପୂର୍ବ ପର୍ଯ୍ୟାୟରେ ଏହା କେବଳ ଗୃହପାଳିତ ପଶୁମାନଙ୍କୁ ବଳପୂର୍ବକ ଛଡ଼େଇ ନିଆଯିବା ପର୍ଯ୍ୟନ୍ତ ସୀମିତ ଥିଲା । ମହାଭାରତରେ ଗ୍ରୀକ୍‌ମାନଙ୍କର ମଧ୍ୟ ଉଲ୍ଲେଖ ଅଛି, ଯେଉଁମାନେ କି ଭାରତ ସଂସ୍ପର୍ଶରେ ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀ ପରେ ହିଁ ଆସିଥିଲେ । ଏଣୁ ଗ୍ରୀକ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧର ସମ୍ଭାବନା କେବଳ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ହିଁ ହୋଇଥିଲା ।

ସମ୍ଭବତଃ ମହାଭାରତ କାହାଣୀ ଦୁଇ କ୍ଷତ୍ରିୟ ବଂଶର ପରସ୍ପର ମଧ୍ୟରେ ଯୁଦ୍ଧର କାହାଣୀ ଅଟେ, ଯାହାକି ଭାଟମାନଙ୍କର ଗାୟନ ପରମ୍ପରାର ଏକ ଅଂଶ ହୋଇଯାଇଥିଲା । ପ୍ରାଥମିକ ଐତିହାସିକ ଯୁଗର ଆରମ୍ଭ ସହିତ ମହାଜନପଦଗୁଡ଼ିକ ମଧ୍ୟରେ ସାମାଜିକ, ଆର୍ଥିକ ତଥା ରାଜନୈତିକ ସଂପର୍କ ବଢ଼ିଥିଲା । ଭାଟ ଏବଂ ବ୍ରାହ୍ମଣମାନେ ଭାରତର ପ୍ରତ୍ୟେକ ଅଞ୍ଚଳକୁ ମହାଭାରତର କଥାଗୁଡ଼ିକରେ ସଂଶ୍ଳିଷ୍ଟ କରିଦେଇଥିଲେ । ଏହାଦ୍ୱାରା ରାଜାରାଜୁଡ଼ା ଏହା ଭାବିକରି ଗର୍ବ ଅନୁଭବ କରିଥା'ନ୍ତି ଯେ, ସେମାନଙ୍କର ପୂର୍ବଜ ମହାଭାରତ ଯୁଦ୍ଧରେ ଲଢ଼ିଥିଲେ । ଏହିଭଳି ଭାବରେ ଏହି ମହାକାବ୍ୟ ବ୍ରାହ୍ମଣ୍ୟ ଧାର୍ମିକ ବ୍ୟବସ୍ଥା ବିସ୍ତାରର ସାଧନ ହୋଇଯାଇଥିଲା । ଏହାର ପ୍ରମାଣ ଏହି ତଥ୍ୟରୁ ମିଳିଥାଏ- ମହାଭାରତର ପ୍ରାକ୍ କଥନରେ କୁହାଯାଇଛି ଯେ, ୨୪,୦୦୦ ପଦ ବିଶିଷ୍ଟ ଏକ ପୂର୍ବର ମୌଳିକ ପାଠ ଏବେ ମଧ୍ୟ ସମସାମୟିକ ଅଟେ; ହେଲେ ବର୍ତ୍ତମାନ ମହାକାବ୍ୟରେ ଏକ ଲକ୍ଷ ପଦ ଅଛି ।

୧୦ । ପାଞ୍ଚାଳ : ରୋହିଲାଖଣ୍ଡ ଏବଂ ମଧ୍ୟ-ଦୋଆବର କେତେକ ଅଞ୍ଚଳରେ ପାଞ୍ଚାଳ ମହାଜନପଦ ଅବସ୍ଥିତ ଥିଲା (ବରେଲି, ପଲିଭିତ, ବଦାୟୁଁ, ବୁଲନ୍ଦସହର, ଆଲିଗଡ଼ ଆଦି) । ପାଞ୍ଚାଳର ଦୁଇ ଅଂଶ ଉତ୍ତର ପାଞ୍ଚାଳ ଏବଂ ଦକ୍ଷିଣ ପାଞ୍ଚାଳ ଯାହାକୁ କି ଭାଗିରଥୀ ନଦୀ ପୃଥକ୍ କରୁଥିବାର ଉଲ୍ଲେଖ ପ୍ରାଚୀନ ଗ୍ରନ୍ଥଗୁଡ଼ିକରୁ ମିଳିଥାଏ । ଉତ୍ତର ପାଞ୍ଚାଳର ରାଜଧାନୀ, ଉତ୍ତର ପ୍ରଦେଶର ବରେଲି ଜିଲ୍ଲାସ୍ଥ ଅହିଚ୍ଛତ୍ରଠାରେ ଅବସ୍ଥିତ ଥିଲା । ଦକ୍ଷିଣ ପାଞ୍ଚାଳର ରାଜଧାନୀ ଥିଲା କାମ୍ପିଲା । ସମ୍ଭବତଃ ସେମାନେ କୁରୁମାନଙ୍କ ସହିତ ଘନିଷ୍ଠ ସଂପର୍କ ରଖିଥିଲେ । ଯଦିଓ ଏକ କିମ୍ବା ଦୁଇଜଣ ପାଞ୍ଚାଳ ଶାସକଙ୍କ ବାବଦରେ ତଥ୍ୟ ମିଳିଥାଏ; ହେଲେ ସେମାନଙ୍କ ବାବଦରେ ବହୁତ କମ୍ ଜଣାଯାଏ । ସେମାନଙ୍କୁ ମଧ୍ୟ ସଂଘ କୁହାଯାଉଥିଲା । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ବେଳକୁ ସେମାନେ ଲୁପ୍ତ ହୋଇଯାଇଥିଲେ ।

୧୧ । ମତ୍ସ୍ୟ : ରାଜସ୍ଥାନର ଜୟପୁର-ଭରତପୁର-ଅଲୱାର ଆଦି ଅଞ୍ଚଳରେ ମତ୍ସ୍ୟ ଜନପଦ ଅବସ୍ଥିତ ଥିଲା, ଯାହାକି ଅଜ୍ଞାତବାସ ସମୟରେ ପାଣ୍ଡବମାନଙ୍କର ଲୁଚିଥିବା ସ୍ଥାନ ରୂପରେ ବିଖ୍ୟାତ ଅଟେ । ଏହି ଅଞ୍ଚଳ ପଶୁପାଳନ ପାଇଁ ଉପଯୁକ୍ତ ଥିଲା । ତେଣୁକରି ମହାଭାରତ କାହାଣୀ ଅନୁଯାୟୀ ବିରାଟ ରାଜ୍ୟକୁ ଆକ୍ରମଣ କରି କୌରବମାନେ ଗୃହପାଳିତ ପଶୁଗୁଡ଼ିକୁ ବଳପୂର୍ବକ ଛଡ଼େଇ ନେଇ ଯାଇଥିଲେ । ଏହା ସ୍ୱାଭାବିକ ଥିଲା ଯେ, ସ୍ଥାୟୀ କୃଷି ଉପରେ ଆଧାରିତ ଶକ୍ତିଗୁଡ଼ିକର ପ୍ରତିରୋଧ ମତ୍ସ୍ୟ କରିପାରିନଥିଲା । ମଗଧ ସାମ୍ରାଜ୍ୟ ଏହାକୁ ମିଶେଇ ଦେଇଥିଲା । ଅଶୋକଙ୍କର କେତେକ ସର୍ବାଧିକ ବିଖ୍ୟାତ ଶିଳାଲେଖ ପ୍ରାଚୀନ ବିରାଟ ତଥା ସାଂପ୍ରତିକ ସମୟର ବୈରାଠ୍‌ରେ ମିଳିଛି ।

୧୨ । ସୂରସେନ : ଯମୁନା ନଦୀତଟସ୍ଥ ମଥୁରା ଥିଲା ସୂରସେନ ଜନପଦର ରାଜଧାନୀ । ମହାଭାରତ ଏବଂ ଅନ୍ୟାନ୍ୟ ପୁରାଣରେ ମଥୁରାର ଶାସକ ବଂଶକୁ ଯଦୁବଂଶ କୁହାଯାଇଛି । ଯାଦବ ବଂଶ, କେତେକ ଛୋଟ ଛୋଟ ବଂଶ ଯେପରିକି ଅନ୍ଧକ, ବୃଷନି, ମହାଭୋଜ ଆଦିରେ ବିଭାଜିତ ହୋଇଥିଲା । ଏମାନଙ୍କର ରାଜ୍ୟ ବ୍ୟବସ୍ଥା ମଧ୍ୟ ସଂଘୀୟ ବ୍ୟବସ୍ଥା ଥିଲା । ମହାକାବ୍ୟର ନାୟକ କୃଷ୍ଣ ଏହି ଶାସକ ପରିବାର ସହିତ ସମ୍ବନ୍ଧିତ ଅଟନ୍ତି । ଦୁଇ ବିଖ୍ୟାତ ପ୍ରାଚୀନ ଭାରତୀୟ ବାଣିଜ୍ୟପଥ– ଉତ୍ତରାପଥ ଏବଂ ଦକ୍ଷିଣାପଥ ମଝିରେ ମଥୁରା ଅବସ୍ଥିତ ଥିଲା । ଏହାର କାରଣ ଥିଲା, ମଥୁରା ସ୍ଥାୟୀ କୃଷି ସହିତ ସମ୍ବନ୍ଧିତ ଗାଙ୍ଗେୟ ସମତଳ ଅଞ୍ଚଳ ଏବଂ ବିକ୍ଷିପ୍ତ ଜନସଂଖ୍ୟାବିଶିଷ୍ଟ ଚାରଣଭୂମି, ଯାହାକି ମାଳବର ପଠା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା– ଏହାର ଆଭ୍ୟନ୍ତରୀଣ ଅଞ୍ଚଳ ମଝିରେ ଥିଲା । ତେଣୁକରି ମଥୁରା ଏକ ମହତ୍ତ୍ୱପୂର୍ଣ୍ଣ ନଗରୀରେ ପରିଣତ ହୋଇଯାଇଥିଲା; ହେଲେ ବିଖଣ୍ଡିତ ରାଜନୈତିକ ସଂରଚନା ଏବଂ ପ୍ରାକୃତିକ ବିବିଧତା ଯୋଗୁ ଏହି ଅଞ୍ଚଳର ଶାସକ ଏହାକୁ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିପାରି ନ ଥିଲେ ।

୧୩ । ଅସ୍ମକ : ମହାରାଷ୍ଟ୍ରର ଆଧୁନିକ ପୈଠାନ ନିକଟସ୍ଥ ଗୋଦାବରୀ ନଦୀ ତଟରେ ବିସ୍ତୃତ ଥିଲା ଅସ୍ମକ ଜନପଦ । ଅସ୍ମକର ରାଜଧାନୀ ପୈଠାନକୁ ପ୍ରାଚୀନ ପ୍ରତିଷ୍ଠାନ ବୋଲି ଗ୍ରହଣ କରାଯାଏ । ଦକ୍ଷିଣାପଥ, ପୈଠାନକୁ ଉତ୍ତର ଭାରତର ସହରଗୁଡ଼ିକ ସହିତ ସଂଯୋଗ କରୁଥିଲା । ଅସ୍ମକମାନଙ୍କର ରାଜାମାନଙ୍କ ବାବଦରେ ଅସ୍ପଷ୍ଟ ସୂଚନା ପୁରାଣରୁ ମିଳିଥାଏ; ହେଲେ ଅଦ୍ୟାବଧି ଆମ ପାଖରେ ଏହି ଅଞ୍ଚଳ ବାବଦରେ ବିଶେଷ କିଛି ତଥ୍ୟ ନାହିଁ ।

୧୪ । ଅବନ୍ତୀ : ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ସବୁଠାରୁ ବେଶି ଶକ୍ତିଶାଳୀ ମହାଜନପଦଗୁଡ଼ିକ ମଧ୍ୟରେ ଅନ୍ୟତମ ଥିଲା ଅବନ୍ତୀ । ଏହି ରାଜ୍ୟର ମୁଖ୍ୟ କ୍ଷେତ୍ର ମୋଟାମୋଟି ଭାବରେ ମଧ୍ୟପ୍ରଦେଶର ଉଜ୍ଜୟିନୀ ଜିଲ୍ଲାରୁ ଆରମ୍ଭ କରି ନର୍ମଦା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ରାଜ୍ୟର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ନଗରୀ ଥିଲା ମହିସ୍ମତୀ, ଯାହା ପ୍ରାୟତଃ ଏହାର ରାଜଧାନୀ ବୋଲି ଗ୍ରହଣ କରାଯାଏ । ଅବନ୍ତୀ କ୍ଷେତ୍ରରେ ଅନେକ ଛୋଟ ବଡ଼ ବସତି ରହିଥିବାର ଉଲ୍ଲେଖ ହୋଇଛି । ପୁରାଣରେ ଅବନ୍ତୀର ଆଧାରଶିଳା ରଖିବା ଶ୍ରେୟ ଯଦୁମାନଙ୍କର ହୈହୟମାନଙ୍କୁ ଦିଆଯାଇଛି । କୃଷିପାଇଁ ଉର୍ବର ଭୂମି ଉପରେ ଅବସ୍ଥିତ ହୋଇଥିବା ତଥା ଦାକ୍ଷିଣାତ୍ୟରେ ହେଉଥିବା ବାଣିଜ୍ୟ ଉପରେ ନିୟନ୍ତ୍ରଣ ରଖିଥିବା ଯୋଗୁ ଯଦୁମାନେ ଏଠାରେ ଏକ କେନ୍ଦ୍ରୀକୃତ ରାଜ୍ୟର ସ୍ଥାପନା କରିଥିଲେ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଜଣେ ଶକ୍ତିଶାଳୀ ରାଜା ପ୍ରଦ୍ୟୋତ ଅବନ୍ତୀର ଶାସକ ଥିଲେ । ସମ୍ଭବତଃ ସେ ବତ୍ସ ଉପରେ ବିଜୟ ଲାଭ କରିଥିଲେ । ଏପରିକି ଅଜାତଶତ୍ରୁ ମଧ୍ୟ ତାଙ୍କୁ ଭୟ କରୁଥିଲେ ।

୧୫ । ଗାନ୍ଧାର : ଭାରତର ଉତ୍ତର-ପଶ୍ଚିମରେ କାବୁଲ ଏବଂ ରାଓ୍ୱଲପିଣ୍ଡି ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିଲା ଗାନ୍ଧାର ଜନପଦ । ସମ୍ଭବତଃ ଏଥିରେ କାଶ୍ମୀରର ମଧ୍ୟ କିଛି ଅଂଶ ରହିଥିଲା । ଯଦିଓ ବୈଦିକ ଯୁଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଅଞ୍ଚଳ ଥିଲା, ହେଲେ ବ୍ରାହ୍ମଣ୍ୟ ଏବଂ ବୌଦ୍ଧ ପରମ୍ପରାର ଉତ୍ତରକାଳୀନ ପର୍ଯ୍ୟାୟରେ ଏହାର ମହତ୍ତ୍ୱ କମିଯାଇଥିଲା । ଏହାର ରାଜଧାନୀ ତକ୍ଷଶିଳା ଏକ ମହତ୍ତ୍ୱପୂର୍ଣ୍ଣ ସହର ଥିଲା । ସମସ୍ତ ଜନପଦର ଲୋକେ ଏଠାକୁ ଶିକ୍ଷା ଗ୍ରହଣ ଏବଂ ବାଣିଜ୍ୟ ଉଦ୍ଦେଶ୍ୟରେ ଆସୁଥିଲେ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଗାନ୍ଧାରରେ ପୁକ୍କୁସାତି ନାମକ ରାଜା ଶାସନ କରୁଥିଲେ । ସେ ବିମ୍ବିସାରଙ୍କ ମିତ୍ର ଥିଲେ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ଉତ୍ତରାର୍ଦ୍ଧରେ ପାରସ୍ୟ, ଗାନ୍ଧାରକୁ ଜୟ କରିଥିଲା । ଆଧୁନିକ ତକ୍ଷଶିଳାର ଭୂଖନନରୁ ଜଣାଯାଏ ଯେ, ଏଠାରେ ଖ୍ରୀ.ପୂ. ୧୦୦୦ ବେଳକୁ ଲୋକେ ବସତି ସ୍ଥାପନ କରିସାରିଥିଲେ ଏବଂ ପରବର୍ତ୍ତୀ ସମୟରେ ନଗରଗୁଡ଼ିକର ଅଭ୍ୟୁଦୟ ହୋଇଥିଲା । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଆସୁ ଆସୁ ଗାଙ୍ଗେୟ ଉପତ୍ୟକାର ସହରଗୁଡ଼ିକ ଅନୁରୂପ ଏଠାରେ ମଧ୍ୟ ଏକ ସହର ଗଢ଼ି ଉଠିଥିଲା ।

୧୬ । କାମ୍ବୋଜ : ଗାନ୍ଧାର ନିକଟରେ ସମ୍ଭବତଃ ଆଧୁନିକ ସମୟର ପୁଞ୍ଛ ଅଞ୍ଚଳ ଅବସ୍ଥିତ ଥିଲା । ଖ୍ରୀ.ପୂ. ସପ୍ତମ ଶତାବ୍ଦୀରେ ହିଁ କାମ୍ବୋଜମାନଙ୍କୁ ବ୍ରାହ୍ମଣ୍ୟ ଗ୍ରନ୍ଥଗୁଡ଼ିକରେ ଅସଭ୍ୟଲୋକ ବୋଲି କୁହାଯାଇଛି । ଅର୍ଥଶାସ୍ତ୍ରରେ ସେମାନଙ୍କୁ ବାର୍ତ୍ତା- ଶାସ୍ତ୍ରୋପଜୀବୀନ ସଂଘ ଅର୍ଥାତ୍ କୃଷକ, ଗାଈଆଳ, ବ୍ୟବସାୟୀ ଏବଂ ଯୋଦ୍ଧାମାନଙ୍କର ସଂଗଠନ ବୋଲି କୁହାଯାଇଛି ।

ଆଦର୍ଶ ପ୍ରଶ୍ନାବଳୀ

ଶୂନ୍ୟସ୍ଥାନ ପୂରଣ କର ।

୧ । କୋଶଳ ଜନପଦର ପଶ୍ଚିମରେ _______ ନଦୀ ପ୍ରବାହିତ ହେଉଥିଲା ।

୨ । ଦକ୍ଷିଣ ବିହାରର _______ ଏବଂ _______ ର ଆଖପାଖ ଅଞ୍ଚଳକୁ ନେଇ ମଗଧ ରାଜ୍ୟ ଗଠିତ ହୋଇଥିଲା ।

୩ । ଚେଦୀ ରାଜ୍ୟର ରାଜଧାନୀ _______ ଥିଲା ।

୪ । ବତ୍ସ ମହାଜନପଦର ରାଜଧାନୀ କୌଶାମ୍ବୀ _______ ନଦୀକୂଳରେ ଅବସ୍ଥିତ ଥିଲା ।

୫ । ପୂର୍ବକାଳରେ ରାଜା ଶବ୍ଦ _______ ଙ୍କ ପାଇଁ ବ୍ୟବହୃତ ହେଉଥିଲା ।

ଉତ୍ତରମାଳା

(୧) ଗୋମତୀ (୨) ପାଟନା, ଗୟା (୩) ସୁକ୍ତିମତୀ, (୪) ଯମୁନା, (୫) କୁଳର ମୁଖ୍ୟ ।

ଏକପଦ ଉତ୍ତରମୂଳକ ପ୍ରଶ୍ନୋତ୍ତର ।

୧ । ଇତିହାସ, ସତ୍ୟଗୁଡ଼ିକୁ ନିରୂପଣ ଓ କ'ଣ କରେ ?

୨ । ଭାରତୀୟ ଦର୍ଶନରେ ଜ୍ଞାନକୁ କେଉଁ ରୂପରେ ଗ୍ରହଣ କରାଯାଇଛି ?

୩ । ଆଦିବାସୀ ସମ୍ପ୍ରଦାୟଗୁଡ଼ିକର ମୁଖ୍ୟ ହେବାପାଇଁ କ'ଣ ବିଧି ଥିଲା ?

୪ । ବେଦ ଓ ପୁରାଣ କେଉଁ ପ୍ରକାର ସାହିତ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ?

୫ । ବୌଦ୍ଧଗ୍ରନ୍ଥ ଶତସହସ୍ରିକା କିଏ ରଚନା କରିଥିଲେ ?

୬ । ଜୈନଗ୍ରନ୍ଥ ମୁଦ୍ରାରାକ୍ଷସ କିଏ ରଚନା କରିଥିଲେ ?

୭ । ସ୍ୱପ୍ନବାସବଦତ୍ତା ନାଟକ କିଏ ରଚନା କରିଥିଲେ ?

୮ । ଦଶଗିତିକା ସୂତ୍ର କିଏ ରଚନା କରିଥିଲେ ?

୯ । ମନ୍ଦିର ସ୍ଥାପତ୍ୟ କେଉଁ ରାଜବଂଶ ଆରମ୍ଭ କରିଥିଲେ ?

୧୦ । କେଉଁ ସ୍ତମ୍ଭଲିପିରେ ସମୁଦ୍ରଗୁପ୍ତଙ୍କ ଦିଗ୍‌ବିଜୟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି ?

୧୧ । ମେଘାସ୍ଥିନିସ୍ ଲେଖିଥିବା ପ୍ରସିଦ୍ଧ ପୁସ୍ତକର ନାମ କ'ଣ ଅଟେ ?

୧୨ । ଭାରତର ଆକାର ଗ୍ରେଟ୍‌ବ୍ରିଟେନ୍‌ଠାରୁ କେତେ ଗୁଣ ଅଧିକ ଅଟେ ?

୧୩ । ଆଲ୍ଲାହାବାଦର ପ୍ରାଚୀନ ନାମ କ'ଣ ଥିଲା ?

୧୪ । ବୌଦ୍ଧ ଧର୍ମଗ୍ରନ୍ଥଗୁଡ଼ିକରେ ବ୍ୟବସାୟୀମାନଙ୍କୁ ସାଧାରଣତଃ କ'ଣ କୁହାଯାଇଛି ?

୧୫ । ଅଙ୍ଗ ମହାଜନପଦର ରାଜଧାନୀର ନାମ କ'ଣ ଥିଲା ?

ଉତ୍ତରମାଳା

(୧) ଲିପିବଦ୍ଧ, (୨) ଶକ୍ତି, (୩) ପୁରୁଷାନୁକ୍ରମିକ, (୪) ଧାର୍ମିକ, (୫) ନାଗାର୍ଜୁନ, (୬) ବିଶାଖାଦତ୍ତ, (୭) ଭାସ, (୮) ଆର୍ଯ୍ୟଭଟ୍ଟ, (୯) ଗୁପ୍ତ, (୧୦) ଆଲ୍ଲାହାବାଦ, (୧୧) ଇଣ୍ଡିକା, (୧୨) ୨୦ ଗୁଣ, (୧୩) ପ୍ରୟାଗ, (୧୪) ସେଠୀ, (୧୫) ଚମ୍ପା ।

ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

୧ । କମ୍ବୋଜ ମହାଜନପଦ ସମ୍ବନ୍ଧରେ ଟିପ୍ପଣୀ କର ।
୨ । ମତ୍ସ୍ୟ ମହାଜନପଦର ବିଶେଷତ୍ୱ କ'ଣ ଥିଲା ?
୩ । ପ୍ରାଚୀନ ଯୁଗୀୟ ଗ୍ରାମର ଲୋକେ କିପରି ଭାବରେ ଜୀବିକା ନିର୍ବାହ କରୁଥିଲେ ?
୪ । ଗୃହରେ ଗୃହପତିଙ୍କର ଭୂମିକା କ'ଣ ଥିଲା ?
୫ । ବୈଦିକ ସାହିତ୍ୟରୁ ଜନପଦ ଓ ମହାଜନପଦ ସମ୍ବନ୍ଧରେ ଆମେ କ'ଣ ଜାଣିଥାଉ ?
୬ । ମେହେରଗଡର ବିଶେଷତ୍ୱ ଉଲ୍ଲେଖ କର ।
୭ । ଇତିହାସ କିପରି ଭାବରେ ମାନବୀୟ କାର୍ଯ୍ୟାବଳୀର ସମୀକ୍ଷିକା ଅଟେ ?
୮ । ଜୀବନଚରିତରୁ ଆମେ ଇତିହାସ ରଚନା ପାଇଁ କେଉଁ ଉପାଦାନ ପାଇଥାଉ ?
୯ । ସରକାରୀ ଅଭିଲେଖ କହିଲେ କ'ଣ ବୁଝ ?
୧୦ । ଭୌଗୋଳିକ ଦୃଷ୍ଟିକୋଣରୁ ଉପର ଓ ମଧ୍ୟ ଗାଙ୍ଗେୟ ସମତଳ ଭୂମିର ସଂଜ୍ଞା ପ୍ରଦାନ କର ।

ଛଅଟି ବାକ୍ୟରେ ଉତ୍ତର ଲେଖ (୭୫ ଶବ୍ଦ ମଧ୍ୟରେ) ।

୧ । ପ୍ରାଚୀନ ଭାରତୀୟ ଇତିହାସ ପଠନ ଉଦ୍ଦେଶ୍ୟରେ ଐତିହାସିକ ସିଦ୍ଧାନ୍ତର ମହତ୍ତ୍ୱ ପ୍ରଦାନ କର ।
୨ । ଇତିହାସ ହେଉଛି ସମାଜ ବ୍ୟବସ୍ଥାର ପ୍ରତିଫଳନକାରିଣୀ– ଏହି ଉକ୍ତିକୁ ପ୍ରମାଣ କର ।
୩ । ଇତିହାସ ପୁନର୍ଗଠନ ପାଇଁ ପୁରାଣଗୁଡ଼ିକର ଭୂମିକା ପ୍ରତିପାଦନ କର ।
୪ । ଇତିହାସ ପୁନର୍ଗଠନ ପାଇଁ ଅଭିଲେଖଗୁଡ଼ିକର ମହତ୍ତ୍ୱ ପ୍ରତିପାଦନ କର ।
୫ । ଭାରତର ଭୌଗୋଳିକ ଇତିହାସ ରଚନା ପାଇଁ ଗାଙ୍ଗେୟ ଉତ୍ତର ଭାରତର ମହତ୍ତ୍ୱ ପ୍ରଦାନ କର ।
୬ । ଜନପଦ ଓ ମହାଜନପଦ କହିଲେ କ'ଣ ବୁଝ ? ସେଗୁଡ଼ିକର ଅଭ୍ୟୁଦୟ କିପରି ହୋଇଥିଲା ?
୭ । ଜନବସତିର ପ୍ରକାରଭେଦ ସମ୍ବନ୍ଧରେ ଉଲ୍ଲେଖ କର ।
୮ । ଜନପଦଗୁଡ଼ିକରେ ଶାସକ ଓ ଶାସିତଙ୍କ ସମ୍ବନ୍ଧ କିପରି ଥିଲା ?
୯ । ମଗଧ ମହାଜନପଦ ସମ୍ବନ୍ଧରେ ବର୍ଣ୍ଣନା କର ।
୧୦ । ଭୌଗୋଳିକ ଦୃଷ୍ଟିକୋଣରୁ ହିମାଳୟ ପର୍ବତମାଳା ଓ ପଶ୍ଚିମ ସୀମାନ୍ତର ମହତ୍ତ୍ୱ ପ୍ରତିପାଦନ କର ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ (୫୦୦ ଶବ୍ଦ ମଧ୍ୟରେ) ।

୧ । ପ୍ରାଚୀନ ଭାରତୀୟ ଇତିହାସ ପଠନର ଉଦ୍ଦେଶ୍ୟ କ'ଣ ଅଟେ ? ଏକ ବିଶଦ ବିବରଣୀ ପ୍ରଦାନ କର ।
୨ । ଐତିହାସିକ ସମୟକାଳର ଇତିହାସ ପୁନର୍ଗଠନ ପାଇଁ ଉଦ୍ଦିଷ୍ଟ ମୌଳିକ ଉପାଦାନଗୁଡ଼ିକର ଏକ ବିବରଣୀ ପ୍ରଦାନ କର ।
୩ । ହରପ୍ପା ସଭ୍ୟତାର ପ୍ରମୁଖ କେନ୍ଦ୍ରଗୁଡ଼ିକର ଏକ ବିବରଣୀ ପ୍ରସ୍ତୁତ କର ।
୪ । ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀ ବେଳକୁ ଉତ୍ତର ଭାରତରେ ବିଦ୍ୟମାନ ଥିବା ଷୋଡ଼ଶ ମହାଜନପଦ ସମ୍ବନ୍ଧରେ ଏକ ବିବରଣୀ ପ୍ରସ୍ତୁତ କର ।

ଦ୍ୱିତୀୟ ଏକକ
UNIT - II

ପ୍ରାକ୍-ଐତିହାସିକ ଶିକାରୀ-ସଂଗ୍ରହକାରୀ ଏବଂ ଖାଦ୍ୟ ଉତ୍ପାଦନ
(PRE-HISTORIC HUNTER-GATHERERS AND FOOD PRODUCTION)

(କ) ପୁରାତନ ପ୍ରସ୍ତର ଯୁଗର ସଂସ୍କୃତି : ଉତ୍ତମ, ମଧ୍ୟମ ଏବଂ ନିମ୍ନସ୍ତରୀୟ-ଯନ୍ତ୍ରପାତି ନିର୍ମାଣ ଅଭ୍ୟାସ
Paleolithic Culture : Upper, Middle and Lower; Tool making habit

(ଖ) ମଧ୍ୟ-ପ୍ରସ୍ତର ଯୁଗର ସଂସ୍କୃତି : ଯାନ୍ତ୍ରିକ ବିଜ୍ଞାନ ଅଥବା ପ୍ରବିଧି ବିଜ୍ଞାନ ଓ ଅର୍ଥନୀତି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବିକାଶ
Mesolithic Culture : New Developments in Technology and Economy

(ଗ) ନୂତନ ପ୍ରସ୍ତର ଯୁଗର ସଭ୍ୟତା; ତାମ୍ର ଯୁଗର ସଭ୍ୟତା ଏବଂ ବସତି ସ୍ଥାପନ
Neolithic and Chalcolithic Settlements

(ଘ) ଖାଦ୍ୟ ଉତ୍ପାଦନ : କୃଷିକାର୍ଯ୍ୟର ଆରମ୍ଭ
Food Production : Beginning of Agriculture

ପ୍ରାକ୍-ଐତିହାସିକ ଶିକାରୀ-ସଂଗ୍ରହକାରୀ ଏବଂ ଖାଦ୍ୟ ଉତ୍ପାଦନ
(Pre-Històric Hunter-Gatherers and Food Production)

ପ୍ରାକ୍-ଐତିହାସିକ ସମୟକାଳ
ଶିକାରୀ-ସଂଗ୍ରହକାରୀ

ଅଧୁନା ସମୟ ସୁଦ୍ଧା ଆମ ପ୍ରିୟ ପୃଥିବୀର ବୟସ ୪୬୦୦ ନିୟୁତ ବର୍ଷରୁ ଅଧିକ ଅଟେ । ବିବର୍ତ୍ତନ ସମ୍ବନ୍ଧୀୟ ଅଧ୍ୟୟନ ଏହାର ଭୂପୃଷ୍ଠର ଶିଳାମୟ ବାହ୍ୟ କଠିନ ଅଂଶ ଚାରି ପର୍ଯ୍ୟାୟ ବିଶିଷ୍ଟ ହୋଇଥିବାର ସୂଚନା ଦିଏ । ଚତୁର୍ଥ ପର୍ଯ୍ୟାୟକୁ ଚାରି ଅଂଶରୁ ଏକ ଅଂଶ (କ୍ୱାର୍ଟରନାରି) କୁହାଯାଏ, ଯାହାକି ଭୂତତ୍ତ୍ୱ ଅନୁଯାୟୀ ସିନୋଜୋଇକ୍ ଯୁଗର ଶେଷଭାଗ ଅଟେ, ଯେଉଁ ସମୟରେ କି ସ୍ତନ୍ୟପାୟୀ ଜୀବଙ୍କର ଉତ୍ପତ୍ତି ହୋଇଥିଲା । ଏହାକୁ ପୁନଶ୍ଚ ଦୁଇଗୋଟି ଐତିହାସିକ ଯୁଗରେ ବିଭକ୍ତ କରାଯାଇଛି । ପ୍ରଥମ ଭାଗ ଅଥବା ଯୁଗକୁ 'ତୁଷାର ଯୁଗ' (ପ୍ଲେଇଷ୍ଟୋସିନେ) ଏବଂ ଦ୍ୱିତୀୟ ଭାଗକୁ "ପରବର୍ତ୍ତୀ ତୁଷାର ଯୁଗ" (ହଲୋସିନେ) କୁହାଯାଏ । ପ୍ରଥମଭାଗ ଖ୍ରୀ:ପୂ: ୨୦,୦୦୦ରୁ ଖ୍ରୀ:ପୂ: ୧୨,୦୦୦ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟଭାଗ ପ୍ରାୟ ଖ୍ରୀ:ପୂ: ୧୨,୦୦୦ ରୁ ଅଦ୍ୟାବଧି ଗତି କରି ଚାଲିଛି । ଯଦିଓ ପୃଥିବୀ ପୃଷ୍ଠରେ ଜୀବସତ୍ତାର ସୃଷ୍ଟି ପ୍ରାୟ ୩୫୦୦ ନିୟୁତ ବର୍ଷ ପୂର୍ବରୁ ହୋଇଥିଲା, କିନ୍ତୁ ତାହା ଅନେକ ସହସ୍ରାବ୍ଦ ବର୍ଷ ସୁଦ୍ଧା କେବଳ ମାତ୍ର ଗଛଲତା ଓ ପଶୁରେ ସୀମିତ ଥିଲା । ପୃଥିବୀପୃଷ୍ଠରେ ମାନବ ଜୀବସତ୍ତାର ସୃଷ୍ଟି ହୋଇଥିଲା ପ୍ରାକ୍-ତୁଷାର ଯୁଗ ଏବଂ ପ୍ରାଥମିକ ତୁଷାର ଯୁଗ ସମୟ କାଳରେ । ଅନେକ ପ୍ରକାରର ମଣିଷ ସଦୃଶ ପଶୁ (ହୋମିନିଡ୍)ମାନେ (ଯାହାଙ୍କୁ ଆମେ ମଣିଷ ଆଖ୍ୟା ଦେଇଛୁ) ପ୍ରାୟ ୬ ନିୟୁତ ବର୍ଷ ପୂର୍ବେ ଦକ୍ଷିଣ ଓ ପୂର୍ବ ଆଫ୍ରିକାରେ ବସତି ସ୍ଥାପନ କରିଥିଲେ । ସେମାନଙ୍କ ସଂପୂର୍ଣ୍ଣ ସାଦୃଶ୍ୟ ରହିଥିଲା ୩୦ ନିୟୁତ ବର୍ଷ ପୂର୍ବେ ବିକଶିତ ଲାଙ୍ଗୁଡ଼ବିହୀନ ବାନରମାନଙ୍କ (ଯଥା- ଗରିଲା, ସିମ୍ପାଞ୍ଜି, ଓରାଂଓଟାନ୍)ସହିତ । ଆମର ଅଧ୍ୟୟନରୁ ଜଣାଯାଏ ଯେ, ପ୍ରଥମ ଦକ୍ଷ ତଥା କୁଶଳୀ ମଣିଷ (ହୋମୋହାବିଲିସ୍)ଙ୍କର ଉଦ୍ଭବ ହୋଇଥିଲା ଦକ୍ଷିଣ ଆଫ୍ରିକାରେ ପ୍ରାୟ ଖ୍ରୀ:ପୂ: ୨-୧.୫ ନିୟୁତ ବର୍ଷ ପୂର୍ବେ । ସେମାନେ ହିଁ ଥିଲେ ପ୍ରକୃତ ମଣିଷ ତଥା ପ୍ରସ୍ତରକୁ ଭାଙ୍ଗି ଧାରୁଆ, ଗୋଜିଆ ଆଦି ଅସ୍ତ୍ରଶସ୍ତ୍ର ସ୍ୱରୂପରେ ନିର୍ମାଣ କରିପାରୁଥିଲେ । ମାନବ ବିକାଶର ଦ୍ୱିତୀୟ ପର୍ଯ୍ୟାୟରେ ବିକଶିତ ହୋଇଥିଲେ ଦକ୍ଷ ଓ ନିର୍ମାଣକାରୀ ମଣିଷ (ହୋମୋ-ଇରେକ୍ଟସ୍) ପ୍ରାୟ ଖ୍ରୀ:ପୂ: ୧.୮ ରୁ ୧.୬ ନିୟୁତ ବର୍ଷ ପୂର୍ବେ । ଏମାନଙ୍କର ମୁଣ୍ଡର ଖପୁରୀ ହାଡ଼ ଅତ୍ୟନ୍ତ ଶକ୍ତ ଓ କଠିନ ଥିଲା । ସେମାନେ ଯେଉଁ ନୂତନ ପ୍ରକାରର ପ୍ରସ୍ତର ଉପକରଣ ନିର୍ମାଣ କରୁଥିଲେ, ତନ୍ମଧ୍ୟରେ ସଂପୂର୍ଣ୍ଣ ସ୍ୱତନ୍ତ୍ର ଓ ମହତ୍ତ୍ୱପୂର୍ଣ୍ଣ ଥିଲା ହାତଟାଙ୍ଗିଆ । ତୃତୀୟ ପର୍ଯ୍ୟାୟରେ ବିକଶିତ ହୋଇଥିଲେ ବିଜ୍ଞ ମଣିଷ (ହୋମୋସାପେନ) । ପ୍ରାୟ ଖ୍ରୀ:ପୂ: ୨୩,୦୦୦୦ ରୁ ୩୦,୦୦୦ ବର୍ଷ ପୂର୍ବେ ପଶ୍ଚିମ ଜର୍ମାନୀରେ ବିକଶିତ ହୋଇଥିବା ନିଣ୍ଡାର୍ଥେଲ୍ ମଣିଷଙ୍କ ସହିତ ସେମାନଙ୍କର ସଂପୂର୍ଣ୍ଣ ସାମଞ୍ଜସ୍ୟ ରହିଥିଲା ।

ପ୍ରାୟ ଖ୍ରୀ:ପୂ: ୫୦,୦୦୦ ବର୍ଷ ପୂର୍ବେ ପ୍ରସ୍ତର ଯୁଗରେ, ଦକ୍ଷିଣ ଆଫ୍ରିକାରେ ସଂପୂର୍ଣ୍ଣ ଆଧୁନିକ ମଣିଷ (ହୋମୋସାପୈନ୍ ସାପୈନ୍) ଦୃଶ୍ୟମାନ ହୋଇଥିଲେ । ସେମାନେ ବିବିଧ ପ୍ରକାରର ପ୍ରସ୍ତର ଉପକରଣ ନିର୍ମାଣ କରୁଥିଲେ । ସେମାନଙ୍କର ମସ୍ତିଷ୍କର ସ୍ଥୂଳତା ଥିଲା ୧୨୦୦-୨୦୦୦ କ୍ୟୁବିକ୍ ସେଣ୍ଟିମିଟର ଏବଂ କଥା କହିପାରୁଥିଲେ କି ନାହିଁ ଜଣାପଡ଼େ ନାହିଁ । ଅନୁଧ୍ୟାନରୁ ଏତିକି ଜଣାଯାଇଛି ଯେ, ପ୍ରାୟ ଖ୍ରୀ:ପୂ: ୫୦,୦୦୦ ବର୍ଷ ପୂର୍ବେ ଭାଷାର ଉତ୍ପତ୍ତି ହୋଇଥିଲା ।

ଭାରତର ପ୍ରାଚୀନତମ ମଣିଷ

ଭାରତୀୟ ଉପ-ମହାଦେଶରେ ମଣିଷର ବିବର୍ତ୍ତନ ସମ୍ବନ୍ଧୀୟ ସୂଚନା ଆମକୁ ଦେଇଥାଏ ଅଦ୍ୟାବଧି ଆବିଷ୍କୃତ ମାତ୍ର କେତୋଟି ଜୀବାଶ୍ମ । ତନ୍ମଧ୍ୟରୁ କେତେକ ମାନବ ଖପୁରିର ଅଂଶ ଆବିଷ୍କୃତ ହୋଇଛି ଶିୱାଲିକ୍ ପାର୍ବତ୍ୟାଞ୍ଚଳରେ, ଯାହାକି ଅଧୁନା ଭାରତ ଓ ପାକିସ୍ତାନ ମଧ୍ୟରେ ରହିଛି । ସେଗୁଡ଼ିକ ଲାଙ୍ଗୁଡ଼ବିହୀନ ବାନରଙ୍କୁ ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ ପ୍ରାୟତଃ ମଣିଷ ସଦୃଶ ପଶୁ ଥିଲେ । ୧୯୮୨ ମସିହାରେ ସଂପୂର୍ଣ୍ଣ ଏକ ମାନବ ସଦୃଶ ପଶୁର ଖପୁରୀ, ନର୍ମଦା ନଦୀ ଉପତ୍ୟକାସ୍ଥିତ ହାଥନୋରା, ମଧ୍ୟପ୍ରଦେଶଠାରୁ ଆବିଷ୍କାର କରାଯାଇଛି । ଶରୀର ଗଠନ ଦୃଷ୍ଟିରୁ ଏହା ଏକ ବିଜ୍ଞ ମଣିଷ (ହୋମୋସାପୈନ)ର ବୋଲି ପ୍ରତ୍ନତାତ୍ତ୍ୱିକମାନେ ସ୍ଥିର କରିଛନ୍ତି । ଏହି ଖପୁରୀଟି ପ୍ରାୟ ୩୪,୦୦୦ ବର୍ଷ ତଳର ବୋଲି ଗଣନା କରାଯାଇଛି ।

ପ୍ରାକ୍-ଐତିହାସିକ ସମୟ

ପ୍ରାକ୍-ଐତିହାସିକ ସମୟ ସମ୍ବନ୍ଧରେ ଜାଣିବା ପାଇଁ କୌଣସି ଲିଖିତ / ଖୋଦିତ ବିବରଣୀ ନାହିଁ । ଭାରତର ଚାରିଆଡୁ ଆବିଷ୍କୃତ ଅନେକ ପ୍ରତ୍ନତାତ୍ତ୍ୱିକ ଅବଶେଷ ତଥା ଜୀବାଶ୍ମ ଆଦିକୁ ଭିତ୍ତିକରି ଆମେ ଏହି ସମୟକାଳର ଇତିହାସ ଗଠନ କରିପାରିବା । ଏହି ସମୟକାଳରେ ପ୍ରଥମ ମଣିଷ ସଭ୍ୟତା ସମ୍ବନ୍ଧୀୟ ସ୍ୱରୂପର ଅୟମାରମ୍ଭ ହୋଇଥିଲା । ତା'ପରେ ପରେ ଏହି ଉପ-ମହାଦେଶର ଏକ ବିଶାଳ ଅଂଶକୁ ବ୍ୟାପୀ ଯାଇଥିଲା । ଏହି ଆଦି ମାନବମାନେ ଦଳବଦ୍ଧ ହୋଇ ପରିବାର ସହିତ ଚାରିଆଡ଼େ ଗତି କରିଥିଲେ । ସେମାନେ ମୁଖ୍ୟତଃ ଶିକାରୀ-ସଂଗ୍ରହକାରୀ ଥିଲେ ।

(କ) ପ୍ରସ୍ତର ଯୁଗ

ଯେଉଁ ସମୟକାଳ ମଧ୍ୟରେ ଆଦିମ ମାନବ ତା'ର ବିଭିନ୍ନ ଆବଶ୍ୟକୀୟ କାର୍ଯ୍ୟପାଇଁ ପ୍ରସ୍ତର ବ୍ୟବହାର କରିଥିଲା, ସେହି ସମୟକାଳକୁ ପ୍ରସ୍ତର ଯୁଗ କୁହାଯାଏ । ଜଳବାୟୁ ତଥା ପ୍ରାକୃତିକ ପରିବର୍ତ୍ତନ ଏବଂ ବ୍ୟବହୃତ ପ୍ରସ୍ତର ଉପକରଣଗୁଡ଼ିକର ପ୍ରକାରଭେଦ ଆଧାରରେ ପ୍ରସ୍ତର ଯୁଗକୁ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଏ; ଯଥା- ପୁରାତନ ପ୍ରସ୍ତର ଯୁଗ, ମଧ୍ୟ-ପ୍ରସ୍ତର ଯୁଗ ଏବଂ ନୂତନ ପ୍ରସ୍ତର ଯୁଗ ।

ପୁରାତନ ପ୍ରସ୍ତର ଯୁଗ

ପ୍ରସ୍ତର ଯୁଗର ପ୍ରଥମ ପର୍ଯ୍ୟାୟକୁ ପୁରାତନ ଅଥବା ସ୍ୱଳ୍ପ ବିକଶିତ (ଲୋୟର୍) ପ୍ରସ୍ତର ଯୁଗ, ଦ୍ୱିତୀୟ ପର୍ଯ୍ୟାୟକୁ ମଧ୍ୟ-ପ୍ରସ୍ତର ଯୁଗ ଏବଂ ତୃତୀୟ ପର୍ଯ୍ୟାୟକୁ ନୂତନ ଅଥବା ବିକଶିତ ପ୍ରସ୍ତର ଯୁଗ କୁହାଯାଏ । ଆହୁରି ଅଧିକ ତଥ୍ୟ ପ୍ରମାଣ ମିଳିବା ପର୍ଯ୍ୟନ୍ତ ସାଧାରଣତଃ ପୁରାତନ ପ୍ରସ୍ତର ଯୁଗର ବିକାଶ ସମୟକୁ ଖ୍ରୀ:ପୂ: ୬,୦୦,୦୦୦ରୁ ଖ୍ରୀ:ପୂ: ୧,୫୦,୦୦୦ ମଧ୍ୟରେ ଧାର୍ଯ୍ୟ କରାଯାଇଥାଏ । କେତେକ ପ୍ରତ୍ନତାତ୍ତ୍ୱିକ ଏହି ସମୟକାଳକୁ ଅଜ୍ଞାତ କାଳରୁ ଖ୍ରୀ:ପୂ: ୮,୦୦୦ ମଧ୍ୟରେ ବୋଲି ମତବ୍ୟକ୍ତ କରିଛନ୍ତି । ମଧ୍ୟ-ପ୍ରସ୍ତର ଯୁଗର ସମୟକାଳକୁ ସାଧାରଣତଃ ଖ୍ରୀ:ପୂ:

୧,୫୦,୦୦୦ ରୁ ଖ୍ରୀ:ପୂ: ୩୫,୦୦୦ ମଧ୍ୟରେ ଧାର୍ଯ୍ୟ କରାଯାଇଥାଏ । ନୂତନ ପ୍ରସ୍ତର ଯୁଗର ସମୟକାଳକୁ ସାଧାରଣତଃ ଖ୍ରୀ:ପୂ: ୩୫,୦୦୦ ରୁ ୧୦,୦୦୦ ମଧ୍ୟରେ ଧାର୍ଯ୍ୟ କରାଯାଇଥାଏ । ଅନ୍ୟକେତେକ ପ୍ରତ୍ନତାତ୍ତ୍ୱିକ ଏହି ସମୟକାଳକୁ ଖ୍ରୀ:ପୂ: ୪୦୦୦ ରୁ ଖ୍ରୀ:ପୂ: ୨୫୦୦ ବୋଲି ମତବ୍ୟକ୍ତ କରିଛନ୍ତି ।

ସ୍ୱଳ୍ପ ବିକଶିତ ପ୍ରସ୍ତର ଯୁଗ ଅଥବା ପ୍ରାଚୀନ ପ୍ରସ୍ତର ଯୁଗ ତୁଷାର ଯୁଗର ଅଧିକାଂଶ ସମୟକାଳ ମଧ୍ୟରେ ପରିବ୍ୟାପ୍ତ ଥିଲା । ଏହି ସମୟର ମଣିଷମାନେ ସାମୟିକ ଭାବରେ ଗୁମ୍ଫାଗୁଡ଼ିକରେ ରହୁଥିଲେ । ସେମାନେ ପ୍ରଧାନତଃ ଖାଦ୍ୟ ସଂଗ୍ରହକାରୀ ଥିଲେ ଏବଂ ପ୍ରକୃତି ଉପରେ ନିର୍ଭର କରୁଥିଲେ । ସେମାନେ ଅତ୍ୟଳ୍ପ ପରିମାଣରେ ଶିକାର କରୁଥିଲେ ଏବଂ ଶିକାର କରିବା ପାଇଁ ଅତ୍ୟଳ୍ପ ପରିମାଣର ପ୍ରସ୍ତର ହାତହତିଆର ନିର୍ମାଣ କରୁଥିଲେ । ବିଭିନ୍ନ ପ୍ରାଣୀଙ୍କ ଅବଶେଷାଂଶ ଏବଂ ଜୀବାଶ୍ମ, ପ୍ରସ୍ତର ଉପକରଣ, ଶୈଳଚିତ୍ର ଆଦି ପ୍ରାକ୍-ଐତିହାସିକ ଓ ପ୍ରସ୍ତରଯୁଗୀୟ ମଣିଷମାନଙ୍କ ସମ୍ବନ୍ଧରେ ଅନୁସନ୍ଧାନର ମୂଳାଧାର ଅଟେ । ସେଗୁଡ଼ିକ ପୁନଶ୍ଚ ସେମାନଙ୍କର ଅର୍ଥନୀତି, ସମାଜ ଓ ସଂସ୍କୃତି ଆଦି ସମ୍ବନ୍ଧରେ ଆଲୋକପାତ କରିଥାଏ ।

ଶିକାରୀ ସଂଗ୍ରହକାରୀ

ସମୟର ଏହି ଦୀର୍ଘତାକୁ ଭିତ୍ତିକରି ଯେଉଁ ଶିକାରୀ-ସଂଗ୍ରହକାରୀ ମାନବ ସମାଜ ଗଢ଼ି ଉଠିଥିଲା ତାହା ମାନବ ଇତିହାସର ଏକ ମଞ୍ଚ ବୋଲି ଆମେ ଜାଣୁ । ବର୍ତ୍ତମାନ ସୁଦ୍ଧା ମଧ୍ୟ ପୃଥିବୀରେ ଅନେକ ଅଞ୍ଚଳ ଅଛି ଯେଉଁଠି ମଣିଷ ସଂଗ୍ରହକାରୀ ବା ଶିକାରୀ ଭାବେ ବଞ୍ଚି ଆସୁଅଛି । ତେଣୁ ସେମାନଙ୍କର ସଂସ୍କୃତି ସଂପର୍କରେ ଜାଣିବା ସହିତ ମାନବ ଇତିହାସରେ ଯେଉଁ ସାଂସ୍କୃତିକ ପରିବର୍ତ୍ତନ ଘଟୁଛି ତାହା ଆମେ ଜାଣିବା ଆବଶ୍ୟକ । ଆମେ ଶିକାରୀ-ସଂଗ୍ରହକାରୀମାନଙ୍କ ବିଷୟରେ ଜାଣିବା କିପରି ? ଆମେ ଶିକାରୀ-ସଂଗ୍ରହକାରୀମାନଙ୍କର ଜୀବନଯାତ୍ରା ପ୍ରଣାଳୀ, ସେମାନଙ୍କର ସାମାଜିକ ସଂଗଠନ ଏବଂ ସେମାନଙ୍କର ପରିବେଶ ସଂପର୍କରେ ତଥ୍ୟ ଓ ମାନବ ସମାଜ ସଂପର୍କରେ ଅଧ୍ୟୟନ କରୁଥିବା ନୃଜାତି ବିଜ୍ଞାନୀ ଓ ନୃତତ୍ତ୍ୱବିତ୍‌ମାନଙ୍କଠାରୁ ଜାଣିପାରିବା । ସେମାନଙ୍କର କାର୍ଯ୍ୟ ଓ ଶିକାରୀ-ସଂଗ୍ରହକାରୀମାନଙ୍କର ଜୀବନର ଅବସ୍ଥା ସଂପର୍କରେ ଜାଣିବା ଦ୍ୱାରା ଆମେ ଅତୀତର ସମାଜ ସଂପର୍କରେ ଅନୁଭବ କରିପାରିବା । ଯାହାହେଉ, ଅତୀତର ଗୋଷ୍ଠୀକୁ ଜାଣିବା ପାଇଁ ଆମେ ପ୍ରତ୍ନତତ୍ତ୍ୱବିତ୍ ଓ ଅନ୍ୟ ବିଜ୍ଞାନୀମାନଙ୍କର କାର୍ଯ୍ୟ ଉପରେ ମୁଖ୍ୟତଃ ନିର୍ଭର କରିବା । ସେମାନେ ସେ କାଳର ସମାଜରେ ତିଆରି ହୋଇଥିବା ଉପକରଣକୁ ଆବିଷ୍କାର କରି, ବିଶ୍ଳେଷଣ କରି ସେଥିରେ ସ୍ୱାତନ୍ତ୍ର୍ୟତା ହାସଲ କରିଅଛନ୍ତି । ଏହା ସହିତ ସେକାଳର ସମାଜରେ ଲୋକମାନେ ମାରିଥିବା ପଶୁମାନଙ୍କର ଅବଶେଷ ଓ ଖାଦ୍ୟ ଏବଂ ପରିବେଶର ପ୍ରକାରରେ ସେମାନଙ୍କର ଜୀବନ ସଂପର୍କରେ ଅଧ୍ୟୟନ କରିଅଛନ୍ତି । ଏହି ପ୍ରଣାଳୀରେ ଅଧ୍ୟୟନ ଅନେକ ପାଠ୍ୟ ଶୃଙ୍ଖଳାକୁ ଏକାଠି ବାନ୍ଧି ଦେଇଛି ଓ ଅନେକ ପ୍ରକାର ତଥ୍ୟକୁ ଅନୁସନ୍ଧାନ କରିଛି । ସମସ୍ତ ପ୍ରାଣୀମାନଙ୍କ ସଂପର୍କରେ ଅଧ୍ୟୟନ, ବୃକ୍ଷଲତା ଓ ଅନ୍ୟ ଜୀବମାନଙ୍କର ଅବଶେଷ ଯାହାକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଶିକାରୀ-ସଂଗ୍ରହକାରୀ ସ୍ତରରେ ମାନବ ସମାଜ ସହିତ ସଂପର୍କିତ କରିଛନ୍ତି ଏହାଦ୍ୱାରା ପ୍ରାଚୀନ ମାନବ କିପରି ନିଜର ତତ୍କ୍ଷଣାତ୍ ଭୌଗୋଳିକ ପରିବେଶକୁ ବ୍ୟବହାର କରୁଥିଲା ତା'ର ଅଧ୍ୟୟନ ଅନ୍ତର୍ଦୃଷ୍ଟିଦ୍ୱାରା କିପରି ହୋଇପାରିଛି ତାହା ଆମେ ଜାଣିପାରିବା ।

ଶିକାରୀ-ସଂଗ୍ରହକାରୀମାନଙ୍କ ଦ୍ୱାରା ବ୍ୟବହୃତ ଉପକରଣ ଆଜି ପର୍ଯ୍ୟନ୍ତ ପଥର ଉପକରଣ ଭାବେ ତିଷ୍ଠି ରହିଛି । ପ୍ରତ୍ନତତ୍ତ୍ୱବିତ୍‌ମାନେ ବିଭିନ୍ନ ଉପକରଣରକୁ ଶ୍ରେଣୀବିଭାଗ କରି ପୁରାତନ ପ୍ରସ୍ତର, ମଧ୍ୟ ପ୍ରସ୍ତର ପ୍ରତ୍ନତତ୍ତ୍ୱବିତ୍ ସବିସ୍ତୃତ ଭାବେ ଅଧ୍ୟୟନ କରିଅଛନ୍ତି ।

ସେ ଯେଭଳି ଭାବରେ ଖାଦ୍ୟ ସଂଗ୍ରହ କରୁଥିଲା ସେହିଭଳି ପ୍ରକୃତି ସହ ତା'ର ସଂପର୍କ ସ୍ଥାପିତ ହେଉଥିଲା ଓ ପ୍ରକୃତିକୁ ସେହି ଦୃଷ୍ଟିକୋଣରୁ ସେ ଅବଲୋକନ କରୁଥିଲା । ଦ୍ୱିତୀୟରେ ଶିକାରୀମାନେ / ସଂଗ୍ରହକାରୀମାନେ

ଦଳବଦ୍ଧ ହୋଇ ବାସକରି ଖାଦ୍ୟ ସଂଗ୍ରହ କରିବାର ପ୍ରକାର ସହିତ ସଂପୃକ୍ତ ରହୁଥିଲେ । ଅନ୍ୟ ସମାଜ ଅପେକ୍ଷା ଶିକାରୀ ଓ ସଂଗ୍ରହକାରୀମାନଙ୍କର ଦଳଗଠନ ନମନୀୟ ଥିଲା ।

ପୁରାତନ ପ୍ରସ୍ତର ଉପକରଣ

ପୁରାତନ ପ୍ରସ୍ତର ସଂସ୍କୃତି ତିନିଟି ଭାଗରେ ବିଭକ୍ତ ହୋଇଛି । ମଣିଷଦ୍ୱାରା ପ୍ରସ୍ତୁତ ଉପକରଣକୁ ଦେଖି ଓ ପରିବେଶ ଓ ଜଳବାୟୁର ପରିବର୍ତ୍ତନକୁ ଆଖି ଆଗରେ ରଖି ଏହି ବିଭାଗୀକରଣ କରାଯାଇଅଛି ।

ପୁରାତନ ପ୍ରସ୍ତର ଯୁଗର ମଣିଷଙ୍କ ଏକ ପ୍ରଧାନ ଅସ୍ତ୍ର ଥିଲା କାଷ୍ଠନିର୍ମିତ ଲମ୍ବା ବେଣ୍ଟଯୁକ୍ତ ଗଦା । ଏହି ଗଦା ଦ୍ୱାରା ସେ ଶତ୍ରୁ ତଥା ହିଂସ୍ର ପଶୁଙ୍କର ମୁଣ୍ଡକୁ ଛେଚି ପାରୁଥିଲା । ପ୍ରାଚୀନ ମଣିଷ କେବେ ଧନୁ ଓ ତୀର ବ୍ୟବହାର କରିବା ଆରମ୍ଭ କରିଥିଲା କହିବା ଅତୀବ କଷ୍ଟସାଧ ଅଟେ । ଧନୁତୀରର ବ୍ୟବହାର ଶିଖିବା ପରେ ପଶୁପକ୍ଷୀ ଶିକାର କରିବା ସହଜ ହୋଇଥିଲା ତଥା ସେ ଦକ୍ଷ ଶିକାରୀରେ ପରିଣତ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ମଣିଷ ପୁଣି ପ୍ରସ୍ତରକୁ ଗୋଜିଆ ଏବଂ ମୁନିଆ କରି ତା'ଦେହରେ ଲମ୍ବା ବାଡ଼ି ସଂଯୋଗ କରି ବର୍ଚ୍ଛା ନିର୍ମାଣ କରିଥିଲା । ଏହା ପ୍ରମାଣିତ ଅଟେ ଯେ, ଭାରତର ଯେଉଁ ଅଞ୍ଚଳଗୁଡ଼ିକରୁ ନମନୀୟ ଉପକରଣଗୁଡ଼ିକ ଆବିଷ୍କାର କରାଯାଇଛି, ସେହି ଅଞ୍ଚଳଗୁଡ଼ିକରେ ପ୍ରାଚୀନ ମଣିଷର ବିକାଶ ସର୍ବପ୍ରଥମେ ହୋଇଥିଲା । ଏତଦ୍‌ଭିନ୍ନ ସ୍ୱଳ୍ପ ବିକଶିତ ପୁରାତନ ପ୍ରସ୍ତର ଯୁଗର ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ରର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

- ସ୍ୱଳ୍ପ ବିକଶିତ ପୁରାତନ ପ୍ରସ୍ତର ଯୁଗରେ ବ୍ୟବହୃତ ଉପକରଣଗୁଡ଼ିକ ହାତ ତିଆରି କୁଠାର, ବଟାଳି ଏବଂ ଖଣ୍ଡକ ଉପକରଣ ।
- ମଧ୍ୟ-ପ୍ରସ୍ତର ଯୁଗର ଶିଳ୍ପ ଖଣ୍ଡ / ସ୍ତର ଉପରେ ପର୍ଯ୍ୟବସିତ ଥିଲା ଏବଂ
- ବିକଶିତ ପ୍ରସ୍ତର ଯୁଗର ବଟାଳି ଏବଂ କୋରଣା (Scraper) ଦ୍ୱାରା ବର୍ଣ୍ଣିତ ।
- ହାତ କୁଠାର (Handaxe) : ଏହାର ବେଣ୍ଟ ପାଖ ଚଉଡ଼ା ଓ କାମ କରିବା ପାଖ ସଂକୀର୍ଣ୍ଣ । ଏହା କାଟିବା ଓ ଖୋଳିବା କାର୍ଯ୍ୟରେ ବ୍ୟବହୃତ ହେବାର ଅନୁମାନ କରାଯାଏ ।
- ବିଦାରକ / ବଟାଳି (Clearer) : ଏହାର ଦୁଇ ମୁହଁ ଧାର ଓ ବେଶି ବା କମ୍ ତିର୍ଯ୍ୟକ୍ ସ୍ଥିତିଯୁକ୍ତ । ଏହା କାଟିବା, ହାଣିବା ପାଇଁ ଯଥା ଗଛର ଗଣ୍ଡି କାଟିବା ପାଇଁ ବ୍ୟବହୃତ ହୁଏ ।
- ଛେଦନକାରୀ ଯନ୍ତ୍ର : ଏହା ଏକ ବିରାଟ ମଞ୍ଜ ଉପକରଣ, ଯାହାର କାମ କରିବା ଧାର, ଏକମୁଖୀ ପାର୍ଶ୍ୱ ଏବଂ ଏହା ଛେଦନ କରିବା କାର୍ଯ୍ୟରେ ବ୍ୟବହୃତ ହୁଏ ।
- ଖଣ୍ଡକ ଉପକରଣ : ଏହା ଖଣ୍ଡକ ଭଳି ବିରାଟ ମଞ୍ଜ, କିନ୍ତୁ ଏହା ଦ୍ୱିମୁଖୀ ଏବଂ ଦୁଇଧାରମୁଖୀ । ଏହାର ଧାର, ତୀକ୍ଷ୍ଣ ଥିବା ଯୋଗୁଁ ଛେଦନ କାର୍ଯ୍ୟରେ ଉପଯୋଗୀ ହୁଏ ।
- ଖଣ୍ଡ : ଏହା ଏକ ଅମାର୍ଜିତ ଆକୃତି ଉପକରଣ, ଯାହା ପ୍ରସ୍ତର ଉପରେ ଶକ୍ତି ପ୍ରୟୋଗ କରି ତିଆରି ହୋଇଛି । ଏହି ଖଣ୍ଡର ପୃଷ୍ଠଭାଗ ଯୁକ୍ତାତ୍ମକ ସଂଘାତ ଅର୍ଦ୍ଧାଂଶ ଏବଂ ଏହାର ମଞ୍ଜ ବିଯୁକ୍ତାତ୍ମକ ସଂଘାତ ଅର୍ଦ୍ଧାଂଶ । ଯେଉଁ ନିର୍ଦ୍ଦିଷ୍ଟ ବିନ୍ଦୁରେ ପଥର ହାତୁଡ଼ି ଆଘାତ କରେ ତାକୁ ସଂଘାତ ଅର୍ଦ୍ଧାଂଶ କୁହାଯାଏ ଏବଂ ଖଣ୍ଡ ଆଘାତପ୍ରାପ୍ତ ହୋଇ ଗୋଲାକାର ହୋଇଥାଏ, ଅବତଳ ଆକୃତି ଧାରଣ କରେ ତାହାକୁ ବିଯୁକ୍ତାତ୍ମକ ସଂଘାତ ଅର୍ଦ୍ଧାଂଶର ଯୋଗାଯୋଗ ହୁଏ । ଅନେକ ପ୍ରକାର ଖଣ୍ଡ କୌଶଳ ଅଛି; ଯଥା- ମୁକ୍ତ ଖଣ୍ଡ କୌଶଳ, ପାହାଚ ଖଣ୍ଡ କୌଶଳ, ବ୍ଲକ୍ ଖଣ୍ଡ କୌଶଳ, ଦ୍ୱିମୁଖୀ ଖଣ୍ଡ କୌଶଳ ଇତ୍ୟାଦି ।
- ଦାଢ଼ କୋରଣା (Side scraper) : ଦାଢ଼ କୋରକ ଖଣ୍ଡ ଦ୍ୱାରା ତିଆରି ଯାହାର ଧାର କୋରକ (blade) ଭଳି । ଗଛର ଡାଳ ବା ପଶୁମାନଙ୍କର ଚମଡ଼ା ଛେଦନ କରିବାରେ ଏହା ବ୍ୟବହୃତ ହୁଏ ।

- ବଟାଳି (Burin) : ଏହା ଏକ ଖଣ୍ଡ ବା ବ୍ଲେଡ୍ ବା ଧାର ଯାହା ଦୁଇ ସମତଳ ଖଣ୍ଡର ମିଳନ । ବଟାଳିର କାର୍ଯ୍ୟ କରିବା ଅଞ୍ଚଳ ୨-୩ ସେ.ମି. ଲମ୍ବ । ଏହା କୋମଳ ପଥର ଖୋଦନ, ହାଡ଼ ଖୋଦନ, ପଥର ଆଶ୍ରୟ ଓ ଖଣ୍ଡ ଖୋଦେଇରେ ବ୍ୟବହୃତ ହୁଏ ।



(କ) ବିଦାରକ

(ଖ) ଖଣ୍ଡକ



(ଗ) ଖଣ୍ଡକ ଉପକରଣ



(ଘ) ଦାଢ଼ କୋରଣା



(ଙ) ବଟାଳୀ

(ଚ) ଖଣ୍ଡ

ଚିତ୍ର : ପୁରାତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର

ପୁରାତନ ପ୍ରସ୍ତର ଯୁଗର ପରିବ୍ୟାପ୍ତି

ଅଧୁନା ସମୟର ପ୍ରତ୍ନତାତ୍ତ୍ୱିକ ଖନନ ଓ ଆବିଷ୍କାରଗୁଡ଼ିକରୁ ଜଣାଯାଏ ଯେ, ପୁରାତନ ପ୍ରସ୍ତର ଯୁଗର ସ୍ଥାନଗୁଡ଼ିକ
ସାରା ଭାରତବର୍ଷରେ ପରିବ୍ୟାପ୍ତ ଥିଲା । ଯେପରିକି ଦକ୍ଷିଣ ଭାରତର କୁରନୁଲ୍ ଜିଲ୍ଲା, ଗୁଣ୍ଟୁର ଜିଲ୍ଲାର ଉପକୂଳ
ଅଞ୍ଚଳ, ନେଲ୍ଲୋର, ଚିଙ୍ଗଲେପୁଟ, ଉତ୍ତର ଆର୍କଟ, ଧରୱାର, ବିଜାପୁର ଆଦି ସ୍ଥାନରୁ ପୁରାତନ ପ୍ରସ୍ତର ଯୁଗର ପ୍ରସ୍ତରନିର୍ମିତ
ଅନେକ ଉପକରଣ ଓ ହାତହତିଆର ମିଳିଛି । ଏହିସବୁ ଅଞ୍ଚଳର ପାହାଡ଼, ଜଙ୍ଗଲ, ନଦୀ ଉପତ୍ୟକା ଆଦି ବିଭିନ୍ନ
ସ୍ଥାନରେ ଏହି ଉପକରଣଗୁଡ଼ିକୁ ଆବିଷ୍କାର କରାଯାଇଛି ।

(i) କାଶ୍ମୀର ଉପତ୍ୟକାକୁ ଦକ୍ଷିଣ ପଶ୍ଚିମରେ ପିର୍-ପଞ୍ଜାଲ୍ ପର୍ବତମାଳା ଓ ଉତ୍ତର-ପୂର୍ବରେ ହିମାଳୟ ପର୍ବତମାଳା
ଘେରି ରହିଛି । କାଶ୍ମୀରରେ ଥିବା ପାହଲଗାଓଁ ସ୍ଥିତ ଲିଡ଼ର ନଦୀରୁ ଏକ ହସ୍ତକୁଠାର ଆବିଷ୍କାର ହୋଇଛି ।
ଯାହାହେଉ, ପୁରାତନ ପ୍ରସ୍ତରଯୁଗର ଉପକରଣଗୁଡ଼ିକ କାଶ୍ମୀର ଅଞ୍ଚଳରେ ବିଶେଷ ପରିମାଣରେ ମିଳିନାହିଁ,
କାରଣ ହିମବାହ କାଳରୁ କାଶ୍ମୀର ଅତିମାତ୍ରାରେ ଥଣ୍ଡା । ପଟୱାର୍ ଅଞ୍ଚଳ (ବର୍ତ୍ତମାନର ପଶ୍ଚିମ ପଞ୍ଜାବ ଏବଂ
ପାକିସ୍ଥାନ) ପିର୍-ପଞ୍ଜାଲ ଏବଂ ସଲ୍ଟ ପର୍ବତମାଳା ମଧ୍ୟରେ ଅବସ୍ଥିତ । ସୋହନ ଉପତ୍ୟକାରେ ହସ୍ତକୁଠାର
ଓ ଖଣ୍ଡକ ମିଳିଛି । ଯେଉଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଭଳି ଉପକରଣ ମିଳିଛି ସେଗୁଡ଼ିକ ହେଲା ଆଦିଆଲ,
ବଲୱାଲା ଓ ଚାଉଣ୍ଟ୍ର । ବିସ୍, ବଙ୍ଗାଙ୍ଗେ ଓ ସିର୍ସାନଦୀ କୂଳରୁ ଏଭଳି ପୁରାତନ ପ୍ରସ୍ତର ସମୟର ଉପକରଣ
ମିଳିଛି ।

(ii) ଲୁନୀ ନଦୀ (ରାଜସ୍ଥାନ)ର ମିଶ୍ର ଅଞ୍ଚଳରେ ଅନେକ ପୁରାତନ ପ୍ରସ୍ତର ସ୍ଥାନ ଅଛି । ଏହି ଲୁନୀନଦୀର ଉତ୍ସ
ଆରାବଲୀରେ, ଚିତୋରଗଡ଼ରେ (ଗମ୍ଭିର ଅବବାହିକା), କୋଟା (ଚମ୍ବଲ ଅବବାହିକା) ଏବଂ ନେଗାରାଇ
(ବେରକ୍ ଅବବାହିକା)ରେ ମଧ୍ୟ ପୁରାତନ ପ୍ରସ୍ତର ସ୍ଥାନର ଏକ ଉନ୍ନତ ଅଞ୍ଚଳ । ଅନେକ ପ୍ରକାରର କୋରଣ,
ଫୋଡଣି / ଛିଦ୍ରକ ଏବଂ ମୁନ / ଅଗ୍ରାଂଶ ଏହି ଅଞ୍ଚଳରୁ ଆବିଷ୍କୃତ ହୋଇଛି ।

(iii) ସାବରମତୀ ନଦୀ, ମାହି ଏବଂ ଏହାର ଉପନଦୀ (ଗୁଜୁରାଟ)ରେ ପୁରାତନ ପ୍ରସ୍ତର ସମୟର ଅନେକ
ମାନବକୃତ ଉପକରଣ ମିଳିଛି । ସାବରମତୀ ଆରାବଲୀ ପର୍ବତରୁ ବାହାରି କାମ୍ବେ ଉପସାଗରକୁ ପ୍ରବାହିତ
ହୋଇଛି । ସୌରାଷ୍ଟ୍ରରେ ଥିବା ଭାଦେର ନଦୀ ଅଞ୍ଚଳ ପୁରାତନ ପ୍ରସ୍ତର ବସ୍ତୁ ସାମଗ୍ରୀରେ ଭରା ଏବଂ
ଏଠାରୁ ହସ୍ତକୁଠାର, ବିଦାରକ / ବଟାଳି, ଖଣ୍ଡକ ଉପକରଣ, ମୁନ, ଫୋଡ଼ଣି / ଛିଦ୍ରକ, କୋରଣୀ ଇତ୍ୟାଦି
ମିଳିଛି । କିଛି ଅଞ୍ଚଳ ମଧ୍ୟ ପୁରାତନ ପ୍ରସ୍ତର ଉପକରଣ ଉତ୍ପାଦନ କରିଛି । ସେଗୁଡ଼ିକ ହେଲା ବିଦାରକ /
ବଟାଳି, ହସ୍ତକୁଠାର ଓ ଖଣ୍ଡକ ।

(iv) ନର୍ମଦା ନଦୀ ମଇକାଲ୍ ପର୍ବତମାଳାରୁ ବାହାରି କାମ୍ବେ ଉପସାଗରରେ ମିଶିଅଛି । ନର୍ମଦା ସୋପାନ ପୁରାତନ
ପ୍ରସ୍ତର ଅଞ୍ଚଳ ଭାବେ ଖ୍ୟାତ । ଅନେକ ହସ୍ତକୁଠାର ଓ ବିଦାରକ / ବଟାଳି ଏଠାରୁ ମିଳିଅଛି । ବିନ୍ଧ୍ୟ
ପର୍ବତମାଳା ନିକଟରେ ଭିମ୍‌ବେଟ୍‌କା ଅବସ୍ଥିତ । ଏହି ସ୍ଥାନରେ ଆଚୁଲୀୟ ପରମ୍ପରାରେ ବ୍ୟବହୃତ ହେଉଥିବା
ଉପକରଣଗୁଡ଼ିକ ମଧ୍ୟ ପୁରାତନ ପ୍ରସ୍ତର ସଂସ୍କୃତିର ପରବର୍ତ୍ତୀ ଅବସ୍ଥାରେ ବଦଳ ହୋଇଥିଲା ।

(v) ତାପ୍ତୀ, ଗୋଦାବରୀ, ଭିମ ଓ କ୍ରିଷ୍ଣାନଦୀ ଉପକୂଳରେ ଅନେକ ପୁରାତନ ପ୍ରସ୍ତର ସମୟର ସ୍ଥାନ ଥିବାର
ଜଣାପଡ଼ିଛି । ପୁରାତନ ପ୍ରସ୍ତର ଅଞ୍ଚଳଗୁଡ଼ିକର ବଣ୍ଟନ ବିଭିନ୍ନ ପ୍ରକାର ପରିବେଶଗତ ପାର୍ଥକ୍ୟ ଯଥା-
କ୍ଷୟୀକରଣ ପ୍ରକୃତି ସହିତ ସଂଯୁକ୍ତ । ତାପ୍ତୀ ନଦୀର ଦୀର୍ଘ ନିମ୍ନ ତାପମାନ ଅଞ୍ଚଳରେ ଗଭୀର କୃଷ୍ଣ ମୃତ୍ତିକା
ଦେଖାଯାଏ ଏବଂ ଅନ୍ୟ ଅଞ୍ଚଳରେ ପ୍ରାୟ ମଧ୍ୟ କୃଷ୍ଣ ମୃତ୍ତିକା ଦେଖାଯାଏ । ଭିମ ଓ କ୍ରିଷ୍ଣାନଦୀର ଉପର
ଅଞ୍ଚଳରେ ପୁରାତନ ପ୍ରସ୍ତର ଯୁଗ ସ୍ଥାନ କମ୍ । ମହାରାଷ୍ଟ୍ରରେ ନେଭେସ୍ୱା ନିକଟବର୍ତ୍ତୀ ଚିର୍କିଠାରୁ ହସ୍ତକୁଠାର,

ବଟାଳି / ବିଦାରକ, ଫୋଡ଼ଣି, କୋରଣ, ଛିଦ୍ରକ ଇତ୍ୟାଦି ମିଳିଅଛି । ଅନ୍ୟ ପୁରାତନ ପ୍ରସ୍ତର ସ୍ଥାନଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରର କୋରିଗାଁ, ଚାନ୍ଦୋଲି ଓ ଶିକାରପୁର ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଅଟେ ।

(vi) ପୂର୍ବ ଭାରତର ରାରୋ ନଦୀ ଅଞ୍ଚଳ (ସିଂହଭୂମି, ବିହାର) ପୁରାତନ ପ୍ରସ୍ତର ଉପକରଣରେ ପୂର୍ଣ୍ଣ । ଏଠାରୁ ହସ୍ତକୁଠାର, ଦ୍ୱିମୁଖୀ ଖଣ୍ଡକ ଉପକରଣ, ଖଣ୍ଡ ମିଳିଛି । ସିଂହଭୂମିରେ ଅନେକ ପୁରାତନ ପ୍ରସ୍ତର ସ୍ଥାନ ଅଛି ଓ ମୁଖ୍ୟ ମନୁଷ୍ୟକୃତ ଉପକରଣଗୁଡ଼ିକ ହସ୍ତକୁଠାର, ବିଦାରକ ପ୍ରଭୃତି ଏଠାରୁ ମିଳିଅଛି । ଦାମୋଦର ଓ ସୁବର୍ଣ୍ଣରେଖା ନଦୀ ଉପତ୍ୟକାରୁ ପୁରାତନ ପ୍ରସ୍ତର ଉପକରଣ ମିଳିଅଛି ଓ ପୁରାତନ ପ୍ରସ୍ତର ସଂସ୍କୃତିର ପରିପ୍ରକାଶ ଭୂରୂଜ ପ୍ରକୃତି ଦ୍ୱାରା ନିର୍ଦ୍ଧାରିତ ହୋଇଅଛି । ଓଡ଼ିଶାର ବୈତରଣୀ, ବ୍ରାହ୍ମଣୀ ଓ ମହାନଦୀର ତ୍ରିକୋଣଭୂମି ଅଞ୍ଚଳରୁ ଅନେକ ପୁରାତନ ପ୍ରସ୍ତର ଉପକରଣ ମିଳିଛି । ସେଗୁଡ଼ିକ ହସ୍ତକୁଠାର, କୋରଣୀ ଓ ଖଣ୍ଡ ଇତ୍ୟାଦି ।

(vii) ମାଳପ୍ରଭା, ଘାଟପ୍ରଭା ଓ କ୍ରିଷ୍ଣାନଦୀର ସୁସମୃଦ୍ଧ ଅଞ୍ଚଳରେ ଅନେକ ପୁରାତନ ପ୍ରସ୍ତର ସ୍ଥାନ ଚିହ୍ନିତ ହୋଇଛି । କର୍ଣ୍ଣାଟକର ଘାଟପ୍ରଭା ଅବବାହିକାରୁ ଆତ୍ରୁଲିୟ ହସ୍ତକୁଠାର ପ୍ରଚୁର ପରିମାଣରେ ମିଳିଛି । ଘାଟପ୍ରଭା ଅଞ୍ଚଳର ଅନଗୱାଡ଼ି ଓ ବାଗଲକୋଟ୍ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଯେଉଁଠି ପ୍ରାକ୍ ଓ ମଧ୍ୟ ପୁରାତନ ପ୍ରସ୍ତର ଉପକରଣ ମିଳିଅଛି । ତାମିଲନାଡୁର ପାଲର ନଦୀ, ପେନିୟାର ଓ କାବେରୀ ନଦୀରୁ ମଧ୍ୟ ଅନେକ ପୁରାତନ ପ୍ରସ୍ତର ମାନବକୃତ ଉପକରଣ ଯଥା- ହସ୍ତକୁଠାର, ଖଣ୍ଡ, ବ୍ଲେଡ୍ / ଧାରକ ଓ କୋରଣୀ ଇତ୍ୟାଦି ମିଳିଅଛି । ଏହି ସବୁ ପ୍ରାପ୍ତିସ୍ଥାନ ଆଧାରରେ ପୁରାତନ ପ୍ରସ୍ତର ଯୁଗର ପରିବ୍ୟାପ୍ତି ନିର୍ଦ୍ଧାରିତ ହୋଇଛି ।

ଜୀବିକା ନିର୍ବାହ ଶୈଳୀ

ଏହି ସମୟରେ ସ୍ୱଦେଶୀ ଓ ବିଦେଶୀ ବଂଶଜ ଅନେକ ପ୍ରାଣୀମାନଙ୍କର ସମନ୍ୱୟ ହୋଇଥିଲା । ପ୍ରାଇମେଟ୍ସ୍ ଜିରାଫଭଳି ଗଠନ, କସ୍ତୁରୀମୃଗ, ଛେଳି, ମହିଷି, ଗୋଜାତୀୟ ପଶୁ, ଘୁଷୁରି ସ୍ୱଦେଶ ବଂଶଜ ଥିଲେ । ଓଟ ଓ ଘୋଡ଼ାଙ୍କର ଉତ୍ତର ଆମେରିକୀୟ ସଂପର୍କ ରହିଥିଲା । ଜଳହସ୍ତୀ ଓ ହାତୀ କେନ୍ଦ୍ର ଆଫ୍ରିକାରୁ ଭାରତକୁ ସ୍ଥାନାନ୍ତରୀକରଣ ହୋଇଥିଲେ । ସ୍ଥାନାନ୍ତରୀକରଣ ଓ ରାସ୍ତା ବା ପଥ ହିମାଳୟର ପୂର୍ବ ଓ ପଶ୍ଚିମାଞ୍ଚଳ ଥିଲା । ଯାହାହେଉ, ଅନେକ ସ୍ଥାନାନ୍ତରୀକରଣ ହୋଇଥିବା ପଶୁ ଉତ୍ତର-ପଶ୍ଚିମ ସୀମାନ୍ତ ଦେଇ ଆସିଥିଲେ । ଭାରତ ଓ ଆଫ୍ରିକା ମଧ୍ୟରେ ଯଥେଷ୍ଟ ଅନ୍ତଃସଂପର୍କ ଥିଲା ।

ପୁରାତନ ପ୍ରସ୍ତର ଯୁଗର ମାନବ ଓ ସେମାନଙ୍କର ସମ୍ବଳ ମଧ୍ୟରେ ସଂପର୍କକୁ ଆମେ ଅନୁଧ୍ୟାନ କଲେ, ସେ ସମୟର ପ୍ରାଣୀକୁଳର ଅବଶେଷ ସଂପର୍କରେ ଧାରଣା କରିବାଦ୍ୱାରା ଆମକୁ ସେମାନଙ୍କର ଜୀବନ ଧାରଣ ପ୍ରଣାଳୀ ସଂପର୍କରେ ସୂଚନା ମିଳେ । ଆମେ ପ୍ରାଣୀକୁଳର ଅବଶେଷରୁ ସୂଚନା ପାଉ ଯେ ସେ ସମୟର ଲୋକମାନେ ମୁଖ୍ୟତଃ ଶିକାର ଓ ସଂଗ୍ରହ କରିବା ଅବସ୍ଥାରେ ରହୁଥିଲେ । ଏହା ମଧ୍ୟ ହୋଇପାରେ ଯେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜନସଂଖ୍ୟା ଓ ପଶୁସଂଖ୍ୟାର ସମତୁଲ ଯୋଗୁ ସଂଗ୍ରହ କରିବା ଓ ତଦ୍ୱାରା ବଞ୍ଚିବା ମଧ୍ୟ ସମ୍ଭବ ହୋଇପାରୁଥିଲା । ସେଥିପାଇଁ ଲୋକମାନେ ନିଜର ନିକଟବର୍ତ୍ତୀ ଅଞ୍ଚଳମାନଙ୍କରେ ପ୍ରାଣୀକୁଳ ଓ ଉଦ୍ଭିଦ ସମ୍ବଳର ବ୍ୟାପକ ବ୍ୟବହାର କରୁଥିଲେ । ବଡ଼ ଓ ମଧ୍ୟମ ଆକାରର ଖୁରାଥିବା ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଶିକାର କରୁଥିଲେ । ସେହିଭଳି ହରିଣ, ଗଣ୍ଡା, ହାତୀ ଶିକାର ମଧ୍ୟ କରୁଥିଲେ । ଏହି ସମୟରେ ମନୋନୀତ ଶିକାରର ବ୍ୟବସ୍ଥା ନଥିଲା । କେତେକ ଅଞ୍ଚଳରେ କେତେକ ନିର୍ଦ୍ଦିଷ୍ଟ ପ୍ରାଣୀଙ୍କୁ ପ୍ରଚୁର ଭାବେ ଶିକାର କରାଯାଉଥିଲା, କାରଣ ସେମାନଙ୍କର ସଂଖ୍ୟା ପ୍ରବଳ ଥିଲା ଓ ସେମାନଙ୍କୁ ଶିକାର କରିବା ସହଜସାଧ୍ୟ ଥିଲା । ଶିକାରୀ-ସଂଗ୍ରହକାରୀମାନଙ୍କର ବଞ୍ଚିବାର ପ୍ରଣାଳୀ ଶୁଷ୍କଋତୁ / ବର୍ଷାଋତୁ ଚକ୍ର, ବୃକ୍ଷ ଜଗତର ଉପସ୍ଥିତି ଓ ପଶୁଖାଦ୍ୟର ଉପସ୍ଥିତିରେ ସମାବେଶିତ ହୋଇଥିଲା । ପୁରାତନ ପ୍ରସ୍ତର ଯୁଗର ଲୋକମାନେ ଷଣ୍ଢ, ବଣ ମଇଁଷି, ନୀଳଗାଈ, ଚିଙ୍କାରା, ଗେଜଲ୍, କୃଷ୍ଣସାର ମୃଗ, ସମ୍ବର, ଚିତାହରିଣ, ବଣ ଘୁଷୁରି ଓ ବିଭିନ୍ନ

ପ୍ରକାରର ପକ୍ଷୀ, କଇଁଛ ଏବଂ ମାଛ, ମହୁ ଓ ଗଛର ଖାଦ୍ୟ ଯଥା- ଫଳ, ଚେର, ମଞ୍ଜି ଓ ପତ୍ର ଖାଇ ଜୀବନଧାରଣ କରୁଥିଲେ । ଏହା ଯୁକ୍ତି କରାଯାଇପାରେ ଯେ, ପୁରାତନ ପ୍ରସ୍ତର ଯୁଗର ଲୋକମାନେ ଯେଉଁ ଉପାଦାନ ସଂଗ୍ରହ କରି ଖାଦ୍ୟ ରୂପେ ଗ୍ରହଣ କରୁଥିଲେ ତାହା ଆଧୁନିକ ଯୁଗରେ ତିଷ୍ଠି ରହିଥିବା ଶିକାରୀ-ସଂଗ୍ରହକାରୀମାନଙ୍କର ପଶୁଶିକାର କରି ବଞ୍ଚିବା ପ୍ରଣାଳୀଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହା ମଧ୍ୟ ଲକ୍ଷ୍ୟ କରାଯାଇପାରେ ଯେ, ସଂଗୃହୀତ ହୋଇଥିବା ତୃଣଭୋଜୀ ଖାଦ୍ୟର ଅବଶିଷ୍ଟାଂଶ, ଶିକାର ହେଉଥିବା ଖାଦ୍ୟର ଅବଶିଷ୍ଟାଂଶଠାରୁ କମ୍ ତିଷ୍ଠି ରହିଛି । ତେଣୁ ଏହି ଦୃଷ୍ଟିକୋଣରୁ ପୁରାତନ ପ୍ରସ୍ତର ଯୁଗର ଲୋକମାନଙ୍କର ଅତୀତରେ ବୃକ୍ଷଜଗତ ସହିତ କିପରି ସଂପର୍କ ଥିଲା ଏହା ସୂତ୍ରରେ ସେମାନଙ୍କର ଖାଦ୍ୟ ପ୍ରଣାଳୀ ବର୍ତ୍ତମାନ ସମୟର ଶିକାରୀ-ସଂଗ୍ରହକାରୀମାନଙ୍କ ଅପେକ୍ଷା କିପରି ଥିବା କହିବା କଷ୍ଟସାଧ୍ୟ । ଏହା ସମ୍ଭବ ହୋଇପାରେ ଯେ ପୁରାତନ ପ୍ରସ୍ତର ଯୁଗର ଲୋକେ ପଶୁଖାଦ୍ୟ ଗ୍ରହଣ କରିବା ସହିତ ବଣ୍ୟ ତୃଣର ବିଭିନ୍ନ ଉତ୍ପାଦକୁ ଭୋଜନ ରୂପେ ଗ୍ରହଣ କରୁଥିଲେ ।

ଶିକାରୀ ମଣିଷ

ପତ୍ର, ଫଳମୂଳ ଆଦି ଭକ୍ଷଣ କରି ମଣିଷ ସର୍ବପ୍ରଥମେ ତା'ର ଜୀବନ-ଜୀବିକାର ଯାତ୍ରା ଆରମ୍ଭ କରିଥିଲା । ପ୍ରାଚୀନ ମଣିଷର ଖାଦ୍ୟନଳୀ ଅଧିକ ଲମ୍ବ ଥିଲା, ତା'ର ଜିଭ ଚିକ୍କଣ ଓ ଦାନ୍ତଗୁଡ଼ିକ ଚଟକା ଥିଲା । ଏହିସବୁ ଗୁଡ଼ିକ ମଣିଷ ତୃଣଭୋଜୀ ହୋଇଥିବାର ପ୍ରକୃଷ୍ଟ ପ୍ରମାଣ ଅଟେ । ଅପରପକ୍ଷରେ ମାଂସାଶୀ ଜୀବଙ୍କର ଖାଦ୍ୟନଳୀ କମ୍ ଲମ୍ବ ଥାଏ, ଦାନ୍ତଗୁଡ଼ିକ ତୀକ୍ଷ୍ଣ ଏବଂ ଜିଭ ବନ୍ଧୁର ଥାଏ; ହେଲେ କେତେକ ଋତୁରେ ତା'ର ଜୀବନଧାରଣ ପାଇଁ ପର୍ଯ୍ୟାପ୍ତ ଫଳମୂଳ ମିଳୁ ନଥିଲା, ତେଣୁ ଖାଦ୍ୟରୂପେ ଏହାକୁ ଗ୍ରହଣ କରିବା ପାଇଁ ସେ ବିକଳ୍ପ ଚିନ୍ତା କରିଥିଲା । ବିକଳ୍ପ ରୂପରେ ସେ ପଶୁମାଂସକୁ ଗ୍ରହଣ କରିଥିଲା, ପୁନଶ୍ଚ ମାଂସ ତାକୁ ଅଧିକ ସୁଆଦିଆ ଲାଗିଥିଲା । ତେଣୁକରି ସେ ମୌଳିକ ଖାଦ୍ୟସହିତ ମାଂସକୁ ସଂଯୋଗ କରିଥିଲା । ପ୍ରଥମେ ପ୍ରଥମେ ସେ ବେଙ୍ଗ, ମୂଷା ଆଦି କ୍ଷୁଦ୍ରଜୀବଙ୍କର ଶିକାର କରିବା ଆରମ୍ଭ କରିଥିଲା । ପରେ ପରେ ସେ ଅନେକ ପ୍ରକାରର କାଠ ଏବଂ ପଥରର ହାତହତିଆର ନିର୍ମାଣ କରି ବଡ଼ ପଶୁଙ୍କୁ ଶିକାର କରିବା ସହିତ ହିଂସ୍ରପଶୁଙ୍କ ଠାରୁ ଆତ୍ମରକ୍ଷା ମଧ୍ୟ କରିପାରିଥିଲା ।

ନିଆଁର ବ୍ୟବହାର ଆରମ୍ଭ

ପୁରାତନ ପ୍ରସ୍ତର ଯୁଗର ମାନବ ସାଧାରଣତଃ ଯାଯାବର ଜୀବନଯାପନ କରୁଥିଲା । ଗଛ କୋରଡ଼ରେ, ଗୁମ୍ଫା ଭିତରେ ତଥା ଖୋଲାସ୍ଥାନରେ ରାତ୍ରିଯାପନ କରୁଥିଲା । ଜଙ୍ଗଲରେ ନିଆଁ ଲାଗିବା ସେ ବାରମ୍ବାର ଦେଖି ଆସୁଥିଲା । କେତେକ ସମୟରେ ପୁଣି ବନାଗ୍ନିରେ ପୋଡ଼ି ହୋଇଥିବା ଜୀବଜନ୍ତୁଙ୍କ ମାଂସ ମଧ୍ୟ ଆହାର କରୁଥିଲା । କଞ୍ଚାମାଂସ ଅପେକ୍ଷା ପୋଡ଼ାମାଂସ ତାକୁ ଅଧିକ ସ୍ୱାଦ ଲାଗୁଥିଲା । ସମୟକ୍ରମେ ସେ ନିଜେ ମଧ୍ୟ ନିଆଁରେ ମାଂସକୁ ତଥା କେତେକ ପ୍ରକାରର ଫଳମୂଳକୁ ପୋଡ଼ିକରି ଖାଇବା ଚିନ୍ତା କରିଥିଲା । ପରିଶେଷରେ ନିଜର ବୁଦ୍ଧି ଓ ଜ୍ଞାନର ଉପଯୋଗ କରି ପ୍ରସ୍ତର ସହିତ ପ୍ରସ୍ତର ଏବଂ ଅତି ସହଜରେ ନିଆଁ ବାହାରି ପାରୁଥିବା ବାଉଁଶ ଦେହରେ ବାଉଁଶକୁ ଘଷି ନିଆଁ ବାହାର କରିବାରେ ସକ୍ଷମ ହୋଇଥିଲା । ବିଶେଷତଃ ପବନ ହେଲେ ବାଉଁଶ ଦେହରେ ବାଉଁଶ ଘସି ହୋଇ ନିଆଁ ବାହାରି ଜଙ୍ଗଲସାରା ବ୍ୟାପିଯିବା ସେ ସର୍ବଦା ଦେଖିଆସୁଥିଲା । ଏହିପରି ଭାବରେ ନିଆଁର ବ୍ୟବହାର ଜାଣିବା ପରେ ମଣିଷର ଜୀବନଯାତ୍ରା ସୁଗମ ହୋଇପାରିଥିଲା ।

ଯାଯାବର ସଂପ୍ରଦାୟ

ପୁରାତନ ପ୍ରସ୍ତରଯୁଗୀୟ ବାସସ୍ଥଳୀର କୌଣସି ଚିହ୍ନବର୍ଣ୍ଣ ଭାରତବର୍ଷରେ ଅଦ୍ୟାବଧି ଉପଲବ୍ଧ ହୋଇପାରିନାହିଁ । ସ୍ୱଚ୍ଛ ବିକଶିତ ପ୍ରସ୍ତର ଯୁଗର ମଣିଷମାନେ ପ୍ରାୟତଃ ଘରକରି ରହୁ ନଥିଲେ । ସେମାନେ ଯାଯାବର ଜୀବନଯାପନ

କରୁଥିଲେ ତଥା ସଞ୍ଚୟକାରୀ ନ ଥିଲେ । ସମୟକ୍ରମେ ଦଳଗତ ଜୀବନର ଆରମ୍ଭ ହେଲା, ମଣିଷ ଚକର ଉଦ୍ଭାବନ କଲା ତଥା କୃଷିର ଆରମ୍ଭ ହୋଇଥିଲା । ତା'ପରେ ଉତ୍ପାଦିତ ଶସ୍ୟ ଓ ଫଳ ଆଦିକୁ ସଞ୍ଚୟ କରି ରଖିବା ପାଇଁ ଏକ ସୁରକ୍ଷିତ ସ୍ଥାନର ଆବଶ୍ୟକତା ହୋଇଥିଲା । ପ୍ରଥମେ ପ୍ରଥମେ ସେମାନେ ମାଟିରେ ଗାତକରି କେତେକ ପ୍ରକାରର ଶସ୍ୟ ଆଦିକୁ ରଖୁଥିଲେ, କାରଣ ସେ ଯାଏଁ ମାଟିପାତ୍ର ନିର୍ମାଣ ଆରମ୍ଭ ହୋଇ ନଥିଲା । ପୁନଶ୍ଚ ପଶୁପାଳନର ମଧ୍ୟ ଆରମ୍ଭ ହୋଇଥିଲା । ତେଣୁକରି ମଣିଷ ଚାରଣଭୂମି ଏବଂ ପାଣିର ସୁବିଧା ଥିବା ସ୍ଥାନ ଅର୍ଥାତ୍ ନଦୀ ଉପତ୍ୟକାଗୁଡ଼ିକରେ ସ୍ଥାୟୀ ଘରକରି ରହିବା ଆରମ୍ଭ କରିଦେଇଥିଲା । ପୁରାତନ ପ୍ରସ୍ତର ଯୁଗର ଶେଷଭାଗ ସୁଦ୍ଧା ମଣିଷ ଗୋଟିଏ ସ୍ଥାନରେ ଦଳଗତ ଭାବରେ ବସତି ସ୍ଥାପନ କରିବା ଆରମ୍ଭ କରି ଦେଇଥିଲେ । ଭାରତରେ ଏହିପରି ବସ୍ତି ଚିଙ୍ଗଲେପୁଟ (ଚେନ୍ନାଇ), ଉତ୍ତର ଆର୍କଟ ଏବଂ ନେଲ୍ଲୋର ଜିଲ୍ଲା ଆଦି ସ୍ଥାନରେ ଆବିଷ୍କୃତ ହୋଇସାରିଛି ।

ଶବ ସଂସ୍କାର

ଅତି ପ୍ରାଚୀନକାଳର ଯାଯାବର ମଣିଷମାନେ ମରିଯିବା ପରେ ମୃତଦେହକୁ ମାଂସାଶୀ ପଶୁପକ୍ଷୀଙ୍କର ଆହାର ହେବାପାଇଁ ଛାଡ଼ିଦେଇ ଚାଲିଯାଉଥିଲେ । ନୂତନ ପ୍ରସ୍ତର ଯୁଗର ଆଗମନ ପର୍ଯ୍ୟନ୍ତ ମୃତଦେହକୁ ମଣିଷମାନେ ଛାଡ଼ିଦେଇ ଚାଲିଯାଉଥିଲେ । ନୂତନ ପ୍ରସ୍ତର ଯୁଗବେଳକୁ ମୃତବ୍ୟକ୍ତିର ସଂସ୍କାର ଆରମ୍ଭ ହୋଇଥିଲା ।

ପୋଷାକ

ଅତି ପ୍ରାଚୀନକାଳର ମଣିଷମାନେ ସଂପୂର୍ଣ୍ଣ ଉଲଗ୍ନ ରହୁଥିଲେ । ସେମାନେ ଲୁଗା ପିନ୍ଧିବା ଶିଖି ନଥିଲେ । ଏପରିକି ଭାରତରେ ଆଜିପର୍ଯ୍ୟନ୍ତ ମଧ୍ୟ 'ଲାଇତି' ଏବଂ 'ବଣ୍ଡା' ସଂପ୍ରଦାୟର ଲୋକେ ସଂପୂର୍ଣ୍ଣ ଉଲଗ୍ନ ରହୁଛନ୍ତି । ପୁରାତନ ପ୍ରସ୍ତର ଯୁଗର ମଣିଷମାନେ ଶିକାର ଆରମ୍ଭ କରିବା ପରେ, ପଶୁ ଚମଡ଼ା, ପକ୍ଷୀଙ୍କ ପର, ଗଛର ବକ୍କଳ ଆଦିରେ ନିଜକୁ ଆଚ୍ଛାଦିତ କରୁଥିଲେ । କେତେକ କ୍ଷେତ୍ରରେ ବିଶେଷତଃ ସ୍ତ୍ରୀମାନେ ଅଣ୍ଟାରେ ଫୁଲହାର ଆଦି ବାନ୍ଧି ଯୌନାଙ୍ଗକୁ ଢାଙ୍କି ରଖୁଥିଲେ ।

ପ୍ରାଚୀନ ମଣିଷର ବାକ୍‌ଶକ୍ତି ଓ ଭାଷା

ସାଜସରଞ୍ଜାମ ନିର୍ମାଣ ପରି କଥା କହିବା ମଧ୍ୟ ମଣିଷର ଏକ ଅଦମ୍ୟ ଇଚ୍ଛା ଥିଲା । ଭାଷାତତ୍ତ୍ୱବିତ୍‌ମାନେ ବିଶ୍ୱାସ କରନ୍ତି ଯେ, "ଆଦିମ ମଣିଷଙ୍କ ଭାଷାରେ ଶବ୍ଦଗୁଡ଼ିକ ଦ୍ୱାରା ଅଭଙ୍ଗ ଥିଲା ବାକ୍ୟାଂଶ (ହୋଲୋଫ୍ରାଷ୍ଟିକ୍) ।

ଚିତ୍ରକଳା

ଅବସର ସମୟରେ ପଶୁପକ୍ଷୀ ଆଦିଙ୍କର ଚିତ୍ର କରିବା ପାଇଁ ମଣିଷ ବିଭିନ୍ନ ପ୍ରକାର ଉପକରଣ ଉଦ୍ଭାବନ କରିଥିଲା, ଯାହାକି ତା'ର କଳାପ୍ରତି ଅନୁରକ୍ତିର ପ୍ରମାଣ ଅଟେ । ସେ ରହୁଥିବା ଗୁମ୍ଫାର ପ୍ରସ୍ତର କାନ୍ଥରେ ଏହି ଚିତ୍ର ସବୁ ଆଙ୍କୁଥିବାରୁ ଏହାକୁ ଶୈଳଚିତ୍ର (ରକ୍ ଆର୍ଟ) କୁହାଯାଏ । ଚିତ୍ରର ନକ୍ସା କରିବା ପରେ ମଣିଷ ସେଗୁଡ଼ିକ କଳା, ନାଲି, ସବୁଜ, ଧୂସର ଆଦି ବିଭିନ୍ନ ରଙ୍ଗରେ ରଙ୍ଗୀନ କରୁଥିଲା ।

ପୁରାତନ ପ୍ରସ୍ତର ଯୁଗର ଅଧିବାସୀମାନଙ୍କର ସାମାଜିକ ଜୀବନ ଓ ଜୀବନଧାରଣ ପ୍ରଣାଳୀ ସମ୍ବନ୍ଧରେ ପ୍ରସ୍ତର ଉପରେ ଅଙ୍କିତ ଚିତ୍ର ଓ ଖୋଦନ ଇତ୍ୟାଦି ଅନୁଧ୍ୟାନଜନିତ ଜ୍ଞାନ ପ୍ରଦାନ କରେ । ଏହି ପ୍ରାଚୀନ ଚିତ୍ରାଙ୍କନ ଉତ୍ତମ ପୁରାତନ ପ୍ରସ୍ତର ଯୁଗ ସମୟର । ବିନ୍ଧ୍ୟ ପର୍ବତମାଳାରେ ଅବସ୍ଥିତ ଲିମେଟ୍‌କୋଠାରେ ବିଭିନ୍ନ ସମୟରେ ଚିତ୍ରଗୁଡ଼ିକ ସବୁଜ ଓ ଗାଢ଼ ନାଲିରଙ୍ଗରେ ଅଙ୍କିତ । ଏଗୁଡ଼ିକ ମୁଖ୍ୟତଃ ବଣ, ମଇଁଷି, ହାତୀ, ବାଘ, ଗଣ୍ଡା ଓ ବଣ ଘୁଷୁରିର ଚିତ୍ର । ଚିତ୍ରଗୁଡ଼ିକର ଆକାର ବୃହତ୍, କେତେକ ଦୁଇ-ତିନି ମିଟର ଲମ୍ବା । ଆମକୁ ପୁରାତନ ପ୍ରସ୍ତର ଯୁଗରେ ଲୋକମାନଙ୍କର ଶିକାର ଜୀବନ ସଂପର୍କରେ ଜାଣିବା ପାଇଁ ବିଭିନ୍ନ ପ୍ରକାରର ପ୍ରାଣୀମାନଙ୍କର ବାରମ୍ବାର ସଂଘଟନ ସଂପର୍କରେ କାର୍ଯ୍ୟ

କରିବାକୁ ହେବ । ସେମାନଙ୍କର ଜୀବନଧାରଣ ପ୍ରଣାଳୀରେ ଶିକାରର ପ୍ରାଧାନ୍ୟ ଯୋଗୁ ତାହା ଚିତ୍ରଣ ଓ ଖୋଦନରେ ସ୍ଥାନ ପାଇଛି । ଶରୀର ବିଜ୍ଞାନ ପ୍ରକୃତି ମାଧ୍ୟମରେ ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣ କରାଯାଇପାରେ । ଏହି ଚିତ୍ରଗୁଡ଼ିକରୁ ପ୍ରତିଫଳିତ ହେଉଛି ଯେ ପୁରାତନ ପ୍ରସ୍ତର ଯୁଗର ଲୋକମାନେ ଛୋଟ ଦଳଗତ ସମାଜରେ ବାସ କରୁଥିଲେ ଓ ସେମାନଙ୍କର ଜୀବନଧାରଣର ଅର୍ଥନୀତି ପଶୁଜ ଓ ତୃଣଜ ଉତ୍ପାଦର ସମ୍ବଳ ଉପରେ ତିଷ୍ଠି ରହିଥିଲା ।

(ଖ) ମଧ୍ୟ-ପ୍ରସ୍ତର ଯୁଗର ସଂସ୍କୃତି : ଯାନ୍ତ୍ରିକ ବିଜ୍ଞାନ ଅଥବା ପ୍ରବିଧି ବିଜ୍ଞାନ ଓ ଅର୍ଥନୀତି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବିକାଶ

ତୁଷାର ଯୁଗର ଅବସାନ ସହିତ ପ୍ରାୟ ମଧ୍ୟ ଖ୍ରୀ:ପୂ: ୧୦,୦୦୦ ବେଳକୁ ବିକଶିତ ପ୍ରସ୍ତର ଯୁଗର ମଧ୍ୟ ଅବସାନ ହୋଇଥିଲା । ଯୁଗର ଚତୁର୍ଥ ଭାଗ ସମୟରେ ପ୍ରଥମକାଳ ଯାହାକି ଖ୍ରୀ:ପୂ: ୧୦,୦୦୦ ରୁ ଖ୍ରୀ:ପୂ: ୨୦୦,୦୦୦ ସମୟକାଳ ମଧ୍ୟରେ ବିକଶିତ ହୋଇଥିଲା । ଏହି ସମୟକାଳ ମଧ୍ୟରେ ତୁଷାରଯୁଗ ଏବଂ ପୁରାତନ ପ୍ରସ୍ତର ଯୁଗ ଏକାସାଥୀରେ ଖ୍ରୀ:ପୂ: ୧୨,୦୦୦ ଯାଏଁ ବିଶ୍ୱସ୍ତରରେ ଗତି କରିଥିଲା । ଭାରତବର୍ଷରେ କିନ୍ତୁ ଖ୍ରୀ:ପୂ: ୯୦୦୦ ବେଳକୁ ପୁରାତନ ଏବଂ ନୂତନ ପ୍ରସ୍ତର ଯୁଗର ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ ବିକଶିତ ହୋଇଥିବା ସଭ୍ୟତାକୁ ମଧ୍ୟ-ପ୍ରସ୍ତର ଯୁଗ ବୋଲି କୁହାଯାଏ । ଏହା ଏକ ସାମୟିକ ପରିବର୍ତ୍ତନ ଥିଲା । ମଧ୍ୟ-ପ୍ରସ୍ତର ଯୁଗର ଲୋକେ ଶିକାର କରି, ମାଛଧରି, ଖାଦ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ । ଏହି ଯୁଗର ଶେଷ ପର୍ଯ୍ୟାୟ ଏବଂ ନୂତନ ପ୍ରସ୍ତର ଯୁଗର ପ୍ରାରମ୍ଭରେ ମଣିଷ ପଶୁପାଳନ କରିବା ଆରମ୍ଭ କରିଥିଲା । ଅତି କ୍ଷୁଦ୍ର ଉପକରଣ ନିର୍ମାଣ ଥିଲା ଏହି ଯୁଗର ବିଶେଷତ୍ୱ । ଏପରିକି ଉପକରଣଗୁଡ଼ିକ ପ୍ରାୟ ୫ ସେ.ମି. କିମ୍ବା ଆହୁରି କମ୍ ଲମ୍ବବିଶିଷ୍ଟ ଥିଲା । ତେଣୁ ଏହି ଯୁଗକୁ ଅତିକ୍ଷୁଦ୍ର ପ୍ରସ୍ତର ଯୁଗ ମଧ୍ୟ କୁହାଯାଏ । ଏହି ପର୍ଯ୍ୟାୟର ମଣିଷମାନେ ଧନୁତୀର ନିର୍ମାଣ ଓ ବ୍ୟବହାର ଆରମ୍ଭ କରିଥିଲେ ତଥା ବଡ଼ ଏବଂ ହିଂସ୍ରଜନ୍ତୁଙ୍କୁ ମଧ୍ୟ ଶିକାର କରୁଥିଲେ । ଏହି ସମୟକାଳରେ ପ୍ରସ୍ତର ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଅଧିକ ମୁନିଆ ଏବଂ ତୀକ୍ଷ୍ଣ କରାଯାଉଥିଲା । ହାତଟାଙ୍ଗିଆଗୁଡ଼ିକରେ ଲମ୍ବ ବେଣ୍ଟ ଲଗାଯାଉଥିଲା, ତେଣୁ ଦୂରରୁ ମଧ୍ୟ ପଶୁଗୁଡ଼ିକୁ ଆକ୍ରମଣ କରାଯାଇପାରୁଥିଲା ।

ମଧ୍ୟ-ପ୍ରସ୍ତର ଯୁଗର ଉପକରଣ

ମଧ୍ୟ-ପ୍ରସ୍ତର ଉପକରଣଗୁଡ଼ିକ କ୍ଷୁଦ୍ର ଶିଳା ବା କ୍ଷୁଦ୍ର ପଥର ଉପକରଣ ଥିଲା । କ୍ଷୁଦ୍ର ଶିଳାଗୁଡ଼ିକର ଆକାର ଅତି କ୍ଷୁଦ୍ର ଥିଲା ଏବଂ ଏହାର ଲମ୍ବ ୧ ସେ.ମି.ରୁ ୮ ସେ.ମି. ପର୍ଯ୍ୟନ୍ତ ମଧ୍ୟରେ ଥିଲା । କେତେକ କ୍ଷୁଦ୍ରଶିଳା ଜ୍ୟାମିତିକ ପ୍ରକାରର ଯଥା- କ୍ଷୁରକ, ମଞ୍ଚା, ତ୍ରିକୋଣ, ଅର୍ଦ୍ଧ ଚନ୍ଦ୍ରାକୃତି, ଦୋଳଦଣ୍ଡ ପଥର ଉପକରଣ ବ୍ୟବହୃତ ହେଉଥିଲା । ଏହା ବ୍ୟତୀତ ପୁରାତନ ପ୍ରସ୍ତର ଯୁଗର ଉପକରଣ ଯଥା- କୋରଣା, ଖୋଦକ / ବଟାଳି ଏପରିକି କର୍ତ୍ତକ ଇତ୍ୟାଦି ମଧ୍ୟ-ପ୍ରସ୍ତର ଯୁଗରେ ବ୍ୟବହୃତ ହେଉଥିଲା ।


ଅର୍ଦ୍ଧ ଚନ୍ଦ୍ରାକୃତି ଉପକରଣ

ଦୋଳଦଣ୍ଡ

୧ । କ୍ଷୁରକ : ଏକ ସ୍ୱତନ୍ତ୍ର ଖଣ୍ଡ । ଏହାର ପାର୍ଶ୍ୱଦେଶୀୟ ଧାର ସମାନ୍ତରାଳ ବା ଉପସମାନ୍ତରାଳ । ଏହାର ଲମ୍ବ ପ୍ରସ୍ଥଠାରୁ ଦୁଇଗୁଣ । ଏହା କାଟିବା କାର୍ଯ୍ୟରେ ବ୍ୟବହୃତ ହେଉଥିବାର ମନେହୁଏ ।

୨ । ମଞ୍ଚା : ମଞ୍ଚା ସିଲିଣ୍ଡର ଆକୃତି ପାତ୍ର ଭଳି ଏବଂ ଏଥିରେ ଲମ୍ବରେ ଶିଆର ଦାଗ ଥାଏ ଏବଂ ଆନୁଭୂମିକ ଶେଷରେ ଚଉଡ଼ା ବେଦୀ ଥାଏ ।

୩ । ମୁନ : ମୁନ ଏକପ୍ରକାର ଭଙ୍ଗା କ୍ଷୁରକ । ଏହା ତ୍ରିଭୁଜାକାର । ଏହା ଏକ ବା ଦୁଇ ଗଡ଼ାଣିଆ ସୀମାନ୍ତରେ ପୁନଃସ୍ପର୍ଶ ପାଇପାରେ । ଏହାର ସୀମାନ୍ତ ସରଳରୈଖିକ ବା ବକ୍ରରୈଖିକ । ମୁନଗୁଡ଼ିକ ତୀରଶୀର୍ଷ ବା ବର୍ଚ୍ଛାର ଅଗ୍ରଭାଗ ରୂପେ ବ୍ୟବହୃତ ହୁଏ ।

୪ । ତ୍ରିଭୁଜାକାର : ଏହାର ଗୋଟିଏ ସୀମାନ୍ତ ଏବଂ ଏହାର ମୂଳ ଏବଂ ସୀମାନ୍ତକୁ ବାଗେଇ ଦିଆଯାଇପାରେ । ଏହା କାଟିବା କାର୍ଯ୍ୟ ବା ତୀର ଶୀର୍ଷରେ ବ୍ୟବହୃତ ହୁଏ ।

୫ । ଅର୍ଦ୍ଧଚନ୍ଦ୍ରାକୃତି : ଅର୍ଦ୍ଧଚନ୍ଦ୍ରାକୃତି ଏକ କ୍ଷୁରକ ଏବଂ ଏହାର ସୀମାନ୍ତକୁ ବାଗେଇବା ଦ୍ୱାରା ଅର୍ଦ୍ଧବୃତ୍ତାକାର ଭାବରେ ତିଆରି ହୋଇଛି । ଏହା ଏକ ବୃତ୍ତର ଖଣ୍ଡ । ଅର୍ଦ୍ଧବର୍ତ୍ତୁଳ ଧାରକୁ କାଟିବା ପାଇଁ ଏହା ବ୍ୟବହୃତ ହୁଏ ଏବଂ ଏଥିରୁ ଦୁଇଖଣ୍ଡ ପଛକୁ ପଛ ହୋଇ ତୀର ଶୀର୍ଷ ଗଠନ କରନ୍ତି ।

୬ । ଦୋଳଦଣ୍ଡ : ଦୋଳଦଣ୍ଡ କ୍ଷୁରକ ଭଳି ଦେଖାଯାଏ । ଏହାକୁ ଏକରୁ ଦୁଇ ସୀମାନ୍ତକୁ ବାଗେଇ ଦିଆଯାଇପାରେ । କେତେକ ଦୋଳଦଣ୍ଡ ତିନୋଟି ସୀମାନ୍ତରେ ବାଗେଇ ହୋଇଛି । ଦୋଳଦଣ୍ଡ ମଧ୍ୟ ତୀର ଶୀର୍ଷ ରୂପେ ବ୍ୟବହୃତ ହୋଇପାରେ ।

ଆହୁରି ମଧ୍ୟ ଏହିଯୁଗର ମଣିଷ ଚାରିପ୍ରକାରର ଟାଙ୍ଗିଆ ନିର୍ମାଣ କରି ବ୍ୟବହାର କରୁଥିଲେ; ଯଥା- (କ) ମୁନିଆ ଅଣ୍ଡାକୃତି, (ଖ) ଅଣ୍ଡାକୃତି, (ଗ) ବର୍ଗାକାର ଧାରଯୁକ୍ତ, (ଘ) ତିର୍ଯ୍ୟକ୍ ଧାରଯୁକ୍ତ । ଦୁଇପ୍ରକାରର ବର୍ଚ୍ଛା ଯଥା- (କ) ସରୁ ମୁନିଆ ପ୍ରକାର, (ଖ) ଓସାରିଆ ମୂଳବିଶିଷ୍ଟ ମଧ୍ୟ ବ୍ୟବହାର କରୁଥିଲେ । ଚକ୍ରାକାର ଫିଙ୍ଗିବା ପ୍ରସ୍ତର, ପ୍ରସ୍ତର ନିର୍ମିତ କ୍ଷୁଦ୍ର ଏବଂ ପତ୍ର ପରି ପତଳା ଧାରୁଆ ଓ ଲମ୍ବ ଶସ୍ତ୍ର ଆଦି ବ୍ୟବହାର କରୁଥିଲେ । ଅସ୍ତ୍ରଶସ୍ତ୍ରଗୁଡ଼ିକର ଦୈର୍ଘ୍ୟ ଓ ପ୍ରସ୍ଥର ଅନୁପାତ ଠିକ୍ ନଥିଲା; ହେଲେ ଶାଣିତ ଧାରଯୁକ୍ତ ହୋଇଥିବାରୁ ଆତ୍ମରକ୍ଷା ପାଇଁ ଉପଯୁକ୍ତ ଥିଲା । ପ୍ରସ୍ତରନିର୍ମିତ ଅସ୍ତ୍ରଗୁଡ଼ିକ ଗାତ କରାଯାଇଥିବା ଲମ୍ବାଦଣ୍ଡର ବେଣ୍ଟରେ ସଂଯୁକ୍ତ କରାଯାଉଥିଲା; ହେଲେ ଉପକରଣଗୁଡ଼ିକ ମିଳୁଥିବା କୌଣସି କୋଷରୁ ଆମେ ଅଦ୍ୟାବଧି ବେଣ୍ଟ ପାଇପାରିନାହୁଁ । ପ୍ରାୟତଃ ସମସ୍ତ ଉପକରଣ କଠିନ ଧାତବ ପ୍ରସ୍ତର ଅଥବା କ୍ୱାର୍ଜ ପ୍ରସ୍ତରରେ ନିର୍ମାଣ କରାଯାଉଥିଲା ।

ମଧ୍ୟ-ପ୍ରସ୍ତର ଯୁଗର ପରିବ୍ୟାପ୍ତି

୧ । ଭାରତରେ ଥିବା କେତେକ ମଧ୍ୟ-ପ୍ରସ୍ତର ସ୍ଥାନ ସଂପର୍କରେ ଆଲୋଚିତ ହୋଇଛି । ପଚପଦ୍ର ଅବବାହିକା ଏବଂ ସୋଜାତ୍ ଅଞ୍ଚଳ (ରାଜସ୍ଥାନ) ଲଘୁପ୍ରସ୍ତରରେ ଭର୍ତ୍ତି । ତିଲୱାରଠାରେ ଏହାର ମହତ୍ତ୍ୱପୂର୍ଣ୍ଣ ବସତି ଆବିଷ୍କୃତ ହୋଇଅଛି । ତିଲୱାରର ଦୁଇଟି ସାଂସ୍କୃତିକ ସ୍ଥାନ ଅଛି । ପ୍ରଥମ ପର୍ଯ୍ୟାୟ ମଧ୍ୟ-ପ୍ରସ୍ତରଯୁଗୀୟ ଓ କ୍ଷୁଦ୍ର ପ୍ରସ୍ତରର ଉପସ୍ଥିତିରେ ଏହାର ବୈଶିଷ୍ଟ୍ୟ ପ୍ରଦାନ କରିଛି । ଦ୍ୱିତୀୟ ପର୍ଯ୍ୟାୟଟିରେ ମାଟିପାତ୍ରର ଚକ ଓ ପଥର ଖଣ୍ଡ ଏଠାରୁ ମିଳିଛି । ବାଗ୍ର (ରାଜସ୍ଥାନ) କୋଥାରୀ ନଦୀ କୂଳରେ ଅବସ୍ଥିତ ଏବଂ ଭାରତର ବୃହତ୍ ମଧ୍ୟ-ପ୍ରସ୍ତର ଯୁଗର ଅଞ୍ଚଳ ଏବଂ ଏହି ଅଞ୍ଚଳ ଆନୁଭୂମିକ ଭୂଖୋଦନ ହୋଇଅଛି । ବାଗ୍ର ତିନୋଟି ସାଂସ୍କୃତିକ ସ୍ତର ଅଛି । ସ୍ତର ୧ ତେଜସ୍କ୍ରିୟ ଅଙ୍ଗାରକ କାଳନିରୂପଣ ଅନୁସାରେ ପ୍ରାଚୀନ ସଂସ୍କୃତିର ପର୍ଯ୍ୟାୟ ଖ୍ରୀ:ପୂ: ୫୦୦୦-୨୦୦୦ ମଧ୍ୟରେ ହୋଇଥିଲା ।

୨ । ତାପ୍ତି, ନର୍ମଦା, ମହି ଏବଂ ସାବରମତି (ଗୁଜୁରାଟ) ନଦୀତଟମାନଙ୍କରୁ ଅନେକ ମଧ୍ୟ-ପ୍ରସ୍ତର ଯୁଗର ଅବସ୍ଥିତି ସଂପର୍କରେ ସୂଚନା ମିଳିଛି । ଅଖଜ, ଭଲାସନା, ହିରପୁର, ଲାଙ୍ଗହଞ୍ଜ, ସାବରମତୀ ନଦୀର ପୂର୍ବକୁ ଅବସ୍ଥିତ ଲାଙ୍ଗହଞ୍ଜ ଅଞ୍ଚଳକୁ ସୁବିସ୍ତୃତ ଅଧ୍ୟୟନ କରିବା ପରେ ତିନୋଟି ସ୍ତରର ସଂସ୍କୃତିର ପରିପ୍ରକାଶ ହୋଇଛି । ଏଠାରୁ ମିଳିଥିବା ଲଘୁପ୍ରସ୍ତରଗୁଡ଼ିକ ମୁଖ୍ୟତଃ କ୍ଷୁରକ, ତ୍ରିକୋଣାକାର, ଚନ୍ଦ୍ରକ ଏବଂ ବଟାଳି ଉପକରଣ ।

୩। ବିନ୍ଧ୍ୟ ଓ ସାତପୁରା ପର୍ବତ ଅଞ୍ଚଳ ମଧ୍ୟ-ପ୍ରସ୍ତର ଅଞ୍ଚଳରେ ଭରା । ଆଲ୍ଲାହାବାଦ-ପ୍ରତାପଗଡ଼ ଅଞ୍ଚଳ, ସରାଇ ନହର ରାଇ (ଉତ୍ତରପ୍ରଦେଶ) ସଂପର୍କରେ ସୁବିସ୍ତୃତ ଅଧ୍ୟୟନ ହୋଇଅଛି । ଉତ୍ତର ପ୍ରଦେଶର ମୋରହାନା ପହାର ଓ ଲେଖାହିଆ (ଉତ୍ତରପ୍ରଦେଶ) ଅଞ୍ଚଳ କାଇସର ପର୍ବତମାଳାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଧ୍ୟ-ପ୍ରସ୍ତର ଅଞ୍ଚଳ । ଭୀମ୍ବେଟିକା (ମଧ୍ୟପ୍ରଦେଶ)ରେ ଅନେକ ଲଘୁପ୍ରସ୍ତର ମିଳିଛି । ଭୀମ୍ବେଟେକା ଏକ ଉପଯୁକ୍ତ ପରିବେଶ ଅଞ୍ଚଳ । ହୋସଙ୍ଗାବାଦର ଆଦମାଗଡ଼ ଯାହା ଭୀମ୍ବେଟେକାର ଦକ୍ଷିଣ ଆଡ଼କୁ ଅବସ୍ଥିତ, ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟ-ପ୍ରସ୍ତର ଅଞ୍ଚଳ ।

୪। କୋଙ୍କଣ ଅଞ୍ଚଳ ଏବଂ ଅନ୍ତବର୍ତ୍ତୀ ମାଳଭୂମି ଅଞ୍ଚଳରୁ ଲଘୁ ପାଷାଣ ମିଳିଛି । କୋଙ୍କଣର କାଶୁସୋହଲ, ଜାନୟାର୍, ବାଭାଲ୍‌ଗୋ, କାଲ୍‌ଗର ସ୍ଥାନମାନଙ୍କର ସନ୍ଧାନ ମିଳିଛି । ଦାକ୍ଷିଣାତ୍ୟର ବାସାଲ୍ଟ ଅଞ୍ଚଳ ମାଳଭୂମିରୁ ଅନେକ ପ୍ରସ୍ତର ଅଞ୍ଚଳ ଓ ଲଘୁପ୍ରସ୍ତର ଅଞ୍ଚଳର ସନ୍ଧାନ ମିଳିଛି । ଏଗୁଡ଼ିକ ପୁନା ଜିଲ୍ଲା ଓ ଧୂଳିଆ ଜିଲ୍ଲା ଅନ୍ତର୍ଗତ ।

୫। ମଧ୍ୟ-ପ୍ରସ୍ତର ଅଞ୍ଚଳର ପ୍ରମାଣ ଛୋଟନାଗପୁର ମାଳଭୂମି, ଓଡ଼ିଶାର ଉପକୂଳ ଅଞ୍ଚଳ, ବେଙ୍ଗଲ ତ୍ରିକୋଣଭୂମି, ବ୍ରହ୍ମପୁତ୍ର ଉପତ୍ୟକା ଓ ସିଲିଂ ମାଳଭୂମିରୁ ମିଳୁଛି । ପ୍ରାକ୍-ନୂତନ ପ୍ରସ୍ତର ଓ ନୂତନ ପ୍ରସ୍ତର ସହିତ ଲଘୁପ୍ରସ୍ତର ଛୋଟନାଗପୁର ମାଳଭୂମି ଅଞ୍ଚଳରୁ ମୟୂରଭଞ୍ଜ, କେନ୍ଦୁଝର, ଓଡ଼ିଶାର ସୁନ୍ଦରଗଡ଼ରୁ ମିଳୁଛି । ଓଡ଼ିଶାର କୁଚାଇ ଖନନ ହୋଇଥିବା ଲଘୁପ୍ରସ୍ତର ଅଞ୍ଚଳ । ଦାମୋଦର ନଦୀ କୂଳସ୍ଥ ବିରଭାନପୁର ମଧ୍ୟ ଏକ ଖନନ ଅଞ୍ଚଳ । ମେଘାଳୟର ଗାରୋ ପର୍ବତରେ ସୋବାଲଗିରି-୨ ମଧ୍ୟ ପ୍ରାକ୍-ନୂତନ ପ୍ରସ୍ତର ଓ ଲଘୁପ୍ରସ୍ତର ଅଞ୍ଚଳ ।

୬। କ୍ରିଷ୍ଣା ଓ ଭୀମା ନଦୀରୁ ମଧ୍ୟ ଅନେକ ଲଘୁପ୍ରସ୍ତରର ସନ୍ଧାନ ମିଳିଛି । ଅନେକ ଘଟଣାରେ ଲଘୁପ୍ରସ୍ତର, ନୂତନ ପ୍ରସ୍ତର ଯୁଗର ସମୟ ପର୍ଯ୍ୟନ୍ତ ବଞ୍ଚି ରହିଥିଲା । କର୍ଣ୍ଣାଟକ ମାଳଭୂମିର ପଶ୍ଚିମଧାଡ଼ିରେ ଥିବା 'ସଙ୍ଗନକାଲୁ' ଅଞ୍ଚଳରେ ଅନେକ ମଞ୍ଜି, ମୁନ ଏବଂ ବାଳଚନ୍ଦ୍ରାକୃତି ପ୍ରସ୍ତର ମିଳିଛି । ଗୋଦାବରୀ ତ୍ରିକୋଣଭୂମି ମଧ୍ୟସ୍ତରରେ ସମୃଦ୍ଧ । ଏଠାରେ ମଧ୍ୟ-ପ୍ରସ୍ତର ଯୁଗ ନୂତନ ପ୍ରସ୍ତର ଯୁଗର ସଂପର୍କ ଘଟିଛି । କୁର୍ଣ୍ଣଲେ୍ ଅଞ୍ଚଳରେ ମଧ୍ୟ-ପ୍ରସ୍ତର ଦେଖିବାକୁ ମିଳେ । ଆନ୍ଧ୍ରପ୍ରଦେଶର ଚିତୋର ଚିଲ୍ଲୁର, ରେନିଙ୍ଗଭଟାରୁ ମଧ୍ୟ-ପ୍ରସ୍ତର ମିଳିଛି ।

ଯେହେତୁ ମଧ୍ୟ-ପ୍ରସ୍ତର ଯୁଗ ଦୀର୍ଘ ସମୟ ଧରି ପ୍ରଭାବ ବିସ୍ତାର କରିଥିଲା ଓ ଭାରତରେ ଅନେକ ମଧ୍ୟ-ପ୍ରସ୍ତର ଅଞ୍ଚଳ ଅଛି, ସେଥିପାଇଁ ଧାରାବାହିକ ଭାବେ ବିଭିନ୍ନ ସ୍ଥାନଗୁଡ଼ିକୁ ଶ୍ରେଣୀବିଭାଗ କରାଯାଇଛି । କେତେକ ଅଞ୍ଚଳ ପ୍ରକୃତରେ ମଧ୍ୟ-ପ୍ରସ୍ତର ଅଞ୍ଚଳ ଓ କେତେକ ଅଞ୍ଚଳରେ ପରବର୍ତ୍ତୀ ଅବସ୍ଥାରେ ମଧ୍ୟ-ପ୍ରସ୍ତର ଯୁଗର ପରମ୍ପରା ଉପଲବ୍ଧି ହୋଇଅଛି ।

ବେଗର, ସରାଇ-ନାହାର-ରାଇ, ମହାଡାହା ଏବଂ ଅଦାମଗଡ଼ ପ୍ରଭୃତି ପ୍ରକୃତରେ ମଧ୍ୟ-ପ୍ରସ୍ତର ଯୁଗର ଅଞ୍ଚଳ, କାରଣ ଏ ସମୟର ବସ୍ତୁଗତ ସାଂସ୍କୃତିକ ଓ ପ୍ରାଚୀନ ସମୟ ସହ ଏହାର ସଂପର୍କ ରହିଛି ।

ଏତଦ୍‌ବ୍ୟତୀତ ଆନ୍ଧ୍ରପ୍ରଦେଶର କୁରନୁଲ, ନେଲ୍ଲୋର, ଗୁଣ୍ଟୁର ଆଦି ଜିଲ୍ଲାରେ ବହୁ ପରିମାଣରେ ମଧ୍ୟ-ପ୍ରସ୍ତର ଯୁଗୀୟ ସାଜସରଞ୍ଜାମ ଆବିଷ୍କୃତ ହୋଇଛି । ୱାରଙ୍ଗଲଠାରେ ମଧ୍ୟ-ପ୍ରସ୍ତର ଯୁଗର ଏକ ସାଜସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର କାରଖାନା ଆବିଷ୍କୃତ ହୋଇଛି । ମଧ୍ୟ ଭାରତର ଅନେକ ସ୍ଥାନରୁ ମଧ୍ୟ ଅନେକ ଉପକରଣ ମିଳିଛି ।

ଏହିପରି ଭାବରେ ଦେଖିଲେ ଜଣାଯାଏ ଯେ, ସାରା ଭାରତବର୍ଷରେ ଏହି ସଭ୍ୟତା ବିସ୍ତାରିତ ଭାବରେ ଗଢ଼ି ଉଠିଥିଲା ।

ଜୀବିକା ନିର୍ବାହ ପଦ୍ଧତି

ପ୍ରାକ୍-ମଧ୍ୟପ୍ରସ୍ତର ସ୍ଥାନମାନଙ୍କରୁ ଅନେକ ପଶୁଙ୍କର ଦେହାବଶେଷ ମିଳିଛି । ସେଗୁଡ଼ିକ ହେଲେ ଗାଈଗୋରୁ, ମେଣ୍ଢା, ଛେଳି, ମହିଷୀ, ଘୁଷୁରି, କୁକୁର, ବଣ୍ୟ ଶୂକର, ବଣ୍ୟ ଗାଈ, ହାତୀ, ଜଳହସ୍ତୀ, ଶୃଗାଳ, ଗଧିଆ, ଚିତାବାଘ, ସମ୍ବର, କୃଷ୍ଣମୃଗ, ଚିଙ୍କାରା, ହରିଣ, ଠେକୁଆ, ନେଉଳ, ଝିଟିପିଟି, କଇଁଛ ଓ ମାଛ । ଅନେକ ପ୍ରାଣୀ ମଧ୍ୟ-ପ୍ରସ୍ତର ଯୁଗ ପର୍ଯ୍ୟନ୍ତ ଦେଖା ଦେଉଥିଲେ । ଯାହାହେଉ ବଣ୍ୟ ମେଣ୍ଢା, ବଣ୍ୟ ଛେଳି, ଗଧ, ହାତୀ, ଶୂକର, ଶିଆଳ, ଜଳହସ୍ତୀ, ସମ୍ବର, ଠେକୁଆ, ଝିଙ୍କ, ଝିଟିପିଟି, ମୂଷା, କୁକ୍କୁଟ ପ୍ରଭୃତି ମଧ୍ୟ-ପ୍ରସ୍ତର ସମୟର ବିଭିନ୍ନ ସ୍ଥାନମାନଙ୍କରେ ଦେଖା ଦେଇନଥିଲେ । ବଣ ମଇଁଷି, ଓଟ, ଗଧିଆ, ଗଣ୍ଡା ଓ ନୀଳଗାଈ ପ୍ରଭୃତି ପ୍ରାକ୍-ମଧ୍ୟପ୍ରସ୍ତର ଯୁଗରେ ଦେଖା ଯାଇ ନ ଥିଲେ । ବିଭିନ୍ନ ପ୍ରାଣୀମାନଙ୍କର ଆବିର୍ଭାବ ଓ ତିରୋଧାନ ପରିବର୍ତ୍ତନଶୀଳ ଜଳବାୟୁ ଓ ପରିବେଶଗତ ଅବସ୍ଥା ଯୋଗୁ ଘଟୁଥିଲା ।

ମଧ୍ୟ-ପ୍ରସ୍ତର ଯୁଗରେ ଲୋକମାନଙ୍କର ଖାଦ୍ୟ, ମାଂସ ଓ ତୃଣ ଥିଲା । ଲଂଘାନଜ୍ ଓ ତିଲ୍‌ୱାରା ଅଞ୍ଚଳର ବିଭିନ୍ନ ମଧ୍ୟ-ପ୍ରସ୍ତର ଅଞ୍ଚଳରୁ ମିଳିଥିବାର ମାଛ, କଇଁଛ, ଠେକୁଆ, ନେଉଳ, ଝିଙ୍କ, ହରିଣ ଓ ନୀଳଗାଈ ପ୍ରଭୃତିଙ୍କ ଦେହାବଶେଷରୁ ଜଣାଯାଏ ଯେ, ଏସବୁ ଖାଦ୍ୟରୂପେ ବ୍ୟବହୃତ ହୋଇଥିଲା । ଶିକାର କରିବା ଓ ମାଛ ଧରିବା ବ୍ୟତୀତ ମଧ୍ୟ-ପ୍ରସ୍ତର ଯୁଗର ଲୋକ ବଣ୍ୟଚେର, କନ୍ଦ, ଫଳ ଓ ମହୁ ପ୍ରଭୃତି ଖାଦ୍ୟ ଖାଉଥିଲେ । ଶିକାର ହେଉଥିବା ଖାଦ୍ୟ ଅପେକ୍ଷା ତୃଣ ଖାଦ୍ୟ ସହଜରେ ଉପଲବ୍ଧ ହେଉଥିଲା । କେତେକ ଅଞ୍ଚଳରେ ମିଳୁଥିବା ପ୍ରଚୁର ଘାସ, ଭକ୍ଷଚେର, ମଞ୍ଜି ଓ ଫଳକୁ ଲୋକମାନେ ଖାଦ୍ୟ ସମ୍ବଳ ଭାବେ ବ୍ୟବହାର କରୁଥିଲେ । ବଞ୍ଚି ରହିଥିବା ଶିକାରୀ-ସଂଗ୍ରହକାରୀମାନଙ୍କ ସଂପର୍କରେ ଏହା ଯୁକ୍ତି କରାଯାଇପାରେ ଯେ, ଖାଦ୍ୟର ମୁଖ୍ୟ ଭାଗ ତୃଣ ସମ୍ବଳରୁ ଆସୁଥିଲା ଓ ଏହା ଶିକାର ଖାଦ୍ୟକୁ ସହଯୋଗ କରୁଥିଲା । ଏହା ମଧ୍ୟ କୁହାଯାଇପାରେ ଯେ, ପଶୁମାଂସ ଓ ତୃଣ ଖାଦ୍ୟ ସହ ସଂପର୍କ ସ୍ଥାପନ କରିବା କଷ୍ଟସାଧ୍ୟ, କାରଣ ପଶୁମାନଙ୍କର ଦେହାବଶେଷ କ୍ଷୟଶୀଳ । ତେବେ ଏହା କୁହାଯାଏ ଯେ, ଖାଦ୍ୟ ସମ୍ବଳକୁ ସଦୁପଯୋଗ କରିବାରେ [illegible] ଥାଠା ।



ଆଦିମାନବର ଶିକାର ଚିତ୍ର

ମଧ୍ୟ-ପ୍ରସ୍ତର ଯୁଗର ଲୋକମାନେ ବ୍ୟବହାର କରୁଥିବା ପ୍ରସ୍ତର ଆଶ୍ରୟରେ ମିଳୁଥିବା ଚିତ୍ର ଓ ଖୋଦନରୁ ସେ ଯୁଗର ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକଳାପର ଅନେକ ଧାରଣା ମିଳିପାରିଛି । ଭିମ୍ବେଟିକା, ଆଦାମଗଡ଼, ପ୍ରତାପଗଡ଼ ଓ ମିରଜାପୁର ଅଞ୍ଚଳ ପ୍ରଭୃତି ମଧ୍ୟ-ପ୍ରସ୍ତର ଯୁଗର କଳା ଓ ଚିତ୍ରରେ ସମୃଦ୍ଧ । ଶିକାର, ଖାଦ୍ୟସଂଗ୍ରହ, ମାଛଧରା ଓ ବିଭିନ୍ନ ପ୍ରକାର ମାନବିକ କାର୍ଯ୍ୟକଳାପ ଏହି ଚିତ୍ରଗୁଡ଼ିକରେ ପ୍ରତିଫଳିତ ହୋଇଛି । ଭିମ୍ବେଟିକା ଏହି ପ୍ରକାର ଚିତ୍ରରେ ସମୃଦ୍ଧ । ଅନେକ ପ୍ରାଣୀଙ୍କର ଚିତ୍ର ଯଥା- ଶୂକର, ମହିଷ, ମାଙ୍କଡ଼ ଓ ନୀଳଗାଈ ପ୍ରଭୃତି ଏ ଚିତ୍ରରେ ପ୍ରଦର୍ଶିତ ହୋଇଛି । ବିଭିନ୍ନ ପ୍ରକାର ଚିତ୍ର ଓ ଖୋଦନରୁ ବିଭିନ୍ନ କାର୍ଯ୍ୟ ଯଥା- ଗୁପ୍ତାଙ୍ଗ ମିଳନ, ଶିଶୁଜନ୍ମ, ଶିଶୁପାଳନ, ଶବଦାହର ପ୍ରମାଣ ମିଳୁଛି । ଏଥିରୁ ସୂଚନା ମିଳୁଛି ଯେ, ମଧ୍ୟ-ପ୍ରସ୍ତର ସମୟରେ ସାମାଜିକ ସଂଗଠନ ସ୍ଥିର ଥିଲା । ଏହି ସମୟରେ ଲୋକମାନଙ୍କର ଧର୍ମଗତ ବିଶ୍ୱାସ, ପରିବେଶଗତ ଓ ଅର୍ଥନୈତିକ ଅବସ୍ଥା ମଧ୍ୟରେ ବନ୍ଧଶୀଳ ଥିଲା ।

ଶିକାର କରିବା ପଦ୍ଧତି

ମଧ୍ୟ-ପ୍ରସ୍ତର ଯୁଗର ମଣିଷ ତିଆରି କରିଥିବା ଟାଙ୍ଗିଆ, ବର୍ଚ୍ଛା ଏବଂ ଫିଙ୍ଗିବା ପ୍ରସ୍ତର ଆଦି ତା'ର ଶିକାର କରିବା ଏବଂ ଆତ୍ମରକ୍ଷା କରିବା ଆଦି ଉଭୟ କାମରେ ବ୍ୟବହୃତ ହେଉଥିଲା । ବିଶେଷତଃ ସେ ହିଂସ୍ର ଜନ୍ତୁଙ୍କ ଦ୍ୱାରା ବେଷ୍ଟିତ ହୋଇ ଭୟାତୁର ଭାବରେ ଜୀବନଯାପନ କରୁଥିଲା । ସମୟ ସମୟରେ ଏହି ଯୁଗର ମଣିଷମାନେ ଦଳବଦ୍ଧ ଭାବରେ ଶିକାର କରୁଥିଲେ ଏବଂ ଏକତ୍ର ବସି ଭୋଜନ କରୁଥିଲେ ।

ନିଆଁର ବ୍ୟବହାର

ମଧ୍ୟଯୁଗ ସୁଦ୍ଧା ମଣିଷ ଜାଣିଯାଇଥିଲେ ଯେ, ଶୀଘ୍ର ନିଆଁ ବାହାରି ପାରୁଥିବା କାଠ ଖଣ୍ଡରେ ପଥର ଦ୍ୱାରା ଏକ କଣା କରି ଅନ୍ୟ ଏକ କାଠଦଣ୍ଡକୁ ତା'ଭିତରେ ପୂରେଇ ଜୋର୍‌ରେ ଏପଟ ସେପଟ ବୁଲେଇଲେ ନିଆଁ ବାହାରେ । ତେଣୁ ସେହି ଉପାୟରେ ସେ ନିଆଁ ଉତ୍ପନ୍ନ କରୁଥିଲା ତଥା ଅନେକ ସମୟରେ ନିଆଁକୁ ପ୍ରଜ୍ୱଳିତ କରି ଦିନ ଦିନ ଧରି ରଖୁଥିଲା । ପରବର୍ତ୍ତୀ ସମୟରେ ନିଆଁ ଏକ ପବିତ୍ର ପଦାର୍ଥ ରୂପରେ ପରିଗଣିତ ହେଉଥିଲା ଏବଂ ପବିତ୍ର କର୍ମରେ ଉପଯୋଗ କରାଯାଉଥିଲା । ଏପରିକି ମଣିଷ ନିଆଁ ଜଳେଇ ଜୀବଜନ୍ତୁଗୁଡ଼ିକୁ ଡରେଇ ତଡ଼ି ଦେଉଥିଲା । ବୈଦିକ ସମୟରେ ହୋମ ଯଜ୍ଞ ଏବଂ ଅନ୍ୟାନ୍ୟ କର୍ମକାଣ୍ଡରେ ପବିତ୍ର ଅଗ୍ନି ରୂପରେ ବ୍ୟବହାର କରାଯାଉଥିଲା । ମଧ୍ୟ-ପ୍ରସ୍ତର ଯୁଗରେ ମାଂସକୁ ପୋଡ଼ିବା ପାଇଁ ମଧ୍ୟ ନିଆଁକୁ ବ୍ୟବହାର କରାଯାଉଥିଲା ।

ଯାଯାବର ଜୀବନ

ମଧ୍ୟ-ପ୍ରସ୍ତର ଯୁଗର ପ୍ରାଥମିକ ପର୍ଯ୍ୟାୟ ସୁଦ୍ଧା ମଣିଷ ଯାଯାବର ଜୀବନଯାପନ କରୁଥିଲା । ସାମୟିକ ଭାବରେ ଗୁମ୍ଫା ଆଦିରେ ରହୁଥିଲା; ହେଲେ ଏହି ଯୁଗର ଅନ୍ତିମ ପର୍ଯ୍ୟାୟ ବେଳକୁ ମଣିଷ ଗୋଷ୍ଠୀଗତ ଜୀବନ, କୃଷି ଓ ପଶୁପାଳନ ଆଦି ଆରମ୍ଭ କରିଦେଇଥିଲା । ତେଣୁ କୌଣସି ଏକ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କରିବା ଆରମ୍ଭ କରିଦେଇଥିଲା ।

ବସତି ସ୍ଥାପନ

ବେଲାଙ୍ଗଘାଟି, ଭିମ, ବେଟଖା ଏବଂ ବାଘୋର ଆଦି ସ୍ଥାନରେ ଖନନରୁ ମିଳିଥିବା ଅବଶେଷାଂଶରୁ ପ୍ରମାଣିତ ହୁଏ ଯେ, ମଧ୍ୟ-ପ୍ରସ୍ତର ଯୁଗ ବେଳକୁ ମଣିଷ ସ୍ଥାୟୀ ଭାବରେ ବସତି ସ୍ଥାପନ ଆରମ୍ଭ କରିଦେଇଥିଲା । ଘର ତିଆରି କରିବା ଶିଖିବା ପରେ ପ୍ରଥମେ ପ୍ରଥମେ ସେମାନେ ଗୋଲାକାର ଅଥବା ଅଣ୍ଡାକୃତି କୁଡ଼ିଆ ଘର ନିର୍ମାଣ କରିଥିଲେ । ଛଣ ଓ ପତ୍ର ଆଦିରେ ଛାତ ଏବଂ ପଥରରେ ଚଟାଣ ନିର୍ମାଣ କରିଥିଲେ । ଏତଦ୍‌ଭିନ୍ନ ଗୁମ୍ଫାକୁ ମଧ୍ୟ ଘର ରୂପରେ ବ୍ୟବହାର କରୁଥିଲେ । ମିଳିଥିବା ଚୂଲି ଏବଂ ସାର୍ବଜନୀନ ଚୂଲିରୁ ଜଣାଯାଏ ଯେ, ସେମାନେ ନିଆଁର ବ୍ୟବହାର ସଂପୂର୍ଣ୍ଣ ରୂପରେ ତଥା ଖାଦ୍ୟରାନ୍ଧିବା ଶିଖିଯାଇଥିଲେ ।

ଅର୍ଥନୈତିକ ଜୀବନ

ଏହି ସମୟରେ ଅର୍ଥନୀତି ପଶୁଶିକାର, ଫଳମୂଳ ସଂଗ୍ରହ ଏବଂ ପଶୁପାଳନ ଉପରେ ନିର୍ଭର କରୁଥିଲା । ମିଳିଥିବା ଉପକରଣ ଏବଂ ପଶୁଗୁଡ଼ିକର ହାଡ଼ରୁ ଏହି ସୂଚନା ମିଳିଥାଏ ।

ଅଳଙ୍କାର

ମଧ୍ୟ-ପ୍ରସ୍ତର ଯୁଗର ଲୋକେ ଗୋଟିମାଳି, କର୍ଣ୍ଣବଳୟ, ବସଣି, ଝୁମ୍ପା, ବାହୁଟି, ଗୋଡ଼ରେ ପଇଁରି ଆଦି ଅଳଙ୍କାର ପରିଧାନ କରୁଥିଲେ । ଅଳଙ୍କାରଗୁଡ଼ିକ ମାଟି, ପଥର, ମୂଲ୍ୟବାନ୍ ପଥର ଯଥା- ହୀରା, ନୀଳା ଆଦି, ପଶୁଙ୍କ ହାଡ଼ ଓ ସମୁଦ୍ର ଜୀବଙ୍କ ହାଡ଼ରେ ନିର୍ମିତ ହେଉଥିଲା ।

ପୋଷାକ

ମଧ୍ୟ-ପ୍ରସ୍ତର ଯୁଗରେ କେତେକାଂଶରେ ମଣିଷ ଉଲଗ୍ନ ରହୁଥିଲେ, ହେଲେ ସାଧାରଣତଃ ଅଧିକାଂଶ ଲୋକ ନିଜ ଶରୀରକୁ ଘୋଡ଼େଇ ରଖୁଥିଲେ । ସେମାନେ ଗଛର ପତ୍ର ଓ ବକ୍କଲ, ବାଘ, ହରିଣ ଆଦି ଅନେକ ଜନ୍ତୁଙ୍କ ଚମଡ଼ାକୁ ଖରାରେ ଶୁଖାଇ ପରିଧାନ କରୁଥିଲେ । ପରବର୍ତ୍ତୀ ସମୟକାଳରେ ପରିଧେୟର ବିବର୍ତ୍ତନ ସଂଘଟିତ ହୋଇ ବୈଦିକ ସମୟସୁଦ୍ଧା ପୂର୍ଣ୍ଣ ବିକଶିତ ହୋଇସାରିଥିଲା ।

ମାଟିପାତ୍ର

ବାଘୋର, ଘର୍ଘରିଆ, ନାଗାର୍ଜ୍ଜୁନକୋଣ୍ଡା ଆଦି ସ୍ଥାନରୁ ମିଳିଥିବା ମଧ୍ୟଯୁଗୀୟ ମାଟିପାତ୍ର ଅବଶେଷାଂସରୁ ପ୍ରମାଣିତ ହୁଏ ଯେ, ଏହି ସମୟକାଳ ସୁଦ୍ଧା ମଣିଷ ହାଡ଼ରେ ମାଟିପାତ୍ର ତିଆରି କରିବା ଶିଖିଯାଇଥିଲା ।

ଚକର ଉଦ୍ଭାବନ

ମଧ୍ୟ-ପ୍ରସ୍ତର ଯୁଗର ଶେଷ ସୁଦ୍ଧା ମଣିଷ ଚକର ଉଦ୍ଭାବନ କରିସାରିଥିଲା । ଚକର ଉଦ୍ଭାବନ ପରେ ମଣିଷକୁ ପଣ୍ୟଦ୍ରବ୍ୟ ନେବା ଆଣିବା କରିବା ସଂପୂର୍ଣ୍ଣ ସହଜ ହୋଇଯାଇଥିଲା । ସେ ଚକ ସାହାଯ୍ୟରେ ମାଟିପାତ୍ର ନିର୍ମାଣ ମଧ୍ୟ କରିପାରିଥିଲା । ମାଟିପାତ୍ରଗୁଡ଼ିକୁ ସୁନ୍ଦର କରିବା ପାଇଁ ମଣିଷ ସେଗୁଡ଼ିକରେ ସୁନ୍ଦର ଚିତ୍ର, କୁଟାର ଚିହ୍ନ ଏବଂ ପତ୍ର ଫୁଲ ଆଦିର ଚିତ୍ର ଆଙ୍କୁଥିଲା ତଥା ବିଭିନ୍ନ ରଙ୍ଗଦ୍ୱାରା ସେଗୁଡ଼ିକୁ ରଙ୍ଗେଇ ଦେଉଥିଲା ।

ଧାର୍ମିକ ଜୀବନ

ଉପକରଣଗୁଡ଼ିକ ସହିତ ଆବିଷ୍କୃତ ମଣିଷର କଙ୍କାଳ ସୂଚାଇ ଦିଏ ଯେ, ମଧ୍ୟ-ପ୍ରସ୍ତର ଯୁଗର ମଣିଷମାନେ ମୃତବ୍ୟକ୍ତିର ଶବକୁ ମାଟିରେ ପୋତି ଦେଉଥିଲେ ଏବଂ ଉପକରଣଗୁଡ଼ିକ ତଦାନୀନ୍ତନ ମଣିଷର ପୁନର୍ଜନ୍ମରେ ବିଶ୍ୱାସକୁ ସୂଚାଉଥିଲେ । ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଆଦିଠାରୁ ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳିଥିବା ଶବଗୁଡ଼ିକ ପୋତା ହୋଇଥିବା ପଦ୍ଧତି ସୂଚନା ଦିଏ ଯେ, ସେ ସମୟରେ ପୋତା ହେଉଥିବା ଶବଗୁଡ଼ିକର ମୁଣ୍ଡ ପୂର୍ବ କିମ୍ବା ପଶ୍ଚିମକୁ ରହୁଥିଲା । ଗୋଟିଏ ସ୍ଥାନରୁ ପୁନଶ୍ଚ ଏକ ଅଶ୍ୱର କଙ୍କାଳ ମିଳିଛି । ସେ ସମୟରେ ଶବକୁ ପୋତିବା ପାଇଁ କେତେକ ରୀତିନୀତି ଓ ପ୍ରଥାର ପାଳନ କରାଯାଉଥିବା ବିଶ୍ୱାସ କରାଯାଏ ।

ବାକ୍‌ଶକ୍ତି ଓ ଭାଷାର ପରିପ୍ରକାଶ

ଏପରିକି ବର୍ତ୍ତମାନ ସମୟ ସୁଦ୍ଧା ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ଅନେକଗୁଡ଼ିଏ ସମଜାତିବିଶିଷ୍ଟ ଭାଷାର ବ୍ୟବହାର କରୁଛନ୍ତି; ଯଥା- ସାନ୍ତାଳି, ଶବର, ନିଷାଦ ଆଦି । ଆଜିକାଲି ବିନ୍ଧ୍ୟ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଏବଂ ନିଷାଦ ଭାଷା ବ୍ୟବହାର କରୁଥିବା ଲୋକଙ୍କୁ ପ୍ରସ୍ତର ଯୁଗର ନିଷାଦମାନଙ୍କର ବଂଶଧର ବୋଲି ଅନୁମାନ କରାଯାଏ । ପୁନଶ୍ଚ ନିଷାଦ ଭାଷା ଦ୍ରାବିଡ଼ ଭାଷା ସହିତ ସଂପର୍କିତ ଅଟେ ।

ଚିତ୍ରକଳା

ଆଦିମ ମାନବମାନେ ଅବସର ସମୟରେ ଗୁମ୍ଫାର ପ୍ରସ୍ତର କାନ୍ଥ ଦେହରେ ପଶୁପକ୍ଷୀ, ଗଛ ଆଦିର ଚିତ୍ର ଆଙ୍କୁଥିଲେ । ଅନେକ ସମୟରେ ପୁନଶ୍ଚ ପ୍ରାକୃତିକ ରଙ୍ଗରେ ସେଗୁଡ଼ିକୁ ଚିତ୍ରିତ କରୁଥିଲେ । ମଧ୍ୟ-ପ୍ରସ୍ତର ଯୁଗର ଚିତ୍ରକଳାଗୁଡ଼ିକ ଅନେକାଂଶରେ ଛବିଲିପିର ପୂର୍ବାବସ୍ଥା ଥିଲା । ଭାରତରେ ଏହିପରି ଶୈଳଚିତ୍ର ବିଲ୍ଲା ସୁରଗମ୍, ୟେରଗ୍ରାପାରି ଅଞ୍ଚଳର ଗୁଡ୍ଡାପାଟ, କୁରନୁଲ, ଓଡ଼ିଶାର ଉଷାକୋଠି, ଉଦୟଗିରି ଆଦିର ଗୁମ୍ଫାଗୁଡ଼ିକରୁ ଆବିଷ୍କୃତ ହୋଇଛି । ରଙ୍ଗକରା ଶୈଳଚିତ୍ରଗୁଡ଼ିକରୁ ଜଣାଯାଏ ଯେ, ସେ ସମୟରେ ଲୋକେ ରଞ୍ଜକର ବ୍ୟବହାର ଜାଣିଥିଲେ । ରଞ୍ଜକ

ବ୍ୟବହାର କରି ଚିତ୍ରଗୁଡ଼ିକୁ ଚିତ୍ରିତ କରୁଥିଲେ । ପୁନଶ୍ଚ ସେହି ରଙ୍ଗଗୁଡ଼ିକ ଏତେ ପ୍ରଭାବଶାଳୀ ଏବଂ ଦୀର୍ଘସ୍ଥାୟୀ ଯେ, ସେଗୁଡ଼ିକ ଅଦ୍ୟାବଧି ଦୀପ୍ତିମୟ ହୋଇ ରହିଛି । ଅନେକ କୋଷରୁ ଆମେ ବିବିଧ ପ୍ରକାରର ରଙ୍ଗକରା ମାଟିଖଣ୍ଡ, ସୁସଂଗତ ଭାବେ ଚିତ୍ରିତ ଓ ସମନ୍ୱିତ ଟେରାକୋଟା ମୂର୍ତ୍ତି ଆଦି ପାଇପାରୁଛୁ । ଧରୱାରସ୍ଥିତ ପାହାଡ଼ ଗୁମ୍ଫାଗୁଡ଼ିକରେ ମଧ୍ୟ ଚିତ୍ରିତ ଶୈଳଚିତ୍ର ରହିଛି । ବେଲ୍ଲାରି ଜିଲ୍ଲାରୁ ଆବିଷ୍କୃତ ସ୍ଫଟିକ ପରି ସ୍ତରୀଭୂତ ମାଟିଖଣ୍ଡଗୁଡ଼ିକୁ ନାଲି, ସବୁଜ, କଳା ଆଦି ରଙ୍ଗରେ ଚିତ୍ରିତ କରାଯାଇଛି । ମଧ୍ୟ-ପ୍ରସ୍ତର ଯୁଗରେ ଭୟାତୁର ମଣିଷ ପ୍ରକୃତିର ବିଭିନ୍ନ ସ୍ୱରୂପ ଯଥା- ବନ୍ୟା, ବାତ୍ୟା, ବନାଗ୍ନି, ଅଶନି ଆଦିକୁ ଉପାସନା କରିବା ଆରମ୍ଭ କରିଦେଇଥିଲା ତଥା ଏହି ସ୍ୱରୂପଗୁଡ଼ିକୁ ମଧ୍ୟ ସମୟ ସମୟରେ ଗୁମ୍ଫାର କାନ୍ଥ ଦେହରେ ଆଙ୍କୁଥିଲା ।

ପ୍ରାକ୍ ଐତିହାସିକ ସମାଜର ଶିକାରୀ-ସଂଗ୍ରହକାରୀ ମାନବ ସଂପର୍କରେ ଅଧ୍ୟୟନ ନୃତାତ୍ତ୍ୱିକ ତତ୍ତ୍ୱ ସାହାଯ୍ୟରେ ଓ ପ୍ରତ୍ନତାତ୍ତ୍ୱିକ ଅବଶେଷ ମାଧ୍ୟମରେ କରାଯାଇଥିଲା । ମଧ୍ୟ-ପ୍ରସ୍ତର ଯୁଗରେ ଶିକାରୀ-ସଂଗ୍ରହକାରୀମାନେ ସାମାଜିକ ବିବର୍ତ୍ତନର ପ୍ରତିନିଧିତ୍ୱ କରୁଥିଲେ । ମଧ୍ୟ-ପୁରାତନ ପ୍ରସ୍ତର ଯୁଗର ଉପକରଣ ମୁଖ୍ୟତଃ ପ୍ରସ୍ତର ଖଣ୍ଡ ଥିଲା । ଉପର ପୁରାତନ ପ୍ରସ୍ତର ସଂସ୍କୃତି ମୁଖ୍ୟତଃ ବଟାଳି ଓ କୋରଣାର ବୈଶିଷ୍ଟ୍ୟ ଥିଲା । ମଧ୍ୟ-ପ୍ରସ୍ତର ଯୁଗ ପ୍ରାୟ ଖ୍ରୀ.ପୂ. ୯୦୦୦ ରେ ଆରମ୍ଭ ହେଲା ଏବଂ ଏହିଯୁଗ ପରିବର୍ତ୍ତିତ ଜଳବାୟୁରେ ଅବସ୍ଥା ସହିତ ସଂପୃକ୍ତ ଥିଲା । ଏହି ସମୟରେ ଲଘୁପାଷାଣ ଓ ଛୋଟ ପ୍ରସ୍ତର ଉପକରଣର ଉତ୍ପାଦନ ଦ୍ୱାରା କାରିଗରୀ କୌଶଳର ବିକାଶ ଘଟିଲା । ମଧ୍ୟ-ପ୍ରସ୍ତର ଉପକରଣଗୁଡ଼ିକ ମୁଖ୍ୟତଃ କ୍ଷୁରତ, ମଞ୍ଜ, ମୁନ, ତ୍ରିକୋଣାକାର ଓ ଅର୍ଦ୍ଧଚନ୍ଦ୍ରାକୃତି ପ୍ରସ୍ତର ଥିଲା । ଜୀବଜନ୍ତୁମାନଙ୍କର ଦେହାବଶେଷରୁ ପୁରାତନ ପ୍ରସ୍ତର ଯୁଗ ଓ ମଧ୍ୟ-ପ୍ରସ୍ତର ଯୁଗର ଲୋକମାନଙ୍କର ଜୀବନଧାରଣ ପ୍ରଣାଳୀ ସଂପର୍କରେ ସବିଶେଷ ଧାରଣା ମିଳେ । ଲୋକମାନେ ବୃହତ ଓ ମଧ୍ୟମକାୟ ସ୍ତନ୍ୟପାୟୀ ପ୍ରାଣୀ ଯଥା- ହାତୀ, ଷଣ୍ଢ, ନୀଳଗାଈ, ହରିଣ, ବଣଭାଲୁ ଓ ବିଭିନ୍ନ ପ୍ରକାର ପକ୍ଷୀ ଶିକାର କରୁଥିଲେ । ମଧ୍ୟ-ପ୍ରସ୍ତର ଯୁଗ ପର୍ଯ୍ୟନ୍ତ ଏହି ଶିକାର-ସଂଗ୍ରହକାର୍ଯ୍ୟ ଚାଲି ରହିଥିଲା । ଯାହାହେଉ ଏହି ସମୟରେ ବଣ୍ୟଛେଳି, ଶିଆଳ ପ୍ରଭୃତି ପ୍ରାଣୀ ଦେଖାଦେଲେ । ପୁରାତନ ପ୍ରସ୍ତର ଯୁଗରୁ ମଧ୍ୟ-ପ୍ରସ୍ତର ଯୁଗକୁ ଏକ ପରିବର୍ତ୍ତିତ ଅବସ୍ଥାରେ ବଡ଼ପଶୁ ଶିକାର ଛାଡ଼ି ଛୋଟ ପଶୁ ଶିକାର ଓ ମାଛଧରା ବୃଦ୍ଧି ପାଇଲା । ପ୍ରାକ୍ ଐତିହାସିକ ଚିତ୍ରକଳାରୁ ସେ ସମୟରେ ଲୋକମାନଙ୍କର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନ ସଂପର୍କରେ ଅନ୍ତର୍ଦୃଷ୍ଟି ମିଳିଥାଏ ।

(ଗ) ନୂତନ ପ୍ରସ୍ତର ଯୁଗର ସଭ୍ୟତା, ତାମ୍ର ଯୁଗର ସଭ୍ୟତା ଏବଂ ବସତି ସ୍ଥାପନ
(Neolithic and Chalcolithic Settlements)

ନୂତନ ପ୍ରସ୍ତର ଯୁଗ

ଖାଦ୍ୟ ଉତ୍ପାଦନ ଓ ପଶୁପାଳନ ଯୁଗ

ପୃଥିବୀ ପରିପ୍ରେକ୍ଷୀରୁ ଦେଖିଲେ ନୂତନ ପ୍ରସ୍ତର ଯୁଗ ଖ୍ରୀ:ପୂ: ୧୦,୦୦୦ ରୁ ଆରମ୍ଭ ହୋଇ ଖ୍ରୀ:ପୂ: ୫୦୦୦ ଯାଏ ପରିବ୍ୟାପ୍ତ ଥିଲା । ପ୍ରତ୍ନତାତ୍ତ୍ୱିକମାନେ ଉତ୍ଖନନରୁ ପ୍ରାପ୍ତ ସାମଗ୍ରୀଗୁଡ଼ିକର ୧୪ ପ୍ରକାରର ଅତ୍ୟାଧୁନିକ ବୈଷୟିକ ପଦ୍ଧତିରେ ରେଡ଼ିଓ କାର୍ବନ ପରୀକ୍ଷା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଭାରତରୁ ମିଳିଥିବା ଉପକରଣ ଗୁଡ଼ିକର ପରୀକ୍ଷା ଓ ଗଣନା କରି ପ୍ରତ୍ନତାତ୍ତ୍ୱିକମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ଭାରତରେ ନୂତନ ପ୍ରସ୍ତର ଯୁଗ ଖ୍ରୀ:ପୂ: ୭୦୦୦ ରୁ ଆରମ୍ଭ ହୋଇ ଖ୍ରୀ:ପୂ: ୪୦୦୦ ଯାଏଁ ପରିବ୍ୟାପ୍ତ ଥିଲା । ଖ୍ରୀ:ପୂ: ୭୦୦୦ ବର୍ଷ ସମୟକାଳ ସୁଦ୍ଧା ନୂତନ ପ୍ରସ୍ତର ଯୁଗର ମଣିଷ ଗୋଷ୍ଠୀଗତ ଜୀବନ ଆରମ୍ଭ କରି ଗାଆଁଗୁଡ଼ିକ ପ୍ରତିଷ୍ଠା କରି ବସବାସ

ଏବଂ କୃଷିକାର୍ଯ୍ୟର ଆରମ୍ଭ କରିଦେଇଥିଲା । ଭାରତର ମେହେରଗଡ଼ଠାରେ (ବର୍ତ୍ତମାନ ଏହା ପାକିସ୍ତାନର ବେଲୁଚିସ୍ତାନ ଜିଲ୍ଲାରେ ଅବସ୍ଥିତ) ସର୍ବପ୍ରଥମେ ନୂତନ ପ୍ରସ୍ତର ଯୁଗର ସଭ୍ୟତା ଗଢ଼ି ଉଠିଥିଲା । ଏହି ସଭ୍ୟତା ପ୍ରାୟତଃ ସାରା ଭାରତବର୍ଷରେ ପ୍ରସାରିତ ହୋଇ ରହିଥିଲା । ଏହି ଯୁଗକୁ ନୂତନ ପ୍ରସ୍ତର ଯୁଗ କୁହାଯାଉଥିବାର କାରଣ ହେଉଛି ଯେ, ଏହି ସମୟକାଳ ବେଳକୁ ମଣିଷ ବିଭିନ୍ନ ଅସ୍ତ୍ରଶସ୍ତ୍ର ଏବଂ ଉପକରଣଗୁଡ଼ିକୁ ପ୍ରସ୍ତରରେ ତିଆରି କରି ମସୃଣ କରୁଥିଲା । ନୂତନ ପ୍ରସ୍ତର ଯୁଗର ମଣିଷମାନେ ଚକର ଉଦ୍ଭାବନ କରିବା ସହିତ ପଶୁପାଳନ, କୃଷି, ଗୃହନିର୍ମାଣ, ଲୁଗାବୁଣା ଆଦି ଶିକ୍ଷା କରିଥିଲେ ।

ନୂତନ ପ୍ରସ୍ତର ଯୁଗର ବିସ୍ତୃତି

ଖ୍ରୀ:ଅ: ୧୮୪୨ରେ ଶ୍ରୀଯୁକ୍ତ ଏମ୍. ଏଚ୍. କୃଷ୍ଣ ମହୀଶୂର ନିକଟସ୍ଥ ଲିଙ୍ଗସୁଗୁରଠାରେ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ନୂତନ ପ୍ରସ୍ତର ଯୁଗର ପ୍ରମାଣ ପାଇଥିଲେ । ଖ୍ରୀ:ଅ: ୧୮୬୦ରେ ଏଚ୍.ପି.ଏଲ୍ ମଶୁରାୟ, ଆଲ୍ଲାହାବାଦ (ଉତ୍ତରପ୍ରଦେଶ) ନିକଟସ୍ଥ ଟୋନ୍ସ୍ ଉପତ୍ୟକାରେ କେତେକ ନୂତନ ପ୍ରସ୍ତରଯୁଗୀୟ ଉପକରଣ ପାଇଥିଲେ । ତା'ପରଠାରୁ ନୂତନ ପ୍ରସ୍ତର ଯୁଗୀୟ ସଭ୍ୟତା ଖୋଜିବା ପାଇଁ ସାରା ଭାରତବର୍ଷରେ ଅନେକ ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ଚାଲିଛି । ତନ୍ମଧ୍ୟରୁ ପ୍ରଧାନ ସ୍ଥାନଗୁଡ଼ିକ ଅଟନ୍ତି ଯଥା- କାଶ୍ମୀରରେ ବୁର୍ଜାହୋମ୍, ମାର୍ତ୍ତଣ୍ଡ, ଏବଂ ଗୁଶକାରଲ୍; ଦକ୍ଷିଣ ଭାରତରେ ବ୍ରହ୍ମଗିରି, ସଙ୍ଗମକାଲ୍ଲୁ, ପିଖଲିହାମ୍, ମାସ୍କି, ନାଗାର୍ଜୁନକୋଣ୍ଡା, ନରସିଂହପୁର ଆଦି; ପୂର୍ବ ଭାରତରେ ଦାଓଜିଲି, ହାଡିଗ୍, ଚିରନା ଆଦି; ଓଡ଼ିଶାରେ ରାଧାନଗର ଗଡ଼ (ଧର୍ମଶାଳା, ଜି. ଯାଜପୁର), ବୈଦିପୁର ଖ୍ୱଚିଂ, ଯଶିପୁର (ମୟୂରଭଞ୍ଜ ଜିଲ୍ଲା) ସୁନ୍ଦରଗଡ଼, ବ୍ରାହ୍ମଣୀ ନଦୀ ଉପତ୍ୟକା ଅନୁଗୁଳ ଆଦି । ସିନ୍ଧୁନଦୀ ଏବଂ ଭୂମଧ୍ୟସାଗର ମଧ୍ୟରେ ରହିଥିଲା ସର୍ବବୃହତ୍ ନୂତନ ପ୍ରସ୍ତର ଯୁଗର ସଭ୍ୟତା । ଏହି ଅଞ୍ଚଳରେ ନୂତନ ପ୍ରସ୍ତର ଯୁଗର ମଣିଷମାନେ ଯଦିଓ କୃଷି ଓ ପଶୁପାଳନ କରୁଥିଲେ; ହେଲେ ଖ୍ରୀ:ପୂ: ୫୫୦୦ରେ ଏକ ଭୟଙ୍କର ବନ୍ୟା ଦ୍ୱାରା ସଂପୂର୍ଣ୍ଣ ସଭ୍ୟତା ଧ୍ୱଂସ ହୋଇଯାଇଥିଲା । ପୁନଶ୍ଚ ବଞ୍ଚିଥିବା ମଣିଷମାନେ ନୂତନ କରି ଖ୍ରୀ:ପୂ: ୫୦୦୦ ବେଳକୁ ମାଟି, ପଥର, ପଶୁହାଡ଼ ଆଦିରେ ଘର ଓ ଉପକରଣ ସବୁ ନିର୍ମାଣ କରି କୃଷି ଓ ପଶୁପାଳନ ଆରମ୍ଭ କରିଥିଲେ । ଏହି ଅଞ୍ଚଳର ଲୋକେ ଗହମ, ବାର୍ଲି, ବାଜରା ଆଦି ଉତ୍ପାଦନ କରୁଥିଲେ ତଥା ଗୋରୁଗାଈ, ଛେଳି, ମେଣ୍ଢା ଆଦିଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ପାଳନ କରୁଥିଲେ । ୧୯୬୦ ଖ୍ରୀ:ଅ:ରେ ଭି.ଡ଼ି. କୃଷ୍ଣସ୍ୱାମୀ ପ୍ରଥମ ଥର ପାଇଁ ଭାରତୀୟ ନୂତନ ପ୍ରସ୍ତର ଯୁଗର ସଭ୍ୟତାକୁ ପାଞ୍ଚଗୋଟି ଅଞ୍ଚଳରେ ବିଭକ୍ତ କରିଥିଲେ; ଯଥା-

(କ) ଉତ୍ତର ଭାରତୀୟ ଅଞ୍ଚଳ ଅଥବା କାଶ୍ମୀର ଉପତ୍ୟକା

(ଖ) ପୂର୍ବ ଭାରତୀୟ ଅଞ୍ଚଳ (ଆସାମ ଆଦି)

(ଗ) ଦକ୍ଷିଣ ଭାରତୀୟ ଅଞ୍ଚଳ (ଗୋଦାବରୀ ନଦୀର ଦକ୍ଷିଣାଞ୍ଚଳ)

(ଘ) ମଧ୍ୟ-ଭାରତୀୟ ଅଞ୍ଚଳ (ଗଙ୍ଗାନଦୀର ଦକ୍ଷିଣାଞ୍ଚଳ)

(ଙ) ମଧ୍ୟ-ପୂର୍ବ ଭାରତୀୟ ଅଞ୍ଚଳ (ବିହାର ଏବଂ ଓଡ଼ିଶା)

ଉତ୍ତର ଭାରତୀୟ ନୂତନ ପ୍ରସ୍ତରଯୁଗୀୟ ସଭ୍ୟତା

ଜାମ୍ମୁ ଓ କାଶ୍ମୀର ପ୍ରଦେଶସ୍ଥିତ ଝେଲମ୍ ନଦୀ ଉପତ୍ୟକାରେ ତିନୋଟି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ କରିବା ପରେ ଉତ୍ତର ଭାରତସ୍ଥିତ ନୂତନ ପ୍ରସ୍ତର ଯୁଗ ସଭ୍ୟତାର ପ୍ରମାଣ ଲୋକଲୋଚନକୁ ଆସିଥିଲା । ଖନନ କରାଯାଇଥିବା ତିନୋଟି ସ୍ଥାନ ଯଥା- ବୁର୍ଜାହୋମ୍, ଗୁଶକାରଲ୍ ଏବଂ ମାର୍ତ୍ତଣ୍ଡ । ୧୯୩୫ ଖ୍ରୀ:ଅ:ରେ ବୁର୍ଜାହୋମ୍ଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇଥିଲା । ଏହି ସ୍ଥାନଗୁଡ଼ିକରୁ ଏକାଦିକ୍ରମେ (କ) ନୂତନ ପ୍ରସ୍ତର ଯୁଗର ସଭ୍ୟତା, (ଖ) ବୃହତ୍ ପ୍ରସ୍ତର

ବ୍ୟବହାରକାରୀ ସଭ୍ୟତା ଏବଂ (ଗ) ଐତିହାସିକ ସମୟର ସଭ୍ୟତା ଆବିଷ୍କୃତ ହୋଇଥିଲା । ଏହି ସ୍ଥାନଗୁଡ଼ିକରେ ତ୍ରିସ୍ତରୀୟ ସଭ୍ୟତା ଗଢ଼ି ଉଠିଥିଲା; ଯଥା- ଅତି ନିମ୍ନସ୍ତର, ମଧ୍ୟସ୍ତର ଏବଂ ଉପରସ୍ତର ।

ଅତି ନିମ୍ନସ୍ତର

ଅତି ନିମ୍ନସ୍ତରରୁ ମିଳିଥିବା ପ୍ରମାଣରୁ ଜଣାଯାଏ ଯେ, ସେହି ସମୟକାଳରେ ଲୋକେ ଭୂମିତଳେ ଗାତଖୋଳି ଘର ତିଆରି କରି ରହୁଥିଲେ । ଏହି ଘରଗୁଡ଼ିକର ପ୍ରବେଶ ପଥ ସରୁ ହୋଇଥିବା ବେଳେ ଭିତରକୁ କ୍ରମାନ୍ୱୟରେ ଓସାରିଆ ହୋଇ ବଡ଼ କୋଠରିରେ ପରିଣତ ହୋଇଥିଲା । ଉପରେ ଛାତ ଏବଂ ତଳେ ମାଟିରେ ଲିପାଯାଇଥିବା ଚଟାଣ ରହିଥିଲା । ଏହିପରି ଘରଗୁଡ଼ିକ ଗୁଶକାରଲ୍ ଏବଂ ବୁର୍ଜାହୋମ୍‌ଠାରୁ ଆବିଷ୍କାର କରାଯାଇଛି । ଆବିଷ୍କୃତ ସର୍ବବୃହତ୍ ଘରର ଉପରର ମାପ ୨.୭ ମିଟର ହୋଇଥିବା ବେଳେ ତଳର ମାପ ୪.୫୭ ମିଟର ଅଟେ । ପ୍ରଥମ ସ୍ତରରୁ ଆବିଷ୍କୃତ ଉପକରଣଗୁଡ଼ିକ ଯଥା- ହାତଟାଙ୍ଗିଆ, ଛୁଞ୍ଚି, ଲମ୍ୱ ବେଣ୍ଟଯୁକ୍ତ ଗଦା ଏବଂ ଚୂର୍ଣ୍ଣ କରିବା ଉପକରଣ, ହାଡ଼ନିର୍ମିତ ହାତହତିଆର ଆଦି ପ୍ରାପ୍ତ ହୋଇଥିଲା । ଏତଦ୍‌ଭିନ୍ନ କେତେକ ଉପକରଣ ଛେଳି, ମେଣ୍ଢା, ହରିଣ ଆଦି ଜୀବଙ୍କ ଶିଙ୍ଗରୁ ତିଆରି ହୋଇଥିଲା; ହେଲେ ମାଟିପାତ୍ରର କୌଣସି ନମୁନା ଏଠୁ ମିଳିନାହିଁ । ଯାହା ଜଣାଯାଏ ଯେ, ଏହି କ୍ଷେତ୍ରରେ ପ୍ରାଥମିକ ପର୍ଯ୍ୟାୟରେ ଗାଈଗୋରୁ ଏବଂ ମେଣ୍ଢା ଅପେକ୍ଷା ବେଶି ସଂଖ୍ୟାରେ ଛେଳି ପାଳନ କରାଯାଉଥିଲା; ହେଲେ ଠିକ୍ ପରବର୍ତ୍ତୀ ସମୟରେ ଚାଷକାର୍ଯ୍ୟରେ ଉପଯୋଗ କରିବା ପାଇଁ ଗାଈ ବଳଦଙ୍କ ସଂଖ୍ୟା ବିଶେଷ ରୂପରେ ବୃଦ୍ଧି ପାଇଥିଲା । ଏହି କ୍ଷେତ୍ରରୁ ଅତି କ୍ଷୁଦ୍ର ଉପକରଣ ମଧ୍ୟ ମିଳିନାହିଁ । ଯାହା ଜଣାଯାଏ ସେମାନଙ୍କ ଅର୍ଥନୀତି ଚାଷ, ଶିକାର ଏବଂ ମାଛଧରା ଉପରେ ପର୍ଯ୍ୟବସିତ ଥିଲା । ଗୁଶକାରଲ୍‌ଠାରେ ଉଭୟ ଚାଷ ଓ ପଶୁପାଳନ କରାଯାଉଥିଲା ।

ମଧ୍ୟସ୍ତର

ମଧ୍ୟସ୍ତରରୁ ଆବିଷ୍କୃତ ଅବଶେଷଗୁଡ଼ିକରୁ ଜଣାଯାଏ ଯେ, ଏହି ସମୟକାଳ ବେଳକୁ ଲୋକେ ଭୂମି ଉପରେ ଘର କରୁଥିଲେ ଏବଂ କୁମ୍ଭାରଚକ ସାହାଯ୍ୟରେ ମାଟିପାତ୍ର ନିର୍ମାଣ କରୁଥିଲେ । ବୁର୍ଜାହୋମ୍ କ୍ଷେତ୍ରରେ ଘର ଭିତରେ ଏକ ବଡ଼ ଚଟକା ସ୍ଥାନ ରହୁଥିଲା, ଯାହକୁ ଭାଗ ଭାଗ କରି ମାଟିକାନ୍ଥ ସାହାଯ୍ୟରେ କୋଠରିସବୁ ନିର୍ମାଣ କରାଯାଉଥିଲା । ଏହିଠାରୁ ଆମେ ନିହଣ, ଫାଉଡ଼ା, କୋଦାଳ, ଲମ୍ୱ ବେଣ୍ଟଯୁକ୍ତ ଗଦା, ଟାଙ୍ଗିଆ, ଛୁଞ୍ଚି ଆଦି ପ୍ରସ୍ତର ତଥା ହାଡ଼ରେ ନିର୍ମିତ ଉପକରଣ ସବୁ ପାଇ ପାରିଛୁ ।

ଉପରସ୍ତର

ଉପରସ୍ତରରୁ ପ୍ରାପ୍ତ ଅବଶେଷଗୁଡ଼ିକ ପ୍ରମାଣିତ କରେ ଯେ, ଏହି ସମୟକାଳ ବେଳକୁ ନୂତନ ପ୍ରସ୍ତର ଯୁଗର ମଣିଷମାନେ ସଭ୍ୟ ଏବଂ ଉନ୍ନତ ଜୀବନଯାପନ କରୁଥିଲେ । ଏହାଥିଲା ପୂର୍ଣ୍ଣ ବିକଶିତ ନୂତନ ପ୍ରସ୍ତର ଯୁଗର ସଭ୍ୟତା । ଲୋକେ ମାଟି ଏବଂ ବାଲିଗରଡ଼ା ସାହାଯ୍ୟରେ ଘରର କାନ୍ଥ ନିର୍ମାଣ କରୁଥିଲେ, ତା'ଉପରେ ଚୂନ ଦ୍ୱାରା ପଲସ୍ତରା କରୁଥିଲେ । ଏହି ସ୍ତରରୁ କେବଳ ଏକ ହାତଟାଙ୍ଗିଆ ବ୍ୟତୀତ ଅନ୍ୟ କୌଣସି ଭାରୀ ସରଞ୍ଜାମ ଅଦ୍ୟାବଧି ମିଳିପାରିନାହିଁ । ମିଳିଥିବା ଅନ୍ୟାନ୍ୟ ଉପକରଣଗୁଡ଼ିକ ଯଥା- ବର୍ଚ୍ଛା, ଫାଉଡ଼ା, କୋଦାଳ, ତୀର, ଚୂର୍ଣ୍ଣ କରିବା ପ୍ରସ୍ତର, ପଶୁଙ୍କ ହାଡ଼ ନିର୍ମିତ ସରଞ୍ଜାମ ଏବଂ ତରାଜୁ (ତାକୁଡ଼ି) ଇତ୍ୟାଦି । ଏଥିରୁ ଜଣାଯାଏ ଯେ, ପଶୁପାଳନ ଏବଂ କୃଷିକାର୍ଯ୍ୟର ପୂର୍ଣ୍ଣ ବିକାଶଲାଭ କରି ସାରିଥିଲା । ଚିତ୍ରିତ ଓ ରଙ୍ଗକରା ମାଟିପାତ୍ର, ମାଟିନିର୍ମିତ ଚୂଡ଼ି ଆଦିର ଆବିଷ୍କାର ବିଶେଷ ମହତ୍ତ୍ୱ ରଖେ ।

ଏହି ସମୟକାଳରେ ଧାନ, ଗହମ, ଡାଲିଜାତୀୟ ଶସ୍ୟ ଅଧିକ ପରିମାଣରେ ଉତ୍ପାଦନ କରାଯାଉଥିଲା । ଶସ୍ୟକୁ ରଖିବା ପାଇଁ ଶସ୍ୟ ଭଣ୍ଡାରଗୁଡ଼ିକ ମଧ୍ୟ ନିର୍ମିତ ହୋଇଥିଲା । ଶସ୍ୟାଗାରଗୁଡ଼ିକ ସାଧାରଣତଃ ମାଟି କାଦୁଅ

ଏବଂ ଇଟାରେ ନିର୍ମିତ ହୋଇଥିଲା ଅର୍ଥାତ୍ ନୂତନ ପ୍ରସ୍ତର ଯୁଗ ବେଳକୁ ଇଟାର ଉଦ୍ଭାବନ ହୋଇଥିଲା ତଥା ଘର ତିଆରିରେ ଉପଯୋଗ କରିବା ଆରମ୍ଭ ହୋଇଥିଲା । ଖ୍ରୀ:ପୂ: ୪୫୦୦ ରୁ ଖ୍ରୀ:ପୂ: ୩୫୦୦ ମଧ୍ୟରେ କୋଟି (କେରଳ) ସମତଳ ଅଞ୍ଚଳରୁ କୃଷିର ଏବଂ ମାଟିପାତ୍ର ନିର୍ମାଣର ବିଶେଷ ପ୍ରସାର ସିନ୍ଧୁନଦୀ ଉପତ୍ୟକା ଅଞ୍ଚଳରେ ହୋଇଥିଲା । ଇଟାନିର୍ମିତ ଶସ୍ୟାଗାରଗୁଡ଼ିକରୁ ଜଣାଯାଏ ଯେ, ଖ୍ରୀ:ପୂ: ୪୫୦୦ ସୁଦ୍ଧା ଇଟା ଏବଂ କୁମ୍ଭାରଚକର ଉଦ୍ଭାବନ ହୋଇସାରିଥିଲା, କାରଣ ଖ୍ରୀ:ପୂ: ୫୦୦୦ ସମୟକାଳର ମାଟିପାତ୍ରର ନମୁନା ଆମେ ପାଇ ପାରୁନାହିଁ । ଦିନେ ସିନ୍ଧୁନଦୀର ଉପନଦୀ ଥିବା ଶୁଷ୍କନଦୀ ହକ୍ରାର ଉପତ୍ୟକାଞ୍ଚଳରୁ ଆମେ ୪୭ ଗୋଟି ପରବର୍ତ୍ତୀ ନୂତନ ପ୍ରସ୍ତର ଯୁଗର ସଭ୍ୟତା ଆବିଷ୍କାର କରିସାରିଛୁ । ପ୍ରାମାଣିକ ତଥ୍ୟରୁ ଜଣାଯାଏ ଯେ, ହକ୍ରାନଦୀ ଉପତ୍ୟକାର ଏହି ସଭ୍ୟତାଗୁଡ଼ିକ ହରପ୍ପା ସଭ୍ୟତା ପାଇଁ ପଥ ପରିଷ୍କାର କରିଥିଲା । ଏହି ସଭ୍ୟତାଗୁଡ଼ିକର ପଦାଙ୍କ ଅନୁସରଣ କରି ପ୍ରତିଷ୍ଠିତ ହୋଇଥିଲା ହରପ୍ପା ସଭ୍ୟତା । ଆହୁରି ମଧ୍ୟ ବୁର୍ଜାହୋମ୍ ସଭ୍ୟତାର ଲୋକେ ମୋଟା ଧୂସର ମାଟିପାତ୍ର ବ୍ୟବହାର କରୁଥିଲେ । ସେମାନେ ମାଲିକର ଶବ ସହିତ ପାଳିତ କୁକୁରକୁ ମଧ୍ୟ କବର ଦେଉଥିଲେ, ଯାହାକି ଭାରତର ଅନ୍ୟ କୌଣସି ଅଞ୍ଚଳରେ ପ୍ରଚଳିତ ନଥିଲା ।

ବୁର୍ଜାହୋମ ସଭ୍ୟତାର ସମୟ

ବୁର୍ଜାହୋମ୍ ଏବଂ ଗୁଶକାରଲ୍ ଅଞ୍ଚଳରୁ ପ୍ରାପ୍ତ ଅବଶେଷଗୁଡ଼ିକର ତେଜସ୍କ୍ରିୟ ଅଙ୍ଗାରକ ପରୀକ୍ଷଣ-୧୪ (ରେଡ଼ିଓ କାର୍ବନ - ୧୪ ଟେଷ୍ଟ) ଦ୍ୱାରା ଜଣାଯାଇଛି ଯେ, ଉତ୍ତରଭାରତରେ ନୂତନ ପ୍ରସ୍ତର ଯୁଗ ଖ୍ରୀ:ପୂ: ୨୩୭୫ରୁ ଖ୍ରୀ:ପୂ: ୧୭୦୦ ମଧ୍ୟରେ ପ୍ରତିଷ୍ଠିତ ଥିଲା ।

ବିନ୍ଧ୍ୟାଞ୍ଚଳର ନୂତନ ପ୍ରସ୍ତରଯୁଗୀୟ ସଭ୍ୟତା

ବିନ୍ଧ୍ୟାଞ୍ଚଳର ମିର୍ଜାପୁର, ବଣ୍ଡା, ଆଲ୍ଲାହାବାଦ, ବେଲଘାଟି, ପଞ୍ଚୋଡ୍, କୁନ୍‌ଝୁନ୍, ଲୋହରିୟା ଆଦି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ଏକାଧାରାରେ (କ) ନୂତନ ପ୍ରସ୍ତର ଯୁଗର ସଭ୍ୟତା, (ଖ) ତାମ୍ର ଏବଂ କାଂସ ଯୁଗର ସଭ୍ୟତା ଏବଂ ଐତିହାସିକ ସମୟର ସଭ୍ୟତା ଆବିଷ୍କାର କରାଯାଇଛି । ଏହି ଅଞ୍ଚଳର ସଭ୍ୟତା ଖ୍ରୀ:ପୂ: ୨୫୦୦ରୁ ଖ୍ରୀ:ପୂ: ୧୩୦୦ ମଧ୍ୟରେ ପ୍ରତିଷ୍ଠିତ ଥିଲା । ସଭ୍ୟତାର ଲୋକେ ଦଉଡ଼ି ବନ୍ଧ ପାତ୍ର, ମସୃଣ ଏବଂ ଚକଚକିଆ ପାତ୍ର, ନାଲି ରଂଗର ପାତ୍ର ବ୍ୟବହାର କରୁଥିଲେ । ଏହି ଅଞ୍ଚଳରୁ ଅନେକ ସଂଖ୍ୟକ ଚକଚକିଆ ପ୍ରସ୍ତରନିର୍ମିତ ହାତଟାଙ୍ଗିଆ ଉପଲବ୍ଧ ହୋଇଛି ।

ଦକ୍ଷିଣ ଭାରତୀୟ ନୂତନ ପ୍ରସ୍ତରଯୁଗୀୟ ସଭ୍ୟତା

ଭାରତରେ ବିକଶିତ ଅଧିକାଂଶ ନୂତନ ପ୍ରସ୍ତର ଯୁଗୀୟ ସଭ୍ୟତାର ପ୍ରମାଣ ଏବଂ ନମୁନା ଦକ୍ଷିଣ ଭାରତରୁ
ମିଳିଛି । ଦାକ୍ଷିଣାତ୍ୟରେ ରହିଥିବା ସ୍ଥାନଗୁଡ଼ିକ ଯଥା- ବ୍ରହ୍ମଗିରି, ସଙ୍ଗନ୍, କୁଲ୍ଲୁ, ମାସ୍କି (କର୍ଣ୍ଣାଟକ), ନାଗାର୍ଜୁନକୋଣ୍ଡା,
ପଲବାଇ (ଆନ୍ଧ୍ର), ପିୟାମାପଲ୍ଲୀ (ତାମିଲନାଡୁ) ଇତ୍ୟାଦି ମୁଖ୍ୟ ଅଟନ୍ତି । ସର୍ବପ୍ରଥମେ ୧୮୯୨ ଖ୍ରୀ:ଅ:ରେ କର୍ଣ୍ଣାଟକର
ଲିଙ୍ଗସାଗରଠାରୁ ଚିକ୍କଣ ପ୍ରସ୍ତରନିର୍ମିତ ଏକ ହାତଟାଙ୍ଗିଆ ଆବିଷ୍କାର କରାଯାଇଥିଲା ।

ବ୍ରହ୍ମଗିରିଠାରୁ ଚିକ୍କଣ ପ୍ରସ୍ତରନିର୍ମିତ ଟାଙ୍ଗିଆ, ଅତିକ୍ଷୁଦ୍ର ପ୍ରସ୍ତର କ୍ଷୁର ଅଥବା ପାତ, ହାତ ତିଆରି କଳା
ମାଟିପାତ୍ର ଆଦି ମିଳିଛି । ଏତଦ୍‌ବ୍ୟତୀତ ଚକଚକିଆ ରଙ୍ଗକରା ମାଟିପାତ୍ର ଓ ବାଉଁଶନିର୍ମିତ କୁଟୀର ମଧ୍ୟ ମିଳିଛି ।
ଦକ୍ଷିଣ ଭାରତରୁ ମିଳିଥିବା ନୂତନ ପ୍ରସ୍ତର ଯୁଗର ଅବଶେଷଗୁଡ଼ିକ କୃଷି ଓ ପଶୁପାଳନର ତଥ୍ୟ ପ୍ରଦାନ କରିଥାଏ ।
ଆହୁରି ମଧ୍ୟ ପ୍ରମାଣ ମିଳିଛି ଯେ, ଏହି ଅଞ୍ଚଳର ଅଧିବାସୀମାନେ ମୃତ୍ୟୁ ପରେ ଶବକୁ ଘର ଭିତରେ ଅଥବା ଘର
ଅଗଣାରେ ଗାତଖୋଳି ପୋତିଦେଉଥିଲେ । ଅବଶେଷଗୁଡ଼ିକ ପୁନଶ୍ଚ ପ୍ରମାଣିତ କରୁଛି ଯେ, ଏହି ସଭ୍ୟତା ଖ୍ରୀ:ପୂ:
୨୫୦୦ରୁ ଖ୍ରୀ:ପୂ: ୧୦୦୦ ମଧ୍ୟରେ ବିକାଶ ଲାଭ କରିଥିଲା ।

ମଧ୍ୟଭାରତ ଏବଂ ଗାଙ୍ଗେୟ ଉପତ୍ୟକାଞ୍ଚଳ

ଏହି ଅଞ୍ଚଳରୁ ଆବିଷ୍କୃତ ଏକମାତ୍ର ସ୍ଥାନ ହେଉଛି ବିହାରର ସାରନ୍ ଜିଲ୍ଲାସ୍ଥିତ ଚିନାର୍ । ଏହି ସ୍ଥାନରୁ ଚକଚକିଆ ପ୍ରସ୍ତର ଉପକରଣ, ହାଡ଼ ଓ ଶିଙ୍ଗରୁ ନିର୍ମିତ ସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର ଏବଂ ରଙ୍ଗିନ ମାଟିପାତ୍ର ଆବିଷ୍କୃତ ହୋଇଛି । ମୁଖ୍ୟ ସରଞ୍ଜାମ ମଧ୍ୟରେ ରହିଛି ଗୋଲାକୃତି ଟାଙ୍ଗିଆ, ବାଟିବା ଅଥବା ଚୂର୍ଣ୍ଣ କରିବା ପ୍ରସ୍ତର, ହାତୁଡ଼ି, କ୍ଷୁଦ୍ର ଉପକରଣ ଯଥା- କ୍ଷୁର, ଫୋଡ଼ଣୀ, କୋରଣା ଇତ୍ୟାଦି । ପୋଡ଼ା ବାଉଁଶ ଓ କାଠରୁ ଅନୁମାନ କରାଯାଏ ଯେ, ଲୋକେ କାଠ ଓ ବାଉଁଶ ସାହାଯ୍ୟରେ କୁଡ଼ିଆ ତିଆରି କରି ରହୁଥିଲେ । ହାଡ଼ ଓ ଶିଙ୍ଗନିର୍ମିତ ସରଞ୍ଜାମରୁ ଜଣାଯାଏ ଯେ, ସେମାନେ ଶିକାରୀ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ଚିନାର ସଭ୍ୟତାର ସାମଞ୍ଜସ୍ୟ ବିନ୍ଧ୍ୟାଞ୍ଚଳ ସଭ୍ୟତା ସହିତ ରହିଛି । ତେଣୁ ଅନୁମାନ କରାଯାଏ ଯେ, ଉଭୟ ସଭ୍ୟତା ସମସାମୟିକ ଅଟନ୍ତି ।

ମଧ୍ୟ ଏବଂ ପୂର୍ବ ଭାରତୀୟ ଅଞ୍ଚଳ

ଏହି ଅଞ୍ଚଳରୁ ଆବିଷ୍କୃତ ନୂତନ ପ୍ରସ୍ତରଯୁଗୀୟ ସଭ୍ୟତାର ସ୍ଥାନଗୁଡ଼ିକ ହେଲା- ସିଂହଭୂମ ଜିଲ୍ଲା (ବିହାର); ଓଡ଼ିଶାର ମୟୂରଭଞ୍ଜ, କେଉଁଝର, ଅନୁଗୁଳ, ଯାଜପୁର ଆଦି ଜିଲ୍ଲା ଆସାମ ଇତ୍ୟାଦି । ଏହିସବୁ ଅଞ୍ଚଳରୁ ଆବିଷ୍କୃତ ମୁଖ୍ୟ ଜିନିଷ ହେଉଛି ହାତ ତିଆରି ଏବଂ କୁମ୍ଭାରଚକ ଦ୍ୱାରା ତିଆରି ରଙ୍ଗିନ ଓ ଚିତ୍ରିତ ମାଟିପାତ୍ର । ଏହି ପାତ୍ରଗୁଡ଼ିକ ମଧ୍ୟରେ ବହୁଳ ଭାବରେ କପ୍ ଓ ପିଆଲା ଉପଲବ୍ଧ ହୋଇଛି । ପୁନଶ୍ଚ ଏହିସବୁ ସ୍ଥାନରୁ ଟାଙ୍ଗିଆ, ଫାଉଡ଼ା ଏବଂ ମାଟିପାତ୍ର ମିଳିଛି । ଏସବୁରୁ ଜଣାଯାଏ ଯେ, ଏହି ଅଞ୍ଚଳରେ ମଧ୍ୟ କୃଷି ଓ ପଶୁପାଳନ ବିକାଶଲାଭ କରିଥିଲା । ଉପଲବ୍ଧ ଅବଶେଷଗୁଡ଼ିକରୁ ଜଣାଯାଏ ଯେ, ମଧ୍ୟ ଓ ପୂର୍ବଭାରତର ନୂତନ ପ୍ରସ୍ତର ଯୁଗର ସଭ୍ୟତା ଖ୍ରୀ:ପୂ: ୨୦୦୦ ବେଳକୁ ବିକାଶଲାଭ କରିଥିଲା ।

ପୂର୍ବ ଏବଂ ଉତ୍ତର ଭାରତୀୟ ଅଞ୍ଚଳ

ପୂର୍ବ ଏବଂ ଉତ୍ତର ଭାରତର ଆସାମ, ନାଗାଲାଣ୍ଡ, ମେଘାଳୟ, ଅରୁଣାଚଳ ଆଦି ପ୍ରଦେଶରୁ ମଧ୍ୟ ନୂତନ ପ୍ରସ୍ତରଯୁଗୀୟ ସଭ୍ୟତା ଆବିଷ୍କୃତ ହୋଇଛି । ଏହିସବୁ ସ୍ଥାନରୁ ଉଭୟ ହାତତିଆରି ଏବଂ କୁମ୍ଭାରଚକ ଦ୍ୱାରା ତିଆରି ରଙ୍ଗିନ ମାଟିପାତ୍ର ମିଳିଛି । ଆବିଷ୍କୃତ ଲାଲ୍ ରଙ୍ଗର ପାତ୍ର କୁମ୍ଭାରଚକ ଦ୍ୱାରା ତିଆରି ହୋଇଥିବା ବେଳେ ଧୂଆଁ ରଙ୍ଗର ପାତ୍ର ହାତତିଆରି ଅଟେ । ଏହି ଅଞ୍ଚଳରୁ ଚକଚକିଆ ନିହଣ, ଟାଙ୍ଗିଆ, ବାଟିବା ଉପକରଣ ଓ ହାତୁଡ଼ି ଆଦି ପ୍ରାପ୍ତ ହୋଇଛି । ନାଗାଲାଣ୍ଡରୁ ମିଳିଥିବା ଉପକରଣଗୁଡ଼ିକ ସବୁଜ ରଙ୍ଗର ପଥରରେ ନିର୍ମିତ ହୋଇଥିବା ବେଳେ ଆସାମରୁ ମିଳିଥିବା ଉପକରଣଗୁଡ଼ିକ ସ୍ଫଟିକ ପଥରରେ ନିର୍ମିତ ହୋଇଛି । ଏହି ସଭ୍ୟତା ପ୍ରାୟ ଖ୍ରୀ:ପୂ: ୨୦୦୦ ବେଳକୁ ବିକାଶଲାଭ କରିଥିବାର ବିଶେଷ ଅନୁମାନ କରାଯାଏ ।

ନୂତନ ପ୍ରସ୍ତରଯୁଗୀୟ ସଭ୍ୟତାର ପ୍ରଗତି

ପଶ୍ଚିମ ଏସିଆରେ ନୂତନ ପ୍ରସ୍ତର ଯୁଗର ସଭ୍ୟତାର ସମୟକାଳ ମଧ୍ୟରେ ପ୍ରାୟତଃ ଖ୍ରୀ:ପୂ: ୧୦,୦୦୦ରୁ ଖ୍ରୀ:ପୂ: ୩୦୦୦ ମଧ୍ୟରେ ସର୍ବବିଧ ପ୍ରଗତି ସାଧିତ ହୋଇଥିଲା । ଏହି ସମୟ ମଧ୍ୟରେ କୃଷି ଓ ପଶୁପାଳନର ଆରମ୍ଭ, ଚକ, ଲଙ୍ଗଳ, ତନ୍ତ ଆଦି ଅନେକ ଜିନିଷର ଉଦ୍ଭାବନ ଓ ବ୍ୟବହାର ଆରମ୍ଭ ହୋଇଥିଲା । ଭାରତବର୍ଷରେ ନୂତନ ପ୍ରସ୍ତର ଯୁଗର ଆରମ୍ଭ ପ୍ରାୟତଃ ଖ୍ରୀ:ପୂ: ୭୦୦୦ ରୁ ହୋଇଥିଲା । ଲୋକେ କୃଷି ଓ ପଶୁପାଳନ, କୁମ୍ଭାରଚକରେ ମାଟିପାତ୍ର ତିଆରି, ଲୁଗାବୁଣିବା, ଘର ତଥା ଶସ୍ୟାଗାର ନିର୍ମାଣ ଆଦିର ଆରମ୍ଭ କରିଥିଲେ । ଧାନ, ଗହମ, ବାର୍ଲି, ଡାଲି ଓ ତୈଳଜାତୀୟ ଶସ୍ୟର ଚାଷ ବହୁଳ ଭାବରେ ଆରମ୍ଭ ହୋଇଯାଇଥିଲା । ଲଙ୍ଗଳ ଏବଂ ଲଙ୍ଗଳପାତର ବ୍ୟବହାର କରାଯାଇଥିଲା । ଲୋକେ ଆଉ କେବଳ ମାତ୍ର ଶିକାର ଉପରେ ନିର୍ଭର ନ କରି କୃଷି ଓ ପଶୁପାଳନ

ଉପରେ ମଧ୍ୟ ନିର୍ଭର କରୁଥିଲେ । ନୂତନ ପ୍ରକାରର ସରଞ୍ଜାମର ଅଧିକାରୀ ଏବଂ କୃଷିକାରକ ମଣିଷ ଏକ ନୂତନ ସଭ୍ୟତା ଆଡ଼କୁ ଆଗେଇ ଚାଲିଥିଲା । ପୁରାତନ ପ୍ରସ୍ତର ଯୁଗ ଏବଂ ମଧ୍ୟ-ପ୍ରସ୍ତର ଯୁଗର ମଣିଷଙ୍କଠାରୁ ପ୍ରଗତି କ୍ଷେତ୍ରରେ ନୂତନ ପ୍ରସ୍ତର ଯୁଗର ମଣିଷ ଅନେକ ଆଗକୁ ଚାଲିଯାଇଥିଲା ।

ଯନ୍ତ୍ରପାତି

ପ୍ରାଚୀନ ପ୍ରସ୍ତର ଯୁଗରେ ଲୋକେ କଠିନ ପ୍ରସ୍ତରନିର୍ମିତ ହସ୍ତକୁଠାର, ଛେଚିବା ପଥର, ପତଳା ତଥା ଧାରୁଆ ପ୍ରସ୍ତର ଖଣ୍ଡ ଆଦି ଉପକରଣ ବ୍ୟବହାର କରୁଥିଲେ । ଉପର ପ୍ରସ୍ତର ଯୁଗ ଏବଂ ମଧ୍ୟ-ପ୍ରସ୍ତର ଯୁଗରେ ଲୋକେ ହାଡ଼, ଶିଙ୍ଗ ଓ ହାତୀଦାନ୍ତରେ ଯନ୍ତ୍ରପାତି ତଥା ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଶିଖିଯାଇଥିଲେ । ନୂତନ ପ୍ରସ୍ତର ଯୁଗର ମଣିଷ କିନ୍ତୁ କୃଷି, ପଶୁପାଳନ, ମାଟିପାତ୍ର ନିର୍ମାଣ, ଲୁଗାବୁଣା ତଥା ଘର ତିଆରି କରିବା ଆଦି ଶିଖିଯାଇଥିଲା । ଏହିସବୁ କାର୍ଯ୍ୟପାଇଁ ଉପଯୋଗୀ ନୂତନ ଯନ୍ତ୍ରପାତି ତଥା ଶିକାର ଓ ଆତ୍ମରକ୍ଷା ପାଇଁ ନୂତନ ଅସ୍ତ୍ରଶସ୍ତ୍ରର ଉଦ୍ଭାବନ ମଣିଷ ଏହି ସମୟ କାଳରେ କରିଥିଲା । ନୂତନ ଯନ୍ତ୍ରପାତି ଏବଂ ଆବଶ୍ୟକୀୟ ଜିନିଷ ପାଇବା ପରେ ମଣିଷର ଜୀବନଧାରଣ ଶୈଳୀ ବଦଳିଯାଇଥିଲା ତଥା ସ୍ୱ ସାହାଯ୍ୟକାରୀ ଅର୍ଥନୀତିର ବିକାଶ ହୋଇଥିଲା । ମଣିଷର ଆବଶ୍ୟକତା ତାକୁ ଯନ୍ତ୍ରପାତି ତିଆରି କାରଖାନା ବସେଇବା ପାଇଁ ବାଧ୍ୟ କରିଥିଲା । ଫଳସ୍ୱରୂପ ସାରା ଭାରତବର୍ଷରେ ଅନେକଗୁଡ଼ିଏ ଯନ୍ତ୍ରପାତି ନିର୍ମାଣ କାରଖାନା ଗଢ଼ି ଉଠିଥିଲା । କାରଖାନାଗୁଡ଼ିକରୁ ଉନ୍ନତ ମାନର ମସୃଣ ଯନ୍ତ୍ରପାତି ଅଧିକ ପରିମାଣରେ ତିଆରି ହୋଇପାରୁଥିଲା ।

କୃଷି

ପ୍ରାଚୀନ ଏବଂ ମଧ୍ୟ-ପ୍ରସ୍ତର ଯୁଗରେ ମଣିଷ ପ୍ରକୃତି ଉପରେ ନିର୍ଭର କରି ବଞ୍ଚୁଥିଲା ତଥା ସେ ଶିକାରୀ ଓ ସଂଗ୍ରହକାରୀ ଥିଲା । ନୂତନ ପ୍ରସ୍ତର ଯୁଗରେ ସେ କିନ୍ତୁ ଉତ୍ପାଦନକାରୀ ହୋଇଯାଇଥିଲା । ନୂତନ ପ୍ରସ୍ତର ଯୁଗରେ ମଣିଷ ଜମିକୁ ଚଷିବା, ପାଣି ମଡ଼େଇବା, ବିହନ ବୁଣିବା, ଅମଳ କରିବା ଆଦି ସର୍ବବିଧ କୃଷିକାର୍ଯ୍ୟ ସହିତ ଅବଗତ ହୋଇଯାଇଥିଲା । ସେ ଧାନ, ଗହମ, ବାର୍ଲି, ଚଣା, ତୈଳ ଓ ଡାଲିଜାତୀୟ ଶସ୍ୟ ଏବଂ ଫଳ ଆଦି ଚାଷକରି ଉତ୍ପାଦନ କରୁଥିଲା । ନୂତନ ଯନ୍ତ୍ରପାତି ସାହାଯ୍ୟରେ ଶସ୍ୟକୁ ପେଷଣ କରି ଖାଦ୍ୟ ରାନ୍ଧୁଥିଲା । ସେ ପୁଣି ଘର ତିଆରି କରିବା ଶିଖିଯାଇଥିଲା ଏବଂ ମାଟି, କାଦୁଅ, ଇଟା, କାଠ, ବାଉଁଶ, ପତ୍ର ଆଦି ବ୍ୟବହାର କରି ଘର ନିର୍ମାଣ କରୁଥିଲା । ଘର ବ୍ୟତୀତ ବଳକା ଶସ୍ୟକୁ ରଖିବା ପାଇଁ ଶସ୍ୟାଗାର ମଧ୍ୟ ନିର୍ମାଣ କରୁଥିଲା । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଥିଲା ଯେ, ନୂତନ ପ୍ରସ୍ତର ଯୁଗ ବେଳକୁ ମଣିଷ ଯାଯାବର ଜୀବନ ପରିତ୍ୟାଗ କରି ସ୍ଥାୟୀ ବସତି ଆରମ୍ଭ କରିଦେଇଥିଲା । ସେ କପା (ତୁଳା) ଚାଷ ଓ ଉତ୍ପାଦନ କରି ସୂତାକାଟି ଲୁଗାବୁଣିବା ମଧ୍ୟ ଶିଖିଯାଇଥିଲା ଏବଂ ବସ୍ତ୍ର ପରିଧାନପୂର୍ବକ ଆଦିମ ଜୀବନକୁ ପରିହାର କରି ସଭ୍ୟ ଜୀବନଯାପନ କରିଥିଲା ।

ପଶୁପାଳନ

ଏହି ସମୟକାଳରେ ମଣିଷ ପଶୁପାଳନ କରିବା ଏବଂ ସେଗୁଡ଼ିକୁ ଚାଷ ଆଦି ଅନ୍ୟାନ୍ୟ କାମରେ ଲଗେଇବା ଶିଖିଯାଇଥିଲା । କୁକୁର, ଗଧ, ଘୁଷୁରି, ଗାଈ, ବଳଦ, ଛେଳି, ମେଣ୍ଢା ଏବଂ ଘୋଡ଼ା ଆଦି ଅନେକ ପଶୁଙ୍କୁ ମଣିଷ ପୋଷା ମନେଇ ପାରିଥିଲା । ପଶୁଗୁଡ଼ିକ ପାଇଁ ବିଶେଷ ରୂପରେ ପାଣିର ସୁବିଧା ଏବଂ ଚାରଣ ଭୂମି ଉପଲବ୍ଧ ହେଉଥିବା ସ୍ଥାନରେ ବସବାସ କରିବା ଆରମ୍ଭ କରିଦେଇଥିଲା । ଅନ୍ୟପ୍ରକାରେ କହିଲେ ପଶୁଗୁଡ଼ିକର ଯତ୍ନ ଓ ରକ୍ଷଣାବେକ୍ଷଣା ସକାଶେ ମଣିଷ ଯାଯାବର ଜୀବନକୁ ପରିତ୍ୟାଗ କରିଥିଲା । ଶିକାର କରିବାରେ ସାହାଯ୍ୟ କରିବା ତଥା ଅନ୍ୟାନ୍ୟ ପାଳିତ ପଶୁଙ୍କୁ ଜଗିବା କାର୍ଯ୍ୟରେ ସେ କୁକୁରଙ୍କୁ ବିନିଯୋଗ କରୁଥିଲା । ଗାଈଗୋରୁ, ଛେଳିମେଣ୍ଢା ଆଦିଙ୍କଠାରୁ ମଣିଷ କ୍ଷୀର, ଲୋମ ଏବଂ ଆବଶ୍ୟକସ୍ଥଳେ ମାଂସ ପାଇ ପାରୁଥିଲା । ଜିନିଷ ପରିବହନ ପାଇଁ ସେ

ଘୋଡ଼ାକୁ ବ୍ୟବହାର କରୁଥିଲା । ଚକ ପରେ ମଣିଷ ଶଗଡ଼ ଗାଡ଼ିର ଉଦ୍ଭାବନ କରିଥିଲା । ଏହି ଗାଡ଼ିକୁ ଘୋଡ଼ା ଟାଣୁଥିଲା । ନୂତନ ପ୍ରସ୍ତର ଯୁଗର ଶେଷ ପର୍ଯ୍ୟାୟରେ ଘୋଡ଼ାଟଣା ଗାଡ଼ି ବ୍ୟବହାର ଆରମ୍ଭ ହୋଇଥିଲା । ଫଳସ୍ୱରୂପ ମାଲ ପରିବହନ ଶୀଘ୍ର ଓ ସୁବିଧାରେ ହୋଇପାରୁଥିଲା । ପଶୁଗୁଡ଼ିକର ଶିଙ୍ଗ ଓ ହାଡ଼କୁ ବ୍ୟବହାର କରି ମଣିଷ ଅନେକ ପ୍ରକାରର ଯନ୍ତ୍ରପାତି, ପ୍ରସାଧନ ସାମଗ୍ରୀ ପାଇଁ ଧାରକ ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିଲା ।

ଚିତ୍ରକଳା ଏବଂ କାରିଗରି କାର୍ଯ୍ୟ

ନୂତନ ପ୍ରସ୍ତର ଯୁଗରେ ଅନେକ ପ୍ରକାରର ଚିତ୍ରକଳା ଏବଂ କାରିଗରି ଜ୍ଞାନକୌଶଳର ବିକାଶର ସଂଘଟିତ ହୋଇଥିଲା; ଯଥା- ମାଟିପାତ୍ର ନିର୍ମାଣ, ଗୃହ ନିର୍ମାଣ, ବସ୍ତ୍ର ବୟନ ଇତ୍ୟାଦି ।

ମାଟିପାତ୍ର

ମଧ୍ୟ-ପ୍ରସ୍ତର ଯୁଗର ମଣିଷ ମାଟିପାତ୍ର ନିର୍ମାଣ ଶିଖିଯାଇଥିଲା । ପ୍ରଥମେ ପ୍ରଥମେ ମଣିଷ ହାତରେ ମାଟିପାତ୍ର ନିର୍ମାଣ କରୁଥିଲା; ହେଲେ ମଧ୍ୟଯୁଗର ଶେଷ ପର୍ଯ୍ୟାୟ ବେଳକୁ ସେ କୁମ୍ଭାରଚକର ଉଦ୍ଭାବନ କରିଥିଲା, ଯାହାଫଳରେ ମାଟିପାତ୍ର ନିର୍ମାଣରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା । ଚକ ଏବଂ ମାଟିପାତ୍ର ନିର୍ମାଣ କଳା ଅତି କ୍ଷିପ୍ର ବେଗରେ ନୂତନ ପ୍ରସ୍ତର ଯୁଗରେ ପ୍ରସାରିତ ହୋଇଯାଇଥିଲା । ସେମାନେ ମୋଟାଗଛର ଗଣ୍ଡିକୁ ଗୋଲାକାରରେ କାଟି ଚକ ନିର୍ମାଣ କରୁଥିଲେ । ତା'ପରେ ସେହି ଚକକୁ ଏକ ମୁନିଆ ପଥର ଅଥବା କାଠନିର୍ମିତ ସହାୟକ ଉପରେ ରଖି ଘୂରାଉଥିଲେ । ଏହିପରି ଭାବରେ ଚକ ସାହାଯ୍ୟରେ ମଣିଷ ଘରକରଣା ପାଇଁ ଉପଯୋଗୀ ସମସ୍ତ ପ୍ରକାରର ମାଟିପାତ୍ର ନିର୍ମାଣ କରୁଥିଲା । ନିର୍ମାଣ କରିବା ପରେ ବେଶୀଦିନ ସ୍ଥାୟୀ କରିବା ପାଇଁ ମାଟିପାତ୍ରକୁ ନିଆଁରେ ପୋଡୁଥିଲା । ତା'ପରେ ତାକୁ ସୁନ୍ଦର ଏବଂ ମନଲୋଭା କରିବା ପାଇଁ ବିଭିନ୍ନ ପ୍ରକାର ରଙ୍ଗରେ ରଙ୍ଗିନ କରୁଥିଲା । ତା'ପରେ ବିଭିନ୍ନ ପ୍ରକାର ରେଖାଚିତ୍ର, ଚିତ୍ର ଆଦି ଆଙ୍କୁଥିଲା । ପାତ୍ରଗୁଡ଼ିକ ଉପରେ ପଦ୍ମଫୁଲ, ଲତାଗୁଳ୍ମ, ଦଉଡ଼ି, ଆଙ୍ଗୁଠି ଚିହ୍ନ, କୁଟାପରି ଚିହ୍ନ ଆଦି ସବୁ ଆଙ୍କୁଥିଲା । ରଙ୍ଗିନ, ମସୃଣ ଏବଂ ଚକଚକିଆ ମାଟିପାତ୍ର ତିଆରି ନୂତନ ପ୍ରସ୍ତର ଯୁଗର ବିଶେଷ ଚାରିତ୍ରିକ ବୈଶିଷ୍ଟ୍ୟ ଥିଲା ।

ଲୁଗାବୁଣିବା ଏବଂ ଝୁଡ଼ି ଆଦି ବୁଣିବା

ଆବିଷ୍କୃତ ସାମଗ୍ରୀଗୁଡ଼ିକରୁ ସ୍ପଷ୍ଟ ହୁଏ ଯେ, ନୂତନ ପ୍ରସ୍ତର ଯୁଗର ମଣିଷ କପାଚାଷ, କପାରୁ ତୁଳା ବାହାର କରି ସୂତା କାଟିବା ଏବଂ ଲୁଗାବୁଣିବା କଳା ଶିଖିଯାଇଥିଲା । ଏହି ଯୁଗରେ ଲୋକେ ଲୁଗାବୁଣି ପିନ୍ଧୁଥିଲେ, ଯାହାକି ଏକ ବିଶେଷ ଉପଲବ୍ଧି ଥିଲା । ମଣିଷ ଆରମ୍ଭ କରିଥିବା ଅନ୍ୟ କଳା ଓ କାରିଗରି କୌଶଳ ଥିଲା ବାଉଁଶ, ବେତ ଏବଂ ଅନ୍ୟାନ୍ୟ ଗଛର ସରୁ କାଠି ବ୍ୟବହାର କରି ଝୁଡ଼ି, ପାଛିଆ ଆଦି ଘରକରଣା ଜିନିଷ ବୁଣିବା ତା'ର ସଉକ ଥିଲା ।

ଗୃହନିର୍ମାଣ

ପୁରାତନ ଏବଂ ମଧ୍ୟ-ପ୍ରସ୍ତର ଯୁଗରେ ମଣିଷ ଗୁମ୍ଫା, ଗଛ କୋରଡ଼ ଆଦିରେ ସାମୟିକ ଭାବରେ ରହୁଥିଲା । ନୂତନ ପ୍ରସ୍ତର ଯୁଗରେ ସେ କିନ୍ତୁ ଯାଯାବର ଜୀବନ ପରିତ୍ୟାଗ କରି ସ୍ଥାୟୀଭାବରେ ବସବାସ କରିବା ପାଇଁ ଘର ତିଆରି କରିବା ଆରମ୍ଭ କରିଦେଇଥିଲା । ଏହି ସମୟକାଳରେ ଲୋକେ ଦଳ ଦଳ ହୋଇ କିମ୍ବା ସାମ୍ପ୍ରଦାୟିକ ଭିତ୍ତିରେ ବିଭିନ୍ନ ଉପଯୁକ୍ତ ସ୍ଥାନରେ ଘର ତିଆରି କରୁଥିଲେ । ଏକତ୍ର ଅନେକ ଘର ତିଆରି ହେବାଦ୍ୱାରା ଗ୍ରାମ୍ୟ ତଥା ସାମାଜିକ ଜୀବନର ମଧ୍ୟ ଅୟମାରମ୍ଭ ହୋଇଥିଲା । ସେମାନେ ବିଭିନ୍ନ ଉପାଦାନ ଯଥା- କାଦୁଅ, ମାଟି, ବାଉଁଶ, କାଠ, ପତ୍ର ଏବଂ ଇଟା ସାହାଯ୍ୟରେ ଗୃହ ନିର୍ମାଣ କରୁଥିଲେ । ଘର ସହିତ ଆହୁରି ମଧ୍ୟ ମାଟି ଓ ଇଟା ବ୍ୟବହାର କରି ଶସ୍ୟାଗାର

ନିର୍ମାଣ କରୁଥିଲେ । ଘରକୁ ମାଟିକାନ୍ଥ କିମ୍ବା ଗଛକୁ କାନ୍ଥପରି ବ୍ୟବହାର କରି ବଖରାଗୁଡ଼ିକରେ ବିଭକ୍ତ କରାଯାଉଥିଲା । ପତ୍ର କିମ୍ବା କାଠ ସହିତ ମାଟିର ବ୍ୟବହାର କରି ଛାତ ନିର୍ମାଣ କରୁଥିଲେ । କାନ୍ଥକୁ ଚୂନ ଦ୍ୱାରା ପଲସ୍ତରା କରାଯାଉଥିଲା । ତଳର ଚଟାଣକୁ ମାଟି ଲିପି ଅଥବା ବାଲିଗରଡ଼ା ଦେଇ ସମତୁଲ କରାଯାଉଥିଲା । ଗୋଷ୍ଠୀଗତ ଜୀବନ ଆରମ୍ଭ କରିବା ପରେ ଗୋଟିଏ ଗୋଷ୍ଠୀ ରହୁଥିବା ସ୍ଥାନକୁ ପରବର୍ତ୍ତୀ ସମୟରେ ଗ୍ରାମ କୁହାଗଲା । ଗ୍ରାମର ସୀମା ଚାରିକଡ଼େ ସୁରକ୍ଷା ପାଇଁ ସେମାନେ ମାଟିର ସୁଉଚ୍ଚ କାନ୍ଥ ନିର୍ମାଣ କରୁଥିଲେ । ଏହିସବୁ ନିର୍ମାଣ ପରବର୍ତ୍ତୀ ଯୁଗର ସ୍ଥାପତ୍ୟ ବିଦ୍ୟାର ପ୍ରାକ୍-ସ୍ୱରୂପ ଥିଲା ।

ଗୋଷ୍ଠୀଗତ ଜୀବନ

ନୂତନ ପ୍ରସ୍ତର ଯୁଗରେ ମଣିଷ ସ୍ଥାୟୀ ଏବଂ ଦଳବଦ୍ଧ ଭାବରେ ବସବାସ କରିବା ଦ୍ୱାରା ଗୋଷ୍ଠୀଗତ ଜୀବନର ଆରମ୍ଭ ହୋଇଥିଲା । ଯେତେବେଳେ ଗୋଟିଏ ସମ୍ପ୍ରଦାୟର ଦଳେ ଲୋକ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଘରକରି ଏକତ୍ର ବସବାସ କଲେ ପୃଥିବୀପୃଷ୍ଠରେ ଗ୍ରାମର ଉଦ୍ଭବ ହୋଇଥିଲା । ଗ୍ରାମରେ ପାରିବାରିକ ଜୀବନର ଆରମ୍ଭ, ଗୋଷ୍ଠୀଗତ ଜୀବନର ବିଚାରକୁ ଜନ୍ମ ଦେଇଥିଲା । ଗୋଷ୍ଠୀଗତ ଜୀବନ ଅନ୍ୟାନ୍ୟ ଗ୍ରାମ୍ୟ ଅନୁଷ୍ଠାନ ଓ ସଂସ୍ଥା ଗଠନ ଆଡ଼କୁ ବାଟ କଢେଇ ନେଇଥିଲା; ଫଳସ୍ୱରୂପ ଗଠନ କରାଯାଇଥିଲା ଗ୍ରାମପଞ୍ଚାୟତ । ଗ୍ରାମପଞ୍ଚାୟତଗୁଡ଼ିକ ଗ୍ରାମର ସୁରକ୍ଷା, ପରିମଳ ବ୍ୟବସ୍ଥା, ପାଣି ଯୋଗାଣ ଓ କୃଷି ଆଦିର ଦାୟିତ୍ୱ ନେଉଥିଲେ । ଆହୁରି ମଧ୍ୟ ଗୋଷ୍ଠୀଗତ ଜୀବନ ଫଳରେ ନାଗରିକମାନଙ୍କ ମଧ୍ୟରେ ଶ୍ରମ ବିଭାଜନ ହୋଇ ଭିନ୍ନ ଭିନ୍ନ କାମକୁ ଭିନ୍ନ ଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ଆବଣ୍ଟନ କରାଯାଉଥିଲା । ଏହାଫଳରେ ପରିବାର ଭିତରେ ତଥା ସଂପ୍ରଦାୟ ମଧ୍ୟରେ ସହାୟତା ବୃଦ୍ଧି ପାଇଥିଲା ଏବଂ ସେମାନେ ଗ୍ରାମର ଉନ୍ନତି ଓ ସୁରକ୍ଷା ପାଇଁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଥିଲେ ।

ଧର୍ମବିଶ୍ୱାସ

ନୂତନ ପ୍ରସ୍ତର ଯୁଗର ମଣିଷ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ଅଗ୍ନି, ଜଳ; ନକ୍ଷତ୍ର ଆଦି ପ୍ରକୃତିର ବିଭିନ୍ନ ସ୍ୱରୂପଙ୍କ ଶକ୍ତିକୁ ଅନୁଭବ ସାରିଥିଲା, ଅଙ୍ଗେ ନିଭାଇ ସାରିଥିଲା । ବନ୍ୟା ଓ ବାତ୍ୟାର ବିଭୀଷିକା, ବିଜୁଳି ମାରିବା, ବଣରେ ନିଆଁ ଲାଗିବା ଆଦି ପ୍ରାକୃତିକ କ୍ରିୟା ପ୍ରତି ସେ ଏତେବେଶି ଭୟ ବିହ୍ୱଳିତ ହୋଇଯାଇଥିଲା ଯେ, କାତର ହୋଇ ବିନମ୍ରତାର ସହିତ ସେଗୁଡ଼ିକଙ୍କ ଠାରେ ଜୀବନ ଭିକ୍ଷା କରିଥିଲା । ଭୟରୁ ହୁଏ ଭକ୍ତିର ଜନ୍ମ । ଏହା ଚିରନ୍ତନ ସତ୍ୟ ଅଟେ । ପୁରାତନ ପ୍ରସ୍ତର ଯୁଗରୁ ପ୍ରକୃତିର ଭୟଙ୍କର ସ୍ୱରୂପ ପ୍ରତି ଭୀତତ୍ରସ୍ତ ମଣିଷ ପ୍ରକୃତିର ପ୍ରତ୍ୟେକ ସ୍ୱରୂପଙ୍କୁ, "ଯାହାକୁ ତାହା" ରୂପରେ ଅର୍ଥାତ୍ ଜଳକୁ ଜଳ ରୂପରେ, ବାୟୁକୁ ବାୟୁ ରୂପରେ ସୁରକ୍ଷା ପାଇଁ ପ୍ରାର୍ଥନା କରିବା ଆରମ୍ଭ କରିଦେଇଥିଲା । ନୂତନ ପ୍ରସ୍ତର ଯୁଗର ଶେଷ ପର୍ଯ୍ୟାୟ ଆରମ୍ଭ ହେବାପର୍ଯ୍ୟନ୍ତ ମଣିଷ ପୂଜା କ'ଣ ଓ କିପରି କରାଯାଏ ଜାଣି ନଥିଲା । ନୂତନ ପ୍ରସ୍ତର ଯୁଗର ଅନ୍ତିମ ପର୍ଯ୍ୟାୟ ବେଳକୁ ପୂଜା କରିବା ଶିଖିବା ପରେ ମଣିଷ ପ୍ରକୃତିର ଏହି ଭୟଙ୍କର ସ୍ୱରୂପଗୁଡ଼ିକର ପ୍ରକୋପରୁ ରକ୍ଷା ପାଇବା ପାଇଁ ପୂଜା କରିବା ଆରମ୍ଭ କରିଦେଇଥିଲା । ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କାଳକ୍ରମେ ଅନେକ ପ୍ରକାରର ପରମ୍ପରା, ରୀତିନୀତି ପଦ୍ଧତି ଆଦି ଜନ୍ମ ନେଇଥିଲା । ପ୍ରକୃତିର ଅନେକ ସ୍ୱରୂପର ମୂର୍ତ୍ତି ମଧ୍ୟ ଗଠନ କରାଯାଇଥିଲା । କେତେକ ସଭ୍ୟତା ସ୍ଥଳରୁ ପ୍ରତ୍ନତାତ୍ତ୍ୱିକମାନେ ମୃତ୍ତିକା ନିର୍ମିତ ପୃଥ୍ୱୀମାତାଙ୍କର କ୍ଷୁଦ୍ର ମୂର୍ତ୍ତିଗୁଡ଼ିକ ଆବିଷ୍କାର କରିଛନ୍ତି । ଏହା ସୂଚିତ କରେ ଯେ, ଭଲ ଫସଲ ଅମଳ ଏବଂ ସୁରକ୍ଷା ପାଇଁ ପୃଥ୍ୱୀମାତାଙ୍କ ପୂଜା କରୁଥିଲେ । ଏହି ଦେବୀପୂଜା ଥିଲା ପ୍ରକାରାନ୍ତରେ ନାରୀଶକ୍ତିର ଉପାସନା । ଆହୁରି ମଧ୍ୟ ପ୍ରତ୍ନତାତ୍ତ୍ୱିକମାନେ ଏକ ସୂର୍ଯ୍ୟ ମନ୍ଦିର ଆବିଷ୍କାର କରିଛନ୍ତି । ଏହା ତଦାନୀନ୍ତନ ସମୟରେ ସୂର୍ଯ୍ୟ ପୂଜା ପ୍ରଚଳିତ ଥିବାର ସୂଚନା ଦିଏ । ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପଶୁବଳି ଏପରିକି କେତେକ ସ୍ଥଳରେ ନରବଳି ମଧ୍ୟ ଦିଆଯାଉଥିବାର

ସୂଚନା ଉପଲବ୍ଧ ହୋଇଛି । ପ୍ରକୃତିର ମହାନ୍ ଶକ୍ତି ଉପାସନା ବ୍ୟତିରେକେ ଲୋକେ ପଶୁ, ପକ୍ଷୀ, ବୃକ୍ଷ ଓ ପ୍ରସ୍ତରକୁ ମଧ୍ୟ ପୂଜା କରୁଥିଲେ । ସେମାନେ ପ୍ରେତାତ୍ମାରେ ବିଶ୍ୱାସ କରୁଥିଲେ ତଥା ବିଶେଷ ଭୟ କରୁଥିଲେ; ଫଳସ୍ୱରୂପ ଅନେକ ପ୍ରକାରର ଅନ୍ଧବିଶ୍ୱାସ ସମାଜରେ ବିକାଶଲାଭ କରିଥିଲା ।

ଅନେକ ସ୍ଥାନର କବର ଭିତରୁ ମଣିଷ କଙ୍କାଳ ଆବିଷ୍କୃତ ହୋଇଛି । ଏହା ସୂଚନା ଦିଏ ଯେ, ନୂତନ ପ୍ରସ୍ତର ଯୁଗର ଲୋକେ ମୃତବ୍ୟକ୍ତିର ଶବକୁ ଗାତ ଖୋଳି ପୋତି ଦେଉଥିଲେ । ମୃତବ୍ୟକ୍ତି ସହିତ ପୋଷାକକୁ, ବ୍ୟବହାର କରାଯାଉଥିବା ମାଟିପାତ୍ର, ଆଭୂଷଣ ଆଦି ମଧ୍ୟ ପୋତି ଦେଉଥିଲେ । ଏହା ତଦାନୀନ୍ତନ ମଣିଷ ପୂର୍ବଜନ୍ମରେ ଏବଂ ଆତ୍ମା ଅଜର ଅମର ବୋଲି ବିଶ୍ୱାସ କରୁଥିବାର ନିଛକ ପ୍ରମାଣ ପ୍ରଦାନ କରେ । ଆହୁରି ସେମାନେ ବିଶ୍ୱାସ କରୁଥିଲେ ଯେ, ମରିବା ପରେ ମଧ୍ୟ ମଣିଷ ଜୀବିତାବସ୍ଥାରେ ବ୍ୟବହାର କରୁଥିବା ସମସ୍ତ ଜିନିଷର ବ୍ୟବହାର କରେ । ତେଣୁକରି ସେମାନେ ଶବ ନିକଟରେ କବର ଭିତରେ ତା'ର ନିତ୍ୟ ବ୍ୟବହାର୍ଯ୍ୟ ସମସ୍ତ ଜିନିଷ ଏବଂ ଖାଦ୍ୟଦ୍ରବ୍ୟ ରଖି ପୋତି ଦେଉଥିଲେ । ସେମାନେ ଭାବୁଥିଲେ ଯେ, ମରିଯିବା ପରେ ମଧ୍ୟ ଶବଟି କିଛି ଦିନ ପରେ ଜୀବନ୍ତ ହୋଇ ଉଠିବ ଏବଂ ଶବ ପାଖରେ ରଖାଯାଇଥିବା ଜିନିଷକୁ ବ୍ୟବହାର କରିବ ତଥା ଖାଦ୍ୟକୁ ଖାଇବ । ଏହିପରି ଭାବରେ ଅନେକଗୁଡ଼ିଏ ଧାର୍ମିକ ପ୍ରଥା ଓ ରୀତିନୀତି ସମାଜରେ ପ୍ରଚଳିତ ଥିଲା ତଥା ସମୟକ୍ରମେ ସେଗୁଡ଼ିକର ସଂଖ୍ୟା ବଢ଼ି ଚାଲିଥିଲା ।

ଖାଦ୍ୟ ଓ ପୋଷାକ

ପୁରାତନ ଏବଂ ମଧ୍ୟ-ପ୍ରସ୍ତର ଯୁଗର ମଣିଷମାନେ କଞ୍ଚାମାଂସ ଓ ଫଳମୂଳ ଖାଉଥିଲେ । ନୂତନ ପ୍ରସ୍ତର ଯୁଗର ମଣିଷମାନେ ଚାଷ କରିବା ଏବଂ ଶସ୍ୟ ଉତ୍ପାଦନ କରିବା ଶିଖିଯାଇଥିଲେ । ଅମଳ ପରେ ଶସ୍ୟକୁ ଚୂର୍ଣ୍ଣକରି (କୁଟି) ସିଝେଇ ଅଥବା ରାନ୍ଧିକରି ଖାଉଥିଲେ । ସେମାନେ ଧାନ, ଗହମ, ଫଳ, ପରିବା, ମାଛ, ମାଂସ ଆଦିକୁ ଉପଯୁକ୍ତ ପ୍ରକାରେ ରାନ୍ଧିକରି ଖାଉଥିଲେ । ଏହିପରି ଭାବରେ ଉପଯୁକ୍ତ ଖାଦ୍ୟ ଓ ଖାଇବା ଅଭ୍ୟାସ ବିକଶିତ ହୋଇଥିଲା, ଯାହାକି ଭବିଷ୍ୟତରେ ମାନବ ସଭ୍ୟତାର ଉନ୍ନତି ଏବଂ ଅଗ୍ରଗତି ପାଇଁ ବିଶେଷ ମହତ୍ତ୍ୱପୂର୍ଣ୍ଣ ଥିଲା ।

ପୁରାତନ ଏବଂ ମଧ୍ୟ-ପ୍ରସ୍ତର ଯୁଗର ଲୋକେ ଉଲଗ୍ନ ରହୁଥିଲେ ଅଥବା ସମୟ ସମୟରେ ପଶୁ ଚମଡ଼ା, ଗଛର ଛେଲି କିମ୍ବା ପତ୍ରରେ ଦେହକୁ ଘୋଡ଼ାଇ ରଖୁଥିଲେ । ନୂତନ ପ୍ରସ୍ତର ଯୁଗରେ ମଣିଷ କାର୍ପାସ ଚାଷ ଓ ଉତ୍ପନ୍ନ କରିବା ଆରମ୍ଭ କରିଥିଲା । କପାରୁ ତୁଳା, ତୁଳାରୁ ସୂତା କାଟି ଲୁଗା ବୁଣୁଥିଲା ଏବଂ ପରିଧାନ କରୁଥିଲା । ସେମାନେ ପଶମ ବସ୍ତ୍ର ତିଆରି କରି ମଧ୍ୟ ପରିଧାନ କରୁଥିଲେ, ଯାହାକି ଭବିଷ୍ୟତରେ ଏକ ସଭ୍ୟ ଓ ଉନ୍ନତ ସମାଜ ଗଠନରେ ସହାୟକ ହୋଇଥିଲା ।

ଏହିପରି ଭାବରେ ଦେଖିଲେ କୁମ୍ଭାରଚକର ଉଦ୍ଭାବନ ମାନବ ସଭ୍ୟତାକୁ ଏକ ନୂତନ ଦିଗ୍‌ଦର୍ଶନ ଏବଂ ସମୃଦ୍ଧି ପ୍ରଦାନ କରିଥିଲା । ଚକର ଉଦ୍ଭାବନ ଫଳରେ ମାଟିପାତ୍ର ନିର୍ମାଣ କରାଯାଇପାରିଲା । ପୁନଶ୍ଚ ଚକଲଗା ଶଗଡ଼ଗାଡ଼ିର ନିର୍ମାଣ ହେବା ଫଳରେ ଗମନାଗମନ ଏବଂ ମାଲ୍ ପରିବହନରେ ଅଶେଷ ସୁବିଧା ହୋଇପାରିଥିଲା । ସର୍ବୋପରି ତୁଳାରୁ ସୂତା କାଟିବାରେ ଚକ ବିଶେଷ ମହତ୍ତ୍ୱ ରଖେ । ଚକଲଗା ସୂତାକଟା ଯନ୍ତ୍ର ଯୋଗୁଁ ହିଁ ମାନବ ପାଖକୁ ବାସ୍ତବ ସଭ୍ୟତା ଆସିପାରିଥିଲା । ବସ୍ତ୍ର ତିଆରି କରି ସେ ଲଜ୍ଜା ନିବାରଣ କରିପାରିଥିଲା । ଏହିପରି ଭାବରେ ଦେଖିଲେ ଚକର ଉଦ୍ଭାବନ ହିଁ ମାନବ ସଭ୍ୟତାର ମାନଦଣ୍ଡ ଏବଂ ସଭ୍ୟତାକୁ ଉନ୍ନତିର ଚରମ ସୀମା ଆଡ଼କୁ ଆଗେଇ ନେବାର ସର୍ବୋତ୍କୃଷ୍ଟ ଅବଲମ୍ବନ ଅଟେ ।

ତାମ୍ର ଯୁଗର ସଭ୍ୟତା

ଖ୍ରୀ.ପୂ. ଦ୍ୱିତୀୟ ଏବଂ ପ୍ରଥମ ଶତାବ୍ଦୀର ପ୍ରାରମ୍ଭିକ କାଳ ମଧ୍ୟରେ ଭାରତର ବିଭିନ୍ନ ଅଞ୍ଚଳକୁ ସାଂସ୍କୃତିକ ପ୍ରଣାଳୀ ବୈଶିଷ୍ଟ୍ୟ ବାବଦରେ ଅନେକ କାରଣରୁ ଜାଣିବା ଆବଶ୍ୟକ । କାରଣ, ସେହି ସମୟରେ ଏହି ଉପମହାଦେଶର ଅନେକ ଅଞ୍ଚଳରେ ମୂଳପିଣ୍ଡ ରୂପରେ କୃଷିଭିତ୍ତିକ ଗ୍ରାମ୍ୟ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା । ଗ୍ରାମମାନଙ୍କ ସହିତ ସେଗୁଡ଼ିକର ଗ୍ରାମ୍ୟ ସଭ୍ୟତା, ଗ୍ରାମୀଣ ଜନତା ଏବଂ କୃଷି ଉତ୍ପାଦନ ଯୁଗେ ଯୁଗେ ଭାରତୀୟ ସଭ୍ୟତାର ମେରୁଦଣ୍ଡ ହୋଇ ରହିଆସିଛି । ଅଳ୍ପ କେତେକ ଅଞ୍ଚଳକୁ ଛାଡ଼ିଦେଲେ ଏହି ସମୟର ଅନ୍ୟାନ୍ୟ କ୍ଷୁଦ୍ର ଜନବସତିଗୁଡ଼ିକ, ଯାହାକି କ୍ଷୁଦ୍ର କ୍ଷୁଦ୍ର ଅଞ୍ଚଳର ଚାଷ ଉପରେ ଆଧାରିତ ଥିଲା । ସେଗୁଡ଼ିକ ପରବର୍ତ୍ତୀ ସମୟର ନିୟମିତ ଗ୍ରାମ୍ୟ ଜନବସତିରେ ପରିବର୍ତ୍ତିତ ହୋଇଯାଇଥିଲା । ଉଦାହରଣ ସ୍ୱରୂପ, ଉପର ଗାଙ୍ଗେୟ ଉପତ୍ୟକାର ଚିତ୍ରିତ ଧୂସର ପଣ୍ୟଦ୍ରବ୍ୟ ସଂସ୍କୃତି ଏବଂ ଭାରତୀୟ ଉପଦ୍ୱୀପର ମହାଶ୍ମ ସଭ୍ୟତାର ନିର୍ମାତାମାନଙ୍କୁ ନିଆଯାଇପାରେ । ପ୍ରାଥମିକ ପର୍ଯ୍ୟାୟରେ ଏହି କ୍ଷୁଦ୍ର ଚାଷ ଅଞ୍ଚଳର ସଂସ୍କୃତି ତାମ୍ର ସଂସ୍କୃତି ଥିଲା; ହେଲେ ପ୍ରଥମ ସହସ୍ରାବ୍ଦ ଖ୍ରୀଷ୍ଟପୂର୍ବ କାଳକୁ ଲୁହାର ବ୍ୟବହାର ବିଭିନ୍ନ ସଂସ୍କୃତିର ଲୋକେ ଜାଣି ସାରିଥିଲେ । ବିଭିନ୍ନ ସଭ୍ୟତା ଉପରେ ଏହି ଧାତୁଗୁଡ଼ିକର ପ୍ରଭାବକୁ ଆଜିପର୍ଯ୍ୟନ୍ତ ମଧ୍ୟ ଯଥାଯଥ ଭାବରେ ଆକଳନ କରାଯାଇପାରିନାହିଁ; କିନ୍ତୁ ଗ୍ରାମ୍ୟ ଜୀବନର ସମସ୍ତ ମହତ୍ତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ବାବଦରେ ଏତିକି କୁହାଯାଇପାରେ ଯେ, କୃଷିକାର୍ଯ୍ୟ ତଥା ଜଳସେଚନ ପଦ୍ଧତି, ମୁଖ୍ୟ ଶସ୍ୟଗୁଡ଼ିକର ଉତ୍ପାଦନ ପ୍ରଣାଳୀ, ଏପରିକି ଆଜିକାଲି ଉତ୍ପାଦିତ ହେଉଥିବା ଶସ୍ୟର ପ୍ରଣାଳୀ, ପଶୁପାଳନ ଆଦି କେତେକ ପରିମାଣରେ ରହିଥିଲା । ପୁନଶ୍ଚ, ଏଗୁଡ଼ିକ ଖ୍ରୀ.ପୂ. ଦ୍ୱିତୀୟ ଏବଂ ପ୍ରଥମ ଶତାବ୍ଦୀର ପ୍ରାରମ୍ଭିକ କାଳ ମଧ୍ୟରେ ଏହି ଉପମହାଦେଶର ଆଞ୍ଚଳିକ ସଂସ୍କୃତିରେ ପରିଣତ ହୋଇଯାଇଥିଲା । ଏହି ସୁଦୂରପ୍ରସାରୀ ସାଂସ୍କୃତିକ ପ୍ରଣାଳୀ ଅନ୍ୟାନ୍ୟ ସାଂସ୍କୃତିକ ପ୍ରଣାଳୀ ସହିତ ଏକାସାଥୀରେ ରହିଥିଲା; ଯଥା- ଗ୍ରାମ୍ୟ ଜୀବନ ଅଥବା ପଶୁପାଳନ । ଆହୁରି ମଧ୍ୟ ମନେରଖିବା ଉଚିତ ଯେ, କୃଷିକାରକ ସମ୍ପ୍ରଦାୟର ଅଭ୍ୟୁଦୟ ସତ୍ତ୍ୱେ ମଧ୍ୟ ଶିକାର କରିବା ଏବଂ ଖାଦ୍ୟ ସଂଗ୍ରହ କରିବା ଜୀବନରେ ଏକ ଧାରା ରୂପରେ ରହିଆସିଥିଲା ।

ଭାରତୀୟ ଉପମହାଦେଶରେ ଖ୍ରୀ.ପୂ. ଦ୍ୱିତୀୟ ଶହସ୍ରାବ୍ଦ ସୁଦ୍ଧା ଅନେକଗୁଡ଼ିଏ ଆଞ୍ଚଳିକ ସଭ୍ୟତା ପ୍ରସାର ଲାଭ କରିପାରିଥିଲା । ସେଗୁଡ଼ିକ ସହରୀ ନଥିଲା, ହରପ୍ପା ସମ୍ବନ୍ଧୀୟ ନଥିଲା ଏବଂ ପ୍ରସ୍ତର ଓ ତାମ୍ର ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ପରିଚିତ ଥିଲା । ତେଣୁ ଏହି ସଭ୍ୟତାକୁ ତାମ୍ର ସଭ୍ୟତା ରୂପରେ ଆଖ୍ୟାୟିତ କରାଯାଇଥାଏ ।

ତାମ୍ର ସଂସ୍କୃତି ସେଗୁଡ଼ିକର ଭୌଗୋଳିକ ପରିସ୍ଥିତିକୁ ନେଇ ପରିଚିତ ହୋଇଥାଏ । ଯଥା ଆମେ

- ରାଜସ୍ଥାନର ବାଣ ସଂସ୍କୃତି (ବାଣ ଅବବାହିକାରେ ଅବସ୍ଥିତ) ।
- କାୟସ୍ଥ ସଂସ୍କୃତି (ଚମ୍ବଲ ନଦୀର ସଂଗମ ସ୍ଥଳରେ କାଳସିନ୍ଧୁ ନଦୀ କୂଳରେ ଅବସ୍ଥିତ ଏକ ପ୍ରକାର କାୟଥ ଅଞ୍ଚଳ) ଏବଂ କେନ୍ଦ୍ର ଭାରତର ଅନ୍ୟାନ୍ୟ ଅଞ୍ଚଳ (ନର୍ମଦା, ତାପ୍ତି ଏବଂ ମାହି ଉପତ୍ୟକା) ମଧ୍ୟ ଏହାର ପ୍ରତିନିଧିତ୍ୱ କରେ ।
- ମାଳବ ସଭ୍ୟତା (ମାଳବ ଏବଂ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଅନ୍ୟାନ୍ୟ ଅଞ୍ଚଳକୁ ପ୍ରସାରିତ) ।
- ଜୋରୱେ ସଭ୍ୟତା (ମହାରାଷ୍ଟ୍ର) ।

ଯେହେତୁ ଏହି ପ୍ରକାରର ସ୍ଥାନଗୁଡ଼ିକ ଖୋଦନ କରାଯାଇଛି, ତେଣୁ ଆମେ ସେଗୁଡ଼ିକ ବାବଦରେ ଏକ ପ୍ରାଞ୍ଜଳ ବିଚାର ସୃଷ୍ଟି କରିପାରିଛୁ; ଯଥା–

- ଅବସ୍ଥିତିର ପ୍ରକାରଭେଦ,
- ଅର୍ଥନୀତିର ପ୍ରକାରଭେଦ,

- ଶବସଂସ୍କାର ସମ୍ବନ୍ଧୀୟ ପ୍ରଥା ଏବଂ
- ଧାର୍ମିକ ବିଶ୍ୱାସ ।

ଏଥି ସହିତ ଏହି ପର୍ଯ୍ୟାୟର ସାଂସ୍କୃତିକ ଏବଂ ଧାତବ ସଂସ୍କୃତି, ଯାହାକି ଉତ୍ତରପ୍ରଦେଶ, ହରିୟାନା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ କର୍ଣ୍ଣାଟକ ଆଦିର କେତେକ ଖୋଦିତ ସ୍ଥାନରେ ଦେଖାଯାଏ, ସେହିସବୁ ସ୍ଥାନରେ ତମ୍ବା / ବ୍ରୋଞ୍ଜ ଥିବାର ସନ୍ଧାନ ମିଳିଛି । ଏହିଗୁଡ଼ିକ ଯେହେତୁ ଗୁପ୍ତ ଜମା ଭଣ୍ଡାରରେ ମିଳିଛି (ପ୍ରାୟ ଏକ ହଜାର ବସ୍ତୁ ଏକତ୍ର, ଯାହାକି ଆଗରୁ ବର୍ଣ୍ଣିତ ପ୍ରାୟ ୮୫ଟି ସ୍ଥାନ) ଏହି ସ୍ଥାନଗୁଡ଼ିକ ପ୍ରାୟତଃ ସ୍ୱତନ୍ତ୍ର ତାମ୍ର ଭଣ୍ଡାର ସଭ୍ୟତାର ପ୍ରତିନିଧିତ୍ୱ କରେ । ସାଇପାଇ (ଇଟାୱା ଜିଲ୍ଲା) ଏବଂ ଉତ୍ତର ପ୍ରଦେଶର ଏକ ସ୍ଥାନରେ ଗୋଟିଏ ମାଟିପାତ୍ର (Ochre coloured pottery – OCP) ସହିତ ଏକ ତାମ୍ର ବର୍ଚ୍ଛା ମିଳିଛି । ଯଦିଓ ତାମ୍ର ଭଣ୍ଡାର ଗୈରିକ ପାତ୍ର ସଂସ୍କୃତି ଅଞ୍ଚଳରେ (ଓ.ସି.ପି.) ମିଳିଛି; ହେଲେ ମଧ୍ୟ ତାମ୍ରବସ୍ତୁଗୁଡ଼ିକ ସିଧାସଳଖ ଭାବରେ ଗୈରିକ ମାଟିପାତ୍ର ସହିତ ମିଶିକରି ମିଳେନାହିଁ । ଯେହେତୁ ଗଙ୍ଗା, ଯମୁନା ଓ ଦୋଆବ ଅଞ୍ଚଳରେ ଶତାଧିକ ସ୍ଥାନରେ ମାଟିପାତ୍ରରେ ଏହି ଚରିତ୍ର ରହିଛି, ତେଣୁ ଏହି ସ୍ଥାନଗୁଡ଼ିକୁ ଗୈରିକ ପାତ୍ର ସଂସ୍କୃତିର ଅନ୍ତର୍ଭୁକ୍ତ ବୋଲି ବର୍ଣ୍ଣନା କରାଯାଇଛି । ଏହି ଗୈରିକ ମାଟିପାତ୍ର ସଭ୍ୟତାର ସ୍ଥାନ ପରବର୍ତ୍ତୀ ସମୟରେ ଗ୍ରହଣ କରିଥିଲା କୃଷ୍ଣ ଏବଂ ଲୋହିତ ମାଟିପାତ୍ର ସଭ୍ୟତା (B.R.W) ଏବଂ ଚିତ୍ରିତ ଧୂସର ମାଟିପାତ୍ର ସଭ୍ୟତା (P.G.W), ଯାହା ନିରୂପିତ ମାଟିପାତ୍ର ସଭ୍ୟତାଠାରୁ ପୃଥକ୍ ଥିଲା । ଉତ୍ତର ଭାରତରେ ହରିୟାଣା ଏବଂ ଉପର ଗାଙ୍ଗେୟ ଉପତ୍ୟକାରେ ଏକ ପୃଥକ୍ ଏବଂ ଏକତ୍ରିତ ଚିତ୍ରିତ ଧୂସର ମାଟିପାତ୍ର ସଂସ୍କୃତି ରହିଥିଲା, ଯାହା ମଧ୍ୟରୁ ୩୦ ଗୋଟି ଖୋଦନ କରାଯାଇସାରିଛି । ଏହି ଚିତ୍ରିତ ଧୂସର ମାଟିପାତ୍ର ସଭ୍ୟତାରେ ଲୁହାର ବ୍ୟବହାର ରହିଥିଲା, ତଥା ତା'ପରବର୍ତ୍ତୀ ପର୍ଯ୍ୟାୟରେ, ଯାହାକି ଉତ୍ତର ମସୃଣ କଳା ମାଟିପାତ୍ର ସଭ୍ୟତା ରୂପରେ ଜ୍ଞାନ, ତହିଁରେ ଏଠାରେ ଲୁହାର ବ୍ୟବହାର ବହୁଳ ଭାବରେ କରାଯାଉଥିଲା । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରୁ ଆମେ ସହରୀକରଣର ଆରମ୍ଭ ବାବଦରେ ଜାଣୁ ।

> B.R.W. ସଭ୍ୟତା, N.B.P ସଭ୍ୟତା, P.G.W. ସଭ୍ୟତା ପରି ଶବ୍ଦଗୁଡ଼ିକୁ ସୁସ୍ପଷ୍ଟ କରିବା ଆବଶ୍ୟକତା ରହିଛି । ଏହି ସଭ୍ୟତାଗୁଡ଼ିକୁ ମାଟିପାତ୍ରର ପ୍ରକାରଭେଦ ଅନୁଯାୟୀ ପୃଥକୀକରଣ କରାଯାଇଛି ତଥା ବର୍ଣ୍ଣନା କରାଯାଇଛି କାହିଁକିନା, ସେହି ନିର୍ଦ୍ଦିଷ୍ଟ ପ୍ରକାରର ମାଟିପାତ୍ର ସେହି ସଭ୍ୟତାର ବୈଶିଷ୍ଟ୍ୟ ଥିଲା; ଯଦିଓ ସେହି ସଭ୍ୟତାର ଅନ୍ୟାନ୍ୟ ଅନେକ ଦିଗ ରହିଥିଲା । ଏହି ମାଟିପାତ୍ରର ପ୍ରକାର କେବଳ କୌଣସି ଏକ ନିର୍ଦ୍ଦିଷ୍ଟ ସଭ୍ୟତାକୁ ନାମ ଦେବାପାଇଁ ଏବଂ ଚିହ୍ନିତ କରିବା ପାଇଁ ବ୍ୟବହୃତ ହୋଇଛି । ଉଦାହରଣସ୍ୱରୂପ, ଯେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ କେବଳ ଚିହ୍ନିତ ଧୂସର ମାଟିପାତ୍ର ଦେଖାଯାଏ ସେ ସ୍ଥାନରେ ସଭ୍ୟତା (ସଂସ୍କୃତି)କୁ ଚିତ୍ରିତ ଧୂସର ମାଟିପାତ୍ର ସଂସ୍କୃତି ବୋଲି ବର୍ଣ୍ଣନା କରାଯାଏ (P.G.W. Culture) ।
>
> O.C.P. (Ochre coloured Pottery) : ଗୈରିକ ମାଟିପାତ୍ର ସଂସ୍କୃତି ।
>
> B.R.W. (Black and Red ware) : କୃଷ୍ଣ ଏବଂ ଲୋହିତ ମାଟିପାତ୍ର ସଂସ୍କୃତି ।
>
> P.G.W. (Painted Grey Ware) : ଚିତ୍ରିତ ଧୂସର ମାଟିପାତ୍ର ସଂସ୍କୃତି ।
>
> N.B.P.W. (Northern Black Polished Ware) : ଉତ୍ତରାଞ୍ଚଳ ମସୃଣ କଳା ମାଟିପାତ୍ର ସଂସ୍କୃତି ।

ହରପ୍ପା ସଂସ୍କୃତିର ଧ୍ୱଂସ ହେବାପରେ ସାଂସ୍କୃତିକ ଉନ୍ନତି ବାବଦରେ ବୁଝିବା ପାଇଁ ଆମେ ନିଶ୍ଚିତ ରୂପରେ ଉତ୍ତର ଭାରତରୁ ଆରମ୍ଭ କରିବା- ବିଶେଷତଃ ଗଙ୍ଗା, ଯମୁନା, ଦୋଆବ ଅଞ୍ଚଳରୁ ।

ଗୈରିକ ମାଟିପାତ୍ର ସଂସ୍କୃତି

ଉତ୍ତର ପ୍ରଦେଶର ବିଶାଉଲି (ବାଦାଉନ୍ ଜିଲ୍ଲା) ଏବଂ ରାଜପୁର ପରଶୁ (ବିଜ୍‌ନୋର୍ ଜିଲ୍ଲା)ରେ ୧୯୫୦ ମସିହାରେ ନମୁନା ସ୍ୱରୂପ ଖନନ କରି ଏକ ନୂତନ ପ୍ରକାରର ମାଟିପାତ୍ର ଆବିଷ୍କାର କରାଯାଇଥିଲା । ଉଭୟ ଥିଲା ତାମ୍ର ଭଣ୍ଡାର ଅଞ୍ଚଳ । ଏହି ପାତ୍ରଗୁଡ଼ିକ ମଧ୍ୟମ ଧରଣର ଦାନାବିଶିଷ୍ଟ ମୃତ୍ତିକାରେ ନିର୍ମାଣ କରାଯାଇଥିଲା । ସେଗୁଡ଼ିକୁ ନିଆଁରେ ପୋଡ଼ାଯାଇଥିଲା ଏବଂ ଧୂସର ବର୍ଣ୍ଣ କରାଯାଇଥିଲା, ଯାହାକି କମଳା ରଙ୍ଗରୁ ନାଲି ରଙ୍ଗ ଆଡ଼କୁ ଗତି କରିଥିଲା । ତେଣୁକରି ଏହି ପ୍ରକାରର ମାଟିପାତ୍ରଯୁକ୍ତ ଏହି ସ୍ଥାନରୁ ଗୈରିକ ମାଟିପାତ୍ର ସଂସ୍କୃତିର (O.C.P Culture) ଅନ୍ତର୍ଭୁକ୍ତ ଥିଲା । ବର୍ତ୍ତମାନ ସୁଦ୍ଧା ସାହାରନପୁର ଜିଲ୍ଲାର ମାୟାପୁରଠାରୁ ଇଟାଓ୍ୱା ଜିଲ୍ଲାର ସାଇପାଇ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ଏହିପରି ଶତାଧିକ ସ୍ଥାନ ଆବିଷ୍କୃତ ହୋଇଛି ।

ଗୈରିକ ମାଟିପାତ୍ର ମିଳୁଥିବା ଅଞ୍ଚଳ (ଓ.ସି.ପି.) ଗୁଡ଼ିକ ପ୍ରାୟତଃ ନଦୀକୂଳଗୁଡ଼ିକରେ ଅବସ୍ଥିତ ଥିଲା । ଏହି ସ୍ଥାନଗୁଡ଼ିକ ଆକାରରେ କ୍ଷୁଦ୍ର ତଥା ଅଳ୍ପ ଉଚ୍ଚତାବିଶିଷ୍ଟ ପାହାଡ଼ ଏବଂ ମାଟିକୁଦ ସବୁ ରହିଥିଲା । ଏହି ସଭ୍ୟତାଗୁଡ଼ିକର ସ୍ଥାୟିତ୍ୱ ଅତ୍ୟଳ୍ପ ଥିଲା ବୋଲି ଏଥିରୁ ସୂଚନା ମିଳିଥାଏ । ଏହି ବସତିଗୁଡ଼ିକ ମଧ୍ୟରେ ଦୂରତା ୫ କି.ମି.ରୁ ୮ କି.ମି. ମଧ୍ୟରେ ଥିଲା । କେତେକ ଓ.ସି.ପି. ଅଞ୍ଚଳରେ ଖନନରୁ ପ୍ରମାଣ ମିଳେ ଯେ, ସେସବୁ ସ୍ଥାନମାନଙ୍କରେ ନିରବଚ୍ଛିନ୍ନ ଭାବରେ ଜନବସତି ରହିନଥିଲା । ଉଦାହରଣସ୍ୱରୂପ- ଆମ୍ବଖେରୀ, ବାହେରିଆ, ବାହାଦରାବାଦ, ଝିନ୍‌ଝାନା, ଲାଲକିଲ୍ଲା ଇତ୍ୟାଦି; ହସ୍ତିନାପୁର ଏବଂ ଅହିଛତ୍ରରେ ଓ.ସି.ପି. ସଭ୍ୟତା ଏବଂ ଚିତ୍ରିତ ମାଟିପାତ୍ର ସଭ୍ୟତା (ପି.ଜି.ଡବ୍ଲ୍ୟୁ) ମଧ୍ୟରେ ବୃତ୍ତିଗତ ପରିବର୍ତ୍ତନ ସଂଘଟିତ ହୋଇଥିଲା ହେଲେ ଆଟ୍ରାଞ୍ଜିଖେରର ଓ.ସି.ପି. ଜନବସତିର ଉତ୍ତରାଧିକାରୀ ଥିଲା କୃଷ୍ଣ ଏବଂ ଲୋହିତ ମାଟିପାତ୍ର ସଭ୍ୟତା (ବି.ଆର୍. ଡବ୍ଲ୍ୟୁ) ।

ଗୈରିକ ମାଟିପାତ୍ର ସଭ୍ୟତା (ଓ.ସି.ପି.)ର ଧ୍ୱଂସାବଶେଷ ବିଶେଷତଃ ମାଟିପାତ୍ର ହିଁ ଅଟେ । ଏଗୁଡ଼ିକ ହେଉଛି ମାଟି କଳସ ବେଲା, ତଳେ ଗୋଲକ ଲାଗିଥିବା ବେଲା, ସରୁବେକ ବୋତଲ ଅଥବା ସୁରାଇ, ବେଣ୍ଟଲଗା ପାତ୍ର, କ୍ଷୁଦ୍ର ପାତ୍ର ଅଥବା ତାଟିଆ, ଜଳ ନିର୍ଗତ ପାଇଁ ନଳୀଯୁକ୍ତ ଜଳପାତ୍ର ଇତ୍ୟାଦି । ଅନ୍ୟାନ୍ୟ ଜିନିଷଗୁଡ଼ିକ ମଧ୍ୟରେ ପୋଡ଼ାମାଟିର ଚୁଡ଼ି, ଗୋଟିମାଳି, ଇନ୍ଦ୍ରଗୋପମଣି, ପୋଡ଼ାମାଟି (Terracotta) ର କ୍ଷୁଦ୍ର ପଶୁ ମୂର୍ତ୍ତି, ମଧ୍ୟଭାଗରେ ଗୋଲମୁଠା ଯୁକ୍ତ ଶଗଡ଼ ଚକ, ପଥର ଚକି, ପଥରର ଶିଳ, ଶିଳପୁଆ, ମୁନିଆ ହାଡ ଇତ୍ୟାଦି ମିଳିଛି । ଗୋଟିଏ ତମ୍ବା ତେଣ୍ଟା (ବର୍ଚ୍ଛା) ସାଇପାଇର ଓ.ସି.ପି. ଅଞ୍ଚଳ ମଧ୍ୟରୁ ମିଳିଛି ।

ଗଠନ ପ୍ରଣାଳୀ ଉପରେ ବିଶେଷ ପ୍ରମାଣ ଉପଲବ୍ଧ ହୁଏ ନାହିଁ । ଲାଲକିଲାରେ ସଂରକ୍ଷିତ ପ୍ରମାଣଗୁଡ଼ିକ ଅତ୍ୟଳ୍ପ ମାତ୍ର ଅଟେ । ଏଥିରୁ ଜଣାଯାଏ ଯେ ଚଟାଣଗୁଡ଼ିକ ଧୂମୂଷକର ମାଟିରେ ନିର୍ମିତ ହୋଇଥିଲା, ସୌଧଗୁଡ଼ିକ ମଧ୍ୟରେ ଝାଟିମାଟି କୁଡ଼ିଆ ମଧ୍ୟ ରହିଥିଲା । ଏହା ମଧ୍ୟ କୁହାଯାଇଛି ଯେ, ପୋଡ଼ାଯାଇଥିବା କାଦୁଆମାଟିର ପଲସ୍ତରା ଏବଂ ଝଟା, ଛୋଟ ଛୋଟ କାଠ ତଥା ବାଉଁଶରେ କାଦୁଅ ଟେକା ଲେସିକରି ତିଆରି କରାଯାଉଥିଲା । ଏହାର ଛାପ ଲାଲକିଲ୍ଲାରେ ଦେଖିବାକୁ ମିଳିଥାଏ ।

ଆଟ୍ରାଞ୍ଜିଖେରା ଏବଂ ଏଥି ସମ୍ପର୍କିତ ସଂସ୍କୃତିରୁ ପ୍ରାପ୍ତ ପ୍ରତ୍ନତାତ୍ତ୍ୱିକ ଧ୍ୱଂସାବଶେଷ ସୂଚନା ଦିଏ ଯେ, ସେ ଅଞ୍ଚଳଗୁଡ଼ିକରେ ଧାନ, ବାର୍ଲି, ଚଣା, ମଟର, କେଶରୀ ଆଦି ଚାଷ କରାଯାଉଥିଲା । ମାଟିପାତ୍ରର ସାମଞ୍ଜସ୍ୟତାରୁ ଅନେକ ଐତିହାସିକ ବିଶ୍ୱାସ କରନ୍ତି ଯେ, ଓ.ସି.ପି. ହରପ୍ପା ମାଟିପାତ୍ର ଅଧଃପତନର ପ୍ରତିନିଧିତ୍ୱ କରେ ।

ଓ.ସି.ପି. ମାଟିପାତ୍ରର ତାପସଂଦୀପ୍ତି ଆଧାରରେ ପ୍ରାପ୍ତ ତାରିଖରୁ ଏହି ସଭ୍ୟତାକୁ ଖ୍ରୀ.ପୂ. ୨୦୦୦ରୁ ଖ୍ରୀ.ପୂ. ୧୫୦୦ ମଧ୍ୟରେ ନିର୍ଦ୍ଧାରଣ କରାଯାଏ ।

ତାମ୍ର ଭଣ୍ଡାର ସମସ୍ୟା

୧୮୨୨ ମସିହାରେ କାନପୁର ଜିଲ୍ଲାର ବିଠୁରଠାରେ ସର୍ବପ୍ରଥମେ ଏକ ତମ୍ବାଧାତୁ ନିର୍ମିତ ଜିନିଷ ଯଥା- ଏକ ତମ୍ବା ତେଣ୍ଟା ଆବିଷ୍କୃତ ହୋଇଥିଲା । ତା'ପରଠାରୁ ୮୫ଗୋଟି ସ୍ଥାନରେ ପ୍ରାୟ ଏକ ହଜାର ତମ୍ବାନିର୍ମିତ ଜିନିଷ ମିଳିସାରିଛି ।

ରାଜ୍ୟ ଅନୁଯାୟୀ ତାମ୍ର ଭଣ୍ଡାର ଗଚ୍ଛିତ ସ୍ଥାନ

ରାଜ୍ୟ	ସ୍ଥାନ ସଂଖ୍ୟା
ହରିଆଣା	୫
ରାଜସ୍ଥାନ	୬
ଉତ୍ତରପ୍ରଦେଶ	୩୩
ବିହାର	୧୯
ପଶ୍ଚିମବଙ୍ଗଳା	୬
ଓଡ଼ିଶା	୭
ମଧ୍ୟପ୍ରଦେଶ	୮
କର୍ଣ୍ଣାଟକ	୧

ଏହା ମଧ୍ୟ ସମ୍ଭବ ଯେ, ତାମ୍ର ଗଚ୍ଛିତ ଭଣ୍ଡାରଗୁଡ଼ିକ ଅନ୍ୟାନ୍ୟ ରାଜ୍ୟ ଯଥା- ଗୁଜୁରାଟ ଏବଂ ଆନ୍ଧ୍ରପ୍ରଦେଶରେ ମଧ୍ୟ ମିଳିଛି; କିନ୍ତୁ ଆମ ପାଖରେ ଯଥାଯଥ ବିବରଣୀ ପହଞ୍ଚି ପାରିନାହିଁ । ମଧ୍ୟପ୍ରଦେଶର ଗୁଙ୍ଗେରିଆ ବ୍ୟତୀତ ଯେଉଁଠାରେ କି ମାତ୍ର ଗୋଟିଏ ଭଣ୍ଡାରରେ ୪୨୪ ଗୋଟି ଜିନିଷ ଅଛି– ଅନ୍ୟାନ୍ୟ ଭଣ୍ଡାରଗୁଡ଼ିକରେ ୧ରୁ ୪୭ ଗୋଟି ବସ୍ତୁ ମଧ୍ୟରେ ସୀମିତ ରହିଛି । ଏହି ଭଣ୍ଡାରଗୁଡ଼ିକ ଲୋକଲୋଚନକୁ ଆସିଥିଲା ଜମିରେ ହଳ କରିବା ସମୟରେ, କେନାଲ ଖୋଳିବା ସମୟରେ କିମ୍ବା ସଡ଼କ ତିଆରି କରିବା ସମୟରେ । ଏସବୁଗୁଡ଼ିକ ଅକସ୍ମାତ ଭାବରେ ଆବିଷ୍କୃତ । କେବଳ ମାତ୍ର ସାଇପାଇଠାରେ ପ୍ରତ୍ନତାତ୍ତ୍ୱିକ ଭୂଖନନ ସମୟରେ ଏକ ତାମ୍ର ବର୍ଚ୍ଛା, ଏକ ସ୍ତରରେ ମିଳିଥିଲା, ଯାହାକି ଓ.ସି.ପି. ସଭ୍ୟତା ସହିତ ସଂପର୍କିତ ଅଟେ ।

ଏହି ତାମ୍ର ଜିନିଷଗୁଡ଼ିକ ଅନେକ ଶ୍ରେଣୀରେ ବିଭକ୍ତ; ଯଥା- (କ) ପ୍ରାଗ୍ ଐତିହାସିକ କୁରାଢ଼ୀ, (ଖ) ମୁଦ୍ରିକା କିମ୍ବା ବଳୟ (ବଳା), (ଗ) ବର୍ଚ୍ଛା ବେଣ୍ଟ, (ଘ) ଶୃଙ୍ଗାକାର ଖଣ୍ଡା, (ଙ) ବକ୍ରାଗ୍ର ଖଣ୍ଡା, (ଚ) ନୃତତ୍ତ୍ୱ ମଣିଷ ମୂର୍ତ୍ତି, (ଛ) ଦୁଇପାଖଧାରବିଶିଷ୍ଟ କୁରାଢ଼ୀ ।

ଓ.ସି.ପି. ସହିତ ସଂପର୍କିତ ସାଇପାଇରେ ମିଳିଥିବା ତମ୍ବାର ବର୍ଚ୍ଛାକୁ ବିଚାରକୁ ନେଇ ଏବଂ ଅନ୍ୟାନ୍ୟ ଓ.ସି.ପି. ସ୍ଥାନଗୁଡ଼ିକରୁ ମିଳିଥିବା ତାମ୍ରଭଣ୍ଡାରଗୁଡ଼ିକର ଅନୁଧ୍ୟାନରୁ ଜଣାଯାଏ ଯେ, ସେଗୁଡ଼ିକ ଓ.ସି.ପି. ସଂସ୍କୃତି ସହିତ ସଂଶ୍ଳିଷ୍ଟ ଥିଲେ । ଏହିପରି ଭାବରେ ଏହି ତାମ୍ରଭଣ୍ଡାରଗୁଡ଼ିକର ସମୟକାଳ ଖ୍ରୀ.ପୂ. ୨୦୦୦ରୁ ଖ୍ରୀ.ପୂ. ୧୫୦୦ ହୋଇଥିବ ବୋଲି ଅନୁମାନ କରାଯାଏ ।



ତାମ୍ର ଭଣ୍ଡାର ବସ୍ତୁ : (୧) ବର୍ଚ୍ଛା, (୨) ବକ୍ରାଗ୍ର ଖଣ୍ଡା, (୩) ଖଣ୍ଡା, (୪) ଶୃଙ୍ଗାକାର ଖଣ୍ଡା (୫,୬) ପ୍ରାଗ୍ ଐତିହାସିକ କୁରାଢ଼ୀ, (୭) ଦୁଇପଟର ଧାରଥିବା କୁରାଢ଼ୀ (୮) ଦଣ୍ଡାକାର କୁରାଢ଼ୀ, (୯) ସ୍କନ୍ଧାକାର କୁରାଢ଼ୀ, (୧୦) ନୃତତ୍ତ୍ୱ ମଣିଷ ।

କୃଷ୍ଣ ଏବଂ ଲୋହିତ ମାଟିପାତ୍ର ସଂସ୍କୃତି

୧୯୬୦ ଦଶକର ପ୍ରାକ୍ ଭାଗରେ ଆତ୍ରାଞ୍ଜିଖେରା ଭୂଖନନ ଓ.ସି.ପି. ଏବଂ ପି.ଜି. ଡବ୍ଲ୍ୟୁ. ମଧ୍ୟରେ ଏକ ସ୍ୱତନ୍ତ୍ର ଦିଗନ୍ତର ଅବତାରଣା କରେ । ଏହି ଦିଗନ୍ତରେ ଭିନ୍ନ ଏକ ଚାରିତ୍ରିକ ମାଟିପାତ୍ର ରହିଛି, ଯାହାକୁ କି କୃଷ୍ଣ ଏବଂ ଲୋହିତ ମାଟିପାତ୍ର ସଂସ୍କୃତି (ବି.ଆର୍. ଡବ୍ଲ୍ୟୁ.) ନାମରେ ନାମିତ କରାଯାଇଛି । ଏହି ସମାନ ବିଭାଗ ପର୍ଯ୍ୟାୟକ୍ରମେ ୧୯୭୦ ମସିହାରେ ଯୋଧପୁର ନୋହଠାରେ (ରାଜସ୍ଥାନ) କଳା ଏବଂ ଲାଲ ମାଟିପାତ୍ର ଆବିଷ୍କୃତ ହୋଇଥିଲା; କିନ୍ତୁ ଅହିଛତ୍ର, ହସ୍ତିନାପୁର ଏବଂ ଆଲମଗିରପୁରର ବି.ଆର୍.ଡବ୍ଲ୍ୟୁ. ପି.ଜି. ଡବ୍ଲ୍ୟୁ ସହିତ ସଂପର୍କିତ ଅଟେ ।

ମାଟିପାତ୍ର

ଏହି ମାଟିପାତ୍ରଗୁଡ଼ିକର ଗଠନ ଆକୃତିର ବିଶେଷତ୍ୱ, ଏଗୁଡ଼ିକର ଭିତରପଟ କଳାରଙ୍ଗ ଏବଂ ତଳର ବାହାର ବଳୟ ପାଖରେ ମଧ୍ୟ କଳା ରଙ୍ଗ କରାଯାଇଛି, ଆଉ ବାକି ଅଂଶରେ ନାଲିରଙ୍ଗ କରାଯାଇଛି । ବିଶ୍ୱାସ କରାଯାଏ ଯେ, ଏହି ପ୍ରକାର ରଙ୍ଗର ମିଶ୍ରଣ, ଏହାକୁ ଭିତର ପଟରୁ ନିଆଁରେ ପୋଡ଼ି ତିଆରି କରାଯାଇଥାଇପାରେ । ଏହି ମାଟିପାତ୍ରଗୁଡ଼ିକ

ମୁଖ୍ୟତଃ କୁମ୍ଭାରଚକରେ ନିର୍ମିତ ହେଲେ ମଧ୍ୟ ଅଳ୍ପ କେତେକ ହାତ ତିଆରି ବୋଲି ଅନୁମାନ କରାଯାଏ । ଏଗୁଡ଼ିକ ମସୃଣ ଅଥବା ଚିକ୍କଣ ମାଟିରେ ତିଆରି କରାଯାଇଥିଲା । ଏଗୁଡ଼ିକ ଅତି ପତଳା ଏବଂ ମସୃଣ କରାଯାଇଥିଲା । ଚିତ୍ରିତ କଳା ଏବଂ ନାଲି ମାଟିପାତ୍ର ରାଜସ୍ଥାନ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମ ବଙ୍ଗଳା ଆଦି ଅଞ୍ଚଳରେ ମଧ୍ୟ ମିଳିଥାଏ; ହେଲେ ଦୋଆବର ବି.ଆର.ଡବ୍ଲ୍ୟୁ.ରେ ଚିତ୍ର କରାଯାଇନାହିଁ ।

ଅନ୍ୟାନ୍ୟ ବସ୍ତୁ

ଆଟ୍ରାଞ୍ଜିଖେରା ଭୂଖନନରୁ ପଥରର ବିଭିନ୍ନ ଭଗ୍ନ ଅଂଶ, ଖରାପ ହୋଇଯାଇଥିବା ପଥର ଖଣ୍ଡର ଉପକରଣ, କ୍ଷୁଦ୍ର ଖୋଦିତ କଳାତ୍ମକ ପଥର ଅଥବା ବସ୍ତୁ, ସ୍ଫଟିକର ମଧ୍ୟଭାଗ, ସ୍ଫଟିକମଣି, ଗୋମେଦ ମଣି ଏବଂ ଇନ୍ଦ୍ରଗୋପମଣି ଆଦି ମିଳିଛି । ଏତଦ୍‌ବ୍ୟତୀତ ଇନ୍ଦ୍ରଗୋପମଣି ଶଙ୍ଖ, ତମ୍ବା ଆଦିର ଗୋଟିଏ ଲେଖାଏଁ ମାଳି ମିଳିଛି । ତା'ପରେ ମଧ୍ୟ ତମ୍ବା, ବଳୟ, ମୁଦ୍ରିକା, ହାଡ଼ରେ ତିଆରି ପାନିଆର ଭଗ୍ନାବଶେଷ ଆଦି ମିଳିଛି । କୌଣସି ପ୍ରସ୍ତର କିମ୍ବା ଧାତୁନିର୍ମିତ ସରଞ୍ଜାମ ମିଳିନାହିଁ । ଯୋଧପୁରରୁ ହାଡ଼ର ଗୋଟିଏ ମୁନିଆ କଣ୍ଟା ମିଳିଛି । ନୋହଠାରୁ ଆକୃତିବିହୀନ ଲୁହାଖଣ୍ଡ, ଏକ ଟେରାକୋଟା ମାଳି (ପୋଡ଼ାମାଟି) ଏବଂ ହାଡ଼ର ଏକ ମୁନିଆ କଣ୍ଟା ଆବିଷ୍କୃତ ହୋଇଛି ।

କଳା ଏବଂ ଲୋହିତ ମାଟିପାତ୍ର ସଭ୍ୟତା (ବି. ଆର୍. ଡବ୍ଲ୍ୟୁ.) : ଦୋଆବ ଏବଂ ଅନ୍ୟାନ୍ୟ ଅଞ୍ଚଳ

କେତେକ ଐତିହାସିକ ଆଟ୍ରାଞ୍ଜିଖେରାର ବି.ଆର୍.ଡବ୍ଲ୍ୟୁ. ଏବଂ ଦକ୍ଷିଣ ରାଜସ୍ଥାନର ଜିଲୁନ୍ଦ ଏବଂ ଆହାର ଅଞ୍ଚଳର ମାଟିପାତ୍ର ମଧ୍ୟରେ ଗଠନ ପ୍ରଣାଳୀ ତଥା କାରୁକାର୍ଯ୍ୟର ସାମଞ୍ଜସ୍ୟତା ଲକ୍ଷ୍ୟ କରିଛନ୍ତି; କିନ୍ତୁ ଏହି ଅଞ୍ଚଳଗୁଡ଼ିକରୁ ମିଳିଥିବା ମାଟିପାତ୍ରଗୁଡ଼ିକ ମଧ୍ୟରେ ଆକାର, ପ୍ରକାର, ଗଠନ ଆଦିରେ ପ୍ରଭେଦ ରହିଛି ।

- ଦୋଆବ ଏବଂ ନୋହ ବି.ଆର୍. ଡବ୍ଲ୍ୟୁ. ମାଟିପାତ୍ର ଓ ଅନ୍ୟାନ୍ୟ ସରଞ୍ଜାମଗୁଡ଼ିକର ବୈଶିଷ୍ଟ୍ୟ ହେଉଛି ସେଗୁଡ଼ିକର ଉପରି ଭାଗ ମସୃଣ ଏବଂ କୌଣସି ଚିତ୍ର କରାହୋଇନାହିଁ । ଅନ୍ୟ ପକ୍ଷରେ ଜିଲୁନ୍ଦ ଏବଂ ଆହାରର ବି. ଆର୍. ଡବ୍ଲ୍ୟୁ.ର ଉପରିଭାଗରେ କଳା ରଙ୍ଗ ଉପରେ ଧଳାରଙ୍ଗରେ ଚିତ୍ର କରାଯାଇଛି ।
- ଏତଦ୍‌ଭିନ୍ନ ପ୍ରକାରଭେଦ ମଧ୍ୟ ରହିଛି । ଆହାରଠାରୁ ମିଳିଥିବା ଚିତ୍ରିତ ବି.ଆର୍. ଡବ୍ଲ୍ୟୁ.ରେ ଖୋଦିତ ସମତଳ ପାର୍ଶ୍ୱଗୁଡ଼ିକ ରହିଛି ଏବଂ ଏହାର ଗଠନ ମୋଟାଳିଆ ଅଟେ । ଦୋଆବର ସାଦା ବି.ଆର୍. ଡବ୍ଲ୍ୟୁ.ରେ ଖୋଦନ କରାଯାଇନାହିଁ ଏବଂ ଏହାର ଗଢ଼ଣ ପତଳା ଅଟେ ।
- ଦୋଆବର ବି.ଆର୍. ଡବ୍ଲ୍ୟୁ.ର ବାସନଗୁଡିକରେ ଆକୃତିବିହୀନ ବଳୟ ଏବଂ ଅନ୍ତଃବର୍ତ୍ତୁଳ ରହିଥିବା ବେଳେ ଆହାର ଓ ଜିଲୁନ୍ଦ ବାସନରେ ଏଗୁଡ଼ିକ ନାହିଁ । ଆହାର ଏବଂ ଜିଲୁନ୍ଦରେ ମିଳିଥିବା ଜଳଯୁକ୍ତ ପାତ୍ର (ବେଲା) ଏବଂ ଆଧାରଯୁକ୍ତ ବାସନ (ତାଟିଆ) ଦୋଆବରେ ଦେଖାଯାଏ ନାହିଁ ।

ଏହା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ ଯେ, କୃଷ୍ଣ ଏବଂ ଲୋହିତ ମାଟିପାତ୍ର ସଭ୍ୟତାରେ ଏକ ଅଞ୍ଚଳରୁ ଅନ୍ୟ ଅଞ୍ଚଳ ମଧ୍ୟରେ କେତେକ ବିବିଧତା ସତ୍ତ୍ୱେ ମଧ୍ୟ ଏହା ଚାରିଆଡ଼େ ପରିବ୍ୟାପ୍ତ ଥିଲା । ଏହା ଉତ୍ତରରେ ରୁପାର୍‌ଠାରୁ ଦକ୍ଷିଣରେ ଆଦିଚନାଲ୍ଲୁର ପର୍ଯ୍ୟନ୍ତ ଏବଂ ପଶ୍ଚିମରେ ଅମ୍ରାଓ ଅଖାଉଥ୍ୱାଲଠାରୁ ପୂର୍ବରେ ପାଣ୍ଡୁ-ରାଜାର ଢିବି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ରହିଥିଲା । ଆହୁରି ମଧ୍ୟ ଏହା ଖ୍ରୀ.ପୂ. ୨୪୦୦ ଠାରୁ ଖ୍ରୀଷ୍ଟାବ୍ଦର ପ୍ରଥମ ପର୍ଯ୍ୟାୟ ପର୍ଯ୍ୟନ୍ତ ଏକ ସୁଦୀର୍ଘ ସମୟକାଳ ମଧ୍ୟରେ ପରିବ୍ୟାପ୍ତ ଥିଲା ।

ଚିତ୍ରିତ ଧୂସର ମାଟିପାତ୍ର ସଂସ୍କୃତି

ଅହିଛତ୍ରଠାରେ ୧୯୪୬ ମସିହାରେ ଚିତ୍ରିତ ଧୂସର ମାଟିପାତ୍ର ସଭ୍ୟତା (ପି.ଜି.ଡବ୍ଲ୍ୟୁ.)ର ପ୍ରଥମ ଆବିଷ୍କାର ପରେ ପରେ ଉତ୍ତର ଭାରତର ବିଭିନ୍ନ ଭାଗର ଅସଂଖ୍ୟ ସ୍ଥାନରେ ଏହି ସଭ୍ୟତାର ଅବସ୍ଥିତିକୁ ଲୋକଲୋଚନକୁ

ଅଣାଯାଇପାରିଛି । ଏଗୁଡ଼ିକ ମଧ୍ୟରୁ ୩୦ ଗୋଟି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇଛି । କେତେକ ସୁବିଖ୍ୟାତ ଏବଂ ଜଣାଶୁଣା ସ୍ଥାନ ହେଉଛି ରୁପାର୍ (ପଞ୍ଜାବ), ଭଗବାନ୍‌ପୁର (ହରିୟାଣା), ନୋହ (ରାଜସ୍ଥାନ), ଆଲାମ୍‌ଗିର୍‌ପୁର୍, ଅହିଛତ୍ର, ହସ୍ତିନାପୁର, ଆତ୍ରାଞ୍ଜିଖେରା, ଜାଖେରା ଏବଂ ମଥୁରା ।

ପି.ଜି.ଡବ୍ଲ୍ୟୁ. ସ୍ଥାନଗୁଡ଼ିକ ସୈନ୍ଧବ-ଗାଙ୍ଗେୟ ବିଭାଜିତ ଅଞ୍ଚଳ ସତ୍‌ଲେଜ୍ ଅବବାହିକା ଏବଂ ଉପର ଗାଙ୍ଗେୟ ସମତଳ ଅଞ୍ଚଳଗୁଡ଼ିକରେ କେନ୍ଦ୍ରୀଭୂତ ଥିଲା । ଏହି ଜନବସତିଗୁଡ଼ିକ ମୁଖ୍ୟତଃ ନଦୀକୂଳ ଓ ନଦୀ ମୁହାଣଗୁଡ଼ିକରେ ଅବସ୍ଥିତ ଥିଲା । ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନର ଆନୁପାତିକ ଦୂରତା ୧୦ରୁ ୧୨ କି.ମି. ମଧ୍ୟରେ ଥିଲା । ଅନେକ କ୍ଷେତ୍ରରେ ଏହା ୫ କି.ମି. ଦୂରତାରେ ମଧ୍ୟ ସୀମିତ ଥିଲା । ଏକ ସ୍ଥାନଗୁଡ଼ିକ ମଧ୍ୟରେ ବ୍ୟତିକ୍ରମ ଥିଲା ଭୁକାରି (ହରିୟାଣା) । ଏହା ୯୬,୧୯୩ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଏହି ସୁବିସ୍ତୃତ ଜନବସତି ଥିଲା ।

ଆମେ ବର୍ତ୍ତମାନ ପି.ଜି.ଡବ୍ଲ୍ୟୁ ସଂସ୍କୃତି ସହିତ ସଂଶ୍ଳିଷ୍ଟ ବିଭିନ୍ନ ଜିନିଷର ପରୀକ୍ଷା ନିରୀକ୍ଷା କରିବା ।

(କ) ମାଟିପାତ୍ର : ମାଟିପାତ୍ରଗୁଡ଼ିକ କୁମ୍ଭାରଚକରେ ତିଆରି କରାଯାଉଥିଲା । ଏହି ପାତ୍ରଗୁଡ଼ିକ ଉତ୍ତମ ରୂପରେ ଚକଟା ଯାଇଥିବା ଚିକ୍କଣ ମାଟିରେ ତିଆରି କରାଯାଉଥିଲା । ସେଗୁଡ଼ିକର ମଞ୍ଜ ବା ତଳ ମଧ୍ୟଭାଗ ପତଳା ରହୁଥିଲା ।

ଗୋଲାକାର କୁଟୀର, ଜାଖେରା

କାଦୁଅ / ମାଟି କାନ୍ଥ, ଜାଖେରା



ଘରର ଚଟାଣ, ଜାଖେରା

ଜିନିଷ ସାଇତି ରଖିବା ଆଧାର, ଜାଖେରା

- ଏହାର ଉପରିଭାଗ ପତଳା, ଧୂସରରୁ ପାଉଁଶିଆ ଧୂସର ରଙ୍ଗ କରାଯାଉଥିଲା ।
- ଏଗୁଡ଼ିକୁ କଳା ଏବଂ କେତେକ କ୍ଷେତ୍ରରେ ଧୂସର ରଂଗରେ ଭିତର ଓ ବାହାର ଅଂଶକୁ ଚିତ୍ରିତ କରାଯାଉଥିଲା ।
- ଏଗୁଡ଼ିକ ଅନ୍ତତଃ ୪୨ ପ୍ରକାର ଆକାର ବିଶିଷ୍ଟ ଥିଲା । ସାଧାରଣତଃ ଏହିସବୁ ପାତ୍ର, ବେଲା, ବାସନ ଓ ତାଟିଆ ଆଦି ଥିଲା ଏହାର ଉଦାହରଣ ।

(ଖ) ସୌଧ ଗଠନ ପ୍ରଣାଳୀ : ଗୃହ ତଥା ଅନ୍ୟାନ୍ୟ ନିର୍ମାଣଗୁଡ଼ିକ ମୁଖ୍ୟତଃ ଝାଟିମାଟି କାନ୍ଥ ଉପରେ କାଦୁଅ ଲେପନ କରାଯାଇଥିବା କୁଡ଼ିଆ ଥିଲା । ଅହିଚ୍ଛତ୍ର, ହସ୍ତିନାପୁର, ଆଟ୍ରାଞ୍ଜିଖେରା ଏବଂ ଜାଖେରା ଆଦି ସ୍ଥାନରେ ଖୋଦନରୁ ପୋଡ଼ାମାଟିର ଛିଦ୍ର, ମାଟିର ପୋଡ଼ାଯାଇ ନଥିବା ଇଟା, ପୋଡ଼ା ଇଟା, ମାଟି ମଞ୍ଚ ଓ ଚଉତରା, କାଦୁଅ ଲେପନ ଖଣ୍ଡ ଏବଂ ଝଟା ଓ ବାଉଁଶ ଆଦି ବାହାରିଛି । ଭଗବାନ୍‌ପୁରାର ଖନନ ଭିନ୍ନ ଭିନ୍ନ ନିର୍ମାଣ ପର୍ଯ୍ୟାୟର ସୂଚନା ଦିଏ । ଓରା ମଝିରେ ଛିଦ୍ର, ପ୍ରଥମ ପର୍ଯ୍ୟାୟର ଗୋଲାକାର ଏବଂ ଆୟତାକାର କୁଡ଼ିଆର ସୂଚନା ଦିଏ । ଦ୍ୱିତୀୟ ପର୍ଯ୍ୟାୟରେ ୧୩ କୋଠରିବିଶିଷ୍ଟ ଏକ ଘରର ଦୁଇ ଧାଡ଼ି ଘର ମଝିରେ ଏକ ଅଳିନ୍ଦ (ବାରଣ୍ଡା) ରହିଛି । ଏହି ଘରର ଏକ ଅଗଣା ମଧ୍ୟ ଅଛି ।

(ଗ) ଅନ୍ୟାନ୍ୟ ଜିନିଷ : ପ୍ରତ୍ନତାତ୍ତ୍ୱିକ ଭୂ-ଖନନରୁ ତମ୍ବା, ଲୁହା ଏବଂ ହାଡ଼ନିର୍ମିତ ଅନେକ ପ୍ରକାରର ଜିନିଷ ବାହାରିଛି । ଏହି ଜିନିଷ ଓ ସରଞ୍ଜାମଗୁଡ଼ିକ ମଧ୍ୟରେ କୁରାଢ଼ୀ, ନିହାଣ, ବନଶୀକଣ୍ଟା ଏବଂ ତୀରମୁନ ଇତ୍ୟାଦି ରହିଛି । ବର୍ଚ୍ଛାର ଅଗ୍ରଭାଗ କେବଳ ଲୁହାରେ ହିଁ ନିର୍ମିତ ହୋଇଛି । କୃଷି ସରଞ୍ଜାମଗୁଡ଼ିକ ମଧ୍ୟରେ ଜାଖେରାଠାରେ କେବଳ ଲୌହନିର୍ମିତ ଦାଆ ଏବଂ କୋଦାଳ ମିଳିଛି ।

ମାଟିକାନ୍ଥ, ଜାଖେରା

ମାଟିକାନ୍ଥ, ଜାଖେରା

ହସ୍ତିନାପୁର ବ୍ୟତୀତ ଅନ୍ୟାନ୍ୟ ସମସ୍ତ ସ୍ଥାନରେ ଲୌହ ସରଞ୍ଜାମ ସବୁ ମିଳିଛି । ଏକା ଆଟ୍ରାଞ୍ଜିଖେରାଠାରେ ୧୩୫ ଗୋଟି ଜିନିଷ, ଗୋଟିଏ ଚୁଲ୍ଲୀ (ବହିଃଭାଗକୁ ଲାଗିକି ରହିଛି), ଲୁହାଖାଦ ଆଦି ମିଳିଛି । ଯୋଧପୁରଠାରେ ଏକତ୍ର ଦୁଇଗୋଟି ଚୁଲ୍ଲୀ ରହିଥିବାର ପ୍ରମାଣ ମିଳିଛି । ଏହା କୁହାଯାଇଛି ଯେ, ଲୁହାପଥର ଅନ୍ୟାନ୍ୟ ଅଞ୍ଚଳରେ ଉତ୍ପାଦନ କରାଯାଉଥିଲା ।

ଲୋକମାନେ ଅଳଙ୍କାରପ୍ରିୟ ଥିଲେ । ଟେରାକୋଟା (ପୋଡ଼ାମାଟି) ମାଳି, ଗୋମେଦ, ଇନ୍ଦ୍ରଗୋପମଣି, ସୂର୍ଯ୍ୟକାନ୍ତମଣି, ସ୍ଫଟିକମଣି, ବୈଦୂର୍ଯ୍ୟ, କାଚ ଏବଂ ହାଡ଼ ମଧ୍ୟ ଭୂଖନନରୁ ମିଳିଛି । ଦୁଇଗୋଟି କାଚଚୁଡ଼ି (ଶଙ୍ଖା) ହସ୍ତିନାପୁରରୁ ମିଳିଛି ଏବଂ ତମ୍ବାର ଶଙ୍ଖା ଜାଖେରାରୁ ମିଳିଛି ।

(ଘ) ଶସ୍ୟ ଏବଂ ପଶୁ ଅବଶେଷ : ହସ୍ତିନାପୁର ଏବଂ ଆଟ୍ରାଞ୍ଜିଖେରାଠାରେ କୃଷିକାର୍ଯ୍ୟ, ଶସ୍ୟ ଉତ୍ପାଦନର ପ୍ରମାଣ ମିଳେ । ହସ୍ତିନାପୁରଠାରେ ଧାନର ଅବଶେଷ ଏବଂ ଆଟ୍ରାଞ୍ଜିଖେରାଠାରେ ଗହମ ଓ ବାର୍ଲିର ଅବଶେଷ ମିଳିଛି । ହସ୍ତିନାପୁର, ଅଲ୍ଲାହାପୁର, ଆଟ୍ରାଞ୍ଜିଖେରାଠାରେ ଘୋଡ଼ା, ଗୋରୁ, ଘୁଷୁରି, ଛେଳି ଏବଂ ହରିଣର ହାଡ଼ ଦେଖିବାକୁ ମିଳିଥାଏ । ଏହି ହାଡ଼ଗୁଡ଼ିକ ଉଭୟ ବନ୍ୟପଶୁ ଏବଂ ଗୃହପାଳିତ ପଶୁଙ୍କର ଅଟେ ।

(ଡ) ବାଣିଜ୍ୟ କାରବାର ଏବଂ ଯୋଗାଯୋଗ : ଦୋଆବର ବିଭିନ୍ନ ପି.ଜି.ଡବ୍ଲ୍ୟୁ. ସ୍ଥାନଗୁଡ଼ିକରେ ନାନା ପ୍ରକାରର ମାଳି ବିଭିନ୍ନ ମୂଲ୍ୟବାନ୍ ପଥରରେ ତିଆରି ହୋଇଥିଲା । ଏହିସବୁ ପଥରଗୁଡ଼ିକରୁ କୌଣସି ଗୋଟିଏ ହେଲେ ଦୋଆବ ଅଞ୍ଚଳରେ କଞ୍ଚାମାଲ ରୂପରେ ମିଳୁନଥିଲା । ଏହିସବୁ ମୂଲ୍ୟବାନ୍ ପଥର ସେମାନେ ବାଣିଜ୍ୟ ବ୍ୟବସାୟ ମାଧ୍ୟମରୁ ପାଉଥିଲେ । ଗୋମେଦ ଏବଂ ଏକ ବିଶେଷ ପ୍ରକାରର ସ୍ଫଟିକ ମଣି କାଶ୍ମୀର, ଗୁଜୁରାଟ ଏବଂ ମଧ୍ୟପ୍ରଦେଶରେ ମିଳୁଥିଲା । ବୈଦୂର୍ଯ୍ୟ ଆଫଗାନିସ୍ତାନର ବାଦକ୍‌ଶାନ୍ ପ୍ରଦେଶରେ ମିଳୁଥିଲା । ତେଣୁ ପି.ଜି.ଡବ୍ଲ୍ୟୁ. ଅଞ୍ଚଳରେ ରହୁଥିବା ଲୋକମାନେ ଏହି ମୂଲ୍ୟବାନ୍ ପଥରଗୁଡ଼ିକ ବ୍ୟବସାୟ ଅଥବା କୌଣସି ଜିନିଷ ବଦଳରେ ସେହିସବୁ ଅଞ୍ଚଳରୁ ପାଉଥିଲେ ।

ପି.ଜି.ଡବ୍ଲ୍ୟୁ. ଏବଂ ଉତ୍ତର-ପଶ୍ଚିମ ଭାରତର ମାଟିପାତ୍ରଗୁଡ଼ିକ ମଧ୍ୟରେ କେତେକ ପରିମାଣରେ ସମାନ୍ତରାଳ ପ୍ରକୃତି ପରିଲକ୍ଷିତ ହୁଏ । ବିଶେଷତଃ ଧୂସର ମାଟିପାତ୍ର ଲୌହପାତ୍ର ସହିତ ଏକାସାଥିରେ ମିଳିବା ପି.ଜି.ଡବ୍ଲ୍ୟୁ. ସଂସ୍କୃତି ସହିତ କିଛିଟା ସଂପର୍କ ଥିବା ସୂଚନା ଦିଏ ।

ଉତ୍ତରାଞ୍ଚଳ କଳା ମସୃଣ ମାଟିପାତ୍ର ସଂସ୍କୃତି

ପୂର୍ବବର୍ତ୍ତୀ ସଂସ୍କୃତିଗୁଡ଼ିକ ପରି ଉତ୍ତରାଞ୍ଚଳ କଳା ମାଟିପାତ୍ର ସଂସ୍କୃତି ମଧ୍ୟ ତା'ର ବିଶେଷ ପ୍ରକାରର ମାଟିପାତ୍ରରୁ ଚିହ୍ନିତ ହୋଇଥାଏ । ଏହି ପ୍ରକାରର ମାଟିପାତ୍ର ତକ୍ଷଶିଳାଠାରେ ୧୯୩୦ ମସିହାରେ ପ୍ରଥମେ ଆବିଷ୍କୃତ ହୋଇଥିଲା । ଏହାର କଳାରଙ୍ଗ ଯୋଗୁଁ, ଏହାର ପ୍ରଥମ ଆବିଷ୍କାରକ ଏହାକୁ 'ଗ୍ରୀକ୍ କଳା ମାଟିପାତ୍ର' ରୂପରେ ଆଖ୍ୟାୟିତ କରିଥିଲେ । ତା'ପରଠାରୁ ପ୍ରାୟ ୧୫୦୦ ଉତ୍ତରାଞ୍ଚଳ କଳା ମସୃଣ ମାଟିପାତ୍ର ସଂସ୍କୃତି (ଏନ୍.ବି.ପି.) ଲୋକଲୋଚନକୁ ଆସି ସାରିଛି । ସେଗୁଡ଼ିକ ଉତ୍ତର-ପଶ୍ଚିମର ତକ୍ଷଶିଳା ଓ ଉଦ୍‌ଗ୍ରାମଠାରୁ ପୂର୍ବବଙ୍ଗର ତାମଲୁକ୍ ଏବଂ ଅମରାବତୀ (ଆନ୍ଧ୍ରପ୍ରଦେଶ) ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏଗୁଡ଼ିକ ମଧ୍ୟରୁ ପ୍ରାୟ ୭୪ ଗୋଟି ସ୍ଥାନକୁ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇଛି ।

ମହତ୍ତ୍ୱପୂର୍ଣ୍ଣ ଖୋଦିତ ଏନ୍.ବି.ପି ସ୍ଥାନ

ସ୍ଥାନର ନାମ	ଏହି ସ୍ଥାନ ଅବସ୍ଥିତ ଥିବା ରାଜ୍ୟର ନାମ
ରୂପାର	ପଞ୍ଜାବ
ରାଜା-କର୍ଣ୍ଣ-କା-କିଲା	ହରିଆନା
ଯୋଧପୁର	ଉତ୍ତରାଞ୍ଚଳ
ନୋହ	ରାଜସ୍ଥାନ
ଅହିଚ୍ଛତ୍ର ହସ୍ତିନାପୁର ଆଟ୍ରାଞ୍ଜିଖେରା କୌଶାମ୍ବୀ	ଉତ୍ତର ପ୍ରଦେଶ
ଶ୍ରାବସ୍ତୀ ବୈଶାଳୀ ସୋନପୁର ପାଟଳୀପୁତ୍ର	ବିହାର
ଚନ୍ଦ୍ରକେତୁଗଡ଼	ପଶ୍ଚିମବଙ୍ଗଳା

ଏହି ଖୋଦନଗୁଡ଼ିକ ପ୍ରକାଶ କରେ ଯେ-

- ଅନେକ ସ୍ଥାନରେ ଏନ୍.ବି.ପି. ମାଟିପାତ୍ର ସଭ୍ୟତା ପି.ଜି.ଡବ୍ଲ୍ୟୁ. ସଭ୍ୟତାର ଉତ୍ତରାଧିକାରୀ ହୋଇଥିଲା ।
- କେତେକ ସ୍ଥାନରେ ବି.ଆର୍. ଡବ୍ଲ୍ୟୁ.ର ଉତ୍ତରାଧିକାରୀ ଏନ୍.ବି.ପି. ହୋଇଥିବା ସ୍ଥଳେ, କେତେକ ସ୍ଥାନରେ ନାଲି ଚିକ୍କଣ ମାଟିପାତ୍ର ସଭ୍ୟତା ଏନ୍.ବି.ପି. ସଭ୍ୟତାର ଉତ୍ତରାଧିକାରୀ ହୋଇଥିଲା ।

ମାଟିପାତ୍ରଗୁଡ଼ିକର ପ୍ରକାର ଏବଂ ତତ୍ ସମ୍ବନ୍ଧୀୟ ସରଞ୍ଜାମଗୁଡ଼ିକର ଦ୍ରୁତ ପରିବର୍ତ୍ତନ ଆଧାରରେ ଏହା ଧାର୍ଯ୍ୟ କରାଯାଇଛି ଯେ ଏନ୍.ବି.ପି. ମାଟିପାତ୍ର ସଭ୍ୟତାର ଉଭୟ ପର୍ଯ୍ୟାୟ ମଧ୍ୟରେ ପାର୍ଥକ୍ୟ ରହିଥିଲା ।

ପର୍ଯ୍ୟାୟ ୧ : ଏହି ପର୍ଯ୍ୟାୟକୁ ପ୍ରାକ୍ ସୁରକ୍ଷା ପର୍ଯ୍ୟାୟ ମଧ୍ୟ କୁହାଯାଇଥାଏ । ଏହାର ଏନ୍.ବି.ପି. ମାଟିପାତ୍ର ଉପରେ ଆଧିପତ୍ୟ ଥିଲା ବୋଲି ଚିତ୍ରଣ କରାଯାଇଛି । ଆହୁରି ମଧ୍ୟ ଏଥିରେ ଅଳ୍ପ ପରିମାଣରେ ବି.ଆର୍.ଡବ୍ଲ୍ୟୁ. ଏବଂ ପି.ଜି.ଡବ୍ଲ୍ୟୁ.ର ଖଣ୍ଡ ବା ଅଂଶ ରହିଥିଲା । ଏହି ପର୍ଯ୍ୟାୟରେ ଛିଦ୍ରକରା ମୁଦ୍ରା (Punch marked Coin) ଏବଂ ପୋଡ଼ାଇଟା ନିର୍ମିତ ଗୃହ, ଯାହାକି ଏକ ଉଚ୍ଚତର ସ୍ତରର ଉନ୍ନତିର ପ୍ରକାଶ କରିଥାଏ, ନଥିଲା । ଆତ୍ରାଞ୍ଜିଖେରା, ଶ୍ରାବସ୍ତୀ ଏବଂ ପ୍ରହଲ୍ଲାଦପୁର ଆଦି ସ୍ଥାନଗୁଡ଼ିକ ଏହି ପର୍ଯ୍ୟାୟର ପ୍ରତିନିଧିତ୍ୱ କରେ ।

ପର୍ଯ୍ୟାୟ ୨ : ଏହି ପର୍ଯ୍ୟାୟରେ ବି.ଆର୍. ଡବ୍ଲ୍ୟୁ. ଏବଂ ପି.ଜି.ଡବ୍ଲ୍ୟୁ. ସଂସ୍କୃତିର କୌଣସି ମାଟିପାତ୍ର ମିଳେ ନାହିଁ । ନିମ୍ନମାନର ଏନ୍.ବି.ପି. ମାଟିପାତ୍ର ଅତ୍ୟଳ୍ପ ପରିମାଣରେ ଦେଖାଯାଏ । ଏକ ପ୍ରକାରର ମୋଟା ଧୂସର ମାଟିପାତ୍ରର ବ୍ୟବହାର ଏହି ସମୟରେ ବହୁଳ ଭାବରେ ପ୍ରଚଳିତ ଥିଲା । ଛିଦ୍ରକରା ମୁଦ୍ରା ଏବଂ ପୋଡାଇଟା ଏହି ପର୍ଯ୍ୟାୟରେ ପ୍ରଥମେ ବ୍ୟବହୃତ ହୋଇଥିଲା । ହସ୍ତିନାପୁର, ଆତ୍ରାଞ୍ଜିଖେରା, ଶ୍ରାବସ୍ତୀ-୨ ଏବଂ ପ୍ରହଲ୍ଲାଦପୁର ଆଦି ସ୍ଥାନ ଏହି ପର୍ଯ୍ୟାୟର ପ୍ରତିନିଧିତ୍ୱ କରନ୍ତି ।

ଏନ୍.ବି.ପି. ଏବଂ ପି.ଜି.ଡବ୍ଲ୍ୟୁ. ସଭ୍ୟତାର ମାଟିପାତ୍ରଗୁଡ଼ିକର ସାମଞ୍ଜସ୍ୟତାକୁ ଦୃଷ୍ଟିରେ ରଖି ଐତିହାସିକମାନେ କୁହନ୍ତି ଯେ, ଏନ୍.ବି.ପି. ହେଉଛି ପି.ଜି.ଡବ୍ଲ୍ୟୁ.ର ଉନ୍ନତ ପ୍ରକାର ଏବଂ ଏହି ଦୁଇ ପ୍ରକାରର ମାଟିପାତ୍ରରେ ପାର୍ଥକ୍ୟ ରହିଛି କେବଳ ମାତ୍ର ଉପରିଭାଗର ଗଠନ ଓ ଚିତ୍ରଣ ପ୍ରଣାଳୀରେ । ପି.ଜି.ଡବ୍ଲ୍ୟୁ., ବି.ଆର୍.ଡବ୍ଲ୍ୟୁ. ଏବଂ ଏନ୍.ବି.ପି.ଡବ୍ଲ୍ୟୁ.ର ରାସାୟନିକ ବିଶ୍ଳେଷଣଦ୍ୱାରା ଏହା ପ୍ରମାଣିତ କରାଯାଇଛି ।

ଏନ୍.ବି.ପି.ଡବ୍ଲ୍ୟୁ.ର ପ୍ରଧାନ କେନ୍ଦ୍ର ଉତ୍ତରପ୍ରଦେଶ ଏବଂ ବିହାରରେ ରହିଥିବା ଯୋଗୁଁ ବିବେଚନା କରାଯାଏ ଯେ, ଏହି ସଭ୍ୟତାର ଉତ୍ପତ୍ତିସ୍ଥଳ ମଧ୍ୟ ସେହି ଅଞ୍ଚଳ ହିଁ ହୋଇଥିବ । ଏହା ପରବର୍ତ୍ତୀ ସମୟରେ ଗାଙ୍ଗେୟ ସମତଳ ଅଞ୍ଚଳକୁ ପ୍ରସାରିତ ହୋଇଥିଲା । ଏହାର ପ୍ରସାରଣର ଶ୍ରେୟ ଦିଆଯାଇଥାଏ ବୌଦ୍ଧ ସନ୍ନ୍ୟାସୀ ଏବଂ ବ୍ୟବସାୟମାନଙ୍କୁ ।

ଗଠନ ପ୍ରଣାଳୀ

ହସ୍ତିନାପୁର, ଆତ୍ରାଞ୍ଜିଖେରା ଏବଂ କୌଶାମ୍ବୀର ଖନନରୁ ପ୍ରମାଣିତ ହୋଇଛି ଯେ, ଏହି ସମୟ ବେଳକୁ ଗୃହ ନିର୍ମାଣ କାର୍ଯ୍ୟ ବହୁଳ ଭାବରେ ଚାଲିଥିଲା ଏବଂ ଫଳସ୍ୱରୂପ ଅନେକଗୁଡ଼ିଏ ନଗରୀର ଅଭ୍ୟୁଦୟ ହୋଇଥିଲା ।

ଜନବସତି ଭିତ୍ତି ସ୍ଥାପନର ସର୍ବୋତ୍କୃଷ୍ଟ ପ୍ରମାଣ କୌଶାମ୍ବୀଠାରେ ମାଟିତଳୁ ଆବିଷ୍କୃତ ହୋଇଛି । ଏଠାରେ ଗଳିରାସ୍ତା, ଉପଗଳି ଏବଂ ପୋଡ଼ାଇଟାନିର୍ମିତ ଚଟାଣ ସବୁ ରହିଥିଲା । ଗୋଟିଏ ରାସ୍ତା, ଯାହାକି ପ୍ରଥମେ ଖ୍ରୀ.ପୂ. ୬୦୦ରେ ନିର୍ମିତ ହୋଇଥିଲା ତାହା ବାରମ୍ବାର ପୁନଃନିର୍ମାଣ କରାଯାଉଥିଲା । (ଏହାର ଓସାର ୫.୫ ମିଟରରୁ ୨.୫ ମିଟର ମଧ୍ୟରେ ବିଭିନ୍ନ ସମୟରେ ରହିଥିଲା) ଏବଂ ଏହା ଖ୍ରୀ.ଅ ୩୦୦ ପର୍ଯ୍ୟନ୍ତ ଉପଯୋଗ କରାଯାଉଥିଲା । ଘରଗୁଡ଼ିକ ପୋଡ଼ାଇଟାରେ ନିର୍ମାଣ କରାଯାଇଥିଲା । ଓରା ମଝିର ଛିଦ୍ର, ଦ୍ୱାରବନ୍ଧର ଗର୍ତ୍ତ ଆଦିରୁ ପ୍ରମାଣିତ ହୁଏ ଯେ, ଗୃହ ନିର୍ମାଣ ପାଇଁ କାଠ ବ୍ୟବହାର କରାଯାଉଥିଲା । ଘରର ଛାତଗୁଡ଼ିକୁ ଟାଇଲ୍ ଦ୍ୱାରା ଆଚ୍ଛାଦନ କରାଯାଉଥିଲା ।



ବି.ଆର.ଡବ୍ଲ୍ୟୁ., ପି.ଜି.ଡବ୍ଲ୍ୟୁ. ଏବଂ ଏନ୍.ବି.ପି. ମାଟିପାତ୍ର ସଂସ୍କୃତି

ଘରଗୁଡ଼ିକ ଉଭୟ ବର୍ଗାକାର ଏବଂ ଆୟତାକାର ହେଉଥିଲା । ଏହି ସବୁ ସୂଚିତ କରେ ଯେ, ଗୃହ ନିର୍ମାଣ କାର୍ଯ୍ୟ ଏକ ସୁଚିନ୍ତିତ ଯୋଜନା ଏବଂ ଶୈଳୀରେ ହେଉଥିଲା । ହସ୍ତିନାପୁରର ଖୋଦନ ପୁନଶ୍ଚ ପ୍ରମାଣିତ କରେ ଯେ, ସେ ସମୟରେ ଉତ୍କୃଷ୍ଟ ତଥା ସୁବିସ୍ତୃତ ନର୍ଦ୍ଦମା ନାଳୀ ପଦ୍ଧତି ପ୍ରଚଳିତ ଥିଲା । ପୁନଶ୍ଚ କେତେକ ଜନବସତି ମାଟି ଓ ଇଟାଦ୍ୱାରା ଦୁର୍ଗୀକୃତ ଥିଲା । ଏହି ଦୁର୍ଗକୁ ଚାରିପଟରୁ ଘେରି ରଖିବା ପାଇଁ ଗଡ଼ଖାଇ ମଧ୍ୟ ନିର୍ମିତ ହୋଇଥିଲା । କୌଶାମ୍ବୀ ଦୁର୍ଗର କାନ୍ଥ ଦେହରେ ଜଗୁଆଳୀ ଘର ତୋରଣ ଏବଂ ଉଚ୍ଚ ଚୂଡ଼ାଯୁକ୍ତ ପ୍ରାସାଦ ମଧ୍ୟ ସମାନ ବ୍ୟବଧାନଗୁଡ଼ିକରେ ନିର୍ମାଣ କରାଯାଇଥିଲା ।

ଏଠାରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ହେଲା ଯେ, ଏହି ସବୁ ନିର୍ମାଣଗୁଡ଼ିକ ଆମକୁ ସେ ସମୟର ସାମାଜିକ ଏବଂ ରାଜନୈତିକ ଜୀବନ ବାବଦରେ କିଛି ସୂଚନା ଦିଏ କି ? ହଁ, ସେଗୁଡ଼ିକ ଆମକୁ ଏ ସମ୍ବନ୍ଧରେ ଅନେକ ସୂଚନା ଦିଅନ୍ତି –

- ଦୁର୍ଗୀକରଣ ଆକ୍ରମଣର ପ୍ରତିରୋଧ ଉପାୟ ବାବଦରେ ସୂଚନା ଦିଏ । ଏଥିରୁ ଜଣାଯାଏ ଯେ, ସେ ସମୟରେ ରାଜନୈତିକ ବିଷାଦ ଲାଗି ରହିଥିଲା ତଥା ଶତ୍ରୁଭୟ ମଧ୍ୟ ରହିଥିଲା ।
- ନର୍ଦ୍ଦମା ପ୍ରଣାଳୀ ଲୋକଙ୍କର ସ୍ୱାସ୍ଥ୍ୟରକ୍ଷା ପ୍ରତି ସଚେତନତା ସମ୍ବନ୍ଧରେ ସୂଚନା ଦେବା ସହିତ ସେମାନେ ଏ ଦିଗରେ କେତେ ବେଶି ପ୍ରଗତି କରିଥିଲେ ଜଣାଏ ।
- ଦୁର୍ଗୀକରଣ ପରି ବିଶାଳ ନିର୍ମାଣ ସୂଚନା ଦିଏ ଯେ, ସେ ସମୟରେ ବହୁସଂଖ୍ୟକ ଲୋକ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଥିଲେ । ଏହି ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଇବା ପାଇଁ ଜଣେ ବଳିଷ୍ଠ ଅଧିକାରୀ ଅଥବା ପ୍ରଶାସକ ରହିଥିଲେ ।



ଏନ୍.ବି.ପି. ମାଟିପାତ୍ର

ମାଟିପାତ୍ର

ଏନ୍.ବି.ପି. ମାଟିପାତ୍ରର ମହତ୍ତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଥିଲା ତା'ର ବାହ୍ୟ ଚାକଚକ୍ୟ । ଭଲଭାବରେ ଚକଟା ଯାଇଥିବା ଚିକ୍କଣ ମାଟିରେ କୁମ୍ଭାରଚକ ସାହାଯ୍ୟରେ ଏହି ପାତ୍ରଗୁଡ଼ିକ ତିଆରି କରାଯାଇଥିଲା । ମାଟିପାତ୍ରଗୁଡ଼ିକର

ମଞ୍ଚ କେତେକ କ୍ଷେତ୍ରରେ ୧.୫ ମିଲିମିଟର ମୋଟା ରହୁଥିଲା । ଉଜ୍ଜ୍ୱଳ ଓ ଚକ୍‌ଚକ୍ କରୁଥିବା କଳାରଙ୍ଗର ବହିର୍ଭାଗଯୁକ୍ତ ମାଟିପାତ୍ର ବ୍ୟତୀତ ଏନ୍.ବି.ପି. ପାତ୍ରଗୁଡ଼ିକରେ ସୁନେଲି, ରୁପେଲି, ଧୂସର, ଧଳା, ଗୋଲାପି ଏବଂ ନୀଳରଙ୍ଗ ମଧ୍ୟ ଦିଆଯାଉଥିଲା । କେତେକ ସ୍ଥାନ (ରୁପାର, ସୋନ୍‌ପୁର)ରୁ ଆବିଷ୍କୃତ ଭଗ୍ନଖଣ୍ଡଗୁଡ଼ିକୁ ଯୋଡ଼ି ତିଆରି କରାଯାଇଥିବା ପାତ୍ରଗୁଡ଼ିକ, ଏନ୍.ବି.ପି. ମାଟିପାତ୍ର କେତେ ମୂଲ୍ୟବାନ୍ ଥିଲା ତା'ର ସୂଚନା ଦିଏ । ଏହା ସହିତ ଅନ୍ୟାନ୍ୟ ପ୍ରକାରର ପାତ୍ରର ଅବସ୍ଥିତିରୁ ଜଣାଯାଏ ଯେ ଏନ୍.ବି.ପି. ମାଟିପାତ୍ରଗୁଡ଼ିକ ବିଳାସପୂର୍ଣ୍ଣ ଥିଲା । ଏହି ପାତ୍ର ସମସ୍ତେ ବ୍ୟବହାର କରି ପାରୁନଥିଲେ । ତେଣୁ ଏହା ଜଣାଯାଏ ଯେ ଏନ.ବି.ପି. ମାଟିପାତ୍ର ବ୍ୟବହୃତ ହେଉଥିବା ସମାଜ ଅନେକ ଅସାମଞ୍ଜସ୍ୟମୂଳକ ସାମାଜିକ ପ୍ରତିଷ୍ଠା ଥିବା ଗୋଷ୍ଠୀରେ ବିଭାଜିତ ହୋଇଥିଲା ।

ଯଦିଓ ଏନ୍.ବି.ପି. ମାଟିପାତ୍ରଗୁଡ଼ିକ ସାଧାରଣତଃ ଚିତ୍ରିତ ନଥିଲା, ହେଲେ ମଧ୍ୟ କେତେକ ଚିତ୍ରିତ ଟୁକୁରା ଏହି ଅଞ୍ଚଳରୁ ମିଳିଛି । ହଳଦିଆ ଏବଂ ନାଲି ରଙ୍ଗରେ ଏହି ପାତ୍ରଗୁଡ଼ିକୁ ରଙ୍ଗ କରାଯାଇଛି । ସାଧାରଣତଃ ମାଟିପାତ୍ର ନକ୍‌ସାଗୁଡ଼ିକ ସରଳ ଓ ବକ୍ର ଥିଲା । ଏହା ଉପରେ ତରଙ୍ଗାୟିତ ରେଖା ଗୋଟି, ଏକ କେନ୍ଦ୍ରବିଶିଷ୍ଟ ପରସ୍ପରକୁ ଛେଦନ କରୁଥିବା ଗୋଲକ, ଅର୍ଦ୍ଧଗୋଲାକାର, ଅର୍ଦ୍ଧଗୋଲାକୃତି ଖିଲାଣ, ବକ୍ରତଳବିଶିଷ୍ଟ ଥିଲା । ପାତ୍ରଗୁଡ଼ିକର ସାଧାରଣ ଆକାର ମଧ୍ୟରେ ଅର୍ଦ୍ଧଗୋଲାକାର ବେଲା ଏବଂ ବିଭିନ୍ନ ପ୍ରକାରର ବାସନ ରହିଥିଲା ।

ଅନ୍ୟାନ୍ୟ ଜିନିଷ

ଏନ୍.ବି.ପି. ସଂସ୍କୃତି ଅଞ୍ଚଳରୁ ତମ୍ବା, ଲୁହା, ସୁନା, ରୁପା, ପଥର, କାଚ ଏବଂ ହାଡ଼ରୁ ତିଆରି ବିଭିନ୍ନ ଜିନିଷ ଯଥା- କାରିଗରୀ ସରଞ୍ଜାମ, ଅସ୍ତ୍ରଶସ୍ତ୍ର, ଗହଣା ଆଦି ମିଳିଛି । ଏଗୁଡ଼ିକ ଏହି ସମୟର ଲୋକଙ୍କର କାରିଗରୀ ଜ୍ଞାନ କୌଶଳର ପ୍ରମାଣ ଦିଏ । ଆହୁରି ମଧ୍ୟ ଏ ବାବଦରେ ବୌଦ୍ଧଗ୍ରନ୍ଥଗୁଡ଼ିକରେ ଉଲ୍ଲିଖିତ ଅଛି । ଜାତକଗୁଡ଼ିକରେ ସେ ସମୟରେ କଳା, କାରିଗରୀ ଜ୍ଞାନକୌଶଳ ବ୍ୟତୀତ ୧୮ଗୋଟି ଶ୍ରେଣୀ ବା ସଂଘର ଅବତାରଣା ରହିଛି; ଯଥା- କାଠ, ଧାତୁ, ପ୍ରସ୍ତର, ମୂଲ୍ୟବାନ୍ ପଥର, ଅଳଙ୍କାର, ହାତୀଦାନ୍ତ, ତନ୍ତ ଆଦି ଜିନିଷର କାରିଗରମାନଙ୍କର ସଂଘ ରହିଥିଲା ।

ବିଭିନ୍ନ ସ୍ଥାନରୁ ମିଳୁଥିବା ତମ୍ବା ଜିନିଷଗୁଡ଼ିକ ଯଥା- ନିହାଣ, ଛୁରୀ, ଖୋଳିବା ଜିନିଷ, କଣ୍ଟା, ଛୁଞ୍ଚି, ରୁପା ସଦୃଶ ଧାତୁର ଦଣ୍ଡ, ବାଡ଼ି ଆଗରେ ଦିଆଯାଉଥିବା ଧାତବ ମୁନିଆ ଗୋବ, ନଟେଇ, ଚୁଡ଼ି ଇତ୍ୟାଦି ମୁଖ୍ୟ ଅଟେ ।

ଲୁହା ଜିନିଷଗୁଡ଼ିକ କେବଳ ମାତ୍ର ତୁଳନାତ୍ମକ ରୂପରେ ବହୁସଂଖ୍ୟକ ନଥିଲା, ବରଂ ଏହା ସହିତ ପି.ଜି.ଡବ୍ଲ୍ୟୁ. ସମୟ ତୁଳନାରେ ଅନେକ ଅଧିକ ପ୍ରକାରର ଜିନିଷ ପ୍ରଦର୍ଶନ କରିଥିଲା । କେବଳ କୌଶାମ୍ବୀରେ ୧୧୧୫ଗୋଟି ଲୁହା ତିଆରି ବିଭିନ୍ନ ଜିନିଷ ଗଚ୍ଛିତ ହୋଇ ରହିଛି- ଯେଉଁଗୁଡ଼ିକର ସମୟକାଳ ପ୍ରାୟ ଖ୍ରୀ.ପୂ. ୮୦୦ରୁ ଖ୍ରୀ.ଅ. ୫୫୦ ମଧ୍ୟରେ ଅଟେ । ଏଗୁଡ଼ିକ ମଧ୍ୟରେ-

(କ) କୃଷି ସରଞ୍ଜାମ ଯଥା- କୋଦାଳ, ଦାଆ ଏବଂ କାରିଗରୀ ସରଞ୍ଜାମ ଯଥା, ଟାଙ୍ଗିଆ, ବାର୍ସି, ନିହାଣ, ପେଚ କଷିବା ଲମ୍ବା କଣ୍ଟା ଇତ୍ୟାଦି ।

(ଖ) ଅସ୍ତ୍ରଶସ୍ତ୍ର ଯଥା- ତୀର ମୁନ, ବର୍ଚ୍ଛା, ଅଗର, ମୁନିଆ ଲୁହା ଇତ୍ୟାଦି ।

(ଗ) ବିଭିନ୍ନ ପ୍ରକାରର ଜିନିଷ ଯଥା- ଛୁରୀ, ବିଭିନ୍ନ ପ୍ରକାରର ବେଣ୍ଟ, ବନଶୀକଣ୍ଟା କଣ୍ଟା, ବୋଲ୍‌ଟ (କ୍ଷୁଦ୍ରକୀଳକ), ଲୌହବର୍ମ ଅଟକାଇବା ଲୌହପତ୍ର, ବଳୟ, ଛୋଟ ଘଣ୍ଟି ଇତ୍ୟାଦି ।

ଏନ୍.ବି.ପି. ସଂସ୍କୃତିର ମଧ୍ୟମ ପର୍ଯ୍ୟାୟରୁ ରୌପ୍ୟ ଛିଦ୍ରଯୁକ୍ତ ମୁଦ୍ରା ମିଳିଛି । ଏହା ସୂଚନା ଦିଏ ଯେ, ସମ୍ଭବତଃ ଏହି ସମୟରେ କିଣାବିକା ପାଇଁ ଦ୍ରବ୍ୟ ବିନିମୟରେ ଦ୍ରବ୍ୟର ଆଦାନପ୍ରଦାନ କରିବା ପଦ୍ଧତିରେ ପରିବର୍ତ୍ତନ ଆସିବା ଆରମ୍ଭ ହୋଇ ଦ୍ରବ୍ୟ ବଦଳରେ ଧାତବ ମୁଦ୍ରା ଦେଣନେଣ କରାଯାଉଥିଲା । ଧାତବ ମୁଦ୍ରାକୁ ଲୋକେ ଜିନିଷ ବଦଳରେ ଗ୍ରହଣ କରୁଥିଲେ ।



ଛିଦ୍ରଯୁକ୍ତ ମୁଦ୍ରା



ଲୁହା ସରଞ୍ଜାମ : ୧-୩ ତୀରମୁନ, ୪-ବାର୍ସି, ୫-କୋଦାଳ (ଫାଉଡା), ୬-୭-ଦାଆ, ୮- ମାଟି ଖୋଦକ, ୯-ନିହାଣ

ଅଳଙ୍କାର

ମୂଲ୍ୟବାନ୍ ପଥର, କାଚ, ମାଟି, ତମ୍ବା, ଶାମୁକା, ଶଙ୍ଖ, ହାଡ଼ ଆଦିରେ ତିଆରି ମାଳି ସାଧାରଣତଃ ଦେଖାଯାଏ । ସାଧାରଣତଃ ଏଗୁଡ଼ିକର ଆକାର ହେଉଛି ଗୋଲାକାର, ବୃତ୍ତାକାର, ଅର୍ଦ୍ଧବର୍ତ୍ତୁଳ, ନଳାକାର, ସମଚତୁଷ୍କୋଣୀ । କେତେକ ମାଳିର ଗୋଟିଗୁଡ଼ିକରେ ବିଭିନ୍ନ ଚିତ୍ର ମଧ୍ୟ ଉତ୍କୀର୍ଣ୍ଣ କରାଯାଇଥିଲା । କୌଶାମ୍ବୀରୁ ମାତ୍ର ଗୋଟିଏ ସୁନାମାଳି ମିଳିଛି । (ପ୍ରାୟ ଖ୍ରୀ.ପୂ. ୩୦୦)

ଅନ୍ୟାନ୍ୟ ଅଳଙ୍କାର ମଧ୍ୟରେ ଟେରାକୋଟା ଶଙ୍ଖା, କାଚ, ଶାମୁକା, ଶଙ୍ଖ, ପଥର ଏବଂ ତମ୍ବାନିର୍ମିତ ଜିନିଷ ସବୁ ମିଳିଛି । ଏହା ବ୍ୟତୀତ ତମ୍ବା, ଲୁହା, ଶିଙ୍ଗ, ମାଟିରେ ତିଆରି ମୁଦି ଏବଂ ଟେରାକୋଟାର ଝୁଲୁଥିବା ଅଳଙ୍କାର ଯଥା- କାନ ଝୁମୁକା, ଗୋମେଦ ଓ ଇନ୍ଦ୍ରଗୋପମଣିରେ ତିଆରି ବିଭିନ୍ନ ଅଳଙ୍କାର ଆଦି ମିଳିଛି । ମିଳୁଥିବା ଏହି ସବୁ ଅଳଙ୍କାର ଆମକୁ-

- ସମାଜରେ ଅଳଙ୍କାରର ବ୍ୟବହାର
- ସେଗୁଡ଼ିକୁ ତିଆରି କରିପାରୁଥିବା ବିଶେଷ ବର୍ଗର କାରିଗରମାନଙ୍କର ଉପସ୍ଥିତି
- ସେଗୁଡ଼ିକୁ ତିଆରି କରିବା କାରିଗରୀ ଜ୍ଞାନରେ ଉନ୍ନତି
- ଅନ୍ୟାନ୍ୟ ଅଞ୍ଚଳ ସହିତ ଜିନିଷ ଅଦଳବଦଳ କରିବା, ବାଣିଜ୍ୟ କାରବାର ତଥା ବିଭିନ୍ନ ମୂଲ୍ୟବାନ୍ ପଥର ଉତ୍ପାଦନ କରାଯାଉଥିବା ପ୍ରମାଣ ଆଦି ସମ୍ବନ୍ଧରେ ସୂଚନା ଦିଏ ।

ଟେର୍‌ରାକୋଟା (ପୋଡ଼ାମାଟି କାମ)ର କ୍ଷୁଦ୍ରମୂର୍ତ୍ତି

ଟେର୍‌ରାକୋଟା କ୍ଷୁଦ୍ରମୂର୍ତ୍ତିରେ ସନ୍ନିବେଶିତ ଥିଲା ମଣିଷ, ପଶୁ ଏବଂ ଅନ୍ୟାନ୍ୟ ପ୍ରକାରର ମୂର୍ତ୍ତି । ମଣିଷ ମୂର୍ତ୍ତିଗୁଡ଼ିକ ଛାଞ୍ଚରେ ଗଢ଼ା ହୋଇଥିଲା । ଅଳ୍ପ କେତେକ ପୁରୁଷ ମୂର୍ତ୍ତିପିଣ୍ଡ, ଆଭୂଷଣ ଛାଡ଼ିଦେଲେ ଅନ୍ୟ ସବୁଗୁଡ଼ିକ ସାଦାସିଧା ଥିଲା । ସ୍ତ୍ରୀମୂର୍ତ୍ତିଗୁଡ଼ିକରେ ମୁଣ୍ଡ ଆଭୂଷଣ, କର୍ଣ୍ଣ ଅଳଙ୍କାର, ବେକରେ ହାର ଏବଂ କଟିମେଖଳା ରହିଥିଲା ।

ପଶୁମୂର୍ତ୍ତିଗୁଡ଼ିକ ହାତ ତିଆରି ହେଲେ ମଧ୍ୟ ସୁନ୍ଦର ଗଢ଼ଣ ଥିଲା । ପଶୁ ମୂର୍ତ୍ତିଗୁଡ଼ିକ ମଧ୍ୟରେ ଘୋଡ଼ା, ଷଣ୍ଢ, ବଳଦ, ମେଣ୍ଢା ଏବଂ ହାତୀ ଆଦି ରହିଥିଲା ।

ଅନ୍ୟାନ୍ୟ ମୂର୍ତ୍ତିଗୁଡ଼ିକ ମଧ୍ୟରେ ଖେଳଣା ଶଗଡ଼, ପଶୁମସ୍ତକବିଶିଷ୍ଟ ଖେଳାଳି, ଗୋଲକ, ପେଣ୍ଡୁ, ଦେହଘସା ଇଟା, କୁମ୍ଭାରଚକ ଆଦି ରହିଥିଲା । ଏହି ସଭ୍ୟତାର ପରବର୍ତ୍ତୀ ସମୟରେ ମୋହର ଏବଂ ବ୍ରାହ୍ମୀଲିପି ଖୋଦନ କରାଯାଇଥିବା ମୋହର ସବୁ ମିଳିଛି । ଏହିସବୁ ମିଳିଥିବା ଜିନିଷ ଆମକୁ ସେହି ସ୍ଥାନଗୁଡ଼ିକ ଏବଂ ସଭ୍ୟତା ବାବଦରେ ବହୁ ତଥ୍ୟ ପ୍ରଦାନ କରିଥାଏ । ଉଦାହରଣସ୍ୱରୂପ, ଖେଳଣା ଶଗଡ଼ ସୂଚନା ଦିଏ ଯେ, ସେ ସମୟରେ ପରିବହନ ପାଇଁ ଶଗଡ଼ ଗାଡ଼ି ମୁଖ୍ୟତଃ ବ୍ୟବହୃତ ହେଉଥିଲା ।

ଅର୍ଥନୀତି ଏବଂ ବାଣିଜ୍ୟ ଅବସ୍ଥାନ

ଉଦ୍ଭିଦର ଅବଶେଷାଂଶ ସୂଚନା ଦିଏ ଯେ, ସେ ସମୟରେ ଧାନ, ଗହମ, ବାର୍ଲି, ଜୁଆର, ମଟର, ବିରି ଆଦି ଚାଷ କରାଯାଉଥିଲା । ପୁନଶ୍ଚ ଜୈବିକ ଅବଶିଷ୍ଟାଂଶ ସୂଚନା ଦିଏ ଯେ, ସେ ସମୟର ଲୋକମାନେ ଗୋରୁ, ମେଣ୍ଢା, ଛେଳି, ଘୁଷୁରି, ମାଛ ଆଦି ଉପରେ ନିର୍ଭର କରୁଥିଲେ ।

ଭିନ୍ନ ଭିନ୍ନ ପ୍ରକାରର ମାଳି ବିଭିନ୍ନ ସ୍ଥାନରେ ସାଧାରଣ ଭାବରେ ମିଳିବା ସେ ସମୟର ବ୍ୟବସାୟ ବାଣିଜ୍ୟର ସୂଚନା ଦିଏ । ଏହି ଭିତ୍ତିରେ କୁହାଯାଇପାରେ ଯେ, ପ୍ରାୟ ଖ୍ରୀ.ପୂ. ୬୦୦ରୁ ଖ୍ରୀ.ପୂ. ୨୦୦ ମଧ୍ୟରେ ତକ୍ଷଶିଳା, ହସ୍ତିନାପୁର, ଶ୍ରାବସ୍ତୀ ଏବଂ କୌଶାମ୍ବୀ ଆଦି ସ୍ଥାନଗୁଡ଼ିକ ମଧ୍ୟରେ ବାଣିଜ୍ୟିକ ସଂପର୍କ ରହିଥିଲା । ଏହି ଉକ୍ତିକୁ ପୁନଶ୍ଚ ପ୍ରମାଣିତ ଏବଂ ବଳିଷ୍ଠ କରେ ବୌଦ୍ଧଗ୍ରନ୍ଥଗୁଡ଼ିକ, ଯହିଁରୁ କି ଆମେ ସେ ସମୟରେ ବାଣିଜ୍ୟ ସଂଘ, ଓଟ, ଘୋଡ଼ା, ଖଚ୍ଚର, ବଳଦ, ମହିଷ ଆଦି ସାହାଯ୍ୟରେ ପଣ୍ୟଦ୍ରବ୍ୟ ଧରି ଯାତ୍ରା କରୁଥିବା ବଣିକଦଳ ଅଥବା ବୃହତ୍ ଆବୃତ ଶକଟରେ ଯାତ୍ରା କରୁଥିବା ଉଷ୍ଟ୍ରଦଳ ଆଦିଙ୍କ ବର୍ଣ୍ଣନା ପାଇଥାଉ । ଖ୍ରୀ.ପୂ. ଷଷ୍ଠରୁ ତୃତୀୟ ମଧ୍ୟରେ ପାଶ୍ଚାତ୍ୟ ଦେଶଗୁଡ଼ିକ ସହିତ ଭାରତର ବାଣିଜ୍ୟ ସଂପର୍କ ରହିଥିଲା । ରପ୍ତାନୀର ମୁଖ୍ୟ ଜିନିଷ ଥିଲା ଲୁଗାପଟା, ମସଲା, ସମ୍ଭବତଃ ଲୁହା ଓ ଷ୍ଟିଲ୍ ତିଆରି ଜିନିଷ । ଅର୍ଥଶାସ୍ତ୍ର (ଖଣ୍ଡ-୨)ରୁ ଆମେ ଜାଣୁ ଯେ, ରାଜ୍ୟର ପ୍ରଭୁତ୍ୱ ବାଣିଜ୍ୟ ଉପରେ ରହିଥିଲା ତଥା କଳକାରଖାନା ଉପରେ ମଧ୍ୟ ପ୍ରତିଷ୍ଠିତ ଥିଲା । ଏହି କଳକାରଖାନାଗୁଡ଼ିକ ମଧ୍ୟରେ ସୁନା, ତମ୍ବା, ଲୁହା, ସୀସା, ଟିଣ, ରୁପା, ହୀରା, ମାଣିକ୍ୟ ଏବଂ ଅନ୍ୟାନ୍ୟ ମୂଲ୍ୟବାନ୍ ପଥର ଆଦି ରହିଥିଲା ।

ପଶ୍ଚିମ କେନ୍ଦ୍ରୀୟ ଓ ପୂର୍ବ ଭାରତର ତାମ୍ର ସଂସ୍କୃତି

ଖ୍ରୀ.ପୂ. ଦ୍ୱିତୀୟ ଏବଂ ପ୍ରଥମ ସହସ୍ରାବ୍ଦ ବେଳକୁ ପଶ୍ଚିମ, କେନ୍ଦ୍ରୀୟ ଏବଂ ପୂର୍ବ ଭାରତରେ ଅନେକଗୁଡ଼ିଏ ଆଞ୍ଚଳିକ ପ୍ରାଚୀନ କୃଷିଜୀବୀ ତାମ୍ର ସଭ୍ୟତା ବିକାଶ ଲାଭ କରିଥିଲା । ଏହି ସଭ୍ୟତାଗୁଡ଼ିକ ମୌଳିକ ରୂପରେ ଗ୍ରାମ୍ୟ ଜନବସତିରେ ଆଧାରିତ ଥିଲା । ଅନ୍ୟ ଭାବରେ କହିଲେ, ଏହିସବୁ ସଭ୍ୟତା ଗ୍ରାମ୍ୟ ସଭ୍ୟତା ଥିଲା, ଯେଉଁଗୁଡ଼ିକ ମଧ୍ୟରେ ଅନେକ ସାମଞ୍ଜସ୍ୟତା ରହିଥିଲା । ଏଗୁଡ଼ିକର ତାତ୍ପର୍ଯ୍ୟପୂର୍ଣ୍ଣ ଚାରିତ୍ରିକ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦତ୍ତ ହେଲା ।

- ଚିତ୍ରିତ ମାଟିପାତ୍ର ଯେଉଁଗୁଡ଼ିକ ମୁଖ୍ୟତଃ କଳା କିମ୍ବା ନାଲି ଥିଲା ଏବଂ
- ଅତି ଉନ୍ନତ ମାନର ହତିଆର ଏବଂ ସ୍ଫଟିକ ପଥରରେ କଣାଯୁକ୍ତ ସରଞ୍ଜାମ ଆଦି ।

ଯଦିଓ ତମ୍ବାର ବ୍ୟବହାର ଲୋକମାନେ ଜାଣିଥିଲେ ତଥାପି ଏହା କମ୍ ପରିମାଣରେ ଉପଲବ୍ଧ ଥିବାରୁ, ଏହାର ବ୍ୟବହାର ମଧ୍ୟ କମ୍ କରାଯାଉଥିଲା । ଜନବସତିଗୁଡ଼ିକରେ ସାଧାରଣତଃ ଗୋଲାକାର ଓ ବର୍ଗାକାର କୁଟୀର ସବୁ ରହିଥିଲା; ହେଲେ କେତେକ ସ୍ଥାନରେ ଲୋକମାନେ ଗାତ ଏବଂ ସୁଡଙ୍ଗରେ ରହିବା ମଧ୍ୟ ଜଣାପଡ଼େ । ଅର୍ଥନୀତିର ଆଧାର ଥିଲା କୃଷି ଏବଂ ପଶୁପାଳନ । ଏହି ସଭ୍ୟତା ବା ସଂସ୍କୃତିଗୁଡ଼ିକୁ ସେଗୁଡ଼ିକର ସ୍ଥାନର ପ୍ରକାରଭେଦ ଅନୁସାରେ ନାମିତ କରାଯାଇଛି ।

ତାମ୍ର ସଂସ୍କୃତି

ସଂସ୍କୃତି ସଭ୍ୟତାର ନାମ	ସମୟକାଳ
କାୟସ୍ଥ	ଖ୍ରୀ.ପୂ.- ୨୦୦୦-୧୮୦୦
ଆହର କିମ୍ବା ବାଣ	ଖ୍ରୀ.ପୂ.- ୨୦୦୦-୧୪୦୦
ସବଲ୍‌ଦା	ଖ୍ରୀ.ପୂ.- ୨୦୦୦-୧୮୦୦
ମାଳବ	ଖ୍ରୀ.ପୂ.- ୧୭୦୦-୧୨୦୦ ମଧ୍ୟଭାରତରେ ଏବଂ
	ଖ୍ରୀ.ପୂ. ୧୭୦୦-୧୪୦୦ ମହାରାଷ୍ଟ୍ରରେ
ପ୍ରଭାସ	ଖ୍ରୀ.ପୂ. ୧୮୦୦-୧୫୦୦
ରଙ୍ଗପୁର	ଖ୍ରୀ.ପୂ. ୧୪୦୦-୭୦୦
ଚିରାନ୍ଦ	ଖ୍ରୀ.ପୂ. ୧୫୦୦-୭୫୦

ପ୍ରାୟ ୫୦ ଗୋଟି ହରପ୍ପା ପରବର୍ତ୍ତୀ ଅଣସହରୀ ଜନବସତି (ଖ୍ରୀ.ପୂ. ୧୮୦୦-୧୬୦୦) ମହାରାଷ୍ଟ୍ରର ତାପ୍ତି ଉପତ୍ୟକାରେ ଗଢ଼ି ଉଠିଥିବାର ଜଣାଯାଏ । ଦାଏମାବାଦର ଖନନରୁ ଜଣାଯାଏ ଯେ, ହରପ୍ପା ପରବର୍ତ୍ତୀ ମଣିଷମାନେ ଆହୁରି ଦକ୍ଷିଣ ଆଡ଼କୁ ଗତିକରି ମହାରାଷ୍ଟ୍ରର ପ୍ରବର ଉପତ୍ୟକାରେ ବସତି ସ୍ଥାପନ କରିବା ଆରମ୍ଭ କରିଥିଲେ ।

କାୟଥ ଅଞ୍ଚଳର ନାମାନୁଯାୟୀ କାୟଥ ସଂସ୍କୃତିର ନାମକରଣ କରାଯାଇଛି (ଉଜ୍ଜୟିନୀର ୨୫ କି.ମି. ପୂର୍ବକୁ) । ଏହି ସଭ୍ୟତା ଚମ୍ବଲ ନଦୀର ସଂଗମସ୍ଥଳ କାଳିସିନ୍ଧୁ ନଦୀକୂଳରେ ଅବସ୍ଥିତ ଥିଲା । ଆହର କିମ୍ବା ବାଣ ସଂସ୍କୃତିର ନାମକରଣ ବାଣ ନଦୀ ନାମାନୁଯାୟୀ କରାଯାଇଛି । ଏହାର ଅବସ୍ଥିତି ଅଞ୍ଚଳ ଥିଲା ଆହର (ରାଜସ୍ଥାନର ଉଦୟପୁର) ।



ପଶ୍ଚିମ ଏବଂ ମଧ୍ୟ ଭାରତର ତାମ୍ର ସଂସ୍କୃତି ସ୍ଥାନଗୁଡ଼ିକ

ଦକ୍ଷିଣ-ପୂର୍ବ ରାଜସ୍ଥାନର ବାଣ ଏବଂ ବେରାର ଉପତ୍ୟକାରେ ଏହି ସଂସ୍କୃତିର ୫୦ରୁ ଅଧିକ ସ୍ଥାନ ରହିଥିବାର ଜଣାଯାଏ । ସାବଲ୍‌ଦା ସଂସ୍କୃତିର ଅବସ୍ଥିତି ସ୍ଥାନ ଥିଲା ସାବଲ୍‌ଦା (ମହାରାଷ୍ଟ୍ରର ଧୂଳିଆ ଜିଲ୍ଲା) । ପ୍ରାୟତଃ ଏହା ତାପ୍ତି ଉପତ୍ୟକାରେ କେନ୍ଦ୍ରିତ ଥିଲା, ହେଲେ ଦାଏମାବାଦରୁ ମିଳିଥିବା ପ୍ରମାଣଗୁଡ଼ିକରୁ ଜଣାଯାଏ ଯେ, ଏହା ନର୍ମଦା ଉପତ୍ୟକାରେ ମଧ୍ୟ ପରିବ୍ୟାପ୍ତ ଥିଲା । ମହେଶ୍ୱର ଏବଂ ନବଦାଟୋଲି (ମଧ୍ୟପ୍ରଦେଶର ନିମାର୍ ଜିଲ୍ଲା) ଖୋଦନରୁ ମାଳବ ସଂସ୍କୃତି ଆବିଷ୍କୃତ ହୋଇଛି । ଏହା ନର୍ମଦା ନଦୀ କୂଳରେ ଅବସ୍ଥିତ ଥିଲା । ମାଳବ ଅଞ୍ଚଳର ଅନେକଗୁଡ଼ିଏ ସ୍ଥାନରୁ ଏହି ସଂସ୍କୃତି ବାହାରିଥିବାରୁ ଏହାର ନାମ ମାଳବ ସଂସ୍କୃତି ରଖାଯାଇଛି । ପ୍ରାୟ ଖ୍ରୀ.ପୂ. ୧୬୦୦ ବେଳକୁ ଏହି ଲୋକମାନେ ମହାରାଷ୍ଟ୍ର ଆଡ଼କୁ ସ୍ଥାନ ପରିବର୍ତ୍ତନ କରି ଗତି କରିଥିଲେ । ତେଣୁ ତାପ୍ତି, ଗୋଦାବରୀ, ଭୀମ ନଦୀ ଉପତ୍ୟକାଗୁଡ଼ିକରୁ ଅନେକଗୁଡ଼ିଏ ଜନବସତି ଆବିଷ୍କୃତ ହୋଇଛି । ପ୍ରକାଶ (ଧୂଳିଆ ଜିଲ୍ଲା), ଦାଏମାବାଦ (ଅହମ୍ମଦ ନଗର ଜିଲ୍ଲା) ଏବଂ ଇନାମ୍‌ଗାଆଁ (ପୁନା ଜିଲ୍ଲା) ଆଦି ମହାରାଷ୍ଟ୍ରର ସ୍ଥାନଗୁଡ଼ିକରେ ମାଳବ ସଂସ୍କୃତି ସୁବିସ୍ତୃତ ରୂପରେ ପରିବ୍ୟାପ୍ତ ଥିଲା । ଗୁଜୁରାଟର ରଙ୍ଗପୁର ଏବଂ ପ୍ରଭାସ ପାଟଣାର ନାମାନୁଯାୟୀ ପ୍ରଭାସ ଏବଂ ରଙ୍ଗପୁର ସଂସ୍କୃତିର ନାମକରଣ କରାଯାଇଛି । ଜୋରୱେ (ଅହମ୍ମଦ ନଗର ଜିଲ୍ଲା)ରେ ଜୋରୱେ ସଂସ୍କୃତିର ଅବସ୍ଥିତି ରହିଥିଲା । ଜୋରୱେ ସଂସ୍କୃତିର ବ୍ୟାପକ ବୃଦ୍ଧି ବ୍ୟବସ୍ଥା ପ୍ରକାଶ, ଦାଏମାବାଦ ଏବଂ ଇନାମ୍ ଗାଆଁର ମାଳବ ସଂସ୍କୃତିର ଉତ୍ତରାଧିକାରୀ ହୋଇଥିଲା ।

ପୂର୍ବ ଭାରତରେ ପଥର ଏବଂ ତମ୍ବା ବ୍ୟବହାର କରୁଥିବା କୃଷିଜୀବୀ ସମ୍ପ୍ରଦାୟ ବାବଦରେ ମଧ୍ୟ ଆମକୁ ସୂଚନା ମିଳିଛି । ଉତ୍ତର ବିହାରର ଚିରାଳଠାରେ ଏକ ପ୍ରାଚୀନ ଗାଆଁର ଧ୍ୱଂସାବଶେଷ ମିଳିଛି । ଲୋକମାନେ ବାଉଁଶ

ଏବଂ କାଦୁଅ ଲେପ ଦିଆଯାଇଥିବା ଛୋଟ ଛୋଟ ଘରଗୁଡ଼ିକରେ ରହୁଥିଲେ । ସେମାନେ ଭାତ, ମାଛ ଆଦି ଖାଉଥିଲେ ଏବଂ ବଣ୍ୟଜନ୍ତୁ ଶିକାର କରୁଥିଲେ । ସେମାନେ କଳା ଏବଂ ନାଲି ମାଟିପାତ୍ର ବ୍ୟବହାର କରୁଥିଲେ । ଠିକ୍ ଏହିପରି ସମାନ ସଭ୍ୟତା ମଧ୍ୟ ଆବିଷ୍କୃତ ହୋଇଛି ଗୋରଖପୁରର ସାହଗୁଡ଼ା (ଉତ୍ତର ପ୍ରଦେଶ) ଏବଂ ଗୟାର ସୋନପୁର (ବିହାର)ଠାରେ । ସେଠାରେ ଲୋକେ ଗହମ ଏବଂ ବାର୍ଲି ମଧ୍ୟ ଚାଷ କରୁଥିଲେ । ପଶ୍ଚିମ ବଙ୍ଗଳାର ସ୍ଥାନଗୁଡ଼ିକ ମଧ୍ୟରେ ପାଣ୍ଡୁ ରାଜାର ଢିଲୁ (ବର୍ଦ୍ଧମାନ ଜିଲ୍ଲା) ଏବଂ ବୀରଭୂମ ଜିଲ୍ଲାର ମହିଷଡାଲଠାରେ ମଧ୍ୟ ସମାନ ପ୍ରକାରର ସଭ୍ୟତା ଆବିଷ୍କୃତ ହୋଇଛି । ଏହି ସମସ୍ତ ସଂସ୍କୃତିର ସମୟକାଳ ଖ୍ରୀ.ପୂ. ୧୫୦୦ ରୁ ୭୫୦ ମଧ୍ୟରେ ଅଟେ ।

ନିମ୍ନରେ ଆମେ ଏହି ସଂସ୍କୃତିଗୁଡ଼ିକର ବୈଶିଷ୍ଟ୍ୟ ବାବଦରେ ପର୍ଯ୍ୟାଲୋଚନା କରିବା ।

ମାଟିପାତ୍ର : ନିରୂପିତ ଆକୃତି

ଆମେ ଏହି ତାମ୍ର ସଂସ୍କୃତିଗୁଡ଼ିକର ମାଟିପାତ୍ରଗୁଡ଼ିକ ବାବଦରେ ବିଶଦ ଆଲୋଚନା କରିବା ।

କାୟଥ ମାଟିପାତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ହେଉଛି ତିନି ପ୍ରକାରର ଗଢ଼ଣ ଶୈଳୀ ।

- ମୋଟା ଓ ଟାଣୁଆ ନାଲି ପିଚ୍ଛିଳ ମାଟିପାତ୍ର । ଏହାକୁ ଗାଢ଼ ଧୂସର ରଙ୍ଗରେ ରଙ୍ଗ କରାଯାଇଥିଲା ।
- ନାଲି ରଙ୍ଗ କରାଯାଇଥିବା ପାଲିସ୍ ମାଟିପାତ୍ର (ଏହି ପାତ୍ରଗୁଡ଼ିକ ପତଳା ତଥା ସୁନ୍ଦର ଗଢ଼ଣବିଶିଷ୍ଟ) : ଏବଂ
- ରେଖାଙ୍କିତ ତଥା ଖୋଦିତ କର୍କଶ ମାଟିପାତ୍ର ।

ଅଧିକାଂଶ ଟାଣୁଆ ପିଚ୍ଛିଳ ନାଲି ମାଟିପାତ୍ର ତଳେ ଏକ ବଳୟ ରହିଥିଲା । ଏହି ନିମ୍ନରେ ବଳୟଯୁକ୍ତ ମାଟିପାତ୍ର ହରପ୍ପା ପୂର୍ବ ସୋଥି ପ୍ରକାରର ମାଟିପାତ୍ରକୁ ମନେ ପକେଇ ଦିଏ ।

ସୋଥି ସଂସ୍କୃତି (ରାଜସ୍ଥାନ) ବାବଦରେ ଆମେ ଆବିଷ୍କୃତ ଅନେକଗୁଡ଼ିଏ ସ୍ଥାନରୁ ଜାଣିଥାଉ ଯଥା- ଘାଗର ଉପତ୍ୟକାର (ଶ୍ରାବସ୍ତୀ) । ଏହି ସଂସ୍କୃତିରୁ ମିଳୁଥିବା ମାଟିପାତ୍ରର କାଲିବାଙ୍ଗାନର ହରପ୍ପା ପୂର୍ବ ମାଟିପାତ୍ର ସହ ସାମଞ୍ଜସ୍ୟ ରହିଛି ।

ଆହରରେ ସାତ ପ୍ରକାରର ମାଟିପାତ୍ର ମିଳିଛି; ହେଲେ ଏଗୁଡ଼ିକର ମୁଖ୍ୟ ଚାରିତ୍ରିକ ବୈଶିଷ୍ଟ୍ୟ ହେଉଛି ଏଗୁଡ଼ିକ କଳା ଏବଂ ନାଲିରଙ୍ଗର, ଯାହା ଉପରେ ଧଳାରଙ୍ଗର ଚିତ୍ରଣ କରାଯାଇଛି । ସାବଲ୍‌ଦାରୁ ମିଳୁଥିବା ମାଟିପାତ୍ରଗୁଡ଼ିକ କଳା କିମ୍ବା ନାଲିରଙ୍ଗର ଅଟେ । ସେଗୁଡ଼ିକ ଉପରେ ପ୍ରକୃତିର ବିଭିନ୍ନ ଜୀବଜନ୍ତୁ ଯଥା- ମାଛ, ପଶୁ,ପକ୍ଷୀ ଆଦିର ଚିତ୍ର କରାଯାଇଛି ।

ମାଳବ ମାଟିପାତ୍ରଗୁଡ଼ିକର ଗଢ଼ଣ କେତେକାଂଶରେ ମୋଟାଳିଆ ଅଟେ । ଏଗୁଡ଼ିକର ଉପରେ କିନ୍ତୁ କଳା ଏବଂ ଗାଢ଼ ଧୂସର ରଙ୍ଗର ମୋଟା ମସୃଣ ଆସ୍ତରଣ ଦିଆଯାଇଛି । ପ୍ରଭାସ ଏବଂ ରଙ୍ଗପୁରର ମାଟିପାତ୍ରଗୁଡ଼ିକ ଯେହେତୁ ଦେଖିବାକୁ ଅତି ଉଜ୍ଜ୍ୱଳ, ତେଣୁ ଏହାକୁ ଦୀପ୍ତିମାନ୍ ନାଲି ମାଟିପାତ୍ର ଆଖ୍ୟା ଦିଆଯାଇଛି ।

ଜୋରୱେ ମାଟିପାତ୍ରରେ ନାଲି ଉପରେ କଳାରଙ୍ଗ ଦିଆଯାଇଛି । ଏହାର ପୃଷ୍ଠଭାଗ ଚଟକା ଏବଂ ନାଲିରଙ୍ଗ କରାଯାଇଛି ।

ଏହିସବୁ ଚାରିତ୍ରିକ ବୈଶିଷ୍ଟ୍ୟ ବ୍ୟତୀତ ଏହି ସମସ୍ତ ସଂସ୍କୃତିର ଆହୁରି ଅନେକ ସଂଯୁକ୍ତ ମାଟିପାତ୍ର ରହିଛି । ସେଗୁଡ଼ିକ ବିଶେଷତଃ ଧୂସର କିମ୍ବା ନାଲିରଙ୍ଗର ଅଟେ । ପାତ୍ରଗୁଡ଼ିକ ସାଧାରଣତଃ ଚକ ସାହାଯ୍ୟରେ ନିର୍ମିତ ହେଲେ ସୁଦ୍ଧା ହାତ ତିଆରି ପାତ୍ର ମଧ୍ୟ ଦେଖିବାକୁ ମିଳିଛି । ସାଧାରଣତଃ ଏହି ସଭ୍ୟତାଗୁଡ଼ିକର ମାଟିପାତ୍ରର ଆକାର ହେଲା, ଚାରିକୋଣିଆ, କଳସ, ଘଟ, ଅନ୍ତଃବର୍ତ୍ତୁଳ ବେକ, ବାସନ, ତାଟିଆ, ଛୋଟ ଅଥଚ ତଳେ ଚିତ୍ରିତ ବଳୟ ଥିବା ପାତ୍ର ଇତ୍ୟାଦି ରହିଥିଲା । ମାଳବ ମାଟିପାତ୍ରଗୁଡ଼ିକର ବିଶେଷତ୍ୱ ହେଉଛି ଯେ, ସେଗୁଡ଼ିକର ମୂଳରେ (ତଳେ) ଶକ୍ତ ବଇଠି

ରହିଛି । ଜୋରୱେର ମାଟିପାତ୍ରଗୁଡ଼ିକରେ ଚିତ୍ର କରାଯାଇଛି । ନଳମୁହାଁ କଳସ ଯାହାକି ଏବେକାର ସୁରାଇ ପରି ହୋଇଛି । ଏଗୁଡ଼ିକର ନଳ ହଠାତ୍ ଉଠି ମୁହଁ ତିଆରି ହୋଇଛି । ଆହୁରି ମଧ୍ୟ କେତେକ କଳସର ଶରୀର ଗୋଲାକାର ଏବଂ ବେକ ବହୁତ ଲମ୍ବା ଅଟେ ।



ମାଳବ ସଂସ୍କୃତିର ମାଟିପାତ୍ର

ବାସଗୃହ ଏବଂ ଜନବସତି

ଏହି ସଭ୍ୟତାଗୁଡ଼ିକର ଗୃହ ନିର୍ମାଣ ଶୈଳୀ ବାବଦରେ ସଂକ୍ଷେପରେ ଆମେ ବର୍ତ୍ତମାନ ଆଲୋଚନା କରିବା । ଘରଗୁଡ଼ିକ ବୃତ୍ତାକାର ଏବଂ ଆୟତାକାର ଥିଲା । ସେଗୁଡ଼ିକର କାନ୍ଥ ମାଟି କାଦୁଅରେ ନିର୍ମିତ ହୋଇଥିଲା ତଥା ଛଣ, ନଡ଼ା ଆଦିରେ ଛପର କରାଯାଇଥିଲା । ସାଧାରଣତଃ ଏହି ପ୍ରକାର ଘରସବୁ ରହିଥିଲା; ତଥାପି ମଧ୍ୟ ବିଭିନ୍ନ ସ୍ଥାନରେ କିଛିଟା ଭିନ୍ନତା ପରିଲକ୍ଷିତ ହୋଇଥାଏ ।

(କ) ସବଲ୍‌ଦା ସଭ୍ୟତାର ଅଧିକାଂଶ ଘର ଏକକୋଠରିବିଶିଷ୍ଟ ଏବଂ ଆୟତାକାର ଥିଲା; କିନ୍ତୁ କେତେକ ଘର ଦୁଇ କିମ୍ବା ତିନିକୋଠରିବିଶିଷ୍ଟ ଥିଲା । ଆହର ସଭ୍ୟତାର ଲୋକମାନେ ଘରର ମୂଳଦୁଆ କିମ୍ବା ନିଅଁରେ

ସ୍ଫଟିକ ପଥରକୁ ରୂପାନ୍ତରିତ କରି ପତ୍ରପରି ପତଳା କରି ଦେଉଥିଲେ ଏବଂ ମୂଳଦୁଆକୁ ଦୃଢ଼କରି ତିଆରି କରୁଥିଲେ । ଏହି ମୂଳଦୁଆ ଉପରେ ମାଟି କାଦୁଅ କିମ୍ବା ମାଟି ଇଟାରେ କାନ୍ଥ ନିର୍ମାଣ କରି ବାଲିଗରଡ଼ା ଅଥବା ଗୋଲାକାର ଛୋଟ ଛୋଟ ସ୍ଫଟିକ ପଥରରେ ସଜାଉଥିଲେ । ପୋଡ଼ାମାଟି ସାହାଯ୍ୟରେ କିମ୍ବା ନଦୀର ଛୋଟ ଛୋଟ କଙ୍କରରେ ମାଟି ମିଶେଇ ଚଟାଣ ତିଆରି କରୁଥିଲେ ।

(ଖ) ଅହରମାନଙ୍କର ଘରଗୁଡ଼ିକର ଆକାର ୭ ମିଟର × ୫ ମିଟର ଏବଂ ୩ ମିଟର × ୩ ମିଟର ଥିଲା । ଦୀର୍ଘତମ ଘରର ଲମ୍ବା ଥିଲା ୧୦ ମିଟର । ବଡ଼ ବଡ଼ ଘର ସବୁରେ କୋଠରି ବିଭାଜକ କାନ୍ଥ ରହିଥିଲା । ରୋଷେଇ ଘରେ ଚୁଲ୍ଲି ଏବଂ ସ୍ଫଟିକ ପଥର ନିର୍ମିତ ବସିବା ଆସନ ଓ ଚକି ରହିଥିଲା ।

(ଗ) ମାଳବର ନବଦାଟୋଲି ପ୍ରକାଶ, ଦାଏମାବାଦ ଏବଂ ଇନାମ୍‌ଗାଆଁର ଜନବସତିଗୁଡ଼ିକର ଆକାର ବଡ଼ ଥିଲା । ଇନାମ୍‌ଗାଆଁରୁ ମିଳିଥିବା ନକ୍‌ସା ପ୍ରମାଣିତ କରେ ଯେ, ଏହି ଜନବସତିଗୁଡ଼ିକର ଭିତ୍ତି ସ୍ଥାପନ ପାଇଁ ଆଗରୁ ସୁଚିନ୍ତିତ ଯୋଜନା ସବୁ କରାଯାଉଥିଲା । ଇନାମ୍‌ଗାଆଁରେ ଆବିଷ୍କୃତ ୨୦ରୁ ଅଧିକ ଘର ମଧ୍ୟରୁ ଅଧିକାଂଶ ଅସମାନ ଏବଂ ପୂର୍ବ-ପଶ୍ଚିମ ମୁଖବିଶିଷ୍ଟ ଶ୍ରେଣୀଭୁକ୍ତ ଅଟେ । ଯଦିଓ ଏହି ଘରଗୁଡ଼ିକ ଲଗାଲଗି ହୋଇ ତିଆରି କରାଯାଇଥିଲା, ଦୁଇଧାଡ଼ି ଘର ମଝିରେ ୧-୨ ମିଟର ଓସାରର ଜାଗା ରହିଥିଲା । ସମ୍ଭବତଃ ଏହା ଏକ ଗଳି ରାସ୍ତାର କାର୍ଯ୍ୟ କରୁଥିଲା । ଇନାମ୍‌ଗାଆଁର ଏହି ଘରଗୁଡ଼ିକ ୭ ମିଟର × ୫ ମିଟରବିଶିଷ୍ଟ ଆୟତାକାର ବଡ଼ ଘର ଥିଲା, ଯାହା ମଝିରେ କୋଠରି ବିଭାଜକ କାନ୍ଥ ରହିଥିଲା । ଏହି ଘରଗୁଡ଼ିକର କାନ୍ଥ ଅଳ୍ପ ଉଚ୍ଚ ଥିଲା ଏବଂ ତ୍ରିକୋଣାକାର ଗଡ଼ାଣିଆ ଛାତ ରହିଥିଲା । ଘର ଭିତରେ ଏକ ଚଟକା ନିଆଁ କୁଣ୍ଡ ରହିଥିଲା । ନିଆଁକୁ ଆୟତ୍ତରେ ରଖିବା ପାଇଁ ଏହାର ପାର୍ଶ୍ୱଗୁଡ଼ିକ ଉଚ୍ଚ କରାଯାଇଥିଲା । ନବଦାଟୋଲି ଘରଗୁଡ଼ିକରେ ଦୁଇମୁହଁବିଶିଷ୍ଟ ଚୁଲ୍ଲି ସବୁ ରହିଥିଲା । ଶସ୍ୟକୁ ବାୟୁ ନିଷ୍କାସିତ ଗଭୀର ଗାତରେ ଜମା କରି ରଖାଯାଇଥିଲା । (୧ ମିଟର ଗୋଲେଇ ଏବଂ ୧ ମିଟର ଗଭୀର) ଘର ଭିତରେ ରହିଥିବା ଗୋଲାକାର ମାଟି ଚଉରାରୁ ଜଣାଯାଏ ଯେ, ଶସ୍ୟ ରଖିବା ପାଇଁ ବାଉଁଶରେ ତିଆରି ପାଛିଆ କିମ୍ବା ବାକ୍‌ସ ରଖିବା ପାଇଁ ଏହା କାର୍ଯ୍ୟ କରୁଥିଲା ।

(ଘ) ଜୋରୱେ ସଂସ୍କୃତିର ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଉଛି ଯେ, ପ୍ରତ୍ୟେକ ଅଞ୍ଚଳରେ ଗୋଟିଏ ଲେଖାଏଁ ବୃହତ୍ କେନ୍ଦ୍ର ରହିଥିଲା । ଏହି କେନ୍ଦ୍ରଗୁଡ଼ିକ ଯଥା- ପ୍ରକାଶ, ଦାଏମାବାଦ, ଇନାମଗାଆଁ କ୍ରମାନ୍ୱୟରେ ତାପ୍ତି, ଗୋଦାବରୀ ଏବଂ ଭୀମାଠାରେ ରହିଥିଲା । ଦାଏମାବାଦର ଜୋରୱେ ଜନବସତି ବୃହତ୍ତମ ଥିଲା । ଏହା ୩୦ ହେକ୍ଟରରୁ ଅଧିକ ଜମିରେ ପରିବ୍ୟାପ୍ତ ଥିଲା । ପ୍ରକାଶ ଏବଂ ଇନାମ୍‌ଗାଆଁ ପ୍ରାୟ ୫ ହେକ୍ଟର ଜମି ଉପରେ ପରିବ୍ୟାପ୍ତ ଥିଲା ।

(ଙ) ଇନାମ୍‌ଗାଆଁ ଜୋରୱେ ଜନବସତିର ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ଥିଲା ଯେ, କାରିଗର ଯଥା- କୁମ୍ଭାର, ସୁନାରୀ, ରତ୍ନକାମ, ହାତୀଦାନ୍ତ ଖୋଦନକାରୀମାନଙ୍କର ଘର, ମୁଖ୍ୟ ଜନବସତି ଅଞ୍ଚଳର ପଶ୍ଚିମ ସୀମାନ୍ତରେ ରହିଥିଲା । ଧନିକ କୃଷକମାନଙ୍କର ଘର କେନ୍ଦ୍ରାଞ୍ଚଳରେ ଅବସ୍ଥିତ ଥିଲା । ଧନୀଶ୍ରେଣୀର ଲୋକଙ୍କ ଘରଠାରୁ କାରିଗରମାନଙ୍କର ଘର ଆକାରରେ ଛୋଟ ଥିଲା । ଏହି ଉଭୟ ବିଚାରଣୀୟ ଦିଗ ଯଥା- ଘରଗୁଡ଼ିକର ଅବସ୍ଥିତି ଓ ଆକାର ପ୍ରଦର୍ଶନ କରେ ଯେ, ସେ ସମୟରେ ସାମାଜିକ ବିଭେଦ ରହିଥିଲା ଏବଂ କାରିଗରମାନଙ୍କର ସ୍ଥାନ ସମାଜର ନିମ୍ନବର୍ଗରେ ଅନ୍ତର୍ଭୁକ୍ତ ଥିଲା ।

ମଜାର କଥା, କେତେକ ତାମ୍ର ସଭ୍ୟତା ଜନବସତିର ଚାରିପଟରେ ଦୁର୍ଗପରି କାନ୍ଥ ରହିଥିଲା । ଉଦାହରଣ ସ୍ୱରୂପ, ମାଳବ ସଭ୍ୟତାର ଏରାନ୍ ଓ ନଗଦା (ମଧ୍ୟପ୍ରଦେଶ) ଏବଂ ଇନାମଗାଆଁର ଚାରିପଟରେ ଚିକିଟାମାଟିର କାନ୍ଥ

ରହିଥିଲା । ସେଗୁଡ଼ିକରେ ଛୋଟ ଛୋଟ ପଥର ଖଣ୍ଡମାନ ଦିଆଯାଇଥିଲା ଏବଂ ତାକୁ ଚାରିପଟୁ ଗଡ଼ଖାଇ ବେଢ଼ି ରହିଥିଲା ।

ଇନାମ୍‌ଗାଆଁର ଘରଗୁଡ଼ିକର ବିବିଧତାରେ ପ୍ରାଚୀନ ଏବଂ ପରବର୍ତ୍ତୀ ଜୋରଓ୍ୱେ ସମୟ ମଧ୍ୟରେ ପରିବର୍ତ୍ତନ ପରିଲକ୍ଷିତ ହୁଏ । (ଖ୍ରୀ.ପୂ. ୧୪୦୦-୧୦୦୦ ଏବଂ ଖ୍ରୀ.ପୂ. ୧୦୦୦ରୁ ୭୦୦) ।

ପ୍ରାଚୀନ ଜୋରଓ୍ୱେ ଘରଗୁଡ଼ିକରେ ବଡ଼ ବଡ଼ ଏବଂ ଆୟତାକାର ତଥା ଅଳ୍ପ ଉଚ୍ଚ ଚିକିଟାମାଟିର କାନ୍ଥ ରହିଥିଲା (୩୦ ସେ.ମି. ଉଚ୍ଚ) । ସାଧାରଣତଃ ସେଗୁଡ଼ିକ ଝାଟିମାଟି କୁଡ଼ିଆ ଥିଲା । ଏହି ଘରଗୁଡ଼ିକ ଧାଡ଼ି ଧାଡ଼ି ହୋଇ ରହିଥିଲା । ଘରଗୁଡ଼ିକ ଦୁଇଧାଡ଼ି ମଝିରେ ପ୍ରାୟ ୧.୫ ମିଟର ଓସାରର ଏକ ଖୋଲା ଜାଗା ରହିଥିଲା, ସମ୍ଭବତଃ ଏହା ରାସ୍ତା କିମ୍ବା ଗଳିରାସ୍ତା ରୂପରେ ବ୍ୟବହୃତ ହେଉଥିଲା । ଅନ୍ୟପକ୍ଷରେ ପରବର୍ତ୍ତୀ ଜୋରଓ୍ୱେ ଘରଗୁଡ଼ିକ ଦାରିଦ୍ର୍ୟତାର ପ୍ରତିଛବି ପ୍ରଦର୍ଶନ କରିଥାଏ । ବଡ଼ ବଡ଼ ଆୟତାକାର କୁଟୀର ପ୍ରତିବଦଳରେ ଏହି ସମୟ ବେଳକୁ ଛୋଟ ଛୋଟ କୁଡ଼ିଆ ସବୁ ନିର୍ମିତ ହୋଇଥିଲା । ସେଗୁଡ଼ିକ ଅଳ୍ପ ଉଚ୍ଚର ଚିକିଟାମାଟି କାନ୍ଥବିଶିଷ୍ଟ ଗୋଲାକାର କୁଟୀର ଥିଲା । ପୁନଶ୍ଚ ତିନି ଚାରିଟା ଲେଖାଏଁ ଘର ଏକତ୍ରିତ ହୋଇ ରହିଥିଲା । ଘରଗୁଡ଼ିକରେ ରହୁଥିବା ଜଳ ନିଷ୍କାସନ ଗର୍ତ୍ତ ବଦଳରେ, ଚାରିଗୋଟି ପଥର ସାହାଯ୍ୟରେ ଘେରାହୋଇ ରହିଥିବା ଚାରୋଟି ଗୋଡ଼ଥିବା ମାଟିପାତ୍ର ରହିଥିଲା ।

ଏହିସବୁ ପ୍ରମାଣଗୁଡ଼ିକ ସୂଚନା ଦିଏ ଯେ, ବର୍ଷାର ପରିମାଣ କମିଯିବା ଫଳରେ ଚାଷର ପରିମାଣ ମଧ୍ୟ କମି ଯାଇଥିଲା । ତେଣୁ ପ୍ରାଚୀନ ଜୋରଓ୍ୱେ ସଂସ୍କୃତି ପରବର୍ତ୍ତୀ ଜୋରଓ୍ୱେ ସଂସ୍କୃତିରେ ପରିବର୍ତ୍ତିତ ହୋଇଥିଲା । ପଶ୍ଚିମ ଏବଂ ମଧ୍ୟ-ଭାରତରେ ଅନୁସନ୍ଧାନରୁ ଜଣାଯାଏ ଯେ, ଖ୍ରୀ.ପୂ. ଦ୍ୱିତୀୟ ସହସ୍ରାବ୍ଦର ଶେଷଭାଗରେ ଏହି ଅଞ୍ଚଳରେ ଜଳବାୟୁରେ ଏକ ବିଶେଷ ଧରଣର ପରିବର୍ତ୍ତନ ହୋଇଥିଲା, ଯାହାକି ମାଟିକୁ ଅନୁର୍ବର ଏବଂ ଶୁଷ୍କ କରିଦେଇଥିଲା ଏବଂ ଲୋକମାନଙ୍କୁ ଆଂଶିକ ଯାଯାବରରେ ପରିଣତ ହେବାପାଇଁ ବାଧ୍ୟ କରିଥିଲା । ଏହି ସିଦ୍ଧାନ୍ତର ଭିତ୍ତି ହେଉଛି, ବିଭିନ୍ନ ପର୍ଯ୍ୟାୟର ଜୀବଜନ୍ତୁଙ୍କ ହାଡ଼ର ଶତକଡ଼ା ହିସାବ । ଏହା ଜଣାଯାଏ ଯେ, ପରବର୍ତ୍ତୀ ଜୋରଓ୍ୱେ ସଂସ୍କୃତି ସମୟରେ କୃଷିର ଅବନତି ହୋଇଥିଲା ଏବଂ କୃଷିଭିତ୍ତିକ ଅର୍ଥନୀତି ପରିବର୍ତ୍ତିତ ହୋଇ ମେଣ୍ଢା, ଛେଳି ଆଦି ପଶୁପାଳନରେ ପର୍ଯ୍ୟବସିତ ହୋଇଥିଲା ।

ଅନ୍ୟାନ୍ୟ ଚାରିତ୍ରିକ ବିଶେଷତ୍ୱ

ଏହି ସମସ୍ତ ସଭ୍ୟତା ପଥର ତିଆରି ହାତହତିଆର / ପଥରଖଣ୍ଡ ଉପକରଣ ଶିଳ୍ପ ଯଥା- ବିଶେଷ ରୂପରେ ଚିହ୍ନିତ ସ୍ଫଟିକ ଓ ବାଲୁକା ପଥର, ସ୍ଫଟିକ ମଣି, ସୂର୍ଯ୍ୟକାନ୍ତ ମଣି, ଗୋମେଦ ଏବଂ ଚକ୍‌ଚକ୍ ପ୍ରସ୍ତର ଆଦି ଉପରେ ପର୍ଯ୍ୟବସିତ । ହାତହତିଆର ମଧ୍ୟରେ ଲମ୍ବପାର୍ଶ୍ୱବିଶିଷ୍ଟ ଫଳକ ଉପକରଣ, କଳା କର୍କଶ ଫଳକ, କରତ ଦାନ୍ତିଆ ଫଳକ, ଝରକଲମ ପରି ଛୁରୀ, ଚନ୍ଦ୍ରହାସ ଖଡ଼୍‌ଗ, ତ୍ରିକୋଣବିଶିଷ୍ଟ ଅସ୍ତ୍ର ଏବଂ ଯନ୍ତା ଆଦି ରହିଥିଲା । କର୍ଣ୍ଣାଟକ-ଆନ୍ଧ୍ରର ନୂତନ ପ୍ରସ୍ତର-ତାମ୍ରଯୁଗ ସଂସ୍କୃତି ସମୟର ବିଶେଷ ପ୍ରକାରର ମସୃଣ ପ୍ରସ୍ତର ଟାଙ୍ଗିଆ ମଧ୍ୟ ଅନେକ ସ୍ଥାନରୁ ମିଳିଛି । ତାମ୍ରନିର୍ମିତ ଜିନିଷଗୁଡ଼ିକ ମଧ୍ୟରେ ଚଟକା ଟାଙ୍ଗିଆ, କଇଁଛ ପିଠିଆ କାଟିବା ଧାରଯୁକ୍ତ କୁରାଢ଼ୀ, ତୀରମୁନ, ବର୍ଚ୍ଛାମୁନ, ନିହାଣ, ବନଶୀକଣ୍ଟା, ମଝିରେ ଖାଲ ଥିବା ଟାଙ୍ଗିଆ, (ଟାଙ୍ଗି) ଫଳକ, ଶଙ୍ଖା, ମୁଦି ଏବଂ ମାଳି ଆଦି ରହିଥିଲା । କାୟଥରୁ ମିଳିଥିବା ଜିନିଷଗୁଡ଼ିକ ମଧ୍ୟରେ ୨୮ଟି ଶଙ୍ଖା ରହିଥିବା ଏକ ତାମ୍ରଭାଣ୍ଡ ରହିଛି । ଏହି ଜିନିଷଗୁଡ଼ିକ ମଧ୍ୟରେ କେତେକ ଟାଙ୍ଗିଆ ଛାଞ୍ଚରେ ଢଳାଯାଇ ତିଆରି କରାଯାଇଥିବା ବେଳେ କେତେକକୁ ହାତୁଡ଼ିରେ ବାଡ଼େଇ ଆକାର ପ୍ରଦାନପୂର୍ବକ ତିଆରି କରାଯାଇଥିଲା ।

ଆଭୂଷଣଗୁଡ଼ିକ ମଧ୍ୟରେ ଅଧିକ ସଂଖ୍ୟକ ଥିଲା ଇନ୍ଦ୍ରଗୋପମଣି, ସୂର୍ଯ୍ୟକାନ୍ତ ମଣି, ସ୍ଫଟିକ ମଣି, ଗୋମେଦ, ଶାମୁକା, ଶଙ୍ଖ, କଉଡ଼ି ଇତ୍ୟାଦିର ନିର୍ମିତ ମାଳି ।

କାୟଥ ସଂସ୍କୃତି ଅଞ୍ଚଳର ଏକ ପାତ୍ର ଭିତରେ ଗୁପ୍ତ ଭାବରେ ରଖାଯାଇଥିବା ଗୋଟିଏ ୪୦,୦୦୦ ଅତି କ୍ଷୁଦ୍ର ଗୋଲିବିଶିଷ୍ଟ ହାର ମିଳିଛି । ଆହୁରି ମଧ୍ୟ ଇନାମ୍‌ଗାଆଁରୁ ସୁନା, ହାତୀଦାନ୍ତର ଗୋଟିଏ ମାଳି, ସ୍ୱର୍ଣ୍ଣର ଏକ କୁଣ୍ଡଳାକାର କର୍ଣ୍ଣ ଆଭୂଷଣ, ତମ୍ବାର ପାଉଁଜି ମଧ୍ୟ ମିଳିଛି ।

ଅଧିକାଂଶ ସ୍ଥାନରେ ଟେର୍‌ରାକୋଟା (ପୋଡ଼ାମାଟି) ଜିନିଷ ସବୁ ମିଳିଛି । ଏଗୁଡ଼ିକ ମଧ୍ୟରେ କ୍ଷୁଦ୍ର କ୍ଷୁଦ୍ର ମଣିଷ, ପଶୁ ଓ ପକ୍ଷୀ ଆଦି ଆକୃତିବିଶିଷ୍ଟ ମୂର୍ତ୍ତି ରହିଛି । କାୟଥ ତାମ୍ର ସଂସ୍କୃତି ଅଞ୍ଚଳରୁ ଚିତ୍ରିତ ଷଣ୍ଢଗୁଡ଼ିକର କ୍ଷୁଦ୍ର ଟେର୍‌ରାକୋଟା ମୂର୍ତ୍ତିସବୁ ମିଳିଛି । ଏହିସବୁ ମଧ୍ୟରେ କେଉଁଟା ହମ୍ବାରଡ଼ି ଦେଉଥିବା ମୁଦ୍ରାରେ, କେଉଁଟା ଯୁଦ୍ଧ କରିବା ମୁଦ୍ରାରେ, କାହାର ଶିଙ୍ଗ ଆଗକୁ, କାହାର ପଛକୁ ଏବଂ କାହାର ପାର୍ଶ୍ୱକୁ ରହିଛି । ଅନେକଗୁଡ଼ିଏ ତାମ୍ର ସଭ୍ୟତା ଅଞ୍ଚଳରୁ ଏହି ପ୍ରକାର ବିଭିନ୍ନ ରଙ୍ଗିନ ଷଣ୍ଢ କ୍ଷୁଦ୍ର ମୂର୍ତ୍ତି ମିଳିବାରୁ ଅନୁମାନ କରାଯାଏ ଯେ, ଷଣ୍ଢ ଏକ ପବିତ୍ର ପଶୁ ଥିଲା । ଏହା ମଧ୍ୟ ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ, ଏହି ମୂର୍ତ୍ତିଗୁଡ଼ିକ ମଧ୍ୟରୁ ଅନେକେ ଖେଳଣା ହିଁ ଥିଲା ।

(କ) ଦାଏମାବାଦ ଭଣ୍ଡାର : ଦାଏମାବାଦର ଏକ ମାଟିସ୍ତୂପ ଉପରି ଭାଗର ଭିତରୁ ଆକସ୍ମିକ ଭାବରେ ଆବିଷ୍କୃତ ହୋଇଥିବା ଚାରୋଟି ଧାତବ ବସ୍ତୁର ପ୍ରାପ୍ତି ପ୍ରଣିଧାନଯୋଗ୍ୟ ଅଟେ । ଏ ମୂର୍ତ୍ତିଗୁଡ଼ିକ ୧.୨ ମିଟର ମୋଟା ଏବଂ ୬୦ କି.ଗ୍ରା. ଓଜନବିଶିଷ୍ଟ ଢଳେଇ କରାଯାଇ ପ୍ରସ୍ତୁତ କରାଯାଇଥିବା ଶକ୍ତ ଓ ବିଶାଳଖଣ୍ଡ ଅଟେ ।

ହାତୀ : ହାତୀ ମୂର୍ତ୍ତି ସବୁଠାରୁ ଅଧିକ ଓଜନ ଏବଂ ବିଶାଳ ଅଟେ । ଏହାର ଉଚ୍ଚତା ୨୫ ସେ.ମି., ଲମ୍ବା ୨୭ ସେ.ମି. ଏବଂ ଢଳାଇ କରାଯାଇଥିବା ଏହି ମୂର୍ତ୍ତି ତଳେ ଚାରୋଟି ଖିଲାଣ ରହିଥିବା ପିତଳ ମଞ୍ଚ ଉପରେ ଛିଡ଼ା ହୋଇଛି । ପୁନଶ୍ଚ ଏହି ଖିଲାଣଗୁଡ଼ିକ ଦ୍ୱାରା ସୃଷ୍ଟ ଛିଦ୍ରରେ ଅକ୍ଷଦଣ୍ଡ ପୂରାଇ ଏହାକୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନେବା ଆଣିବା କରାଯାଇପାରୁଥିଲା ।

(ଖ) ଗଣ୍ଡା : ଗଣ୍ଡା ମୂର୍ତ୍ତିଟି ଆନୁପାତିକ ରୂପରେ ଅଳ୍ପ ଛୋଟ ଏବଂ ଏହା ଏକ ଢଳାଇ କରାଯାଇଥିବା ମଞ୍ଚ ଉପରେ ଛିଡ଼ା ହୋଇଛି । ଖିଲାଣ କରା ଛିଦ୍ରଗୁଡ଼ିକ ମଧ୍ୟରେ ଦୁଇଗୋଟି ଅକ୍ଷଦଣ୍ଡ ଏବଂ ଢଳାଇ କରାଯାଇଥିବା ତମ୍ବାର ଶକ୍ତ ଚାରିଟି ଚକ ସଂଯୋଗ କରାଯାଇଛି । ସିନ୍ଧୁ ସଭ୍ୟତାରୁ ମିଳିଥିବା ଖୋଦିତ ଗଣ୍ଡା ସଦୃଶ ଏହା ଦେଖାଯାଉଛି ।

(ଗ) ସାରଥି ସହିତ ଦୁଇଚକବିଶିଷ୍ଟ ରଥ : ଏହି ରଥରେ ଏକ ଲମ୍ବା ଦଣ୍ଡ ରହିଛି, ଯାହାକି ଯୋଚା ହୋଇଥିବା ବଳଦଦ୍ୱୟକୁ ଜୁଆଳୀ ମଝିରେ ସଂଯୁକ୍ତ କରିଛି । ବଳଦଦ୍ୱୟ ଢଳାଇ କରାଯାଇଥିବା ଦୁଇଗୋଟି ତମ୍ବା ଚଟକା ଫଳକ ଉପରେ ରହିଛନ୍ତି । ଏଥିରେ କିନ୍ତୁ ଚକପାଇଁ କୌଣସି ଛିଦ୍ର ନାହିଁ । ଏହି ରଥରେ ପରସ୍ପରକୁ ଛେଦନ କରୁଥିବା ଦୁଇଗୋଟି ସ୍ତମ୍ଭ ଉପରକୁ ଉଠିଛି ଯାହା ପଛରେ କି ଚାଳକ (ସାରଥି) ଛିଡ଼ା ହୋଇଛି । ଏହି ସୁନ୍ଦର ମୂର୍ତ୍ତିର କୌଣସି ତୁଳନା ନାହିଁ ।

(ଘ) ମହିଷ : ମହିଷ ମୂର୍ତ୍ତି ରହିଥିବା ମଞ୍ଚରେ ମଧ୍ୟ ଯଥାସ୍ଥାନରେ ଖିଲାଣଯୁକ୍ତ ଛିଦ୍ର, ଚକ ଏବଂ ଅକ୍ଷଦଣ୍ଡ ରହିଛି । ମହେଞ୍ଜୋଦାରୋରୁ ମିଳିଥିବା ଟେର୍‌ରାକୋଟା, ବ୍ରୋଞ୍ଜ ଏବଂ ତମ୍ବା ମହିଷ ସହିତ ଏହାର ସାମଞ୍ଜସ୍ୟ ରହିଛି । ଦାଏମାବାଦରୁ ମିଳିଥିବା ଏହି ତାମ୍ର ମୂର୍ତ୍ତିଗୁଡ଼ିକ ଅନ୍ୟାନ୍ୟ ସାଂସ୍କୃତିକ ଅଞ୍ଚଳରୁ ମିଳିଥିବା ମୂର୍ତ୍ତିଗୁଡ଼ିକ ସହିତ ତୁଳନୀୟ ଅଟେ । ବର୍ଣ୍ଣାଳୀ ପର୍ଯ୍ୟବେକ୍ଷଣରୁ ଜଣାଯାଇଛି ଯେ, ଏହି ଧାତୁରେ ଟିଣ କିମ୍ବା ଅନ୍ୟାନ୍ୟ ଧାତୁର ମିଶ୍ରଣ କରାଯାଇ ନଥିଲା । କେତେକଙ୍କ ମତରେ ଦାଏମାବାଦର ଏହି ଭଣ୍ଡାର ହରପ୍ପା ପରବର୍ତ୍ତୀ ସମୟର ଅଟେ (ଖ୍ରୀ.ପୂ. ୧୬୦୦-୧୭୦୦) ଆଉ କେତେକଙ୍କ ମତରେ ଏହାର କାରିଗରୀ କୌଶଳ କାଲ୍ଲୁର ଭଣ୍ଡାର ସହିତ ସମାନ ଅଟେ ।



ତାମ୍ର ଗଣ୍ଡା ମୂର୍ତ୍ତି, ଦାଏମାବାଦ ଭଣ୍ଡାର

ତାମ୍ର ହାତୀ ମୂର୍ତ୍ତି, ଦାଏମାବାଦ ଭଣ୍ଡାର



ତାମ୍ର ରଥ, ଦାଏମାବାଦ ଭଣ୍ଡାର



ତାମ୍ର ମହିଷ, ଦାଏମାବାଦ ଭଣ୍ଡାର

ଧର୍ମବିଶ୍ୱାସ

ଭୂଖନନରୁ ଆବିଷ୍କୃତ ଜିନିଷଗୁଡ଼ିକ ଆହୁରି ମଧ୍ୟ ସେ ସମୟର ଧର୍ମ ଏବଂ ଧର୍ମକାର୍ଯ୍ୟ ବାବଦରେ ଆଲୋକପାତ କରିଥାଏ ।

ମାତୃଦେବୀ

ମିଳିଥିବା ପୋଡ଼ା ଏବଂ କଞ୍ଚାମାଟିନିର୍ମିତ ନାରୀମୂର୍ତ୍ତିଗୁଡ଼ିକ ପ୍ରମାଣ କରେ ଯେ, ତତ୍‌କାଳୀନ ତାମ୍ର ସଭ୍ୟତାର ସମ୍ପ୍ରଦାୟଗୁଡ଼ିକ ମାତୃକାପୂଜା କରୁଥିଲେ । ଏହି ନାରୀମୂର୍ତ୍ତିଗୁଡ଼ିକ ଉଭୟ ମୁଣ୍ଡ ଥିବା ଏବଂ ମୁଣ୍ଡବିହୀନ ଅଟେ । ନେବାସାରରୁ ନିମ୍ନ ଆୟବର୍ଗଙ୍କଠାରୁ ମିଳୁଥିବା ମୂର୍ତ୍ତିଗୁଡ଼ିକର ଶାରୀରିକ ଗଠନ ସୁସ୍ପଷ୍ଟ କିମ୍ବା ସୁଗଠିତ ନଥିଲା ଏବଂ ବିଶେଷତଃ ସେଗୁଡ଼ିକ ମୁଣ୍ଡବିହୀନ ଥିଲା । ଇନାମଗାଆଁରୁ ମିଳିଥିବା ନାରୀମୂର୍ତ୍ତିଗୁଡ଼ିକ ସମାନ ଧରଣର ଟେରାକୋଟା ମୂର୍ତ୍ତି ଥିଲା । ସେଗୁଡ଼ିକର ବକ୍ଷୋଜ ବ୍ୟତୀତ ଅନ୍ୟାନ୍ୟ ଶାରୀରିକ ଗଠନ ସୁଦୃଶ୍ୟ ନଥିଲା ।

ଇନାମଗାଆଁର ପ୍ରାଚୀନ ଜୋର୍‌ୱେଠାରେ ଖୋଦନରୁ (ଖ୍ରୀ.ପୂ. ୧୭୦୦) ମିଳିଥିବା ନାରୀମୂର୍ତ୍ତିଗୁଡ଼ିକ ସେ ସମୟର ମାତୃପୂଜାର ସାକ୍ଷ୍ୟ ବହନ କରେ । ଏଠାରୁ କୋଣର ଚଟାଣ ତଳେ ପୋତି ହୋଇ ରହିଥିବା ଏକ ଅଣ୍ଡାକୃତି

ବିଶିଷ୍ଟ ମାଟି ଢାଙ୍କୁଣୀ ଥିବା ମାଟିପାତ୍ର ଆବିଷ୍କୃତ ହୋଇଛି । ଏହି ପାତ୍ର ଭିତରେ ରହିଛି ଏକ ମୁଣ୍ଡବିହୀନ କ୍ଷୁଦ୍ର ନାରୀମୂର୍ତ୍ତି, ଯାହାର ବିଶାଳ ବକ୍ଷୋଜଦ୍ୱୟ ତଳକୁ ଝୁଲି ରହିଛି ଏବଂ ଆହୁରି ଏକ କ୍ଷୁଦ୍ର ଷଣ୍ଢମୂର୍ତ୍ତି ମଧ୍ୟ ରହିଛି । ଇନାମ୍‌ଗାଆଁର ନାରୀମୂର୍ତ୍ତିକୁ ମିଶାଇ ଏହି ମୂର୍ତ୍ତିଗୁଡ଼ିକ ସେ ସମୟରେ ଉର୍ବରତାର ଦେବୀ ପୂଜା ସଂପର୍କରେ ସୂଚନା ଦିଏ । ଏହି ମୁଣ୍ଡବିହୀନ ନାରୀମୂର୍ତ୍ତିଗୁଡ଼ିକ ପ୍ରାକ୍ ଐତିହାସିକ ଦେବୀ ଶାକମ୍ଭରୀଙ୍କ ପ୍ରତିନିଧିତ୍ୱ କରନ୍ତି, ଯିଏକି ଉନ୍ନତ କୃଷିକର୍ମର ଦେବୀ ଥିଲେ ତଥା ମରୁଡ଼ି ଦୂର କରିବା ପାଇଁ ଯାହାଙ୍କର ପୂଜା କରାଯାଉଥିଲା ।

ଦେବତା

ତାମ୍ର ଜନବସତିଗୁଡ଼ିକରୁ ପୁରୁଷ ଦେବତାଙ୍କ ମୂର୍ତ୍ତି ଅତି କମ୍ ପରିମାଣରେ ମିଳିଥାଏ । ଇନାମ୍‌ଗାଆଁର ଜୋରୱେ ସ୍ତରରୁ ମିଳିଥିବା ଦୁଇଗୋଟି କ୍ଷୁଦ୍ର ମାଟିମୂର୍ତ୍ତି (ଖ୍ରୀ.ପୂ. ୧୦୦୦-୭୦୦)କୁ ପୁରୁଷ ଦେବତା ମୂର୍ତ୍ତି ରୂପରେ ଚିହ୍ନିତ କରାଯାଇଥାଏ ।

ଏହି ପରିପ୍ରେକ୍ଷୀରେ, ମିଳିଥିବା ମାଳବ ସଭ୍ୟତା ସମୟର (ଖ୍ରୀ.ପୂ. ୧୬୦୦) ଚିତ୍ରିତ ମାଟି କଳସରୁ ବିଚାର କରାଯାଏ ଯେ, ଏହାର କିଛି ଧାର୍ମିକ ତାତ୍ପର୍ଯ୍ୟ ରହିଥିଲା । ଏହି କଳସର ଦୁଇଗୋଟି ପାନିଆଲି ରହିଛି । ଏହାର ଉପର ପାନିଆଲିରେ ଏକ ଦୃଶ୍ୟ ଚିତ୍ରଣ କରାଯାଇଛି , ଯେଉଁଥିରେ କି ଅଣ୍ଟାରେ ଛୋଟ ଛୋଟ ଡାଳ ପରିଧାନ କରିଥିବା ଏକ ମଣିଷ ଛବି ପ୍ରଦର୍ଶନ କରାଯାଇଛି । ଏହି ମୂର୍ତ୍ତି ମୃଗ, ହରିଣ, ମୟୂର ଆଦି ଜୀବଜନ୍ତୁଙ୍କ ଦ୍ୱାରା ପରିବେଷ୍ଟିତ ହୋଇଛି । ତଳ ପାନିଆଲିରେ ବିଭିନ୍ନ ଭଙ୍ଗୀରେ ଲମ୍ଫ ପ୍ରଦାନ କରୁଥିବା ବାଘ ଓ ଚିତାର ଛବି ପ୍ରଦର୍ଶନ କରାଯାଇଛି । ବହୁଳ ଭାବରେ ଉନ୍ନତ ମାନରେ ଚିତ୍ରିତ କରାଯାଇଥିବା ଏହି କଳସ ସମ୍ଭବତଃ ପାରମ୍ପରିକ ଧର୍ମକାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିଲା । ଠିକ୍ ଏହିପରି ଦାଏମାବାଦରୁ ମିଳିଥିବା ଶକ୍ତ ଢଳାଇ କରାଯାଇଥିବା ତମ୍ବାର ହାତୀ, ମହିଷ ଆଦିର ମଧ୍ୟ ସମ୍ଭବତଃ ଧାର୍ମିକ ସଂପର୍କ ରହିଥିଲା ।

ସମାଧି ପଦ୍ଧତି

ମୃତବ୍ୟକ୍ତିର ଦାହ ସଂସ୍କାର ହେଉଛି ସାଧାରଣ ପରମ୍ପରା । ବୟସ୍କ ତଥା ଶିଶୁ ଉଭୟଙ୍କୁ ଉତ୍ତର-ଦକ୍ଷିଣ କରି ପୋତାଯାଉଥିଲା; ଯଥା– ମୁଣ୍ଡ ଉତ୍ତର ପଟକୁ ଏବଂ ଗୋଡ଼ ଦକ୍ଷିଣ ଦିଗକୁ ରହୁଥିଲା । ସାଧାରଣତଃ ବୟସ୍କମାନଙ୍କୁ ଗାତଖୋଳି ସିଧା ପୋତାଯାଉଥିଲା ଏବଂ ଶିଶୁମାନଙ୍କୁ ଗୋଟିଏ କିମ୍ବା ଦୁଇଟି ମାଠିଆରେ ଭର୍ତ୍ତିକରି ପୋତାଯାଉଥିଲା । ଯେଉଁଠି ଦୁଇଟି ମାଠିଆ ବ୍ୟବହୃତ ହେଉଥିଲା, ତାକୁ ମୁହଁକୁ ମୁହଁ ଲଗେଇ ସିଧା ରଖାଯାଉଥିଲା । ବୟସ୍କ ହେଉ କି ଶିଶୁ ହେଉ ସମସ୍ତଙ୍କୁ ଘରର ଚଟାଣରେ ଗାତଖୋଳି କବର ଦିଆଯାଉଥିଲା । ଏହା ଅତି କମ୍ କ୍ଷେତ୍ରରେ ହେଉଥିଲା । ଏହା କୌତୂହଳପ୍ରଦ ଯେ, ଜୋରୱେ ସଭ୍ୟତାରେ ବୟସ୍କମାନଙ୍କର ଗୋଇଠି ତଳକୁ ଛେଚି କରି କବର ଦିଆଯାଉଥିଲା । ମୃତବ୍ୟକ୍ତିର ପାଦକୁ ଛେଚି କରି ଘର ଭିତରେ କବର ଦେବା ଅବଗତ କରାଏ ଯେ, ସେ ସମୟର ଲୋକଙ୍କର ବିଶ୍ୱାସ ଥିଲା ଯେ, ଏହାଦ୍ୱାରା ମୃତବ୍ୟକ୍ତି ପ୍ରେତରେ ପରିଣତ ହୋଇପାରିବ ନାହିଁ ତଥା ଅନ୍ୟର ହିତକାରୀ ହୋଇପାରିବ ।

ବୟସ୍କ ଲୋକମାନଙ୍କ କବରରେ ଦୁଇ ବା ତତୋଽଧିକ ପାତ୍ର ଦିଆଯାଉଥିଲା । ଏପରିକି ଜୋରୱେର୍ ଏକ କବର ମଧ୍ୟରୁ ୧୫ ଗୋଟି ପାତ୍ର ମିଳିଛି । ଏହା ମଧ୍ୟ ପ୍ରଚଳିତ ଥିଲା ଯେ, ମୃତ ବା ମୃତା ବ୍ୟକ୍ତି ବା ମହିଳା ପିନ୍ଧିଥିବା ଅଳଙ୍କାର ସହିତ ସେମାନଙ୍କୁ କବର ଦିଆଯାଉଥିଲା । ପରବର୍ତ୍ତୀ ଜୋରୱେ ସମୟର ଏକ ବୟସ୍କଙ୍କ କବର ମଧ୍ୟରୁ ତାଙ୍କ ଅସ୍ଥି କଙ୍କାଳର ବେକ ପାଖରୁ ଏକ ବଡ଼ ଧରଣର ତମ୍ବା ଅଳଙ୍କାର ମିଳିଛି । ଏହି ସମୟରେ ଦୁଇଗୋଟି ମାଠିଆ ସାହାଯ୍ୟରେ କବର ଦିଆଯାଇଥିବା ଏକ ଶିଶୁର ଏହି କବର ମାଠିଆ ମଧ୍ୟରୁ ବାରଗୋଟି ଲେଖାଏଁ ତମ୍ବା ଏବଂ ନାଲି ସୂର୍ଯ୍ୟକାନ୍ତ ମଣି ଗୋଟିକ ପରେ ଗୋଟିଏ କରି ଗୁନ୍ଥା ହୋଇଥିବା ଗୋଟିଏ ବିଶିଷ୍ଟ ହାର ମିଳିଛି ।

ଇନାମଗାଆଁଠାରେ ଜୋର୍ୱେ ସମୟରେ ସାଧାରଣତଃ ଯେପରି ଭାବରେ କବର ଦିଆଯାଏ, ସେପରି ଭାବରେ କବର ଦିଆ ନଯାଇ ଅନେକ କ୍ଷେତ୍ରରେ ତାହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଏଠାରେ ଦେଖାଯାଇଛି ଯେ, କବର ଦିଆଯାଇଥିବା ଗୋଟିଏ ମାଠିଆ କଞ୍ଚାମାଟିରେ ତିଆରି ହୋଇଛି । ଏହା ଚାରିଗୋଡ଼ବିଶିଷ୍ଟ ଏବଂ ଦକ୍ଷିଣମୁହାଁ ଏକ ମଣିଷ ପରି ଗଢ଼ା ହୋଇଛି । ଏହି ମାଠିଆର ଉଚ୍ଚତା ୮୦ ସେ.ମି. ଏବଂ ପ୍ରସ୍ଥ ୫୦ ସେ.ମି. ଅଟେ । ଏହାର ଯଥାଯଥ ଗଢ଼ଣ ନଥିବା ବଳୟ ଲାଗିଥିବା ଓସାରିଆ ମୁହଁ ଅଛି । ଏହା ଭିତରେ ୩୦ ରୁ ୪୦ ବର୍ଷ ବୟସ୍କ ଏକ ପୁରୁଷର ଅସ୍ଥି କଙ୍କାଳ ବସିଥିବା ଅବସ୍ଥାରେ ରହିଛି । ଏହି କ୍ଷେତ୍ରରେ ଗୋଇଠି ତଳ ଅଂଶ ଛେଚା ହୋଇନାହିଁ । କବରରେ ଦିଆଯାଇଥିବା ଜିନିଷ ମଧ୍ୟରେ ଏକ ନଳଯୁକ୍ତ ପାତ୍ର ଏବଂ ତା' ଉପରେ ଏକ ଲମ୍ବା ଆହୁଲାଯୁକ୍ତ ଡଙ୍ଗାର ଚିତ୍ର ଅଙ୍କାଯାଇଛି । ଏହି ଡଙ୍ଗାର ଚିତ୍ର ମନେ ପକେଇ ଦିଏ ଯେ, ହିନ୍ଦୁମାନଙ୍କ ବିଶ୍ୱାସ ଅନୁଯାୟୀ ମୃତ୍ୟୁ ପରେ ଆତ୍ମା ଏହି ଡଙ୍ଗାରେ ସମୁଦ୍ର ପାରି ହୋଇ ଗୋଲକଧାମକୁ ଯାଇଥାଏ । ଏହିପରି ଏକ ପ୍ରାଚୁର୍ଯ୍ୟଭରା କବର ପାଇଥିବା ଲୋକ ନିଶ୍ଚିତ ରୂପରେ ଜଣେ ।

- ଉଚ୍ଚ ମର୍ଯ୍ୟାଦାସଂପନ୍ନ ବ୍ୟକ୍ତି କିମ୍ବା
- ଜନବସତିର ପ୍ରଧାନ ଶାସକ କିମ୍ବା
- ବିଭିନ୍ନ ପ୍ରକାର ସମାଧି ପଦ୍ଧତିରେ ବିଶ୍ୱାସ କରୁଥିବା ଏକ ସାମାଜିକ ଗୋଷ୍ଠୀର ବ୍ୟକ୍ତି ହୋଇଥିବେ ।

ସାମାଜିକ ସଂଗଠନ

ତାମ୍ର ସଭ୍ୟତା ଅନ୍ତର୍ଭୁକ୍ତ ଅଞ୍ଚଳ ଏବଂ ସେଗୁଡ଼ିକର ବିସ୍ତୃତିର ପ୍ରକାରଭେଦ ବାବଦରେ ଅଧ୍ୟୟନ କଲେ ଜଣାଯାଏ ଯେ, ଏହି ଅଞ୍ଚଳଗୁଡ଼ିକ ଦୁଇପ୍ରକାରର ଥିଲା; ଯଥା- ଗୋଟିଏ ପ୍ରକାର ଆଞ୍ଚଳିକ କେନ୍ଦ୍ରର ପ୍ରତିନିଧିତ୍ୱ କରୁଥିବା ବେଳେ ଅନ୍ୟଟି ଗ୍ରାମ୍ୟ ଜନବସତିର ପ୍ରତିନିଧିତ୍ୱ କରୁଥିଲା । ଏହି ପାର୍ଥକ୍ୟ କିମ୍ବା ସ୍ତର ଅବଗତ କରାଏ ଯେ, ତାମ୍ର ସଭ୍ୟତା ସମୟରେ ଏକ ପ୍ରକାରର ପ୍ରଶାସନିକ ବ୍ୟବସ୍ଥା ରହିଥିଲା । ଆହୁରି ମଧ୍ୟ ଏହା ଅବଗତ କରାଏ ଯେ, ତାମ୍ର ସଂସ୍କୃତିର ସାମାଜିକ ସଂଗଠନରେ ସ୍ତର ଏବଂ ପଦପଦବୀର ବୈଶିଷ୍ଟ୍ୟ ରହିଥିଲା । ପୁନଶ୍ଚ ପ୍ରଶାସନିକ ଅଧିକାରୀ ରହିଥିବାର ସାକ୍ଷ୍ୟ ଦିଏ ଦୁର୍ଗୀକରଣ, ପ୍ରାଚୀର, ଗଡ଼ଖାଇ, ଶସ୍ୟାଗାର, ବୃହତ୍ ଜଳାଶୟ, କେନାଲ ଆଦି, ଯାହାକି ବିଭିନ୍ନ ଅଞ୍ଚଳରୁ ଭୂଖନନ ଦ୍ୱାରା ମିଳିଛି ।

ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ, ହରପ୍ପା ପରବର୍ତ୍ତୀ ସଭ୍ୟତାର ଉନ୍ନତି, ବିଶେଷତଃ ଗୃହନିର୍ମାଣ ପଦ୍ଧତିରେ ତାମ୍ର ସଭ୍ୟତା ସମୟର କୌଣସି ପ୍ରଭେଦ କିମ୍ବା ପ୍ରଭାବ ହରପ୍ପା ସଂସ୍କୃତି ଉପରେ ପଡ଼ି ନଥିଲା । ସର୍ବୋପରି ସେଗୁଡ଼ିକ ଶକ୍ତିଶାଳୀ ଆଞ୍ଚଳିକ ତତ୍ତ୍ୱ ଦ୍ୱାରା ଚିହ୍ନିତ ତଥା ବାଣିଜ୍ୟିକ ଏବଂ ସାଂସ୍କୃତିକ ସଂପର୍କ ପ୍ରଦର୍ଶନ କରିଥାଏ ।

ଏହି ଧାତୁ ବ୍ୟବହାରକାରୀ କୃଷିଜୀବୀ ସଂପ୍ରଦାୟ, ଯାହାକି ଖ୍ରୀ.ପୂ. ଦ୍ୱିତୀୟ ସହସ୍ରାବ୍ଦ ସମୟରେ ବିକାଶଲାଭ କରିଥିଲା, ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦ ବେଳକୁ ବିଲୟ ହୋଇଯାଇଥିଲା । କେବଳ ମାତ୍ର ପରବର୍ତ୍ତୀ ଜୋରୱେ ସଂସ୍କୃତି ଖ୍ରୀ.ପୂ. ୭୦୦ ଯାଏଁ ତିଷ୍ଠି ରହିଥିଲା । ତାମ୍ର ସଭ୍ୟତା ଅଞ୍ଚଳଗୁଡ଼ିକର ମୃତ୍ତିକା ପର୍ଯ୍ୟବେକ୍ଷଣରୁ ଜଣାଯାଏ ଯେ, ଏହି ସଭ୍ୟତାର ବିଲୟ ପାଇଁ ସମ୍ଭାବିତ କାରଣ ଥିଲା ବର୍ଦ୍ଧିଷ୍ଣୁ ଅନୁର୍ବରତା ଏବଂ ଜଳବାୟୁରେ ପରିବର୍ତ୍ତନ । ଗୋଦାବରୀ, ତାପ୍ତି ଅଞ୍ଚଳର ଏହି ଜନବସତିଗୁଡ଼ିକ ମରୁଡ଼ିଗ୍ରସ୍ତ ହୋଇଯାଇଥିଲା । ତା'ପରେ ପୁନଶ୍ଚ ଜନବସତି ଏହି ଅଞ୍ଚଳ ଗୁଡ଼ିକରେ ଗଢ଼ି ଉଠିଥିଲା ପାଞ୍ଚ ଛଅଶହ ବର୍ଷ ପରେ; ଯଥା- ଖ୍ରୀ.ପୂ. ପଞ୍ଚମ ଏବଂ ଚତୁର୍ଥ ଶତାବ୍ଦୀ ବେଳକୁ ସହରୀ ସଭ୍ୟତା ଗଢ଼ି ଉଠିଥିଲା ।

ଦକ୍ଷିଣ ଭାରତୀୟ ତାମ୍ର ସଂସ୍କୃତି

ପ୍ରସ୍ତର ଯୁଗର ଶେଷ ପର୍ଯ୍ୟାୟରେ ଆରମ୍ଭ ହୋଇ ଗତି କରିଥିଲା ତାମ୍ରଯୁଗ ଏବଂ କାଂସ ଯୁଗ । ଏହି ଯୁଗରେ ପ୍ରସ୍ତରନିର୍ମିତ ଉପକରଣ, ଗୃହକରଣା ସାମଗ୍ରୀ, ବାସନ ଆଦି ସହିତ ତମ୍ବା ଏବଂ କଂସାରେ ନିର୍ମିତ ଉପକରଣ, ହାତ ହତିଆର ଆଦି ମଧ୍ୟ ପ୍ରଚଳିତ ହେଉଥିଲା ଅର୍ଥାତ୍ ପ୍ରସ୍ତର ଏବଂ ଧାତବ ଉପକରଣଗୁଡ଼ିକର ବ୍ୟବହାର ଏକାସାଥିରେ ପ୍ରଚଳିତ ଥିଲା । ପ୍ରାଚୀନ ମଣିଷଦ୍ୱାରା ଆବିଷ୍କୃତ ପ୍ରଥମ ଧାତୁ ଥିଲା ତମ୍ବା । ତମ୍ବାର ବ୍ୟବହାର ପ୍ରାୟ ଖ୍ରୀ:ପୂ: ୫୦୦୦ ବର୍ଷ ପୂର୍ବେ ସୁମେରିଆ ଏବଂ ଦକ୍ଷିଣ ଇରାକ୍‌ରେ ଆରମ୍ଭ ହୋଇଥିଲା । ଏହିପରି ଭାବରେ ତାମ୍ରଯୁଗ ଖ୍ରୀ:ପୂ: ୪୦୦୦ରୁ ଖ୍ରୀ:ପୂ: ୩୦୦୦ ମଧ୍ୟରେ ପରିବ୍ୟାପ୍ତ ଥିଲା । କାଳକ୍ରମେ ମଣିଷ ଧାତୁଗୁଡ଼ିକ ମିଶ୍ରଣ କରି ମିଶ୍ରିତ ଧାତୁ ନିର୍ମାଣ କଲା ଶିଖିଥିଲା । ସେ ତା'ପରେ ତମ୍ବା ସହିତ କଂସା କିମ୍ବା ଟିଣ କିମ୍ବା ଦସ୍ତା ମିଶ୍ରଣ କରି ନୂତନ ମିଶ୍ରିତ ଧାତୁ ସବୁ ତିଆରି କରିଥିଲା । ଏହି ମିଶ୍ରିତ ଧାତୁଗୁଡ଼ିକ ଅଧିକ କଠିନ ହେବା ସଂଗେ ସଂଗେ ବିଭିନ୍ନ ପ୍ରକାରର ସାଜସରଞ୍ଜାମ, ଗୃହକରଣା ଜିନିଷ, ଅସ୍ତ୍ରଶସ୍ତ୍ର ଆଦି ନିର୍ମାଣ ପାଇଁ ଅଧିକ ଉପଯୋଗୀ ହେଉଥିଲା । କାଳକ୍ରମେ ମଣିଷ ନଦୀ ଉପତ୍ୟକାଗୁଡ଼ିକରେ ବହୁଳ ଭାବରେ ବସବାସ କରିବା ଆରମ୍ଭ କରିଦେଇଥିଲା । ନଦୀ ଉପତ୍ୟକାଗୁଡ଼ିକରେ ପ୍ରାୟତଃ ତା'ର ସମସ୍ତ ଆବଶ୍ୟକତା ପୂରଣ ହୋଇପାରୁଥିଲା । ଏହିପରି ଭାବରେ ତାମ୍ରଯୁଗ ନଦୀ ଉପତ୍ୟକା ସଭ୍ୟତାଗୁଡ଼ିକୁ ଜନ୍ମ ଦେଇଥିଲା; ଯଥା- ସିନ୍ଧୁନଦୀ ଉପତ୍ୟକା ସଭ୍ୟତା, ନୀଳନଦୀ ଉପତ୍ୟକା ଆଦି ।

ତାମ୍ରଯୁଗୀୟ ସଂସ୍କୃତିର ବିସ୍ତୃତି

ତାମ୍ର ସଂସ୍କୃତି ସାରା ପୃଥିବୀରେ ପରିବ୍ୟାପ୍ତ ହୋଇପାରିନଥିଲା; ହେଲେ ଏହା ଅନେକ ଦେଶର ନଦୀ ଉପତ୍ୟକାଞ୍ଚଳରେ ବିସ୍ତୃତି ଲାଭ କରିଥିଲା । ଉଦାହରଣସ୍ୱରୂପ-

(କ) ସିନ୍ଧୁନଦୀ ଉପତ୍ୟକାରେ ସିନ୍ଧୁ ଅଥବା ହରପ୍ପା ସଭ୍ୟତା ।

(ଖ) ନୀଳନଦୀ ଉପତ୍ୟକାରେ ପ୍ରାଚୀନ ଇଜିପ୍ଟ ସଭ୍ୟତା ।

(ଗ) ହ୍ୱାଙ୍ଗ-ହୋ ଏବଂ ୟାଙ୍ଗ-ସି-କିଆଙ୍ଗ୍ ନଦୀ ଉପତ୍ୟକାରେ ଚୀନ ସଭ୍ୟତା ଆଦି ।

(ଘ) ଭାରତର ଛୋଟନାଗପୁର ମାଳଭୂମି, ଉପର ଗାଙ୍ଗେୟ ସମତଳ ଭୂମି, ମହୀଶୂର ନିକଟସ୍ଥ ବ୍ରହ୍ମଗିରି ନର୍ମଦା ନଦୀକୂଳସ୍ଥ ନାବଦାଟୋଲି, ଓଡ଼ିଶାର କେଉଁଝର ଓ ମୟୂରଭଞ୍ଜ ଆଦି ଅଞ୍ଚଳରେ ପରିବ୍ୟାପ୍ତ ଥିଲା ।

ଧାତବ ସଂସ୍କୃତି

ଏହି ସମୟର ଧାତୁ ଅବଶେଷଗୁଡ଼ିକ ମଧ୍ୟରେ ରହିଛି, ଧାତୁପାତ୍ର, ପ୍ରସ୍ତର କଳାକୃତି, ତମ୍ବା ଏବଂ ବ୍ରୋଞ୍ଜ ସରଞ୍ଜାମ ଇତ୍ୟାଦି ।

୧ । ପାତ୍ର : ପ୍ରଥମ ପର୍ଯ୍ୟାୟର ଧାତୁନିର୍ମିତ ପାତ୍ରଗୁଡ଼ିକ ହାତ ତିଆରି ତଥା ଧୂସର କିମ୍ବା ଗାଢ଼ ଧୂସର ରଙ୍ଗବିଶିଷ୍ଟ ଥିଲା (ଖ୍ରୀ.ପୂ. ୨୫୦୦-୧୮୦୦) । ଧୂସର ପାତ୍ରଗୁଡ଼ିକରେ ନିଆଁରେ ପୋଡ଼ିବା ପରେ ନାଲି ଗେରୁ ରଙ୍ଗର ବକ୍ରରେଖା କରାଯାଇଥିଲା । ଏହାହିଁ ଥିଲା ଏଗୁଡ଼ିକର ଚାରିତ୍ରିକ ବୈଶିଷ୍ଟ୍ୟ । ଏହା କୌତୂହଳପୂର୍ଣ୍ଣ ଯେ, କେତେକ ପ୍ରକାରର ପାତ୍ରର ନିମ୍ନ ଦେଶରେ ଗୋଲାକାର ଫମ୍ପା ବଇଠି ସଂଯୋଗ କରାଯାଇଛି । ଏହା ହରପ୍ପା ପୂର୍ବବର୍ତ୍ତୀ ଆମ୍ରି ଏବଂ କାଳିବାଙ୍ଗାନ୍‌ରେ ତିଆରି ପାତ୍ରର ପ୍ରକାରକୁ ମନେ ପକେଇ ଦିଏ । ପ୍ରଥମ ପର୍ଯ୍ୟାୟର ଅନ୍ୟ ଏକ ପ୍ରକାରର ମାଟିପାତ୍ର ମିଳିଛି, ଯାହାକି କଳା କିମ୍ବା ନାଲିର ଚକ୍‌ଚକ୍ କରୁଥିବା ପାତ୍ର ଅଟେ ତଥା ଏହାର ଉପର ଭାଗକୁ ବାଇଗଣି ରଙ୍ଗରେ ସଜ୍ଜିତ କରାଯାଇଛି ।

ଦ୍ୱିତୀୟ ପର୍ଯ୍ୟାୟ ବେଳକୁ (ଖ୍ରୀ.ପୂ. ୧୮୦୦-୧୫୦୦) ନାଲି ଏବଂ କଳା ରଙ୍ଗଯୁକ୍ତ ମାଟିପାତ୍ର ବ୍ୟବହୃତ ହେଉନଥିଲା, ତା ପରିବର୍ତ୍ତେ ନୂତନ ପ୍ରକାରର ପାତ୍ର ଆସିଯାଇଥିଲା । ଏହି ନୂଆ ପ୍ରକାରର ପାତ୍ର ଛୋଟଛୋଟ କଣାଯୁକ୍ତ ଏବଂ ଛିଟାଯୁକ୍ତ ମାଟି କଳସ ଅଥବା ମାଠିଆ ଥିଲା । ଏହି ସମୟର ବ୍ୟବହୃତ ମାଟିପାତ୍ରଗୁଡ଼ିକ ହରପ୍ପା ପୂର୍ବବର୍ତ୍ତୀ ବେଲୁଚିସ୍ତାନ ମାଟିପାତ୍ରର ସ୍ମୃତିଚାରଣ କରେ ।

ତୃତୀୟ ପର୍ଯ୍ୟାୟ ବେଳକୁ (ଖ୍ରୀ.ପୂ. ୧୪୦୦-୧୦୫୦) ପୁନର୍ବାର ଆଉ ଏକ ପ୍ରକାରର ମାଟିପାତ୍ର ବ୍ୟବହାରକୁ ଆସିଯାଇଥିଲା ।

(କ) ମୋଟା ଏବଂ ଧୂସର ରଙ୍ଗର ଟାଣ ପୃଷ୍ଠଭାଗ ଏବଂ

(ଖ) ତଳେ ଚକ ଲାଗିଥିଲା ଅମସୃଣ ଏବଂ ବାଇଗଣି ରଙ୍ଗକରା ମାଟିପାତ୍ର ।

ଏହି ପ୍ରକାରର ସାମଞ୍ଜସ୍ୟ ରହିଛି ମହାରାଷ୍ଟ୍ରର ଜୋରଓ୍ୱେ ନିର୍ମିତ ମାଟିପାତ୍ରର ପ୍ରକାର ସହିତ । ଏହା ଆହୁରି ମଧ୍ୟ ଉତ୍ତର ଏବଂ ଦକ୍ଷିଣ ଡେକ୍କାନ ଅଞ୍ଚଳର ସାଂସ୍କୃତିକ ସମନ୍ୱୟତାର ସୂଚନା ଦିଏ । ପାତ୍ରଗୁଡ଼ିକ ମଧ୍ୟରେ ରହିଛି, ବାଟି, ତାଟିଆ (କାନପରି ଉଦ୍‌ଗତ ଏବଂ ନଳମୁହାଁ ପ୍ରକାରର ବେଣ୍ଟଲଗା ତଥା ଫମ୍ପା ବଇଠିଯୁକ୍ତ ପାତ୍ର), କଳସ ଆଧାରଯୁକ୍ତ ବାସନ, ଛୋଟ ଛୋଟ କଣାଯୁକ୍ତ ମାଠିଆ, ନଳମୁହାଁ ସୁରାଇ ଇତ୍ୟାଦି ।

୨ । ପ୍ରସ୍ତରର ହାତହତିଆର ଏବଂ ହାଡ଼ରେ କଳାକୃତି : ପ୍ରସ୍ତର ଫଳକ ଶିଳ୍ପକେନ୍ଦ୍ରରେ ଲମ୍ବା ଏବଂ ସରୁ ସମାନ୍ତରାଳ ଧାରବିଶିଷ୍ଟ ଫଳକ ତିଆରି ହେଉଥିଲା । ଏଗୁଡ଼ିକ ମଧ୍ୟରୁ କେତେକର ତିଆରି ଅନ୍ୟ ପ୍ରକାରର ମଧ୍ୟ ସମାପ୍ତ କରାଯାଇପାରୁଥିଲା । ସଂପୂର୍ଣ୍ଣ ହୋଇଥିବା ହାତହତିଆର ମଧ୍ୟରେ ରହିଥିଲା- ଅର୍ଦ୍ଧଚନ୍ଦ୍ର, ତ୍ରିଭୁଜବିଶିଷ୍ଟ, ସମାନ୍ତରାଳ ଚତୁର୍ଭୁଜବିଶିଷ୍ଟ ଏବଂ କରତ ଦାନ୍ତିଆ ଇତ୍ୟାଦି । କେତେକ ସମାନ୍ତରାଳ ପାର୍ଶ୍ୱବିଶିଷ୍ଟ ଫଳକର କାଟିବା ଧାର ଚକଚକିଆ ହୋଇଛି । ସେଗୁଡ଼ିକ ଶସ୍ୟ ଅମଳ, ଧାନକଟା ଆଦିରେ ବ୍ୟବହୃତ ହୋଇଥିବା ଯୋଗୁ ଚକଚକିଆ ହୋଇଛି ।



ଦକ୍ଷିଣ ଭାରତର ମୁଖ୍ୟ ନୂତନ ପ୍ରସ୍ତର ଯୁଗର ମସୃଣ ପଥର ଟାଙ୍ଗିଆ କାରଖାନା

ଅନେକ ପ୍ରସ୍ତର ସରଞ୍ଜାମକୁ ମଧ୍ୟ ମସୃଣ କରାଯାଇଥିଲା । ପ୍ରସ୍ତର ଶିଳ୍ପକେନ୍ଦ୍ର ପ୍ରସ୍ତୁତ ଜିନିଷଗୁଡ଼ିକ ମଧ୍ୟରେ ଅତି ସାଧାରଣ ପ୍ରକାର ଥିଲା ମସୃଣ ତିନିକୋଣିଆ ଟାଙ୍ଗିଆ । ଏହାର ମୋଟା ମୁନିଆ ଏବଂ ଅଣ୍ଡାକୃତି ଅଂଶ ରହିଥିଲା । ଅନ୍ୟାନ୍ୟ ପ୍ରକାରର ସରଞ୍ଜାମ ଯଥା- ନିହାଣ, ବଟାଳି, କ୍ଷୁର, ମୁନିଆ ଅସ୍ତ୍ରଶସ୍ତ୍ର, କୀଳକ, କୋଦାଳ ଇତ୍ୟାଦି ।

ଦଉଡ଼ି ଫାଶ ସାହାଯ୍ୟରେ ଦୂରକୁ ଫିଙ୍ଗିବା ପଥର ଗୋଳା, ପଥର, ହାତୁଡ଼ି, ଶିଳ ଶିଳପୁଆ, ଘଷିବା ପଥର, ଘୋରଣା ଇତ୍ୟାଦି

ଅନ୍ୟାନ୍ୟ ପଥର ସରଞ୍ଜାମ ମଧ୍ୟ ମିଳିଛି । ଘର୍ଷଣ ଓ ଘୋଷଣା ପଥର ଆଦି ଖାଦ୍ୟଶସ୍ୟ ପ୍ରକ୍ରିୟାକରଣରେ ବ୍ୟବହୃତ ହେଉଥିଲା ।

ହାଡ଼ର କଳାକୃତିଗୁଡ଼ିକ ମଧ୍ୟରେ ରହିଥିଲା କାମପାଇଁ ବ୍ୟବହୃତ ହାଡ଼ଖଣ୍ଡ, ଶିଙ୍ଗ, ମୃଗର ଶାଖାଯୁକ୍ତ ଶିଙ୍ଗ ଏବଂ ଶାମୁକା, ଶଙ୍ଖ ଇତ୍ୟାଦି । ସାଧାରଣ କଳାକୃତି ମଧ୍ୟରେ ରହିଛି ମୁନିଆ ଯନ୍ତ୍ର ଏବଂ ନିହାଣ । ପାଲ୍ଲାଭେୟରେ ହାଡ଼ର ଏକ ଟାଙ୍ଗିଆ ମିଳିଛି, ଯାହାକି ଗାଈର କାନ୍ଧ ହାଡରେ ତିଆରି ତଥା ଧାରଯୁକ୍ତ ହାଡ଼ଦ୍ୱାରା ପ୍ରସ୍ତୁତ କରାଯାଇଛି ।

ଧାତବ ଜିନିଷ

ଆଗରୁ କୁହାଯାଇଛି ଯେ, ତମ୍ବା ଏବଂ ବ୍ରୋଞ୍ଜର ସରଞ୍ଜାମ ଦ୍ୱିତୀୟ ପର୍ଯ୍ୟାୟ ଅପେକ୍ଷା ତୃତୀୟ ପର୍ଯ୍ୟାୟରେ ଅଧିକ ହୋଇଥିଲା, ଏଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ଏବଂ ମାଳବର ଚଟକା ଟାଙ୍ଗିଆ ଓ ନିହାଣ ଅତୀବ ମହତ୍ତ୍ୱପୂର୍ଣ୍ଣ ଅଟେ । ଅନ୍ୟ ମହତ୍ତ୍ୱପୂର୍ଣ୍ଣ ଜିନିଷ ହେଉଛି କାଲୁରରୁ ମିଳିଥିବା କରତ ଦାନ୍ତିଆ ଖଣ୍ଡା ।

ବିଭିନ୍ନ ଅଞ୍ଚଳ ଖନନରୁ ଆବିଷ୍କୃତ ହୋଇଥିବା ତମ୍ବା ଏବଂ ବ୍ରୋଞ୍ଜର ଅନ୍ୟାନ୍ୟ ଜିନିଷଗୁଡ଼ିକ ହେଉଛି- କଙ୍କଣ, ବଳା, କୁଣ୍ଡଳ ଏବଂ ପରସ୍ପରକୁ ଛେଦ କରୁଥିବା କାଠି ଇତ୍ୟାଦି । ହାଲ୍ଲୁରରୁ ଗୋଟିଏ ବନଶୀକଣ୍ଟା ମିଳିଛି । ଟେକ୍କାଲକୋଟାରୁ ଏକ ସୁନାକୁଣ୍ଡଳ ମିଳିଛି ।

ମାଳି ଏବଂ ଟେରାକୋଟା କ୍ଷୁଦ୍ରମୂର୍ତ୍ତି

କେତେକ ଖୋଦିତ ସ୍ଥାନରେ ସମୟ ସମୟରେ ଆଂଶିକ ମୂଲ୍ୟବାନ୍ ପଥର ନିର୍ମିତ ହାର (ମାଳି) ଦେଖିବାକୁ ମିଳିଥାଏ । ଉଦାହରଣସ୍ୱରୂପ, ନାଗାର୍ଜୁନକୋଣ୍ଡାରୁ ଆବିଷ୍କୃତ ରଙ୍ଗିନ ଖଡ଼ିପଥରର ଗୋଲାକାର ଓ ଚଟକା ଗୋଟିଯୁକ୍ତ ମାଳି ।

ଟେରାକୋଟା କ୍ଷୁଦ୍ରମୂର୍ତ୍ତିଗୁଡ଼ିକ ମଧ୍ୟରେ ଅଧିକ ସଂଖ୍ୟକ ଥିଲା କୁବ୍‌ଜପୃଷ୍ଠବିଶିଷ୍ଟ ଗାଈ, ବଳଦ ଇତ୍ୟାଦି । ଏହା ପିକ୍ଲିହଲ୍‌ରେ ବହୁ ପରିମାଣରେ ଆବିଷ୍କୃତ ହୋଇଛି ।

କୂପଗାଲ୍, ମସ୍କି ଏବଂ ପିକ୍ଲିହାଲ୍ ଆଦି ସ୍ଥାନର ଗୋରୁଗାଈ ଚିତ୍ରରୁ ଜଣାଯାଏ ଯେ, ଗାଈ, ବଳଦ ଏହି ସଭ୍ୟତାର ଲୋକମାନଙ୍କ ଜୀବନରେ ଓତପ୍ରୋତ ଭାବରେ ଜଡ଼ିତ ଥିଲେ ।

ଏହି ଚିତ୍ରଗୁଡ଼ିକରେ ଗୋଟିଏ ଗାଈ, କେତେକ ସ୍ଥାନରେ ଗାଈ ପଞ୍ଝାଏ, ପୁନଶ୍ଚ କେତେକ ସ୍ଥାନରେ କୁବ୍‌ଜପୃଷ୍ଠଯୁକ୍ତ ଷଣ୍ଢ, କିମ୍ବା ଶିଙ୍ଗଯୁକ୍ତ ବଳଦ ଆଦି ପ୍ରମୁଖ ଅଟେ । କେତେକ ଚିତ୍ରରେ ଗାଈ ବଳଦର ସାଜସଜ୍ଜାଯୁକ୍ତ ଶିଙ୍ଗ ପ୍ରଦର୍ଶନ କରାଯାଇଛି ।

ତାମ୍ରଯୁଗର ଚାରିତ୍ରିକ ବୈଶିଷ୍ଟ୍ୟ

ଧାତବ ଅଥବା ତାମ୍ରଯୁଗର ଏକ ବିଶେଷ ଚାରିତ୍ରିକ ବୈଶିଷ୍ଟ୍ୟ ରହିଥିଲା । ବିଶେଷତଃ ଏହି ସମୟକାଳ ମଧ୍ୟରେ ମଣିଷ ଜୀବନଟିଏ ଜୀଇଁବାର ସର୍ବବିଧ ଉନ୍ନତ ପ୍ରକାର କାର୍ଯ୍ୟ ଆରମ୍ଭ କରିଦେଇଥିଲା ତଥା ଉପକରଣ ନିର୍ମାଣ କରିବାରେ ସକ୍ଷମ ହୋଇପାରିଥିଲା ।

ସହରୀ ସଭ୍ୟତାର ବିକାଶ

ତାମ୍ରଯୁଗୀୟ ସଂସ୍କୃତି ବିଶ୍ୱରେ ଗଢ଼ି ଉଠିଥିବା ସଭ୍ୟତାଗୁଡ଼ିକୁ ସହରୀ ସଭ୍ୟତା ରୂପରେ ଗଢ଼ି ତୋଳିଥିଲା ଅର୍ଥାତ୍ ପୃଥିବୀରେ ସହରୀ ସଭ୍ୟତା ଗଢ଼ି ଉଠିବା ପାଇଁ ଏହା ସାହାଯ୍ୟ କରିଥିଲା; ଫଳସ୍ୱରୂପ ସମସ୍ତ ନଦୀ ଉପତ୍ୟକା ସଭ୍ୟତାଗୁଡ଼ିକରେ ବୃହତ୍ ନଗରୀ ସବୁ ଗଢ଼ି ଉଠିଥିଲା । ନଗରୀଗୁଡ଼ିକ ପ୍ରାୟତଃ ବନ୍ଦରମାଳିନୀ ଥିଲେ । ପୁନଶ୍ଚ

ସେଗୁଡ଼ିକ ବ୍ୟବସାୟର ପେଣ୍ଠସ୍ଥଳୀ, ରାଜନୀତିର ମୂଳଭିତ୍ତି ଏବଂ ଗମନାଗମନର ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକୁ ସଂଯୋଗକାରିଣୀ ଥିଲେ, ଯେପରିକି ହରପ୍ପା, ମହେଞ୍ଜୋଦାରୋ, ଲୋଥାଲ୍ ଆଦି ।

ନଗର ନିର୍ମାଣ ଯୋଜନା

ନାଗରିକମାନଙ୍କୁ ସବୁପ୍ରକାର ସୁବିଧା ପ୍ରଦାନ କରିବାଭଳି ନଗର ନିର୍ମାଣ ଯୋଜନା କରାଯାଇଥିଲା । ଉନ୍ନତ ପ୍ରଣାଳୀ ଏବଂ ନକ୍ସା ସମ୍ବଳିତ ନଗରଗୁଡ଼ିକର ଧ୍ୱଂସାବଶେଷରୁ ଜଣାଯାଏ ଯେ, ସେଗୁଡ଼ିକର ନକ୍ସା ଏବଂ ସଂଯୋଜନା ଅତୀବ ଦକ୍ଷ ଓ ବିଜ୍ଞ ସ୍ଥପତି ତଥା କାରିଗରମାନଙ୍କ ଦ୍ୱାରା କରାଯାଇଥିଲା । ସାମାଜିକ ଏବଂ ଆର୍ଥିକ ସ୍ତରରେ ଭିନ୍ନ ଭିନ୍ନ ବର୍ଗର ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ଅଞ୍ଚଳରେ ବାସଗୃହଗୁଡ଼ିକ ନିର୍ମାଣ କରାଯାଇଥିଲା । ପ୍ରଶାସକ, ଧନିକ, ଗରିବ ଆଦି ବିଭିନ୍ନ ବର୍ଗଙ୍କ ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଘରସବୁ ନିର୍ମାଣ କରାଯାଇଥିଲା । ଜନସାଧାରଣଙ୍କ ଶସ୍ୟ ଜମାକରି ରଖିବା ସ୍ଥାନ, ସାଧାରଣ ଜନତାଙ୍କ ପାଇଁ ସ୍ନାନାଗାର, ବଜାର, ହାଟ, କୂଅ, ପୋଖରୀ, ନାଳନର୍ଦ୍ଦମା, ରାସ୍ତା, ପ୍ରେକ୍ଷାଳୟ ଆଦି ସୁବନ୍ଦୋବସ୍ତ କରାଯାଇଥିଲା । ଏତଦ୍‌ଭିନ୍ନ ପ୍ରତ୍ୟେକ ଘରେ ରୋଷେଇଘର, ଅଳିନ୍ଦ, ବାରଣ୍ଡା, ପାଇଖାନା, ପାଣିର ବ୍ୟବସ୍ଥା ଏବଂ ଛୋଟ ନର୍ଦ୍ଦମାର ବ୍ୟବସ୍ଥା ମଧ୍ୟ ରହିଥାଏ । ପ୍ରତ୍ୟେକ ଘରେ ଉନ୍ନତମାର୍ଗର ପରିମଳ ବ୍ୟବସ୍ଥା ରହିଥିଲା ।

ରାସ୍ତା ଏବଂ ନର୍ଦ୍ଦମା ପ୍ରଣାଳୀ

ମହେଞ୍ଜୋଦାରୋ ଏବଂ ହରପ୍ପାର ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଏ ଯେ, ଏହି ଯୁଗରେ ଏକ ଉନ୍ନତ ଧରଣର ନଗର ନିର୍ମାଣ ଯୋଜନାର ବିକାଶ ସଂଘଟିତ ହୋଇଥିଲା । ନଗରଗୁଡ଼ିକରେ ଗମନାଗମନ ପାଇଁ ପ୍ରଶଂସନୀୟ ରାସ୍ତାଘାଟର ବ୍ୟବସ୍ଥା, ମୁଖ୍ୟ ରାସ୍ତା କଡ଼ରେ ମୁଖ୍ୟ ନର୍ଦ୍ଦମା ରହିଥିବାବେଳେ ଭିତରକୁ ଲମ୍ବିଯାଇଥିବା ଗଳିରାସ୍ତାଗୁଡ଼ିକ ମଧ୍ୟ ଓସାରିଆ ଥିଲା ତଥା ତା'କଡ଼ରେ ମଧ୍ୟ କ୍ଷୁଦ୍ର ନର୍ଦ୍ଦମା ରହିଥିଲା । ଗଳିରାସ୍ତା ଏବଂ ତତ୍ ସଂଲଗ୍ନ ନର୍ଦ୍ଦମା ଉଭୟ ଆସି ଯଥାକ୍ରମେ ମୁଖ୍ୟରାସ୍ତା ଓ ମୁଖ୍ୟ ନର୍ଦ୍ଦମାରେ ମିଶିଥିଲା । ରାସ୍ତା ଓ ନର୍ଦ୍ଦମା ଆଦି ଏକ ସୁବ୍ୟବସ୍ଥିତ ଯୋଜନାର ଅନ୍ତର୍ଗତ ଥିଲା, ଯେପରିକି ମୁଖ୍ୟ ରାସ୍ତାଗୁଡ଼ିକ ଉତ୍ତରରୁ ଦକ୍ଷିଣକୁ ଲମ୍ବି ଯାଇଥିଲେ ତଥା ଗଳିରାସ୍ତାଗୁଡ଼ିକୁ ୯୦° କୋଣରେ ଛେଦନ କରୁଥିଲେ । ରାସ୍ତା ପାର୍ଶ୍ୱରେ ମଇଳା ପକେଇବା ଡବା ସବୁ ରହିଥିଲା । ନର୍ଦ୍ଦମାଗୁଡ଼ିକୁ ଚଟକା ପଥର ସାହାଯ୍ୟରେ ଘୋଡ଼ାଯାଇଥିଲା ଏବଂ ସହରର ମୁଖ୍ୟ ନର୍ଦ୍ଦମାର ମଇଳାପାଣି ସବୁକୁ ସହର ବାହାରେ ଛଡ଼ା ଯାଉଥିଲା । ଏଥିରୁ ଜଣାଯାଏ ଯେ, ସେ ସମୟରେ ଉନ୍ନତ ଧରଣର ନଗରପାଳିକା (ପୌରସଂସ୍ଥା) ସବୁ କାର୍ଯ୍ୟ କରୁଥିଲେ ।

ଗୃହ

ନଦୀ ଉପତ୍ୟକା ସଭ୍ୟତାଗୁଡ଼ିକରୁ ବାହାରିଥିବା ସହରଗୁଡ଼ିକର ଘରଗୁଡ଼ିକୁ ଦେଖିଲେ ଜଣାଯାଏ ଯେ, ଘର ତିଆରି କଳା ଅତିମାତ୍ରାରେ ବିକଶିତ ଥିଲା ତଥା ଘର ତିଆରିର ମାନ ଅତୀବ ଉନ୍ନତ ଥିଲା । ସାଧାରଣତଃ ଘରଗୁଡ଼ିକ ପୋଡ଼ାଇଟାରେ ନିର୍ମିତ ହୋଇଥିଲା । ଅନେକ ଘରେ ଏକ ବିଶାଳ ଅଗଣା ଥିଲା ଯେଉଁଠାରେ କି ୪-୬ ଗୋଟି କୋଠରି ଏବଂ ଏକ ଗାଧୁଆଘର ନିର୍ମିତ ହୋଇଥିଲା । ପ୍ରତ୍ୟେକ ଘରେ ରୋଷେଇ ଘର, ପାଇଖାନା ଏବଂ କୂଅ ରହିଥିଲା । ପ୍ରତ୍ୟେକ ଘରେ ଇଟା ଅଥବା ପ୍ରସ୍ତରନିର୍ମିତ ଚଟାଣ ଏବଂ ପ୍ରବେଶ ଦ୍ୱାର ସିଡ଼ି ଆଦି ରହିଥିଲା ।

ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା

ନର୍ଦ୍ଦମା ବ୍ୟବସ୍ଥା ସହିତ ନଗରରେ ସ୍ୱଚ୍ଛ ଏବଂ ପରିମଳ ଜଳପୂର୍ଣ୍ଣ ପୋଖରୀ ଜନସାଧାରଣ ଗାଧୋଇବା ପାଇଁ ରହିଥିଲା । ମହେଞ୍ଜୋଦାରୋଠାରେ ଏହିପରି ଏକ ବୃହତ୍ ସ୍ନାନାଗାର ରହିଥିଲା । ତା'ଦେହରୁ ମଇଳା ଜଳକୁ

ନିଷ୍କାସନ କରି ସ୍ୱଚ୍ଛ ଜଳ ଭର୍ତ୍ତି କରିବା ବ୍ୟବସ୍ଥା ରହିଥିଲା । ଲୁଗା ବଦଳେଇବା ପାଇଁ ସ୍ନାନାଗାର ଉପର ହିଡ଼ରେ ଅନେକଗୁଡ଼ିଏ କ୍ଷୁଦ୍ର କୋଠରି ମଧ୍ୟ ରହିଥିଲା । ଏତଦ୍‌ବ୍ୟତୀତ ନଗରରେ ସ୍ୱାସ୍ଥ୍ୟ ସେବାପାଇଁ କବିରାଜ ଚିକିତ୍ସାଳୟ, ବୈଦ୍ୟଖାନା ଆଦିର ମଧ୍ୟ ବ୍ୟବସ୍ଥା ଥିଲା ।

ରାଜନୈତିକ ଜୀବନ

ପୃଥିବୀର ଅନ୍ୟାନ୍ୟ ଦେଶରେ ଗଢ଼ି ଉଠିଥିବା ସଭ୍ୟତାରେ ରହିଥିବା ନଗର-ରାଜ୍ୟ ପରି ପ୍ରଶାସନିକ ବ୍ୟବସ୍ଥା ପରି ବ୍ୟବସ୍ଥା ଭାରତରେ ତଦାନୀନ୍ତନ ସମୟରେ ରହିଥିବାର କୌଣସି ପ୍ରମାଣ ଅଦ୍ୟାବଧି ଆବିଷ୍କୃତ ହୋଇପାରିନାହିଁ; ହେଲେ ମଧ୍ୟ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ହରପ୍ପା ଆଦି ପ୍ରାଚୀନ ସଭ୍ୟତାଗୁଡ଼ିକରୁ ମିଳିଥିବା ଅବଶେଷରୁ ଜଣାଯାଏ ଯେ, ସେ ସମୟରେ ସୁବ୍ୟବସ୍ଥିତ ଶାସନ ବ୍ୟବସ୍ଥା ପ୍ରଚଳିତ ଥିଲା । ବିଶେଷତଃ ରାଜତନ୍ତ୍ର ଏବଂ ସମ୍ଭ୍ରାନ୍ତ ପଦ୍ଧତି ପ୍ରଚଳିତ ଥିବାର ଅନୁମାନ ହୁଏ । ରାଜା ଉଦ୍‌ଯୋଗୀ, ପ୍ରଜାବତ୍ସଳ, ଉପକାରୀ ଏବଂ ଧାର୍ମିକ ଥିବାର ପ୍ରମାଣ ନିର୍ମାଣଗୁଡ଼ିକରୁ ମିଳିଥାଏ । ନୂତନ ପ୍ରସ୍ତର ଯୁଗ ଏବଂ ଧାତବ ଯୁଗରୁ ପ୍ରଚଳିତ ପ୍ରଶାସନିକ ବ୍ୟବସ୍ଥାର କ୍ରମାନୁବୃତ୍ତି ସ୍ୱରୂପରେ ଓହ୍ଲେଇ ଆସୁଥିବା ପ୍ରଶାସନର ଐତିହାସିକ ପ୍ରମାଣ ଆମେ ପାଇଛୁ ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀରେ ପ୍ରତିଷ୍ଠିତ ରାଜତନ୍ତ୍ର ଏବଂ ଗଣତନ୍ତ୍ର ସ୍ୱରୂପରେ ।

ଅର୍ଥନୈତିକ ଜୀବନ

ନଦୀ ଉପତ୍ୟକା ନିବାସୀ ସଭ୍ୟତାର ଲୋକେ ସାଧାରଣତଃ ଅର୍ଥନୈତିକ ଦୃଷ୍ଟିକୋଣରୁ ଏକ ସ୍ୱଚ୍ଛଳ ଜୀବନଯାପନ କରୁଥିଲେ । ସେମାନେ ସ୍ୱୟଂସଂପୂର୍ଣ୍ଣ ଥିଲେ । ବିଭିନ୍ନ ପ୍ରକାରର ଶସ୍ୟ ଓ ଫଳମୂଳ ଆଦି ଉତ୍ପାଦନ କରୁଥିଲେ । ବଳକା ଶସ୍ୟକୁ କୋଷାଗାରରେ ସଞ୍ଚୟ କରି ରଖୁଥିଲେ ପୁନଶ୍ଚ ଶିକାର କରି, ମାଛଧରି ଜୀବିକା ନିର୍ବାହ କରୁଥିଲେ । ସେମାନଙ୍କ ଅର୍ଥନୀତିର ଭିତ୍ତି ଥିଲା କୃଷି, ବାଣିଜ୍ୟ ଓ ପଶୁପାଳନ ଇତ୍ୟାଦି । ସ୍ଥାନଗୁଡ଼ିକର ଅବସ୍ଥିତି ଏବଂ ଗଠନ ଅନୁଯାୟୀ ଦେଖାଯାଇଛି ଯେ, ଜଳସେଚନର ସୁବିଧା ଥିବା ଅଞ୍ଚଳଗୁଡ଼ିକରେ ଉପନିବେଶଗୁଡ଼ିକ ଗଢ଼ି ଉଠିଥିଲା । ଆହୁରି କେତେକ ସ୍ଥାନ ଯଥା- କୃଷ୍ଣାନଦୀ କୂଳରେ ବୀରପୁରମ୍, ତୁଙ୍ଗଭଦ୍ରା କୂଳରେ, ହାଲୁର୍, କାବେରୀ କୂଳରେ ଟି. ନରସିପୁର ଏବଂ କୃଷ୍ଣାନଦୀ ଅବବାହିକାରେ ଅବସ୍ଥିତ କପିଲା ଏବଂ ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ କେନାଲ ମାଧ୍ୟମରେ ଜଳର ସୁବନ୍ଦୋବସ୍ତ ଏବଂ ବିନିଯୋଗ କରାଯାଇଥିବା ସୁବିଧା ରହିଥିଲା ।

ଉଦ୍ଭିଦ ରସାୟନ ପରୀକ୍ଷା ପ୍ରମାଣ କରେ ଯେ, ଜୁଆର ଏବଂ ଚଣା, ମୁଗ ଜାତୀୟ ଫସଲ ବହୁଳ ଭାବରେ ଚାଷ କରାଯାଇଥିଲା । ବିଭିନ୍ନ ପ୍ରକାରର ଜୁଆର, କୋଳଥ, ମୁଗ ଏବଂ ବିରି ଇତ୍ୟାଦି ଚାଷ କରାଯାଉଥିଲା । ବିନ୍, ବାର୍ଲି ଆଦି ମଧ୍ୟ ଚାଷ ହେଉଥିଲା ବୋଲି ଏବେ ରାମପୁରମ୍ ଖନନରୁ ଜଣାପଡ଼ିଛି ।

ଜୀବଜନ୍ତୁ ବିବରଣୀ ବାବଦରେ ଆମେ ଯଦି ଅନୁଧ୍ୟାନ କରିବା ଜଣାଯାଏ ଯେ, ଖୋଦିତ ହୋଇଥିବା ସମସ୍ତ ନୂତନ ପ୍ରସ୍ତର ତାମ୍ରଯୁଗ ଅଞ୍ଚଳରୁ ଉଭୟ ଗୃହପାଳିତ ଏବଂ ବନ୍ୟପଶୁଙ୍କର ଦେହାବଶେଷ ମିଳିଛି ।

ଗୃହପାଳିତ ପଶୁଗୁଡ଼ିକ ମଧ୍ୟରେ ଗାଈଗୋରୁ, ମହିଷ, ଛେଳି, ମେଣ୍ଢା, ଘୁଷୁରି, କୁକୁର ଆଦି ମୁଖ୍ୟ ଥିଲେ । ଏହା ସହିତ କୁକୁଡ଼ା ଆଦି ପକ୍ଷୀ ମାଂସ ପାଇଁ ପାଳନ କରୁଥିଲେ । ଏହି ସଂପ୍ରଦାୟଗୁଡ଼ିକର ଅର୍ଥନୈତିକ ଅଭିବୃଦ୍ଧିରେ ଗୃହପାଳିତ ପଶୁପକ୍ଷୀଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ ଥିଲା । ଉଦାହରଣସ୍ୱରୂପ, ବୀରପୁରମ୍ ନୂତନ ପ୍ରସ୍ତର ଯୁଗ ବିଶିଷ୍ଟ ଅଞ୍ଚଳରେ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଧ୍ୟାନରୁ ଜଣାଯାଇଛି ଯେ, ସେଠାରେ ମିଳିଥିବା ପଶୁଗୁଡ଼ିକର ଦେହାବଶେଷ ଅସ୍ଥିରେ ରହିଛି ୪୭.୬୮% ଗାଈଗୋରୁଙ୍କର ହାଡ଼ ଏବଂ ଛେଳି ମେଣ୍ଢାଙ୍କର ହାଡ଼ର ପରିମାଣ ହେଉଛି ୫.୪% । ଏଥିରୁ ଅନୁମାନ କରାଯାଏ ଯେ, ସେ ସମୟର ଅର୍ଥନୈତିକ ଅଭିବୃଦ୍ଧିରେ ଗାଈବଳଦଙ୍କର ବିଶେଷ ଏବଂ ସର୍ବାଧିକ ଭୂମିକା ରହିଥିଲା ତଥା ଲୋକମାନେ ଅନ୍ୟାନ୍ୟ ପଶୁ ତୁଳନାରେ ଅଧିକ ସଂଖ୍ୟକ ବଳଦ ପାଳନ କରୁଥିଲେ । କୃଷ୍ଣାନଦୀର ଦକ୍ଷିଣ କୂଳରେ ଅବସ୍ଥିତ ବୀରପୁରମ୍ ଚାଷପାଇଁ ଏତେ ଉପଯୁକ୍ତ ହୋଇଥିବା ସତ୍ତ୍ୱେ ମଧ୍ୟ ଯଦି ଏତିକି

ପରିମାଣରେ ପଶୁପାଳନ କରୁଥିଲେ, ତେବେ ପାର୍ବତ୍ୟାଞ୍ଚଳରେ ଅବସ୍ଥିତ ସ୍ଥାନଗୁଡ଼ିକରେ ପଶୁପାଳନର ଆଧିକ୍ୟ ବାବଦରେ ସହଜରେ ଅନୁମାନ କରାଯାଇପାରିବ । ଏହି ସଂପ୍ରଦାୟଗୁଡ଼ିକର ଅର୍ଥନୀତି ଚାଷ ଏବଂ ପଶୁପାଳନ ଉପରେ ଆଧାରିତ ହୋଇଥିବାରୁ ଏହାକୁ କୃଷି-ପଶୁପାଳନର ମିଶ୍ରିତ ଅର୍ଥନୀତି ବୋଲି ଆଖ୍ୟାୟିତ କରାଯାଇଛି ।

ଗୃହପାଳିତ ପଶୁଙ୍କ ଅସ୍ଥି ଅବଶେଷ ବ୍ୟତୀତ ଏହି ସଭ୍ୟତା ଅଞ୍ଚଳଗୁଡ଼ିକରେ ବନ୍ୟପଶୁଙ୍କର ଅସ୍ଥି ଅବଶେଷ ମଧ୍ୟ ମିଳିଛି । ଏହି ବନ୍ୟଜନ୍ତୁଗୁଡ଼ିକ ମଧ୍ୟରେ ରହିଛନ୍ତି ଝିଙ୍କ, କଳାଦାଗ ଥିବା ଠେକୁଆ, ନୀଳଗାଈ, କୃଷ୍ଣସାର ମୃଗ, ସମ୍ବର ଆଦି ଲୋକଙ୍କ ମାଂସ ଆବଶ୍ୟକତା ପୂରଣ କରୁଥିଲେ ।

କୃଷିକାର୍ଯ୍ୟ

ଧାତବ ଯୁଗର ମଣିଷଙ୍କ ଅର୍ଥନୀତିର ମୂଳଭିତ୍ତି ଥିଲା କୃଷି । ନଦୀ ଆନୀତ ପଟୁମାଟିରେ ନଦୀ ଉପତ୍ୟକା ଅତ୍ୟନ୍ତ ଉର୍ବର ଥିଲା । ନଦୀ ପାଣିକୁ କେନାଲ ମାଧ୍ୟମରେ ଚାଷକାର୍ଯ୍ୟରେ ବିନିଯୋଗ କରାଯାଇପାରୁଥିଲା । ଲୋକେ ଗହମ, ବାର୍ଲି, ଚଣାଜାତୀୟ ଶସ୍ୟ, ତୈଳଜାତୀୟ ଶସ୍ୟ ଯଥା- ବାଦାମ, ସୋରିଷ ଆଦି, ପୁନଶ୍ଚ ଧାନ, ଖଜୁରୀ, କାର୍ପାସ ଆଦି ଚାଷ କରୁଥିଲେ । ଏହି ସମୟସୁଦ୍ଧା ସେମାନେ ଗୃହପାଳିତ ପଶୁଙ୍କୁ ଚାଷକାର୍ଯ୍ୟରେ ଲଗେଇବା, ଲଙ୍ଗଳ ଦ୍ୱାରା ଚାଷ କରିବା, ଶଗଡ଼ଦ୍ୱାରା ପରିବହନ କରିବା ଆଦି ଶିଖିଯାଇଥିଲେ । ସେମାନେ ଗାଈ, ବଳଦ, ଛେଳି, ମେଣ୍ଢା, ଘୋଡ଼ା ଆଦି ପାଳନ କରୁଥିଲେ । ଗୋଟିଏ ଅଞ୍ଚଳର ବଳକା ଶସ୍ୟକୁ ଆବଶ୍ୟକ କରୁଥିବା ଅନ୍ୟ ଅଞ୍ଚଳକୁ ରପ୍ତାନୀ କରିବା ବ୍ୟବସ୍ଥା ମଧ୍ୟ ପ୍ରତିଷ୍ଠିତ ହୋଇସାରିଥିଲା ।

ବ୍ୟବସାୟ ବାଣିଜ୍ୟ

ତାମ୍ରଯୁଗର ଲୋକେ ବ୍ୟବସାୟ ବାଣିଜ୍ୟରେ ସିଦ୍ଧହସ୍ତ ଥିଲେ । ସେମାନେ ଜଳ ଓ ସ୍ଥଳ ଉଭୟ ପଥରେ ବ୍ୟବସାୟ ବାଣିଜ୍ୟ କରୁଥିଲେ । ପ୍ରତ୍ନତାତ୍ତ୍ୱିକ ଖନନରୁ ତରାଜୁ ଏବଂ ପ୍ରସ୍ତରନିର୍ମିତ ବଟକରା ମିଳିଅଛି, ଯାହା ସେ ସମୟରେ ବ୍ୟବସାୟ ବାଣିଜ୍ୟ ପ୍ରଚଳିତ ଥିବାର ବାସ୍ତବ ପ୍ରମାଣ ଅଟେ । ବ୍ୟବସାୟୀମାନେ ଗୋଟିଏ ଅଞ୍ଚଳର ବଳକା ଶସ୍ୟ, ପଶୁସଂପଦ, ମାଟି ଏବଂ ଧାତବ ପାତ୍ର ତଥା ଅନ୍ୟାନ୍ୟ ଗୃହୋପକରଣ, ଚାଷକାର୍ଯ୍ୟରେ ଉପଯୋଗୀ ଉପକରଣ, ମୂଲ୍ୟବାନ୍ ପ୍ରସ୍ତର, ଗହଣା ଏବଂ ଧାତବ ଜିନିଷକୁ ଆବଶ୍ୟକ କରୁଥିବା ଅନ୍ୟାନ୍ୟ ଅଞ୍ଚଳକୁ ପ୍ରାୟତଃ ଶଗଡ଼ଗାଡ଼ିରେ ନେଇ ବିକ୍ରି କରୁଥିଲେ ତଥା ସେହି ଅଞ୍ଚଳର ବଳକା ଜିନିଷକୁ ଆଣି ଅନ୍ୟାନ୍ୟ ଅଞ୍ଚଳରେ ବିକ୍ରି କରୁଥିଲେ । କେତେକ ବ୍ୟବସାୟୀ ପୁନଶ୍ଚ ଜିନିଷସବୁ ଠୁଳ କରି ନଗରର ଲୋକଙ୍କୁ ବିକ୍ରି କରୁଥିଲେ; ଫଳସ୍ୱରୂପ ଏକ ଉନ୍ନତମାନର ଅର୍ଥନୀତି ଓ ଅର୍ଥନୈତିକ ଜୀବନ ଗଢ଼ି ଉଠିଥିଲା ।

କଳା ଓ କାରିଗରି କୌଶଳ

କୃଷି ସହିତ ଲୋକେ କଳାତ୍ମକ ଏବଂ ଅତି ସୁନ୍ଦର ମାଟିପାତ୍ର ନିର୍ମାଣ କରୁଥିଲେ । ସେମାନେ ପୁନଶ୍ଚ ସୂତା କାଟିବା, ଲୁଗାବୁଣିବା ଆଦି କାର୍ଯ୍ୟ ମଧ୍ୟ ତଦାରଖ କରୁଥିଲେ । ପ୍ରତ୍ୟେକ ନଗରରେ ବିଭିନ୍ନ ଉପକରଣ ଏବଂ ଅସ୍ତ୍ରଶସ୍ତ୍ର ତିଆରି କାରଖାନା ସବୁ ରହିଥିଲା । ସମୟକ୍ରମେ ଏହିସବୁ କାରିଗରି କାର୍ଯ୍ୟ ବିଭିନ୍ନ ବର୍ଗର କୌଳିକ ବୃତ୍ତିରେ ପରିଣତ ହୋଇଯାଇଥିଲା । କାଠ, ବାଉଁଶ, ପ୍ରସ୍ତର, ଧାତୁ ଆଦିରୁ ବିଭିନ୍ନ ଜିନିଷ ତିଆରି କରିବା ପରବର୍ତ୍ତୀ ସମୟରେ ଶିଳ୍ପରେ ପରିଣତ ହୋଇଯାଇଥିଲା । ଲୋକେ ଘରେ ଅଥବା କାରଖାନାରେ ଆବଶ୍ୟକୀୟ ଉପକରଣ ସବୁ ତିଆରି କରି ବଜାରରେ ବିକୁଥିଲେ, ଯାହାକି ସେମାନଙ୍କ ପାଇଁ ଆର୍ଥିକ ସମୃଦ୍ଧି ଆଣି ଦେଉଥିଲା । ସିନ୍ଧୁନଦୀ ସଭ୍ୟତାର ଲୋକମାନେ ତମ୍ବା, ସୀସା, କଂସା ଆଦି ଧାତୁ ଦ୍ୱାରା ମୋହର ତିଆରି କରି ସେଥିରେ ବିଭିନ୍ନ ପ୍ରକାର ପଶୁ ଏବଂ ମଣିଷଙ୍କ ଚିତ୍ର ଖୋଦନ କରୁଥିଲେ । ସେମାନେ ପୁନଶ୍ଚ ମୂର୍ତ୍ତି, ଲିଙ୍ଗ, ଯୋନି, ଖେଳଣା, ଗୃହୋପକରଣ, ଗହଣା, ଯନ୍ତ୍ରପାତି ଆଦି ତିଆରି କରୁଥିଲେ ।

ଧର୍ମ

ପ୍ରତ୍ନତାତ୍ତ୍ୱିକ ଖନନରୁ ଉପଲବ୍ଧ କେତେକ ଜିନିଷରୁ ତଦାନୀନ୍ତନ ଧର୍ମ ଓ ଧାର୍ମିକ ଜୀବନ ସଂପର୍କରେ ଅନେକ କିଛି ଜଣାଯାଇଥାଏ । ମହେଞ୍ଜୋଦାରୋଠାରୁ ମିଳିଥିବା ଅନେକ ମୋହରରେ ଚିତ୍ର ତଥା ଛବିଲିପି ଖୋଦିତ ହୋଇଛି । ଗୋଟିଏ ମୋହରରେ ମାତୃଦେବୀଙ୍କ ଚିତ୍ର ରହିଥିବା ବେଳେ ଅନ୍ୟଟିରେ ପଶୁପତିଙ୍କ ଚିତ୍ର ରହିଛି । ଏଥିରୁ ଜଣାଯାଏ ଯେ, ସେମାନେ ମାତୃଦେବୀ, ପଶୁପତି ଆଦି ଦେବଦେବୀଙ୍କୁ ପୂଜା କରୁଥିଲେ । ଏତଦ୍‌ଭିନ୍ନ, ପୃଥ୍ୱୀମାତା, ବୃକ୍ଷ, ନାଗ, ସୂର୍ଯ୍ୟ, ନଦୀ, ଜଙ୍ଗଲ ଆଦିକୁ ପୂଜା କରୁଥିବାର ପ୍ରମାଣ ମିଳିଛି ।

ସାମାଜିକ ଜୀବନ

ତାମ୍ରଯୁଗରେ ଏକ ଅତୀବ ଉନ୍ନତମାର୍ଗର ସାମାଜିକ ଜୀବନଶୈଳୀ ବିକାଶଲାଭ କରିଥିଲା । ସମାଜ ସାଧାରଣତଃ ଦୁଇଭାଗରେ ବିଭକ୍ତ ହୋଇଥାଏ ଯେପରିକି ଧନୀ ଓ ଗରିବ, ଯାହାକି ଆବହମାନ କାଳରୁ ଚଳି ଆସୁଛି । ଏହି ସମୟ ବେଳକୁ ବ୍ୟବସାୟୀ, କାରିଗର, ବୁଦ୍ଧିଜୀବୀ ଆଦିଙ୍କୁ ମଧ୍ୟମ ବର୍ଗ କୁହାଯାଉଥିଲା । ଉଚ୍ଚଶ୍ରେଣୀରେ ରହିଥିଲେ ରାଜା ଏବଂ ପ୍ରଶାସକବର୍ଗ ଏବଂ ସମ୍ଭ୍ରାନ୍ତ ବର୍ଗ । ଗରିବ ଶ୍ରେଣୀରେ ରହିଥିଲେ କୃଷକ, ସମାଜସେବୀ, ଦିନ ମଜୁରିଆ ଏବଂ ଦାସମାନେ । ଅର୍ଥନୈତିକ ପ୍ରାଚୁର୍ଯ୍ୟତା ତଥା ଶାସକମାନଙ୍କ ଧର୍ମଭୀରୁତା ଯୋଗୁ ସବୁ ବର୍ଗର ଲୋକେ ସ୍ୱଚ୍ଛଳ ଏବଂ ସୁଖଶାନ୍ତିରେ ବସବାସ କରୁଥିଲେ ।

ତାମ୍ରଯୁଗରେ ସାମାଜିକ ଜୀବନର କେତୋଟି ବୈଶିଷ୍ଟ୍ୟ ନିମ୍ନରେ ପ୍ରଦତ୍ତ ହେଲା ।

ନୀତିନିଷ୍ଠ ଜୀବନ

ଲୋକମାନଙ୍କୁ ସୁସଂଗତ, ସୁବ୍ୟବସ୍ଥିତ ଏବଂ ନୀତିନିଷ୍ଠ କରିବା ପାଇଁ ନଗରପାଳିକା ତଥା ପ୍ରଶାସନ ଅନେକ ଗୁଡ଼ିଏ ନୀତିନିୟମ ପ୍ରଣୟନ କରିଥିଲେ । ଲୋକେ ପ୍ରଚଳିତ ନୀତିନିୟମକୁ ଠିକ୍ ରୂପରେ ପାଳନ କରୁଥିବାରୁ ସମାଜ ବ୍ୟବସ୍ଥା ସୁଚାରୁ ରୂପେ ପରିଚାଳିତ ହେଉଥିଲା । ଏକ ସୁନ୍ଦର ଓ ସୁସ୍ଥ ସମାଜ ଗଠନ ପାଇଁ ତଥା ଭବିଷ୍ୟତ ବଂଶଧରଙ୍କୁ ଏକ ସୁନ୍ଦର ଜୀବନ ପ୍ରଦାନ କରିବା ପାଇଁ ସମସ୍ତେ ପ୍ରତିଜ୍ଞାବଦ୍ଧ ଥିଲେ । ଏକ ସୁବ୍ୟବସ୍ଥିତ ପଦ୍ଧତିଭିତ୍ତିକ ନଗର ନିର୍ମାଣ ଏହାର ନିଚ୍ଛକ ପ୍ରମାଣ ଅଟେ ।

ଶିକ୍ଷା

ଅନ୍ୟାନ୍ୟ ଦେଶର ନଦୀ ଉପତ୍ୟକା ସଭ୍ୟତା ଅଞ୍ଚଳରେ ବିକଶିତ ହୋଇଥିବା ଛବିଲିପି ଏବଂ ସାଂକେତିକ ଲିପି ସଦୃଶ ଲିପି ଭାରତୀୟ ନଦୀ ଉପତ୍ୟକା ସଭ୍ୟତା ଅଞ୍ଚଳରେ ମଧ୍ୟ ବିକଶିତ ହୋଇଥିଲା, ଯେପରିକି ଆମେ ମହେଞ୍ଜୋଦାରୋର ମୋହରଗୁଡ଼ିକରେ ଉତ୍କୀର୍ଣ୍ଣ କରାଯାଇଥିବା ଛବିଲିପି ପାଇପାରିଛୁ । ସିନ୍ଧୁନଦୀ ଉପତ୍ୟକାର ଲିପି ବ୍ୟତୀତ ପୃଥିବୀର ଅନ୍ୟାନ୍ୟ ସମସ୍ତ ସଭ୍ୟତାର ଲିପିଗୁଡ଼ିକୁ ଚିହ୍ନିତ କରାଯାଇସାରିଛି । ଏହି ଲିପିରୁ ପ୍ରତୀତ ହୁଏ ଯେ, ତାମ୍ର ସଂସ୍କୃତିର ଅଧିବାସୀମାନେ ସାକ୍ଷର ଓ ଶିକ୍ଷିତ ଥିଲେ । ସେ ସମୟରେ ଏକ ପ୍ରକାରର ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ଥିଲା ।

ଖାଦ୍ୟ, ପୋଷାକ ଏବଂ ଅଳଙ୍କାର

ତାମ୍ରଯୁଗର ଲୋକେ ତାଙ୍କ ଦ୍ୱାରା ଉତ୍ପାଦିତ ଗହମ, ବାର୍ଲି, ଚାଉଳ, ଫଳ, ପରିବା, ଦୁଗ୍ଧ, ଦୁଗ୍ଧଜାତ ଖାଦ୍ୟ ମାଛ, ମାଂସ ଆଦି ଖାଉଥିଲେ । ସେମାନେ ବିଶେଷତଃ ଗୃହପାଳିତ ପଶୁପକ୍ଷୀଙ୍କର ମାଂସ ଖାଉଥିଲେ । ଅନେକ ସମୟରେ ବନ୍ୟଜନ୍ତୁଙ୍କୁ ଶିକାର କରି ମଧ୍ୟ ମାଂସ ଖାଉଥିଲେ ।

ସେମାନେ ଉତ୍ପାଦିତ ତୁଳାରୁ ତିଆରି ବସ୍ତ୍ର ଏବଂ ମେଣ୍ଢାଙ୍କଠାରୁ ଉତ୍ପାଦିତ ପଶମ ତିଆରି ବସ୍ତ୍ର ପରିଧାନ କରୁଥିଲେ । ଉଭୟ ପୁରୁଷ ଓ ସ୍ତ୍ରୀ ଆଭୂଷଣପ୍ରିୟ ଥିଲେ । ଆଭୂଷଣଗୁଡ଼ିକ ମୂଲ୍ୟବାନ୍ ପ୍ରସ୍ତର, ଗୋଟିମାଳି, ଶିଙ୍ଗ, ହାତୀଦାନ୍ତ, କଂସା, ପିତ୍ତଳ ଆଦିରୁ ତିଆରି ହେଉଥିଲା ।

ଶବ ସଂସ୍କାର ପଦ୍ଧତି

ମୃତ ବ୍ୟକ୍ତିମାନଙ୍କୁ ସାଧାରଣତଃ ଘର ଭିତରେ ପୋତିକରି କବର ଦିଆଯାଉଥିଲା । ଛୋଟ ଛୁଆମାନଙ୍କୁ ମାଠିଆରେ ଭର୍ତ୍ତିକରି କବର ଦିଆଯାଉଥିଲା । ଟେକ୍କାଲକୋଟାରେ ଦୁଇଗୋଟି ମାଠିଆ ସାହାଯ୍ୟରେ କବର ଦିଆଯାଉଥିଲା, ଯାହାକି ମହାରାଷ୍ଟ୍ରର କୋରଓ୍ୱେର କବର ପଦ୍ଧତିକୁ ମନେପକେଇ ଦିଏ । ନାଗାର୍ଜୁନକୋଣ୍ଡାରେ ନୂତନ ପ୍ରସ୍ତର ଯୁଗର ଗୋଟିଏ କବର ଦେବା ସ୍ଥାନ ଆବିଷ୍କୃତ ହୋଇଛି । ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଦିଆଯାଉଥିବା ଜିନିଷଗୁଡ଼ିକରେ ରହିଥିଲା ପାତ୍ର, ଛିଟକରା କଳସ ଏବଂ କେତେକ କ୍ଷେତ୍ରରେ ପଥର ଟାଙ୍ଗିଆ ଓ ପଥର ଫଳକ ଇତ୍ୟାଦି ।

(ଘ) ଖାଦ୍ୟ ଉତ୍ପାଦନ : କୃଷିକାର୍ଯ୍ୟର ଆରମ୍ଭ
(Food Production : Beginning of Agriculture)

ନୂତନ ପ୍ରସ୍ତର ଯୁଗରେ କୃଷି ଓ ପଶୁପାଳନ

ପ୍ରାଥମିକ ପର୍ଯ୍ୟାୟରୁ ମାନବ ସଭ୍ୟତା ସାଧାରଣତଃ ଶିକାରୀ-ଖାଦ୍ୟ ସଂଗ୍ରହକାରୀ ରୂପରେ ଅନେକ ବର୍ଷ ପର୍ଯ୍ୟନ୍ତ ଗତି କରିଥିଲା । ଉପଲବ୍ଧ ପ୍ରସ୍ତର ଉପକରଣ ଅନୁଯାୟୀ ସେହି ସମୟକାଳକୁ ପ୍ରାଚୀନ ପ୍ରସ୍ତର ଯୁଗ ଏବଂ ମଧ୍ୟ ପ୍ରସ୍ତର ଯୁଗ ଭାବରେ ଦୁଇଭାଗରେ ବିଭକ୍ତ କରାଯାଇଛି । ଶିକାର ହୋଇ ଖାଦ୍ୟ ରୂପେ ବ୍ୟବହୃତ ହୋଇଥିବା ପ୍ରାଣୀମାନଙ୍କର ଦେହାବଶେଷରୁ ମଧ୍ୟ ଏହାର ପ୍ରମାଣ ମିଳୁଛି ।

ମାନବ ସମାଜ ବଞ୍ଚିବା ପାଇଁ ପ୍ରକୃତିର ସମ୍ବଳ ଉପରେ ନିର୍ଭର କରିବା ପରିବର୍ତ୍ତେ ବାର୍ଲି, ଗହମ ଓ ଧାନ ଉତ୍ପାଦନ କରିବା ଓ ପଶୁପାଳନ କରି ଏକ ନୂତନ ସଂସ୍କୃତିର ଧାରା ସୃଷ୍ଟି କଲା ଓ ଏହା ସହିତ ବିଭିନ୍ନ ଉଦ୍ଦେଶ୍ୟରେ ଶ୍ରମ ବିନିଯୋଗ କଲା, ଦୁଗ୍ଧ ଓ ମାଂସ ଯୋଗାଣ କଲା । ମାନବ ସଂସ୍କୃତିର ଏହି ଅୟମାରମ୍ଭ ନୂତନ ପ୍ରକାର ପ୍ରସ୍ତର ଉପକରଣରୁ ପରିପ୍ରକାଶ ହେଲା ଯାହାକୁ ନୂତନ ପ୍ରସ୍ତର ଯୁଗ କୁହାଗଲା । ମାନବ ଜୀବନ ସହିତ ଏକ ନୂତନ ପ୍ରସ୍ତର ଉପକରଣ ଜଡ଼ିତ ଏବଂ ଏହି ଉପକରଣ ଦ୍ୱାରା ନୂତନ ପ୍ରସ୍ତର ଯୁଗର ସଂସ୍କୃତିର ବିଭିନ୍ନ ଉପାଦାନର ସୃଷ୍ଟି ହୋଇଥିଲା ।

ନୂତନ ପ୍ରସ୍ତର ଯୁଗରେ କୃଷିର ପ୍ରଗତି

ନୂତନ ପ୍ରସ୍ତର ଯୁଗର ସଂସ୍କୃତିରେ ପଶୁମାନଙ୍କୁ ଗୃହପାଳିତ କରିବା ଏକ ମୁଖ୍ୟ ବୈଶିଷ୍ଟ୍ୟ । ଏହି ତଥ୍ୟ ସାର୍ ଜନ୍ ଲୁବକ୍ ତାଙ୍କର ପୁସ୍ତକ ପ୍ରିହିଷ୍ଟୋରିକ୍ ଟାଇମ୍‌ସ (ଯାହା ପ୍ରଥମେ ୧୮୬୫ରେ ପ୍ରକାଶିତ)ରେ ବର୍ଣ୍ଣିତ । ନୂତନ ପ୍ରସ୍ତର ନାମକରଣ କରିବାର ଯଥାର୍ଥତା ଏହି ଯେ, ପଥର ଉପକରଣଗୁଡ଼ିକ ଦକ୍ଷତାର ସହ ନିର୍ମିତ, ଚିକ୍‌କଣ ଓ ମସୃଣ ଥିଲା । ପରେ ଭି.ଗର୍ଡନ ଚିଲ୍‌ଡେ ନୂତନ ପ୍ରସ୍ତର ଯୁଗ ସଂପର୍କରେ ସଂଜ୍ଞା ପ୍ରଦାନ କରିଅଛନ୍ତି ଯେ, ନୂତନ ପ୍ରସ୍ତର ସଂସ୍କୃତି ଏକ ସ୍ୱପର୍ଯ୍ୟାପ୍ତ ଖାଦ୍ୟ ଉତ୍ପାଦନକାରୀ ଅର୍ଥନୀତି ଏବଂ ମାଇଲ୍‌ସ କୁରକିତ୍ ନୂତନ ପ୍ରସ୍ତର ସଂସ୍କୃତି ସଂପର୍କରେ ଗୁରୁତ୍ୱ ପ୍ରଦାନ କରି ନିମ୍ନଲିଖିତ ବୈଶିଷ୍ଟ୍ୟଗୁଡ଼ିକ ପ୍ରଦାନ କରିଅଛନ୍ତି ।

- କୃଷି ଅଭ୍ୟାସ
- ପଶୁମାନଙ୍କୁ ପୋଷା ମନାଇବା ଓ ପାଳନ କରିବା
- ପ୍ରସ୍ତର ଉପକରଣଗୁଡ଼ିକୁ ଚିକ୍କଣ କରିବା
- ମାଟିପାତ୍ର ନିର୍ମାଣ

ନୂତନ ପ୍ରସ୍ତର ଯୁଗର ତତ୍ତ୍ୱରେ ନିକଟ ଅତୀତରେ କିଛି ପରିବର୍ତ୍ତନ ଦେଖାଦେଲା । ନୂତନ ପ୍ରସ୍ତର ଯୁଗ ଏକ ପ୍ରାକ୍-ଧାତବ ସ୍ତର ପ୍ରଦାନ କରେ, ଯେଉଁଥିରେ ଖାଦ୍ୟଶସ୍ୟ ଚାଷ କରି ଓ ପଶୁପାଳନ କରି ଅଧିବାସୀମାନେ ଖାଦ୍ୟ ପାଉଥିଲେ ଓ ସ୍ଥିର ଜୀବନଯାପନ କରୁଥିଲେ । ବଣ୍ୟପଶୁଙ୍କୁ ପୋଷା ମନାଇବା ଓ ବନ୍ୟଫସଲ ସଂଗଠିତ ଭାବେ ଚାଷ କରିବା ଫଳରେ-

- ଗ୍ରାମ ସମାଜ ଦ୍ୱାରା ଓ ସ୍ଥିର ଜୀବନଯାପନ
- କୃଷି କାରିଗରି କୌଶଳର ଆରମ୍ଭ
- ପ୍ରାକୃତିକ ସମ୍ବଳର ସଦୁପଯୋଗ କରି ପ୍ରକୃତିକୁ ନିୟନ୍ତ୍ରଣ କରାଯାଇପାରିଲା ।

ତେବେ ନୂତନ ପ୍ରସ୍ତର ଯୁଗ ସଂସ୍କୃତିର ତଥ୍ୟ ଓ ସ୍ୱତନ୍ତ୍ରତାର ପ୍ରଚଳନ ସଂପର୍କରେ ଭାରତୀୟ ଉପମହାଦେଶ ମଧ୍ୟରେ ଓ ବାହାରେ ଆଲୋଚନା କରିବା ପୂର୍ବରୁ ଆମ୍ଭେ ସଂକ୍ଷେପରେ ଗୃହପାଳିତ ପଶୁପାଳନର ଧାରା ଓ ଉଦ୍ଭିଦ ଜଗତ ସଂପର୍କରେ ଆଲୋଚନା କରିବା । ତାଲିକା-୧ରେ ଉଦ୍ଭିଦ ଜଗତ ଓ ଗୃହପାଳିତ ପଶୁପାଳନ ସଂପର୍କରେ ଆନୁମାନିକ ସମୟର ବର୍ଣ୍ଣନା ପ୍ରଦାନ କରାଗଲା ।

ତାଲିକା - ୧

ଅଞ୍ଚଳ	ସମୟ	ଚାଷ
ନୀଳ ଉପତ୍ୟକା	ଆନୁମାନିକ ସମୟ ଖ୍ରୀ:ପୂ: ୧୨,୫୦୦	ଗହମ ଓ ବାର୍ଲି
ପଶ୍ଚିମ ଏସିଆ	ଖ୍ରୀ:ପୂ: ୮୫୦୦ ଆଗକୁ	ଗହମ ଓ ବାର୍ଲି
ବେଲୁଚିସ୍ତାନ	ଖ୍ରୀ:ପୂ: ୬୦୦୦ ବର୍ଷଠାରୁ	ଗହମ ଓ ବାର୍ଲି
ଉତ୍ତର ପ୍ରଦେଶର ବେଲାନ୍ ଉପତ୍ୟକା	ଖ୍ରୀ:ପୂ: ୫୪୪୦-୪୫୩୦	ଧାନ
ଦକ୍ଷିଣ ଭାରତ	ଖ୍ରୀ:ପୂ: ୨୫୦୦-୧୫୦୦	ରାଗି

ପ୍ରାଚୀନତମ କୃଷି ଓ କୃଷକ

ନିକଟ ଅତୀତରେ ପଶ୍ଚିମ ଏସିଆରୁ ଗୃହପାଳିତ ପଶୁପାଳନ ଚାରାଗଛ ରୋପଣର ଆରମ୍ଭ ହୋଇଛି ବୋଲି ବିଶ୍ୱାସ କରାଗଲା ଏବଂ ଏହା ଏଠାରୁ ପୃଥିବୀର ଅନ୍ୟ ଅଞ୍ଚଳକୁ ପ୍ରସାରିତ ହେଲା; କିନ୍ତୁ ନୀଳନଦୀ ଉପକୂଳରେ ଥିବା ମିଶରରୁ ମିଳିଥିବା ବର୍ତ୍ତମାନର ପ୍ରତ୍ନତାତ୍ତ୍ୱିକ ତଥ୍ୟ ଅନୁଯାୟୀ ଉପରୋକ୍ତ ମତକୁ ପରିବର୍ତ୍ତନ କରାଯାଇଛି ।

ନୀଳନଦୀ ଉପତ୍ୟକାରେ ସର୍ବପ୍ରଥମ କୃଷିକାର୍ଯ୍ୟ

ଆଦ୍ୟକାଳରେ ଗହମ ଓ ବାର୍ଲି ଚାଷ ହୋଇଥିବାର ପ୍ରମାଣ ନିମ୍ନସ୍ଥାନଗୁଡ଼ିକରେ ହୋଇଥିବା ଖନନ ପ୍ରକ୍ରିୟାରୁ ଲୋକଲୋଚନକୁ ଆସିପାରିଛି । ସେଗୁଡ଼ିକ ହେଲା :

- ୱାଡ଼ି କୁବାନିୟା (ଦକ୍ଷିଣ ମିଶରର ଆଶ୍ୱାନଠାରୁ ଉତ୍ତରକୁ ଅଳ୍ପ ଦୂରରେ ଅବସ୍ଥିତ),
- ୱାଡ଼ି ତୁସକା (ବର୍ତ୍ତମାନ ଜଳ ମଧ୍ୟରେ ଥିବା ଆବୁ ସିମ୍ବେଲରେ),

- କମ୍ ୟୁମ୍ବୋ (କୁବାନିୟା ଅଞ୍ଚଳଠାରୁ ଆଶ୍ୱାନର ଉତ୍ତରକୁ ୬୦ କି.ମି. ଦୂରରେ), ଏବଂ
- ଏସ୍ନା ନିକଟରେ ଥିବା ଅଞ୍ଚଳ ସମୂହ ।

ଉପରୋକ୍ତ ଉପର ପୁରାତନ ପ୍ରସ୍ତର ଯୁଗର ଅଞ୍ଚଳଗୁଡ଼ିକ ନୀଳନଦୀ ନିକଟରେ ଖୋଳି ବାହାର କରାଯାଇଛି, ଏହି ଅଞ୍ଚଳ ନୂତନ ପ୍ରସ୍ତରଯୁଗୀୟ ଅଞ୍ଚଳ ନୁହେଁ ।

ଭାରତୀୟ ଉପମହାଦେଶରେ କୃଷିର ବିକାଶ

ଭାରତୀୟ ଉପମହାଦେଶରେ ବାସ୍ତବରେ ନୂତନ ପ୍ରସ୍ତର ସଂସ୍କୃତିର ସୃଷ୍ଟି କୃଷି ଓ ଗୃହପାଳିତ ପଶୁପାଳନ ଦ୍ୱାରା ଆରମ୍ଭ ହୋଇଥିଲା । ଘର୍ଷଣ ପ୍ରସ୍ତର କୁଠାରକୁ ଛାଡ଼ିଦେଲେ ଉପମହାଦେଶର ସମସ୍ତ ନୂତନ ପ୍ରସ୍ତର ଯୁଗର ସଂସ୍କୃତିକୁ ତାଲିକା-୨ରେ ଥିବା ଭୌଗୋଳିକ ଅଞ୍ଚଳରେ ଶ୍ରେଣୀବିଭାଗ କରାଯାଇଛି ।

ତାଲିକା-୨ : ଭାରତୀୟ ଉପମହାଦେଶର ଅଞ୍ଚଳ ସମୂହ

ଉତ୍ତର-ପଶ୍ଚିମ ଅଞ୍ଚଳ (ପଶ୍ଚିମ ପାକିସ୍ତାନ ଓ ଆଫଗାନିସ୍ତାନ ଓ ନିର୍ଦ୍ଦିଷ୍ଟଭାବରେ ବେଲୁଚିସ୍ତାନର କାଚି ଉପତ୍ୟକା)

ଉତ୍ତରାଞ୍ଚଳ- (କାଶ୍ମୀର ଉପତ୍ୟକା ଅନ୍ତର୍ଭୁକ୍ତ)

ଦକ୍ଷିଣ-ପୂର୍ବ ୟୁପି- (ଆଲ୍ଲାହାବାଦ ଜିଲ୍ଲାରେ ଅନ୍ତର୍ଭୁକ୍ତ ବିନ୍ଧ୍ୟାଞ୍ଚଳର ଉପାନ୍ତ ଅଞ୍ଚଳ ମିରଜାପୁର, ରେଭା ଏବଂ ସିଦ୍ଧି ନିର୍ଦ୍ଦିଷ୍ଟଭାବରେ ବେଲାନ୍ ଉପତ୍ୟକା)

ମଧ୍ୟ-ପୂର୍ବାଞ୍ଚଳ (ଉତ୍ତର ବିହାର)

ଉତ୍ତର-ପୂର୍ବାଞ୍ଚଳ (ଆସାମ ଓ ହିମାଳୟର ସହଯୋଗୀ ଅଞ୍ଚଳ ଅନ୍ତର୍ଭୁକ୍ତ)

କେନ୍ଦ୍ରୀୟ-ପୂର୍ବାଞ୍ଚଳ (ଛୋଟନାଗପୁର ମାଳଭୂମି, ପଶ୍ଚିମବଙ୍ଗ ଓ ଓଡ଼ିଶାର ଅଞ୍ଚଳ)

ଦକ୍ଷିଣାଞ୍ଚଳ- (ଉପଦ୍ୱୀପ ଭାରତ ଅନ୍ତର୍ଗତ)

ଉତ୍ତର-ପଶ୍ଚିମ ଭାରତୀୟ ଅଞ୍ଚଳରେ କୃଷିର ବିକାଶ

ଏହି ଅଞ୍ଚଳରେ (ବର୍ତ୍ତମାନର ଆଫଗାନିସ୍ତାନ ଏବଂ ପାକିସ୍ତାନ) ଗହମ ଓ ବାର୍ଲି ଚାଷର ସୃଷ୍ଟି ହୋଇଥିଲା ବୋଲି ଆମେ ପ୍ରାଚୀନ ତଥ୍ୟ ପାଇଥାଉ । ଉତ୍ତର ଆଫଗାନିସ୍ତାନରେ ଶିକାରୀ-ଖାଦ୍ୟ ସଂଗ୍ରହକାରୀମାନେ ରହିଥିବା ଗୁମ୍ଫାକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଛନ୍ତି । ଏହି ଗୁମ୍ଫାଗୁଡ଼ିକରେ ବଣ୍ୟ ମେଣ୍ଢା, ଗାଈଗୋରୁ ଓ ଛେଳିମାନଙ୍କର ଅସ୍ଥି ଦେହାବଶେଷ ଦେଖିବାକୁ ମିଳିଛି । ଏହା ବିଶ୍ୱାସ କରାଯାଏ ଯେ କେନ୍ଦ୍ରୀୟ ଏସିଆ ଅଞ୍ଚଳ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳ, ଯଥା- ବର୍ତ୍ତମାନର ପଞ୍ଜାବ, କାଶ୍ମୀର, ପଶ୍ଚିମ ପାକିସ୍ତାନ, ଆଫଗାନିସ୍ତାନ ଏବଂ ସୋଭିଏତ୍ ସାଧାରଣତନ୍ତ୍ରର ତାଜିକିସ୍ତାନ ଏବଂ ଉଜବେକିସ୍ତାନ, ପଶ୍ଚିମ ତିଆନ୍ ସାନ୍ ପ୍ରଭୃତି ଅଞ୍ଚଳମାନ ରୋଟି-ଗହମ ଓ ଗହମଦାନା ଉତ୍ପାଦନର ମୌଳିକ ସ୍ଥାନ ଥିଲା ।

ଏହିଭଳି ପାରିପାର୍ଶ୍ୱିକ ଅବସ୍ଥାରେ ପ୍ରାଚୀନ ସ୍ଥାନ ମେହେରଗଡ଼ କ୍ୱେଟା ଠାରୁ ୧୫୦ କି.ମି. ଦୂରରେ ଅବସ୍ଥିତ ଥିଲା । ଏହି ଅଞ୍ଚଳରେ ଖନନରୁ ଏକ ଦୀର୍ଘ ସାଂସ୍କୃତିକ ଇତିହାସର ସୃଷ୍ଟି ହୋଇଛି, ଯାହାକି ପ୍ରାକ୍ ମୃଣ୍ମୟପାତ୍ର ନୂତନ ପ୍ରସ୍ତର ଠାରୁ ଆରମ୍ଭ କରି ପରିପକ୍ୱ ହରପ୍ପା ସମୟ ପର୍ଯ୍ୟନ୍ତ ପରିବ୍ୟାପ୍ତ । ନୂତନ ପ୍ରସ୍ତରର ସ୍ତର ମେହେରଗଡ଼ଠାରେ ଦୁଇ ପର୍ଯ୍ୟାୟରେ ବିଭାଗୀକରଣ ହୋଇଛି; ଯଥା- (କ) ପ୍ରାଚୀନ ଅଣ ମୃତ୍ତିକା ଶିଳ୍ପ ମୃଣ୍ମୟ ଶିଳ୍ପକୁ ଛାଡ଼ି ଏବଂ (ଖ) ପରବର୍ତ୍ତୀ ସ୍ତର ।

ଏଠାରେ ଚାଷ ହେଉଥିବା ଖାଦ୍ୟଶସ୍ୟ ମଧ୍ୟରେ ଦୁଇପ୍ରକାରର ବାର୍ଲି ଓ ତିନି ପ୍ରକାରର ଗହମ ଦେଖାଯାଏ । କୋଳି ଓ ପୋଡ଼ାମଞ୍ଜି ଓ ଖଜୁରିକୋଳି ଏହିଠାରେ ଥିବା ବସତିରୁ ମିଳିପାରିଛି ।

ଖନନ ସମୟରେ ପ୍ରାଚୀନ ନୂତନ ପ୍ରସ୍ତର ଯୁଗରେ ବଣ୍ୟପଶୁ ଯଥା- ସୁନ୍ଦର କୃଷ୍ଣସାର ମୃଗ, ହରିଣ, ମେଣ୍ଢା, ଛେଳି ଓ ଗାଈଗୋରୁଙ୍କର ଅସ୍ଥି ଦେଖିବାକୁ ମିଳିଥିଲା; କିନ୍ତୁ ଏହାର ଅଗ୍ରସ୍ତରରେ (ପରବର୍ତ୍ତୀ ନୂତନ ପ୍ରସ୍ତର ଜମା) ଗୃହପାଳିତ ଗାଈଗୋରୁ, ମେଣ୍ଢା ଓ ଛେଳିମାନଙ୍କର ଅସ୍ଥି ଦେଖିବାକୁ ମିଳିଥିଲା । ଏଥିରୁ ଜଣାଯାଏ ଯେ ସ୍ଥାନୀୟଭାବେ ମେଣ୍ଢା ଓ ଛେଳିମାନଙ୍କୁ ଗୃହପାଳିତ କରାଯାଉଥିଲା । ଏହି ସମୟକୁ ପ୍ରାକ୍ ମୃଣ୍ମୟ ଶିଳ୍ପ ବସତି ପର୍ଯ୍ୟାୟ ଯାହା ଖ୍ରୀ:ପୂ: ୬୦୦୦ରେ ନିର୍ଦ୍ଧାରିତ ହୋଇଥିଲା ବୋଲି ଧରାଯାଏ ।

ନୂତନ ପ୍ରସ୍ତର ଯୁଗ ସମୟର ଜୀବନଧାରଣ ପ୍ରଣାଳୀରେ ମିଶ୍ରିତ ଅର୍ଥନୀତିର ବୈଶିଷ୍ଟ୍ୟ ଦେଖିବାକୁ ମିଳେ । ଏହି ଅର୍ଥନୀତି ପ୍ରାଚୀନ କୃଷି ଓ ଗୃହପାଳିତ ପଶୁପାଳନ ଓ ଶିକାର ଉପରେ ପର୍ଯ୍ୟବସିତ ଥିଲା । ଅଧିବାସୀମାନେ ଚାରିକୋଣିଆ, ମାଟି ଇଟା ତିଆରି ଘରେ ରହୁଥିଲେ । କେତେକ ତିଆରି ଘର ଛୋଟ ସମ ଚତୁର୍ଭୁଜାକାର ହୋଇଥିଲା ଓ ସେଥିରେ ମାଲ୍ ଗଚ୍ଛିତ କରି ରଖାଯାଉଥିଲା । ଉପକରଣ ବାକ୍ସରେ ଏକ ପ୍ରସ୍ତର କୁଠାର, ପାଞ୍ଚଟି ପଥର ବାରିସି, ପଚିଶଟି ପେଷଣକାରୀ ପଥର, ପ୍ରଚୁର ଲଘୁ ପାଷାଣ, କ୍ଷୁରକ ଶିଳାର ଏକକ ସମାହାର ହୋଇଥିଲା । କେତେକ କ୍ଷୁରକ ଏପରି ଉଜ୍ଜଳ ଯାହା ଚକମକି ପଥରଭାବେ କାର୍ଯ୍ୟ କରେ ଓ ଶସ୍ୟ କାଟେ ।

ମେହେରଗଡ଼ରୁ ମିଳିଥିବା ତଥ୍ୟ ଅନୁଯାୟୀ କାଚି ସମତଳଭୂମିରେ ଗାଈଗୋରୁ ଓ ମେଣ୍ଢା ଗୃହପାଳିତ ପଶୁରୂପେ ଓ ଗହମ, ବାର୍ଲି ଚାଷ ଭାବେ ପ୍ରଥମେ ଆରମ୍ଭ ହେଲା । ମେହେରଗଡ଼ରେ ତାମ୍ର ପ୍ରସ୍ତର ସମୟ (ଖ୍ରୀ:ପୂ: ୫୦୦୦)ରେ କପାଚାଷ ଓ ଅଙ୍ଗୁରଚାଷ ହେବାର ସତ୍ୟତା ରହିଛି ଓ ଏହା ସହିତ ଗହମ ଓ ବାର୍ଲି ଚାଷ ହୋଇଥିଲା । ସମ୍ଭବତଃ ହରପ୍ପା ଅଧିବାସୀମାନେ ସେମାନଙ୍କର ପ୍ରାଚୀନ ବଂଶଜ ମେହେରଗଡ଼ରୁ ଗହମ, ବାର୍ଲି, କପା ଚାଷର ଜ୍ଞାନ ଆହରଣ କରିଥିଲେ । ମେହେରଗଡ଼ ଯେଉଁ ଆଲୋକ ପ୍ରଦାନ କରିଥିଲା ତାରି ଦିଗ୍‌ଦର୍ଶନରେ ପଶ୍ଚିମ ଏସିଆଠାରୁ ଆରମ୍ଭକରି ଭାରତୀୟ ଉପମହାଦେଶ ପର୍ଯ୍ୟନ୍ତ କୃଷି ଓ ଗୃହପାଳିତ ପଶୁପାଳନ ବିସ୍ତାର ଲାଭକଲା ।

କାଶ୍ମୀର ଉପତ୍ୟକାରେ କୃଷିର ଆରମ୍ଭ :

ଖ୍ରୀ:ପୂ: ୨୫୦୦ରେ ଗ୍ରାମ୍ୟ ବସତି କାଶ୍ମୀର ଉପତ୍ୟକାରେ ଦେଖାଗଲା । ବୁର୍ଜାହାମ୍ ଏବଂ ଗୁଫ୍‌କ୍ରାଲ୍‌ଠାରେ ନୂତନ ପ୍ରସ୍ତର ଯୁଗର ମହତ୍ତ୍ୱପୂର୍ଣ୍ଣ ସନ୍ଧାନ ମିଳିଛି । ପରବର୍ତ୍ତୀ ଅବସ୍ଥାରେ ଭାରତରେ ପ୍ରଥମଥର ପାଇଁ ଅଣ ମୃଣ୍ମୟ ଶିଳ୍ପ, ଯାହାକି ପ୍ରାଚୀନ ସ୍ତରରେ ଥିଲା, ତା'ର ସନ୍ଧାନ ମିଳିଲା । କାଶ୍ମୀରରେ ନୂତନ ପ୍ରସ୍ତର ସଂସ୍କୃତି, ଗହ୍ୱରରେ ବସତି ସ୍ଥାପନ, ଗେରୁ ରଙ୍ଗ ଲେପିତ ମଜଭୁତ୍ ଚଟାଣ ଓ ଖୋଲାରେ ବସତି ସ୍ଥାପନର ବୈଶିଷ୍ଟ୍ୟ ଥିଲା । ପ୍ରଚୁର ପରିମାଣରେ ଅନ୍ୟାନ୍ୟ ଅସ୍ଥି ଉପକରଣର ଉପସ୍ଥିତିରୁ ଅନୁମିତ ହୁଏ ଯେ ସେଠାକାର ଅର୍ଥନୀତି ମୁଖ୍ୟତଃ ଶିକାର ଅର୍ଥନୀତି ଥିଲା ।


ଚିତ୍ର : ବାସଗୃହ


ଚିତ୍ର : ବାସଗୃହର ପ୍ରାଚୀର

ଗୁଫ୍‌କ୍ରାଲ୍‌ଠାରେ, ସ୍ତର ୧ରେ ପୋଡ଼ା ବଣ୍ୟ ମସୁର ଦାନା, ବୁଟ, ଗହମ ଓ ବାର୍ଲି ଓ ଏହା ସହିତ ଗାଈଗୋରୁ, ମେଣ୍ଢା, ଛେଳି, ବକ୍ରାକୃତି ଶୃଙ୍ଗ ବିଶିଷ୍ଟ ବୃହତ୍ ଛାଗ, ନାଲି ହରିଣ ଓ ଗଧିଆର ହାଡ଼ ମଧ୍ୟ ମିଳିଥିଲା । ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଉଦ୍ଭିଦ ଓ ଗୃହପାଳିତ ପଶୁପାଳନର ବୈଶିଷ୍ଟ୍ୟ ଉପଲବ୍ଧି କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏଠାରୁ

ଲମ୍ବ କୁରାଢ଼ୀ, ପଥର ମୁନ, ମାର୍ଜିତ ପଥର ଉପକରଣ (ତେଣ୍ଟା ବା ବର୍ଚ୍ଛା, ତୀର ଅଗ୍ରଭାଗ ପ୍ରଭୃତି) ମିଳିଥିଲା ଓ ଛିଦ୍ର କରିବା ଯନ୍ତ୍ର ମଧ୍ୟ ମିଳିଥିଲା । ସମାଧି ସ୍ଥାନମାନଙ୍କରେ ମଣିଷକୁ କବର ଦେବା ସ୍ଥାନ ମଧ୍ୟ ଦେଖିବାକୁ ମିଳିଥିଲା । ଏସବୁ ପ୍ରାପ୍ତ ବସ୍ତୁରୁ ସୂଚନା ମିଳେ ଯେ ପ୍ରଥମ ପର୍ଯ୍ୟାୟରେ ଥିବା ଆବଶ୍ୟକୀୟ ଶିକାରୀ-ଖାଦ୍ୟ ସଂଗ୍ରହକାରୀ ଅର୍ଥନୀତି ଧୀରେ ଧୀରେ ବିକଶିତ ହୋଇ ଦ୍ୱିତୀୟ ପର୍ଯ୍ୟାୟରେ ଏକ ସ୍ଥିର କୃଷି ଅର୍ଥନୀତିରେ ପରିଣତ ହେଲା ।

ବେଲାନ୍ ଉପତ୍ୟକାରେ କୃଷି ଓ କୃଷକ

ବେଲାନ୍ ନଦୀ ପୂର୍ବରୁ ପଶ୍ଚିମ ଆଡ଼କୁ ବିନ୍ଧ୍ୟପର୍ବତର ମାଳଭୂମିର ଧାରାରେ ପ୍ରବାହିତ ହୁଏ । ଏହା ଟୋନ୍‌ର ଉପନଦୀ ଯାହା ଆଲ୍ଲାହାବାଦଠାରେ ଗଙ୍ଗାନଦୀରେ ଯୋଗଦିଏ । ଏହି ଅଞ୍ଚଳ ମୌସୁମୀ ଅଞ୍ଚଳର ଏକ ଅଂଶ । ଏହାର ସଂପୂର୍ଣ୍ଣ ଅଞ୍ଚଳ ଟିକ୍, ବାଉଁଶ ଏବଂ ଧକ୍ ଭଳି ବୃକ୍ଷ ସହ ଘଞ୍ଚ ଅରଣ୍ୟରେ ପୂର୍ଣ୍ଣ । ଏହି ଅରଣ୍ୟ ବାଘ, ନୀଳଗାଈ, ଚିତା ପ୍ରଭୃତି ବଣ୍ୟ ପଶୁମାନଙ୍କର ଆଶ୍ରୟସ୍ଥଳୀ । ଏହି ସବୁଜିମା ଅଞ୍ଚଳ ଘଞ୍ଚ ଘାସ ଓ ବଣ୍ୟ ଧାନଗଛରେ ପରିପୂର୍ଣ୍ଣ । ବେଲାନ୍ ଉପତ୍ୟକାରେ ଖୋଦିତ ହୋଇଥିବା ଅଞ୍ଚଳରୁ ଜଣାଯାଏ ଯେ ଖାଦ୍ୟ ସଂଗ୍ରହ କରିବା ସ୍ତରରୁ ଖାଦ୍ୟ ଉତ୍ପାଦନ କରିବା ସ୍ତରକୁ ପରିବର୍ତ୍ତନ ଚୋପାନିମାଣ୍ଡୋ, କୋଲଡ଼ିହାୱ୍ୱ ଏବଂ ମହାଗାରାଠାରେ ଆରମ୍ଭ ହୋଇଥିଲା ।

ଚୋପନିମାଣ୍ଡୋଠାରେ ଏକ ତିନି ପର୍ଯ୍ୟାୟ ଘଟଣା, ମଧ୍ୟ-ପୁରାତନ ପ୍ରସ୍ତର ଯୁଗଠାରୁ ବିଳମ୍ବିତ ମଧ୍ୟ-ପ୍ରସ୍ତର ବା ପ୍ରାରମ୍ଭ ମଧ୍ୟ-ପ୍ରସ୍ତର ସମୟ ପର୍ଯ୍ୟନ୍ତ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଛି । ତୃତୀୟ ପର୍ଯ୍ୟାୟରେ (ଅଗ୍ରଣୀ ମଧ୍ୟ ପ୍ରସ୍ତର)ରେ ଅର୍ଦ୍ଧ-ସ୍ଥିର ଗୋଷ୍ଠୀ ଜୀବନ ଓ ସ୍ୱତନ୍ତ୍ର ଶିକାରୀ-ସଂଗ୍ରହକାରୀ ଅର୍ଥନୀତି ଦେଖିବାକୁ ମିଳିଥିଲା । ମହୁଫେଣା ଭଳି କୁଡ଼ିଆ, ସାଧାରଣ, ଚୁଲି, ଗୁରୁଭାର ପିଣ୍ଡ, ଜ୍ୟାମିତିକ ଅଣୁପ୍ରସ୍ତର ଅନେକ ଗୋଲକ-ପ୍ରସ୍ତର, ହସ୍ତ ତିଆରି ଆକର୍ଷଣୀୟ ମୃଣ୍ମୟପାତ୍ର ଏଠାରୁ ମିଳିଥିଲା । ବିଭିନ୍ନ ପ୍ରକାର ଓ ଆକାରର ପଥର ଚକି ଏବଂ ଗୁଣ୍ଡ କରିବା ପଥରରୁ ପ୍ରମାଣ ମିଳେ ଯେ ସେ ସମୟରେ ଖାଦ୍ୟ ସଂଗ୍ରହ ପ୍ରତି ଗୁରୁତ୍ୱ ଦିଆଯାଉଥିଲା । ଏହି ପର୍ଯ୍ୟାୟରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ମିଳେ ଯେ ବଣ୍ୟ ଧାନ ଓ ବଣ୍ୟ ଗାଈଗୋରୁ, ମେଣ୍ଢା ଓ ଛେଳିମାନଙ୍କୁ ଖାଦ୍ୟରୂପେ ବ୍ୟବହାର କରାଯାଉଥିଲା ।

କୋଲଡ଼ିୱ୍ୱାର ବହୁ ସଂସ୍କୃତି ସ୍ଥଳ

କୋଲ୍‌ଡ଼ିୱ୍ୱାରଠାରେ ପ୍ରତ୍ନତାତ୍ତ୍ୱିକ ଖନନରୁ ନୂତନ ପ୍ରସ୍ତର ଯୁଗ, ତାମ୍ରଯୁଗ ଏବଂ ଲୌହ ଯୁଗର ବିଭିନ୍ନ କୃଷି ତଥା ଅନ୍ୟାନ୍ୟ ଉପକରଣ ପ୍ରାପ୍ତ ହୋଇଛି । ତେଣୁ ଏହି ସ୍ଥାନକୁ ଏକ ବହୁ ସଂସ୍କୃତି ବିଶିଷ୍ଟ ସ୍ଥାନ ରୂପରେ ଆଖ୍ୟାୟିତ କରାଯାଇଛି । ଏହି ସ୍ଥାନରୁ ପ୍ରାପ୍ତ କୃଷି ତଥା ଅନ୍ୟାନ୍ୟ ଯନ୍ତ୍ରପାତିର ଏକ ତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

- ଦଉଡ଼ି ଆଚ୍ଛାଦିତ ମାଟିପାତ୍ର
- ଗୋଲାକାର କୁରାଢ଼ି ଏବଂ କୁଠାରିକା / ତକ୍ଷଣୀ, ଚାରିକୋଣିଆ ବା ଅଣ୍ଡାକୃତି ଆକାରର ଏବଂ ସ୍ଫଟିକ ପଥର ।
- ଗୋଲାକାର / ଅଣ୍ଡାକୃତି ଟାଣ, ଜଳାକୃତିରେ ବିକ୍ଷିପ୍ତ ।
- ପଶୁଖୁରା ଚିହ୍ନ ସହ ବିରାଟ ପଶୁଖୁଆଡ଼ ।
- ମହାଗରଠାରୁ ସନ୍ଧାନ ମିଳିଛି ।

ବେଲାନ୍ ଉପତ୍ୟକାରେ ନୂତନ ପ୍ରସ୍ତର ସଂସ୍କୃତିରେ ଉନ୍ନତ ଓ ଅଗ୍ରଗାମୀ ସ୍ଥିର ଜୀବନ ପ୍ରଦର୍ଶିତ ହୋଇଛି:

- ସଂଜ୍ଞାପ୍ରାପ୍ତ ପରିବାରର ଅଂଶ
- ମାଟିପାତ୍ରର ମାନ୍ୟତା ପ୍ରାପ୍ତ
- ଚୂର୍ଣ୍ଣ କରିବା ଓ ଗୁଣ୍ଡ କରିବା ପାଇଁ ପରିବହନଶୀଳ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍
- ଗୃହ ଉପଯୋଗୀ ଧାନଚାଷ
- ଗାଈ, ଗୋରୁ, ମେଣ୍ଢା, ଛେଳି ଓ ଘୋଡ଼ାମାନଙ୍କୁ ଗୃହରେ ପାଳନ ।

ଏହା ସୂଚନା ପ୍ରଦାନ କରାଯାଇଛି ଯେ, ବେଲାନ ଉପତ୍ୟକାର ନୂତନ ପ୍ରସ୍ତର ଯୁଗର କୃଷକମାନେ ଭାରତର ପ୍ରାଚୀନ ଧାନ ଉତ୍ପାଦନକାରୀ ଗୋଷ୍ଠୀରୂପେ ସୃଷ୍ଟି ହୋଇଥିଲେ, ଯଦିଓ ଏହି ପ୍ରସ୍ତାବ ସମସ୍ତଙ୍କ ନିକଟରେ ଗ୍ରହଣୀୟ ନୁହେଁ । ସଂଗ୍ରହ କାର୍ଯ୍ୟଠାରୁ କୃଷି ଅର୍ଥନୀତିକୁ ପରିବର୍ତ୍ତନ ଏହି ଅଞ୍ଚଳରେ ପରିଷ୍କାର ଭାବେ ପ୍ରଦର୍ଶିତ ହୋଇଅଛି । ଯାହାହେତୁ ଚୋପନିମାଣ୍ଡୋଠାରେ ବିଳମ୍ବିତ ମଧ୍ୟ-ପ୍ରସ୍ତର / ପ୍ରଥମ ନୂତନ ପ୍ରସ୍ତର ପର୍ଯ୍ୟାୟରେ ମାଟିପାତ୍ରର ଆବିର୍ଭାବ ହେଲା (ସିରକା ଖ୍ରୀ:ପୂ: ୯-୮ ସହସ୍ରାବ୍ଦ) । ଏଥିରୁ ସୂଚନା ମିଳୁଛି ଯେ ଧାନଗଛ ଏବଂ ପଶୁମାନଙ୍କୁ ଗୃହ ଉପଯୋଗୀ କରିବା ପୂର୍ବରୁ ମାଟିପାତ୍ରକୁ ପ୍ରାଥମିକତା ପ୍ରଦାନ କରାଯାଇଥିଲା । ପୃଥିବୀରେ ସର୍ବପ୍ରଥମେ ଚୋପାନିଠାରେ ମାଟିପାତ୍ର ବ୍ୟବହାର କରାଯାଇଥିଲା ।

ବିହାର ଓ ମଧ୍ୟ-ଗାଙ୍ଗେୟ ଉପତ୍ୟକାରେ କୃଷିକାର୍ଯ୍ୟ

ନିମ୍ନ କେନ୍ଦ୍ରୀୟ ଗାଙ୍ଗେୟ ଉପତ୍ୟକାର ଉଦ୍ଭିଦ ଓ ପ୍ରାଣୀ ଜଗତର ସମ୍ବଳକୁ ନେଇ ସ୍ତର ଗ୍ରାମ୍ୟ ବସତିଗୁଡ଼ିକ (ଖ୍ରୀ:ପୂ: ୨୦୦୦-୧୬୦୦)ର ବହୁପରେ ଗଢ଼ି ଉଠିଥିଲା । ନୂତନ ପ୍ରସ୍ତର ଯୁଗର ଲୋକମାନଙ୍କର ଜୀବନ ଧାରଣ ପ୍ରଣାଳୀ ସଂପର୍କରେ ବିରାଳ, ଚେତାର, ସେନୁଓ୍ୱାର୍ ଏବଂ ତାରାଜିଦ୍‌ଠାରେ ଖୋଦନ ମହତ୍ତ୍ୱପୂର୍ଣ୍ଣ ଦିଗ ପ୍ରଦାନ କରିଅଛି । ନୂତନ ପ୍ରସ୍ତର ଯୁଗର କୃଷକମାନେ ରୋହତସ୍ ଜିଲ୍ଲାର ସେନୱାରଠାରେ ଧାନ, ବାର୍ଲି, ଜମି, ବୁଟ, ବାଜରା ଇତ୍ୟାଦି ଚାଷ କରୁଥିଲେ । ଏହି ଅଞ୍ଚଳରୁ ଅନେକ ପ୍ରକାରର ଗହମ ଓ ଘାସ ବୁଟ ଉପରସ୍ତର ବସତିରୁ ମିଳିପାରିଛି । ନୂତନ ପ୍ରସ୍ତର ସ୍ତର, ଗଙ୍ଗାନଦୀର ବାମ କୂଳରେ ଅବସ୍ଥିତ ଚିରାନ୍ଦଠାରେ ମାଟି ଚଟାଣର ଗଠନାତ୍ମକ ଅବଶିଷ୍ଟାଂଶ, ମାଟିପାତ୍ର, ଲଘୁପ୍ରସ୍ତର, କୁଠାର, ହାଡ଼ ଉପକରଣ ଓ ମୂଲ୍ୟବାନ୍ ପଥରର ମାଳି, ମାଟିର କ୍ଷୁଦ୍ର ମାନବର ଚିତ୍ରର ପରିପ୍ରକାଶ ହୋଇଛି । ଉଭୟ ଚିରାଳ ଏବଂ ସେନୁଓ୍ୱାର ସେମାନଙ୍କର ଅସାଧାରଣ ଅସ୍ଥି ଉପକରଣ ପାଇଁ ଜଣାଶୁଣା । ଚିରାଳରେ ଚାଷ ହେଉଥିବା ଶସ୍ୟଗୁଡ଼ିକ ହେଲା ଗହମ, ବାର୍ଲି, ଧାନ ଏବଂ ମସୁରି ।

ପରବର୍ତ୍ତୀ ନୂତନ ପ୍ରସ୍ତର- ତାମ୍ରପ୍ରସ୍ତର ଯୁଗର ଲୋକମାନେ ସେନୱାରଠାରେ ବୁଟ ଓ ମୁଗ ଚାଷ କରିବା ସହିତ ପ୍ରାଚୀନ ଲୋକମାନେ ଅନ୍ୟ ଶସ୍ୟ ଚାଷ କରୁଥିଲେ ।

ପୂର୍ବ ଭାରତ କୃଷି ଓ କୃଷକ

ଏହି ଅଞ୍ଚଳ ଆସାମର ପାର୍ବତ୍ୟାଞ୍ଚଳ, ଉତ୍ତର କୋଚାର, ଗାରୋ ଓ ନାଗା ପର୍ବତର ଅନ୍ତର୍ଗତ । ପରିବେଶ ଦୃଷ୍ଟିକୋଣରୁ ଏହି ଅଞ୍ଚଳ ମୌସୁମୀ ବଳୟର ଅନ୍ତର୍ଗତ ଓ ଏଠାରେ ପ୍ରଚୁର ବୃଷ୍ଟିପାତ ହୁଏ ।

ଚିତ୍ର. ପ୍ରସ୍ତର ଉପକରଣ

ଏହି ଅଞ୍ଚଳର ନୂତନ ପ୍ରସ୍ତର ସଂସ୍କୃତିର ବୈଶିଷ୍ଟ୍ୟ ସ୍କନ୍ଧଯୁକ୍ତ କୁରାଢ଼ୀ, କ୍ଷୁଦ୍ରଭୂମି କୁଠାର ଯାହା ଗୋଲାକାର, ରଶିଘେରା ମାଟିପାତ୍ର ଯାହା ସ୍ଫଟିକ ପଦାର୍ଥ ଦ୍ୱାରା ଭଲଭାବେ ରଙ୍ଗିତ । ଉତ୍ତର କାଚାର ପର୍ବତର ଦେଓଜାଲି ହାଡ଼ିଙ୍ଗ୍‌ରେ ଏ ସମସ୍ତ ବସ୍ତୁ ଉପଲବ୍ଧ ହୋଇଅଛି । ଏହି ବସ୍ତୁ ସମୂହ ଚୀନ ଓ ଦକ୍ଷିଣପୂର୍ବ ଏସିଆରେ ସୁବିସ୍ତୃତ ବଣ୍ଟନ ହୋଇଅଛି । ତଥାପି ଆସାମର ନୂତନ ପ୍ରସ୍ତର ପ୍ରକୃତି ସହ ଚୀନ ବା ଦକ୍ଷିଣ ଏସିଆର ନୂତନ ପ୍ରସ୍ତର ଗୁଣ ସଂପୂର୍ଣ୍ଣ ସମାନ ଭାବେ ସ୍ଥିର ହୋଇନାହିଁ, କାରଣ ଏଠାରେ କାଳାନୁକ୍ରମଣର ଅନ୍ତର ରହିଅଛି । ଆସାମର ନୂତନ ପ୍ରସ୍ତର ସଂସ୍କୃତିର ସମୟ ଖ୍ରୀ:ପୂ: ୨୦୦୦ ଆନୁମାନିକ ବୋଲି ନିର୍ଦ୍ଧାରଣ ହୋଇଛି ।

ଦକ୍ଷିଣ ଭାରତରେ କୃଷିକାର୍ଯ୍ୟ

ଦକ୍ଷିଣ ଭାରତରେ ଅଗ୍ରଗାମୀ ଶିକାର ସ୍ତରରୁ ଖାଦ୍ୟ ଉତ୍ପାଦନ ଅର୍ଥନୀତିକୁ ପରିବର୍ତ୍ତନ ବର୍ତ୍ତମାନ ସୁଦ୍ଧା ସଂପୂର୍ଣ୍ଣଭାବେ ପ୍ରମାଣିତ ହୋଇପାରିନାହିଁ । ନୂତନ ପ୍ରସ୍ତର ବସତି, ପାର୍ବତ୍ୟ ଓ ଶୁଷ୍କ ଦାକ୍ଷିଣାତ୍ୟ ମାଳଭୂମିରେ ଦେଖିବାକୁ ମିଳେ ଓ ଭିମ୍, କ୍ରୀଷ୍ଣା, ତୁଙ୍ଗଭଦ୍ରା ଏବଂ କାବେରୀ ନଦୀ ଏହି ଶୁଷ୍କ ଅଞ୍ଚଳକୁ ଜଳ ନିଷ୍କାସିତ କରିଛନ୍ତି । ବସତିଗୁଡ଼ିକ ସାଧାରଣତଃ ହାରାହାରି ବାର୍ଷିକ ବୃଷ୍ଟିପାତ ୨୫ ସେ.ମି.ରୁ କମ୍ ଅଞ୍ଚଳରେ ବୃଦ୍ଧି ପାଇଛି । ଖୋଦିତ ହୋଇଥିବା ଦକ୍ଷିଣ ଭାରତର ସଙ୍ଗନକାଲ୍ଲୁ, ନାଗାର୍ଜୁନକୋଣ୍ଡା, ମସ୍କି, ବ୍ରାହ୍ମଗିରି, ଟେକଲାକୋଟା, ପିକଲିହାଲ୍, କୁପଗଲ୍, ହାଲ୍ଲୁରେ, ପାଲାଭୟ, ହେମିଗେ ଏବଂ ଟି. ନର୍ସିପୁର ପ୍ରଭୃତି ଅଞ୍ଚଳରେ ନୂତନ ପ୍ରସ୍ତର ସଂସ୍କୃତିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସଂପର୍କରେ ଆଲୋକପାତ ହୋଇଛି ।

ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ଦକ୍ଷିଣ ଭାରତର ନୂତନ ପ୍ରସ୍ତର ସଂସ୍କୃତିଗୁଡ଼ିକୁ ତିନୋଟି ପର୍ଯ୍ୟାୟରେ ଶ୍ରେଣୀଭୁକ୍ତ କରାଯାଇଛି । ପ୍ରାଚୀନ ପର୍ଯ୍ୟାୟକୁ ସଙ୍ଗନକାଲୁ ଏବଂ ନାଗାର୍ଜୁନକୋଣ୍ଡା ପ୍ରତିନିଧିତ୍ୱ କରୁଛି । ବାସସ୍ଥାନର ଅସ୍ପଷ୍ଟ ଚିହ୍ନ, ଅମାର୍ଜିତ ହାତତିଆରି, ମଳିନ ଧୂସର ମାଟିପାତ୍ର ଯାହାର ବାହାରପଟ ଚକଟାମାଟିରେ ତିଆରି, ଚକମକ ପଥରର କ୍ଷୁରକ ଉପକରଣ ଏବଂ ଭୂମି ପଥର ଉପକରଣ ସବୁ ନାଗାର୍ଜୁନକୋଣ୍ଡାରେ ମିଳିଛି । ଏଥିରୁ ଜଣାଯାଏ ଯେ, ଲୋକମାନଙ୍କର ଚାଷ ସଂପର୍କରେ ସାଧାରଣ ଜ୍ଞାନ ଥିଲା । ସମ୍ଭବତଃ ସେମାନେ ପଶୁମାନଙ୍କୁ ଗୃହପାଳିତ କରି ନଥିଲେ । ଏହି ପର୍ଯ୍ୟାୟ ଖ୍ରୀ:ପୂ: ୨୫୦୦ କିମ୍ବା ପୂର୍ବ ସମୟ ହୋଇପାରେ । ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ ପର୍ଯ୍ୟାୟର ପ୍ରକୃତିର ଧାରାବାହିକତା ଲାଗି ରହିଥିଲା ଏବଂ ମାଟିପାତ୍ରରେ ଲାଲରଙ୍ଗ ବ୍ୟବହାର ହୋଇଥିଲା । ଯାହାହେଉ ଲାପିଡ଼ାରି କଳା ଓ ଗୃହପାଳିତ ପଶୁ ଏ ସମୟର ନୂତନ ବୈଶିଷ୍ଟ୍ୟ । ବର୍ତ୍ତମାନ ଲଘୁପଥରରେ ଚକମକି ସ୍ଫଟିକ ଦେଖିବାକୁ ମିଳିଥିଲା ।

ତୃତୀୟ ପର୍ଯ୍ୟାୟ (ଖ୍ରୀ:ପୂ: ୧୫୦୦)ର ତଥ୍ୟ ଅନୁଯାୟୀ ଧୂସର ରଙ୍ଗର ମୃଣ୍ମୟ ପାତ୍ର ପ୍ରାଧାନ୍ୟ ଲାଭ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଚକମକି ସ୍ଫଟିକ ସହ ନାଳିପାତ୍ର ଓ କ୍ଷୁଦ୍ର କ୍ଷୁରକ ଶିଳ୍ପ ମଧ୍ୟ ତୃତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଦେଖିବାକୁ ମିଳୁଥିଲା । ନୂତନ ପ୍ରସ୍ତର ଯୁଗର ଉପକରଣ ମଧ୍ୟ ଦେଖିବାକୁ ମିଳୁଥିଲା । ଏଥିରୁ ସୂଚନା ମିଳୁଛି ଯେ, ଖାଦ୍ୟ ସଂଗ୍ରହ କରିବା ଓ କୃଷିକାର୍ଯ୍ୟ କରିବାର ବହୁଳ ଅଭ୍ୟାସ ବଢ଼ିଲା ଓ ଶିକାର କରିବା ଅତିରିକ୍ତ କାର୍ଯ୍ୟରୂପେ ଗୃହୀତ ହେଲା ।

ପରବର୍ତ୍ତୀ ଦୁଇ ପର୍ଯ୍ୟାୟରେ ନାଗାର୍ଜୁନକୋଣ୍ଡାରେ କାଠ ଖୁଣ୍ଟଦ୍ୱାରା ସାହାଯ୍ୟ ପାଇଁ ଛାତ ଘରର ଖାତର ସନ୍ଧାନ ମିଳିଛି । ଅନ୍ୟ ଅଞ୍ଚଳରୁ ଝାଟି ମାଟିଘରର ସନ୍ଧାନ ମିଳିଛି ।

ଦକ୍ଷିଣ ଭାରତରେ ନୂତନ ପ୍ରସ୍ତର ଯୁଗର କୃଷକମାନଙ୍କର ବାଜରା ପ୍ରାଚୀନ ଖାଦ୍ୟଶସ୍ୟ ଥିଲା । ଏହା ବର୍ତ୍ତମାନ ସୁଦ୍ଧା ଚାଷ ହେବା ସହିତ ନିମ୍ନବର୍ଗର ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ସମ୍ବଳ ଅଟେ । ଏହା ମଧ୍ୟ ଗାଈଗୋରୁମାନଙ୍କର ଖାଦ୍ୟରୂପେ ବ୍ୟବହୃତ ହୁଏ । ବିଶ୍ୱାସ କରାଯାଏ ଯେ, ପୂର୍ବ ଆଫ୍ରିକାରୁ ରାଗି ଗୃହୋପଯୋଗୀ ହେଲା । ବଣୁଆ ରାଗି ଯାହା ଗୃହ ରାଗି ଭଳି ଉତ୍ପାଦିତ ହୁଏ, ତାହା ଗୃହୋପଯୋଗୀ ରାଗିର ପୂର୍ବସୁରୀ ନୁହେଁ; କିନ୍ତୁ ବଣୁଆ ରାଗି ଆଫ୍ରିକୀୟ ପ୍ରକାର ରାଗିର ପୂର୍ବସୁରୀ ବୋଲି ମନେକରାଯାଏ । ଦକ୍ଷିଣ ଭାରତର ନୂତନ ପ୍ରସ୍ତର ଯୁଗର କୃଷକମାନେ ଗହମ, କୋଳଥ, ମୁଗ ଚାଷ କରୁଥିଲେ । ଖଜୁରୀ ମଧ୍ୟ ଉତ୍ପାଦିତ ହେଉଥିଲା । ଏହି ସମୟରେ ଭୂମି ସମତଳ କରି ଚାଷ କରିବା ପ୍ରଣାଳୀ ଅବଲମ୍ବନ କରାଯାଉଥିଲା । ଛୋଟ ଛୋଟ ପଡ଼ିଆ ତିଆରି କରି ଶସ୍ୟ ଉତ୍ପାଦନ ହେଉଥିଲା ।

ଖୋଦିତ ହୋଇଥିବା ପ୍ରାଣୀମାନଙ୍କର ଅସ୍ଥିସମୂହରୁ ସୂଚନା ମିଳୁଛି ଯେ, ପ୍ରାଣୀମାନଙ୍କୁ ଟାଣିବା କାର୍ଯ୍ୟ, ଓଜନ ଦ୍ରବ୍ୟ ଉଠେଇବା କାର୍ଯ୍ୟ ଓ ଜମି ଚାଷରେ ନିୟୋଜିତ କରାଯାଉଥିଲା । ନାଗାର୍ଜୁନକୋଣ୍ଡାର ଖୋଦନରୁ ଜଣାଯାଉଛି ଯେ ପଶୁମାନଙ୍କୁ ଗୃହପାଳିତ କରିବା ପୂର୍ବରୁ ବିଭିନ୍ନ ତୃଣମାନଙ୍କୁ ଗୃହୋପଯୋଗୀ କରାଯାଇଥିଲା । ବିଭିନ୍ନ ଅଞ୍ଚଳରୁ ଗାଈଗୋରୁ, ମେଣ୍ଢା ଓ ଛେଳି, ମଇଁଷି, ଗଧ, ପକ୍ଷୀ, ଘୁଷୁରି ଏବଂ ଘୋଡ଼ାମାନଙ୍କୁ ଗୃହପାଳିତ କରିବାର ସୂଚନା ମିଳିଛି । ସମ୍ବର, ହରିଣ, ବାରଶିଙ୍ଗ, ଚିତାହରିଣମାନଙ୍କୁ ଶିକାର କରାଯାଉଥିଲା ଓ ପୋଖରୀ ଗଣ୍ଡା ଏବଂ କଇଁଛମାନଙ୍କୁ ଖାଦ୍ୟରୂପେ ବ୍ୟବହାର କରାଯାଉଥିଲା ।

ପ୍ରଚୁର ପରିମାଣର ଗାଈଗୋରୁ ଓ ଅନ୍ୟ ଖାଦ୍ୟଦ୍ରବ୍ୟରୁ ଜଣାଯାଏ ଯେ, ନୂତନ ପ୍ରସ୍ତର ଯୁଗର ଲୋକମାନେ ସ୍ଥାୟୀ କୃଷି ଓ ଚାରଣଭିତ୍ତିକ ଅର୍ଥନୀତିକୁ ଗ୍ରହଣ କରିଥିଲେ । C-14 ତାରିଖ ଭିତରେ ଦକ୍ଷିଣ ଭାରତର ନୂତନ ପ୍ରସ୍ତର ସଂସ୍କୃତି ଖ୍ରୀ.ପୂ. ୨୬୦୦ରୁ ୧୦୦୦ ମଧ୍ୟରେ ସମ୍ଭବ ହୋଇଥିଲା ।

ନୂତନ ପ୍ରସ୍ତର ଅଞ୍ଚଳ ଯଥା- ଉତନୁର, କୋଡ଼େଇକାଲ୍ ଓ କୁପଗଲ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳମାନଙ୍କରୁ ଅନେକ ପାଉଁଶ ଗଦାର ସନ୍ଧାନ ମିଳିଛି । କେତେକ ଜନବସତିଠାରୁ ଦୂରରେ ଓ ଜଙ୍ଗଲ ଅଞ୍ଚଳରେ ସନ୍ଧାନ ମିଳିଛି । ଏହା ସୂଚନା ପ୍ରଦାନ କରୁଛି ଯେ ଏହି ପାଉଁଶ ଗଦାଗୁଡ଼ିକ ନୂତନ ପ୍ରସ୍ତର ଯୁଗର ପଶୁ ଖୁଆଡ଼ ଥିଲା । ସମୟକୁ ସମୟ ଏହି ଖଦା ଗଦାରୁ କୌଣସି ଆନୁଷ୍ଠାନିକ ରୀତିରେ ବହନ କରାଯାଉଥିଲା ବା ଦୁର୍ଘଟଣାଦ୍ୱାରା ଏହି ଗଦା ସୃଷ୍ଟି ହୋଇଥିଲା । କେତେକ ନିକାଞ୍ଚନ ଅଞ୍ଚଳରୁ ମିଳିଥିବା ପାଉଁଶଗଦାରୁ ସୂଚନା ମିଳେ ଯେ କେତେକ ଯାଯାବର ଅରଣ୍ୟକୁ ତୃଣଭୂମି ରୂପେ ବ୍ୟବହାର କରୁଥିଲେ ।

କୃଷ୍ଣା-ଗୋଦାବରୀ ନଦୀ ଉପତ୍ୟକାରେ କୃଷିର ବିକାଶ

କ୍ରିଷ୍ଣା, ଗୋଦାବରୀ ଓ ଏହାର ଶାଖା ନଦୀର ମଧ୍ୟବର୍ତ୍ତୀ ଓ ଉପର ଅଞ୍ଚଳର ଚିତ୍ର କିଛି ପରିମାଣରେ ଅଲଗା । ଏହି ଅଞ୍ଚଳରେ ଭୂମି ପ୍ରସ୍ତର ଉପକରଣରେ କଳା ଚାତୁରୀ ବ୍ୟତୀତ ଅନେକ ପରିମାଣର ସମାନ୍ତର ଧାରବିଶିଷ୍ଟ କ୍ଷୁରକ, ଅଣୁ ପ୍ରସ୍ତର ଓ ଗୋମେଦର ମଧ୍ୟ ସନ୍ଧାନ ମିଳିଛି ଓ ତାମ୍ର ପ୍ରସ୍ତର ଯୁଗରୁ ଗେରୁ ରଙ୍ଗର ଚିତ୍ରର ମଧ୍ୟ ସନ୍ଧାନ ମିଳିଛି । କ୍ରିଷ୍ଣାନଦୀର ଶାଖାନଦୀ ଭିମାରେ ଅବସ୍ଥିତି ଥିବା ଚାନ୍ଦୋଲି, ଗୋଦାବରୀ ନଦୀର ଶାଖାନଦୀ ପ୍ରଭାବରେ ଅବସ୍ଥିତ ଥିବା ଡାଇମାବାଦରୁ ସୂଚନା ମିଳୁଛି ଯେ, ଏହିସବୁ ଅଞ୍ଚଳରେ ନୂତନ ପ୍ରସ୍ତର ଯୁଗର କୃଷକମାନେ ତାମ୍ର ପ୍ରସ୍ତର ଆଡ଼କୁ ଗତି କରୁଥିଲେ ।

ଉତ୍ତର ଆଡ଼କୁ ଥିବା ତାପ୍ତି ଓ ନର୍ମଦା ନଦୀର ଉପତ୍ୟକା, ଉତ୍ତର ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜୁରାଟରେ ନୂତନ ପ୍ରସ୍ତର ଯୁଗର ସ୍ତର ସଂପର୍କରେ କୌଣସି ପରିଷ୍କାର ସୂଚନା ମିଳିନାହିଁ । କେବଳ ଅଳ୍ପ ପରିମାଣର ତିନିକୋଣିଆ କୁଠାର ଓ ଦକ୍ଷିଣ ଭାରତୀୟ ମୁନିଆ ବେଣ୍ଟଯୁକ୍ତ ଉପକରଣ ଉପଲବ୍ଧ ହୋଇଛି ।

ଚମ୍ବଲ, ବନସ୍ ଏବଂ କାଳି ସିନ୍ଧ୍ ଉପତ୍ୟକାରେ ଭୂମିପ୍ରସ୍ତର ଉପକରଣର ପ୍ରାୟ କୌଣସି ତଥ୍ୟ ମିଳିପାରିନାହିଁ । ତଥାପି ପ୍ରାଚୀନ ମଧ୍ୟ-ପ୍ରସ୍ତର ପ୍ରସଙ୍ଗରେ ପଶୁମାନଙ୍କୁ ଗୃହପାଳିତ କରିବା ଆରମ୍ଭ କରାଯାଇଥିଲା, ତମ୍ବା-ବ୍ରୋଞ୍ଜ ଉପକରଣ ବ୍ୟବହାର ହେବାପରେ ଏହି ଅଞ୍ଚଳରେ ସ୍ଥାୟୀ ବସତି ଆରମ୍ଭ ହୋଇଥିଲା । କାଳକ୍ରମେ ଶିକାରୀ ଓ ସଂଗ୍ରାହକ ଭୂମିକାର ପରିବର୍ତ୍ତନ କରି ମଣିଷ କୃଷିର ଆରମ୍ଭ କରିଥିଲା । ସାଧାରଣଭାବେ କହିଲେ ଏହାଦ୍ୱାରା ମାଟିପାତ୍ରର ଡାଞ୍ଚା ପରିବର୍ତ୍ତନ କରି ଶସ୍ୟ ଗଚ୍ଛିତ ରଖାଗଲା, କୃଷିରୁ ଖାଦ୍ୟ ପ୍ରକ୍ରିୟାକରଣ ହେଲା, କୃଷି କାର୍ଯ୍ୟକାରିତା ପାଇଁ ଫଳପ୍ରଦ ଓ ଆବଶ୍ୟକୀୟ ରୁଚିସଂପନ୍ନ ଉପକରଣ ତିଆରି କରାଗଲା ଓ ସ୍ଥାୟୀ ଗ୍ରାମ୍ୟ ବସତି ଗଢ଼ିଉଠିଲା ।

ବିଗତ ତଥ୍ୟରୁ ସୂଚନା ମିଳୁଛି ଯେ, ପ୍ରାଚୀନ କୃଷି ପ୍ରକ୍ରିୟା ପଶ୍ଚିମ ଏସିଆ ଓ ନୀଳନଦୀର ଉପତ୍ୟକାରେ ଆରମ୍ଭ ହୋଇଥିଲା । ଏହି ପ୍ରକ୍ରିୟା ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିଲା । କେତେକ ଅଞ୍ଚଳରେ ଶସ୍ୟ ଚାଷର

ପ୍ରକ୍ରିୟା ଓ ପଶୁମାନଙ୍କୁ ଗୃହପାଳନ ଏକ ସମୟରେ ଚାଲିଥିଲା ଓ ଅନ୍ୟ କେତେକ ଅଞ୍ଚଳରେ ପଶୁ ଗୃହପାଳିତ ହେବା ପୂର୍ବରୁ କୃଷିକାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରାଚୀନ କୃଷିଜୀବୀ ଜନବସତି

ଦକ୍ଷିଣ ଭାରତରେ ପ୍ରାଚୀନ କୃଷିଜୀବୀ ସଂପ୍ରଦାୟ ହଠାତ୍ ବିକାଶଲାଭ କରିଥିଲା । ଖ୍ରୀ.ପୂ. ତୃତୀୟ ସହସ୍ରାବ୍ଦବେଳକୁ ଏହି ସଭ୍ୟତା ପଶ୍ଚିମ ଏସିଆ ପରି କ୍ରମାନ୍ୱୟରେ ବିକାଶଲାଭ କରିଥିବାର କିଛି ପ୍ରମାଣ ନାହିଁ । ଦକ୍ଷିଣ ଭାରତରେ ଏହି ସଭ୍ୟତାରେ ମଧ୍ୟ ଆକସ୍ମିକ ଭାବରେ ଶିକାରୀ-ଖାଦ୍ୟ ସଂଗ୍ରହକାରୀ ଅର୍ଥନୀତିରୁ ଖାଦ୍ୟ ଉତ୍ପାଦନକାରୀ ଅର୍ଥନୀତିକୁ ପରିବର୍ତ୍ତିତ ହୋଇଥିଲା । ଏହି ଅଞ୍ଚଳରୁ ମିଳିଥିବା ପ୍ରମାଣଗୁଡ଼ିକ ସୂଚନା ଦିଏ ଯେ, ଗୋଦାବରୀ, କୃଷ୍ଣା, ତୁଙ୍ଗଭଦ୍ରା, ପେନ୍ନେରୁ ଏବଂ କାବେରୀ ନଦୀ ପ୍ରଣାଳୀ ଅଞ୍ଚଳଗୁଡ଼ିକରେ ଏକପ୍ରକାର ଉପନିବେଶ ଭଳି ବସତି ସବୁ ଗଢ଼ିଉଠିଥିଲା । ଜନବସତିଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ବିକ୍ଷିପ୍ତ ଆକାରରେ ଆଂଶିକ-ଉର୍ବର, ଅଳ୍ପ ବୃଷ୍ଟିପାତ, ବାଲୁକା ଓ ଶୁଷ୍କ ଅଞ୍ଚଳ ଯାହାକି ଶୁଷ୍କ ଚାଷ, ପଶୁପାଳନ ଆଦି ପାଇଁ ଉପଯୁକ୍ତ ଆଦିରେ ବିକାଶଲାଭ କରିଥିଲା । ଜନବସତିଗୁଡ଼ିକର ସ୍ୱତନ୍ତ୍ର ବୈଶିଷ୍ଟ୍ୟଗୁଡ଼ିକ ହେଲା-

(କ) ଏହି ସ୍ଥାୟୀ ଜନବସତିଗୁଡ଼ିକ ଆଂଶିକ ସ୍ଥାୟିତ୍ୱରୁ ଚିର ସ୍ଥାୟିତ୍ୱ ପ୍ରାପ୍ତ ହେବା ଯୋଜନାରେ ନିର୍ମାଣ କରାଯାଇଥିଲା । ସ୍ଥାୟୀ ଜନବସତିଗୁଡ଼ିକ ଝଟିମାଟି କୁଡ଼ିଆବିଶିଷ୍ଟ ଥିଲା ।

(ଖ) ଚୂର୍ଣ୍ଣ ଏବଂ ମସୃଣ କରି ପଥର ଟାଙ୍ଗିଆଗୁଡ଼ିକ ତିଆରି ହେଉଥିଲା । ଏହି କାରିଗରୀ ବିଦ୍ୟାର ବହୁଳ ପ୍ରୟୋଗ ଯୋଗୁ ଏବଂ ପଥରର ହାତହତିଆର ତିଆରି ଶିଳ୍ପାନୁଷ୍ଠାନମାନଙ୍କର ବହୁଳତା ଯୋଗୁ ଏହି ପ୍ରାଚୀନ କୃଷିନୀତି ସଂସ୍କୃତିକୁ 'ମସୃଣ ପ୍ରସ୍ତର ଟାଙ୍ଗିଆ ଶିଳ୍ପ ଯୁଗ' ରୂପରେ ଅଭିହିତ କରାଯାଇଥାଏ ।

(ଗ) ଚକ୍‌ଚକିଆ ପଥର, ସୂର୍ଯ୍ୟକାନ୍ତ ମଣି, ସ୍ଫଟିକ ମଣି, ଗୋମେଦ ଆଦି ପଥରର ଛୋଟ ଛୋଟ ଦାନାରେ ତିଆରି ଲମ୍ବା ଏବଂ ପତଳା ଫଳକ ମଧ୍ୟ ମିଳିଛି । ଏହି କଳାକୃତିର କାଟିବା ଧାର ଚକଚକିଆ ଅଟେ । ଏହା ଶସ୍ୟ କାଟିବା ପାଇଁ ବ୍ୟବହୃତ ହୋଇଥିବାର ସୂଚନା ଦିଏ ।

(ଘ) ପ୍ରାଥମିକ ଅବସ୍ଥାର ମାଟିପାତ୍ରଗୁଡ଼ିକ ହାତରେ ତିଆରି ହେଉଥିବା ବେଳେ ପରବର୍ତ୍ତୀ ସମୟରେ କୁମ୍ଭାରଚକ ସାହାଯ୍ୟରେ ତିଆରି ହେଉଥିଲା ।

(ଙ) ସେ ସମୟର ଅର୍ଥନୀତି ଜୁଆର ଚାଷ ଏବଂ ପଶୁପାଳନ ଉପରେ ପର୍ଯ୍ୟବସିତ ଥିଲା ।

(ଚ) ମଣିଷର ଖାଦ୍ୟ ସମସ୍ୟାକୁ ଅନେକାଂଶରେ ପୂରଣ କରୁଥିଲେ ବନ୍ୟପଶୁଗୁଡ଼ିକ ।

ସାଂସ୍କୃତିକ ପର୍ଯ୍ୟାୟ

ଉପଲବ୍ଧ ପ୍ରମାଣଗୁଡ଼ିକର ଆଧାରରେ ଦକ୍ଷିଣ ଭାରତୀୟ ପ୍ରାଚୀନ କୃଷିଜୀବୀ ସମ୍ପ୍ରଦାୟର ବିକାଶକୁ ଆମେ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରିଛୁ ।

ପର୍ଯ୍ୟାୟ-୧

କୃଷିଜୀବୀ ସଂପ୍ରଦାୟର ପ୍ରାଚୀନତମ ଜନବସତିଗୁଡ଼ିକ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ ଅଟେ । ଜନବସତିଗୁଡ଼ିକ କଠିନ ଧୂସର ବର୍ଣ୍ଣ ପ୍ରସ୍ତର ଶିଖରଯୁକ୍ତ ପାହାଡ଼, ପାହାଡ଼କୁ କାଟି କ୍ରମାବନତ କରି ଅଥବା ବିଶାଳ ସମତଳ ପାହାଚ, ପାହାଚ କରି ତା'ଉପରେ ଦୁଇ ବା ତତୋଽଧିକ ପାହାଡ଼ ମଧ୍ୟସ୍ଥ ଉପତ୍ୟକା ଆଦିରେ ଅବସ୍ଥିତ ଥିଲା । ଧାତବ ସଂସ୍କୃତିରେ ରହିଥିଲା ଗୋଟିଏ ମସୃଣ ପ୍ରସ୍ତର ଟାଙ୍ଗିଆ ପ୍ରସ୍ତୁତକାରୀ ଶିଳ୍ପକେନ୍ଦ୍ର, ଫଳକ ତିଆରି ଶିଳ୍ପକେନ୍ଦ୍ର ଏବଂ ହାତ ତିଆରି ମାଟିପାତ୍ର ଶିଳ୍ପକେନ୍ଦ୍ର ।

ମାଟିପାତ୍ରଗୁଡ଼ିକ ମଧ୍ୟରେ ପାଉଁଶିଆ ଏବଂ ନାଲିରଙ୍ଗ ଯୁକ୍ତ ଧୂସର ବର୍ଣ୍ଣର ପାତ୍ର ସାଧାରଣତଃ ତିଆରି ହେଉଥିଲା । ଏହାଠାରୁ କମ୍ ଚାହିଦା ରହିଥିଲା କଳାରଙ୍ଗ ନାଲିରଙ୍ଗ ଆଦିରେ ଚିକ୍କଣକରା ଏବଂ ନୀଳ ଲୋହିତ ଅଥବା ବାଇଗଣି ରଙ୍ଗରେ ଚିତ୍ରକରା ପାତ୍ରଗୁଡ଼ିକର । ପ୍ରାଚୀନତମ ଜନବସତିଗୁଡ଼ିକରେ ପାଉଁଶଗଦା ସବୁ ରହିଥିବାର ଭୂଖନନରୁ ଜଣାଯାଇଛି । ଆବିଷ୍କୃତ ହୋଇଥିବା ପାଉଁଶ ପାହାଡ଼ (କୁଦ) ରହିଥିବା ସ୍ଥାନ ଯଥା- ଉଟ୍ନୁର, କୁପ୍‌ଗାଲ, କୋଡେକାଲ୍, ପଲ୍ଲାଉୟ, ପିକ୍ଲିହାଲ୍, ମସ୍କି ଏବଂ ବ୍ରହ୍ମଗିରି ପ୍ରଥମ ପର୍ଯ୍ୟାୟର ପ୍ରାଚୀନତମ କୃଷି-ପଶୁପାଳକ ସମ୍ପ୍ରଦାୟର ସାକ୍ଷ୍ୟ ବହନ କରେ । ଏହି ପର୍ଯ୍ୟାୟର ସମୟକାଳ ପ୍ରାୟତଃ ଖ୍ରୀ:ପୂ: ୨୫୦୦ ରୁ ୧୮୦୦ ମଧ୍ୟରେ ହୋଇଥିବ ବୋଲି ଅନୁମାନ କରାଯାଏ ।

ପର୍ଯ୍ୟାୟ-୨

ପ୍ରଥମ ପର୍ଯ୍ୟାୟର ଜନବସତି ଅପରିବର୍ତ୍ତିତ ଭାବରେ ରହିଥିଲା । ଏହି ସମୟରେ ମଧ୍ୟ ଜନବସତିଗୁଡ଼ିକ ଧୂସର ବର୍ଣ୍ଣର କଠିନ ପ୍ରସ୍ତରଯୁକ୍ତ ପାହାଡ଼ ଶିଖର ଉପରେ ଅଥଚ ପାହାଚ ପାହାଚ କରାଯାଇଥିବା ପାହାଡ଼ ପାର୍ଶ୍ୱରେ ରହିଥିଲା । ଏହି ଜନବସତିଗୁଡ଼ିକରେ ମଧ୍ୟ ଝାଟିମାଟି କୁଟୀରଗୁଡ଼ିକ ବୃତ୍ତାକାରରେ ରହିଥିଲା । ଘରଗୁଡ଼ିକୁ କାଦୁଅ ମାଟିରେ ଲିପା ଯାଇଥିଲା । ନାଗାର୍ଜ୍ଜୁନକୋଣ୍ଡାରେ ବୃହତ୍ ବଡ଼ ବଡ଼ ଗାତ ସବୁ ରହିଥିଲା, ଯେଉଁଗୁଡ଼ିକ କି ବୃତ୍ତାକାର, ଅଣ୍ଡାକୃତି, ଆୟତାକାର ଏବଂ ନଳାକୃତି ତଥା କ୍ରମାନ୍ୱୟ ଭାବରେ ରହି ନଥିବା ସୁଡଙ୍ଗ ଗୃହ ଅଟେ । ଏଗୁଡ଼ିକୁ ପଶ୍ଚାତ୍‌ଭାଗରେ ଛିଦ୍ରଯୁକ୍ତ ଆଂଶିକ ଭୂଗର୍ଭସ୍ଥ ସୁଡଙ୍ଗ ଗୃହ ବୋଲି ମଧ୍ୟ କୁହାଯାଏ । ପାଲାୟାମ୍‌ପଲ୍ଲୀ ଏବଂ ବୀରପୁରମ୍‌ଠାରେ ମଧ୍ୟ ସୁଡଙ୍ଗ ବସତିଗୁଡ଼ିକ ମିଳିଛି । ଏହି ପର୍ଯ୍ୟାୟରେ ନୂତନ ପ୍ରକାରର ଜଳଯୁକ୍ତ ଏବଂ ଛୋଟଛୋଟ କଣାଯୁକ୍ତ କଳସ ତଥା ପାତ୍ର ତିଆରି ହେଉଥିଲା । ଏହି ପ୍ରକାର ମାଟିପାତ୍ର ଆବିଷ୍କୃତ ହେବା ପ୍ରମାଣ କରେ ଯେ, ଏହି ସଭ୍ୟତାଗୁଡ଼ିକର ଯୋଗାଯୋଗ ଉତ୍ତର ଭାରତ ସହିତ ରହିଥିଲା, କାରଣ ଉତ୍ତର ଭାରତରେ ମଧ୍ୟ ଏହିପ୍ରକାର ପାତ୍ର ମିଳିଥାଏ । ମାଟିପାତ୍ରଗୁଡ଼ିକର ପୃଷ୍ଠଭାଗକୁ ଖଦଖଦଡ଼ିଆ କରିବା, ଗାର ସବୁ ଟାଣିବା ଆଦି କାରିଗରୀ କୌଶଳରୁ ପ୍ରତୀତ ହୁଏ ଯେ, ହରପ୍ପା ସଭ୍ୟତା ସମୟର କାରିଗରୀ କୌଶଳର ଅବଶେଷ ଏହି ସମୟରେ ମଧ୍ୟ ଜୀବିତ ଥିଲା ।

ମସୃଣ ପଥର ଟାଙ୍ଗିଆ ଏବଂ ପଥର ଫଳକ ଶିଳ୍ପକେନ୍ଦ୍ର ଏହି ସମୟରେ ବହୁଳ ଭାବରେ ତଥା ପରିବ୍ୟାପ୍ତ ହୋଇ ରହିଥିଲା । ତମ୍ବା ଏବଂ ବ୍ରୋଞ୍ଜନିର୍ମିତ ସାଜସରଞ୍ଜାମ ମଧ୍ୟ ଆବିଷ୍କୃତ ହୋଇଛି ଏବଂ ଏହି ପର୍ଯ୍ୟାୟର ଶେଷ ଆଡ଼କୁ ଏହି ଧାତବ ସରଞ୍ଜାମର ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଦ୍ୱିତୀୟ ପର୍ଯ୍ୟାୟର ଆବିଷ୍କୃତ ସ୍ଥାନଗୁଡ଼ିକ ହେଲା- ପିକ୍ଲିହାଲ୍, ବ୍ରହ୍ମଗିରି, ସଙ୍ଗନପୁଲ୍ଲ, ଟେକ୍କାଲ୍‌କୋଟା, ହଲ୍ଲୁର ଏବଂ ଟି. ଡର୍‌ସିପୁର । ଏହି ପର୍ଯ୍ୟାୟର ସମୟକାଳ ସମ୍ଭବତଃ ଖ୍ରୀ.ପୂ. ୧୮୦୦ ରୁ ୧୫୦୦ ମଧ୍ୟରେ ଥିଲା ।

ପର୍ଯ୍ୟାୟ-୩

ଏହି ପର୍ଯ୍ୟାୟର ମହତ୍ତ୍ୱପୂର୍ଣ୍ଣ ପ୍ରଗତି ହେଲା ତମ୍ବା ଏବଂ ବ୍ରୋଞ୍ଜର ହାତହତିଆର ଓ ସରଞ୍ଜାମରେ ବୃଦ୍ଧି । ଏହି ବୃଦ୍ଧି ବିଶେଷ ରୂପରେ ପରିଲକ୍ଷିତ ହୁଏ, ଟେକ୍କାଲ୍‌କୋଟା, ହଲ୍ଲୁର, ପିକ୍ଲିହାଲ୍, ସଙ୍ଗକୁଲ୍ଲ, ବ୍ରହ୍ମଗିରି ଏବଂ ପିୟାମ୍‌ପଲ୍ଲୀଠାରେ । ମସୃଣ ପ୍ରସ୍ତର ଟାଙ୍ଗିଆ ଏବଂ ପ୍ରସ୍ତର ଫଳକ ଶିଳ୍ପକେନ୍ଦ୍ର ଏହି ସମୟରେ ମଧ୍ୟ ରହିଥିଲା । ମାଟିପାତ୍ରଗୁଡ଼ିକ ମୋଟା ଏବଂ ଟାଣ ପୃଷ୍ଠଦେଶ ତଥା ପାଉଁଶିଆ ରଙ୍ଗବିଶିଷ୍ଟ ଥିଲା ।

ଏହି ସମୟରେ ଅନ୍ୟ ଏକ ପ୍ରକାରର କୁମ୍ଭାରଚକନିର୍ମିତ ମୃଣ୍ମୟ ପାତ୍ର ପ୍ରଚଳିତ ଥିଲା । ଏଗୁଡ଼ିକ ଅନୁଜ୍ଜ୍ୱଳ ଏବଂ ବାଇଗଣି ରଙ୍ଗବିଶିଷ୍ଟ ଥିଲା । ଏହି ମାଟିପାତ୍ରଗୁଡ଼ିକର ସାମଞ୍ଜସ୍ୟ ରହିଥିଲା ମହାରାଷ୍ଟ୍ରର ଜୋରୱେ ମାଟିପାତ୍ର ସହିତ । ଏହି ସବୁ କାରଣ ଯୋଗୁ ଏହି ସମୟକାଳ ସମ୍ଭବତଃ ଖ୍ରୀ.ପୂ. ୧୪୦୦-୧୦୫୦ ହୋଇଥିବ ବୋଲି ଅନୁମାନ କରାଯାଏ ।

ଏହି ତିନିଗୋଟି ପର୍ଯ୍ୟାୟ ଦକ୍ଷିଣ ଭାରତର ପ୍ରାଚୀନ କୃଷିନୀତି ଏବଂ ପଶୁପାଳନ ଜନବସତି କିପରି ଭାବରେ ବିକାଶଲାଭ କଲା ତଥା କ୍ରମାନ୍ୱୟରେ ପରିବ୍ୟାପ୍ତ ହୋଇଥିଲା ସେ ବାବଦରେ ସୂଚନା ଦିଏ । ପ୍ରଥମରୁ ତୃତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଜୀବିକା ନିର୍ବାହ ସମାନ ରୂପରେ ଗତି କରିଥିଲା । ଅର୍ଥନୀତିରେ ମଧ୍ୟ ବିଶେଷ ଧରଣର କିଛି ପରିବର୍ତ୍ତନ ହୋଇନଥିଲା । ଏକମାତ୍ର ପାର୍ଥକ୍ୟ ହେଲା ଯେ, ପ୍ରଥମ ପର୍ଯ୍ୟାୟରେ ତମ୍ବା ଓ ବ୍ରୋଞ୍ଜର ପ୍ରଚଳନ ନ ଥିଲା । ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ଏହି ସରଞ୍ଜାମଗୁଡ଼ିକୁ ବ୍ୟବହାର କରାଯିବା ଯୋଗୁଁ ସେଗୁଡ଼ିକ ନୂତନ ପ୍ରସ୍ତର-ତାମ୍ର ଯୁଗ ନାମରେ ଅଭିହିତ କରଯାଏ ।

ଜନବସତିଗୁଡ଼ିକର ବିସ୍ତୃତିରୁ ଏତିକି କୁହାଯାଇପାରେ ଯେ, ସେଗୁଡ଼ିକ ପର୍ବତ ଓ ପାର୍ବତ୍ୟାଞ୍ଚଳର ନିମ୍ନାଂଶରେ, ବୃହତ୍ ଜଳାଧାରଠାରୁ ବହୁଦୂରରେ ତଥା ପାହାଡ଼ି ଝରଣା କୂଳରେ, ରହିଥିଲା । ସେଗୁଡ଼ିକର ମୃତ୍ତିକାଞ୍ଚଳ ଥିଲା ଅତ୍ୟନ୍ତ ନରମ କଳା ମାଟି, ନାଲି ଏବଂ କଳା ବାଲି ଓ ପଙ୍କମିଶା ମାଟି, ତ୍ରିକୋଣଭୂମି ଅଥବା ନଦୀକୂଳସ୍ଥ ପଟୁମାଟି ଇତ୍ୟାଦି । ଜନବସତିଗୁଡ଼ିକ ଅବସ୍ଥିତି ଥିବା ଅଞ୍ଚଳଗୁଡ଼ିକର ବର୍ତ୍ତମାନର ବୃଷ୍ଟିପାତ ସୀମା ହେଉଛି ୬୦୦-୧୨୦୦ ମିଲିମିଟର । ଏହି ଅଞ୍ଚଳଗୁଡ଼ିକ ସାଧାରଣତଃ ଦୁର୍ଗପରି ବେଷ୍ଟିତ ପାହାଡଗୁଡ଼ିକର ଶୀର୍ଷ ଅଥବା ନିମ୍ନ ଦେଶରେ ବିସ୍ତୃତିଲାଭ କରିଥିଲା ।

ଅର୍ଥନୀତି

ତାମ୍ର ସଭ୍ୟତା ବିକାଶ ଲାଭ କରିଥିବା ଅଧିକାଂଶ ଅଞ୍ଚଳରେ କୃଷ୍ଣ କାର୍ପାସ ମୃତ୍ତିକା ରହିଥିଲା । ଜଳବାୟୁ ଆଂଶିକ ଶୁଷ୍କ ବା ଅନୁର୍ବର ଥିଲା ତଥା ବୃଷ୍ଟିପାତ ୪୦୦ ରୁ ୧୦୦୦ ମିଲିମିଟର ମଧ୍ୟରେ ହେଉଥିଲା । ଏହି ତାମ୍ର ସଭ୍ୟତାର ଅର୍ଥନୈତିକ ଆଧାର ଥିଲା ସମୃଦ୍ଧ କୃଷି ଏବଂ ଖାଦ୍ୟଶସ୍ୟ ସଂଗ୍ରହ । ଲୋକମାନେ ଆହୁରି ମଧ୍ୟ ପଶୁ ସମ୍ପଦ ଏବଂ ମାଛ ଉପରେ ନିର୍ଭର କରୁଥିବାର ପ୍ରମାଣ ରହିଛି ।

ଚାଷ କରାଯାଉଥିବା ଶସ୍ୟ

ଭୂଖନନଦ୍ୱାରା ପ୍ରାପ୍ତ ମଞ୍ଜିଗୁଡ଼ିକର ପ୍ରାଙ୍ଗାରୀକୃତ ଅବଶେଷରୁ ଜଣାଯାଏ ଯେ, ଏହି ସଭ୍ୟତାର ଲୋକମାନେ ଅନେକ ପ୍ରକାରର ଶସ୍ୟ ଉତ୍ପାଦନ କରୁଥିଲେ । ମୁଖ୍ୟ ଶସ୍ୟଗୁଡ଼ିକ ଥିଲା ଧାନ, ଗହମ, ବାର୍ଲି, ବାଜରା, ଜୁଆର, ମସୁର, ମଟର, ଚଣା, ମୁଗ, ବିରି ଇତ୍ୟାଦି ।

ଅନ୍ୟାନ୍ୟ ବ୍ୟବହୃତ ଫଳ ଥିଲା ଜାମୁକୋଳି, ବାହାଡ଼ା, ବରକୋଳି, ଖଜୁରି ଇତ୍ୟାଦି ।

ଏହି ସମୟରେ ବାର୍ଲି ଥିଲା ମୁଖ୍ୟ ଖାଦ୍ୟ । ଇନାମ୍‌ଗାଆଁ ଖୋଦନରୁ ପ୍ରମାଣ ମିଳିଛି ଯେ, ଚାଷପାଇଁ ଶସ୍ୟର ପରିବର୍ତ୍ତନ କରାଯାଉଥିଲା । ଗ୍ରୀଷ୍ମ ଏବଂ ଶୀତକାଳୀନ ଫସଲ ଚାଷ କରାଯାଉଥିଲା ତଥା କୃତ୍ରିମ ଉପାୟରେ ଜଳସେଚନ ମଧ୍ୟ କରାଯାଉଥିଲା । ଏକ ବିଶାଳକାୟ ବନ୍ଧ (୨୪୦ ମି. ଲମ୍ବ ଏବଂ ୨.୪୦ମି. ଓସାର) ଇନାମଗାଆଁଠାରେ ପ୍ରାରମ୍ଭିକ ଜୋର୍‌ୱେ ସମୟ (ଖ୍ରୀ.ପୂ. ୧୪୦୦ ରୁ ୧୨୦୦)ରେ ନିର୍ମାଣ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ବଢ଼ି ପାଣିକୁ ଏକ କେନାଲ ସାହାଯ୍ୟରେ ବାହାର କରେଇ ଦେବା । କେନାଲଟି ୨୦୦ ମି. ଲମ୍ବ, ୪ମି. ଓସାର ଏବଂ ୩.୫ ମି. ଗଭୀର ଥିଲା ।

ଇନାମ୍ ଗାଆଁ ଠାରୁ ଅନତି ଦୂରରେ ଅବସ୍ଥିତ ଥିବା ୱାକିଠାରୁ ମିଳିଥିବା ବଳଦର କାନ୍ଧହାଡ଼ନିର୍ମିତ ଲଙ୍ଗଳ ଫାଳ ସଦୃଶ ଛୋଟ ପ୍ରତିକୃତି ପ୍ରମାଣିତ କରେ ଯେ, ଏହା କୃଷ୍ଣ କାର୍ପାସ ମୃତ୍ତିକାକୁ ଚାଷପାଇଁ କର୍ଷଣ କରାଯାଉଥିଲା ।

ପଶୁ

ଭୂଖନନରୁ ପ୍ରମାଣ ମିଳେ ଯେ, ସେ ସମୟରେ ଉଭୟ ଗୃହପାଳିତ ଏବଂ ବନ୍ୟ ପଶୁ ରହିଥିଲେ ।

ତାମ୍ର ସଭ୍ୟତା ସମୟରେ ଗୃହପାଳିତ ପଶୁଗୁଡ଼ିକ ମଧ୍ୟରେ ଥିଲେ, ଗୋରୁଗାଈ, ମେଣ୍ଢା, ଛେଳି, କୁକୁର, ଘୁଷୁରି, ଘୋଡ଼ା ଇତ୍ୟାଦି । ଏହି ପଶୁଙ୍କର ହାଡ଼ଗୁଡ଼ିକରେ କଟା ଏବଂ ଛେଚା ଚିହ୍ନରୁ ଜଣାଯାଏ ଯେ, ଖାଦ୍ୟପାଇଁ ସେମାନଙ୍କୁ ହତ୍ୟା କରାଯାଉଥିଲା । ଏହିସବୁ ହାଡ଼ଗୁଡ଼ିକରୁ ବୟସ ନିର୍ଦ୍ଧାରଣ କରିବାରେ ଜଣାପଡ଼ିଛି ଯେ, ଅଧିକାଂଶ ପଶୁଙ୍କୁ ସେମାନଙ୍କର ଯୁବାବସ୍ଥା (୩ ମାସରୁ ୩ ବର୍ଷ ବୟସ)ରେ ହତ୍ୟା କରାଯାଉଥିଲା ।

ବନ୍ୟପଶୁ ଯଥା- କୃଷ୍ଣସାର ମୃଗ, ଚାରିଶିଙ୍ଗା ହରିଣ, ନୀଳଗାଈ, ବାରାଶିଙ୍ଗା, ସମ୍ବର, ଚିତଳ, ବଣମହିଷ, ଗଣ୍ଡା ଇତ୍ୟାଦି ଥିଲେ ।

ମାଛ, ଜଳଚର ପକ୍ଷୀ, କଇଁଛ, ମୂଷା, ଠେକୁଆ ଆଦି ଜୀବଙ୍କର ହାଡ଼ ମଧ୍ୟ ଅନେକ ସ୍ଥାନରୁ ମିଳିଛି । ସାମୁଦ୍ରିକ ମାଛର ହାଡ଼ ପ୍ରମାଣ କରେ ଯେ, ସେଗୁଡ଼ିକର ଉତ୍ସ ଥିଲା ଇନାମ ଗାଆଁ ନିକଟସ୍ଥ ବନ୍ଦରଗୁଡ଼ିକ । ଏଠି ମନେ ରଖିବା ଉଚିତ ଯେ, କଲ୍ୟାଣ ଏବଂ ମାହାଦ ସାଗର ସଂଲଗ୍ନ ବନ୍ଦର ଦ୍ଵୟ ଇନାମ ଗାଆଁ ଠାରୁ ପଶ୍ଚିମକୁ ୨୦୦ କି.ମି. ଦୂରତା ମଧ୍ୟରେ ଅବସ୍ଥିତ ଥିଲା । ଇତସ୍ତତଃ ଭାବରେ ପଡ଼ିଥିବା ଗୃହପାଳିତ ଏବଂ ବନ୍ୟ ପଶୁଙ୍କର ପୋଡ଼ା ହାଡ଼ରୁ ପ୍ରମାଣ ମିଳେ ଯେ, ସେମାନେ ଖୋଲା ସ୍ଥାନରେ ମାଂସ ରାନ୍ଧୁଥିଲେ ।



ଓ୍ଵାଜିଠାରୁ ମିଳିଥିବା ଗୋରୁହାଡ ନିର୍ମିତ ଲଙ୍ଗଳ ଫାଳର ପ୍ରତିକୃତି

ଆଦର୍ଶ ପ୍ରଶ୍ନାବଳୀ

ଶୂନ୍ୟସ୍ଥାନ ପୂରଣ କର ।

୧ । ପଲ୍ଲାଭେୟରେ ହାଡର ଏକ ଟାଙ୍ଗିଆ ମିଳିଛି, ଯାହାକି ଗାଈର ______ ହାଡରେ ତିଆରି ହୋଇଛି ।

୨ । ହରପ୍ପାର ମୁଖ୍ୟ ରାସ୍ତାଗୁଡ଼ିକ ଉତ୍ତରରୁ ଦକ୍ଷିଣକୁ ଲମ୍ବିଯାଇଥିଲା ଏବଂ ପରସ୍ପରକୁ ______ ରେ ଛେଦନ କରିଥିଲା ।

୩ । ନୂତନ ପ୍ରସ୍ତର ଯୁଗରେ ପ୍ରାକୃତିକ ସମ୍ବଳର ସଦୁପଯୋଗ କରି ______କୁ ନିୟନ୍ତ୍ରଣ କରାଯାଇପାରିଥିଲା ।

୪ । କାଳକ୍ରମେ ଶିକାରୀ-ସଂଗ୍ରହକାରୀ ଭୂମିକାର ପରିବର୍ତ୍ତନ କରି ମଣିଷ ______ ର ଆରମ୍ଭ କରିଥିଲା ।

୫ । ତାମ୍ର ସଭ୍ୟତା ବିକାଶଲାଭ କରିଥିବା ଅଧିକାଂଶ ଅଞ୍ଚଳରେ ______ ମୃତ୍ତିକା ରହିଥିଲା ।

ଉତ୍ତରମାଳା

(୧) କାନ୍ଧ, (୨) ୯୦°, (୩) ପ୍ରକୃତି, (୪) କୃଷି, (୫) କୃଷ୍ଣ କାର୍ପାସ ।

ଏକପଦ ଉତ୍ତରମୂଳକ ପ୍ରଶ୍ନୋତ୍ତର ।

୧ । ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ପୃଥିବୀର ବୟସ କେତେ ବର୍ଷରୁ ଅଧିକ ଅଟେ ?

୨ । ସ୍ଵଚ୍ଛ ବିକଶିତ ପ୍ରସ୍ତର ଯୁଗ ଅଥବା ପ୍ରାଚୀନ ପ୍ରସ୍ତର ଯୁଗ କେଉଁ ଯୁଗର ଅଧିକାଂଶ ସମୟକାଳ ମଧ୍ୟରେ ପରିବ୍ୟାପ୍ତ ଥିଲା ?

୩। ପରବର୍ତ୍ତୀ ସମୟରେ ମଣିଷ ପ୍ରସ୍ତରକୁ ଘୁନିଆ କରି ତା ଦେହରେ ଏକ ଲମ୍ୱାବାଡି ସଂଯୋଗ କରି କ'ଣ ନିର୍ମାଣ କରୁଥିଲା ?

୪। କେଉଁ ଅଞ୍ଚଳରୁ ଜଳହସ୍ତୀ ଓ ହାତୀ ଭାରତକୁ ସ୍ଥାନାନ୍ତରୀକରଣ ହୋଇଥିଲେ ?

୫। କେତେବେଳ ସୁଦ୍ଧା ମୃତ ବ୍ୟକ୍ତିର ସଂସ୍କାର ଆରମ୍ଭ ହୋଇଥିଲା ?

୬। ଅନେକ ଲଘୁ ପ୍ରସ୍ତର ମିଳିଥିବା ଭୀମ୍ବେଟିକା କେଉଁ ପ୍ରଦେଶରେ ଅବସ୍ଥିତ ଅଟେ ?

୭। କେଉଁ ଯୁଗର ଶେଷ ସୁଦ୍ଧା ମଣିଷ ଚକର ଉଦ୍ଭାବନ କରିସାରିଥିଲା ?

୮। ମଧ୍ୟ-ପ୍ରସ୍ତର ଯୁଗରେ ମଣିଷ କାହା ଉପରେ ନିର୍ଭର କରି ବଞ୍ଚୁଥିଲା ?

୯। ବାଣ ଅବବାହିକାରେ ଅବସ୍ଥିତ ବାଣ ସଂସ୍କୃତି କେଉଁ ପ୍ରଦେଶରେ ରହିଛି ?

୧୦। ଉତ୍ତରପ୍ରଦେଶର ବିଶାଉଲି ଖନନରୁ (୧୯୫୦) କେଉଁ ଭଣ୍ଡାର ମିଳିଥିଲା ?

୧୧। ପି.ଜି.ଡବ୍ଲ୍ୟୁ. ସଂସ୍କୃତିର ମାଟିପାତ୍ରଗୁଡ଼ିକ କାହା ସାହାଯ୍ୟରେ ତିଆରି କରାଯାଉଥିଲା ?

୧୨। ହସ୍ତିନାପୁର ଏବଂ ଆତ୍ରାଞ୍ଜିଖେରା ଖନନରୁ ଯଥାକ୍ରମେ କେଉଁ କେଉଁ ଜିନିଷର ଅବଶେଷ ମିଳିଛି ?

୧୩। କେଉଁ ପ୍ରଣାଳୀ ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ପ୍ରତି ସଚେତନତା ସମ୍ବନ୍ଧରେ ସୂଚନା ଦେବା ସହିତ ସେମାନେ ଏ ଦିଗରେ କେତେ ବେଶି ପ୍ରଗତି କରିଥିଲେ ଜଣାଏ ?

୧୪। ଚମ୍ବଲ ନଦୀର ସଙ୍ଗମସ୍ଥଳ କାଳିସିନ୍ଧୁ ନଦୀକୂଳରେ କେଉଁ ସଭ୍ୟତା ଅବସ୍ଥିତ ଥିଲା ?

୧୫। ମୂଳରେ (ତଳେ) ଶକ୍ତ ବଇଠି ରହିଥିବା ମାଟିପାତ୍ରଗୁଡ଼ିକ କେଉଁ ସ୍ଥାନର ମାଟିପାତ୍ରର ବୈଶିଷ୍ଟ୍ୟ ଅଟେ ?

ଉତ୍ତରମାଳା

(୧) ୪୬୦୦ ନିୟୁତ ବର୍ଷ, (୨) ତୁଷାର ଯୁଗ, (୩) ବର୍ଚ୍ଛା, (୪) ମଧ୍ୟ-ଆଫ୍ରିକା, (୫) ନୂତନ ପ୍ରସ୍ତର ଯୁଗ, (୬) ମଧ୍ୟପ୍ରଦେଶ, (୭) ମଧ୍ୟ-ପ୍ରସ୍ତର ଯୁଗ, (୮) ପ୍ରକୃତି, (୯) ରାଜସ୍ଥାନ, (୧୦) ତାମ୍ର, (୧୧) କୁମ୍ଭାର ଚକ, (୧୨) ଧାନ ଏବଂ ଗହମ, (୧୩) ନର୍ଦ୍ଦମା, (୧୪) କାୟଥ, (୧୫) ମାଳବ ।

ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

୧। ଭାରତର ପ୍ରାଚୀନତମ ମଣିଷର ଉଦ୍ଭବ କିପରି ହୋଇଥିଲା ?

୨। ପୁରାତନ ପ୍ରସ୍ତର ଯୁଗ ଆରମ୍ଭର ସମୟକାଳ ସମ୍ବନ୍ଧରେ ରହିଥିବା ପ୍ରତ୍ନତାତ୍ତ୍ୱିକ ମତବାଦ ସମ୍ବନ୍ଧରେ ଲେଖ ।

୩। ଲୁନୀ ନଦୀ (ରାଜସ୍ଥାନ)ର ମିଶ୍ର ଅଞ୍ଚଳରେ ରହିଥିବା ପୁରାତନ ପ୍ରସ୍ତର ସ୍ଥାନଗୁଡ଼ିକ କ'ଣ ଅଟେ ?

୪। ପ୍ରାଚୀନ ପ୍ରସ୍ତର ଯୁଗର ଧାର୍ମିକ ମଣିଷଙ୍କର ପୋଷକ କିପରି ଥିଲା ?

୫। ମଧ୍ୟ-ପ୍ରସ୍ତର ଯୁଗର ଧାର୍ମିକ ଜୀବନ କିପରି ଥିଲା ?

୬। ବୁର୍ଜାହୋମ୍ ସଭ୍ୟତା କେବେ ବିକଶିତ ହୋଇଥିଲା ?

୭। ତାମ୍ର ଯୁଗର ସୌଧ ନିର୍ମାଣ ପ୍ରଣାଳୀ କିପରି ଥିଲା ?

୮। ଦାଏମାବାଦ ଭଣ୍ଡାର ସମ୍ବନ୍ଧରେ ଉଲ୍ଲେଖ କର ।

୯ । ତାମ୍ରଯୁଗରେ ସହରୀ ସଭ୍ୟତାର ବିକାଶ କିପରି ହୋଇଥିଲା ?

୧୦ । ନୂତନ ପ୍ରସ୍ତର ଯୁଗ ସମୟର ଜୀବନ ଧାରଣ ପ୍ରଣାଳୀରେ ମିଶ୍ରିତ ଅର୍ଥନୀତିର ବୈଶିଷ୍ଟ୍ୟ କିପରି ଥିଲା ?

ଛଅଟି ବାକ୍ୟରେ ଉତ୍ତର ଲେଖ (୭୫ ଶବ୍ଦ ମଧ୍ୟରେ) ।

୧ । ଶିକାରୀ-ସଂଗ୍ରହକାରୀ ସମୟକାଳ ସମ୍ବନ୍ଧରେ ଲେଖ ।

୨ । ପୁରାତନ ପ୍ରସ୍ତର ଯୁଗର ଜୀବିକା ନିର୍ବାହ ଶୈଳୀ ସମ୍ବନ୍ଧରେ ଉଲ୍ଲେଖ କର ।

୩ । ମଧ୍ୟ-ପ୍ରସ୍ତର ଯୁଗ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର ।

୪ । ନୂତନ ପ୍ରସ୍ତର ଯୁଗର ଧାର୍ମିକ ବିଶ୍ୱାସ ସମ୍ବନ୍ଧରେ ଆଲୋଚନା କର ।

୫ । ନୂତନ ପ୍ରସ୍ତର ଯୁଗର ସଭ୍ୟତାର ପ୍ରଗତି ସମ୍ବନ୍ଧରେ ଏକ ବିଶଦ ବିବରଣୀ ପ୍ରଦାନ କର ।

୬ । ତାମ୍ରଯୁଗୀୟ ଗୈରିକ ମାଟିପାତ୍ର ସଂସ୍କୃତି ସମ୍ବନ୍ଧରେ ଉଲ୍ଲେଖ କର ।

୭ । ଦକ୍ଷିଣ ଭାରତୀୟ ତାମ୍ର ସଂସ୍କୃତି ସମ୍ବନ୍ଧରେ ବର୍ଣ୍ଣନା କର ।

୮ । ପଶ୍ଚିମ କେନ୍ଦ୍ରୀୟ ଏବଂ ପୂର୍ବ ଭାରତର ତାମ୍ର ସଂସ୍କୃତି ସମ୍ବନ୍ଧରେ ଆଲୋଚନା କର ।

୯ । ନୂତନ ପ୍ରସ୍ତର ଯୁଗରେ ଦକ୍ଷିଣ ଭାରତରେ କୃଷିକାର୍ଯ୍ୟର ସମୀକ୍ଷା ପ୍ରଦାନ କର ।

୧୦ । ନୂତନ ପ୍ରସ୍ତର ଯୁଗୀୟ ସାଂସ୍କୃତିକ ପର୍ଯ୍ୟାୟଗୁଡ଼ିକର ଏକ ବିବରଣୀ ପ୍ରଦାନ କର ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ (୫୦୦ ଶବ୍ଦ ମଧ୍ୟରେ) ।

୧ । ପୁରାତନ ପ୍ରସ୍ତର ଯୁଗ ସମ୍ବନ୍ଧରେ ଏକ ଆଲେଖ୍ୟ ପ୍ରସ୍ତୁତ କର ।

୨ । ନୂତନ ପ୍ରସ୍ତର ଯୁଗର ସଭ୍ୟତା ସମ୍ବନ୍ଧରେ ଉଲ୍ଲେଖ କର ।

୩ । ତାମ୍ର ଯୁଗର ସଭ୍ୟତା ସମ୍ବନ୍ଧରେ ଉଲ୍ଲେଖ କର ।

୪ । ପ୍ରାଚୀନ ମଣିଷ କିପରି ଭାବରେ କୃଷିକାର୍ଯ୍ୟର ଆରମ୍ଭ ଓ ଖାଦ୍ୟ ଉତ୍ପାଦନ କରିଥିଲା ସେ ସମ୍ବନ୍ଧରେ ଏକ ବିଶଦ ବିବରଣୀ ପ୍ରଦାନ କର ।

ତୃତୀୟ ଏକକ
UNIT - III

ହରପ୍ପା ସଭ୍ୟତା
(THE HARAPPAN CIVILIZATION)

(କ) ଉତ୍ପତ୍ତି : ବସତି ସ୍ଥାପନ ପଦ୍ଧତି ଏବଂ ନଗର ନିର୍ମାଣ ଯୋଜନା
Origin : Settlement Patterns and Town Planning

(ଖ) ଅର୍ଥନୈତିକ ଜୀବନ : କୃଷି, ହସ୍ତଶିଳ୍ପ, କାରିଗରି ଉତ୍ପାଦନ ଓ ବ୍ୟବସାୟ ବାଣିଜ୍ୟ
Economic Life : Agriculture, Craft Production and Trade

(ଗ) ସାମାଜିକ ଏବଂ ରାଜନୈତିକ ସଂଗଠନ : ଧର୍ମ ବିଶ୍ୱାସ ଓ ଧାର୍ମିକ କାର୍ଯ୍ୟ, କଳା ସ୍ଥାପତ୍ୟ, ଚାରୁକଳା, ମୋହର, ହରପ୍ପା ସଭ୍ୟତା ପତନର କାରଣ
Social and Political Organization : Religious Beliefs and Practices, Art, the problem of social-urban decline and the late /post-Harappan traditions

ହରପ୍ପା ସଭ୍ୟତା
(The Harappan Civilization)

ଖ୍ରୀ:ଅ: ୧୯୨୨-୨୪ରେ ସିନ୍ଧୁ ନଦୀ ସଭ୍ୟତାର ଆବିଷ୍କାର ପୂର୍ବରୁ ଭାରତୀୟ ଲୋକ ଏବଂ ସେମାନଙ୍କର ସଂସ୍କୃତି ଆର୍ଯ୍ୟମାନଙ୍କଠାରୁ ପ୍ରାୟ ଖ୍ରୀ:ପୂ: ୨୦୦୦ରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରାଯାଇଥିଲା । ଖ୍ରୀ:ପୂ: ୧୯୨୨-୨୪ରେ ଶ୍ରୀଯୁକ୍ତ ରାଖାଲ ଦାସ ବାନାର୍ଜି, ଶ୍ରୀଯୁକ୍ତ ଦୟାରାମ ସାହାଣୀ ଏବଂ ସାର୍ ଜନ୍ ମାର୍ଶାଲ୍ ମାଟିତଳେ ପୋତି ହୋଇ ରହିଥିବା ଏକ ଉନ୍ନତ ଓ ବିକାଶଶୀଳ ସଭ୍ୟତାର ସନ୍ଧାନ କରିଥିଲେ ସିନ୍ଧୁ ପ୍ରଦେଶର ମହେଞ୍ଜୋଦାରୋ, ପଶ୍ଚିମ ପଞ୍ଜାବର ହରପ୍ପା ଏବଂ ବେଲୁଚିସ୍ତାନ ଆଦି ଅଞ୍ଚଳରେ । ପ୍ରତ୍ନତାତ୍ତ୍ୱିକ ଖନନ ପରେ ଏହି ସଭ୍ୟତା ସମ୍ବନ୍ଧରେ ମିଳିଥିବା ଜ୍ଞାନ, ଜିନିଷ, ନଗର ନିର୍ମାଣ ଆଦି ଭାରତୀୟ ସଭ୍ୟତାର ଅୟମାରମ୍ଭକୁ ଅନ୍ତତଃ ଖ୍ରୀ:ପୂ: ୩୦୦୦ ପର୍ଯ୍ୟନ୍ତ ଟାଣି ନେଇଥିଲା । ଅତି ପ୍ରାଚୀନ ସଭ୍ୟତା ବିକଶିତ ହୋଇଥିବା ସୁମେର, ଆକ୍କାଦ୍, ବେବିଲୋନ୍, ଇଜିପ୍ଟ ଆଦି ସହିତ ସମ୍ମିଳିତ ହୋଇଥିଲା ।

(କ) ଉତ୍ପତ୍ତି : ବସତି ସ୍ଥାପନ ପଦ୍ଧତି ଏବଂ ନଗର ନିର୍ମାଣ ଯୋଜନା
(Origin : Settlement Patterns and Town Planning)

ହରପ୍ପା ସଭ୍ୟତାର ସମୟ

ହରପ୍ପା ସଭ୍ୟତାର ସମୟ ଯଦିଓ ବାଦାନୁବାଦମୂଳକ, ତଥାପି ବିଭିନ୍ନ ଶିଳାଲେଖ, ଲିପି ଓ ଛବିରୁ ଜଣାପଡ଼େ ଯେ, ଏହା ବୌଦ୍ଧ-କୁଶାଣ ସମୟର ପୂର୍ବବର୍ତ୍ତୀ ଥିଲା ଏବଂ ଲୋକମାନେ ଲୁହାର ବ୍ୟବହାର ଜାଣି ନଥିଲେ । ଲୁହାର ବ୍ୟବହାର ଖ୍ରୀ.ପୂ. ଦୁଇହଜାର ବର୍ଷ ପୂର୍ବେ ଜଣାଥିଲା ଏବଂ ଏହା ପରେ ପରେ ମେସୋପଟାମିଆ ସହରୀ ସଭ୍ୟତାର ଆବିର୍ଭାବ ହୋଇଥିଲା ଖ୍ରୀ:ପୂ: ୩ ହଜାର ବର୍ଷ ପୂର୍ବେ । ସାର୍ ଜନ୍ ମାର୍ଶାଲ୍‌ଙ୍କ ଗଣନା ଅନୁସାରେ ହରପ୍ପା ସଭ୍ୟତା ଖ୍ରୀ:ପୂ: ୫୫୦୦ରୁ ୩୫୦୦ (ପୁରାତନ ପ୍ରସ୍ତର ଯୁଗ) ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା । ବେଲୁଚିସ୍ତାନ ଓ ସିନ୍ଧୁ ଅଞ୍ଚଳର ମେହେରଗଡ଼ ଓ କଲି-ଗୁଲ୍-ମହମ୍ମଦ ଇତ୍ୟାଦି କେନ୍ଦ୍ର ହରପ୍ପା ସଭ୍ୟତାର ସନ୍ଧାନ ଦିଏ । କୃଷି ହରପ୍ପାବାସୀଙ୍କର ପ୍ରଧାନ ଜୀବିକା ଥିଲା । ଗହମ, ବାର୍ଲି, ଯବ ଓ ମକା ଇତ୍ୟାଦି ମୁଖ୍ୟ ଶସ୍ୟ ଥିଲା । ଗାଈ, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁ ଥିଲେ । ଗ୍ରାମ୍ୟ ଜୀବନ ମୁଖ୍ୟତଃ କୃଷି ଉପରେ ନିର୍ଭର ଥିଲା ।

ପ୍ରାଥମିକ ହରପ୍ପା ସମୟ ଖ୍ରୀ:ପୂ: ୩୫୦୦ ରୁ ୨୬୦୦ ମଧ୍ୟରେ ଆରମ୍ଭ ହୋଇଥିଲା । ଗ୍ରାମ୍ୟ ବିକାଶ ସହିତ ଚାଷ କାର୍ଯ୍ୟ ମୁଖ୍ୟ ଥିଲା । ପରେ ତମ୍ବାର ବ୍ୟବହାର ଦ୍ୱାରା ବିଭିନ୍ନ କାରୁକାର୍ଯ୍ୟମାନ ପ୍ରସ୍ତୁତ ହେଉଥିଲା । ଅଶ୍ୱତ୍ଥଗଛ, ଷଣ୍ଢ, ନାଗସାପ ଏବଂ ଶିଙ୍ଗଥିବା ପଶୁମାନେ ପୂଜିତ ହେଉଥିଲେ ।

ବିକଶିତ ହରପ୍ପା ସଭ୍ୟତା ଖ୍ରୀ:ପୂ: ୨୬୦୦ରୁ ୧୮୦୦ ମଧ୍ୟରେ ଆରମ୍ଭ ହୋଇ ଉନ୍ନତିର ଚରମ ସୋପାନରେ ପହଞ୍ଚିଥିଲା । ବୃହତ ସହରର ଆବିର୍ଭାବ ସାଙ୍ଗକୁ ଏକ ଜାତୀୟ ଇଟା, ଓଜନ, ପଥର ଓ କାରୁକାର୍ଯ୍ୟପୂର୍ଣ୍ଣ ମାଟିପାତ୍ର (ମାଠିଆ) ତଥା ସହର ଯୋଜନା ସହିତ ଦୂର ସ୍ଥାନକୁ ବାଣିଜ୍ୟ କାରବାର ଥିଲା ।

ପରବର୍ତ୍ତୀ ହରପ୍ପା ସଭ୍ୟତା ଖ୍ରୀ:ପୂ: ୧୮୦୦ରୁ ଶେଷ ପର୍ଯ୍ୟନ୍ତ କ୍ଷୟ-କ୍ଷତିର ସୀମାରେ ପହଞ୍ଚିଥିଲା, ସହରୀ ସଭ୍ୟତା ଉପରେ କ୍ଷତର ଚିହ୍ନ, ଲେଖା, ଗଢ଼ଣ ଇତ୍ୟାଦି ପରିତ୍ୟକ୍ତ ଅବସ୍ଥାକୁ ଆସିଯାଇଥିଲା । ସତ୍‌ଲେଜ-ଯମୁନା ନଦୀର ବିଭକ୍ତିକରଣଦ୍ୱାରା ଗ୍ରାମ୍ୟ ସଂସ୍କୃତି ଧ୍ୱଂସ ପାଇଯାଇଥିଲା । ହରପ୍ପା ସଭ୍ୟତାର ସଂସ୍କୃତି ଓ ପରମ୍ପରା ବିସ୍ମୃତିର ଅତଳ ଗର୍ଭରେ ହଜିଯାଇଥିଲା । ହରପ୍ପାବାସୀଙ୍କର ସ୍ୱତନ୍ତ୍ର କଳା ଓ ମାଟିପାତ୍ର ନିର୍ମାଣ କୌଶଳ ବିଲୀନ ହୋଇଯାଇଥିଲା ।

ହରପ୍ପା ସଭ୍ୟତା କୁହାଯିବାର ଯଥାର୍ଥତା

ଏଯାବତ୍ ହରପ୍ପା ସଭ୍ୟତା ସହିତ ସାମଞ୍ଜସ୍ୟ ଥିବା ୧୦୦୦ରୁ ଊର୍ଦ୍ଧ୍ୱ ବସତି ଆବିଷ୍କୃତ ହୋଇଅଛି । ଏହି ସଭ୍ୟତା କେବଳ ସିନ୍ଧୁନଦୀ କୂଳରେ ଗଢ଼ି ଉଠି ନଥିଲା, ବରଂ ଏହା ଭାରତ ଓ ଭାରତ ବାହାରେ ମଧ୍ୟ ପରିବ୍ୟାପ୍ତ ଥିଲା । ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ଏହାର ବିସ୍ତୃତି ସମ୍ପର୍କରେ ପ୍ରମାଣ ମିଳିଅଛି । ସହରର ନାମ ହରପ୍ପା ସଭ୍ୟତା ରଖାଯାଇଅଛି । ଲେଖାଗୁଡ଼ିକ ଅସ୍ପଷ୍ଟ ତଥା ପଢ଼ିବା ପାଇଁ ଅନୁପଯୁକ୍ତ ହୋଇଥିବାରୁ ହରପ୍ପାବାସୀଙ୍କ ବାବଦରେ ବିଶେଷ ଅନୁମାନ କରିବା କଷ୍ଟସାଧ୍ୟ ଥିଲା । ତେଣୁ ନୂତନ ନାମ ଅନୁସାରେ ଅଧିବାସୀମାନଙ୍କୁ ହରପ୍ପାନ୍ ବୋଲି କୁହାଯାଉଥିଲା । ହରପ୍ପା, ଯେଉଁଠାରେ ଅତୀତ ହଜିଲା ସଭ୍ୟତାର ପ୍ରମାଣ ରହିଅଛି, ତାହା ପ୍ରଥମ ଥର ପାଇଁ ଭୂଖନନ ଦ୍ୱାରା ସମ୍ମୁଖକୁ ଅଣାଯାଇଅଛି ।

ଅତୀତ ଇତିହାସ

ଆମ୍ଭେ ଯେତେବେଳେ ହରପ୍ପା ସଭ୍ୟତା କହୁ-ଏହା ଅନେକ ସଂଖ୍ୟାରେ ନଗରୀ, ସହର ଓ ଗ୍ରାମରେ ପରିପୂର୍ଣ୍ଣ ଥିଲା ଖ୍ରୀ:ପୂ: ୩୦୦୦ ବର୍ଷ ପୂର୍ବେ । ଏହାର ଭୌଗୋଳିକ ସୀମାର ଦୂରତ୍ୱ ରାଜସ୍ଥାନ, ପଞ୍ଜାବ, ଗୁଜୁରାଟ ଓ ପାକିସ୍ତାନ ସୀମାକୁ ଛୁଇଁ ପାରିଥିଲା ।

ହରପ୍ପା ସଭ୍ୟତାର ଆଦ୍ୟ ସମୟର ସ୍ଥାନ ସମୂହ

କୃଷି ଓ ଅନ୍ୟାନ୍ୟ କେନ୍ଦ୍ରମାନଙ୍କର ଭିତ୍ତିଭୂମି

ବର୍ତ୍ତମାନର ପାକିସ୍ତାନ ଏବଂ ଉତ୍ତର-ପଶ୍ଚିମ ଭାରତ, ହରପ୍ପା ସଭ୍ୟତାର ମୁଖ୍ୟ କେନ୍ଦ୍ର ଥିଲା । ଏ ସମସ୍ତ ଅଞ୍ଚଳ ଶୁଷ୍କିଲା ତଥା ସ୍ୱଳ୍ପ ବୃଷ୍ଟିପାତ ସ୍ଥାନ ରୂପେ ପରିଗଣିତ ହେଉଥିଲା; କିନ୍ତୁ ଅନ୍ୟାନ୍ୟ ସ୍ଥାନ ଯଥା - ପଞ୍ଜାବ ଓ ସିନ୍ଧୁ ଅଞ୍ଚଳ ସିନ୍ଧୁନଦୀର ଉର୍ବର ପଟୁମାଟି ଦ୍ୱାରା ସୁଜଳା-ସୁଫଳା ଓ ଶସ୍ୟ-ଶ୍ୟାମଳା ଥିଲା । ବେଲୁଚିସ୍ତାନ ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ଏହାର ଉତ୍ତରାଞ୍ଚଳ କିଛିଟା ଚାଷ କାମ ପାଇଁ ଉପଯୁକ୍ତ ଥିଲା । କୃଷି ଉପରେ ନିର୍ଭର କରୁଥିବା ଲୋକମାନେ ସେମାନଙ୍କର ଗୃହପାଳିତ ପଶୁମାନଙ୍କ ସହିତ ବିଭିନ୍ନ ସ୍ଥାନକୁ ଚାରଣଭୂଇଁ ଅନ୍ୱେଷଣରେ ସ୍ଥାନାନ୍ତରିତ ହେଉଥିଲେ । ପାହାଡ଼ିଆ ଅଞ୍ଚଳରେ ଥିବା ଖାଇବର ଗିରିପଥ, ଗୋମାଲ ଓ ବୋଲାନ୍ ସେମାନଙ୍କର ମୁଖ୍ୟ ପ୍ରବେଶ ପଥ ଥିଲା । ବିଭିନ୍ନ ଜାତିର ଲୋକମାନଙ୍କର ମିଳନ ଓ ସହାବସ୍ଥାନ କୃଷି ତଥା ବ୍ୟବସାୟରେ ସେମାନଙ୍କୁ ନୂତନ ଦିଗନ୍ତ ଦେଖାଉଥିଲା । ଇରାକ୍ ଓ ଇରାନ୍‌ରେ କୃଷିକାର୍ଯ୍ୟ ଖ୍ରୀ:ପୂ: ଆଠ ହଜାର ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । ଏସମସ୍ତ ନୂତନ ଛୋଟ ଛୋଟ ସହର ସୃଷ୍ଟି କରିବା ସହିତ ପୁରାତନ ହରପ୍ପାର ଚିତ୍ର ବହନ କରୁଥିଲା ।

ପ୍ରାଚୀନ ହରପ୍ପା ସମୟ

ପ୍ରଥମେ ଆମେ ଆଲୋଚନା କରିବା ହରପ୍ପା ସଭ୍ୟତାର ବହୁ ପୂର୍ବରୁ ସୃଷ୍ଟି ହୋଇଥିବା କେତେକ ବସତି ବିଷୟରେ । ଅନେକ ଐତିହାସିକ ଏହାକୁ ପ୍ରାଚୀନ କିମ୍ବା ପ୍ରାଥମିକ ହରପ୍ପା ସମୟର ବୋଲି ଆଖ୍ୟାୟିତ କରିଥାନ୍ତି, କାରଣ ହରପ୍ପା ସଂସ୍କୃତି ସହିତ ଉକ୍ତ ବସତିମାନଙ୍କର ସାଂସ୍କୃତିକ ଏକତା ଦେଖିବାକୁ ମିଳେ ।

ହରପ୍ପା ସଭ୍ୟତାର ଅଗ୍ରଗତି

ହରପ୍ପା ସଭ୍ୟତା ବିସ୍ମୃତିର ଅତଳ ଗର୍ଭରେ ଲୀନ ହୋଇଯାଇଅଛି । ଯେହେତୁ ଛବି ଲେଖା ପଢ଼ିବା କଷ୍ଟକର ଅଟେ ତଥାପି ଖନନ ଫଳରେ ନୂଆ ନୂଆ ତଥ୍ୟ ଜଣା ପଡ଼ିବ । ବର୍ତ୍ତମାନର ପାକିସ୍ତାନ ଏବଂ ଉତ୍ତର-ପଶ୍ଚିମ ଭାରତ, ହରପ୍ପା ସଭ୍ୟତାର ମୁଖ୍ୟ କେନ୍ଦ୍ର ଥିଲା । ଏ ସମସ୍ତ ଅଞ୍ଚଳ ଶୁଷ୍କ ତଥା ସ୍ୱଳ୍ପ ବୃଷ୍ଟିପାତ ସ୍ଥାନ ଭାବେ ପରିଗଣିତ ହେଉଥିଲା । ସିନ୍ଧୁ ନଦୀର ଉର୍ବର ପଟୁମାଟିଦ୍ୱାର ଏହା ଶସ୍ୟଶ୍ୟାମଳା ଥିଲା । ଏହାର ଅଧିବାସୀମାନେ କୃଷି ଓ ପଶୁପାଳନ ସହିତ ବିଭିନ୍ନ ହସ୍ତ ଦ୍ରବ୍ୟ ନିର୍ମାଣ କରୁଥିଲେ । ଗ୍ରାମଗୁଡ଼ିକ ମୁଖ୍ୟ କେନ୍ଦ୍ର ଥିଲା ଏବଂ ବଳକା ଶସ୍ୟ ସହରକୁ ପଠାଯାଉଥିଲା । ବିଭିନ୍ନ ସମୟରେ ଯାଯାବର ଦଳ ଗୋଚର ଖୋଜିବା ଅନ୍ୱେଷଣରେ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହେଉଥିଲେ ଏବଂ ନିଜ ଭିତରେ ଲଢ଼େଇ ମଧ୍ୟ କରୁଥିଲେ । ଆହୁରି ମଧ୍ୟ ଜଣାଯାଏ ଯେ, ହରପ୍ପା ସଭ୍ୟତା ଆରମ୍ଭ ପୂର୍ବରୁ କୋଟଡିଜି ଓ କାଳିବାଙ୍ଗାନର କେତେକ ଅଂଶ ଅଗ୍ନି ଦ୍ୱାରା ଧ୍ୱଂସ ପାଇଯାଇଥିଲା । ବିଭିନ୍ନ ଜାତିର ଲୋକମାନଙ୍କର ମିଳନ ଓ ସହାବସ୍ଥାନ କୃଷି ତଥା ବ୍ୟବସାୟରେ ସେମାନଙ୍କୁ ନୂତନ ଦିଗନ୍ତ ଦେଖାଇଥିଲା । ତେଣୁ ବିକଶିତ ହରପ୍ପା ସଭ୍ୟତା ଏକା ସମୟରେ ଆରମ୍ଭ ହୋଇ ନଥିଲା । ଏହା ବହୁତ ସମୟ ବ୍ୟବଧାନରେ ପୂର୍ଣ୍ଣାଙ୍ଗ ସଭ୍ୟତାରେ ପରିଣତ ହୋଇଥିଲା ।

ଗ୍ରାମରୁ ସହର ଏବଂ ନଗର

ହରପ୍ପା ସଭ୍ୟତା ଗ୍ରାମରୁ ସହର ଏବଂ ପରିଶେଷରେ ନଗରୀ ସଭ୍ୟତାରେ ପରିଣତ ହୋଇଅଛି । ଏହାର କଳା, କୌଶଳ ଏବଂ ଦୂର ବାଣିଜ୍ୟ ଆମକୁ ନଗରୀ ସଭ୍ୟତାର ଚିତ୍ର ପ୍ରଦାନ କରେ । ସମାଜରେ ଧନୀ-ଦରିଦ୍ର ଏବଂ ଶାସକ ଗୋଷ୍ଠୀ ଥିବାର ଅନୁମାନ କରାଯାଏ । ଏହି ସଭ୍ୟତାରେ ଶିଳା-ଲିପି ଥିଲା ଏବଂ ଓଜନ-ମାପ ପଦ୍ଧତି ମଧ୍ୟ ବ୍ୟବହୃତ ହେଉଥିଲା । ତମ୍ବା ଓ ବ୍ରୋଞ୍ଜର ଧାତୁ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହେଉଥିଲା । ସହରର କୋଠାବାଡ଼ି, ଦୁର୍ଗ ଏବଂ ଅନ୍ୟାନ୍ୟ ବସ୍ତୁ ଆମକୁ ସହରୀ ସଭ୍ୟତାର ପରିଚୟ ଦିଏ । କାରୁକାର୍ଯ୍ୟପୂର୍ଣ୍ଣ କଳା-କୌଶଳ ଏବଂ ହସ୍ତନିର୍ମିତ ମାଟିପାତ୍ର, ଗଛ, ପଶୁ-ପକ୍ଷୀ ଇତ୍ୟାଦି ହରପ୍ପା ସଭ୍ୟତାର ପ୍ରମାଣ ସ୍ୱରୂପ ରହିଆସିଛି ।

ହରପ୍ପା ସଭ୍ୟତାର ପ୍ରମାଣ

୧୯୨୧-୨୨ ଖ୍ରୀଷ୍ଟାବ୍ଦରେ ଭାରତ ସରକାରଙ୍କର ପ୍ରତ୍ନତତ୍ତ୍ୱବିତ୍‌ମାନେ ମାଟି ଖନନ କରିବା ଫଳରେ ଉକ୍ତ ଦୁଇ ସଭ୍ୟତା ବାବଦରେ ଆମ୍ଭେ ଅନେକ ତଥ୍ୟ ପାଇଅଛୁ । ସାର୍ ଜନ୍ ମାର୍ଶାଲ୍ ଏବଂ ସାର୍ ମର୍ଟିମର୍ ହୁଇଲର୍ ଉକ୍ତ ଖନନ କାର୍ଯ୍ୟର ଦାୟିତ୍ୱ ସମ୍ପାଦିତ କରିଅଛନ୍ତି । ବର୍ତ୍ତମାନ ସୁଦ୍ଧା ଏହାର ୧୦୦୦ ଗୋଟି କେନ୍ଦ୍ର ଆବିଷ୍କୃତ ହୋଇଅଛି ଏବଂ ଆହୁରି ଅନେକ କେନ୍ଦ୍ର ସୁପ୍ତ ଅବସ୍ଥାରେ ଅଛି, ଯାହାକୁ ଖନନ କରାଗଲେ ନୂତନ ତଥ୍ୟମାନ ମିଳିପାରିବ । ଉକ୍ତ ସଭ୍ୟତା ସିନ୍ଧୁନଦୀ ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ବର୍ଷ ପୂର୍ବେ ସ୍ଥାପିତ ହୋଇଥିଲା । ଏମିତି କେତେକ କେନ୍ଦ୍ର ଯାହା ହାକ୍ରା ଉପତ୍ୟକା ଏବଂ ପଞ୍ଜାବର ଫୁରୁକ୍‌ସିଆନ୍‌ଠାରେ ଦେଖିବାକୁ ମିଳେ ତାହା ମହେଞ୍ଜୋଦାରୋ ଭଳି ବୃହତ୍ ଆକୃତିବିଶିଷ୍ଟ ଅଟେ; ମାତ୍ର ପାକିସ୍ତାନ ସରକାରଙ୍କର ସମ୍ବଳ ଅଭାବରୁ ଖନନ କାର୍ଯ୍ୟ ହୋଇପାରୁନାହିଁ ।

ଭୌଗୋଳିକ ବିସ୍ତୃତି

ପ୍ରତ୍ନତାତ୍ତ୍ୱିକମାନେ ବିଶ୍ୱାସ କରନ୍ତି ଯେ, ହରପ୍ପା, ଘାଘରା ଏବଂ ମହେଞ୍ଜୋଦାରୋ ସଭ୍ୟତାର ମୁଖ୍ୟ ସ୍ଥଳୀ ଥିଲା । ହିମାଳୟର ବରଫ ତରଳିବା ସହିତ ମୌସୁମୀ ବର୍ଷା ଏହି ଅଞ୍ଚଳରେ ବନ୍ୟା ସୃଷ୍ଟି କରିଥିଲା । କାଚି, ମଞ୍ଚାର ଓ ବୋଲାନ୍ ଗିରିପଥ ସୃଷ୍ଟି ହେବା ସହିତ ଆଫଗାନିସ୍ତାନର ସୋରତୁଗାହୀ ମୁଖ୍ୟ ସ୍ରୋତରୁ ବିଛିନ୍ନ ହୋଇଯାଇଥିଲା । ତଥାପି ଏହା ଏକ ବୃହତ୍ ସଭ୍ୟତା ଥିଲା, ଯାହାକି ନୀଳନଦୀ ଓ ମେସୋପଟାମିଆ ସଭ୍ୟତାଠାରୁ ଅଧିକ ବ୍ୟାପ୍ତ ଥିଲା ।

ଗୁଜୁରାଟର କଚ୍ଛ ଓ କାଥିଆବାଡ୍, ହରପ୍ପା ସଭ୍ୟତାର ପ୍ରମାଣ ଦିଏ ଏବଂ ଧାନ ଓ ମକାଜାତୀୟ ଶସ୍ୟ ସହିତ ସେମାନେ ପରିଚିତ ଥିଲେ । ଦ୍ରୁତ ଯାନ ହିସାବରେ ବଳଦଗାଡ଼ି ମୁଖ୍ୟତଃ କାର୍ଯ୍ୟ ନିର୍ବାହ କରୁଥିଲା । ଲୁହାର ବ୍ୟବହାର ଯଦିଓ ଜଣା ନଥିଲା ତଥାପି ହଳ-ଲଙ୍ଗଳରେ ଚାଷକାର୍ଯ୍ୟ କରାଯାଇ କୃଷିଜାତ ଦ୍ରବ୍ୟମାନ ଉତ୍ପନ୍ନ କରାଯାଉଥିଲା । ନୂତନ କେନ୍ଦ୍ରମାନ ଆବିଷ୍କୃତ ହେଲେ ଏହି ସଭ୍ୟତା ସଂପର୍କରେ ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ ।

ମନରେ ସ୍ୱତଃ ପ୍ରଶ୍ନ ଆସେ- କାହିଁକି ହରପ୍ପାବାସୀ ସୁଦୂର ଆଫଗାନିସ୍ତାନ ଏବଂ ଗୁଜୁରାଟରେ ନିଜର କେନ୍ଦ୍ରମାନ ପ୍ରତିଷ୍ଠା କରିବା ପାଇଁ ତତ୍ପର ହୋଇଉଠିଥିଲେ । ଏହାର ଉତ୍ତର ପାଇବା ପାଇଁ ଆମକୁ ହରପ୍ପା ସଭ୍ୟତା ବାବଦରେ ସମ୍ୟକ୍ ଆଲୋଚନା କରିବାକୁ ପଡ଼ିବ । ୧୯୨୧ ମସିହାରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସଂସ୍ଥାର ଆନୁକୂଲ୍ୟରେ ଭୂଖନନ କରାଯାଇ ପ୍ରଥମେ ପଶ୍ଚିମ ପଞ୍ଜାବର ରାବୀ ନଦୀର ବାମପାର୍ଶ୍ୱରେ ଅବସ୍ଥିତ ମଣ୍ଟଗୋମରୀ ଜିଲ୍ଲାର ହରପ୍ପା ଏବଂ ଏହାପରେ ସିନ୍ଧୁପ୍ରଦେଶର ଲାରକାନ ଜିଲ୍ଲାର ସିନ୍ଧୁନଦୀର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ମହେଞ୍ଜୋଦାରୋ ସଭ୍ୟତାକୁ ଆବିଷ୍କାର କରାଯାଇଥିଲା । ସାର୍ ଜନ୍ ମାର୍ଶାଲ, ରାଖାଲ ଦାସ ବାନାର୍ଜୀ ଏବଂ ଦୟାରାମ ସାହାଣୀଙ୍କ ପରି ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କର ପ୍ରଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇପାରିଥିଲା ।

୧୯୪୬ ମସିହାରେ ସାର୍ ମର୍ଟିମର୍ ହୁଇଲର୍ ପୁଣି ସେଠାରେ ଭୂଖନନ କାର୍ଯ୍ୟ କରାଇଥିଲେ । ସର୍ବପ୍ରଥମେ ହରପ୍ପାରୁ ଆବିଷ୍କୃତ ଏହି ସଭ୍ୟତାର ସାମଞ୍ଜସ୍ୟ ପ୍ରତ୍ୟେକ ସ୍ଥାନରେ ପରିଲକ୍ଷିତ ହୋଇଥିଲା । ହରପ୍ପା ସଭ୍ୟତାର ଧ୍ୱଂସାବଶେଷ ଦୀର୍ଘ ତିନି ମାଇଲ୍ ଯାଏ ପରିବ୍ୟାପ୍ତ ଅଟେ । ଏହାକୁ ଅଧିକ ବିଶ୍ଳେଷଣ କଲେ ଜଣାଯାଏ ଯେ, ଏହି ସଭ୍ୟତାର କିଛି ଲୋକ ଖାଦ୍ୟ ଉତ୍ପାଦନ ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିମଗ୍ନ ଥିଲେ ଓ ସେମାନେ ଶାସନ-ବ୍ୟବସ୍ଥା, ବାଣିଜ୍ୟ-ବ୍ୟବସାୟ, କାରିଗରି ବିଦ୍ୟା ଓ ଧର୍ମବାବଦୀୟ ଧନ୍ଦାରେ ନିଜକୁ ନିୟୋଜିତ କରୁଥିଲେ । ଉତ୍ପାଦନ ଅପେକ୍ଷା ବ୍ୟବସାୟରେ ହରପ୍ପାବାସୀ ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ । ଏହାର ପରିବ୍ୟାପ୍ତି ମଧ୍ୟ-ଏସିଆ, ଆଫଗାନିସ୍ତାନ ଓ ଜାମ୍ମୁ ଯାଏ ଲମ୍ବି ଯାଇଥିଲା । ଏହାର ପୂର୍ବସୀମା କାର୍‌ଗାଓ, ମାନ୍‌ପୁର ଏବଂ ଉତ୍ତରପ୍ରଦେଶର ଆଲମ୍‌ଗିରିଯାଏ ବିସ୍ତୃତ ଥିଲା । ପଶ୍ଚିମରେ ଏହା ସୁତ୍‌କାଜେନ୍‌ଡୋର୍ ଏବଂ ବେଲୁଚିସ୍ତାନର ଶୁଷ୍କ ଅଞ୍ଚଳ ଯାଏ ପରିବ୍ୟାପ୍ତ ଥିଲା ।

ଦକ୍ଷିଣରେ ଏହା ମହାରାଷ୍ଟ୍ରର ଦାଏମାବାଦ ଏବଂ ଗୁଜୁରାଟର ଭଗତ୍ରଭ୍ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ଗୁଜୁରାଟର ହରପ୍ପାବାସୀମାନେ ଧାନ ତଥା ଡାଲିଜାତୀୟ ଫସଲ ସହିତ ପରିଚିତ ଥିଲେ । ଐତିହାସିକମାନେ ବିଶ୍ୱାସ କରନ୍ତି ଯେ, ଏହା ହରପ୍ପା ସଭ୍ୟତାର ବୃହତ୍ ନଗରୀ ଥିଲା । ଏହି ସଭ୍ୟତା ମେସୋପଟାମିଆ ଓ ଇଜିପ୍ଟ୍ ସଭ୍ୟତାଠାରୁ ବୃହତ୍ ଥିଲା ।

ନଗର ପରିକଳ୍ପନା

ସିନ୍ଧୁନଦୀ ଉପତ୍ୟକାର ସଭ୍ୟତା ମୁଖ୍ୟତଃ ନଗରଭିତ୍ତିକ ଥିଲା । ଏହି ସଭ୍ୟତା ଛୋଟ ଓ ବଡ଼ ସହର ଯଥା– ହରପ୍ପା, ମହେଞ୍ଜୋଦାରୋ, କାଲିବାଙ୍ଗାନ୍, ଲୋଥାଲ୍, ଚନହୁଦାରୋ ଆଦିକୁ ନେଇ ଗଢ଼ି ଉଠିଥିଲା । ପ୍ରତ୍ନତାତ୍ତ୍ୱିକ ଖନନରୁ ବର୍ତ୍ତମାନ ସୁଦ୍ଧା ମିଳିଥିବା ସହରଗୁଡ଼ିକ ଅତ୍ୟନ୍ତ ଉନ୍ନତ ଧରଣର ନଗର ନିର୍ମାଣ ପରିଯୋଜନା, ରାସ୍ତା ଓ ନର୍ଦ୍ଦମା ପ୍ରଣାଳୀ, ପରିମଳ, ସୁରକ୍ଷା ଓ ଆଲୋକ ବ୍ୟବସ୍ଥାର ସାକ୍ଷ୍ୟ ବହନ କରୁଛି । ନଗରଗୁଡ଼ିକ ଏହି ସଭ୍ୟତାର ପ୍ରାଣକେନ୍ଦ୍ର ଥିଲେ । ନଗରଗୁଡ଼ିକର ପରିଯୋଜନା ଏକ ଗଣତାନ୍ତ୍ରିକ ମଧ୍ୟବିତ୍ତ ଅର୍ଥନୀତି ପ୍ରତିଷ୍ଠିତ ଥିବାର ପ୍ରମାଣ ଦେଉଛି । ନଗରଗୁଡ଼ିକ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ନଗରର ଉପର ଅଂଶ ଦୁର୍ଗୀଭୂତ ହୋଇଥିଲା । ସମ୍ଭବତଃ ଉକ୍ତ ସୁରକ୍ଷିତ ଦୁର୍ଗ ମଧ୍ୟରେ ଶାସକବର୍ଗ ରହୁଥିଲେ । ସହରର ଅନ୍ୟ ଅଂଶ ଅର୍ଥାତ୍ ନିମ୍ନାଞ୍ଚଳରେ ଜନସାଧାରଣ ବାସ କରୁଥିଲେ । ସାଧାରଣତଃ ସହରର ନିମ୍ନାଞ୍ଚଳ ଏକ ବର୍ଗ ମାଇଲ୍ ଅଞ୍ଚଳ ମଧ୍ୟରେ ପରିବ୍ୟାପ୍ତ ଥିଲା । ମୁଖ୍ୟ ରାସ୍ତାଗୁଡ଼ିକ ଉତ୍ତରରୁ ଦକ୍ଷିଣକୁ ଏବଂ ପୂର୍ବରୁ ପଶ୍ଚିମକୁ ଗତି କରୁଥିଲେ ତଥା ପରସ୍ପରକୁ ୯୦°ରେ ଛେଦନ କରୁଥିଲେ । ମୁଖ୍ୟ ରାସ୍ତାଗୁଡ଼ିକ ୯ ଫୁଟରୁ ୩୪ ଫୁଟ ପର୍ଯ୍ୟନ୍ତ ଓସାର ଥିଲେ । ସେଗୁଡ଼ିକ ଏକ ମାଇଲ୍ ପର୍ଯ୍ୟନ୍ତ ସିଧା ଲମ୍ବି ଯାଇଥିଲେ, ଯାହାକି ଶଗଡ଼ ଚଳପ୍ରଚଳ ପାଇଁ ସୁବିଧା ହେଉଥିଲା । ଆବାସିକ ଅଞ୍ଚଳରୁ ଲମ୍ବି ଆସିଥିବା ସମସ୍ତ ଗଳିରାସ୍ତା ମୁଖ୍ୟ ରାସ୍ତାରେ ମିଶିଥିଲେ । ପ୍ରତ୍ୟେକ ଗଳିରେ ଗୋଟିଏ କରି ସର୍ବସାଧାରଣ କୂଅ ରହିଥିଲା । ଗଳି ରାସ୍ତାଗୁଡ଼ିକରେ ଉତ୍ତମ ଆଲୋକ ବ୍ୟବସ୍ଥା କରାଯାଇଥିଲା । ଘରଗୁଡ଼ିକ ତିନିଗୋଟି ଶ୍ରେଣୀରେ ବିଭକ୍ତ କରାଯାଏ; ଯଥା– ସାଧାରଣ ଲୋକଙ୍କ ରହିବାଘର, ବିଶାଳ ସୌଧ ଏବଂ ବୃହତ୍ ସ୍ନାନାଗାର । କେତେକ ଘର ଦ୍ୱିତଳ ଅଥବା ବହୁତଳବିଶିଷ୍ଟ ଥିଲା । ଉପରକୁ ଉଠିବା ପାଇଁ ସିଡ଼ି ରହିଥିଲା । ଛାତଗୁଡ଼ିକ ଚଟକା ଥିଲା ତଥା ସାଧାରଣତଃ କାଠଦ୍ୱାରା ନିର୍ମିତ ହୋଇଥିଲା । ପ୍ରବେଶ ଦ୍ୱାରଗୁଡ଼ିକ ସମ୍ମୁଖ କାନ୍ଥ ପରିବର୍ତ୍ତେ ପାର୍ଶ୍ୱ କାନ୍ଥରେ ରହିଥିଲା । ସେଗୁଡ଼ିକରେ କବାଟ ଲାଗିଥିଲା । ଘରର ବାସିନ୍ଦାମାନେ ସମ୍ମୁଖ ରାସ୍ତା ପରିବର୍ତ୍ତେ ପାର୍ଶ୍ୱ ଗଳିରୁ ଘରକୁ ପ୍ରବେଶ କରୁଥିଲେ । କବାଟଗୁଡ଼ିକ କାଠରେ ତିଆରି ହୋଇଥିଲା । ବିଶାଳ ସୌଧଗୁଡ଼ିକର ପ୍ରବେଶଦ୍ୱାର ଅଧିକ ଓସାର ଥିଲା । ବଡ଼ ଘରଗୁଡ଼ିକରେ ଅଳିନ୍ଦ ରହିଥିଲା । ଛୋଟ ଘରଗୁଡ଼ିକରେ ଦୁଇଟି ଲେଖାଏଁ କୋଠରି (ବଖରା) ରହିଥିବାବେଳେ ବଡ଼ ଘରଗୁଡ଼ିକରେ ଅନେକଗୁଡ଼ିଏ କୋଠରି ରହିଥିଲା । ଘରଗୁଡ଼ିକର ସ୍ଥାପତ୍ୟଶୈଳୀ କଳାତ୍ମକ ଥିଲା । ଘରଗୁଡ଼ିକ ଆଳଙ୍କାରିକ ନ ଥିଲା । ସେଗୁଡ଼ିକ ସାଦାସିଧା, ଉପଯୋଗୀ ଏବଂ ଆରାମଦାୟକ ଥିଲା । ପ୍ରତ୍ୟେକ ଘରେ ଗାଧୁଆ ଘର, ରୋଷେଇ ଘର, କୂଅ, ଘୋଡ଼ା ହୋଇଥିବା ନର୍ଦ୍ଦମା ରହିଥିଲା । ନର୍ଦ୍ଦମାଗୁଡ଼ିକ ପ୍ରତ୍ୟେକ ଘରୁ ବାହାରି ଗଳିରାସ୍ତା କଡ଼ର ନର୍ଦ୍ଦମାରେ ପଡ଼ିଥିଲା । ନଗରର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଉନ୍ନତ ଥିଲା ।

ହରପ୍ପା ସଭ୍ୟତାର ନଗର ପରିକଳ୍ପନା ବାସ୍ତବିକ ମନଲୋଭା ଥିଲା । ଏକ ଦକ୍ଷ ସ୍ଥପତିର ନିର୍ଦ୍ଦେଶନାରେ, ସତେ ଅବା ଏହା ସୃଷ୍ଟି ହୋଇଥିଲା । ନଗରର ସାଜସଜ୍ଜା ଥିଲା ଅଭିନବ । ରାସ୍ତାଘାଟ, ଗୃହ, ସ୍ନାନାଗାର, ନର୍ଦ୍ଦମା ଓ ଶସ୍ୟାଗାର-ପ୍ରତ୍ୟେକ କ୍ଷେତ୍ରରେ ସିନ୍ଧୁ ସଭ୍ୟତାର ଅଧିବାସୀମାନେ ଉତ୍କର୍ଷତାର ଜ୍ୱଳନ୍ତ ନିଦର୍ଶନ ପ୍ରଦର୍ଶନ କରିଥିଲେ । ସେମାନଙ୍କର ନଗର ପରିକଳ୍ପନାର ଚିନ୍ତାଧାରା ଉନ୍ନତ ଥିଲା ଓ ଆଧୁନିକ ଶୈଳୀରେ ଭରପୂର ହୋଇଥିଲା । ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ (ମର୍ଟିମର ହୁଇଲର୍ ଏବଂ ଷ୍ଟୁଆର୍ଟ ପିଗଟ୍) ମତରେ ନଗର ପରିକଳ୍ପନା ହରପ୍ପାବାସୀଙ୍କର

ଏକତାବଦ୍ଧତାର ପରିଚୟ ଦିଏ । ନଗରୀ ଦୁର୍ଗରୂପକ ସଭ୍ୟତାର ଗୋଟାଏ ପାର୍ଶ୍ୱରେ ଶାସକ ଗୋଷ୍ଠୀ ଅବସ୍ଥାନ କରୁଥିବା ସମୟରେ, ଅନ୍ୟ ପାର୍ଶ୍ୱରେ ଶାସିତ ଗୋଷ୍ଠୀ ଓ ଗରିବ ଶ୍ରେଣୀର ପ୍ରଜାମାନେ ରହୁଥିଲେ । ଗୃହ, ମନ୍ଦିର, ଶସ୍ୟାଗାର ଏବଂ ସହରୀ ସଭ୍ୟତାର ସାମଞ୍ଜସ୍ୟତା ହରପ୍ପା, ମହେଞ୍ଜୋଦାରୋ ଏବଂ କାଳିବାଙ୍ଗାନ ତଥା ଏହାର କେନ୍ଦ୍ରମାନଙ୍କରେ ପରିଲକ୍ଷିତ ହେଉଥିଲା ।



ମାଟି / କାଦୁଅ ତିଆରି ଇଟାର କାନ୍ଥ

ପ୍ରତ୍ୟେକ ନଗରକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଉଥିଲା । ଦୁର୍ଗମାନ ଉଚ୍ଚସ୍ଥାନରେ ନିର୍ମିତ ହୋଇଥିଲା । ନଗରର ଚତୁଃପାର୍ଶ୍ୱରେ ପାଚେରି ଘେରି ରହିଥିଲା ଏବଂ ଏହା ପୋଡ଼ା ଇଟାରେ ନିର୍ମିତ ହୋଇଥିଲା । ବାହ୍ୟଶତ୍ରୁ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା । ସିନ୍ଧୁ ପ୍ରଦେଶର କୋଟଡିଜି ଏବଂ ଆମ୍ରି କେନ୍ଦ୍ରର ଚତୁଃପାର୍ଶ୍ୱରେ ପାଚେରି ନଥିବା ସ୍ଥଳେ, ଲୋଥାଲ୍ (ଗୁଜୁରାଟ) କେନ୍ଦ୍ରର ନଗର ପରିକଳ୍ପନା ପାଚେରି ଥିବାର ପ୍ରମାଣ ଦିଏ । ସୁର୍କୋଟାଡା (କଚ)ର କୋଠାବାଡ଼ି କାଦୁଅ ତିଆରି ଇଟାରେ ନିର୍ମିତ ହେବାର ପ୍ରମାଣ ଦିଏ ।

ନିଷ୍କାସନ ବ୍ୟବସ୍ଥା

ହରପ୍ପା ସଭ୍ୟତାର ଅନ୍ୟତମ ଆକର୍ଷଣ ଥିଲା ନିଷ୍କାସନ ବ୍ୟବସ୍ଥା । ଏହି ସଭ୍ୟତାର ଅଧିବାସୀମାନେ ପରିମଳ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱାରୋପ କରୁଥିଲେ । ସହରର ଦୂଷିତ ପାଣି ଏବଂ ଆବର୍ଜନା ନିଷ୍କାସନ କରିବା ପାଇଁ ସେମାନେ ବିଧିବଦ୍ଧ ପଦକ୍ଷେପ ନେଇଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ସଂଯୋଜିତ ହୋଇ ବଡ଼ ବଡ଼ ନାଳମାନ ପୋଡ଼ା ଇଟାରେ ନିର୍ମିତ ହେଉଥିଲା ଏବଂ ଏହା ସହର ବାହାରେ ଥିବା କୁଣ୍ଡରେ ପଡୁଥିଲା; ଫଳରେ ଦୁର୍ଗନ୍ଧକୁ ରୋକାଯିବା ସହିତ ସହରକୁ ପ୍ରଦୂଷଣମୁକ୍ତ କରାଯାଇପାରୁଥିଲା ।

ହରପ୍ପା, ମହେଞ୍ଜୋଦାରୋ ଏବଂ କାଳିବାଙ୍ଗାନ ଭିନ୍ନ ପ୍ରକାର ଥିଲେ ମଧ୍ୟ ଏହାର ବୃହତ୍ ସ୍ନାନାଗାରର ଦୈର୍ଘ୍ୟ ୧୨ ମିଟର, ପ୍ରସ୍ଥ ୭ ମିଟର ଓ ଗଭୀରତା ୩ ମିଟର ଥିଲା । ଆଲକାତରା (Bitumen) ଦ୍ୱାରା ଜଳରାଶିକୁ ଭିତରେ ରହିବାକୁ ଦିଆଯାଉଥିଲା । ହରପ୍ପାର ଅଟ୍ଟାଳିକା ମଧ୍ୟରେ ବୃହତ୍ ଶସ୍ୟାଗାର ଥିଲା ଅନ୍ୟତମ । ଏହା ପ୍ରସ୍ତର ଚଟାଣକୁ ନେଇ ଗଠିତ ହୋଇଥିଲା ଏବଂ ଏହାର ଦୈର୍ଘ୍ୟ ଥିଲା ୧୬ ମିଟର, ପ୍ରସ୍ଥ ୬ ମିଟର । ଉକ୍ତ ଶସ୍ୟାଗାରର ଦକ୍ଷିଣରେ ଧାଡ଼ି ହୋଇ ରହିଥିଲା କେତୋଟି ଗୋଲାକାର ଚଟାଣ ଏବଂ ଏହା ଶସ୍ୟ ଅମଳ ଅଗଣା ରୂପେ ଚିହ୍ନିତ

କରାଯାଇଥିଲା । ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ପାଇବା ପାଇଁ ଏହି ଶସ୍ୟାଗାର ବ୍ୟବହୃତ ହେଉଥିଲା ।

ହରପ୍ପା ଏବଂ ମହେଞ୍ଜୋଦାରୋ ତୁଳନାରେ କାଳିବାଙ୍ଗାନ ଏକ ଛୋଟ ସହର ଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ହେଉଛି ସେମାନଙ୍କର ଲମ୍ବା ଇଟାଭାଟି । ସେମାନେ ମାଟି ତିଆରି ଇଟା ବ୍ୟବହାର କରୁଥିଲେ ।



ବୃହତ୍ ସ୍ନାନାଗାର (ମହେଞ୍ଜୋଦାରୋ)

ବାସଗୃହ

ହରପ୍ପା ସଭ୍ୟତାର ପ୍ରଧାନ ବୈଶିଷ୍ଟ୍ୟ ଥିଲା ନଗର ନିର୍ମାଣ । ପ୍ରତ୍ୟେକ ନଗରକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଥିଲା । ଉଚ୍ଚ ସ୍ଥାନରେ ନିର୍ମିତ ହୋଇଥିଲା ଦୁର୍ଗ; ସାଧାରଣ ମଣିଷ ନଗରର ନିମ୍ନ ଅଞ୍ଚଳରେ ବାସ କରୁଥିଲେ । କ୍ରୀତଦାସମାନେ ଗୋଟିଏ ବଖରା ଥିବା ଗୃହରେ ବାସ କରୁଥିଲେ; କିନ୍ତୁ ଅନ୍ୟ ଗୃହଗୁଡ଼ିକର ୧୨ ବଖରା ସହିତ ଅଗଣା ମଧ୍ୟ ଥିଲା । ପୋଡ଼ା ଇଟାରେ ଗୃହ ନିର୍ମାଣ କରାଯାଉଥିଲା ଏବଂ ସେଗୁଡ଼ିକର ଅନୁପାତ ଥିଲା ୪:୨:୧ । ହରପ୍ପା, ମହେଞ୍ଜୋଦାରୋ, ରୂପାର ଏବଂ ମେହେରଗଡ଼ ଆଦି ନଗର ଏହି ପୋଡ଼ା ଇଟାରେ ନିର୍ମିତ ହୋଇଥିଲା; ମାତ୍ର କାଳିବାଙ୍ଗାନ ନଗରର ଗୃହଗୁଡ଼ିକ ସୂର୍ଯ୍ୟରଶ୍ମୀରେ ଶୁଖୁଥିବା ଇଟାଦ୍ୱାରା ନିର୍ମିତ ହୋଇଥିଲା । ପ୍ରତ୍ୟେକ ଗୃହରେ ସାଧାରଣତଃ ସ୍ନାନାଗାର ସହିତ କୂପ ମଧ୍ୟ ରହିଥିଲା । ସହରଆଡ଼କୁ ଝରକାର ଦ୍ୱାରଦେଶ ନଥିଲା । ଗୃହରୁ ନାଳ ଦେଇ ମଇଳା ପାଣି ଓ ଆବର୍ଜନା ନିର୍ଗତ ହେଉଥିଲା ଏବଂ ସହରର ମୁଖ୍ୟ ନାଳରେ ମିଶୁଥିଲା । ଇଟାନିର୍ମିତ ପାବଚ୍ଛ ଶ୍ରେଣୀ ଦୁଇ ମହଲା ଗୃହ ଥିବାର ସୂଚନା ପ୍ରଦାନ କରିଥାଏ ।

ଚୁଲି

କାଳିବାଙ୍ଗାନ ଛୋଟ ସହର ଥିଲେ ମଧ୍ୟ ଏହାର ବିଶେଷତ୍ୱ ହେଉଛି ଏକକାଳୀନ ବହୁତଗୁଡ଼ିଏ ଚୁଲିର ଆବିଷ୍କାର । ଇଟାନିର୍ମିତ ଚଟାଣରେ ଗୋଟିଏ ଧାଡ଼ିରେ ଥିବା ସାତଗୋଟି ଚୁଲିର ସନ୍ଧାନ ମିଳିଅଛି । ଏହା ମାଙ୍ଗଳିକ କାର୍ଯ୍ୟ କିମ୍ବା ରନ୍ଧନ ଉଦ୍ଦେଶ୍ୟରେ ହୋଇଥିବାର ପ୍ରମାଣ ମିଳେ ।

ରାସ୍ତା

ହରପ୍ପା ନଗରୀର ରାସ୍ତାଗୁଡ଼ିକ ଥିଲା ଖୁବ୍ ପ୍ରଶସ୍ତ । ଏହା ପୂର୍ବରୁ ପଶ୍ଚିମକୁ ଏବଂ ଉତ୍ତରରୁ ଦକ୍ଷିଣକୁ ଲମ୍ବିଯାଇଥିଲା । ଏହି ରାସ୍ତାଗୁଡ଼ିକ ପରସ୍ପରକୁ ସମକୋଣରେ ଛେଦ କରୁଥିଲା । ଏହି ଛେଦ କରିବା ସ୍ଥାନରେ

ନଳାଗୁଡ଼ିକର ବ୍ୟବସ୍ଥା ଥିଲା ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଗୁପ୍ତନଳାମାନ ନିର୍ମିତ ହୋଇଥିଲା । ପ୍ରସିଦ୍ଧ ଇ.ଜେ.ଏଚ୍.ମାକେ ମନ୍ତବ୍ୟ ଦେଇଛନ୍ତି ଯେ, "ରାସ୍ତାଗୁଡ଼ିକ ଏପରି ଭାବରେ ନିର୍ମାଣ କରାଯାଇଥିଲା ଯେ, ଏହା ଯଥା ବେଳେ ପ୍ରବାହିତ ହେଉଥିବା ପବନ ଶୋଷଣ ପରି କାର୍ଯ୍ୟ କରି ପ୍ରାକୃତିକ ଉପାୟରେ ସଡ଼କ ପରିଷ୍କାର ନିର୍ମଳ ରହୁଥିଲା ।"

ବୃହତ୍ ସ୍ନାନାଗାର

ମହେଞ୍ଜୋଦାରୋରେ ଅବସ୍ଥିତ ବିଶାଳ ସ୍ନାନାଗାର ଏକ ଦର୍ଶନୀୟ ସ୍ଥାନ ଥିଲା । ଏହା ଏକ ବୃହତ୍ ଅଟ୍ଟାଳିକା ଥିଲା । ସହରର ସର୍ବସାଧାରଣଙ୍କ ପାଇଁ ଏକ ସ୍ନାନାଗାର ନିର୍ମିତ ହୋଇଥିଲା, ଯାହାକୁ ବୃହତ୍ ସ୍ନାନାଗାର ନାମ ଦିଆଯାଇଛି । ଏହି ସ୍ନାନାଗାରର ବାହ୍ୟ ସଂରଚନା ଲମ୍ବ ୧୮୦ ଫୁଟ ଏବଂ ଓସାର ୧୦୮ ଫୁଟ ଥିଲା । ତା' ମଧ୍ୟରେ ରହିଥିବା ଜଳାଶୟ ବା କୁଣ୍ଡର ଲମ୍ବ ୩୯ ଫୁଟ, ଓସାର ୨୩ ଫୁଟ ଏବଂ ଗଭୀରତା ୮ ଫୁଟ ଥିଲା । ସ୍ନାନାଗାରକୁ ଓହ୍ଲାଇବା ପାଇଁ ଦକ୍ଷିଣ ଓ ଉତ୍ତର ଦିଗରେ ସିଢ଼ି ଥିଲା । ସ୍ନାନାଗାରରେ ଜଳ ପ୍ରବେଶ କରାଇବା ପାଇଁ ଏବଂ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇଥିଲା । ସ୍ନାନାଗାରର ଚତୁଃପାର୍ଶ୍ୱରେ ଛୋଟ ଛୋଟ କୋଠରୀ (ବାଥ୍‌ରୁମ) ରହିଥିଲା । ଏହା ଧାର୍ମିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା ବୋଲି ଅନୁମାନ କରାଯାଏ । ଏହି ସ୍ନାନାଗାର ନିକଟରେ ଏକ ବିଶାଳ ଶସ୍ୟାଗାର ଥିଲା । ଏହି ଶସ୍ୟାଗାରର ଲମ୍ବ ୧୬୯ ଫୁଟ ଏବଂ ଓସାର ୧୩୪ ଫୁଟ ଥିଲା ।

ନର୍ଦ୍ଦମା ପ୍ରଣାଳୀ

ହରପ୍ପା ସଭ୍ୟତାର ନର୍ଦ୍ଦମା ପ୍ରଣାଳୀ ଥିଲା ବିଶେଷ ଉଲ୍ଲେଖନୀୟ ଏବଂ ଏହା ଥିଲା ଏକ ଉନ୍ନତ ଧରଣର ପ୍ରଣାଳୀ । ପ୍ରତ୍ୟେକ ଘରୁ ନର୍ଦ୍ଦମାଗୁଡ଼ିକ ରାସ୍ତାକୁ ଆସି ମିଶି ଯାଉଥିଲା । ନର୍ଦ୍ଦମାଗୁଡ଼ିକ ଇଟାରେ ତିଆରି ହୋଇଥିଲା । ସେଗୁଡ଼ିକ ଘୋଡ଼ାଇ ରଖାଯାଇଥିଲା । ପାଣି ଶୋଷିବା ପାଇଁ ଗାତଗୁଡ଼ିକ ତିଆରି କରାଯାଇଥିଲା । ନର୍ଦ୍ଦମାଗୁଡ଼ିକ ମୁଖ୍ୟ ନର୍ଦ୍ଦମାରେ ପଡ଼ୁଥିଲା ଏବଂ ତା'ପରେ ସହର ବାହାରକୁ ବାହାରି ଯାଉଥିଲା ।

ନିଷ୍କାସନ ବ୍ୟବସ୍ଥା : ସିନ୍ଧୁ ସଭ୍ୟତା ଅଞ୍ଚଳରେ ପ୍ରଥମ ନିର୍ମିତ ଘର ଓ ଥିଲା । ଅଧ୍ୟୟନରୁ ଜଣାପଡ଼େ ଯେ, ନିର୍ମିତ ହୋଇଥିବା ଘରେ ଉଚ୍ଚ ଉଚ୍ଚ ଭୂମି ଉପରେ ସ୍ଥାପିତ ହୋଇଥିବା ଅବସ୍ଥାରେ ନିର୍ମିତ ହୋଇଥିଲା । ନାଳଗୁଡ଼ିକର ଗାର୍ଡ ଓ ଆକାର ପ୍ରମାଣ ସମାନ ଥିଲା । ନାଳଗୁଡ଼ିକ ସଫା ରଖିବା ପାଇଁ ସମୟରେ ଚିତ୍ରିତ ଗାର୍ଡ ବ୍ୟବହାର କରୁଥିଲେ ।

(ଘ) ଅର୍ଥନୈତିକ ଜୀବନ

କୃଷି, ପଶୁପାଳନ, କାରିଗରି ଶିଳ୍ପ ଓ ବ୍ୟବସାୟ-ବାଣିଜ୍ୟ

ହରପ୍ପା ସଭ୍ୟତାର ଅର୍ଥନୈତିକ ଜୀବନ କୃଷି ଉପରେ ନିର୍ଭରଶୀଳ ଥିଲା । କୃଷି ଓ ପଶୁପାଳନ ସେମାନଙ୍କର ମୁଖ୍ୟ ଜୀବିକା ଥିଲା । ପ୍ରତି ସହର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ଥିଲା; ସେଥିରେ ବୃକ୍ଷ ପରିମାଣ ଜମି ଥିଲା । ତତ୍କାଳୀନ ସମୟରେ ହରପ୍ପା ଅଞ୍ଚଳର ଜମି ଉର୍ବର ଥିଲା ଏବଂ ପ୍ରଚୁର ଶସ୍ୟ ଉତ୍ପାଦନ ହେଉଥିଲା । ଆନେକଜାଣ୍ଡରଙ୍କ ସମୟ ପର୍ଯ୍ୟନ୍ତ ସିନ୍ଧୁ ଅଞ୍ଚଳ ଏକ ଉର୍ବର କ୍ଷେତ୍ର ଭାବେ ପରିଚିତ ଥିଲା । ଏହି ଅଞ୍ଚଳ ପ୍ରଚୁର ଜଙ୍ଗଲ ପୂର୍ଣ୍ଣ ଥିବାରୁ ବନ୍ୟପଶୁଙ୍କ ଉପଯୁକ୍ତ ବାସସ୍ଥାନ ହୋଇଥିଲା । ଜଳସେଚନ ପାଇଁ ବନ୍ଧ ନିର୍ମାଣ କରାଯାଉଥିଲା । କୃଷି ଉତ୍ପାଦନ ଅଧିକ ହେଉଥିଲା ।

ପ୍ରାକୃତିକ ଜଙ୍ଗଲଗୁଡ଼ିକ କ୍ଷୟପ୍ରାପ୍ତ ହୋଇଥିଲା । ବହୁସଂଖ୍ୟକ ପଶୁଚାରଣ ଏବଂ ଜାଳେଣି କାଠର ଆବଶ୍ୟକତା ଯୋଗୁଁ ମଧ୍ୟ ଉକ୍ତ ଜଙ୍ଗଲଗୁଡ଼ିକ ଧ୍ୱଂସାଭିମୁଖୀ ହୋଇଥିଲା । ସିନ୍ଧୁନଦୀ ଆନୀତ ପଟୁମାଟି ଯୋଗୁଁ ଏହି ଅଞ୍ଚଳର ଉର୍ବରତାରେ ବୃଦ୍ଧି ହୋଇ ଚାଲିଥିଲା । ପୋଡ଼ାଇଟା ନିର୍ମିତ ପ୍ରାଚୀର ଓ ବନ୍ଧଗୁଡ଼ିକରୁ ଅନୁମାନ ହୁଏ ଯେ, ଏହି ଅଞ୍ଚଳରେ ପ୍ରାୟତଃ ବନ୍ୟା ଆସୁଥିଲା । ମିଶର ପାଇଁ ନୀଳନଦୀ ପରି ସିନ୍ଧୁନଦୀ ହରପ୍ପା ଅଞ୍ଚଳର ଜୀବନଦାୟିନୀ ଥିଲା । ବନ୍ୟାବସାନ ପରେ ସିନ୍ଧୁନଦୀ ଉପତ୍ୟକାଞ୍ଚଳର କୃଷକମାନେ ନଭେମ୍ବର ମାସରେ ଗହମ ଓ ବାର୍ଲି ବୀଜ ବପନ କରି ଏପ୍ରିଲ ମାସରେ ଶସ୍ୟ ଅମଳ କରୁଥିଲେ । ସେମାନେ ବନ୍ୟା ପରେ ଚାଷକାର୍ଯ୍ୟ ଆରମ୍ଭ କରି ବନ୍ୟା ଆସିବା ପୂର୍ବରୁ ଶସ୍ୟ ଅମଳ କରୁଥିଲେ (ନଭେମ୍ବର-ଏପ୍ରିଲ) । ପ୍ରତ୍ନତାତ୍ତ୍ୱିକ ଖନନରୁ କିନ୍ତୁ ଲଙ୍ଗଳ ଓ କୋଦାଳ ଆବିଷ୍କାର କରାଯାଇପାରି ନାହିଁ; ହେଲେ ହରପ୍ପା ସଭ୍ୟତା ପୂର୍ବବର୍ତ୍ତୀ ସମୟର ଭୂମି ଉପରେ ଟଣାଯାଇଥିବା ଶିଆରଗୁଡ଼ିକ (ଭୂପୃଷ୍ଠରେ ଲଙ୍ଗଳଦ୍ୱାରା ଟଣା ଯାଇଥିବା ଗାର) କାଳିବାଙ୍ଗାନ୍‌ରୁ ଆବିଷ୍କାର କରାଯାଇଛି, ଯହିଁରୁ ହରପ୍ପା ସଭ୍ୟତା ପୂର୍ବରୁ ରାଜସ୍ଥାନରେ ଲଙ୍ଗଳଦ୍ୱାରା ଜମିଚାଷ କରାଯାଉଥିବାର ପ୍ରମାଣ ମିଳେ । ଯାହା ଜଣାଯାଏ ଯେ, ହରପ୍ପାର କୃଷକମାନେ କାଠନିର୍ମିତ ଲଙ୍ଗଳ ବ୍ୟବହାର କରୁଥିଲେ । ଉକ୍ତ ଲଙ୍ଗଳକୁ ବଳଦଗୁଡ଼ିକ ଟାଣୁଥିଲେ । କେତେକ କ୍ଷେତ୍ରରେ ଲଙ୍ଗଳକୁ ଟାଣିବା ପାଇଁ ଓଟକୁ ମଧ୍ୟ ବ୍ୟବହାର କରାଯାଉଥିଲା । ଅମଳ ସମୟରେ ଶସ୍ୟ କାଟିବା ପାଇଁ ସେମାନେ ପ୍ରସ୍ତରନିର୍ମିତ ଦାଆ ବ୍ୟବହାର କରୁଥିଲେ । ଖନନରୁ ବେଲୁଚିସ୍ତାନ ଏବଂ ଆଫଗାନିସ୍ତାନରୁ ଅନେକଗୁଡ଼ିଏ ଜଳାଶୟ ଓ ନଦୀବନ୍ଧ ଆବିଷ୍କୃତ ହୋଇଛି । ଉକ୍ତ ବନ୍ଧଗୁଡ଼ିକ ସହିତ ଗବରବନ୍ଧ କିମ୍ବା ନାଳା ସଂଯୋଜିତ ହୋଇ ରହିଛି । ପରବର୍ତ୍ତୀ ସମୟର କୁଲ୍ୟା ପରି ନ ହେଲେ ମଧ୍ୟ ଉକ୍ତ ଗବରବନ୍ଧ କିମ୍ବା ନାଳାକୁ ଜଳସେଚନର ମାଧ୍ୟମ ରୂପରେ ଗ୍ରହଣ କରାଯାଏ । ହରପ୍ପା ସଭ୍ୟତାର ଗ୍ରାମଗୁଡ଼ିକ ବନ୍ୟାଜନିତ ଉଚ୍ଚ ସମତଳ ଅଞ୍ଚଳରେ ଗଢ଼ି ଉଠିଥିଲା । ପଟୁମାଟି ଯୋଗୁଁ ଗ୍ରାମର କୃଷକମାନେ ପ୍ରଚୁର ପରିମାଣରେ ଖାଦ୍ୟଶସ୍ୟ ଉତ୍ପାଦନ କରୁଥିଲେ । ସେମାନେ ନିଜର ତଥା ନିଜ ଗ୍ରାମର ଆବଶ୍ୟକତା ପୂରଣ କରିବା ସହିତ ନଗରବାସୀମାନଙ୍କର ଖାଦ୍ୟାନ୍ନ ଆବଶ୍ୟକତା ମଧ୍ୟ ପୂରଣ କରୁଥିଲେ । କୃଷକମାନେ କଠିନ ପରିଶ୍ରମ କରୁଥିଲେ । ସେମାନେ ଗ୍ରାମ ଓ ନଗରର କାରିଗର, ଶିଳ୍ପୀ, ବ୍ୟବସାୟୀ ଆଦି ସବୁ ବର୍ଗର ଲୋକଙ୍କୁ ଖାଦ୍ୟାନ୍ନ ଯୋଗାଉଥିଲେ ।

ସିନ୍ଧୁନଦୀ ଉପତ୍ୟକା ସଭ୍ୟତାର କୃଷକମାନେ ଗହମ, ବାର୍ଲି, ରାଇ, ତୈଳବୀଜ, ଚଣାଜାତୀୟ ଫସଲ ଏବଂ କାର୍ପାସ୍ ଆଦି ଉତ୍ପାଦନ କରୁଥିଲେ । ସେମାନେ ଦୁଇ ପ୍ରକାରର ଗହମ ଓ ବାର୍ଲି ଚାଷ କରୁଥିଲେ । ଆହୁରି ମଧ୍ୟ ସେମାନେ ତିଳ, ବାଦାମ ଓ ସୋରିଷ ଆଦି ମଧ୍ୟ ଚାଷ କରୁଥିଲେ । ଖନନ ସମୟରେ ଧ୍ୱଂସାବଶେଷଗୁଡ଼ିକରୁ ଅନେକ ପ୍ରକାର ଶସ୍ୟର ଅଶ୍ମ ମିଳିପାରିଛି । ଲୋଥାଲ୍ ଅଞ୍ଚଳରେ ଚାଷର ଭିନ୍ନ ସ୍ୱରୂପ ପ୍ରଚଳିତ ଥିବାର ପ୍ରମାଣ ମିଳେ । ସେଠି ଅନ୍ତତଃ ଖ୍ରୀ.ପୂ. ୧୮୦୦ ବେଳକୁ ଧାନଚାଷ କରାଯାଉଥିଲା । ମହେଞ୍ଜୋଦାରୋ ଏବଂ ହରପ୍ପା ଖନନରୁ ଆବିଷ୍କୃତ ବିଶାଳ ଶସ୍ୟାଗାରଗୁଡ଼ିକରୁ ଜଣାଯାଏ ଯେ, ସେ ସମୟର ଲୋକେ ବଳକା ଶସ୍ୟକୁ ଉକ୍ତ ଶସ୍ୟାଗାରଗୁଡ଼ିକରେ ସଞ୍ଚୟ କରି ରଖୁଥିଲେ । ଯାହା ଜଣାଯାଏ ଯେ, ବୃହତ୍ ଚାଷୀମାନେ ମଜୁରି ଦେବାପାଇଁ ଏବଂ ଦୈବଦୁର୍ବିପାକ ସମୟରେ ବ୍ୟବହାର କରିବା ପାଇଁ ଉକ୍ତ ଶସ୍ୟକୁ ସଂଗ୍ରହ କରି ରଖୁଥିଲେ ।

ଏଥିରୁ ଜଣାଯାଏ ଯେ, ସିନ୍ଧୁ ସଭ୍ୟତାର ଅର୍ଥନୀତି କୃଷିଭିତ୍ତିକ ଥିଲା । ପଟୁମାଟି ଏବଂ ଉତ୍ତମ ବର୍ଷାଯୋଗୁଁ ପ୍ରଚୁର ପରିମାଣରେ ଶସ୍ୟ ଉତ୍ପାଦିତ ହେଉଥିଲା । ତେଣୁକରି ଲୋକେ ସମୃଦ୍ଧ ଥିଲେ ତଥା ସୁଖଶାନ୍ତିରେ ଜୀବନଯାପନ କରୁଥିଲେ ।

ପଶୁପାଳନ

ହରପ୍ପାବାସୀଙ୍କ ଅର୍ଥନୀତିର ଦ୍ୱିତୀୟ ସ୍ତମ୍ଭ ଥିଲା ପଶୁପାଳନ । ବିଶେଷତଃ କୃଷି କାର୍ଯ୍ୟପାଇଁ ପଶୁଙ୍କର ବିଶେଷ ଆବଶ୍ୟକତା ରହିଥିଲା । କାରଣ ସେ ସମୟରେ ସେମାନେ ବଳଦ ଯୋଚି ଲଙ୍ଗଳ ଟାଣିବା କାର୍ଯ୍ୟ କରୁଥିଲେ । ପୁନଶ୍ଚ ପଶୁଙ୍କଠାରୁ ଆବଶ୍ୟକୀୟ ମାଂସ, କ୍ଷୀର ଓ ଚମଡ଼ା ଆଦି ପାଇ ପାରୁଥିଲେ । ତେଣୁକରି ଆର୍ଥିକ ସ୍ୱଚ୍ଛଳତା ପାଇଁ

ସେମାନେ କୃଷି ସହିତ ପଶୁ ପାଳନ କରୁଥିଲେ । ସେମାନେ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି ଆଦି ପଶୁଙ୍କୁ ଗୃହପାଳିତ କରି ରଖୁଥିଲେ । ସେମାନେ କୁଜଯୁକ୍ତ ବଳଦକୁ ପାଳନ କରିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ । ସେମାନେ ଓଟ ଓ ଗଧକୁ ଭାରବାହୀ ପଶୁ ରୂପରେ ବ୍ୟବହାର କରି ସେଗୁଡ଼ିକର ପିଠିରେ ତଥା ଓଟଟଣାଗାଡ଼ିରେ ମାଲ ପରିବହନ କରୁଥିଲେ । ବିଶେଷ ଉପଯୋଗିତା ଦୃଷ୍ଟିରୁ ଗଧ ଏବଂ ଓଟଙ୍କର ପ୍ରଜନନ ପାଇଁ ବିଶେଷ ଯତ୍ନ ନେଉଥିଲେ । ସମ୍ଭବତଃ କେତେକ ପ୍ରଜନନଶାଳା ମଧ୍ୟ ରହିଥିଲା । ସେମାନେ କୁକୁର ପୋଷିବା ପାଇଁ ବିଶେଷ ଆଗ୍ରହୀ ଥିଲେ; ହେଲେ ବିରାଡ଼ିର ଉପସ୍ଥିତି ସମ୍ବନ୍ଧରେ ବିଶେଷ କିଛି ଜଣାଯାଏ ନାହିଁ । କେତେକ କ୍ଷେତ୍ରରେ ଓଟକୁ ହଳ କରିବା ପାଇଁ ମଧ୍ୟ ବ୍ୟବହାର କରୁଥିଲେ । ସେ ସମୟରେ ଘୋଡ଼ାର ଉପସ୍ଥିତି ସମ୍ବନ୍ଧରେ ମହେଞ୍ଜୋଦାରୋ ଏବଂ ଲୋଥାଲ ଖନନରୁ ବିଶେଷ କିଛି ଜଣାଯାଏ ନାହିଁ । ଘୋଡ଼ା ପରି ଜଣାପଡୁଥିବା କେତୋଟି ଟେରାକୋଟା କ୍ଷୁଦ୍ର ମୂର୍ତ୍ତି ମାତ୍ର ମିଳିଛି, ଯହିଁରୁ ଘୋଡ଼ାର ଉପସ୍ଥିତି ସମ୍ବନ୍ଧରେ ସ୍ପଷ୍ଟ ହୋଇପାରୁ ନାହିଁ । ଗୁଜୁରାଟର ସୁରକୋଟାଡ଼ା ଖନନରୁ ଘୋଡ଼ାର ଅସ୍ଥି ଅବଶେଷ ମିଳିଛି । ଏହାର ସମୟକାଳ ଖ୍ରୀ.ପୂ. ୨୦୦୦ ବୋଲି ପ୍ରତ୍ନତାତ୍ତ୍ୱିକମାନେ ନିର୍ଦ୍ଧାରଣ କରିଛନ୍ତି; ହେଲେ ତାହା ଘୋଡ଼ାର ଅସ୍ଥି ବୋଲି ପ୍ରଚ୍ଛନ୍ନ ରୂପରେ ଜଣାପଡ଼ି ନାହିଁ । ସେ ଯାହା ବି ହେଉ ନା କାହିଁକି ଏହା କୁହାଯାଇପାରିବ ଯେ, ହରପ୍ପା ସଭ୍ୟତାଞ୍ଚଳରେ ଘୋଡ଼ା ନ ଥିଲେ । ହରପ୍ପାର ଅଧିବାସୀମାନେ ହାତୀ ଏବଂ ଗଣ୍ଡା ସହିତ ବିଶେଷ ରୂପରେ ପରିଚିତ ଥିଲେ । ହରପ୍ପାବାସୀ ଯେଉଁ ପଶୁକୁ ଯାହା ଖାଦ୍ୟ ଦେଉଥିଲେ ସୁମେରୀୟମାନେ ମଧ୍ୟ ଠିକ୍ ତାହା ଦେଉଥିଲେ । ପ୍ରମାଣ ମିଳିଛି ଯେ, ଉକ୍ତ ସମୟକାଳରେ ଗୁଜୁରାଟ ଅଞ୍ଚଳରେ ହାତୀକୁ ପୋଷା ମନେଇ ତା'ଦ୍ୱାରା କେତେକ କାର୍ଯ୍ୟ କରାଯାଉଥିଲା । ପଶୁଗୁଡ଼ିକୁ ପୋଷା ମନାଇବା ଏବଂ ପଶୁ ସମ୍ପଦର ଉତ୍ତମ ଯତ୍ନ ନେବାରେ ହରପ୍ପାବାସୀ ସିଦ୍ଧହସ୍ତ ଥିଲେ । ପଶୁ ସମ୍ପଦ ଗ୍ରାମୀଣ ଅର୍ଥନୀତିର ବିଶେଷ ଅଙ୍ଗ ଥିଲା । ଏପରିକି ପରବର୍ତ୍ତୀ ସମୟରେ ବିନିମୟର ବାର୍ଟର ପଦ୍ଧତିରେ ଗାଈକୁ ଏକକ ରୂପରେ ଗ୍ରହଣ କରାଯାଇଥିଲା । ଜଣେ ବ୍ୟକ୍ତିଙ୍କର ସମ୍ପତ୍ତି ଓ ପ୍ରତିପତ୍ତି ସେ ପାଳନ କରିଥିବା ଗାଈଗୋରୁଙ୍କ ସଂଖ୍ୟା ଅନୁଯାୟୀ ଆକଳନ କରାଯାଉଥିଲା ।

ବ୍ୟବସାୟ ବାଣିଜ୍ୟ

ହରପ୍ପାରୁ ଆବିଷ୍କୃତ ବୃହତ ଶସ୍ୟାଗାର ପ୍ରମାଣ ଦିଏ ଯେ, ପାଖ ଅଞ୍ଚଳରୁ ସେଠାକୁ ପ୍ରଚୁର ପରିମାଣରେ ଶସ୍ୟ ଆସୁଥିଲା । ହିନ୍ଦୁକୁଶ ଏବଂ ଉତ୍ତର-ପଶ୍ଚିମ ସୀମାନ୍ତ ଅଞ୍ଚଳରୁ ସେଠାକୁ ବିଭିନ୍ନ ପ୍ରକାର ଦାମୀ ପ୍ରସ୍ତର ଖଣ୍ଡ ସବୁ ଆସୁଥିଲା । ରାଜସ୍ଥାନର ଟିଣ, ତମ୍ବା ଓ ସୁନା (କାଶ୍ମୀର) ମଧ୍ୟ ଆସୁଥିଲା । ମହେଞ୍ଜୋଦାରୋ ଏବଂ ହରପ୍ପା ନଗରୀରେ ବହୁ ଦ୍ରବ୍ୟ ପ୍ରସ୍ତୁତ ହେଉଥିଲା ଏବଂ ବଳକା ଦ୍ରବ୍ୟ ବାହାରକୁ ରପ୍ତାନୀ କରାଯାଉଥିଲା । ସହର ଓ ଗ୍ରାମ ଭିତରେ ସୁସମ୍ପର୍କ ଥିଲା । ସମୁଦ୍ରପାରି ଦେଶମାନଙ୍କ ସହିତ ହରପ୍ପାବାସୀଙ୍କ ବାଣିଜ୍ୟ ଚାଲିଥିଲା । ଏହା ବ୍ୟତୀତ ସୌଖୀନ ଓ ବିଳାସ ଦ୍ରବ୍ୟମାନ ହରପ୍ପାବାସୀମାନେ ବ୍ୟବହାର କରୁଥିଲେ ।

ଆଞ୍ଚଳିକ ରାଜିନାମା ସଂପର୍କ

ଏହି ଅନୁଚ୍ଛେଦରେ ଆମ୍ଭେ ଆଲୋଚନା କରିବା ହରପ୍ପାବାସୀଙ୍କର ସମ୍ପର୍କ ବିଷୟରେ । ସେ ସମୟରେ ଅନ୍ୟାନ୍ୟ ନଗର ସଭ୍ୟତା ସହିତ ହରପ୍ପା ସଭ୍ୟତାର ଖନନ ହେବା ଫଳରେ ଆମର ସମସ୍ତ ପ୍ରମାଣ ହସ୍ତଗତ ହୋଇଅଛି । ଅନ୍ୟ କେତେକ ଲେଖା ମାଧ୍ୟମରେ ତଥା ସମସାମୟିକ ମେସୋପଟାମିଆ ସଭ୍ୟତାରୁ ମଧ୍ୟ ଏହା ଜଣାପଡ଼େ ।

ନଗରୀ

ହରପ୍ପା ସଭ୍ୟତାର ସମ୍ପର୍କ ସେ ସମୟର ଅନ୍ୟାନ୍ୟ ସହରୀ ସଭ୍ୟତା ଓ ସମାଜ ସହିତ ଓତପ୍ରୋତ ଭାବେ ଜଡ଼ିତ ଥିଲା । ଯେଉଁ ବୃହତ୍ ଶସ୍ୟାଗାରର ସନ୍ଧାନ ମିଳିଥିଲା, ସେଥିରୁ ପ୍ରମାଣ ମିଳେ ଯେ, ଏହା ଶସ୍ୟକୁ ଗଚ୍ଛିତ ରଖିବା ପାଇଁ ନିର୍ମିତ ହୋଇଥିଲା । ମହେଞ୍ଜୋଦାରେ ସିନ୍ଧୁ ପ୍ରଦେଶର ଲାରକାନା ଜିଲ୍ଲାରେ ଅବସ୍ଥିତ ଏବଂ ହରପ୍ପା ପଶ୍ଚିମ ପଞ୍ଜାବର ମଣ୍ଟେଗୋମରୀ ଜିଲ୍ଲାରେ ଅବସ୍ଥିତ ଅଟେ ଏବଂ ଏହା ପଞ୍ଜାବର ପାଞ୍ଚ ନଦୀର ମିଳନସ୍ଥଳୀରେ ଥିଲା;

କିନ୍ତୁ ହରପ୍ପାଠାରୁ ମହେଞ୍ଜୋଦାରୋ ସମୁଦ୍ରର ନିକଟବର୍ତ୍ତୀ ଥିଲା । ଲୋଥାଲ ସହ ଦାକ୍ଷିଣାତ୍ୟ ଏବଂ ରାଜସ୍ଥାନର ସମ୍ପର୍କ ଥିବାରୁ କର୍ଣ୍ଣାଟକର ସୁନାଖଣି ଆବିଷ୍କୃତ ହୋଇଥିଲା ।

ଗ୍ରାମ

ଗ୍ରାମ, ହରପ୍ପା ସଭ୍ୟତାର ହୃତ୍‌ପିଣ୍ଡ ଥିଲା । ସମସ୍ତ ବଳକା ଖାଦ୍ୟ ପଦାର୍ଥ ଏବଂ କଞ୍ଚାମାଲ୍ ଗ୍ରାମରୁ ସହରକୁ ଆସୁଥିଲା । ପ୍ରତିବଦଳରେ ଗ୍ରାମବାସୀମାନେ ପଥରନିର୍ମିତ ପଦାର୍ଥମାନ ପାଇପାରୁଥିଲେ । ସିନ୍ଧୁର ଶୁକୁରରେ ପ୍ରସ୍ତର ନିର୍ମିତ ପଦାର୍ଥମାନ ମିଳେ ।

ଏହାବ୍ୟତୀତ ହରପ୍ପା ସଭ୍ୟତାର ଖନନ ଫଳରେ ବହୁସଂଖ୍ୟାରେ ମାଟିପାତ୍ର, ତମ୍ବା, ବ୍ରୋଞ୍ଜ ଓ ପଥରରୁ ଆମେ ନୂତନ ତଥ୍ୟ ପାଇଥାଉ । ରାଜସ୍ଥାନର କ୍ଷେତ୍ରୀ ଖଣି ଏହାର ଜ୍ୱଳନ୍ତ ଉଦାହରଣ ଅଟେ । ଏହାବ୍ୟତୀତ ଯୋଧପୁର, ବାଗୋର ଏବଂ ଗଣେଶ୍ୱର (ମଧ୍ୟ ରାଜସ୍ଥାନ) ଠାରେ ଅବସ୍ଥିତ କେନ୍ଦ୍ରମାନ ହରପ୍ପାବାସୀମାନଙ୍କୁ ତମ୍ବା ଓ ପିତଳ ଯୋଗାଇବାର ପ୍ରମାଣ ମିଳିଅଛି । ଏଭଳିକି ବେଲୁଚିସ୍ତାନ ଅଞ୍ଚଳ ଓ ଉତ୍ତର-ପଶ୍ଚିମ ଅଞ୍ଚଳରୁ ଅଭ୍ର, ତମ୍ବା ମିଳିଥିବାର ପ୍ରମାଣ ମିଳେ । ହରପ୍ପା ସଭ୍ୟତାର ଅନ୍ୟାନ୍ୟ କେନ୍ଦ୍ର ଯଥା ବାଲାକୋଟ୍ ଏବଂ ଚାହ୍ନୁଦାରୋ ଚୁଡ଼ି ତିଆରି ପାଇଁ ପ୍ରସିଦ୍ଧ ଥିଲା । ହରପ୍ପାବାସୀମାନେ ବହୁମୂଲ୍ୟ ପଥର ସୁଦୂର ଚାହ୍ନୁଦାରୋରୁ ଆଣୁଥିଲେ ।

କଞ୍ଚାମାଲ୍‌ର ଭିତ୍ତିଭୂମି

ହରପ୍ପା ସଭ୍ୟତା ଖନନ ଫଳରେ କଞ୍ଚାମାଲ୍ ବାବଦରେ ଆମେ ଜାଣିବାକୁ ପାଉ । ଏମିତିକି ହରପ୍ପାର ଛୋଟ ଛୋଟ କେନ୍ଦ୍ରମାନଙ୍କରେ ମଧ୍ୟ ମୂଲ୍ୟବାନ୍ ପଥର, ଧାତୁନିର୍ମିତ ଅସ୍ତ୍ର ଦେଖିବାକୁ ମିଳେ । ରାଜସ୍ଥାନର କ୍ଷେତ୍ରୀ ଅଞ୍ଚଳର ତମ୍ବା ଏବଂ ଗଣେଶ୍ୱରପୁରର ମାଛଧରା କଣ୍ଟା ଓ ତମ୍ବାନିର୍ମିତ ଧନୁଶର ଆମକୁ ଯଥେଷ୍ଟ ପ୍ରମାଣ ଦେଇଥାଏ । ପ୍ରତ୍ନତତ୍ତ୍ୱବିତ୍‌ମାନେ ବିଶ୍ୱାସ କରନ୍ତି ଯେ, ସୁଦୂର ବେଲୁଚିସ୍ତାନ ଏବଂ ଉତ୍ତର-ପଶ୍ଚିମ ସୀମାନ୍ତ ଅଞ୍ଚଳରୁ ହରପ୍ପାବାସୀମାନେ ତମ୍ବାନିର୍ମିତ ଅସ୍ତ୍ର ମଧ୍ୟ ଆମଦାନୀ କରୁଥିଲେ । ସୁନା ମଧ୍ୟ ସେମାନେ କର୍ଣ୍ଣାଟକର କୋଲାର ସୁନାଖଣି ତଥା କାଶ୍ମୀରରୁ ଆଣୁଥିଲେ । ରୁପା ମଧ୍ୟ ସେମାନେ ଆଫଗାନିସ୍ତାନ ଓ ଇରାନରୁ ଆମଦାନୀ କରୁଥିବାର ପ୍ରମାଣ ମିଳିଅଛି । ସିନ୍ଧୁ ପ୍ରଦେଶର ବଣିକମାନେ ସେମାନଙ୍କର ଦ୍ରବ୍ୟ ମେସୋପଟାମିଆ ସଭ୍ୟତାର ଲୋକମାନଙ୍କ ସହିତ ବିନିମୟ କରୁଥିଲେ । ମୂଲ୍ୟବାନ୍ ପଥର ନୀଳା (Lapis-Lazuli) ଆଫଗାନିସ୍ତାନର ବାଦାକ୍‌ସାନ ଅଞ୍ଚଳରୁ ଅଣାଯାଉଥିଲା । ଏଥିରୁ ସ୍ପଷ୍ଟ ଯେ, ବିଭିନ୍ନ କଞ୍ଚାମାଲ୍‌ଭିତ୍ତିକ ଦ୍ରବ୍ୟ ପାଇବା ପାଇଁ ହରପ୍ପାବାସୀମାନେ ଉକ୍ତ ଅଞ୍ଚଳକୁ ଉପନିବେଶ କରି ରଖିଥିଲେ ।

ବିନିମୟ ପ୍ରଥା

ହରପ୍ପା ସଂସ୍କୃତିର ବାଣିଜ୍ୟ କ୍ଷେତ୍ରରେ ବିନିମୟ ପ୍ରଥା ମୁଖ୍ୟ ସ୍ଥାନ ଅଧିକାର କରିଥିଲା । ମୋହର ଏବଂ ବିଭିନ୍ନ ଦ୍ରବ୍ୟ ଉପରେ ଏହାର ଛାପରୁ ସେ ସମୟର ବିନିମୟ ପ୍ରଥା ସଂପର୍କରେ ବିଶେଷ ସୂଚନା ମିଳିଥାଏ । ମହେଞ୍ଜୋଦାରୋଠାରୁ ମିଳିଥିବା ଗୋଲାକୃତି ଆକାରର ମୋହର ଏହାର ପ୍ରମାଣ ଦିଏ । ମେସୋପଟାମିଆ ଶୈଳୀରେ ଏହା ନିର୍ମିତ ହୋଇଥିବାର ଦେଖାଯାଇଥାଏ । ଲୋଥାଲ୍‌ରୁ ଆବିଷ୍କୃତ ତାମ୍ରଖଣ୍ଡ ସେ ସମୟରେ ବ୍ୟବହୃତ ହେଉଥିବା ବିନିମୟର ମାଧ୍ୟମ ସଂପର୍କରେ ସୂଚନା ପ୍ରଦାନ କରିଥାଏ ।

ଆମଦାନୀ ଓ ରପ୍ତାନୀ କ୍ଷେତ୍ରରେ ହରପ୍ପା ସଭ୍ୟତାର ଅଧିବାସୀମାନେ ସିଦ୍ଧହସ୍ତ ଥିଲେ ଏବଂ କାର୍ପାସ ବସ୍ତ୍ର ଆଦି ରପ୍ତାନି କରୁଥିଲେ । ଅନ୍ୟ ପକ୍ଷରେ ସେମାନେ ସୁନା, ରୁପା ଏବଂ ମୂଲ୍ୟବାନ୍ ପଥରମାନ ଆମଦାନୀ କରୁଥିଲେ । ସେମାନଙ୍କ ପ୍ରସ୍ତୁତ ଦ୍ରବ୍ୟ ଭାରତ ବଜାରରେ ମଧ୍ୟ ଆବଶ୍ୟକତା ପୂରଣ କରୁଥିଲା ।

ପାରସ୍ୟ ଏବଂ ମେସୋପଟାମିଆ ସହିତ ବାଣିଜ୍ୟ

ହରପ୍ପା ସଭ୍ୟତାଠାରୁ ମେସୋପଟାମିଆ ହଜାର ହଜାର ମାଇଲ୍ ଦୂରରେ ଅବସ୍ଥିତ ଥିଲା । ତଥାପି ଏହି ଦୁଇ ସଭ୍ୟତା ମଧ୍ୟରେ ବାଣିଜ୍ୟିକ ସଂପର୍କ ନିବିଡ଼ ଥିଲା ।

ପ୍ରତ୍ନତାତ୍ତ୍ୱିକ ପ୍ରମାଣପତ୍ର

ମେସୋପଟାମିଆରେ ହରପ୍ପାର ଛବି ଦେଖିବାକୁ ମିଳେ । ମେସୋପଟାମିଆର ସହର ଯଥା-ସୁସା, ଉର୍ ଇତ୍ୟାଦିରେ ହରପ୍ପାର ଦୁଇ ଡଜନ୍ ଛବି ମିଳିଅଛି । ନିକଟରେ ପାରସ୍ୟର ପ୍ରାଚୀନ କେନ୍ଦ୍ର ଫଇଲାକା ଏବଂ ବେହେରିନ୍‌ରେ ହରପ୍ପା ଛବି ମଧ୍ୟ ଦେଖିବାକୁ ମିଳେ । ମେସୋପଟାମିଆର ନିପ୍ପୁର ସହରରେ ମଧ୍ୟ ଏହା ଦେଖିବାକୁ ମିଳେ । ବାସ୍ତବରେ ମେସୋପଟାମିଆର ନିପ୍ପୁର ସହରରେ ମଧ୍ୟ ଏକ ଛବି ମିଳିଅଛି, ଯାହାକି ହରପ୍ପା ଛବିର ପ୍ରମାଣ ଦିଏ । ଏହା ବ୍ୟତୀତ ତେଲ୍ ଆସ୍‌ମାର କେନ୍ଦ୍ରରେ ହରପ୍ପାର ସେରାମିକ୍ ମିଳେ, ଯାହାକି ବାଣିଜ୍ୟିକ ପ୍ରମାଣ ଦେଇଥାଏ । ମେସୋପଟାମିଆର ମାଟିପାତ୍ର ମଧ୍ୟ ହରପ୍ପାବାସୀମାନଙ୍କ ବାଣିଜ୍ୟ ପ୍ରମାଣ ଦେଇଥାଏ । ଏମାନଙ୍କର ମାପ ଓ ଓଜନ ମଧ୍ୟ ଦୁଇ ସଭ୍ୟତା ବିଷୟରେ ସୂଚନା ଦିଏ ।

ଲିଖିତ ପ୍ରମାଣ

ମେସୋପଟାମିଆର କେତେକ ପ୍ରାଚୀନ ଲେଖା ଆବିଷ୍କୃତ ହୋଇଅଛି, ଯାହା ହରପ୍ପାବାସୀଙ୍କ ସହିତ ବାଣିଜ୍ୟ କାରବାରର ସୂଚନା ଦିଏ । ଆକ୍କା ରାଜା ସାର୍‌ଗନ୍ ଖ୍ରୀ.ପୂ. ୨୩୫୦ରେ ଜାହାଜଦ୍ୱାରା ବାଣିଜ୍ୟ କରୁଥିବାର ପ୍ରମାଣ ମିଳିଅଛି । ବିଭିନ୍ନ ଧାତୁ ପଦାର୍ଥ ମଧ୍ୟ ବାଣିଜ୍ୟିକ କାରବାରର ପ୍ରମାଣ ଦିଏ ।

ପରିବହନ

ହରପ୍ପା ସଭ୍ୟତାରେ ଉଭୟ ସ୍ଥଳ ଓ ଜଳପଥରେ ବ୍ୟବସାୟ ଚାଲୁଥିଲା । ସ୍ଥଳପଥରେ ଶଗଡ଼ ଥିଲା ପରିବହନର ମାଧ୍ୟମ, ଏହାକୁ ବଳଦ କିମ୍ବା ମଇଁଷିମାନେ ଟାଣୁଥିଲେ । ଭାର ବହନରେ ବଳଦ, ଓଟ ଓ ଗଧ ଆଦି ବ୍ୟବହୃତ ହେଉଥିଲେ । ଶିଶୁମାନଙ୍କର ଖେଳଣା ନିମିତ୍ତ ମାଟି ଶଗଡ଼ ଗଢ଼ାଯାଉଥିଲା । ଆଜିକାଲି ଶଗଡ଼ର ଆକୃତି ସହିତ ସେତେବେଳେ ବ୍ୟବହାର କରାଯାଉଥିବା ଶଗଡ଼ର ସାମଞ୍ଜସ୍ୟତା ଦେଖିବାକୁ ମିଳେ । ନଦୀ ପଥରେ ନୌକା ସାହାଯ୍ୟରେ ପରିବହନ ବ୍ୟବସ୍ଥା କରାଯାଇଥିଲା । ମୋହର ଉପରେ ଖୋଦିତ ପାଣି ଜାହାଜର ଚିତ୍ର ଓ ଲୋଥାଲରୁ ମିଳିଥିବା ଜାହାଜ ଚିତ୍ର ଆମକୁ ଏ ବିଷୟରେ ଯଥେଷ୍ଟ ପ୍ରମାଣ ଦିଏ । ଏଠାରୁ ମିଳିଥିବା ପୋତାଶ୍ରୟର ଭଗ୍ନାବଶେଷ ସମୁଦ୍ରଯାତ୍ରା ବାବଦରେ ସୂଚନା ଦେଇଥାଏ । ସୁତ୍‌କାଜେନ୍‌ଡୋର୍ ଏବଂ ସୁତ୍‌କାକୋଲ୍ ପାକିସ୍ତାନ-ଇରାନ୍‌ର ସୀମାନ୍ତବର୍ତ୍ତୀ ଅଞ୍ଚଳ ଏବଂ ଏହା ହରପ୍ପା ମହେଞ୍ଜୋଦାରୋ ନଗରଦ୍ୱୟ ସହିତ ଗମନାଗମନର ପ୍ରମାଣ ଦିଏ । ଲୋଥାଲରୁ ଆବିଷ୍କୃତ ୨୧୯/୩୭ ମିଟର ଲମ୍ବାର ୪/୫ ମିଟର ଇଟା କାନ୍ଥ ଜାହାଜ ପୋତାଶ୍ରୟର ସନ୍ଧାନ ଦିଏ । ଆରବ ସାଗର କୂଳରେ ଅବସ୍ଥିତ ଅନେକ ବନ୍ଦର ଯଥା- ରଙ୍ଗପୁର, ସୋମନାଥ ଏବଂ ବାଲାକୋଟ ଗମନାଗମନର ସୂଚନା ଦେଇଥାଏ । ମୋଟ ଉପରେ ଗମନାଗମନର ମୁଖ୍ୟ ରାସ୍ତା ଥିଲା ନଦୀପଥ ଏବଂ ସ୍ଥଳପଥ ସହିତ ଏହା ମଧ୍ୟ ସଂଯୋଗ କରୁଥିଲା । ଏହା ହରପ୍ପାବାସୀଙ୍କ ପାଇଁ ସହଜ ଓ ଶସ୍ତା ଥିଲା ।



ମାଟିରେ ନିର୍ମିତ ଜାହାଜର ଛବି

ହରପ୍ପା ନଗରୀ କୃଷିଭିତ୍ତିକ ଥିଲା । ଅନେକ ସ୍ଥାନରେ ଖନନ ଫଳରେ ସେମାନଙ୍କର ଖାଦ୍ୟ ଅଭ୍ୟାସ ସମ୍ବନ୍ଧରେ ଜଣାପଡ଼ିଛି । ସେମାନେ ଛେଳି, ମେଣ୍ଢା, ଗାଈ ଆଦି ପଶୁଙ୍କୁ ଗୃହପାଳିତ କରିଥିଲେ । ସେ ସମୟରେ ହରପ୍ପା ଅଞ୍ଚଳରେ ମଇଁଷି, ହାତୀ ଏବଂ ଓଟ ଆଦି ଜନ୍ତୁ ରହିଥିବାର ପ୍ରମାଣ ମଧ୍ୟ ମିଳିଛି । ଏହି ପଶୁଗୁଡ଼ିକର ହାଡ଼ ଓ କଙ୍କାଳରୁ (ଖନନୋଲବ୍ଧ) ଅନୁମାନ କରାଯାଏ ଯେ, ସେଗୁଡ଼ିକ ଗୃହପାଳିତ ଓ ବଣୁଆ ପଶୁ ଥିଲେ । ତେବେ ଘୋଡ଼ାର ବ୍ୟବହାର ଏମାନଙ୍କୁ ଜଣା ନ ଥିଲା । ବାର୍ଲି ମୁଖ୍ୟ ଖାଦ୍ୟ ଥିଲା ବୋଲି ଲୋଥାଲ ଏବଂ ରଙ୍ଗପୁରର ମାଟିପାତ୍ରରୁ ସୂଚନା ମିଳିଅଛି । ସୂତା ପୋଷାକ ସେମାନେ ବ୍ୟବହାର କରୁଥିଲେ ଏବଂ କପାଚାଷ ମଧ୍ୟ ଥିଲା । କାଳିବାଙ୍ଗାନରୁ ମିଳିଥିବା ତଥ୍ୟ ଅନୁସାରେ ହରପ୍ପାବାସୀ କାଠଲଙ୍ଗଳ ବ୍ୟବହାର କରୁଥିଲେ । ବର୍ଷରେ ଦୁଇ ପ୍ରକାରର ଶସ୍ୟ ଉତ୍ପାଦିତ ହେଉଥିଲା । ଏହା ଫଳରେ ସେଠାକାର ଅଧିବାସୀମାନଙ୍କର ଆର୍ଥିକ ମେରୁଦଣ୍ଡ ଉନ୍ନତ ଥିଲା ଏବଂ ସେମାନେ ନିଜେ ନିଜେ ଖାଦ୍ୟ ପ୍ରସ୍ତୁତ କରୁଥିଲେ ।



ଶଗଡ ଖେଳଣା

କାରିଗରି ଉତ୍ପାଦନ

ବଳକା କୃଷି ଉତ୍ପାଦନ, କଂସା ଧାତୁରେ ସରଞ୍ଜାମ ନିର୍ମାଣ, ବିଭିନ୍ନ କାରିଗରି ସରଞ୍ଜାମ ଉତ୍ପାଦନ ଏବଂ ପରିବ୍ୟାପ୍ତ ବାଣିଜ୍ୟ ବ୍ୟବସାୟକୁ ଭିତ୍ତିକରି ସିନ୍ଧୁନଦୀ ଉପତ୍ୟକାଞ୍ଚଳରେ ଅନେକଗୁଡ଼ିଏ ନଗର ଗଢ଼ି ଉଠିଥିଲା । ସିନ୍ଧୁନଦୀ ଅଞ୍ଚଳରେ ଭାରତର ସର୍ବପ୍ରଥମ ନଗର ସଭ୍ୟତା ଗଢ଼ି ଉଠିଥିଲା ଏବଂ ହରପ୍ପାର ନଗର ସଭ୍ୟତା କାଂସ୍ୟଯୁଗୀୟ ସଭ୍ୟତା ଥିଲା । ହରପ୍ପାବାସୀ ଅନେକ ପ୍ରକାରର ପ୍ରସ୍ତର ନିର୍ମିତ ସାଜସରଞ୍ଜାମ ଓ ଯନ୍ତ୍ରପାତି ବ୍ୟବହାର କରୁଥିଲେ । ଆହୁରି ମଧ୍ୟ ସେମାନେ କଂସାଧାତୁ ସହିତ ସୁପରିଚିତ ଥିଲେ ତଥା ବିଭିନ୍ନ ପ୍ରକାରର ସରଞ୍ଜାମ ଓ ହାତ ହତିଆର ତିଆରି କରୁଥିଲେ । ସାଧାରଣତଃ କମାରମାନେ ଟିଣ ଓ ତମ୍ବାକୁ ମିଶ୍ରଣ କରି କଂସାଧାତୁ ପ୍ରସ୍ତୁତ କରୁଥିଲେ । ଟିଣ ଓ ତମ୍ବା ସହଜଲବ୍ଧ ନ ଥିବାରୁ ହରପ୍ପା ଅଞ୍ଚଳରେ କଂସାଧାତୁ ନିର୍ମିତ ସରଞ୍ଜାମ ନଗଣ୍ୟ ଓ ବଜାରରେ କଷ୍ଟଲବ୍ଧ ଥିଲା । ସେତେବେଳେ ରାଜସ୍ଥାନ ଓ ବେଲୁଚିସ୍ତାନରୁ ହରପ୍ପାକୁ ତମ୍ବାଧାତୁ ଅଣାଯାଉଥିଲା । ଅତ୍ୟନ୍ତ କଷ୍ଟକରି ଆଫଗାନିସ୍ତାନରୁ ହରପ୍ପାର ବ୍ୟବସାୟୀ ଓ କାରିଗରମାନେ ଟିଣ ଆଣୁଥିଲେ । କଂସାଧାତୁ ସାହାଯ୍ୟରେ ହରପ୍ପାର କାରିଗରମାନେ ବାସନ, ଘରକରଣା ସରଞ୍ଜାମ, କୃଷି ସରଞ୍ଜାମ ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିଲେ । ହରପ୍ପାର ସମାଜରେ କଂସାରୀମାନେ (କଂସା ଧାତୁର କାରିଗର) ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିଲେ ।

ଏତଦ୍‌ବ୍ୟତୀତ ହରପ୍ପାରେ ଅନ୍ୟାନ୍ୟ ଅନେକ ପ୍ରକାରର କାରିଗରି ସରଞ୍ଜାମ ପ୍ରସ୍ତୁତ କରାଯାଉଥିଲା । ଖନନ ସମୟରେ ମହେଞ୍ଜୋଦାରୋରୁ ବୁଣା ଯାଇଥିବା ଲୁଗାର ଏକ ଅଂଶ ମିଳିଥିଲା । ଏଥିରୁ ଜଣାଯାଏ ଯେ, ସେ ସମୟରେ ତନ୍ତ ସାହାଯ୍ୟରେ ଲୁଗା ବୁଣା ଯାଉଥିଲା । ସୂତା କାଟିବା ପାଇଁ ସେମାନେ ଅରଟ ଓ ତାକୁଡ଼ି ବ୍ୟବହାର କରୁଥିଲେ । ବୁଣାକାରମାନେ କାର୍ପାସ୍ ଓ ପଶମ ବସ୍ତ୍ର ବୁଣୁଥିଲେ । ଇଟାନିର୍ମିତ ବିଶାଳ ପ୍ରାଚୀର ଓ ସୌଧରାଜିରୁ ଜଣାଯାଏ ଯେ,

ହରପ୍ପାରେ ଅନେକଗୁଡ଼ିଏ ଇଟା କାରଖାନା ଏବଂ ଇଟା ତିଆରି କରୁଥିବା କାରିଗର ରହିଥିଲେ । ଇଟା ତିଆରି ଏକ ପ୍ରମୁଖ ଶିଳ୍ପ ଥିଲା । ଆହୁରି ମଧ୍ୟ ସେମାନେ ଡଙ୍ଗା, ମୋହର, ଟେରାକୋଟା ସାମଗ୍ରୀ ଆଦି ତିଆରି କରୁଥିଲେ । ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ସମସ୍ତ ଜିନିଷ ଯେପରିକି କୃଷି ସରଞ୍ଜାମ, ରୋଷେଇ ସରଞ୍ଜାମ, ପରିଧେୟ, ଘରକରଣା ସାମଗ୍ରୀ ଆଦି ତିଆରି କରିବା ପାଇଁ କାରଖାନା ଓ କାରିଗର ରହିଥିଲେ । ଉକ୍ତ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ବେପାରୀମାନେ ବଜାରକୁ ନେଇ ବିକ୍ରି କରୁଥିଲେ; ଫଳସ୍ୱରୂପ କାରିଗରି ଉତ୍ପାଦନ ସାମଗ୍ରୀଗୁଡ଼ିକ ବାଣିଜ୍ୟ ବ୍ୟବସାୟକୁ ମଧ୍ୟ ସମୃଦ୍ଧ ଓ ବ୍ୟାପକ କରୁଥିଲେ । ଏହାଦ୍ୱାରା ଅନେକ ଲୋକଙ୍କର ରୋଜଗାର ବୃଦ୍ଧି ହେବା ସହିତ ଅର୍ଥନୀତିକୁ ସମୃଦ୍ଧ କରୁଥିଲା । ସ୍ୱର୍ଣ୍ଣକାର (ସୁନାରୀ)ମାନେ ସୁନା, ରୁପା ଏବଂ ହୀରା, ନୀଳା, ଆଦି ଦୁର୍ମୂଲ୍ୟ ପଥରରେ ଅଳଙ୍କାର ତିଆରି କରୁଥିଲେ । ପ୍ରାୟ ପ୍ରତ୍ୟେକ ଗ୍ରାମରେ ମୋଚି, କୁମ୍ଭାର, ବଢ଼େଇ, ବାଉଁଶ କାରିଗର ଆଦି ରହିଥିଲେ । ସେମାନେ ବିଭିନ୍ନ ସାମଗ୍ରୀ ତିଆରି କରି ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ କରୁଥିଲେ । ବଳକା ସାମଗ୍ରୀ ଅନ୍ୟାନ୍ୟ ଗ୍ରାମ ଓ ନଗରକୁ ବେପାରୀମାନେ ନେଇଯାଇ ବିକ୍ରି କରୁଥିଲେ । ଆଫଗାନିସ୍ତାନର ଖନନରୁ ସୁନା ଓ ରୁପା ମିଳିଥିବାବେଳେ ଦକ୍ଷିଣ ଭାରତର ଖନନରୁ ଦୁର୍ମୂଲ୍ୟ ପଥର ମିଳିଛି । ହରପ୍ପାବାସୀ ଗୋଟିମାଳି ତିଆରି କରିବାରେ ଅତ୍ୟନ୍ତ ସିଦ୍ଧହସ୍ତ ଥିଲେ । ନଗରର ଅନେକ ସ୍ଥାନରେ ମାଟିପାତ୍ର ତିଆରି ପାଇଁ କୁମ୍ଭାରଚକର ଧ୍ୱଂସାବଶେଷ ମିଳିଛି । ଏଥିରୁ ଜଣାଯାଏ ଯେ, ଘରକରଣା ସାମଗ୍ରୀ ମଧ୍ୟରେ ମାଟିପାତ୍ର ସର୍ବାଧିକ ବ୍ୟବହୃତ ହେଉଥିଲା । ହରପ୍ପାରେ ନିର୍ମିତ ମାଟିପାତ୍ରଗୁଡ଼ିକ ଉଜ୍ଜ୍ୱଳ ରଙ୍ଗକରା ଚିତ୍ରିତ, ଚିକ୍କଣ ଏବଂ ଚକଚକିଆ ଥିଲା । ଅନ୍ୟାନ୍ୟ ଦେଶରେ ମଧ୍ୟ ଉକ୍ତ ମାଟିପାତ୍ରଗୁଡ଼ିକର ବିଶେଷ ଚାହିଦା ରହିଥିଲା । ଏହିପରି ଭାବରେ ହରପ୍ପାବାସୀ କାରିଗରି ଜ୍ଞାନକୌଶଳରେ ତତ୍‌କାଳୀନ ସମୟଠାରୁ ପାଦେ ଆଗରେ ରହିଥିଲେ । ହରପ୍ପାଠାରେ ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ବିଦେଶରେ ମଧ୍ୟ ବିଶେଷ ଆଦୃତ ହୋଇଥିବାରୁ ବ୍ୟବସାୟ ବାଣିଜ୍ୟରେ ବୃଦ୍ଧି ହୋଇ ଦେଶକୁ ସମୃଦ୍ଧିଶାଳୀ କରିଥିଲା ।

ବହିର୍ବାଣିଜ୍ୟ

ପ୍ରତ୍ନତାତ୍ତ୍ୱିକ ଖନନରୁ ହରପ୍ପା, ମହେଞ୍ଜୋଦାରୋ ଏବଂ ଲୋଥାଲଠାରୁ ମିଳିଥିବା ବିଶାଳ ଶସ୍ୟଭଣ୍ଡାର, ଅନ୍ୟାନ୍ୟ ଜିନିଷ ମଧ୍ୟରେ ମୋହର, ଛବିଲିପି, ଓଜନକରା ତରାଜୁ ଏବଂ ବଟକରା ଆଦିରୁ ହରପ୍ପାରେ ପ୍ରଚଳିତ ବାଣିଜ୍ୟ ବ୍ୟବସାୟର ପ୍ରମାଣ ଦିଏ । ହରପ୍ପାବାସୀ ଶସ୍ୟ, ଧାତବ ଜିନିଷ, ଦୁର୍ମୂଲ୍ୟ ପଥର, କଉଡ଼ି ଆଦିର ବ୍ୟବସାୟ କରୁଥିଲେ । ସେମାନେ ତମ୍ବା, ଟିଣ, ସୁନା ଓ ରୁପା ଆଦି ଦକ୍ଷିଣ ଭାରତର ନୀଳଗିରି, ମହୀଶୂର, କାଶ୍ମୀର, ଆଫଗାନିସ୍ତାନ ଆଦି ଅଞ୍ଚଳରୁ କିଣୁଥିଲେ । ସେମାନେ ଉତ୍ପାଦନ କରୁଥିବା ସାମଗ୍ରୀଗୁଡ଼ିକର କଞ୍ଚାମାଲ୍ ହରପ୍ପାରେ ଉପଲବ୍ଧ ହେଉ ନ ଥିଲା । ସେମାନେ ଧାତବ ମୁଦ୍ରାର ବ୍ୟବହାର ଜାଣି ନ ଥିଲେ, ତେଣୁ ଜିନିଷ ବିନିମୟରେ ଜିନିଷ କିଣୁଥିଲେ, ଯାହାକୁ ବାର୍ଟର ପଦ୍ଧତି କୁହାଯାଏ । ପଶ୍ଚିମ ଏସୀୟ ଦେଶଗୁଡ଼ିକ ସହିତ ହରପ୍ପାର ବାଣିଜ୍ୟିକ ସମ୍ପର୍କ ରହିଥିଲା । ଉକ୍ତ ଅଞ୍ଚଳର କେତେକ ଦେଶରୁ ହରପ୍ପାର ମୋହର ଆବିଷ୍କାର କରାଯାଇଛି, ଯାହାକି ଉକ୍ତ ଦେଶଗୁଡ଼ିକ ସହିତ ହରପ୍ପାର ବାଣିଜ୍ୟିକ ସମ୍ପର୍କକୁ ପ୍ରମାଣିତ କରୁଛି । ଆରବ ସାଗର ମଧ୍ୟଦେଇ ଜାହାଜ ସାହାଯ୍ୟରେ ସେମାନେ ବିଭିନ୍ନ ଦେଶରୁ ଧାତବ କଞ୍ଚାମାଲ୍ ତଥା ପ୍ରସ୍ତୁତ ଧାତବ ସାମଗ୍ରୀ ଆମଦାନୀ କରୁଥିଲେ । ଆଫଗାନିସ୍ତାନ, ପାର୍ସିଆ ଆଦି ଅନେକ ଦେଶ ସହିତ ସେମାନେ ସ୍ଥଳପଥରେ ବଳଦଗାଡ଼ି ସାହାଯ୍ୟରେ ମାଲ ନେବା ଆଣିବା କରି ବ୍ୟବସାୟ କରୁଥିଲେ । ସେମାନେ ଆଫଗାନିସ୍ତାନର ଏକ ଅଞ୍ଚଳରେ ବାଣିଜ୍ୟିକ ଆବାସିକ ଅଞ୍ଚଳ ପ୍ରତିଷ୍ଠା କରିଥିଲେ । ସେଠାରୁ ସେମାନେ ମଧ୍ୟ ଏସୀୟ ଦେଶଗୁଡ଼ିକ ସହିତ ବାଣିଜ୍ୟ ପରିଚାଳନା କରୁଥିଲେ । ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ଅଞ୍ଚଳ ସହିତ ମଧ୍ୟ ହରପ୍ପା ବାସୀଙ୍କର ବାଣିଜ୍ୟିକ ସମ୍ପର୍କ ରହିଥିବାର ପ୍ରମାଣ ମିଳିଛି । ହରପ୍ପାର ବଣିକମାନେ ରାଜକୀୟ ପ୍ରତିପତ୍ତିର ପ୍ରତୀକ ଗାଢ଼ ନୀଳବର୍ଣ୍ଣ ମଣି ଏବଂ ଉକ୍ତ ମଣିରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀଗୁଡ଼ିକ ବହୁ ଦୂରଦୂରାନ୍ତକୁ ନେଇ ବାଣିଜ୍ୟ କରୁଥିଲେ ।

ହରପ୍ପା ସଭ୍ୟତାର ମୋହର ଏବଂ ବୁଣାଯାଇଥିବା ଲୁଗା ସୁମେରିଆରୁ ଆବିଷ୍କାର କରାଯାଇଛି । ଏଥିରୁ ଜଣାଯାଏ ଯେ, ସୁମେରିଆ ସହିତ ହରପ୍ପାର ବାଣିଜ୍ୟ ସମ୍ପର୍କ ରହିଥିଲା ।

ମାପ ଏବଂ ଓଜନ

ମହେଞ୍ଜୋଦାରୋ ଏବଂ ହରପ୍ପାରୁ ଅନେକଗୁଡ଼ିଏ ବଟକରା ପରି ପଥର ମିଳିଛି । ଏହି ବଟକରାଗୁଡ଼ିକର ଆକାର ଏବଂ ଓଜନ ଭିନ୍ନ ଭିନ୍ନ ଅଟେ । କେତେକ ବଟକରାର ଓଜନ ଏତେ ବେଶି ଅଟେ ଯେ, ସେଗୁଡ଼ିକୁ ମଣିଷ ହାତରେ ଉଠେଇବା ସମ୍ଭବ ନୁହେଁ । ସେଗୁଡ଼ିକୁ ଦଉଡ଼ିରେ ବାନ୍ଧି ଲୋକଙ୍କ ସହାୟତାରେ ବ୍ୟବହାର କରାଯାଉଥିଲା । କେତେକ ଏତେ ବେଶି କ୍ଷୁଦ୍ର ଅଟେ ଯେ, ସମ୍ଭବତଃ କେବଳ ସୁନାରୀମାନେ ହିଁ ବ୍ୟବହାର କରୁଥିଲେ । ଲୋକେ ଅଧିକତଃ ବ୍ୟବହାର କରୁଥିବା ବଟକରା ଘନାକାର ଥିଲା । ଏକ ତରାଜୁ ମଧ୍ୟ ଖନନରୁ ମିଳିଛି । ଏଥିରୁ ଜଣାଯାଏ ଯେ, ହରପ୍ପାବାସୀ ପଥରକୁ ବଟକରା ରୂପରେ ବ୍ୟବହାର କରି ସାମଗ୍ରୀଗୁଡ଼ିକୁ ଓଜନ କରୁଥିଲେ ।

(ଗ) ସାମାଜିକ ଏବଂ ରାଜନୈତିକ ସଙ୍ଗଠନ

ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳିଥିବା କୁଜଯୁକ୍ତ ଷଣ୍ଢ, ଗାଈଗୋରୁ, ଛେଳି, ମେଣ୍ଢା ଆଦିଙ୍କର ଅବଶେଷ ଏବଂ ବିଶାଳ ଶସ୍ୟାଗାରରୁ ଜଣାଯାଏ ଯେ, ହରପ୍ପାରେ ଏକ ସମୃଦ୍ଧ କୃଷିଜୀବୀ ସମାଜ ଗଢ଼ି ଉଠିଥିଲା । ବିଭିନ୍ନ ଉପାଦାନକୁ ଅନୁଧ୍ୟାନ କରିବା ପରେ ଜଣାଯାଏ ଯେ, ଏକ ସୁସଂହତ ସାମାଜିକ ବ୍ୟବସ୍ଥା ପ୍ରତିଷ୍ଠା ମୂଳରେ ଏକ ବଳିଷ୍ଠ ଓ କ୍ଷମତାଶାଳୀ ପ୍ରଶାସନିକ ବ୍ୟବସ୍ଥାର ପ୍ରଚ୍ଛନ୍ନ ହାତ ରହିଥିଲା । ହରପ୍ପା ସଭ୍ୟତାରେ ଲୋକଙ୍କ ମଧ୍ୟରେ ସାମାଜିକ ଏବଂ ଅର୍ଥନୈତିକ ସମାନତା ନ ଥିଲା । ଯାହା ଜଣାଯାଏ ଯେ, ଏକ ନିମ୍ନ ତଥା ଦାସବର୍ଗର ଲୋକେ ମଧ୍ୟ ରହୁଥିଲେ । ପ୍ରତ୍ନତାତ୍ତ୍ୱିକ ଖନନରୁ ଦୁର୍ଗ ମଧ୍ୟ ଆବିଷ୍କୃତ ହୋଇଛି । ସମ୍ଭବତଃ ଶାସକ ଉକ୍ତ ଦୁର୍ଗରେ ରହୁଥିଲେ । ଦୁର୍ଗକୁ ଘେରି ରହିଥିବା ବଡ଼ ବଡ଼ ଭବନଗୁଡ଼ିକରେ ପ୍ରଶାସନିକ ଏବଂ ରାଜନୈତିକ କ୍ଷମତାଶାଳୀ ଅଧିକାରୀମାନେ ବାସ କରୁଥିଲେ ।

ପରିବାରଗୁଡ଼ିକ ମଧ୍ୟରେ ଏକ କ୍ଷମତାଶାଳୀ ପାରିବାରିକ ସଙ୍ଗଠନ ରହିଥିବାର ଅନୁମାନ କରାଯାଏ, କାରିଗରମାନେ ତାଙ୍କ ପିଲାଙ୍କୁ କାରିଗରି ଜ୍ଞାନକୌଶଳ ସମ୍ବନ୍ଧରେ ଶିକ୍ଷା ଦେଉଥିଲେ । ଛୋଟ ପିଲାମାନେ ସାଧାରଣତଃ ଟେରାକୋଟା ଖେଳଣାରେ ଖେଳୁଥିଲେ । ହରପ୍ପାରୁ ମିଳିଥିବା ଛୋଟ ଛୋଟ ଘରଗୁଡ଼ିକରେ କୃଷକ ଓ ଜନସାଧାରଣ ରହୁଥିଲେ । ମୋହରଗୁଡ଼ିକରୁ ଜଣାଯାଏ ଯେ, ସମାଜରେ ଶିକ୍ଷାର ପ୍ରସାର ଘଟିଥିଲା ଏବଂ ଅନେକ ଶିକ୍ଷିତ ଲୋକ ବସବାସ କରୁଥିଲେ । ନୃତ୍ୟରତା ତରୁଣୀ, ମୋହର, ଅନ୍ୟାନ୍ୟ ମୂର୍ତ୍ତି ଆଦିରୁ ଜଣାଯାଏ ଯେ, ହରପ୍ପାବାସୀ କଳାପ୍ରିୟ ଥିଲେ ।

ସମାଜ ଏବଂ ଧର୍ମ

ସମାଜ ବ୍ୟବସ୍ଥା

ହରପ୍ପା ସଭ୍ୟତା ଥିଲା ବିଭିନ୍ନ ବର୍ଣ୍ଣର ଲୋକମାନଙ୍କର ଅପୂର୍ବ ସମାରୋହ । ଏକ ସୁସଂହତ ତଥା ସନ୍ତୁଳିତ ଜୀବନଯାପନ ଏହି ସମାଜର ଆଭିମୁଖ୍ୟ ଥିଲା । ଏହାର ସାମାଜିକ ଜୀବନ ଉପରେ ସହରୀ ସଭ୍ୟତା ସ୍ପଷ୍ଟ ପ୍ରତିଫଳିତ ହୋଇଥିଲା । ହରପ୍ପା ସଭ୍ୟତାର ନାଗରିକମାନେ ଏକ ସୁସ୍ଥ ପରିବେଶ ମଧ୍ୟରେ ବସବାସ କରୁଥିଲେ । ଏହି ସଭ୍ୟତାରେ ବିଭିନ୍ନ ବର୍ଣ୍ଣର ଲୋକମାନଙ୍କର ସମାବେଶ ଘଟିଥିଲା; ଯଥା- ପ୍ରୋଟୋ-ଅଷ୍ଟ୍ରେଲୀୟ, ମଙ୍ଗୋଲୀୟ, ଭୂମଧ୍ୟସାଗରୀୟ ଏବଂ ଆଲପାନୀୟ ଆଦି ବର୍ଣ୍ଣର । ସେମାନଙ୍କ ମଧ୍ୟରେ ସଂହତି ରହିଥିଲା । ସମାଜରେ ଶାନ୍ତି ବିରାଜମାନ କରିଥିଲା । ନଚେତ୍ ହଜାର ହଜାର ବର୍ଷ ଧରି ହରପ୍ପା ସଭ୍ୟତା ତିଷ୍ଠି ପାରିନଥାନ୍ତା ।

ପୋଷାକ ପରିଚ୍ଛଦ

ହରପ୍ପା ସଭ୍ୟତାର ଅଧିବାସୀମାନେ ଲୁଗାର ବ୍ୟବହାର ଜାଣିଥିଲେ । ସେମାନେ ତୁଳା ଓ ପଶମ ପୋଷାକ ତିଆରି କରି ପରିଧାନ କରୁଥିଲେ । ପୁରୁଷମାନେ ଧୋତିକୁ କଟିବସ୍ତ୍ରରୂପେ ବ୍ୟବହାର କରୁଥିଲେ । ଶରୀରର ଉପରିଭାଗ ପାଇଁ ସେମାନେ ସମସ୍ତେ ଖଣ୍ଡିଏ ଚଦରପ୍ରାୟ ପୋଷାକ ପରିଧାନ କରୁଥିଲେ । ନାରୀ ଓ ପୁରୁଷଙ୍କ ପୋଷାକ ଭିତରେ ବିଶେଷ ପ୍ରଭେଦ ନ ଥିଲା ।

ପ୍ରସାଧନ

ସେମାନେ ବିଳାସପ୍ରିୟ ଥିଲେ । ଉଭୟ ପୁରୁଷ ଓ ସ୍ତ୍ରୀ ପ୍ରସାଧନ ଉପରେ ଗୁରୁତ୍ୱାରୋପ କରୁଥିଲେ । ସେମାନେ କେଶବିନ୍ୟାସ କରୁଥିଲେ । ସ୍ତ୍ରୀ ଲୋକମାନେ ପଙ୍ଖା ଆକୃତିରେ କେଶଗୁଡ଼ିକୁ ସଜାଉଥିଲେ । ମୁହଁରେ ପ୍ରଲେପ ବୋଳିବା ସହିତ ଓଠରେ ଅଧରରଞ୍ଜନୀ (Lipstick) ଲଗାଉଥିଲେ । ପୁରୁଷମାନେ ଦାଢ଼ି ରଖିବାକୁ ଭଲ ପାଉଥିଲେ । ମହେଞ୍ଜୋଦାରୋଠାରୁ ଶ୍ମଶ୍ରୁଯୁକ୍ତ ମନୁଷ୍ୟ ମୂର୍ତ୍ତି ଆବିଷ୍କୃତ ହୋଇଅଛି । ସେମାନେ ଆଧୁନିକ ଲୋକମାନଙ୍କ ପରି ଶାଢ଼ୀ-ଟ୍ରାଉଜର କିମ୍ବା ସାଲୱାର୍ କମିଜ୍ ବ୍ୟବହାର କରୁଥିଲେ ।

ଅଳଙ୍କାର

ହରପ୍ପା ସଭ୍ୟତାର ଉଭୟ ପୁରୁଷ ଓ ସ୍ତ୍ରୀମାନେ ଅଳଙ୍କାର ପରିଧାନ କରୁଥିଲେ । ଧନିକ ଶ୍ରେଣୀର ଲୋକମାନେ ସାଧାରଣତଃ ସୁନା-ରୁପା, ହାତୀଦାନ୍ତ ଏବଂ ଅନ୍ୟାନ୍ୟ ବହୁ ମୂଲ୍ୟବାନ୍ ପ୍ରସ୍ତରରେ ନିର୍ମିତ ଅଳଙ୍କାରମାନ ପରିଧାନ କରୁଥିଲେ । ସାଧାରଣ ଲୋକମାନେ ତମ୍ବା, ବ୍ରୋଞ୍ଜ ଏବଂ ମାଟିନିର୍ମିତ ଅଳଙ୍କାରରେ ସୁସଜ୍ଜିତ ହେଉଥିଲେ । ଉଭୟ ପୁରୁଷ ଏବଂ ନାରୀ ବାହୁବନ୍ଧ, ହାର, କାନଫୁଲ, ନାକଫୁଲ ଆଦି ଅଳଙ୍କାରମାନ ବ୍ୟବହାର କରୁଥିଲେ । ହାତୀଦାନ୍ତ ଓ ଶିଙ୍ଗ ତିଆରି ପାନିଆ ତଥା ମୁଣ୍ଡକଣ୍ଟା ସ୍ତ୍ରୀ ଲୋକମାନଙ୍କର ଅତ୍ୟନ୍ତ ପ୍ରିୟ ଥିଲା । ବ୍ରୋଞ୍ଜ ଏବଂ କ୍ଷୁର ମଧ୍ୟ ସେମାନେ ବ୍ୟବହାର କରିବାର ପ୍ରମାଣ ମିଳିଅଛି ।

ସୁନାନିର୍ମିତ ଅଳଙ୍କାର ତଥା ବହୁମୂଲ୍ୟ ପଥରନିର୍ମିତ ଅଳଙ୍କାରମାନ

ଖାଦ୍ୟ

ହରପ୍ପା ସଭ୍ୟତାର ଲୋକମାନେ ସାଧାରଣ ଖାଦ୍ୟ ଖାଉଥିଲେ । ରୁଟି ଥିଲା ସେମାନଙ୍କର ପ୍ରିୟ ଖାଦ୍ୟ । ଏହା ବ୍ୟତୀତ ସେମାନେ ବାଜରା, ଖଜୁରୀ, ଧାନ, କ୍ଷୀର, କଦଳୀ ଏବଂ ଡାଳିମ୍ବ ଆଦିକୁ ଖାଦ୍ୟ ରୂପେ ଗ୍ରହଣ କରୁଥିଲେ । ଗାଈ, ଛେଳି, କୁକୁଡ଼ା, କୁମ୍ଭୀର ଓ ଘୁଷୁରି ମାଂସ ସେମାନେ ଭକ୍ଷଣ କରୁଥିଲେ । ମାଛକୁ ମୁଖ୍ୟ ଖାଦ୍ୟ ରୂପେ ସେମାନେ ବ୍ୟବହାର କରୁଥିଲେ । ଭୂଖନନରୁ ମିଳିଥିବା ମାଛଧରା କଣ୍ଟା ଏହାର ପ୍ରମାଣ ଦିଏ ।

ଭାଷା ଏବଂ ଲିପି

ହରପ୍ପା ସଭ୍ୟତାର ଶିକ୍ଷା ସମ୍ବନ୍ଧରେ କୌଣସି ସୂଚନା ମିଳିନାହିଁ । ସିଲଗୁଡ଼ିକରୁ ମିଳିଥିବା ଲିପି ଏବଂ ଲେଖାର ପାଠୋଦ୍ଧାର ଏପର୍ଯ୍ୟନ୍ତ କରାଯାଇପାରିନାହିଁ ଏବଂ ୪୦୦ରୁ ଊର୍ଦ୍ଧ୍ୱ ଚିତ୍ର ଆବିଷ୍କୃତ ହୋଇସାରିଅଛି । ସେଗୁଡ଼ିକ କୀଳକ ଲିପିରେ ଲିଖିତ ଏବଂ ଏଥିରେ କିଛି ପରିବର୍ତ୍ତନ ହୋଇନାହିଁ । ବିଭିନ୍ନ ଐତିହାସିକ ଏହାକୁ ତାମିଲ ଆଦି ଦ୍ରାବିଡ଼ ଭାଷା ବର୍ଗ ସହିତ ସମ୍ପର୍କ ରହିଥିବାର ବର୍ଣ୍ଣନା କଲାବେଳେ ଆଉ କେତେକ ଏହାକୁ ଆର୍ଯ୍ୟଭାଷା ବା ସଂସ୍କୃତଭାଷା ବର୍ଗ

ସହିତ ନିବିଡ଼ ଭାବରେ ଜଡ଼ିତ ଥିବାର ବର୍ଣ୍ଣନା କରିଥାଆନ୍ତି । ପ୍ରଫେସର ଏସ୍. ଆର୍. ରାଓ ଏହି ଲିପିର ପାଠୋଦ୍ଧାର କରିବା ପାଇଁ ପ୍ରଯତ୍ନ କରିଛନ୍ତି ଏବଂ କେ.ଟି. ଜେଟ୍‌ଲୀ, ଏଲ୍. ଏସ୍. ଓ୍ୱାକଙ୍କର, କ୍ୟାପ୍‌ଟେନ୍ ଜର୍ଜ ଷ୍ଟାକ୍ ଏବଂ ଡ. ଶୁଭରାୟପ୍ପା ଇତ୍ୟାଦି ଐତିହାସିକମାନେ ଲିପି ଓ ଶିକ୍ଷା ସମ୍ବନ୍ଧରେ ପ୍ରଯତ୍ନ କରିଛନ୍ତି ।

କାଳିବାଙ୍ଗାନ ଦୁର୍ଗ ବା ପ୍ରାଚୀରର ଦୃଶ୍ୟ

ଯୁଦ୍ଧ ଏବଂ ଆତ୍ମରକ୍ଷା

ଶତ୍ରୁମାନଙ୍କ ସହିତ ସଂଘର୍ଷ, ଆତ୍ମରକ୍ଷା ତଥା ଶିକାର ପାଇଁ ହରପ୍ପା ସଭ୍ୟତାର ଅଧିବାସୀମାନେ ବିଭିନ୍ନ ପ୍ରକାର ସରଞ୍ଜାମ ପ୍ରସ୍ତୁତ କରୁଥିଲେ । ସେମାନେ ବର୍ଚ୍ଛା, କୁରାଢ଼ୀ ଏବଂ ଧନୁଶର ଯୁଦ୍ଧ ତଥା ଶିକାର ପାଇଁ ନିର୍ମାଣ କରୁଥିଲେ । ଖଣ୍ଡା, ସାଞ୍ଜୁ, ଢାଲ ଏବଂ ଶିରସ୍ତ୍ରାଣ ଆଦି ସରଞ୍ଜାମ ଆତ୍ମରକ୍ଷା ପାଇଁ ନିର୍ମାଣ କରୁଥିଲେ । ଶତ୍ରୁମାନଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ଦୁର୍ଗ ଏବଂ ପ୍ରାଚୀର ନିର୍ମାଣ କରିଥିଲେ । ଏହା ବ୍ୟତୀତ ସେମାନେ ପଶାଖେଳ, ଜୁଆ ଇତ୍ୟାଦି ଖେଳୁଥିଲେ । କୋଟଡିଜି ଏବଂ କାଳିବାଙ୍ଗାନ ସହରଦ୍ୱୟ ଲଢ଼େଇ ଦ୍ୱାରା ପୋଡ଼ିଯାଇଥିବାର ପ୍ରମାଣ ମିଳେ । ମହେଞ୍ଜୋଦାରୋ ସହରର ବିଭିନ୍ନ ସ୍ଥାନରେ ନରକଙ୍କାଳ ଓ ଖପୁରୀର ସନ୍ଧାନ ମଧ୍ୟ ମିଳିଅଛି । ଅନେକ ତାମ୍ର ଓ ବ୍ରୋଞ୍ଜନିର୍ମିତ ଅସ୍ତ୍ର ଏହାର ପ୍ରମାଣ ଦିଏ ।

ମୁଖ୍ୟ କାର୍ଯ୍ୟ / ବୃତ୍ତି

ପ୍ରସ୍ତର ଖୋଦିତ ମାଳି ତିଆରି କାମ ହରପ୍ପାବାସୀଙ୍କର ମୁଖ୍ୟ କଳାକୌଶଳ ଥିଲା । ମୁଖ୍ୟ କେନ୍ଦ୍ରମାନଙ୍କରେ ଯଥା- ମହେଞ୍ଜୋଦାରୋ, ଚାହ୍ନୁଦାରୋ ଏବଂ ଲୋଥାଲ୍‌ରେ ବହୁସଂଖ୍ୟାରେ ହରପ୍ପାବାସୀ ଉପରୋକ୍ତ କାମରେ ନିୟୋଜିତ ଥିଲେ ।

ଘରକରଣା ସାମଗ୍ରୀ

ଅଧିକାଂଶ ଘରକରଣା ଜିନିଷ ମାଟିପାତ୍ର, ତମ୍ବା ଏବଂ କଂସାରେ ନିର୍ମିତ ଜିନିଷ ଉପରେ ପର୍ଯ୍ୟବସିତ ଥିଲା । ମହେଞ୍ଜୋଦାରୋର ମାଟିପାତ୍ରଗୁଡ଼ିକ ମସୃଣ, ଚିତ୍ରିତ ଏବଂ ଅତ୍ୟନ୍ତ ସୁନ୍ଦର ଥିଲା । ଜାର୍, ସୁରେଇ, ପାତ୍ର, ମାଠିଆ,

ଖାଇବା ବାସନ, ରାନ୍ଧିବା ପାତ୍ର, ଖଡ଼ିକା, ଡଙ୍କା, ଋମଚ ଆଦି ମାଟି, ପଥର, ତମ୍ବା ଓ କଂସାରେ ତିଆରି ହୋଇଥିଲା । ଛୁଞ୍ଚି, କରତ, ଟାଙ୍ଗିଆ, ଛୁରୀ ଆଦି ତମ୍ବା ଓ କଂସାରେ ତିଆରି ହୋଇଥିଲା । ତମ୍ବା ବାହାରୁ ଆମଦାନୀ କରାଯାଉଥିବାରୁ କମ୍ ପରିମାଣର ତମ୍ବା ସରଞ୍ଜାମ ବ୍ୟବହୃତ ହେଉଥିଲା ।

ଆମୋଦପ୍ରମୋଦ

ହରପ୍ପାବାସୀଙ୍କର ପଶା ଅତ୍ୟନ୍ତ ପ୍ରିୟ ଖେଳ ଥିଲା । ଏତଦ୍‌ବ୍ୟତୀତ ଜଙ୍ଗଲରେ ପଶୁ ଶିକାର କରିବା, ଷଣ୍ଢ ଲଢ଼େଇ ଆଦିରୁ ମଧ୍ୟ ଆନନ୍ଦ ପାଉଥିଲେ । ଟେର୍‌ରାକୋଟା ମୂର୍ତ୍ତି ତିଆରି କରିବାରେ ମଧ୍ୟ ସେମାନେ ଆନନ୍ଦ ପାଉଥିଲେ । ଖନନ ସମୟରେ ଅନେକ ପଶାକାଠି ମିଳିଛି ।

ମୋହରଗୁଡ଼ିକରେ ବନ୍ୟଛେଳି ଶିକାର କରିବା ଛବି ରହିଛି । କେତେକ ମୋହରରେ ସେମାନେ ଧନୁତୀର ଧରି ବିଭିନ୍ନ ପଶୁଙ୍କୁ ଶିକାର କରିବା ଛବି ରହିଛି । ସେମାନେ ଚଢ଼େଇଗୁଡ଼ିକୁ ଲଢ଼େଇ କରି ଖୁସି ହେଉଥିଲେ । ପିଲାମାନେ ମାଟିରେ ବିଭିନ୍ନ ମୂର୍ତ୍ତି ଗଢ଼ିବାରେ ଆନନ୍ଦ ପାଉଥିଲେ । ଏତଦ୍‌ବ୍ୟତୀତ ନୃତ୍ୟ ଓ ସଙ୍ଗୀତ ସେମାନଙ୍କ ଆମୋଦପ୍ରମୋଦର ମୁଖ୍ୟ ଅଙ୍ଗ ଥିଲା । ସେମାନେ ନୃତ୍ୟପ୍ରିୟ ଥିବାର ପ୍ରମାଣ ଦେଉଛନ୍ତି ଆମକୁ ଉପଲବ୍ଧ ହୋଇଥିବା ନର୍ତ୍ତକୀ ମୂର୍ତ୍ତିଗୁଡ଼ିକ ।



ପଥରନିର୍ମିତ ଅସ୍ତ୍ର (ମହେଞ୍ଜୋଦାରୋ), ହରପ୍ପାବାସୀଙ୍କଦ୍ୱାରା ବ୍ୟବହୃତ
ହେଉଥିବା ତମ୍ବା ଓ ବ୍ରୋଞ୍ଜର ଅସ୍ତ୍ର

କଳା ଏବଂ ହସ୍ତଶିଳ୍ପ

ମୋହର, ପଥର କାମ ଓ ମାଟିପାତ୍ର ଆଦି ଅନେକ ପ୍ରକାର ଜିନିଷ ହରପ୍ପା ସଭ୍ୟତାର ଗୋଟିଏ ଗୋଟିଏ ଚମତ୍କାର କଳାକୃତି । ଦୁର୍ଗ, ବାସଗୃହ, ସ୍ତମ୍ଭ, ସ୍ନାନାଗାର ଓ ପୋତାଶ୍ରୟ ଆଦି ହରପ୍ପା ସଭ୍ୟତାର ଲୋକମାନଙ୍କ ସ୍ଥାପତ୍ୟ କଳାର ଏକ ଶ୍ରେଷ୍ଠ ନିଦର୍ଶନ ଥିଲା । ଏଠାରେ ଆବିଷ୍କୃତ ହୋଇଥିବା ପ୍ରତ୍ୟେକ ପ୍ରସ୍ତର ପ୍ରତିମାର ଚମତ୍କାର ମସୃଣତା ଏକ ଉଚ୍ଚମାନର ଭାସ୍କର୍ଯ୍ୟ କଳାର ପରିଚୟ ଦିଏ । ଏହା ବ୍ୟତୀତ, ହରପ୍ପା ସଭ୍ୟତାର ମହେଞ୍ଜୋଦାରୋଠାରେ ବ୍ରୋଞ୍ଜନିର୍ମିତ ନଗ୍ନ ନୃତ୍ୟ କରୁଥିବା ନର୍ତ୍ତକୀର ଚିତ୍ର ଏହାର କଳାନୈପୁଣ୍ୟ ବାବଦରେ ଅବଗତ କରାଏ । ନର୍ତ୍ତକୀର

ବ୍ରୋଞ୍ଜଦ୍ୱାରା ନିର୍ମିତ ନର୍ତ୍ତକୀ
(ମହେଞ୍ଜୋଦାରୋ)

ଦାଢ଼ି ଥିବା ମଣିଷ
(ମହେଞ୍ଜୋଦାରୋ)

କେଶ, କାଚ ଓ ସାଜସଜ୍ଜା ଆମ୍ଭକୁ କଳାର ଆଲୋକପାତ କରିଥାଏ । ଏମିତିକି ପଶୁମାନଙ୍କର (ମଇଁଷି) ବ୍ରୋଞ୍ଜ ଚିତ୍ର କଳାସ୍ଥାପତ୍ୟର ଅନ୍ୟ ଏକ ନିଦର୍ଶନ ଥିଲା । ପଥର ସ୍ଥାପତ୍ୟ ଦିଗରୁ ବିଚାର କଲେ ଦାଢ଼ିଥିବା ମୂର୍ତ୍ତି ଆମ ନିକଟରେ ଆବିର୍ଭାବ ହୁଏ ଏବଂ ଉପର ଓଠରେ ନିଶ ନଥାଏ । ଅର୍ଦ୍ଧବନ୍ଦ ଆଖି ଧ୍ୟାନ କରିବାର ସୂଚନା ଦିଏ । ଏହା ବ୍ୟତୀତ ଦୁଇଟି ଛୋଟ ମାନବ ଶରୀର ପରବର୍ତ୍ତୀ ସମୟରେ ହରପ୍ପାରେ ଆବିଷ୍କୃତ ହୋଇଥିବାର ପ୍ରମାଣ ମିଳିଅଛି । ବିଭିନ୍ନ ପ୍ରକାର ପଶୁପକ୍ଷୀ ତଥା ବଳଦଗାଡ଼ି ସେ ସମୟରେ ବ୍ୟବହୃତ ହେବାର ଯଥେଷ୍ଟ ପ୍ରମାଣ ମିଳିଅଛି । ପଥରର ବିଭିନ୍ନ କାର୍ଯ୍ୟ ହରପ୍ପାବାସୀଙ୍କର ନୈପୁଣ୍ୟତାର ପରିଚୟ ଦେଇଥାଏ । ଷ୍ଟିଲାଇଟ୍ ନାମକ ସାଧାରଣ ପଥରରୁ ବିଭିନ୍ନ ପଥରଜାତୀୟ କାରୁକାର୍ଯ୍ୟ ଏବଂ ଏହାର ଶିଳ୍ପୀମାନେ ମୋହର ଉପରେ ଜୀବଜନ୍ତୁମାନଙ୍କର ଜୀବନ୍ତ ପ୍ରତିକୃତି ଖୋଦନ କରିପାରିଛନ୍ତି । କୁଜଥିବା ବୃଷଭର ଖୋଦିତ ମୂର୍ତ୍ତି ଖୁବ୍ ରମଣୀୟ ଅଟେ । ଲାଲବାଲୁକା ପ୍ରସ୍ତରରେ ଖୋଦିତ ମନୁଷ୍ୟର ଅଙ୍ଗ ବାସ୍ତବତା ଦୃଷ୍ଟିକୋଣରୁ ପ୍ରାଧାନ୍ୟ ଲାଭ କରିଅଛି ।

ମୂର୍ତ୍ତିଗୁଡ଼ିକ ଅଳଙ୍କାର ସୁଶୋଭିତ ଥିଲେ ବୋଲି ମୃତ୍ତିକାପାତ୍ର ଉପରୁ ସେମାନଙ୍କର ଚିତ୍ରକଳାର ପରିଚୟ ମିଳିଥାଏ । ଏହା ମିଶର ଓ ମେସୋପଟାମିଆ ସଭ୍ୟତାର ସମସାମୟିକ ଭାବେ ଗ୍ରହଣ କରାଯାଇଥିଲା । ଲୋଥାଲରୁ ଆବିଷ୍କୃତ ଚିତ୍ରିତ ମୃତ୍ତିକାପାତ୍ର ଆମକୁ ଯଥେଷ୍ଟ ପ୍ରମାଣ ଦିଏ । ଚକର ବ୍ୟବହାର ଦ୍ୱାରା ମାଟିର ବହୁ ସୁନ୍ଦର ପାତ୍ରମାନ ନିର୍ମାଣ କରାଯାଇଥିଲା ।

ଲିଖନ ଶୈଳୀ

ହରପ୍ପା ସଭ୍ୟତାର ଭାଷା ଓ ଲିପି ସମ୍ପର୍କରେ ଏଯାବତ୍ କୌଣସି ପ୍ରାମାଣିକ ତଥ୍ୟ ହସ୍ତଗତ ହୋଇନାହିଁ । ସିଲଗୁଡ଼ିକରୁ ମିଳିଥିବା ଲିପି ଏବଂ ଲେଖାର ପାଠୋଦ୍ଧାର ଏ ପର୍ଯ୍ୟନ୍ତ କରାଯାଇପାରିନାହିଁ । ଏବେ ୪୦ରୁ ଉର୍ଦ୍ଧ୍ୱ ଚିହ୍ନ ଆବିଷ୍କୃତ ହୋଇଅଛି । ସେଗୁଡ଼ିକ କୀଳକ ଲିପିରେ ଲିଖିତ ଏବଂ ଏହା ଉପରେ କୌଣସି ପରିବର୍ତ୍ତନ ଅଣାଯାଇନାହିଁ । କେତେକ ଐତିହାସିକ ଏହାକୁ ତାମିଲ୍-ଦ୍ରାବିଡ଼ ଭାଷା-ବର୍ଣ୍ଣ ସହିତ ସମ୍ପର୍କ ରହିଥିବାର ବର୍ଣ୍ଣନା କଲାବେଳେ, ଅନ୍ୟମାନେ ଏହାକୁ ଆର୍ଯ୍ୟଭାଷା ବା ସଂସ୍କୃତ ଭାଷା ସହିତ ଜଡ଼ିତ ଥିବାର ବର୍ଣ୍ଣନା କରିଥାଆନ୍ତି ।

ହରପ୍ପା ସଭ୍ୟତାର ନଗରୀ କୃଷି ଉତ୍ପାଦନଭିତ୍ତିକ ଥିଲା । ବିଭିନ୍ନ ପଶୁମାନଙ୍କ ଚିହ୍ନ ଆମକୁ ସୂଚାଇ ଦିଏ ଯେ, କୃଷିକ୍ଷେତ୍ରରେ ପଶୁମାନଙ୍କ ଅବଦାନ ଯଥେଷ୍ଟ ଥିବାରୁ ଶସ୍ୟ ପ୍ରଚୁର ପରିମାଣରେ ଉତ୍ପାଦନ କରାଯାଇପାରୁଥିଲା । ତେବେ ଘୋଡ଼ାର ବ୍ୟବହାର ସେମାନଙ୍କୁ ଜଣା ନ ଥିଲା । ବାର୍ଲି ମୌଳିକ ଖାଦ୍ୟ ଥିଲା ଏବଂ ସୋରିଷର ଉତ୍ପାଦନ ମଧ୍ୟ ହେଉଥିଲା । ଏହା ବ୍ୟତୀତ ସୂତା କପଡ଼ାର ଯଥେଷ୍ଟ ବ୍ୟବହାର ଥିଲା । କାଳିବାଙ୍ଗାନରୁ ମିଳିଥିବା ପ୍ରମାଣ ଅନୁସାରେ ହରପ୍ପାବାସୀ କାଠର ଲଙ୍ଗଳ ବ୍ୟବହାର କରୁଥିଲେ । ଏମାନେ ଗୃହପାଳିତ ଓ ବଣୁଆ ପଶୁମାନଙ୍କୁ ହଳ କରାଇ ଚାଷକାର୍ଯ୍ୟ କରୁଥିଲେ । ବିଭିନ୍ନ ପ୍ରକାରର ଅର୍ଥକରୀ ଫସଲ ଆମଦାନୀ କରୁଥିଲେ ।

ମାଟିପାତ୍ର

ହରପ୍ପା ସଭ୍ୟତାରୁ ଆବିଷ୍କୃତ ହୋଇଥିବା ମାଟିପାତ୍ର ପ୍ରମୁଖ ସ୍ଥାନ ମଣ୍ଡନ କରେ । ଏହା ବେଲୁଚିସ୍ତାନର ସେରାମିକ୍ ସଦୃଶ ତଥା ସିନ୍ଧୁ ସଂସ୍କୃତିର ପ୍ରଶସ୍ତି ଗାନ କରେ । ଏହା ସମତଳ ମାଟିପାତ୍ର ଅଟେ ଏବଂ ନାଲିରଙ୍ଗର ଚିତ୍ର ବହନ କରିଥାଏ । ଏଥିରେ ବିଭିନ୍ନ ପଶୁପକ୍ଷୀଙ୍କ ଚିତ୍ର ସହିତ ବୃକ୍ଷରାଜିର ଚିତ୍ର ମଧ୍ୟ ଥାଏ । ଏହାର ଆକାର କେତେକ ସ୍ଥଳରେ ଗୋଲାକାର ଥିବା ସ୍ଥଳେ ଅନ୍ୟ ସ୍ଥଳରେ ପେଣ୍ଟୁଭଳି ଥାଏ । ଗୁଜୁରାଟ ଏବଂ ରାଜସ୍ଥାନର ବିଭିନ୍ନ ମାଟିପାତ୍ର ହରପ୍ପା ମାଟିପାତ୍ରର ସାମଞ୍ଜସ୍ୟତାକୁ ପ୍ରମାଣ କରିଅଛି । ଏହାର ବିଭିନ୍ନତା ସତ୍ତ୍ୱେ ଏହା ଏକତାର ଚିହ୍ନ ବହନ କରିଥିଲା ।

ହାତହତିଆର ଓ ଉପକରଣ

ହରପ୍ପା ସଭ୍ୟତାର ଲୋକମାନେ ଯୁଦ୍ଧପ୍ରିୟ ନଥିଲେ; କିନ୍ତୁ ଆତ୍ମରକ୍ଷା ପାଇଁ ସେମାନେ ବିଭିନ୍ନ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ, ଯାହାକି ପଥର ପରିବର୍ତ୍ତେ ତମ୍ବା, ପିତଳ, ବ୍ରୋଞ୍ଜ ମଧ୍ୟ ଥିଲା । ପଥରରେ ମଧ୍ୟ ହରପ୍ପାବାସୀଙ୍କର ବିଭିନ୍ନ ଅସ୍ତ୍ରଶସ୍ତ୍ର ଥିଲା; ମାତ୍ର ମୁନିଆ ଅସ୍ତ୍ରପାଇଁ ସେମାନେ ପିତଳ ତିଆରି ଅସ୍ତ୍ର ବ୍ୟବହାର କରୁଥିଲେ । ଛୁରୀ, କ୍ଷୁର, ଛୁଞ୍ଚି, ଦାଆ, ବୋତାମ, ମାଛଧରା କଣ୍ଟା, ଦର୍ପଣ, ପାନିଆ ଆଦି ଉପକରଣଗୁଡ଼ିକ ତମ୍ବା କିମ୍ବା ବ୍ରୋଞ୍ଜରେ ନିର୍ମିତ ହେଉଥିଲା । ମୃତ୍ତିକାପାତ୍ର ନିର୍ମାଣ କରିବାରେ ସେମାନେ ଥିଲେ ପୃଥିବୀରେ ଅଦ୍ୱିତୀୟ । ଏହା ବ୍ୟତୀତ ସେମାନେ ମଧ୍ୟ ଆତ୍ମରକ୍ଷା ପାଇଁ ଖଣ୍ଡା ଓ ଢାଲ ବ୍ୟବହାର କରୁଥିବାର ଜଣାଯାଏ ।

ହରପ୍ପାର ପ୍ରଶାସନିକ ବ୍ୟବସ୍ଥା

ହରପ୍ପାରେ କେଉଁ ପ୍ରକାରର ଶାସନ ପ୍ରଚଳିତ ଥିଲା ସଠିକ୍ ଭାବରେ ଆମେ ଜାଣିପାରି ନାହୁଁ । ନାଳନର୍ଦ୍ଦମା, ସଡ଼କ ଆଦିର ଦେଖାଶୁଣା କରିବା, ନଗରର ଶାସନ ପରିଚାଳନା କରିବା, ଶତ୍ରୁ ଆକ୍ରମଣର ପ୍ରତିରୋଧ କରିବା, ଏକ ସୁସଂହତ ସମାଜ ବ୍ୟବସ୍ଥା ପ୍ରତିଷ୍ଠା କରିବା ଆଦି କାର୍ଯ୍ୟ ପରିଚାଳନା କରିବା ପାଇଁ ଏକ କେନ୍ଦ୍ରୀୟ ସାର୍ବଭୌମ ସରକାର ପ୍ରତିଷ୍ଠିତ ହୋଇଥିବା ନିଶ୍ଚିତ ଅଟେ । ପ୍ରତ୍ନତାତ୍ତ୍ୱିକ ଖନନରୁ ଅତ୍ୟନ୍ତ କମ୍ ସଂଖ୍ୟକ ଅସ୍ତ୍ରଶସ୍ତ୍ର ମିଳିଛି । ତେଣୁକରି କୁହାଯାଇଛି ଯେ, କେନ୍ଦ୍ରୀୟ ସରକାର ସାମରିକବାହିନୀ ଉପରେ ବିଶେଷ ନିର୍ଭରଶୀଳ ନ ଥିଲେ । ଯାହା ଜଣାଯାଏ ଯେ, ଲୋକମାନେ ଅତ୍ୟନ୍ତ ଧାର୍ମିକ, ଧର୍ମପରାୟଣ ଏବଂ ଧର୍ମଭୀରୁ ଥିଲେ । ସେମାନେ ଧାର୍ମିକ ବିଚାରଧାରାଦ୍ୱାରା ପ୍ରେରିତ ହୋଇ ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଳାଉଥିଲେ । ଜଣାଯାଏ ଯେ, ପ୍ରଶାସନିକ ବ୍ୟବସ୍ଥାରେ ଧର୍ମ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ଅର୍ଥାତ୍ ଶାସନ ଧର୍ମଭିତ୍ତିକ ଥିଲା । ରାଜା ଧର୍ମାନୁଯାୟୀ ଶାସନ କରୁଥିଲେ । ସେ ଏକଛତ୍ରବାଦୀ ହେଲେ ମଧ୍ୟ ଉପକାରୀ ଏବଂ ପ୍ରଜାରଞ୍ଜକ ଥିଲେ । ଅନେକ ସ୍ତମ୍ଭ ଏବଂ ସୌଧର ଧ୍ୱଂସାବଶେଷରୁ ଜଣାଯାଏ ଯେ, ଲୋକେ ପରମ୍ପରା ସର୍ବସ୍ୱ ଏବଂ ରୂଢ଼ିବାଦୀ ଥିଲେ । ତେଣୁକରି ସେମାନଙ୍କ ଘରଗୁଡ଼ିକର ଆକାର ପ୍ରକାର, ନିର୍ମାଣଶୈଳୀ, ସାଜସରଞ୍ଜାମ, ପୋଖରୀ, ମାଟିପାତ୍ର ଆଦି ଶହ ଶହ ବର୍ଷ ଧରି ସମାନ ପ୍ରକାରର ଥିଲା । ମୌଳିକ ଗଠନରେ କୌଣସି ପରିବର୍ତ୍ତନ ହେଉ ନ ଥିଲା । ଏପରିକି ମେସୋପଟାମିଆର ଉନ୍ନତ ନିର୍ମାଣ ପଦ୍ଧତି ମଧ୍ୟ ହରପ୍ପାରେ ପ୍ରଭାବ ପକାଇ ପାରି ନ ଥିଲା । ଶାସକ ରାଜଯୋଗୀ ଥିଲେ । ସେ ଧାର୍ମିକ ଦୃଷ୍ଟିକୋଣରୁ ଲୋକଙ୍କ ସହିତ ସଂଶ୍ଳିଷ୍ଟ ହୋଇ ରହିଥିଲେ । ପ୍ରଶାସନିକ ଅଧିକାରୀମାନେ ସହରର ମଧ୍ୟଭାଗରେ ରହୁଥିଲେ । ଯାହା ଜଣାଯାଏ ଯେ, ରାଜା ଶସ୍ୟ ଆକାରରେ ରାଜସ୍ୱ ଆଦାୟ କରୁଥିଲେ । ପ୍ରାୟତଃ ସମସ୍ତ ନଗରକୁ ଦୁର୍ଗ ପ୍ରାଚୀର ଘେରି ରହିଥିଲା । ହରପ୍ପା ନଗର ମଧ୍ୟସ୍ଥ ଏକ ଦୁର୍ଗ ମଧ୍ୟରେ ରାଜା ରହୁଥିଲେ । ରାଜାଙ୍କର ସୁଶିକ୍ଷିତ ଏବଂ ସୁସଂହତ ସୈନ୍ୟବାହିନୀ ନ ଥିଲେ । ମନ୍ଦିର ପରି କୌଣସି ଧାର୍ମିକ ସୌଧ ନ ଥିଲା । ହରପ୍ପାର ରାଜାମାନେ ସର୍ବଦା ଯୁଦ୍ଧନୀତି ପରିବର୍ତ୍ତେ ବାଣିଜ୍ୟନୀତି ଗ୍ରହଣ କରିଆସୁଥିଲେ ।

ଶାସକ ଗୋଷ୍ଠୀ

ହରପ୍ପା ସମାଜରେ ତିନି ଅଦୃଶ୍ୟ ଶ୍ରେଣୀର ଲୋକ ଦେଖିବାକୁ ମିଳନ୍ତି । ସେମାନେ ହେଲେ-ଶାସକ, ବ୍ୟବସାୟୀ ତଥା ପୁରୋହିତ । ତେବେ ଏକ କେନ୍ଦ୍ରୀୟ ଶାସକ ଗୋଷ୍ଠୀ ଥିଲେ, ଅର୍ଥାତ୍ ଯେଉଁମାନେ ସବୁ ପ୍ରକାର ନିୟମକାନୁନ୍ ତିଆରି କରୁଥିଲେ ଏବଂ ହରପ୍ପା ସଭ୍ୟତାକୁ ନଗରପାଳ ହିସାବରେ ଚଳାଉଥିଲେ । ଏହା ବ୍ୟତୀତ ଅନୁମାନ କରାଯାଏ ଯେ, ସହରର ରକ୍ଷଣାବେକ୍ଷଣ ପାଇଁ ଏବଂ ଦୂରଦୂରାନ୍ତରୁ ଖାଦ୍ୟଶସ୍ୟ ଆଣି ହରପ୍ପା ସମାଜର ଅଧିବାସୀମାନଙ୍କ ମଧ୍ୟରେ ବଣ୍ଟନ କରିବା ଶାସକ ଗୋଷ୍ଠୀଙ୍କର କାର୍ଯ୍ୟ ଥିଲା । ଏହା ଦୁଇ କିମ୍ବା ପାଞ୍ଚ ରାଜନୈତିକ ସଭାରେ ବିଭକ୍ତ ଥିଲା । କେଉଁସ୍ଥାନ ସୁଦୂର ଶାସନର (ରାଜନୈତିକ-ଅର୍ଥନୈତିକ) କେନ୍ଦ୍ରବିନ୍ଦୁ ଥିଲା ଏବଂ କେଉଁମାନେ ଶାସନ କରୁଥିଲେ, ବର୍ତ୍ତମାନ ସୁଦ୍ଧା ଅଜଣା । ତେବେ ସେମାନେ ରାଜପୁରୋହିତ କିମ୍ବା ବ୍ୟବସାୟୀ ଗୋଷ୍ଠୀର ହୋଇପାରନ୍ତି । ତେଣୁ କି ପ୍ରକାର ଶାସନ ଥିଲା ତାହା ଅତଳ ଗର୍ଭରେ ଏବଂ ଅଧିକ ଗବେଷଣା କଲେ ସମସ୍ତ ଜଣାପଡ଼ିବ ।

ଧର୍ମ ଓ ଧାର୍ମିକ ପ୍ରଥା

ହରପ୍ପାରେ ପ୍ରଚଳିତ ଧର୍ମଧାରା କୌତୂହଳପ୍ରଦ ଅଟେ । ଏହା ଆଶ୍ଚର୍ଯ୍ୟଜନକ ଅଟେ ଯେ, ପ୍ରତ୍ନତାତ୍ତ୍ୱିକ ଖନନରୁ କୌଣସି ମନ୍ଦିର ମିଳି ନାହିଁ । କେତେକ ଐତିହାସିକ ମତବ୍ୟକ୍ତ କରିଛନ୍ତି ଯେ, ହରପ୍ପା ଏବଂ ମହେଞ୍ଜୋଦାରୋସ୍ଥିତ କେତେକ ବିଶାଳ ସୌଧ ଦେବ ପ୍ରତିଷ୍ଠାନ ହୋଇଥିବାର ସମ୍ଭାବନା ରହିଛି, ହେଲେ ଉକ୍ତ ସୌଧଗୁଡ଼ିକ ମଧ୍ୟରେ କୌଣସି ଦେବଦେବୀ ମୂର୍ତ୍ତି ମିଳି ନାହିଁ, ତେଣୁ ଉକ୍ତ ମତବାଦର ଅର୍ଥ କିଛି ନାହିଁ ।

ମାତୃକା ପୂଜା

ଖନନ ସମୟରେ ଅନେକଗୁଡ଼ିଏ ଟେର୍‌ରାକୋଟା ଉଲଗ୍ନ ଦେବୀମୂର୍ତ୍ତି ମିଳିଛି । ଏଥିରୁ ଅନୁମାନ ହୁଏ ଯେ, ସେମାନେ ଶକ୍ତି ଅଥବା ମାତୃଶକ୍ତି ଅଥବା ଦେବୀ (ନାରୀମୂର୍ତ୍ତି)ଙ୍କୁ ପୂଜା କରୁଥିଲେ । ମିଳିଥିବା ଏକ ଟେର୍‌ରାକୋଟା ଦେବୀମୂର୍ତ୍ତିଙ୍କ ଜରାୟୁରୁ ଏକ ଘରାଗଛ ଜନ୍ମ ହେଉଛି । ଉକ୍ତ ମୂର୍ତ୍ତିଟି ସମ୍ଭବତଃ ଭୂଦେବୀଙ୍କର ଅଟେ ଏବଂ ସେ ବୃକ୍ଷର ଜନ୍ମ ଓ ବୃଦ୍ଧି ସହିତ ସଂଶ୍ଳିଷ୍ଟ ଅଟନ୍ତି । ମିଶରୀୟମାନେ ନୀଳନଦୀର ଦେବୀ ଇସିସ୍‌ଙ୍କୁ ପୂଜା କରୁଥିବା ପରି ହରପ୍ପାବାସୀ ଭୂଦେବୀଙ୍କୁ ଉତ୍ପାଦିକା ରୂପରେ ପୂଜା କରୁଥିଲେ । ଏଥିରୁ ଜଣାଯାଏ ଯେ, ହରପ୍ପା ସଭ୍ୟତାରେ ନାରୀର ସ୍ଥାନ ଉଚ୍ଚରେ ଥିଲା । ସେ ସମ୍ମାନନୀୟା ଦେବୀ ରୂପରେ ପୂଜା ପାଉଥିଲେ । ସମାଜରେ ନାରୀକୁ ସମ୍ମାନ ଦିଆଯାଉଥିଲା ।

ପୁରୁଷ ଦେବତା ପୂଜା

ହରପ୍ପାରୁ ମିଳିଥିବା ଏକ ମୋହରରେ ଜଣେ ପୁରୁଷ ଦେବତାଙ୍କ ଛବି ରହିଛି । ଉକ୍ତ ଦେବମୂର୍ତ୍ତିଙ୍କ ମୁଣ୍ଡରେ ତିନୋଟି ଶିଙ୍ଗ ରହିଛି । ସେ ଯୋଗାସନରେ ବସିଛନ୍ତି । ଉକ୍ତ ଦେବମୂର୍ତ୍ତିଙ୍କ ଆସନ ତଳେ ତାଙ୍କୁ ଚାରିଗୋଟି ପଶୁ ଯଥା– ହରିଣ, ବାଘ, ଗଣ୍ଡା ଏବଂ ମଇଁଷି ଘେରି ରହିଛନ୍ତି । ଗବେଷକମାନେ ତାଙ୍କୁ ପଶୁପତି ମହାଦେବ ରୂପରେ ଚିହ୍ନିତ କରିଛନ୍ତି । ସେମାନଙ୍କ ମତାମତରେ କିନ୍ତୁ କେତେକ ବିଜ୍ଞବ୍ୟକ୍ତି ପ୍ରଶ୍ନବାଚୀ ଲଗାଇଛନ୍ତି, କାରଣ ଉକ୍ତ ମୂର୍ତ୍ତି ନିକଟରେ ବୃଷଭଙ୍କ ମୂର୍ତ୍ତି ନାହିଁ; ହେଲେ ମଧ୍ୟ ଉକ୍ତ ତ୍ରିମୁଖ ମୂର୍ତ୍ତିଙ୍କୁ ଶିବ, ପଶୁଙ୍କ ଉପସ୍ଥିତି ଯୋଗୁଁ ପଶୁପତି, ମହାଯୋଗୀ ରୂପରେ ପ୍ରାୟତଃ ଗ୍ରହଣ କରାଯାଇଛି । ଶିବଙ୍କର ଅନ୍ୟ ଦୁଇଗୋଟି ମୂର୍ତ୍ତି ମଧ୍ୟ ଭୂଖନନରୁ ମିଳିଛି । ଉକ୍ତ ମୂର୍ତ୍ତିଦ୍ୱୟରେ ଶିବ ପଦ୍ମାସନରେ ଯୋଗୀ ପରି ବସିଛନ୍ତି । ତାଙ୍କ ମୁଣ୍ଡ ଉପରେ ଗଛ ଓ ଫୁଲର ଉଦ୍ଭବ ହେବା ପରି ଚିତ୍ର ରହିଛି । ତାଙ୍କୁ ଉତ୍ପାଦକ ଅଥବା ବୀଜିନ୍ ରୂପରେ ପୂଜା କରାଯାଉଥିଲା । ଆହୁରି ମଧ୍ୟ ଅନେକଗୁଡ଼ିଏ ଶିବଲିଙ୍ଗ ଆବିଷ୍କୃତ ହୋଇଛି । ଲିଙ୍ଗ ଓ ଯୋନିଙ୍କୁ ପ୍ରଜନନର ଦେବତା ରୂପରେ ସେମାନେ ପୂଜା କରୁଥିଲେ । କାରଣ ଉକ୍ତ ଦେବଦେବୀଙ୍କ ବ୍ୟତିରେକେ ଜୀବଜଗତର ସୃଷ୍ଟି ଅସମ୍ଭବ ଅଟେ । ତେଣୁ କରି ଲିଙ୍ଗ ଓ ଯୋନିଙ୍କୁ ସର୍ବଶ୍ରେଷ୍ଠ ଦେବତା ଓ ଶିବଙ୍କୁ ମହାଦେବ ରୂପରେ ପୂଜା କରାଯାଉଥିଲା ।

ବୃକ୍ଷ, ପଶୁପକ୍ଷୀ ଏବଂ ନାଗ ଉପାସନା

ହରପ୍ପା ସଭ୍ୟତାର ଲୋକେ ବୃକ୍ଷ, ଅଗ୍ନି, ଜଳ, ସୂର୍ଯ୍ୟ, ପଶୁ ଓ ନାଗ ଆଦିଙ୍କୁ ପୂଜା କରୁଥିଲେ । ପାରା ଏକ ପବିତ୍ର ପକ୍ଷୀ ରୂପରେ ମାନ୍ୟତା ପାଇଥିଲା । କେତେକ ମୋହରରେ ରହିଥିବା ସ୍ୱସ୍ତିକ ଏବଂ ଚକ ଚିହ୍ନ ସୂର୍ଯ୍ୟ ଉପାସନାର ସୂଚନା ଦିଏ । ଏକ ମୋହରରେ ଅଶ୍ୱତ୍ଥ ବୃକ୍ଷର ଡାଳ ଗହଳରେ ଜଣେ ନାରୀ ରହିଛନ୍ତି । ତେଣୁ ସେମାନେ ଅଶ୍ୱତ୍ଥ ବୃକ୍ଷକୁ ପୂଜା କରୁଥିବା ଅନୁମାନ କରାଯାଏ । ହରପ୍ପାବାସୀ କେତେକ ପଶୁଙ୍କୁ ପୂଜା କରୁଥିଲେ । ମୋହରରେ ସେଗୁଡ଼ିକର ଛବି ଖୋଦିତ ହୋଇଛି । ସେମାନେ କୁଜଯୁକ୍ତ ବୃଷଭ, ଏକଶିଙ୍ଗବିଶିଷ୍ଟ ପଶୁ ତଥା ପଶୁପତି ମହାଦେବଙ୍କୁ ଘେରି ରହିଥିବା ମଇଁଷି, ଗଣ୍ଡା, ହରିଣ ଓ ବାଘକୁ ପୂଜା କରୁଥିଲେ । ଲୋଥାଲଠାରୁ ଆବିଷ୍କୃତ ବଳିଦେବା ସ୍ଥାନରୁ ଜଣାଯାଏ ଯେ, ସମ୍ଭବତଃ ସିନ୍ଧୁ ସଭ୍ୟତା ଅଞ୍ଚଳରେ ବଳିପ୍ରଥା ପ୍ରଚଳିତ ଥିଲା । ପୂଜା ଅର୍ଚ୍ଚନା ଆଦିରୁ ଜଣାଯାଏ ଯେ, ହରପ୍ପାବାସୀ ବିଶେଷ ରୂପରେ ଭଗବତ୍ ବିଶ୍ୱାସୀ ଓ ଧର୍ମପରାୟଣ ଥିଲେ । ସେମାନେ ଧର୍ମାନୁରାଗୀ ଥିଲେ । ରୀତିନୀତି ଓ ପୂଜାପଦ୍ଧତି ଉପରେ ବିଶ୍ୱାସ ରଖିଥିଲେ ତଥା ପାଳନ କରୁଥିଲେ ।

ହରପ୍ପା ସଭ୍ୟତାରେ କାହାକୁ ପୂଜା କରାଯାଉଥିବାର ଆମ ପାଖରେ ଯଦିଓ କୌଣସି ଲିଖିତ ପ୍ରମାଣ ନାହିଁ, ତଥାପି ଖନନ ଦ୍ୱାରା ଆବିଷ୍କୃତ ବହୁ ବ୍ରୋଞ୍ଜମୂର୍ତ୍ତି ଏବଂ ମାଟି ତିଆରି ମୂର୍ତ୍ତି ତଥ୍ୟ ପ୍ରଦାନ କରେ । ସିନ୍ଧୁ ନଗରୀରୁ କୌଣସି ମନ୍ଦିର ଆବିଷ୍କୃତ ହୋଇନାହିଁ କିମ୍ବା ସିନ୍ଧୁ ଲିପିର ପାଠୋଦ୍ଧାର ହୋଇପାରିନାହିଁ, ତଥାପି ଧର୍ମବିଶ୍ୱାସ ଉପରେ କେତେକ ତଥ୍ୟ ହସ୍ତଗତ ହୋଇଅଛି ।

ପୂଜାପାଠର ସ୍ଥାନ

ମହେଞ୍ଜୋଦାରୋଠାରେ ମିଳିଥିବା ପଥରନିର୍ମିତ ମୂର୍ତ୍ତି ଏବଂ ଏହାର ଦୁର୍ଗମାନଙ୍କ ନିକଟରେ ଥିବା ଗୃହ ଈଶ୍ୱରଙ୍କ ସ୍ଥାନ ବୋଲି ବିଶ୍ୱାସ କରାଯାଏ । ଏହାବ୍ୟତୀତ ପୁରୋହିତମାନଙ୍କ ବାସସ୍ଥାନର ପ୍ରମାଣ ମିଳିଥିବାରୁ ସେମାନେ ଭଗବାନ୍‌ଙ୍କର ଆରାଧନା କରୁଥିଲେ ବୋଲି ଜଣାଯାଏ ।

ପୂଜାପାଠର ଉଦ୍ଦେଶ୍ୟ

ହରପ୍ପା ସଭ୍ୟତାର ଧର୍ମବିଶ୍ୱାସ ଉପରେ କେତେକ ତଥ୍ୟ ହସ୍ତଗତ ହୋଇଅଛି ।

୧ । ପୁରୁଷ ଶକ୍ତି, ସମ୍ଭବତଃ ଶିବ ପୂଜା ।

୨ । ମାତୃ ଶକ୍ତିର ଉପାସନା ।

୩ । ପଶୁପୂଜନ, ପ୍ରାକୃତିକ ବା ଅର୍ଦ୍ଧ ମନୁଷ୍ୟ ବା କପୋଳକଳ୍ପିତ ।

୪ । ବୃକ୍ଷରେ ଥିବା ଅଲୌକିକ ଶକ୍ତି ବା ବୃକ୍ଷ ପୂଜନ ।

୫ । ଲିଙ୍ଗ ଯୋନି, ପଥର, ପଶୁ, ପକ୍ଷୀ, ବୃକ୍ଷ, ସରୀସୃପ ଏବଂ ସାପ ପୂଜା ।

୬ । ସୂର୍ଯ୍ୟ ଓ ଅଗ୍ନି ଉପାସନା ।

୭ । ଜଳ ଉପାସନା ।

୮ । ମୃତ୍ୟୁ ପରେ ଜୀବନର ବିଶ୍ୱାସ ।

ହରପ୍ପା ସଂସ୍କୃତିରେ ଲୋକମାନଙ୍କର ପୁରୁଷ ଶକ୍ତି ଉପରେ ବିଶ୍ୱାସ ଥିଲା ଏବଂ ଶିବ ସବୁଠାରୁ ଶ୍ରେଷ୍ଠ ପୁରୁଷ ଦେବତା ଥିଲେ । ଫଳକଗୁଡ଼ିକରୁ ବୃଷଭର ଚିତ୍ର ଦେଖିବାକୁ ମିଳେ । ମୋହରଗୁଡ଼ିକରେ କ୍ଷୁଦ୍ର ନାରୀମୂର୍ତ୍ତି ଖୋଦିତ ହୋଇଅଛି ଏବଂ ଏହା ମାତୃକା ରୂପେ ଅଭିହିତ ହୋଇଥାଆନ୍ତି । ଅର୍ଦ୍ଧ ଉଲଗ୍ନ ନାରୀମୂର୍ତ୍ତି ପ୍ରତ୍ୟେକଙ୍କ ବିଗ୍ରହରୁ ମିଳିଥାଏ । ଏହି ସଂସ୍କୃତିରେ ଜୀବଜନ୍ତୁମାନେ ପୂଜିତ ହେଉଥିଲେ ଏବଂ ତନ୍ମଧ୍ୟରୁ କୁଜଯୁକ୍ତ ଷଣ୍ଢ ଥିଲା ପ୍ରଧାନ । ଏକ

ଶିଙ୍ଗିଆ ବୃଷଭ ମୂର୍ତ୍ତି ମଧ୍ୟ ସିଲ୍ ଉପରେ ଅଙ୍କିତ ହୋଇଅଛି । ଏମାନେ ଦୁଇପ୍ରକାରର ବୃକ୍ଷ ପୂଜା କରୁଥିଲେ । ପ୍ରଥମରେ ପ୍ରାକୃତିକ ବୃକ୍ଷ ଏବଂ ଦ୍ୱିତୀୟରେ ବୃକ୍ଷ ମଧ୍ୟରେ ଏକ ଆଧ୍ୟାତ୍ମିକ ଶକ୍ତି ଥିବାର କଳ୍ପନା କରି ଏହାକୁ ଆରାଧନା କରୁଥିଲେ । ହରପ୍ପା ସଭ୍ୟତା ସହିତ ସଂପୃକ୍ତ ବିଭିନ୍ନ ସ୍ଥାନରୁ ଲିଙ୍ଗ ଆକୃତିର ପଥର ଓ ଯୋନି ଆକୃତିର ବହୁ ମାଟି ନିର୍ମିତ ବସ୍ତୁ ମିଳିଅଛି । କାଳିବାଙ୍ଗାନରୁ ଏହାର ପ୍ରମାଣ ମିଳେ । ଗର୍ଭବତୀ ଏବଂ ଶିଶୁଧାରଣ କରିଥିବା ନାରୀର ଚିତ୍ର ପୁରୁଷ ଶକ୍ତିର ମିଳନକୁ ଚିହ୍ନଟ କରିଥାନ୍ତି ।

କାଳିବାଙ୍ଗାନ, ଲୋଥାଲ ଓ ବନୱାଲିଠାରେ ଅନେକ ଅଗ୍ନିବେଦୀ ଆବିଷ୍କାର କରାଯାଇଅଛି । ସେଗୁଡ଼ିକ ଯଜ୍ଞବେଦୀ ରୂପେ କଳ୍ପନା କରାଯାଏ । ତେଣୁ ସେ କାଳରେ ଲୋକେ ଅଗ୍ନିର ଉପାସନା କରୁଥିବାର ଜଣାଯାଏ । ପୁନଶ୍ଚ, ସିନ୍ଧୁ ସଭ୍ୟତାର ଅଧିବାସୀମାନେ ସୂର୍ଯ୍ୟ ଉପାସନା କରୁଥିବାର ଜଣାଯାଏ । ସିଲରେ ବ୍ୟବହୃତ ସ୍ୱସ୍ତିକ ଏବଂ ଚକ୍ର ଚିହ୍ନରୁ ସୂର୍ଯ୍ୟପୂଜା ସଂପର୍କରେ ସୂଚନା ମିଳେ । ଜଳକୁ ମଧ୍ୟ ଦେବତା ରୂପେ ପୂଜା କରିବାର ପ୍ରମାଣ ମିଳିଅଛି ।

ମୃତ ବ୍ୟକ୍ତିମାନଙ୍କୁ କବର ଦେବା ସ୍ଥାନ

ହରପ୍ପାବାସୀମାନେ ମୃତ୍ୟୁ ପରର ଜୀବନ ଉପରେ ବିଶ୍ୱାସ କରୁଥିଲେ । ଶ୍ମଶାନରେ ଶବଗୁଡ଼ିକୁ ଉତ୍ତର-ଦକ୍ଷିଣ ଦିଗରେ କବର ମଧ୍ୟରେ ରଖାଯାଉଥିଲା । କେତେକ କ୍ଷେତ୍ରରେ ଶବ ନିକଟରେ ମୃତ୍ପାତ୍ର ଏବଂ ଅଳଙ୍କାର ରଖାଯାଉଥିଲା । ଲୋଥାଲରେ ଉଭୟ ପତି ଓ ପତ୍ନୀଙ୍କୁ ଏକତ୍ର କବର ଦିଆଯାଉଥିଲା । କାଳିବାଙ୍ଗାନଠାରୁ ଅସ୍ଥି ସହିତ ଭସ୍ମପାତ୍ର ଆବିଷ୍କାର କରାଯାଇଅଛି । ସେମାନଙ୍କର ଭୂତ-ପ୍ରେତ ଓ ଗୁଣିଗାରେଡିରେ ବିଶ୍ୱାସ ଥିବାର ମନେ କରାଯାଏ ।

ସଭ୍ୟତାର ବିସ୍ତୃତି ଓ ପତନ

ହରପ୍ପା ସଭ୍ୟତା ପତନର ପ୍ରତ୍ନତାତ୍ତ୍ୱିକ ପ୍ରମାଣ

ଭାରତ ସରକାରଙ୍କର ପ୍ରତ୍ନତତ୍ତ୍ୱ ବିଭାଗର ଖନନ ଫଳରେ ଏହାର ପତନ ବାବଦରେ ଏବଂ କାଳିବାଙ୍ଗାନର ସହରୀ ସଭ୍ୟତା, ଘର, କୋଠାବାଡ଼ି, ବୃହତ୍ ସ୍ନାନାଗାର, ଶସ୍ୟାଗାର ସମୟକ୍ରମେ ଧ୍ୱଂସ ପାଇଯାଇଥିଲା । ଏହାର ଶବଦାହ ବ୍ୟବସ୍ଥା ମାଟିପାତ୍ର ଇତ୍ୟାଦି ଏ ସବୁର ପ୍ରମାଣ ଦିଏ ।

ହଠାତ୍ ପତନ / ପ୍ରାକୃତିକ ଅବକ୍ଷୟ

ଐତିହାସିକମାନେ ଅନୁମାନ କରନ୍ତି ବିଭିନ୍ନ କାରଣ ପାଇଁ ଉକ୍ତ ସଭ୍ୟତାର ପତନ ଘଟିଥିଲା ।

ବନ୍ୟା ଏବଂ ଭୂମିକମ୍ପ

ବାରମ୍ବାର ପ୍ରବଳ ବନ୍ୟା ଆସିବାରୁ ଲୋଥାଲ ଓ ମହେଞ୍ଜୋଦାରୋ ଅଞ୍ଚଳରେ ଲୋକମାନେ ନଗର ପରିତ୍ୟାଗ କଲେ । ଆର୍.ଏଲ୍. ରାଏଜିସ୍‌ଙ୍କ ମତରେ ବାରମ୍ବାର ଭୂମିକମ୍ପ ହେବା ଫଳରେ ସଭ୍ୟତା ଭୂତଳ ଗର୍ଭରେ ଲୀନ ହୋଇଯାଇଥିଲା । ପୁନଶ୍ଚ ରାବୀ ଓ ସିନ୍ଧୁନଦୀ ଗତି ପରିବର୍ତ୍ତନ କରିଥିବାରୁ ଏ ଅଞ୍ଚଳ ମରୁଭୂମି ପାଲଟିଯାଇଥିଲା ବୋଲି ବିଶ୍ୱାସ କରାଯାଏ । ଏହା ଫଳରେ କୃଷି-ବାଣିଜ୍ୟ ଓ ଶାସନର ଅବକ୍ଷୟ ଘଟିଥିବାର ଅନୁମାନ କରାଯାଏ ।

ସିନ୍ଧୁନଦୀର ଗତି ପରିବର୍ତ୍ତନ

ଐତିହାସିକମାନେ ଅନୁମାନ କରନ୍ତି ଯେ, ସିନ୍ଧୁନଦୀ ତା'ର ଗତି ପରିବର୍ତ୍ତନ କରିବା ଫଳରେ ହରପ୍ପା ସଭ୍ୟତା ଧ୍ୱଂସ ପାଇଯାଇଥିଲା । ମହେଞ୍ଜୋଦାରୋଠାରୁ ୩୦ ମାଇଲ୍ ଦୂରରେ ସିନ୍ଧୁନଦୀ ତା'ର ଗତି ପରିବର୍ତ୍ତନ କରିବାର ପ୍ରମାଣ ମିଳିଅଛି ।

ପୁନଶ୍ଚ ଘାଘରାନଦୀର ଶୁଷ୍କତା ଏହି ସଭ୍ୟତାର ପତନ ପାଇଁ ଦାୟୀ ବୋଲି ଅନୁମାନ କରାଯାଏ ।

ବାହ୍ୟଶତ୍ରୁ ଆକ୍ରମଣ

ବୈଦେଶିକ ଆକ୍ରମଣକାରୀମାନେ ଇରାନର ପାର୍ବତ୍ୟ ଅଞ୍ଚଳରୁ ଆସି ବେବିଲୋନୀୟ ସାମ୍ରାଜ୍ୟ ଆକ୍ରମଣ କରିବା ସହିତ ବେଲୁଚିସ୍ତାନ ଗ୍ରାମ ଉପରେ ଆକ୍ରମଣ କରିବା ଫଳରେ ସିନ୍ଧୁ ନଗରଗୁଡ଼ିକର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଥିଲା । ନଗର ନିର୍ମାଣ ରକ୍ଷା କରାଯାଇ ପାରିଲା ନାହିଁ । ସମ୍ଭବତଃ ବର୍ବରମାନଙ୍କର ପ୍ରଚଣ୍ଡ ଆକ୍ରମଣରୁ ମହେଞ୍ଜୋଦାରୋ ଦୁର୍ଗକୁ ରକ୍ଷା କରାଯାଇ ପାରି ନ ଥିଲା । ଘୋଡ଼ା ଓ ହାତହତିଆର ଦ୍ୱାରା ସିନ୍ଧୁନଗରବାସୀଙ୍କୁ ପରାଜିତ କରାଯାଇଥିଲା । ଐତିହାସିକ ହୁଇଲର କହିଛନ୍ତି ଯେ, ଆର୍ଯ୍ୟମାନେ ହିଁ ହରପ୍ପା ଅଧିବାସୀମାନଙ୍କୁ ସଂପୂର୍ଣ୍ଣରୂପେ ପରାସ୍ତ କରିଥିଲେ । ଆର୍ଯ୍ୟମାନେ ସିନ୍ଧୁ ସଭ୍ୟତାର ଧ୍ୱଂସକାରୀ ଥିଲେ । ଶେଷରେ, ଆଉ କେତେକଙ୍କ ମତରେ, ହରପ୍ପା ସଭ୍ୟତାର ନାଗରିକ ଜୀବନ ମଧ୍ୟ କ୍ଷୟପ୍ରାପ୍ତ ହୋଇଥିଲା । ମୁଖ୍ୟ କୋଠା-ବାଡ଼ି ବଳପୂର୍ବକ ଦଖଲରୁ ବାଦ୍ ପଡ଼ି ନ ଥିଲା । ମହେଞ୍ଜୋଦାରୋର ବୃହତ୍ ସ୍ନାନାଗାର ହରପ୍ପାର ଶସ୍ୟାଗାର ପ୍ରଭୃତି ସ୍ଥାନଗୁଡ଼ିକୁ ପ୍ରବେଶ ପଥ ବନ୍ଦ ହୋଇଗଲା; ଫଳରେ ସେଗୁଡ଼ିକ ବ୍ୟବହୃତ ହୋଇପାରିଲା ନାହିଁ । ଖନନରୁ ଜଣାପଡ଼େ ଯେ, ଗୃହଗୁଡ଼ିକ ନଳା ମଧ୍ୟକୁ ମାଡ଼ି ଯାଇଥିଲା ଓ ନର୍ଦ୍ଦମାଗୁଡ଼ିକ ପୂର୍ବପରି କାର୍ଯ୍ୟ କରୁ ନ ଥିଲା । ଉପରୋକ୍ତ କାରଣ ପାଇଁ ହରପ୍ପା ସଭ୍ୟତା ଧ୍ୱଂସ ପାଇଯାଇଥିଲା । ପ୍ରତ୍ନତାତ୍ତ୍ୱିକ ପ୍ରମାଣରୁ ଜଣାଯାଏ ଯେ, ଧୀରେ ଧୀରେ କ୍ରମିକ ଗତିରେ ସଭ୍ୟତାର ପତନ ଘଟିଥିଲା । ଖ୍ରୀ.ପୂ. ୧୯୦୦-୧୩୦୦ - ଛ'ଶହ ବର୍ଷ ମଧ୍ୟରେ ହରପ୍ପା ସଭ୍ୟତା ଧ୍ୱଂସ ପାଇଯାଇଥିଲା ।

ବିବର୍ତ୍ତନବାଦ / ଭୂଚଳନ

ପ୍ରାକୃତିକ ଅବକ୍ଷୟ ଘଟିବା ଯୋଗୁଁ, ହରପ୍ପା ସଭ୍ୟତାର ପତନ ଘଟିଥିଲା । ଐତିହାସିକ ଜନ୍ ମାର୍ଶାଲ୍ ବିଶ୍ୱାସ କରନ୍ତି, କୃଷି ଓ ଜାଳ ପାଇଁ ଜଙ୍ଗଲ କଟାଗଲା ଏବଂ ପ୍ରାକୃତିକ ସଂପଦକୁ ଲୁଣ୍ଠନ କରାଗଲା । ଏହା ଫଳରେ ଜମି ଅନୁର୍ବର ହେଲା ଓ ନଦୀକୂଳ ପୋତି ହୋଇଗଲା । ବନ୍ୟା, ମରୁଡ଼ି ଓ ଦୁର୍ଭିକ୍ଷରେ ପଡ଼ି ହରପ୍ପାବାସୀ ସେ ଅଞ୍ଚଳ ପରିତ୍ୟାଗ କଲେ । ବାରମ୍ବାର ବନ୍ୟା ଓ ନଦୀର ଶୁଷ୍କତା ଯୋଗୁଁ ଲୋଥାଲ ଓ ମହେଞ୍ଜୋଦାରୋ ଅଧିବାସୀ ସେ ଅଞ୍ଚଳ ପରିତ୍ୟାଗ କଲେ, ପୁନଶ୍ଚ ରାବୀ ଓ ସିନ୍ଧୁନଦୀ ଗତିପଥ ପରିବର୍ତ୍ତନ କରିଥିବାରୁ ଏ ଅଞ୍ଚଳ ମରୁଭୂମି ପାଲଟିଯାଇଥିବାର ଅନୁମାନ କରାଯାଏ ।

ସଂରକ୍ଷିତ ପରମ୍ପରା

ସିନ୍ଧୁ ସଭ୍ୟତାର ପତନ ଉପରେ ମତଦାନ କରୁଥିବା ଐତିହାସିକମାନେ ଏହା ହଠାତ୍ ଧ୍ୱଂସ ପାଇଗଲା ବୋଲି ବିଶ୍ୱାସ କରନ୍ତି । ବିଶିଷ୍ଟ ଐତିହାସିକ ମଲ୍ଲିକ ଏବଂ ପାଶେଲ୍ଙ୍କ ମତ ଅନୁସାରେ, ସଂରକ୍ଷିତ ପରମ୍ପରାରୁ ଜଣାପଡ଼େ ଯେ, ହରପ୍ପା ସଭ୍ୟତାର ପତନ ପାଇଁ ବହୁବିଧ କାରଣ ଦାୟୀ । ପ୍ରତ୍ନତତ୍ତ୍ୱବିତ୍‌ମାନେ ବିଶ୍ୱାସ କରନ୍ତି ଯେ, ଏହାର କେନ୍ଦ୍ରମାନ ପରିତ୍ୟକ୍ତ ଅବସ୍ଥାକୁ ଆସିଯାଇଥିଲେ ମଧ୍ୟ କେତେକ କେନ୍ଦ୍ର ବଞ୍ଚିତ ଅବସ୍ଥାରେ ରହିଅଛି । ସିନ୍ଧୁ ଅଞ୍ଚଳର କେତେକ କେନ୍ଦ୍ରରେ ମାଟିପାତ୍ରର ପରମ୍ପରା ରହିଅଛି । ଗୁଜରାଟ, ରାଜସ୍ଥାନ ଓ ହରିୟାନାରେ କୃଷିଜୀବୀମାନେ ରହିଛନ୍ତି । ତଥାପି, ହରପ୍ପା ସଭ୍ୟତାର ସମସ୍ତ ଚିହ୍ନ ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ଦେଖିବାକୁ ମିଳେ ଓ ଆହୁରି ଖନନ ହେଲେ ନୂତନ ପରମ୍ପରାର ସନ୍ଧାନ ମିଳିପାରିବ ।

ସିନ୍ଧୁ

ହରପ୍ପାର ସିନ୍ଧୁ ନଗରୀର ଆମ୍ରି, ଗୁଜରାଟ ଓ ଝୁକାରରେ ଲୋକମାନେ ପୂର୍ବବତ୍ ଜୀବନଯାପନ କରୁଥିବା ପ୍ରଣାଳୀ ବାବଦରେ ଦେଖିବାକୁ ମିଳେ । ସେମାନେ ତଥାପି ଇଟାନିର୍ମିତ ଗୃହରେ ବାସ କରୁଛନ୍ତି ଏବଂ ମାଟିପାତ୍ର ବ୍ୟବହାର କରୁଛନ୍ତି ।

ସିନ୍ଧୁ-ଇରାନ ସୀମାନ୍ତ ଅଞ୍ଚଳ

ସିନ୍ଧୁପ୍ରଦେଶ ପଶ୍ଚିମରେ ବେଲୁଚିସ୍ତାନ ଏବଂ ଇରାନ୍ ସୀମାନ୍ତ ଅଞ୍ଚଳରେ ଲୋକମାନେ ବ୍ୟବହାର କରୁଥିବା ତମ୍ବା, ଟିକଟ ଓ ଛବି ଇତ୍ୟାଦି ପରମ୍ପରାରେ ସଂକେତ ଦେଇଥାଏ । ମୁଣ୍ଡିଗାରା, ନୌସାରୋ ଓ ପିରକ୍ ଲୋକମାନଙ୍କର ଇରାନ୍ ସହ ସଂପର୍କ ଥିବାର ଜଣାଯାଏ ।



ହରିୟାଣାରୁ ମିଳିଥିବା ହରପ୍ପା ମାଟିପାତ୍ର

ପଞ୍ଜାବ, ହରିୟାଣା ଓ ରାଜସ୍ଥାନ

ଉପରୋକ୍ତ ରାଜ୍ୟର କେତେ କେନ୍ଦ୍ରମାନଙ୍କରେ ଦେଖାଯାଏ ଯେ, ହରପ୍ପା ସଭ୍ୟତାର ପତନ ପରେ ମଧ ଏହାର ଅଧିବାସୀମାନେ ପୂର୍ବବତ୍ ଜୀବନଯାପନ କରୁଅଛନ୍ତି; ମାତ୍ର ମାଟିପାତ୍ରର ପରମ୍ପରା କ୍ରମଶଃ କମିଯାଇଅଛି ଏବଂ ଆଞ୍ଚଳିକ ମାଟିପାତ୍ର ଏହାର ସ୍ଥାନ ନେଇଅଛି । ବାରା ଏବଂ ଶିଶ୍ୱାଲାର ଇଟାନିର୍ମିତ ଗୃହ ହରପ୍ପା ସଭ୍ୟତାର ପରମ୍ପରା ବହନ କରେ ।



ରଙ୍ଗପୁରରୁ ମିଳିଥିବା ହରପ୍ପା ସମୟର ପାତ୍ର

କଚ୍ଛ ଏବଂ ସୌରାଷ୍ଟ୍ର

କଚ୍ଛ ଏବଂ ସୌରାଷ୍ଟ୍ରରେ ହରପ୍ପା ନଗରୀର ପରମ୍ପରା ରଙ୍ଗପୁର ଏବଂ ସୋମନାଥରେ ଦେଖିବାକୁ ମିଳେ । ସେମାନଙ୍କର ଆଞ୍ଚଳିକ ସେରାମିକ୍ କାରୁକାର୍ଯ୍ୟ ହରପ୍ପା ସଭ୍ୟତାର ପରମ୍ପରାକୁ ବହନ କରିଥାଏ । ବିକଶିତ ହରପ୍ପା



ହରପ୍ପା ସଭ୍ୟତାର କେତେକ ଛବି

ସଭ୍ୟତାର ୧୩ଗୋଟି କେନ୍ଦ୍ର ଯାହାକି ଗୁଜରାଟରେ ଅବସ୍ଥିତ (୨୧୦୦ ଖ୍ରୀ.ପୂ.) ଏବଂ ୨୦୦ ଗୋଟି କେନ୍ଦ୍ରରେ ବିଭକ୍ତ ଏବଂ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଥାଏ । ମହାରାଷ୍ଟ୍ରରୁ ମିଳିଥିବା ତଥ୍ୟ ଅନୁସାରେ ହରପ୍ପା ପରମ୍ପରା କୃଷିଭିତ୍ତିକ ଅଟେ ।

ହରପ୍ପା ସଭ୍ୟତାରୁ ରକ୍ଷାପାଇଥିବା ବସ୍ତୁ

ପଶୁପତି ଶିବ, ମାତୃଶକ୍ତି, ପୂଜା ଉପାସନା ଇତ୍ୟାଦି ହରପ୍ପା ସଭ୍ୟତାର ମୁଖ୍ୟ, ଯାହାକି ବୈଦିକ ଯୁଗର ଧର୍ମରେ ଏ ସମସ୍ତ ଦେଖିବାକୁ ମିଳିଥିଲା । ଏହା ଆର୍ଯ୍ୟ ସଭ୍ୟତାର ଯଥାର୍ଥତା ପ୍ରତିପାଦନ କରେ । ଘରୋଇ ଜୀବନରେ ଉକ୍ତ ସଭ୍ୟତାର ନଗର ଯୋଜନା, ନିଷ୍କାସନ ପଦ୍ଧତି ଏବଂ ପ୍ରୟୋଗ ପରବର୍ତ୍ତୀ ସମୟ ଉପରେ ପ୍ରଭାବ ପକାଇଥିଲା । ଓଜନ ଓ ମାପ-ଯନ୍ତ୍ର ତଥା ମୁଦ୍ରା ପରବର୍ତ୍ତୀ ସମୟରେ ନୂତନ ସଭ୍ୟତାକୁ ଆଲୋକ ଦେଖାଇଥିଲା । ମାଟିପାତ୍ରର ନିର୍ମାଣ କୌଶଳ ସଭ୍ୟତାର ଦାନ ଥିଲା । ଏଣୁ ହରପ୍ପା ସଭ୍ୟତାର ବିଭିନ୍ନ ଉପାଦାନ ପରବର୍ତ୍ତୀ କାଳରେ ଇତିହାସ ହୋଇ ପ୍ରଥାରେ ରହିଯାଇଥିଲା । ଭାରତର ପ୍ରଥମ ନଗର ସଭ୍ୟତା ହିସାବରେ ହରପ୍ପା ସଭ୍ୟତାର ପଟାନ୍ତର ନାହିଁ ।

ଆଦର୍ଶ ପ୍ରଶ୍ନାବଳୀ

ଶୂନ୍ୟସ୍ଥାନ ପୂରଣ କର ।

୧ । ______ ଠାରେ ଉଭୟ ପତି ଓ ପତ୍ନୀଙ୍କୁ ଏକତ୍ର କବର ଦିଆଯାଉଥିଲା ।

୨ । ସିନ୍ଧୁନଦୀର ସଭ୍ୟତା ମୁଖ୍ୟତଃ ______ ଥିଲା ।

୩ । ମହେଞ୍ଜୋଦାରୋସ୍ଥିତ ବୃହତ୍ ସ୍ନାନାଗାରର ବାହ୍ୟ ଅଂଶର ଲମ୍ବ ______ ଏବଂ ପ୍ରସ୍ଥ ______ ଥିଲା ।

୪ । ସିନ୍ଧୁ ସଭ୍ୟତାର ଲୋକେ ______ ଓ ______ ପୋଷାକ ତିଆରି କରି ପରିଧାନ କରୁଥିଲେ ।

୫ । ______ ଧାତୁ ବାହାରୁ ଆମଦାନୀ କରାଯାଉଥିଲା ।

ଉତ୍ତରମାଳା

(୧) ଲୋଥାଲ୍, (୨) ନଗରଭିତ୍ତିକ, (୩) ୧୮୦ ଫୁଟ, ୧୦୮ ଫୁଟ, (୪) ତୁଳା, ପଶମ, (୫) ତମ୍ବା ।

ଏକପଦ ଉତ୍ତରମୂଳକ ପ୍ରଶ୍ନୋତ୍ତର ।

୧ । ଏଯାବତ୍ ହରପ୍ପା ସଭ୍ୟତା ସହିତ ସାମଞ୍ଜସ୍ୟ ଥିବା କେତୋଟିରୁ ଊର୍ଦ୍ଧ୍ୱ ବସତି ଆବିଷ୍କୃତ ହୋଇଛି ?

୨ । କେତେ ଖ୍ରୀଷ୍ଟାବ୍ଦରେ ହରପ୍ପା ସଭ୍ୟତା ଆବିଷ୍କୃତ ହୋଇଥିଲା ?

୩ । ହରପ୍ପା ସଭ୍ୟତାର ଲୋକେ କେଉଁ କେଉଁ ଶସ୍ୟ ସହିତ ବିଶେଷ ପରିଚିତ ଥିଲେ ?

୪ । ହରପ୍ପା ସଭ୍ୟତାର ନଗରଗୁଡ଼ିକ ମୁଖ୍ୟତଃ କେତେ ଭାଗରେ ବିଭକ୍ତ ହୋଇଥିଲା ?

୫ । ହରପ୍ପାର ମୁଖ୍ୟ ରାସ୍ତାଗୁଡ଼ିକ ସାଧାରଣତଃ କେତେରୁ କେତେ ଫୁଟ ଓସାର ଥିଲା ?

୬ । ହରପ୍ପା ସଭ୍ୟତାର ସାଧାରଣ ଲୋକେ ନଗରର କେଉଁ ଅଞ୍ଚଳରେ ବାସ କରୁଥିଲେ ?

୭ । ସିନ୍ଧୁ ସଭ୍ୟତାର ଅଧିବାସୀମାନଙ୍କ ଅର୍ଥନୀତିର ଦ୍ୱିତୀୟ ସ୍ତର କ'ଣ ଥିଲା ?

୮ । ସିନ୍ଧୁ ସଭ୍ୟତାର ସ୍ଥଳପଥରେ ପରିବହନର ମାଧ୍ୟମ କ'ଣ ଥିଲା ?

୯ । ସିନ୍ଧୁ ସଭ୍ୟତାର ଛୋଟ ପିଲାମାନେ ସାଧାରଣତଃ କେଉଁ ଖେଳଣାରେ ଖେଳୁଥିଲେ ?
୧୦ । ସିନ୍ଧୁ ସଭ୍ୟତାର କେଉଁ ସହରଦ୍ୱୟ ଲଢ଼େଇଦ୍ୱାରା ପୋଡିଯାଇଥିବାର ପ୍ରମାଣ ମିଳେ ?
୧୧ । ହରପ୍ପା ସଭ୍ୟତାର ବୈଶିଷ୍ଟ୍ୟ କ'ଣ ଥିଲା ?
୧୨ । କାଳିବାଙ୍ଗାନ୍ ସହରରୁ ଏକକାଳୀନ ଭାବରେ ବହୁ ସଂଖ୍ୟାରେ କ'ଣ ଆବିଷ୍କାର କରାଯାଇଥିଲା ?
୧୩ । ସିନ୍ଧୁ ସଭ୍ୟତା ଅଞ୍ଚଳରେ କେଉଁ ଧାତୁର ସବୁଠାରୁ କମ୍ ବ୍ୟବହାର କରାଯାଉଥିଲା ?
୧୪ । ହରପ୍ପାର ଲିପି ସମ୍ବନ୍ଧିତ କେତେରୁ ଊର୍ଦ୍ଧ୍ୱ ଚିହ୍ନ ଅଦ୍ୟାବଧି ଆବିଷ୍କୃତ ହୋଇଛି ?
୧୫ । ମୋହରଗୁଡ଼ିକରେ ବ୍ୟବହୃତ ସ୍ୱସ୍ତିକ ଏବଂ ଚକ୍ର ଚିହ୍ନରୁ ହରପ୍ପାବାସୀଙ୍କର କେଉଁ ପୂଜା ସମ୍ପର୍କରେ ସୂଚନା ମିଳେ ?

ଉତ୍ତରମାଳା

(୧) ୧୦୦୦, (୨) ୧୯୨୧-୨୨, (୩) ଧାନ ଓ ମକାଜାତୀୟ ଶସ୍ୟ, (୪) ଦୁଇ, (୫) ୯ରୁ ୩୪ ଫୁଟ, (୬) ନିମ୍ନ, (୭) ପଶୁପାଳନ, (୮) ଶଗଡ଼, (୯) ଟେର୍‌ରାକୋଟା, (୧୦) କୋଟଡିଜି ଏବଂ କାଳିବାଙ୍ଗାନ, (୧୧) ନଗର ନିର୍ମାଣ, (୧୨) ଚୁଲି, (୧୩) ତମ୍ବା, (୧୪) ୪୦, (୧୫) ସୂର୍ଯ୍ୟ ।

ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

୧ । ସିନ୍ଧୁନଦୀ ସଭ୍ୟତାକୁ ହରପ୍ପା ସଭ୍ୟତା କୁହାଯିବାର ଯଥାର୍ଥତା ପ୍ରତିପାଦନ କର ।
୨ । ହରପ୍ପା ସଭ୍ୟତାର ମୁଖ୍ୟ କେନ୍ଦ୍ର କେଉଁସବୁ ସ୍ଥାନରେ ଥିଲା ?
୩ । ସିନ୍ଧୁନଦୀ ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ଖନନ କେବେ ଏବଂ କେଉଁମାନଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା ?
୪ । ହରପ୍ପା ସଭ୍ୟତାର ନିର୍ମାଣ ସାମଗ୍ରୀଗୁଡ଼ିକ କ'ଣ ଥିଲା ?
୫ । ଗାଈ ଓ ବଳଦଠାରୁ ହରପ୍ପାବାସୀ କ'ଣ ସବୁ ଲାଭ ପାଉଥିଲେ ?
୬ । ସିନ୍ଧୁ ସଭ୍ୟତାରେ ପ୍ରଚଳିତ ମାପ ଓ ଓଜନ ସମ୍ବନ୍ଧରେ ଲେଖ ।
୭ । ସିନ୍ଧୁ ସଭ୍ୟତାର ଲୋକଙ୍କ ପୋଷାକ ପରିଛଦ ସମ୍ବନ୍ଧରେ ଲେଖ ।
୮ । ହରପ୍ପା ସଭ୍ୟତାରେ ମାଟିପାତ୍ରଗୁଡ଼ିକୁ କିପରି ଭାବରେ ସୁସଜ୍ଜିତ କରାଯାଉଥିଲା ?
୯ । ହରପ୍ପା ସଭ୍ୟତାରେ ପୂଜାପାଠର ସ୍ଥାନ କିପରି ଥିଲା ?
୧୦ । ହରପ୍ପା ସଭ୍ୟତାରେ ବ୍ୟବହୃତ ଘରକରଣା ସାମଗ୍ରୀଗୁଡ଼ିକର ଏକ ତାଲିକା ପ୍ରଦାନ କର ।

ଛଅଟି ବାକ୍ୟରେ ଉତ୍ତର ଲେଖ (୭୫ ଶବ୍ଦ ମଧ୍ୟରେ) ।

୧ । ହରପ୍ପା ସଭ୍ୟତାର ଉତ୍ପତ୍ତି କିପରି ହୋଇଥିଲା ?
୨ । ହରପ୍ପା ସଭ୍ୟତାର ଭୌଗୋଳିକ ବିସ୍ତୃତି ସମ୍ବନ୍ଧରେ ଲେଖ ।
୩ । ହରପ୍ପା ସଭ୍ୟତାର ନଗର ପରିକଳ୍ପନା କିପରି କରାଯାଇଥିଲା ?
୪ । ହରପ୍ପା ସଭ୍ୟତାରେ ପଶୁପାଳନ ସମ୍ବନ୍ଧରେ ବର୍ଣ୍ଣନା କର ।

୫ । ବ୍ୟବସାୟ ବାଣିଜ୍ୟର ସ୍ୱରୂପ ଚିତ୍ରଣ କର ।

୬ । କାରିଗରି ଉତ୍ପାଦନର ସମୀକ୍ଷା କର ।

୭ । ସାମାଜିକ ଜୀବନର ସ୍ୱରୂପ ଚିତ୍ରଣ କର ।

୮ । ହରପ୍ପା ସଭ୍ୟତାର ଧାର୍ମିକ ଜୀବନ କିପରି ଥିଲା ?

୯ । ଶତ୍ରୁ ଆକ୍ରମଣର ପ୍ରତିରୋଧ କରିବା ପାଇଁ ହରପ୍ପାବାସୀ କିପରି ବ୍ୟବସ୍ଥା କରିଥିଲେ ?

୧୦ । ହରପ୍ପା ସଭ୍ୟତାର ପତନ ସମ୍ବନ୍ଧରେ ଉଲ୍ଲେଖ କର ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ (୫୦୦ ଶବ୍ଦ ମଧ୍ୟରେ) ।

୧ । ହରପ୍ପା ସଭ୍ୟତାକୁ କାହିଁକି ନଗର ସଭ୍ୟତା କୁହାଯାଏ ? ଏହାର ବସତି ସ୍ଥାପନ ଓ ନଗର ନିର୍ମାଣ ସମ୍ବନ୍ଧରେ ଉଲ୍ଲେଖ କର ।

୨ । ହରପ୍ପା ସଭ୍ୟତାର ଅର୍ଥନୈତିକ ଜୀବନ ଚିତ୍ରଣ କର ।

୩ । ହରପ୍ପା ସଭ୍ୟତାର ସାମାଜିକ ଏବଂ ରାଜନୈତିକ ସଂଗଠନ ସମ୍ବନ୍ଧରେ ଆଲୋଚନା କର ।

୪ । ହରପ୍ପା ସଭ୍ୟତା ପତନର କାରଣଗୁଡ଼ିକ ଲେଖ ।

ଚତୁର୍ଥ ଏକକ
UNIT - IV

ସାଂସ୍କୃତିକ ପରିବର୍ତ୍ତନ
(CULTURES IN TRANSITION)

(କ) ପ୍ରାଚୀନ ବୈଦିକ ଯୁଗ : ସମାଜ, ରାଜନୀତି, ଧର୍ମ ଏବଂ ସାହିତ୍ୟ
Early Vedic Age : Society, Polity, Religion and Literature

(ଖ) ପରବର୍ତ୍ତୀ ବୈଦିକ ଯୁଗ : ସାମାଜିକ ଶ୍ରେଣୀ (ସ୍ତର, ବର୍ଣ୍ଣ ଏବଂ ଲିଙ୍ଗ), ରାଜନୀତି, ଧର୍ମ ଏବଂ ସଂସ୍କୃତି
Later Vedic Age : Social Stratification (Varna and Gender), Polity, Religion and Culture

৪

ସାଂସ୍କୃତିକ ପରିବର୍ତ୍ତନ
(Cultures in Transition)

ସାଂସ୍କୃତିକ ଅବସ୍ଥାନ୍ତର

ବୈଦିକ ସଭ୍ୟତା ହେଉଛି ଆର୍ଯ୍ୟମାନଙ୍କର ମାନସପୁତ୍ରୀ । ସ୍ଥାୟିତ୍ୱ ଏବଂ ଚିର ପ୍ରବହମାନତା ହେଉଛି ଆର୍ଯ୍ୟ ସଭ୍ୟତାର ବୈଶିଷ୍ଟ୍ୟ । ଏହି ସଭ୍ୟତାର ଧାରା ବର୍ତ୍ତମାନ ଏବଂ ଭବିଷ୍ୟତରେ ମଧ୍ୟ ଚିରସ୍ରୋତା ତଟିନୀପରି କୁଳୁକୁଳୁ ତାନେ ଜୀବନ ସଙ୍ଗୀତ ଗାନ କରି ପ୍ରବାହିତ ହୋଇ ଚାଲିଥିବ । ଏହା ଏତେ ଦୃଢ଼ ଭିତ୍ତି ଉପରେ ପର୍ଯ୍ୟବସିତ ଯେ, ଏହାର ଅବକ୍ଷୟ ହିଁ କଳ୍ପନାତୀତ । ଏହା ଚିରନ୍ତନ ଓ ଶାଶ୍ୱତ ଅଟେ । ଆର୍ଯ୍ୟମାନଙ୍କ ଉର୍ବର ମସ୍ତିଷ୍କସମ୍ଭୂତା ଏହି ସଭ୍ୟତା ଚିର ସବୁଜ, ସତେଜ, ତେଜସ୍କ୍ରିୟ ଓ ଜାଜ୍ଜ୍ୱଲ୍ୟମାନ ହୋଇ ରହି ଆସିଛି ଯୁଗରୁ ଯୁଗାନ୍ତ ଯାଏ । ଅନନ୍ତ ଏହାର ଗତି, ଦିଗ୍‌ବଳୟ ଏହାର ସୀମା ଏବଂ ଅବିନାଶୀ ଏହାର ସ୍ଥିତି । ଆର୍ଯ୍ୟମାନେ ଭାରତୀୟ ଥିଲେ ଅଥବା ବାହାରୁ ଆସିଥିଲେ ଅଦ୍ୟାବଧି ଏହା ଏକ ପ୍ରଶ୍ନବାଚୀ ହୋଇ ରହିଥିବା ବେଳେ, ତାଙ୍କଦ୍ୱାରା ପ୍ରଣୀତ ସଭ୍ୟତା କାଳଜୟୀ ଅଟେ । ଅଧୁନା ସମୟରେ ଭାରତୀୟମାନଙ୍କ ଚାଲିଚଳଣି, ଧର୍ମଧାରା, ଜୀବନଶୈଳୀ, ଆଚାରବ୍ୟବହାର ଆଦି ସମସ୍ତ ସମ୍ପୂର୍ଣ୍ଣ ରୂପରେ ଆର୍ଯ୍ୟଧାରାରୁ ପ୍ରଚଳିତ ହୋଇ ଆସୁଛି । ପ୍ରାଚୀନ ଭାରତୀୟ ସମାଜ ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଆମେ ବିଶେଷତଃ ଋକ୍‌ବେଦ ଉପରେ ନିର୍ଭର କରିଥାଉ ।

ଦୁଇଗୋଟି କାରଣ ଯୋଗୁଁ ଏହିପରି ଅନୁସନ୍ଧାନର ଆବଶ୍ୟକତା ରହିଛି । ପ୍ରଥମତଃ, ବିଶ୍ୱାସ କରାଯାଏ ଯେ, ଆର୍ଯ୍ୟମାନେ ହିଁ ବେଦର ରଚନା କରିଥିଲେ ତଥା ବହୁ ପୁରାତନ ଯୁଗରୁ ବିଶ୍ୱାସ କରାଯାଇ ଆସୁଛି ଯେ, ଆର୍ଯ୍ୟମାନେ ହିଁ ଭାରତ ଉପମହାଦେଶ ଅଞ୍ଚଳକୁ ଶିକ୍ଷିତ ଓ ସଭ୍ୟ କରିଥିଲେ । ଋକ୍‌ବେଦର ବିଷୟବସ୍ତୁକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରିବା ପରେ ଜଣାଯାଏ ଯେ, ତାହା ଆମକୁ ଏକ ଅତି ଉନ୍ନତ ବସ୍ତୁବାଦୀ ସଭ୍ୟତାର ସୂଚନା ଅଥବା ଅନୁଭୂତି ଦିଏ ନାହିଁ । ଅନ୍ୟପକ୍ଷରେ ଅନେକ ବସ୍ତୁବାଦୀ ପ୍ରଥା, ଯାହାକି ଭାରତୀୟ ସଭ୍ୟତାର ଚାରିତ୍ରିକ ବୈଶିଷ୍ଟ୍ୟ ଅଟେ, ତାହା ଆଗରୁ ବେଦ ପୂର୍ବବର୍ତ୍ତୀ ସଭ୍ୟତାଗୁଡିକରେ ରହିଥିବା ପ୍ରମାଣ, ପ୍ରତ୍ନତାତ୍ତ୍ୱିକ ଭୂଖନନରୁ ମିଳିଛି । ଦ୍ୱିତୀୟତଃ, ଯେତେବେଳେ ଋକ୍‌ବେଦର ବିଷୟବସ୍ତୁକୁ ପରବର୍ତ୍ତୀ ବେଦ ଏବଂ ଅନ୍ୟାନ୍ୟ ସହାୟକ ଗ୍ରନ୍ଥର ବିଷୟବସ୍ତୁ ସହିତ ତୁଳନା କରାଯାଏ, ଏହା ସ୍ପଷ୍ଟ ହୋଇଯାଏ ଯେ, ବୈଦିକ ସମାଜ ମଧ୍ୟରେ ହିଁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଥିଲା । ଏହାର ଅର୍ଥ- ବୈଦିକ ସଂସ୍କୃତି କିମ୍ବା ଆର୍ଯ୍ୟ ସଂସ୍କୃତି ଭାବରେ ଆଖ୍ୟାୟିତ କରିବା ପାଇଁ ସେପରି କିଛି ସ୍ଥିର ବା ସ୍ଥାୟୀ ସଂସ୍କୃତି ନଥିଲା ।

ଋକ୍‌ବୈଦିକ ପ୍ରମାଣ ସମ୍ବନ୍ଧିତ ମୁଖ୍ୟ ଭୌଗୋଳିକ ଅଞ୍ଚଳ ଥିଲା ସପ୍ତସୈନ୍ଧବ କିମ୍ବା ସପ୍ତନଦୀର ଦେଶ । ଏହି ଅଞ୍ଚଳ ସମଗ୍ର ପଞ୍ଜାବ ଏବଂ ହରିୟାଣାରେ ବିସ୍ତୃତ ଥିଲା । ଋକ୍‌ବେଦୀୟ ଭୂଗୋଳ ପୁନଶ୍ଚ ଗୋମାଳ ସମତଳ ଅଞ୍ଚଳ, ଦକ୍ଷିଣ ଆଫଗାନିସ୍ତାନ ଏବଂ ଦକ୍ଷିଣ ଜାମ୍ମୁ ଓ କାଶ୍ମୀରକୁ ମଧ୍ୟ ମିଶେଇ କରି ରହିଥିଲା । ବୈଦିକ ସମାଜର ଆଦି ବ୍ୟାଖ୍ୟା ହେଉଛି ଯେ, ତା'ର ଭିତ୍ତି ଥିଲା ପଶ୍ଚିମ ଏସିଆ ଅଞ୍ଚଳରୁ । ଇଣ୍ଡୋ-ଆର୍ଯ୍ୟମାନେ ଦେଶାନ୍ତରୀ ହୋଇ

ଭାରତୀୟ ଉପମହାଦେଶରେ ପ୍ରବେଶ କରି ବସତି ସ୍ଥାପନ କରିଥିଲେ । ଏହି ଦେଶାନ୍ତରୀ ଲୋକେ, ଯେଉଁମାନେ କି ବେଦର ରଚୟିତା ରୂପରେ ଗୃହୀତ, ବୈଦିକ ସଂସ୍କୃତିର ଜନସମାଜ ରୂପରେ ପରିଚିତ ଅଟନ୍ତି । ଐତିହାସିକ ବ୍ୟାଖ୍ୟା ଅନୁଯାୟୀ ଆର୍ଯ୍ୟମାନେ ପର୍ଯ୍ୟାୟକ୍ରମେ ଭାରତକୁ ଆସିଥିଲେ ।

ଆର୍ଯ୍ୟମାନେ ଇଣ୍ଡୋ-ଇଉରୋପୀୟ ଭାଷାଭାଷୀ ଗୋଷ୍ଠୀର ପ୍ରତିନିଧିତ୍ୱ କରନ୍ତି । ପାରମ୍ପରିକ ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକମାନେ ଆର୍ଯ୍ୟମାନଙ୍କୁ ପୂର୍ବବର୍ତ୍ତୀ ଅଣଆର୍ଯ୍ୟ ଓ ହରପ୍ପା ସଂସ୍କୃତିର ଲୋକଙ୍କଠାରୁ ଅଲଗା ରୂପରେ ଚିହ୍ନିତ କରିଛନ୍ତି ।

ଯାହାହେଉ, ବୈଦିକ ସମାଜ ବାବଦରେ କେତେକ ଅନୁଧାନରୁ ଜଣାଯାଇଛି ଯେ, ଯଦି ସାହିତ୍ୟିକ ଏବଂ ପ୍ରତ୍ନତାତ୍ତ୍ୱିକ ଉପାଦାନ ପରସ୍ପରର ପରିପୂରକ ହୁଅନ୍ତି, ତେବେ ଏହି ଅଧ୍ୟୟନ ଫଳପ୍ରସୂ ହୋଇପାରିବ । ଯଦି ଉଭୟ ପ୍ରକାରର ଉପାଦାନ ସମାନ ଅଞ୍ଚଳ ଓ ସମୟର ହୁଅନ୍ତି, ତେବେ ଉଭୟ ମିଳିତ ଭାବରେ ଆମକୁ ସେ ସମୟର ଅର୍ଥନୀତି, ରାଜନୀତି, ସମାଜ ଓ ଧର୍ମ ସମ୍ବନ୍ଧରେ ସବିଶେଷ ଧାରଣା ପ୍ରଦାନ କରିପାରିବେ ।

(କ) ପ୍ରାଚୀନ ବୈଦିକ ଯୁଗ

ଆର୍ଯ୍ୟମାନଙ୍କର ଅଭିଯାନ - ପୌରାଣିକ ଗପ ଅଥବା ସତ୍ୟ

ଆର୍ଯ୍ୟମାନଙ୍କର ଅଭିଯାନ କାଳ୍ପନିକ ଥିଲା କିମ୍ବା ସତ୍ୟ ଥିଲା ? ପ୍ରାୟତଃ ଜଣାଯାଏ ନାହିଁ ।

ପ୍ରତ୍ନତାତ୍ତ୍ୱିକମାନେ ପରବର୍ତ୍ତୀ ହରପ୍ପା ସଂସ୍କୃତି ଏବଂ ଆର୍ଯ୍ୟ ସଂସ୍କୃତି ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ପାଇଁ ଚେଷ୍ଟା କରିଥିଲେ । ଚିତ୍ରିତ ଧୂସର ମାଟିପାତ୍ର ସଂସ୍କୃତି ଯାହାର କି ସମୟ ଥିଲା ଖ୍ରୀ.ପୂ. ୯୦୦ ରୁ ୫୦୦, ତାକୁ ବାରମ୍ବାର ଆର୍ଯ୍ୟମାନଙ୍କର କାରିଗରି କୌଶଳ ସହିତ ସମ୍ପର୍କିତ କରାଯାଇ ଆସିଛି । ସେମାନଙ୍କର ତର୍କ ଅନୁମାନ ଉପରେ ଆଧାରିତ ହୋଇଥିବା ବେଳେ ଐତିହାସିକମାନେ ସାହିତ୍ୟିକ ଗ୍ରନ୍ଥଗୁଡିକର ବ୍ୟାଖ୍ୟା କରି ମତପୋଷଣ କରିଛନ୍ତି । ପ୍ରତ୍ନତାତ୍ତ୍ୱିକମାନେ ଆବେସ୍ତା ଏବଂ ଋକ୍‌ବେଦ ମଧ୍ୟରେ ଭାଷାଗତ ସାମଞ୍ଜସ୍ୟକୁ ଦେଖି ମାଟିପାତ୍ର ପ୍ରକାରରେ ମୃଣ୍ମୟପାତ୍ର ଚିତ୍ରଣରେ, ତମ୍ବା ଜିନିଷ ଆଦିରେ ମଧ୍ୟ ସାମଞ୍ଜସ୍ୟ ପ୍ରମାଣ କରିବା ପାଇଁ ଚେଷ୍ଟା କରିଥିଲେ । ସେମାନେ ହରପ୍ପା ପରବର୍ତ୍ତୀ ଏବଂ ପଶ୍ଚିମ ଏସିଆ / ଇରାନୀୟ ତାମ୍ର ସଭ୍ୟତାର ସମାବେଶକୁ ଆର୍ଯ୍ୟ ସଭ୍ୟତା ସହିତ ତୁଳନା କରିବା ପାଇଁ ଚେଷ୍ଟା କରିଥିଲେ । ଏହି ସମତାଗୁଡ଼ିକ, ଆର୍ଯ୍ୟମାନେ ଏକ ଗୋଷ୍ଠୀ ଯେଉଁମାନେକି ପଶ୍ଚିମ ଏସିଆରୁ ଭାରତ ମଧ୍ୟକୁ ଆସିଥିଲେ-ମତବାଦକୁ ଆହୁରି ଉଜ୍ଜ୍ୱଳ କରୁଛି । ଏହିପରି ଭାବରେ ସାହିତ୍ୟିକ ଏବଂ ପ୍ରତ୍ନତାତ୍ତ୍ୱିକ ଉତ୍ସ, ଆର୍ଯ୍ୟମାନଙ୍କର ଦେଶାନ୍ତର ଗମନ ଏବଂ ଭାରତରେ ପ୍ରବେଶ ଭାବଧାରାକୁ ପ୍ରତିଷ୍ଠା କରିବା ପାଇଁ ପରସ୍ପରକୁ ସାହାଯ୍ୟ କରୁଛନ୍ତି ।

ଆବେସ୍ତା ଏବଂ ଋକ୍‌ବେଦର ଭାଷାଗତ ସମତାରେ କୌଣସି ମତଭେଦ ନାହିଁ; ହେଲେ ସେହି ପ୍ରକାର ସମତା କେବେହେଲେ କହେ ନାହିଁ ଯେ, ବିଶାଳ ଜନସମୁଦାୟ ଦେଶାନ୍ତରିତ ହୋଇ ଭାରତ ମଧ୍ୟକୁ ପ୍ରବେଶ କରିଥିଲେ । ଆହୁରି ମଧ୍ୟ ଭାରତର ତାମ୍ରଯୁଗୀୟ କଳାକୃତି ଏବଂ ପଶ୍ଚିମ ଏସିଆର ତଦନୁରୂପ କଳାକୃତି ମଧ୍ୟରେ ସମତା ମାତ୍ର ସାମୟିକ ଥିଲା । ସେଗୁଡିକ ମଧ୍ୟ ବିଶାଳ ଜନସମୁଦାୟର ଦେଶାନ୍ତର ଗମନ କଥା କହେ ନାହିଁ । ପୂର୍ବରୁ ବର୍ଣ୍ଣିତ ଆର୍ଯ୍ୟମାନଙ୍କର ରୂପରେଖକୁ କେବେହେଲେ କୌଣସି ଏକ ନିର୍ଦ୍ଦିଷ୍ଟ ମାଟିପାତ୍ରର ପ୍ରକାର ସହିତ ସମାନ ଅଥବା ତୁଳନା କରାଯାଇ ପାରିବ । ଆହୁରି ମଧ୍ୟ ଏହାର କୌଣସି ମାନବ-ଜାତିତତ୍ତ୍ୱ କିମ୍ବା ଜାତିଗତ ତାତ୍ପର୍ଯ୍ୟ ନାହିଁ । ତେଣୁକରି ଲୋକଙ୍କର ଭାଷାଗତ ସମାନତାକୁ ନେଇ 'ଆର୍ଯ୍ୟ'ମାନଙ୍କର ବ୍ୟାଖ୍ୟା କରିବା ଅବାନ୍ତର ପରିକଳ୍ପନା ମାତ୍ର ଅଟେ ।

ଏହି ପରିପ୍ରେକ୍ଷୀରେ, ବିଭିନ୍ନ ସ୍ଥାନର ପ୍ରତ୍ନତାତ୍ତ୍ୱିକ ଭୂ-ଖନନରୁ ମିଳିଥିବା ଉପାଦାନଗୁଡ଼ିକୁ ବିଚାରକୁ ନିଆଯାଇ ପାରିବ ।

(କ) ପୂର୍ବବର୍ତ୍ତୀ ଗବେଷକମାନେ ବିଶ୍ୱାସ କରନ୍ତି ଯେ, ହରପ୍ପାର ସହର ଏବଂ ନଗରଗୁଡ଼ିକୁ ଧ୍ୱଂସ କରି ଇଣ୍ଡୋ-ଆର୍ଯ୍ୟମାନେ ହରପ୍ପା ସଭ୍ୟତାର ପତନ ଘଟାଇଥିଲେ । ସେମାନେ ଋଗ୍‌ବେଦର ମନ୍ତ୍ରଗୁଡ଼ିକର ଅବତାରଣା କରି କହନ୍ତି ଯେ, ଆର୍ଯ୍ୟମାନେ ପୁରବାସୀମାନଙ୍କୁ ବିନାଶ କରିବା ପାଇଁ ଇନ୍ଦ୍ରଙ୍କୁ ପ୍ରବର୍ତ୍ତାଇଥିଲେ; ହେଲେ ପ୍ରତ୍ନତାତ୍ତ୍ୱିକ ପ୍ରମାଣଗୁଡ଼ିକରୁ ଜଣାଯାଏ ଯେ, ହରପ୍ପାର ପତନ ଏକ ବୈଦେଶିକ ଗୋଷ୍ଠୀଦ୍ୱାରା କୌଣସି ବଡ଼ ଧରଣର ଆକ୍ରମଣ ଦ୍ୱାରା ହୋଇ ନଥିଲା ।

(ଖ) ଆର୍ଯ୍ୟମାନଙ୍କୁ ଚିତ୍ରିତ ଧୂସର ମାଟିପାତ୍ର ନିର୍ମାଣକାରୀ ରୂପରେ ଚିହ୍ନିତ କରିବା ମଧ୍ୟ କୌଣସି ବିଶେଷ ଧରଣର ପ୍ରତ୍ନତାତ୍ତ୍ୱିକ ପ୍ରମାଣଦ୍ୱାରା ସମର୍ଥିତ ନୁହେଁ । ପି.ଜି.ଡବ୍ଲ୍ୟୁ. ସଂସ୍କୃତି ଯଦି ଆର୍ଯ୍ୟମାନଙ୍କ ସମ୍ପର୍କିତ ହୋଇଥାନ୍ତା, ତେବେ ଆର୍ଯ୍ୟମାନଙ୍କର ଆକ୍ରମଣ ପରିପ୍ରେକ୍ଷୀରେ ଏହି ପାତ୍ର ସବୁ ପଞ୍ଜାବ ଏବଂ ବାହାୱଲପୁର ଅଞ୍ଚଳରେ ମଧ୍ୟ ମିଳିଥାନ୍ତା, କାରଣ ତଥାକଥିତ ଆର୍ଯ୍ୟ ଦେଶାନ୍ତରୀମାନେ ଏହି ବାଟ ଦେଇ ଭାରତ ମଧ୍ୟକୁ ପ୍ରବେଶ କରିଥିଲେ; ହେଲେ ଆମେ ଏହି ପ୍ରକାରର ମାଟିପାତ୍ର କେବଳ ମାତ୍ର ହରିୟାଣା, ଉପର ଗାଙ୍ଗେୟ ଉପତ୍ୟକା ଏବଂ ରାଜସ୍ଥାନର ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ପାଇଥାଉ ।

(ଗ) ଆଗରୁ ଏହା ବିଚାର କରାଯାଇଥିଲା ଯେ, ହରପ୍ପା ଏବଂ ହରପ୍ପା ପରବର୍ତ୍ତୀ ତାମ୍ରଯୁଗ ସମୟରେ ଏକ ସାଂସ୍କୃତିକ ବ୍ୟତିକ୍ରମ ତଥା ଏକ ସମୟର ବ୍ୟବଧାନ ଘଟିଥିଲା ।

ଅଳ୍ପଦିନ ତଳେ ଖନନ କରାଯାଇଥିବା ଭଗବାନପୁର, ଦାନଧରୀ (ହରିଆଣା) ଏବଂ ମାଣ୍ଡା (ଜାମ୍ମୁ) ଆଦି ସ୍ଥାନରେ ଦେଖାଯାଇଛି ଯେ, ପରବର୍ତ୍ତୀ ହରପ୍ପା ସଂସ୍କୃତି ଏବଂ ଚିତ୍ରିତ ଧୂସର ମାଟିପାତ୍ର ସଂସ୍କୃତି ମଧ୍ୟରେ କୌଣସି ବ୍ୟବଧାନ ନଥିଲା, ବରଂ ଉଭୟ ଏକାସାଥିରେ ରହିଥିଲେ । ତେଣୁ ଆର୍ଯ୍ୟମାନଙ୍କର ଅଭିଯାନ ପ୍ରତ୍ନତାତ୍ତ୍ୱିକ ଖନନ ଭିତ୍ତିରେ ପ୍ରମାଣିତ ହୋଇପାରି ନାହିଁ ।

ଖ୍ରୀ.ପୂ. ୧୭୫୦ର ପରବର୍ତ୍ତୀ ସମୟରେ ହରପ୍ପା ସଭ୍ୟତାର କେବଳ ମାତ୍ର ନଗର, ସହର କଳାକୃତି, ମୋହର, ଓଜନ ମାପକ ଯନ୍ତ୍ର, ବଟକରା ଇତ୍ୟାଦି ସହରୀକରଣ ଏବଂ ବ୍ୟବସାୟ ବାଣିଜ୍ୟ ସମ୍ପର୍କିତ ଜିନିଷର ବିଲୋପ ଘଟିଥିଲା । ପୂର୍ବବର୍ତ୍ତୀ ସମୟର ଗ୍ରାମ୍ୟ ଢାଞ୍ଚା ଖ୍ରୀ.ପୂ. ଦ୍ୱିତୀୟ ଏବଂ ପ୍ରଥମ ସହସ୍ରାବ୍ଦ ପର୍ଯ୍ୟନ୍ତ ରହିଥିଲା । ପରବର୍ତ୍ତୀ ହରପ୍ପା ସଭ୍ୟତା ସମୟର ମିଳୁଥିବା ପ୍ରତ୍ନତାତ୍ତ୍ୱିକ ଧ୍ୱଂସାବଶେଷ ବିଶେଷତଃ ମାଟିପାତ୍ର, ଧାତବ ସରଞ୍ଜାମ ଏବଂ ଅନ୍ୟାନ୍ୟ ଜିନିଷର ଗଢ଼ଣ, ପ୍ରକାର ଆଦିରେ ପରିବର୍ତ୍ତନ ସମ୍ଭବତଃ ଆଞ୍ଚଳିକ ପ୍ରଭାବ ଯୋଗୁ କିମ୍ବା ଭାରତୀୟ ତାମ୍ର ସଭ୍ୟତା ସମୟର ଆଧୁନିକତା ଯୋଗୁଁ ହୋଇଥାଇପାରେ ।

ଏହି ପ୍ରକାରେ ଖ୍ରୀ.ପୂ. ଦ୍ୱିତୀୟ ଏବଂ ପ୍ରଥମ ସହସ୍ରାବ୍ଦ ସମୟର ମିଳିଥିବା ପ୍ରତ୍ନତାତ୍ତ୍ୱିକ ଧ୍ୱଂସାବଶେଷ ଆମକୁ ବୈଦିକ ଆର୍ଯ୍ୟମାନଙ୍କର ଭାରତ ଭୂମିରେ ଆବିର୍ଭାବ ସମ୍ବନ୍ଧରେ ପ୍ରଚଳିତ ମତବାଦକୁ ଖଣ୍ଡନ ତଥା ପରିବର୍ତ୍ତନ କରିବା ପାଇଁ ସାହାଯ୍ୟ କରିଥାଏ । ପ୍ରଥମତଃ, ପ୍ରତ୍ନତାତ୍ତ୍ୱିକ ଧ୍ୱଂସାବଶେଷରୁ ଆମକୁ କୌଣସି ବାସ୍ତବ ଏବଂ ଗ୍ରହଣଯୋଗ୍ୟ ପ୍ରମାଣ ମିଳେ ନାହିଁ, ଯାହା ବଳରେ କି ଆମେ କହି ପାରିବା ଯେ, ଆର୍ଯ୍ୟମାନେ ଖ୍ରୀ.ପୂ. ୧୫୦୦ ବେଳକୁ ପଶ୍ଚିମ ଏସିଆ ଏବଂ ଇରାନ୍ ଅଞ୍ଚଳରୁ ଆସି ଭାରତୀୟ ଉପମହାଦେଶରେ ପ୍ରବେଶ କରିଥିଲେ । ଦ୍ୱିତୀୟତଃ, ପ୍ରତ୍ନତାତ୍ତ୍ୱିକ ଉପାଦାନରୁ ଏପରି କୌଣସି ପ୍ରମାଣ ମିଳେ ନାହିଁ, ଯାହା ବଳରେ କି କୁହାଯାଇ ପାରିବ ଯେ, ଆର୍ଯ୍ୟମାନେ ହରପ୍ପା ସଭ୍ୟତାକୁ ଧ୍ୱଂସ କରି ଏକ ନୂତନ ଭାରତୀୟ ସଭ୍ୟତାର ଭିତ୍ତି ସ୍ଥାପନ କରିଥିଲେ । ଯଦିଓ ଋକ୍‌ବେଦ ଆର୍ଯ୍ୟ ଏବଂ ଅଣଆର୍ଯ୍ୟମାନଙ୍କ ମଧ୍ୟରେ ବିବାଦ ଓ ସଂଘର୍ଷ ବାବଦରେ ବାରମ୍ବାର ଉଲ୍ଲେଖ କରିଛି, ତଥାପି ମଧ୍ୟ ପ୍ରତ୍ନତାତ୍ତ୍ୱିକ ବିବରଣୀରେ ଏ ସମ୍ବନ୍ଧରେ କିଛି ଉଲ୍ଲେଖ କରାଯାଇନାହିଁ । ତଥାପି ମଧ୍ୟ ଉପଲବ୍ଧ ଗ୍ରନ୍ଥଗୁଡ଼ିକ ମଧ୍ୟରେ ଋକ୍‌ବେଦ ଯେହେତୁ ସର୍ବପ୍ରାଚୀନ ଧାର୍ମିକ ମନ୍ତ୍ର ସଂକଳନ, ତେଣୁ ଏକ ଐତିହାସିକ ଦଲିଲ ରୂପରେ ଏହାର ତାତ୍ପର୍ଯ୍ୟ ବିଶେଷ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହି ମନ୍ତ୍ରଗୁଡ଼ିକ ସେ ସମୟର ସମାଜ ଏବଂ ସାମାଜିକ ବ୍ୟବସ୍ଥା ବାବଦରେ ଆଭ୍ୟନ୍ତରୀଣ ତଥା

ଗୁଢ଼ ଜିନିଷ ଏବଂ ବିଭିନ୍ନ ଦିଗ ବାବଦରେ ବର୍ଣ୍ଣନା କରେ, ଯାହାକି ପ୍ରତ୍ନତାତ୍ତ୍ୱିକ ଉତ୍ସରୁ ମିଳେ ନାହିଁ । ମନ୍ତ୍ରଗୁଡ଼ିକରୁ ଆମେ ତଦାନୀନ୍ତନ ସମାଜ, ଅର୍ଥନୀତି, ରାଜନୀତି, ରାଜତନ୍ତ୍ର, ଧର୍ମ, ବିଭିନ୍ନ ଅନୁଷ୍ଠାନ ଏବଂ ବ୍ରହ୍ମାଣ୍ଡତତ୍ତ୍ୱ ତଥା ଆହୁରି ଅନେକ ବିଷୟରେ ଅବଗତ ହେଉ । ପରବର୍ତ୍ତୀ ସମୟର ଭାରତୀୟ ସାମାଜିକ ଧାରା ବାବଦରେ ସୂଚନାରୁ ଆମେ ସମାଜ ବ୍ୟବସ୍ଥା ସମ୍ବନ୍ଧରେ ଜ୍ଞାନ ଆହରଣ କରିଥାଉ । ବୈଦିକ ସମାଜ ସମ୍ବନ୍ଧରେ ଋକ୍‌ବେଦରୁ ଆମେ ଯାହା ଜ୍ଞାନ ଆହରଣ କରିପାରିଲେ ବର୍ତ୍ତମାନ ତା'ର ପର୍ଯ୍ୟାଲୋଚନା କରିବା । ଏହିପରି ଭାବରେ ଆର୍ଯ୍ୟମାନଙ୍କର ଅଭିଯାନ ଅଦ୍ୟାବଧି ବିତର୍କ ସ୍ତରରେ ରହିଛି, ସମାଧାନ ହୋଇପାରିନାହିଁ ।

ବୈଦିକ ସାହିତ୍ୟ

ଭାରତରେ ଆର୍ଯ୍ୟମାନଙ୍କର ଅବସ୍ଥାନ ସମ୍ବନ୍ଧରେ ଜାଣିବା ପାଇଁ ଏକମାତ୍ର ଉପାଦାନ ହେଉଛି ବେଦ ଓ ବୈଦିକ ସାହିତ୍ୟ । "ବେଦ" ମୂଳ ଶବ୍ଦ ବିଦ୍‌ରୁ ନିଷ୍ପନ୍ନ ହୋଇଛି, ଯାହାର ଅର୍ଥ ଅଟେ "ଜ୍ଞାତ ହେବା" ଅଥବା "ଜ୍ଞାନ ଆହରଣ" । ବେଦର ଅନ୍ୟ ଅର୍ଥଟି ହେଉଛି "ପବିତ୍ର ଗ୍ରନ୍ଥ" ।

ଆହୁରି ମଧ୍ୟ ବେଦ ଶବ୍ଦଟି ଏକ ବିସ୍ତୀର୍ଣ୍ଣ ସାହିତ୍ୟକୁ ବୁଝାଏ, ଯାହାକି ଶୁଣି ଶୁଣି ମନେ ରଖାଯାଉଥିଲା ଏବଂ ପୁରୁଷାନୁକ୍ରମେ ପ୍ରଚଳିତ ଥିଲା । ତେଣୁ ଏହାର ଅନ୍ୟ ନାମ "ଶ୍ରୁତି" ଅଟେ । ମୌଳିକ ରୂପରେ ଚାରୋଟି ବେଦ ରଚନା କରଯାଇଛି; ଯଥା- ଋଗ୍‌ବେଦ, ସାମ୍‌ବେଦ, ଯଜୁର୍ବେଦ ଏବଂ ଅଥର୍ବ ବେଦ । ବୈଦିକ ସାହିତ୍ୟର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଯଥା- (୧) ଚାରି ବେଦର ସଂହିତା (ଗଦ୍ୟରୂପ) (୨) ବ୍ରାହ୍ମଣ, ଯାହାକି ପ୍ରତ୍ୟେକ ସଂହିତା ସହିତ ଗୋଟିଏ କରି ସଂଯୋଜିତ, (୩) ଆରଣ୍ୟକ (ଜଙ୍ଗଲରେ ସୃଷ୍ଟ ସାହିତ୍ୟ) (୪) ଉପନିଷଦ । ଅର୍ଥାତ୍ ଚାରିବେଦ, ସଂହିତା, ବ୍ରାହ୍ମଣ, ଆରଣ୍ୟକ ଏବଂ ଉପନିଷଦ ଆଦିର ମିଳିତ ସ୍ୱରୂପ ହେଉଛି ବୈଦିକ ସାହିତ୍ୟ ।

ବେଦ : ଶ୍ରୁତି ବ୍ୟତୀତ ବେଦକୁ ଅପୌରୁଷେୟ ଏବଂ ନିତ୍ୟ ମଧ୍ୟ କୁହାଯାଏ । ଧାର୍ମିକ ବିଶ୍ୱାସ ଅଛି ଯେ, ବେଦକୁ କେହି ମଣିଷ ସୃଷ୍ଟି କରି ନାହାନ୍ତି । ଏହାକୁ ସ୍ୱୟଂ ପରମବ୍ରହ୍ମନ୍ ନିଜେ ସୃଷ୍ଟି କରିଛନ୍ତି । ତେଣୁ ଏହାକୁ ଅପୌରୁଷେୟ କୁହାଯାଏ । ପୁନଶ୍ଚ ଶ୍ରୁତି ରୂପରେ ହେଉ କି ଲିଖିତ ରୂପରେ ହେଉ ଏହା ପୁରୁଷାନୁକ୍ରମେ ଓହ୍ଲେଇ ଆସୁଛି । ଏହାର ନୀତି, ନିୟମ, ପ୍ରାର୍ଥନା, ସମାଜ ବ୍ୟବସ୍ଥା ଆଦି ଅଦ୍ୟାବଧି ପ୍ରଚଳିତ ଅର୍ଥାତ୍ ବେଦ ହେଉଛି କାଳଜୟୀ ଏବଂ ଅବିନାଶୀ । ଏହାର କ୍ଷୟ କିମ୍ବା ଅନ୍ତ ନାହିଁ । ତେଣୁ ଏହାକୁ ନିତ୍ୟ କୁହାଯାଏ ।

ଋଗ୍‌ବେଦ (ରଚନାକାଳ)

ଋଗ୍‌ବେଦ ହେଉଛି ପୃଥିବୀର ସର୍ବପୁରାତନ ଗ୍ରନ୍ଥ । ଏହା ଦଶଗୋଟି ମଣ୍ଡଳରେ ବିଭକ୍ତ ଏବଂ ଏଥିରେ ୧୦୨୮ ଗୋଟି ମନ୍ତ୍ର ରହିଛି । ଏହାର ଦଶମ ମଣ୍ଡଳଟି ପ୍ରଥମ ନଅଗୋଟି ମଣ୍ଡଳ ଅପେକ୍ଷା ପରବର୍ତ୍ତୀ ସମୟରେ ରଚନା କରାଯାଇଛି । ସମଗ୍ର ବୈଦିକ ସାହିତ୍ୟର ରଚନା ସମ୍ପୂର୍ଣ୍ଣ ହେବାପାଇଁ ଏକ ହଜାରରୁ ମଧ୍ୟ ଅଧିକ ବର୍ଷ ଲାଗିଛି ।

ଋଗ୍‌ବେଦରେ ବିଭିନ୍ନ ଦେବଦେବୀ ଯଥା- ସୂର୍ଯ୍ୟ, ଅଗ୍ନି, ମିତ୍ର, ବରୁଣ, ଇନ୍ଦ୍ର, ପୁସାଣ, ଉଷା ଆଦିଙ୍କ ପ୍ରାର୍ଥନା, ତୃଷ୍ଟିକରଣ ଏବଂ ଆବାହନ ପାଇଁ ଭିନ୍ନ ଭିନ୍ନ ମନ୍ତ୍ର ରହିଛି । ମନ୍ତ୍ରଗୁଡ଼ିକ ପୁନଶ୍ଚ ଯଜ୍ଞ ଅନୁଷ୍ଠାନ ଏବଂ ବଳିବିଧାନର ଏକ ଅଂଶବିଶେଷ ଅଟନ୍ତି । ଏହା ହେଉଛି ମଣିଷ ମସ୍ତିଷ୍କରେ ଦାର୍ଶନିକତା ଭରିଦେବା ଏବଂ ସୃଷ୍ଟିତତ୍ତ୍ୱ ଓ ସର୍ଜନାର ଗୁଣ ରହସ୍ୟକୁ ବୁଝିକରି ପ୍ରକାଶ କରିବା ଦିଗରେ ସର୍ବପ୍ରଥମ ପ୍ରୟାସ ।

ଋଗ୍‌ବେଦରେ ବର୍ଣ୍ଣିତ ଜୀବଜନ୍ତୁ, ବୃକ୍ଷଲତା, ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥା ଏବଂ ଭାଷାକୁ ଆଧାର କରି ଏହାର ରଚନାକାଳ ସମ୍ବନ୍ଧରେ ସମ୍ୟକ୍ ଧାରଣା କରିହୁଏ; ହେଲେ ଋଗ୍‌ବେଦ ରଚନାର ବାସ୍ତବ ସମୟକାଳ ଓ ଦିନକୁ ନେଇ ବିଜ୍ଞ ଅନୁସନ୍ଧିତ୍ସୁ ଓ ଐତିହାସିକମାନଙ୍କ ମଧ୍ୟରେ ଅଦ୍ୟାବଧି ତର୍କବିତର୍କ ଚାଲି ଆସିଛି । ଏଠି ଅଳ୍ପ କେତୋଟି ମତବାଦର ତର୍ଜମା କରି ଏକ ସମ୍ଭାବ୍ୟ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ପ୍ରୟାସ କରାଯାଇଛି । ମହାନ୍

ବୈଦିକ ଗବେଷକ ମାକ୍ସମୁଲ୍ଲର ବେଦକୁ ଅନୁଧ୍ୟାନ କରି ମତ ପୋଷଣ କରିଛନ୍ତି ଯେ, ବେଦ ପ୍ରାୟତଃ ବୁଦ୍ଧଙ୍କ ଜନ୍ମର ୫୦୦ ବର୍ଷ ପୂର୍ବେ ଅର୍ଥାତ୍ ଖ୍ରୀ:ପୂ: ୧୨୦୦-୧୦୦୦ ମଧ୍ୟରେ ରଚନା କରାଯାଇଥିଲା । ଏହା ସପକ୍ଷରେ ବୈଦିକ ସାହିତ୍ୟରେ ପ୍ରଦତ୍ତ କେତେକ ତଥ୍ୟ ରହିଅଛି ।

ଇରାନୀୟମାନଙ୍କ ଗ୍ରନ୍ଥ ଯେନ୍ଦ ଆବେସ୍ତାର ଭାଷା ଏବଂ ବେଦର ଭାଷା ସମସାମୟିକ ଅଟନ୍ତି । ଉଭୟ ପୁନଶ୍ଚ ଆର୍ଯ୍ୟ ମସ୍ତିଷ୍କସମ୍ଭୂତ ଅଟନ୍ତି । ଯାହା ଜଣାଯାଏ ଯେ, ଆବେସ୍ତାର ଗାଥାଗୁଡିକ ପ୍ରାୟ ଖ୍ରୀ:ପୂ: ୧୦୦୦ ସମୟକାଳରେ ରଚିତ ହୋଇଛନ୍ତି । ତେଣୁ କରି ବେଦ ରଚନାର ସମୟକାଳକୁ ଆମେ ବେଶି ଆଗକୁ ଅଥବା ପଛକୁ ନେଇ ପାରିବା ନାହିଁ ।

ପଶ୍ଚିମ ଏସିଆର ବୋଗାଜ୍‌କୋଇ ଏବଂ ତେଲ୍-ଇଲ୍-ଅମର୍ଣ୍ଣାଠାରୁ ଆବିଷ୍କୃତ ଅଭିଲେଖ ପ୍ରମାଣ କରୁଛି ଯେ, ବେଦର ରଚନାକାଳ ଖ୍ରୀ:ପୂ: ୧୪୦୦ ପୂର୍ବରୁ ନୁହେଁ । ଏହି ଅଭିଲେଖରେ ବୈଦିକ ଦେବତା ଇନ୍ଦ୍ର, ମିତ୍ର, ବରୁଣ ଆଦିଙ୍କୁ କ୍ଷୁଦ୍ର ଏସିଆ ଅଞ୍ଚଳସ୍ଥିତ ହିତ୍ତିତେ ଏବଂ ମିତ୍ତାନି ରାଜାଙ୍କ ମଧ୍ୟରେ ହୋଇଥିବା ସନ୍ଧିର ଜାମିନଦାର କିମ୍ବା ସାକ୍ଷୀ ହେବା ପାଇଁ ଆବାହନ କରାଯାଇଛି । ଏହି ଅଭିଲେଖଟି ଖ୍ରୀ:ପୂ: ୧୪୦୦ରେ ଉତ୍କୀର୍ଣ୍ଣ କରାଯାଇଥିଲା । ଶ୍ରୀଯୁକ୍ତ ବାଲ ଗଙ୍ଗାଧର ତିଳକ ଜ୍ୟୋତିଷୀ ଗଣନାକରି ଋଗ୍‌ବେଦର ରଚନା ସମୟ ଖ୍ରୀ:ପୂ: ୬୦୦୦ ଏବଂ ଶ୍ରୀ ଜେକୋବି ଖ୍ରୀ:ପୂ: ୨୫୦୦ ବୋଲି ମତବ୍ୟକ୍ତ କରିଛନ୍ତି । କେତେକ ଗବେଷକ ପୁନଶ୍ଚ ଜ୍ୟୋତିଷୀ ଗଣନା କରି ପୁରାଣଗୁଡ଼ିକର ଆଧାରରେ କହିଛନ୍ତି ଯେ, ଦ୍ୱାପର ଯୁଗର ଶେଷ ହୋଇ କଳିଯୁଗର ଆରମ୍ଭ ହୋଇଥିଲା ଫେବୃଆରୀ ମାସ ୧୮ ତାରିଖ ଖ୍ରୀ:ପୂ: ୩୧୦୨ରେ ଏବଂ ଠିକ୍ ତା' ପୂର୍ବରୁ ବେଦ ରଚନା କରାଯାଇଥିଲା ।

ସମସ୍ତ ତଥ୍ୟ ପ୍ରମାଣ ଆଧାରରେ ଏତିକି କୁହାଯାଇ ପାରିବ ଯେ, ହରପ୍ପା ସଭ୍ୟତା ପରେ ବୈଦିକ ସଭ୍ୟତା ପ୍ରତିଷ୍ଠିତ ହୋଇଥିଲା । ହରପ୍ପା ସଭ୍ୟତା ପ୍ରାୟ ଖ୍ରୀ:ପୂ: ୧୫୦୦ରେ ଧ୍ୱଂସ ହୋଇଥିଲା । ଆହୁରି କେତେଜଣ ବେଦର ରଚନାକାଳକୁ ଖ୍ରୀ:ପୂ: ୨୫୦୦ରୁ ୧୫୦୦ ମଧ୍ୟରେ ହୋଇଥିଲା ବୋଲି କହୁଥିବା ବେଳେ କେତେ ଜଣ ଏହାକୁ ଖ୍ରୀ:ପୂ: ୧୫୦୦ରୁ ୧୦୦୦ ବୋଲି କହୁଛନ୍ତି । ଆଜିକାଲି ଐତିହାସିକମାନଙ୍କ ଦ୍ୱାରା ପ୍ରାୟତଃ ଗ୍ରହଣ କରାଯାଉଥିବା ସମୟକାଳ ହେଉଛି ଖ୍ରୀ:ପୂ: ୧୫୦୦ ରୁ ୧୨୦୦ ।

ସାମବେଦ

ସାମନ୍ କହିଲେ ସୁମଧୁର ସଂଗୀତକୁ ବୁଝାଏ । ସଂହିତା ହେଉଛି ଏକ ସଂଗୀତ ସଙ୍କଳନ ଗ୍ରନ୍ଥ । ପ୍ରତ୍ୟେକ ମନ୍ତ୍ରକୁ ରୀତିନୀତି ଅନୁଯାୟୀ ପାଳିତ ଆମୋଦପ୍ରମୋଦ ସମୟରେ ଗାୟନ କରାଯାଉଥିଲା । ସାମବେଦରେ ୧୬୦୩ ଗୋଟି ଶ୍ଳୋକ ଅଛି, ଯାହାକି ଦୁଇଗୋଟି ଗ୍ରନ୍ଥରେ ବିଭକ୍ତ ହୋଇଛି । ସାମବେଦ ସମୟକାଳରୁ ତନ୍ତ୍ର ଏବଂ କୁହୁକ ବିଦ୍ୟାର ଆରମ୍ଭ ହୋଇଥିଲା । ଏହାକୁ ସଂଗୀତ ଗ୍ରନ୍ଥ ମଧ୍ୟ କୁହାଯାଏ ।

ଯଜୁର୍ବେଦ

ଯଜୁର୍ବେଦ ରୀତିନୀତି ଏବଂ ପରମ୍ପରା ପାଳନ ପାଇଁ ଉଦ୍ଦିଷ୍ଟ ବେଦ ଅଟେ । ଏହା ଦୁଇଭାଗରେ ବିଭକ୍ତ ହୋଇଛି । ବଳିବିଧାନ ପାଇଁ ହିଁ କେବଳ ଯଜୁର୍ବେଦ ରଚନା କରାଯାଇଥିଲା । ଏଥିରେ ବଳି ସମ୍ପର୍କିତ ମହୋତ୍ସବ ସମ୍ବନ୍ଧରେ ମଧ୍ୟ ବର୍ଣ୍ଣନା କରାଯାଇଛି ।

ଅଥର୍ବ ବେଦ

ଅଥର୍ବ ବେଦ ଅନ୍ୟାନ୍ୟ ତିନିବେଦଠାରୁ ଭିନ୍ନ ଅଟେ । ଏହା ୨୦ ଖଣ୍ଡରେ ବିଭକ୍ତ ହୋଇଛି ତଥା ଏଥିରେ ରହିଛି ୭୩୦ ଗୋଟି ପ୍ରାର୍ଥନା ମନ୍ତ୍ର ଏବଂ ୬୦୦୦ ପଦ । ବିଶ୍ୱାସ କରାଯାଉଥିଲା ଯେ, ଅଥର୍ବ ବେଦର ଉଚ୍ଚାରଣ (ଗାୟନ) ଦ୍ୱାରା ମଧ୍ୟ କେତେକ ରୋଗ୍ ଭଲ ହୋଇଯାଉଥିଲା ।

ସଂହିତା

ସଂହିତା ହେଉଛି ପ୍ରାର୍ଥନା ଗାୟନର ଗ୍ରନ୍ଥ, ଯାହାଦ୍ୱାରା ଦେବତାମାନଙ୍କୁ ସନ୍ତୁଷ୍ଟ କରି ଆବାହନ କରାଯାଇଛି । ଅଥର୍ବବେଦ ସଂହିତାରେ କିନ୍ତୁ କୁହୁକ ବିଦ୍ୟା, ତନ୍ତ୍ରବିଦ୍ୟା ଏବଂ ଗୁଣିଗାରେଡି ଆଦି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

ବ୍ରାହ୍ମଣ

ବ୍ରାହ୍ମଣଗୁଡିକ ହେଉଛି ପ୍ରାର୍ଥନା ଏବଂ ବଳିବିଧାନ ଉତ୍ସବ ମଧ୍ୟରେ ଏକ ରାଜିନାମା ଅଥବା ଯୋଗସୂତ୍ର ରକ୍ଷାକାରୀ ଗ୍ରନ୍ଥ । ଏହି ଗ୍ରନ୍ଥ, ଗଦ୍ୟାକାରରେ କେବଳ ପରମ୍ପରାର ବ୍ୟାଖ୍ୟା କରିଛି । ପ୍ରତ୍ୟେକ ବେଦରେ ଅନେକ ଗୁଡିଏ ଲେଖାଏଁ ବ୍ରାହ୍ମଣ ସଂଯୋଜିତ ଅଟନ୍ତି । ଦୁଇ ମୁଖ୍ୟ ବ୍ରାହ୍ମଣ ଯଥା ଐତରେୟ ଏବଂ କୌଶିତକି, ଋଗବେଦ ସହିତ ସଂଯୋଜିତ ଅଟନ୍ତି ।

ଆରଣ୍ୟକ

ବ୍ରାହ୍ମଣ ଗ୍ରନ୍ଥଗୁଡିକର ଶେଷ ଗ୍ରନ୍ଥ ହେଉଛି ଆରଣ୍ୟକ । ଏହା ବ୍ରାହ୍ମଣର ସମ୍ପୂର୍ଣ୍ଣ କାରକ ଅଂଶ ଏବଂ ପରିଶିଷ୍ଟ ଅଟେ । ଆରଣ୍ୟକଗୁଡିକରେ ସଂହିତାଗୁଡିକର ଦର୍ଶନ ଅଂଶ ବର୍ଣ୍ଣିତ ହୋଇଛି । ଏଥିରେ ସଂହିତା ସ୍ଥିତ ରୂପକ ଉପାଖ୍ୟାନର ମହତ୍ତ୍ୱ, ବିଧିବିଧାନର ଗୁରୁତ୍ୱ ଏବଂ କୁହୁକ ବିଦ୍ୟାର ଅର୍ଥ ଆଦି ସମ୍ବନ୍ଧରେ ଅବତାରଣା କରାଯାଇଛି । ପରମବ୍ରହ୍ମନ୍ ପ୍ରାପ୍ତି ନିମିତ୍ତ କର୍ମମାର୍ଗ ଏବଂ ଜ୍ଞାନମାର୍ଗ ମଧ୍ୟରେ ଆରଣ୍ୟକ ଏକ ସେତୁ ସଦୃଶ ଅଟେ ।

ଉପନିଷଦ

ଉପନିଷଦ, ଉପ-ନିଷଦ ଶବ୍ଦରୁ ନିଷ୍ପନ୍ନ ଅଟେ, ଯାହାର ଅର୍ଥ ହେଉଛି "କୌଣସି ଲୋକ ପାଖରେ ବସିଯିବା" । ଗୁରୁଙ୍କ ନିକଟରେ ଶିଷ୍ୟମାନଙ୍କ ଉପସ୍ଥିତିକୁ ଏହା ସୂଚିତ କରେ । ପରବର୍ତ୍ତୀ ସମୟରେ ଏହାର ଅର୍ଥ ହୋଇଯାଇଥିଲା ଶିଷ୍ୟମାନଙ୍କୁ ଗୁପ୍ତ ଜ୍ଞାନ ପ୍ରଦାନ କରିବା । ଆଜିକାଲିର କରାଯାଇଥିବା ବ୍ୟାଖ୍ୟା ଅନୁଯାୟୀ ଉପନିଷଦର ଅର୍ଥ ହେଉଛି "ଧାର୍ମିକ ଜ୍ଞାନ" । ଏହାକୁ ବେଦାନ୍ତ (ବେଦର ଶେଷ ଅଂଶ) ମଧ୍ୟ କୁହାଯାଏ । ବାସ୍ତବିକ ବେଦର ଶେଷ ଲକ୍ଷ୍ୟ ସମ୍ବନ୍ଧିତ ଜ୍ଞାନର ମୂଲ୍ୟାଙ୍କନ ଏଥିରେ ସନ୍ନିବେଶିତ ହୋଇଛି । ଉପନିଷଦରେ ସୃଷ୍ଟି ସର୍ଜନାର ବିଭିନ୍ନ ତାତ୍ତ୍ୱିକ ମତବାଦ ଓ ସିଦ୍ଧାନ୍ତର ସମାବେଶ ହୋଇଛି । ଉପନିଷଦ ପ୍ରଦତ୍ତ ଶ୍ରେଷ୍ଠ ଜ୍ଞାନ ହେଉଛି ଯେ "ସୃଷ୍ଟି ସର୍ଜନାର ଅନନ୍ୟ କାରଣ ଏବଂ ଦାୟୀ ହେଉଛନ୍ତି ପରମାତ୍ମା ଭଗବାନ୍, ସେ ହିଁ ସ୍ରଷ୍ଟା ଏବଂ ଭୋକ୍ତା ଅଟନ୍ତି । ସମସ୍ତ ମଣିଷ ତାଙ୍କଠାରୁ ଜାତ ହୋଇଛନ୍ତି ଏବଂ ପରିଶେଷରେ ତାଙ୍କଠାରେ ହିଁ ଲୀନ ହେବେ । ତେଣୁ କର୍ମ ହେଉଛି ଜୀବନର ଏକମାତ୍ର ବାସ୍ତବ ସତ୍ୟ ।"

ଶ୍ରୁତି ଏବଂ ସ୍ମୃତି

ଶ୍ରୁତି, ସ୍ମୃତି ଏବଂ ବେଦାଙ୍ଗଗୁଡିକ ମଧ୍ୟ ବୈଦିକ ସାହିତ୍ୟର ଅଭିନ୍ନ ଅଙ୍ଗ ଅଟନ୍ତି । ବୈଦିକ ସାହିତ୍ୟରେ ଶ୍ରୁତି ଓ ସ୍ମୃତି ଶବ୍ଦଦ୍ୱୟ ବାରମ୍ବାର ଉଚ୍ଚାରିତ ହୋଇଛି । ଶ୍ରୁତି ଅଥବା ଈଶ୍ୱରଙ୍କ ପ୍ରକଟିତ ସତ୍ୟ ଓ ଜ୍ଞାନ ହେଉଛି ବୈଦିକ ସାହିତ୍ୟର ଅନ୍ୟତମ ମୌଳିକ ଗ୍ରନ୍ଥ । ଆତ୍ମା ଦ୍ୱାରା ପ୍ରକାଶିତ ଧ୍ୱନି, ତାଳ ଓ ଲୟର ନିୟମାନୁଗତ ଆବର୍ତ୍ତନ ଅଥବା ଛନ୍ଦମୟ ଅନନ୍ତ ଅସୀମ ଜ୍ଞାନକୁ ସୂଚାଇଥାଏ ଶ୍ରୁତି । ବୈଦିକ ଜ୍ଞାନ ଏକ ତାର୍କିକ ପ୍ରଦର୍ଶନର ବସ୍ତୁ ନୁହେଁ, ବରଂ ଅନ୍ତର୍ଦୃଷ୍ଟିସମ୍ପନ୍ନ ଅଥବା ପ୍ରତ୍ୟକ୍ଷବୋଧ ଅଟେ । ଏହି ସତ୍ୟକୁ ସର୍ବଦା ଜୀବିତ ରଖିବା ପାଇଁ ଶ୍ରୁତି ସତତ ଚେଷ୍ଟିତ ଅଟେ ।

ସ୍ମୃତି

ପୁରୁଷାନୁକ୍ରମେ ଦାନ କରାଯାଇ ଆସୁଥିବା ସାହିତ୍ୟକୁ ସ୍ମୃତି କୁହାଯାଏ । ଏହା ବୈଦିକ ସାହିତ୍ୟର ଅତିରିକ୍ତ ସହାୟକ ଅଙ୍ଗ ଅଟେ । ବେଦାଙ୍ଗ, ପୁରାଣ, ଧର୍ମଶାସ୍ତ୍ର ଆଦି ସ୍ମୃତିର ଅଂଶବିଶେଷ ଅଟନ୍ତି । ଆହୁରି ମଧ୍ୟ ଦର୍ଶନ, ରୀତିନୀତି ବ୍ୟବସ୍ଥା, ଜ୍ଞାନ ଓ ଧର୍ମ ଆଦି ଏଥିରେ ରହିଛନ୍ତି ।

ବେଦାଙ୍ଗ

ବେଦାଙ୍ଗର ଶାବ୍ଦିକ ଅର୍ଥ ହେଉଛି ବେଦର ଅଙ୍ଗବିଶେଷ । ବାସ୍ତବରେ ଏହା ହେଉଛି ବେଦକୁ ସଂରକ୍ଷଣ କରିବା ପାଇଁ ବୈଦିକ ବିଦ୍ୟାଳୟଗୁଡ଼ିକରେ ପଢାଯାଉଥିବା ବିଷୟ । ଅଙ୍ଗ ସାହାଯ୍ୟରେ ବେଦକୁ ବୁଝି, ତର୍ଜମା କରି ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉଥିଲା । ସର୍ବମୋଟ ଛଅଗୋଟି ବେଦାଙ୍ଗ ରହିଛି; ଯଥା- ଶିକ୍ଷା (ଧ୍ୱନି ଅଥବା ଉଚ୍ଚାରଣ ଶାସ୍ତ୍ର), କଳ୍ପ (ଆନୁଷ୍ଠାନିକ ବିଧିବିଧାନ ଶାସ୍ତ୍ର), ବ୍ୟାକରଣ, ନିରୁକ୍ତ (ଶବ୍ଦ ବ୍ୟୁତ୍ପତ୍ତି ତତ୍ତ୍ୱ ବିଜ୍ଞାନ ଶାସ୍ତ୍ର), ଛନ୍ଦ (ପଦ ଓ ଛନ୍ଦ ସମ୍ବନ୍ଧୀୟ ଶାସ୍ତ୍ର) ଏବଂ ଜ୍ୟୋତିଷ ।

ଶିକ୍ଷା

ଶିକ୍ଷାର ଅର୍ଥ ଧ୍ୱନି ବିଜ୍ଞାନ ଅଟେ । ଏଥିରେ ବର୍ଣ୍ଣିତ ବିଷୟବସ୍ତୁକୁ "ପ୍ରତିସଖ୍ୟ" କୁହାଯାଏ । ଶିଷ୍ୟମାନଙ୍କୁ ଏହା ମାଧ୍ୟମରେ ବୈଦିକ ଶବ୍ଦଗୁଡ଼ିକର ପ୍ରକୃତ ଉଚ୍ଚାରଣ ସମ୍ବନ୍ଧରେ ଶିକ୍ଷା ଦିଆଯାଏ ।

କଳ୍ପ

କଳ୍ପଶାସ୍ତ୍ର ବୈଦିକ ଧାର୍ମିକ ଅନୁଷ୍ଠାନ ତଥା ଅନ୍ୟାନ୍ୟ ପୂଜା ଓ ଯଜ୍ଞ ଆଦିର ବିଧିବିଧାନ ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରେ । ଏହା ଶ୍ରୁତିସୂତ୍ର ଏବଂ ଗୃହସୂତ୍ର ଭାବରେ ଦୁଇ ଭାଗରେ ବିଭକ୍ତ ଅଟେ । ଶ୍ରୁତିରେ ସାର୍ବଜନୀନ ବଳିବିଧାନ ଅନୁଷ୍ଠାନ ଏବଂ ଗୃହସୂତ୍ରରେ ଘରୋଇ ପୂଜା ତଥା ବଳିବିଧାନ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି ।

ବ୍ୟାକରଣ

ସମଗ୍ର ସଂସ୍କୃତ ଭାଷା ସାହିତ୍ୟ ଗଠନ ପଦ୍ଧତିର ବିଧିବିଧାନ ଏଥିରେ ସନ୍ନିହିତ ଅଟେ । ବୈଦିକ ବ୍ୟାକରଣକୁ ଅନୁକରଣ କରି ପରବର୍ତ୍ତୀ ସମୟରେ ପାଣିନୀ ତାଙ୍କ ବ୍ୟାକରଣ ଅଷ୍ଟାଧ୍ୟାୟୀ ଲେଖିଥିଲେ ।

ନିରୁକ୍ତ

ନିରୁକ୍ତ ଅଥବା ଶବ୍ଦ ବ୍ୟୁତ୍ପତ୍ତି ବ୍ୟତିରେକେ ବେଦମନ୍ତ୍ରଗୁଡ଼ିକୁ ବୁଝିବା ଅସମ୍ଭବପ୍ରାୟ ଅଟେ । ନିରୁକ୍ତ ସମ୍ବନ୍ଧୀୟ ମାତ୍ର ଗୋଟିଏ ଗ୍ରନ୍ଥ ଯଥା, "ଯକ୍ଷର ନିରୁକ୍ତ" ଅଦ୍ୟାବଧି ମିଳିପାରିଛି ।

ଛନ୍ଦ

ଛନ୍ଦ ଓ ପଦ ସାହାଯ୍ୟରେ ଋଗ୍‌ବେଦ ରଚନା କରାଯାଇଛି । ସଙ୍ଗୀତର ତାଳ, ଲୟମାନ ଅନୁରୂପରେ ଏବଂ ଶବ୍ଦ, ଧ୍ୱନି, ପଦ, ପାଦ୍ୟ ଆଧାରରେ ଋଗ୍‌ବେଦକୁ ରଚନା କରାଯାଇଛି, ଯାହାକି ସୁମଧୁର ସ୍ୱରରେ ଗାୟନ କରାଯାଏ ।

ଜ୍ୟୋତିଷ

ବୈଦିକ ବଳିବିଧାନ ଅନୁଷ୍ଠାନଗୁଡ଼ିକର ସମୟ, ତାରିଖ, ଦିନ, ମାସ ଆଦିର ଗଣନା ଏବଂ ସିଦ୍ଧାନ୍ତ, ଜ୍ୟୋତିଷ ଶାସ୍ତ୍ର ମାଧ୍ୟମରେ ନିଆଯାଏ । ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଏବଂ ବଳିବିଧାନର ସମୟ ନିର୍ଦ୍ଧାରଣ ପାଇଁ ଏଥିରେ କେତେକ ନୀତିନିୟମ ରହିଛି । ଏହି ସମୟକାଳ ନିର୍ଦ୍ଧାରଣ ପାଇଁ ଗ୍ରହ ନକ୍ଷତ୍ରଙ୍କ ସ୍ଥିତି ଓ ଗତି ଉପରେ ବିଶେଷ ଜ୍ଞାନର ଆବଶ୍ୟକ ଅଟେ । ଏଥିରୁ ଜଣାଯାଏ ଯେ ବୈଦିକ ଆର୍ଯ୍ୟମାନେ ଗ୍ରହ ଓ ନକ୍ଷତ୍ର ଚଳନ ସମ୍ବନ୍ଧରେ ଜ୍ଞାନ ଆହରଣ କରି ସାରିଥିଲେ ।

ବୈଦିକ ଯୁଗର ଅର୍ଥନୀତି

ବୈଦିକ ସମାଜ ପଶୁପାଳକ ସମାଜ ଥିଲା । ଗାଈଗୋରୁ ଆଦି ପାଳନ କରିବା ସେମାନଙ୍କର ପ୍ରଧାନ ବ୍ୟବସାୟ ଥିଲା । ଏକ ପଶୁପାଳନକାରୀ ସମାଜ କୃଷି ଅପେକ୍ଷା ତା'ର ପଶୁସମ୍ପଦ ଉପରେ ବେଶି ପରିମାଣରେ ନିର୍ଭର କରିଥାଏ । କେତେକ ସାମାଜିକ ବାଧ୍ୟବାଧକତା ଦୃଷ୍ଟିରୁ ହେଉ କିମ୍ବା ଜଳବାୟୁ ଦୃଷ୍ଟିରୁ ହେଉ, ଯେଉଁ ଅଞ୍ଚଳଗୁଡ଼ିକରେ ବୃହତ୍ ଆକାରରେ କୃଷିକାର୍ଯ୍ୟ ସମ୍ଭବ ନଥିଲା, ସେହି ଅଞ୍ଚଳର ଲୋକମାନେ ପଶୁପାଳନକୁ ଜୀବିକା

ନିର୍ବାହର ଉନ୍ନତ ଯୋଜନା ରୂପରେ ଗ୍ରହଣ କରିନେଇଥିଲେ । ବୈଦିକ ଯୁଗରେ କିନ୍ତୁ ପଶୁପାଳନ ସହ କୃଷିକୁ ବିଶେଷ ମହତ୍ତ୍ୱ ଦିଆଯାଇଥିଲା ।

ବୈଦିକ ସମାଜରେ ପଶୁପାଳନକୁ ଋକ୍‌ବେଦ ମଧ୍ୟ ବିଶେଷ ମହତ୍ତ୍ୱ ପ୍ରଦାନ କରେ । ମନ୍ତ୍ରଗୁଡିକରେ ପଶୁପାଳନର ବିଶେଷ ମହତ୍ତ୍ୱ ବର୍ଣ୍ଣନା କରାଯାଇଛି । ଗାଈର ମହନୀୟତା ବାବଦରେ ଋକ୍‌ବେଦରେ ଅନେକ ବର୍ଣ୍ଣନା ରହିଛି । ଗାଈଗୋରୁ ସମ୍ପତ୍ତିର ପରିମାପକ ଥିଲେ ଏବଂ ଗାଈଗୋରୁ ସଂଖ୍ୟାକୁ ନେଇ ବ୍ୟକ୍ତିର ସମ୍ପତ୍ତି ଓ ପ୍ରତିପତ୍ତିର ଆକଳନ କରାଯାଉଥିଲା । ତେଣୁ ସବୁଠାରୁ ବେଶି ଗୋରୁ ରଖିଥିବା ଲୋକ ସବୁଠାରୁ ବଡ଼ ଧନୀ ରୂପରେ ବିବେଚିତ ହେଉଥିଲା ତଥା ତାକୁ 'ଗୋମାତା' ବୋଲି କୁହାଯାଉଥିଲା । ଏହି ସମୟରେ ବିବାଦ ଏବଂ ଯୁଦ୍ଧପାଇଁ ବ୍ୟବହୃତ ହେଉଥିବା ଶବ୍ଦଗୁଡିକ ହେଲା ଗାଭିଷ୍ଟି, ଗାଭେସନ, ଗାଭ୍ୟାତ୍ ଇତ୍ୟାଦି । ଗାଭିଷ୍ଟିର ଅର୍ଥ ହେଲା "ଗାଈ ପାଇଁ ଅନ୍ୱେଷଣ" । ଏହି ଶବ୍ଦଗୁଡିକ ସୂଚନା ଦିଏ ଯେ ଗୋପାଳନ ହିଁ ଥିଲା ସବୁ ବିବାଦର ମୂଳ କାରଣ ଏବଂ ଏହା ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ କନ୍ଦଳ ସୃଷ୍ଟି କରୁଥିଲା ତଥା ସମୟ ସମୟରେ ଅଧିବାସୀମାନଙ୍କ ମଧ୍ୟରେ ଯୁଦ୍ଧ ମଧ୍ୟ ସଂଘଟିତ ହେଉଥିଲା । ଋକ୍‌ବେଦରେ କୁହାଯାଇଛି ଯେ, ଶତ୍ରୁ ଅଥବା ଦସ୍ୟୁମାନେ ବୈଦିକ ଲୋକଙ୍କର ସମ୍ପତ୍ତି ଅର୍ଥାତ୍ ଗାଈଗୁଡ଼ିକୁ ଜଙ୍ଗଲ ଓ ପର୍ବତରେ ଲୁଚେଇ ଦେଇଛନ୍ତି । ଏହି ଗାଈଗୁଡ଼ିକୁ ମୁକ୍ତ କରିବା ପାଇଁ ବୈଦିକ ଦେବତା ଇନ୍ଦ୍ରଙ୍କୁ ସ୍ତୁତିପୂର୍ବକ ଆବାହନ କରାଯାଉଥିଲା । ଏହି ଅବତାରଣା ସୂଚନା ଦିଏ ଯେ, ସାଧାରଣତଃ ଗାଈଗୋରୁ ଚୋରି ହେଉଥିଲା । ରାଜା ଅଥବା ରାଷ୍ଟ୍ରମୁଖ୍ୟଙ୍କୁ 'ଗୋପତି' ଅର୍ଥାତ୍ 'ଗାଈମାନଙ୍କର ରକ୍ଷାକର୍ତ୍ତା' ବୋଲି କୁହାଯାଉଥିଲା । ଋକ୍‌ବେଦରେ 'ଗୋଧୂଳି' ଶବ୍ଦଦ୍ୱାରା ଏକ ସମୟକାଳର ଅବତାରଣା କରାଯାଇଛି । ଅର୍ଥାତ୍ ଗାଈଙ୍କ ଫେରନ୍ତା ସମୟ ଠିକ୍ ସୂର୍ଯ୍ୟାସ୍ତ ପୂର୍ବ ସମୟକୁ ଗୋଧୂଳି ଲଗ୍ନ, ଗୋଧୂଳି ସମୟ ରୂପରେ ବର୍ଣ୍ଣନା କରାଯାଇଛି; ହେଲେ ଏହାର ଆକ୍ଷରିକ ଅର୍ଥ ହେଉଛି ଗାଈମାନେ ଗାଁ ଦାଣ୍ଡରେ ଚାଲିବାଦ୍ୱାରା ଉଡୁଥିବା ଧୂଳି । ସେହିପରି ଦୂରତାକୁ 'ଗାବ୍ୟୁତି' ବୋଲି କୁହାଯାଇଛି, ଝିଅକୁ 'ଦୁହିତୀ' ଅର୍ଥାତ୍ 'ଗାଈ ଦୁହାଁଳି' ବୋଲି କୁହାଯାଇଛି । ଆତ୍ମୀୟତାକୁ ଗୋତ୍ରର ଛାପରେ ପର୍ଯ୍ୟବସିତ କରାଯାଇଛି ।

ଏହି ସମସ୍ତ ଶବ୍ଦ 'ଗୌ' ଶବ୍ଦରୁ ଉତ୍ପନ୍ନ ହୋଇଛନ୍ତି । ତେଣୁ ଜଣାଯାଏ ଯେ, ଋକ୍‌ବେଦୀୟ ସାମାଜିକ ଏବଂ ଧାର୍ମିକ ଜୀବନ ଆଦି ସମସ୍ତ କାର୍ଯ୍ୟକଳାପ ଗୋପାଳନରେ ହିଁ କେନ୍ଦ୍ରିତ ଥିଲା । ଅଧିକାଂଶ ମନ୍ତ୍ର ଏବଂ ପ୍ରାର୍ଥନାରେ ଗୋଚର ଭୂମି, ଗୋଶାଳା, କ୍ଷୀର ଆଦି ଉତ୍ପାଦନ ବାବଦରେ ସାହିତ୍ୟିକ ଅବତାରଣା ରହିଛି ।

ଋକ୍‌ବେଦୀୟ ସାହିତ୍ୟକୃତିରେ ଗୋପାଳନ ତୁଳନାରେ ବହୁତ କମ୍ ଉଦାହରଣ କୃଷି ସମ୍ବନ୍ଧରେ ମିଳେ । କୃଷି ସମ୍ବନ୍ଧିତ ଅଧିକାଂଶ ସଙ୍କେତ ବା ଅବତାରଣା ପରବର୍ତ୍ତୀ ସମୟର ଅଟେ । ଯବ କିମ୍ବା ବାର୍ଲି ବ୍ୟତୀତ ଅନ୍ୟ କୌଣସି ଶସ୍ୟ ବାବଦରେ ଉଲ୍ଲେଖ ନାହିଁ । ସେମାନେ ପରିଚିତ ଥିବା ଧାତୁ ତମ୍ବା, କୃଷିକାର୍ଯ୍ୟ ପାଇଁ ଲୁହାପରି ବିଶେଷ ଉପଯୋଗୀ ନଥିଲା । ପଥର ତିଆରି ସରଞ୍ଜାମ, ଯଥା- ପ୍ରସ୍ତର ଟାଙ୍ଗିଆ ବ୍ୟବହୃତ ହେଉଥିଲା, ଯାହାକି ଋକ୍‌ବେଦରେ ଉଲ୍ଲେଖ ଅଛି । ଜଙ୍ଗଲକୁ ପୋଡିବା ପାଇଁ ନିଆଁର ବ୍ୟବହାର କରାଯାଉଥିଲା ଏବଂ ଉଠାଚାଷ ପଦ୍ଧତି ପ୍ରଚଳିତ ଥିଲା । ଆହୁରି ମଧ୍ୟ ଏଠାରେ ଆଲୋଚିତ ଅଞ୍ଚଳରେ ଅଳ୍ପ ବୃଷ୍ଟିପାତ ହେଉଥିଲା ଏବଂ ଋକ୍‌ବେଦରେ ବର୍ଣ୍ଣିତ ସମସ୍ତ ନଦୀ ଯଥା- ସତ୍‌ଲେଜ୍, ସିନ୍ଧୁ, ଘାଘରା, ରାବୀ ଇତ୍ୟାଦି ସେମାନଙ୍କର ଗତିପଥ ବାରମ୍ବାର ପରିବର୍ତ୍ତନ କରିବା ପାଇଁ ସୁବିଦିତ ଥିଲେ । ଏହି ସମୟରେ ବିକଶିତ ହୋଇ ନଥିବା ବୃହତ୍ ଆକାରରେ ଚାଷ ପ୍ରଣାଳୀ ବ୍ୟତିରେକେ ନଦୀ ନିକଟସ୍ଥ ଏହି ପଟୁ ପଡ଼ିଥିବା ମାଟିକୁ ଚିରସ୍ଥାୟୀ ଭିତ୍ତିରେ ଚାଷ କରାଯାଇ ପାରୁ ନଥିଲା । ତେଣୁ ଋକ୍‌ବେଦରେ ଉଲ୍ଲିଖିତ କୋଦାଳ, ଫାଉଡା, କଡି ଏବଂ ଟାଙ୍ଗିଆ ଆଦି ସମ୍ଭବତଃ ଉଠାଚାଷରେ ଖୋଳିବା, କାଟିବା ଆଦି ପାଇଁ ବ୍ୟବହୃତ ହେଉଥିଲା । ଗୋପାଳନ ଏବଂ ଉଠାଚାଷ ସୂଚନା ଦିଏ ଯେ, ସେହି ଅଞ୍ଚଳରେ ଲୋକମାନେ ଯାଯାବର କିମ୍ବା ଆଂଶିକ ଯାଯାବର ଥିଲେ । ସେମାନେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଗାଈଗୋରୁଙ୍କୁ ଚରେଇବା ସକାଶେ ପଶୁଙ୍କ ସହିତ ଗାଆଁରୁ ବାହାରି ଯାଉଥିଲେ । ସାହିତ୍ୟିକ ତଥା ପ୍ରତ୍ନତାତ୍ତ୍ୱିକ ଉପାଦାନ ଦର୍ଶାଏ ଯେ, ଲୋକମାନେ ସମ୍ପୂର୍ଣ୍ଣ

ରୂପରେ ଗାଆଁରେ ବସିରହି ସମୟ ଅତିବାହିତ କରୁ ନଥିଲେ । ଲୋକମାନଙ୍କର ଯାଯାବର ଭଳି ଚରିତ୍ର 'ବିଶ୍' ଶବ୍ଦରୁ ଜଣାଯାଏ; କିନ୍ତୁ ବିଶ୍‌ର ଅନ୍ୟ ଏକ ଅର୍ଥ ମଧ୍ୟ ବସତି । ବେଦରେ ପୁନାର, ବିଶ, ଉପବିଶ, ପ୍ରାବିଶ୍ ଆଦି ଶବ୍ଦ ନିରବଚ୍ଛିନ୍ନ ଭାବରେ ବ୍ୟବହାର କରାଯାଇଛି ଏବଂ ଜନବସତିଗୁଡ଼ିକ ପୁଣି ପ୍ରାତ୍ୟଜନବସତି, ପୁନର୍ବାର ସ୍ଥାପିତ ଜନବସତି, ଫେରିଆସି ଅବସ୍ଥାପିତ ଜନବସତି ଆଦି ଅର୍ଥ ପାଇଁ ଉପଯୁକ୍ତ ହୋଇଯାଇଛି ।

ଉପହାର ଆଦାନପ୍ରଦାନ ଏବଂ ପୁନଃପୁନଃ ଆବଣ୍ଟନର ସମାଜରେ ବିଶେଷ ଅର୍ଥନୈତିକ ଗୁରୁତ୍ୱ ରହିଥିଲା । ଆଦିବାସୀ ବିବାଦ ରାଜଦେୟ, ଭୂମି କର ଆଦିର ଆରମ୍ଭ କରିଥିଲା, ଯାହାକି ପରାଜିତ ପକ୍ଷ ଅଥବା ଅଧସ୍ତନ ଗୋଷ୍ଠୀ ବିଜେତାମୁଖ୍ୟଙ୍କୁ ଦେଉଥିଲେ । ବିଜୟୀ ପକ୍ଷରେ ଯୁଦ୍ଧରେ ସମ୍ମିଳିତ ଅନ୍ୟମାନେ ମଧ୍ୟ ଏହି ଉପଢୌକନ, କର ଆଦିରୁ ଭାଗ ପାଉଥିଲେ । ଦଳପତି ଅଥବା ମୁଖ୍ୟ ମଧ୍ୟ ଉତ୍ସବଗୁଡ଼ିକରେ ତାଙ୍କ ପକ୍ଷରେ ଲୋକଙ୍କୁ ଉପଢୌକନ ତଥା ଖାଇବାକୁ ଦେଉଥିଲେ । ସେ ଏହିସବୁ କାର୍ଯ୍ୟ ସମ୍ମାନର ଅଧିକାରୀ ହେବାପାଇଁ କରୁଥିଲେ । ବୈଦିକ ଯୁଗର ବ୍ୟବସାୟ ବାଣିଜ୍ୟ ବାବଦରେ ଅତି କମ୍ ପ୍ରମାଣ ଆମକୁ ମିଳିଛି । ଜମିଭିତ୍ତିକ ବ୍ୟକ୍ତିଗତ ସମ୍ପତ୍ତିର ଧାରଣା ସେ ସମୟର ଲୋକଙ୍କର ନଥିଲା ।

ଗ୍ରାମ୍ୟ ସଭ୍ୟତା

ଋଗ୍ ବୈଦିକ ଯୁଗରେ ଆର୍ଯ୍ୟମାନେ ମୁଖ୍ୟତଃ ଗ୍ରାମରେ ରହୁଥିଲେ । ନଗର ସମ୍ବନ୍ଧୀୟ ପ୍ରମାଣ ବୈଦିକ ସାହିତ୍ୟରେ ନଗଣ୍ୟ ଅଟେ । ତେଣୁ ବୈଦିକ ସମୟରେ ଗ୍ରାମ୍ୟ ସଭ୍ୟତା ଗଢ଼ି ଉଠିଥିଲା । ଘରଗୁଡ଼ିକୁ କାଠ, ବାଉଁଶ, କୁଟା ଆଦି ଝାଟିମାଟିରେ ନିର୍ମାଣ କରାଯାଉଥିଲା । ପ୍ରତ୍ୟେକ ଘରେ ଅନେକଗୁଡ଼ିଏ ଖଞ୍ଜା ଏବଂ ପ୍ରତ୍ୟେକ ଖଞ୍ଜାରେ ଅନେକଗୁଡ଼ିଏ କୋଠରି ରହୁଥିଲା । ଅନେକ ଦୁର୍ଗିକୃତ ଗ୍ରାମ ମଧ୍ୟ ରହିଥିଲା, ଯେଉଁଗୁଡ଼ିକୁ ପୁର କୁହାଯାଉଥିଲା । ବାହ୍ୟ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଲୋକେ ଦୁର୍ଗ ଅଥବା ପୁରରେ ରହୁଥିଲେ । ଯୁଦ୍ଧଯାତ୍ରା ଏବଂ ଆକ୍ରମଣଗୁଡ଼ିକ ସାଧାରଣତଃ ଶରତକାଳରେ ହେଉଥିଲା । ତେଣୁ ପୁରକୁ ଶାରଦୀ ମଧ୍ୟ କୁହାଯାଉଥିଲା । ପ୍ରଥମାବସ୍ଥାରେ ଆର୍ଯ୍ୟମାନେ ପଶୁପାଳକ ଥିଲେ ଏବଂ ସେମାନଙ୍କ ଅର୍ଥନୀତି ପଶୁପାଳନରେ ପର୍ଯ୍ୟବସିତ ଥିଲା । ସମୟକ୍ରମେ ସେମାନେ କୃଷିର ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କ ଅର୍ଥନୀତିର ମୁଖ୍ୟ ଅଙ୍ଗ ହୋଇଥିଲା କୃଷି ଓ ପଶୁପାଳନ । ଋଗ୍‌ବେଦର ବର୍ଣ୍ଣନା ଅନୁଯାୟୀ କୃଷି ଓ ପଶୁପାଳନ ଥିଲା ଆର୍ଯ୍ୟମାନଙ୍କର ମୁଖ୍ୟ ଜୀବିକା । ସେମାନେ ଲଙ୍ଗଳ ତିଆରି କରିବା ଶିଖିଯାଇଥିଲେ । ଲଙ୍ଗଳର ଜୁଆଳିରେ ଦୁଇଗୋଟି ବଳଦ ଯୋଚି ସେମାନେ ଜମି କର୍ଷଣ କରୁଥିଲେ । ସେମାନେ ଗାଡ଼ି ଟାଣିବା ପାଇଁ ବଳଦ ଏବଂ ଘୋଡ଼ାଙ୍କୁ ବ୍ୟବହାର କରୁଥିଲେ । ଅନ୍ୟ ଏକ ପ୍ରକାରର ବିଶାଳ ଲଙ୍ଗଳ ମଧ୍ୟ ସେମାନେ ତିଆରି କରି ବ୍ୟବହାର କରୁଥିଲେ, ଯାହାକୁ ଟାଣିବା ପାଇଁ ୨୪ ଗୋଟି ବଳଦ ଯୋଚା ଯାଉଥିଲା । ଉନ୍ନତ ଚାଷ ହେଉଥିବା ଜମିକୁ ଉର୍ବର ଜମି କୁହାଯାଉଥିଲା । ସେମାନେ ଆବଶ୍ୟକ ସ୍ଥଳେ କୁଲ୍ୟା (କେନାଲ) ସାହାଯ୍ୟରେ, ଅବତସ ଓ ପୋଖରୀରୁ ଟେଣ୍ଡାଦ୍ୱାରା ଜମିରେ ଜଳସେଚନ କରୁଥିଲେ । ସେମାନେ ଗୋବର ଖତ ମଧ୍ୟ ଜମିରେ ଦେଉଥିଲେ । ଜମିକର୍ଷଣଠାରୁ ଶସ୍ୟ ଅମଳ ଯାଏଁ ବିଭିନ୍ନ କାର୍ଯ୍ୟ ପାଇଁ ସେମାନେ ବିଭିନ୍ନ ଦେବତାଙ୍କ ଆଶୀର୍ବାଦ ଭିକ୍ଷା କରି ମନ୍ତ୍ରସବୁ ରଚନା କରିଥିଲେ । ଲଙ୍ଗଳରେ ଲୁହାର ପାତ ବ୍ୟବହାର କରୁଥିଲେ । ସେମାନେ ମୁଖ୍ୟତଃ ଗହମ (ଗୋଧୂମ), ବାର୍ଲି ଓ ଧାନ (ବ୍ରିହିଃ) ଚାଷ କରୁଥିଲେ । ଜମିର ମାଲିକାନା ସମ୍ପ୍ରଦାୟ ନିକଟରେ ରହିଥିଲା; ହେଲେ ଋଗ୍‌ବୈଦିକ ସଭ୍ୟତା ପରେ ପରେ ମାଲିକାନା ପ୍ରତ୍ୟେକ ପରିବାର ନିକଟରେ ରହିଲା । ଗାଈ, ଷଣ୍ଢ ଓ ବଳଦ ଥିଲା ଆର୍ଯ୍ୟମାନଙ୍କର ସବୁଠୁଁ ଅଧିକ ମୂଲ୍ୟବାନ୍ ସମ୍ପତ୍ତି । ଗାଈ, ବଳଦ ସଂଖ୍ୟାନୁଯାୟୀ ସେତେବେଳେ ଜଣେ ଗୃହସ୍ଥର ସମ୍ପତ୍ତି ଓ ପ୍ରତିପତ୍ତିର ଆକଳନ କରାଯାଉଥିଲା । ପୋଷା ଜୀବଜନ୍ତୁଙ୍କୁ ଚିହ୍ନିତ କରିବା ପାଇଁ କାନରେ ବିଭିନ୍ନ ପ୍ରକାରର ଚିହ୍ନ କରାଯାଉଥିଲା ଅଥବା ଜଙ୍ଘରେ ଦାଗ ଦିଆଯାଉଥିଲା; ଫଳରେ କେଉଁଟା କାହାର ଗାଈ ଅଥବା ବଳଦ ଜଣା ପଡ଼ି ଯାଉଥିଲା ।

ଗାଈ ବଳଦଙ୍କୁ ପ୍ରତିଦିନ ଚରେଇ ନେବା ପାଇଁ ପ୍ରତି ଗ୍ରାମରେ ଗାଈଆଳ ରହୁଥିଲେ, ତାଙ୍କୁ ଗୋପ କୁହାଯାଉଥିଲା । ପ୍ରତ୍ୟେକ ଗ୍ରାମ ଅଧୀନରେ ଚାରଣ ଭୂମି ଏବଂ ଜଙ୍ଗଲ ଭୂମି ରହିଥିଲା । ଗାଈଗୋରୁ ଥିଲେ ସମ୍ପତ୍ତିର ପ୍ରତୀକ ଏବଂ ପରିମାପକ, ତେଣୁ ତାଙ୍କୁ ଗୋଧନ କୁହାଯାଉଥିଲା । ଗାଈକ୍ଷୀର ଥିଲା ଆର୍ଯ୍ୟମାନଙ୍କର ଅତି ପ୍ରିୟ ଖାଦ୍ୟ ତଥା ଯଜ୍ଞ ଆଦିରେ ଘିଅକୁ ଆହୂତି ଦିଆଯାଉଥିଲା ।

ଶିଳ୍ପ

କାର୍ପାସ ଏବଂ ପଶମ ବସ୍ତ୍ର ବୁଣିବା ଥିଲା ମୁଖ୍ୟ ଶିଳ୍ପ । ଉଭୟ ସ୍ତ୍ରୀ ଓ ପୁରୁଷ ଏହି ଶିଳ୍ପରେ ନିଯୁକ୍ତ ଥିଲେ । ବଢ଼େଇମାନେ କୃଷି ସରଞ୍ଜାମ, ଲଙ୍ଗଳ, ଶଗଡ, ଘରକରଣା ଜିନିଷ ଆଦି ତିଆରି କରୁଥିଲେ । ଘର ତିଆରି ପାଇଁ କାଠକାମ ମଧ୍ୟ କରୁଥିଲେ । କମାରମାନେ ଲୁହା ସରଞ୍ଜାମ, ପାତ, ଲଙ୍ଗଳର ଫାଳ, ଟାଙ୍ଗିଆ, ଫାଉଡା ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିଲେ । କୁମ୍ଭାରମାନେ ମାଟିପାତ୍ର ଓ ବାସନ, ପ୍ରସ୍ତର କାରିଗରମାନେ ପଥର ସାମଗ୍ରୀ, ଗୃହସାମଗ୍ରୀ, ବାସନ ସାମଗ୍ରୀ, ସୁନାରୀମାନେ ସୁନାଗହଣା, ତନ୍ତୀମାନେ ଲୁଗାବୁଣା, ବାଉଁଶ କାରିଗରମାନେ ବାଉଁଶର କୁଲା, ପାଛିଆ, ଝୁଡି ଆଦି ତିଆରି କରୁଥିଲେ । ଚମାରମାନେ ଚମଡାର ଜୋତା, ଥଳୀ ତିଆରି କରୁଥିଲେ । ଏହିପରି ଭାବରେ ମଣିଷର ବ୍ୟବହାର୍ଯ୍ୟ ସମସ୍ତ ଜିନିଷ ପାଇଁ କୁଟୀର ଶିଳ୍ପ ଏବଂ ଉଦ୍ୟୋଗମାନ ଗଢ଼ି ଉଠିଥିଲା । ଏହିସବୁ ଶିଳ୍ପାୟନରୁ ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ନିଜସ୍ୱ ବଜାର, ଦୂରସ୍ଥାନର ବଜାର ଏବଂ ଦରିଆପାରିକୁ ପଠାଯାଉଥିଲା । ଫେରିବା ବେଳେ ବେପାରୀମାନେ ସେହି ଦେଶ ଅଥବା ଅଞ୍ଚଳରେ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ନିଜ ଦେଶ ଅଥବା ଅଞ୍ଚଳକୁ ବୋହି ଆଣୁଥିଲେ; ଫଳସ୍ୱରୂପ ଆମଦାନୀ ଓ ରପ୍ତାନୀ ପ୍ରଚଳିତ ଥିଲା ତଥା ଅନ୍ତର୍ଦ୍ଦେଶୀୟ ଏବଂ ବହିର୍ବାଣିଜ୍ୟ ମଧ୍ୟ ପ୍ରତିଷ୍ଠିତ ଥିଲା ।

ବ୍ୟବସାୟ ବାଣିଜ୍ୟ

ଋଗ୍ ବୈଦିକ ଯୁଗରେ ଲୋକମାନେ ନିଜ ସମ୍ପ୍ରଦାୟ ତଥା ଅନ୍ୟାନ୍ୟ ସମ୍ପ୍ରଦାୟ ସହିତ ବ୍ୟବସାୟ କରୁଥିଲେ । ରାଜ୍ୟ ବିସ୍ତାର ସହିତ ବ୍ୟବସାୟ ମଧ୍ୟ ବିସ୍ତାରିତ ହୋଇ ସମୃଦ୍ଧି ବଢ଼ିଥିଲା । ବ୍ୟବସାୟରେ ସମୃଦ୍ଧି ପାଇଁ ଋଗ୍ ବେଦରେ ଅନେକ ମନ୍ତ୍ର ଲେଖାଯାଇଛି । ବ୍ୟବସାୟ ବାଣିଜ୍ୟକୁ ପରିଚାଳନା କରୁଥିବା ଲୋକଙ୍କୁ ପାଣି କୁହାଯାଉଥିଲା । ସମ୍ଭବତଃ ସେମାନେ ଅଣଆର୍ଯ୍ୟ ଥିଲେ ତଥା ବ୍ୟବସାୟ ବାଣିଜ୍ୟରେ ଧୂରନ୍ଧର ଥିଲେ । ଜିନିଷ ବିନିମୟରେ ଜିନିଷ ଆଣିବା ପଦ୍ଧତି (ବାର୍ଟର)ରେ ବ୍ୟବସାୟ ଚାଲୁଥିଲା । ଏଥିରେ ସର୍ବମାନ୍ୟ ନିର୍ଦ୍ଦିଷ୍ଟ ଏକକ ଥିଲା ଗାଈ । ବିନିମୟ ପାଇଁ ସ୍ୱର୍ଣ୍ଣ ନିଷ୍କା ମଧ୍ୟ ବ୍ୟବହାର କରାଯାଉଥିଲା । ଏକ ସ୍ୱର୍ଣ୍ଣମୁଦ୍ରା ହେବା ପାଇଁ ସମସ୍ତ ଯୋଗ୍ୟତା ନିଷ୍କାରେ ଥିଲା କି ନାହିଁ ତାରି ଉପରେ ଅନେକ ତର୍କବିତର୍କ ଅଦ୍ୟାବଧି ଚାଲିଛି । ଦାନ ଦେବା ପରିପ୍ରେକ୍ଷୀରେ ଋଗ୍‌ବେଦରେ ଉଲ୍ଲିଖିତ ସ୍ୱର୍ଣ୍ଣ "ମାନ" ସମ୍ଭବତଃ ଏକ ପ୍ରକାରର ମାପର ଏକକ ଥିଲା । ବୋଧହୁଏ ଗାଙ୍ଗେୟ ସମତଳ ଭୂମି ସ୍ଥିତ ବିଭିନ୍ନ ଅଞ୍ଚଳ ସହିତ ଅନ୍ତର୍ବାଣିଜ୍ୟ ପ୍ରତିଷ୍ଠିତ ଥିଲା । ଲୋକେ ପଣ୍ୟବାହୀ ସାମଗ୍ରୀ ସବୁକୁ ଜଳପଥ ଅର୍ଥାତ୍ ନଦୀରେ ନେବାଆଣିବା କରୁଥିଲେ । ନିଷ୍କା ପରବର୍ତ୍ତୀ ଧାତବ ମୁଦ୍ରା ବ୍ୟବହାର ଆଡକୁ ବାଟ କଢ଼େଇ ନେଇଥିଲେ । ନିଷ୍କାଗୁଡ଼ିକର ଏକ ନିର୍ଦ୍ଧାରିତ ଓଜନ ରହୁଥିଲା । ଶଗଡ ଏବଂ ଘୋଡ଼ା ଗାଡ଼ି ଦ୍ୱାରା ସ୍ଥଳ ପଥରେ ପଣ୍ୟଦ୍ରବ୍ୟ ସବୁକୁ ନେବାଆଣିବା କରାଯାଉଥିଲା ।

ଆର୍ଯ୍ୟମାନେ ବହିର୍ବାଣିଜ୍ୟ ସହିତ ସଂପୃକ୍ତ ଥିଲେ କି ନାହିଁ ଏକ ତାର୍କିକ ପ୍ରଶ୍ନ ଅଟେ । ଯାହା ଜଣାଯାଏ ପଶ୍ଚିମ ଏସୀୟ ଦେଶଗୁଡ଼ିକ ସହିତ ସେମାନଙ୍କର ବାଣିଜ୍ୟିକ ସମ୍ପର୍କ ରହିଥିଲା । ସାଧାରଣ ଭାବରେ ଦେଖିଲେ ଜଣାଯାଏ ଯେ, ଆର୍ଯ୍ୟମାନଙ୍କର ବ୍ୟବସାୟ ଆଞ୍ଚଳିକ ଥିଲା । ଋଗ୍‌ବେଦରେ ୧୦୦ ଗୋଟି ଆହୁଲା ଥିବା ଏକ ଜାହାଜର ବର୍ଣ୍ଣନା ରହିଛି, ଯାହାକି କେବଳ ମାତ୍ର ସମୁଦ୍ରରେ ଚାଲି ପାରିବ । ଋଗ୍‌ବେଦରେ ବେବିଲୋନୀୟ ମୁଦ୍ରା

ସମ୍ବନ୍ଧରେ ଉଲ୍ଲେଖ ରହିଛି । ଆର୍ଯ୍ୟମାନଙ୍କର ସମ୍ପର୍କ ବେବିଲୋନ୍ ସହିତ ନ ଥିଲେ ସେମାନେ ଏହି ମୁଦ୍ରା ପାଇ ପାରି ନଥାନ୍ତେ । ଏଥିରୁ ଜଣାଯାଏ ଯେ, ସେମାନେ କିଛି ପରିମାଣରେ ବୈଦେଶିକ ବାଣିଜ୍ୟରେ ସମ୍ପୃକ୍ତ ଥିଲେ ।

କଳା ଓ ବିଜ୍ଞାନ

ଋକ୍‌ବେଦ ସଂହିତାରେ ୧୦୧୭ ଗୋଟି ପ୍ରାର୍ଥନା ମନ୍ତ୍ର ରହିଛି । ଋଗ୍‌ବେଦରେ ମଧ୍ୟ ଅତି ସୁନ୍ଦର ସ୍ୱରରେ ଗାୟନ କରାଯାଉଥିବା ମନ୍ତ୍ର ରହିଛି । ଉଷାଙ୍କ ପ୍ରାର୍ଥନା ପାଇଁ ରଚିତ ମନ୍ତ୍ରରାଜି ସୁଲଳିତ ଏବଂ ସୁମଧୁର ଅଟେ । ବୈଦିକ ଯୁଗରେ ଲୋକେ ଲିଖନ ପ୍ରଣାଳୀ ଜାଣି ନଥିଲେ, ତେଣୁ ସବୁ ଶୁଣି ଶୁଣି ମନେ ରଖୁଥିଲେ ।

ଆର୍ଯ୍ୟମାନେ କଳା ଏବଂ ସ୍ଥପତି ବିଦ୍ୟାରେ ପ୍ରବୀଣ ଥିଲେ । ବେଦରେ ଏକ ବିଶାଳ ଏବଂ ଚମତ୍କାର ବାସଭବନର ଉଲ୍ଲେଖ ରହିଛି, ଯାହାକି ଏକ ହଜାର ସ୍ତମ୍ଭ ସାହାଯ୍ୟରେ ଛିଡା ହୋଇଥିଲା ତଥା ଯାହାର ଏକ ହଜାର ଦ୍ୱାର ଥିଲା । ମାଟି, କାଦୁଅ ଏବଂ ପ୍ରସ୍ତର ମିଶ୍ରଣରେ ନିର୍ମିତ ହଜାର ହଜାର ଦ୍ୱାର ଏବଂ କାନ୍ଥ ଥିବା ଅନେକ ଦୁର୍ଗର ବର୍ଣ୍ଣନା ମଧ୍ୟ ରହିଛି । ଏଇଥିରୁ ସେମାନଙ୍କର ସ୍ଥାପତ୍ୟ ଜ୍ଞାନର ପ୍ରମାଣ ମିଳିଥାଏ ।

ଆୟୁର୍ବିଜ୍ଞାନ୍ ଏବଂ ଚିକିତ୍ସା ଶାସ୍ତ୍ରରେ ମଧ୍ୟ ଅନେକ ପ୍ରଗତି ହୋଇଥିଲା । କବିରାଜ ଯାହାଙ୍କୁ ଭିଷକ୍ କୁହାଯାଉଥିଲା, ସେ ଚିକିତ୍ସା ଦିଗରେ ଅନେକ ପ୍ରଗତି କରିଥିଲେ । ସେମାନେ କବିରାଜି ଔଷଧ ପ୍ରୟୋଗପୂର୍ବକ ସବୁ ପ୍ରକାର ରୋଗକୁ ଆରୋଗ୍ୟ କରିପାରୁଥିଲେ । ଅନେକ ପ୍ରକାର ଔଷଧୀୟ ବୃକ୍ଷ, ଗୁଳ୍ମ, ରାସାୟନିକ ପଦାର୍ଥ ଆଦି ଆବିଷ୍କାର କରିପାରିଥିଲେ । ଏକ ଗପ ଅନୁଯାୟୀ ଯୁଦ୍ଧରେ ବିସ୍ପତଙ୍କ ଗୋଡ କଟିଯିବାରୁ ତା'ସ୍ଥାନରେ ଏକ ଲୁହାର ଗୋଡ ଲଗାଯାଇଥିଲା । ଏହା ତଦାନୀନ୍ତନ ଭେଷଜ ବିଜ୍ଞାନ ଅଥବା ଚିକିତ୍ସାର ପ୍ରଗତି ସମ୍ବନ୍ଧରେ ତଥ୍ୟ ପ୍ରଦାନ କରେ । ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ଏହି ସମୟରେ କିଛିଟା ପ୍ରଗତି ହୋଇଥିଲା । ସେମାନେ କେତୋଟି ତାରାଙ୍କୁ ଚିହ୍ନଟ କରି ନାମକରଣ କରିଥିଲେ ।

ସମାଜିକ ଜୀବନ

ବୈଦିକ ସମାଜରେ ଆତ୍ମୀୟସ୍ୱଜନ ଏବଂ ରକ୍ତସମ୍ପର୍କ ଆଧାରରେ ସାମାଜିକ ସମ୍ପର୍କ ଆଧାରିତ ଥିଲା । ସମାଜ ଜାତି ଭିତ୍ତିରେ ବିଭାଜିତ ନଥିଲା । ଏପରିକି ରାଜା, ପୁରୋହିତ, କାରିଗର ଇତ୍ୟାଦି ସମସ୍ତେ ସମ୍ପ୍ରଦାୟର ଅଭିନ୍ନ ଅଙ୍ଗ ଥିଲେ ତଥା ଏକରଜ୍ଜୁରେ ବନ୍ଧା ହୋଇଥିଲେ । ଋକ୍‌ବେଦରେ ଏହି ଗୋଷ୍ଠୀ ବା ସମ୍ପ୍ରଦାୟଗୁଡ଼ିକୁ 'ଜନ' ରୂପରେ ଆଖ୍ୟାୟିତ କରାଯାଇଛି । ଏତଦ୍‌ବ୍ୟତୀତ ଆହୁରି ମଧ୍ୟ ଅନେକ ଗୋଷ୍ଠୀର ଉଲ୍ଲେଖ ରହିଛି । ଗୋଷ୍ଠୀ ମଧ୍ୟରେ ସଂଘର୍ଷ ନିରନ୍ତର ଲାଗି ରହିଥିଲା । ଉଦାହରଣସ୍ୱରୂପ - ଋକ୍‌ବେଦରେ ଉଲ୍ଲିଖିତ ଦଶଜଣ ରାଜାଙ୍କ ମଧ୍ୟରେ ଯୁଦ୍ଧ । ଏହି ଯୁଦ୍ଧରେ ଯୋଗ ଦେଇଥିବା କେତେକ ଗୋଷ୍ଠୀ ଥିଲେ; ଯଥା- ଭରତ, ପୁରୁ, ଯଦୁ, ଦ୍ରୁହ୍ୟୁ, ଅନୁ ଏବଂ ତୁର୍ବସୁ ଇତ୍ୟାଦି । ଏହି ଗୋଷ୍ଠୀ ଅଥବା ସମ୍ପ୍ରଦାୟର ମୁଖ୍ୟ ଥିଲେ ରାଜା କିମ୍ବା ଗୋପତି, ସେ ଯୁଦ୍ଧର ନେତୃତ୍ୱ ନେଉଥିଲେ ତଥା ଗୋ-ସମ୍ପଦର ରକ୍ଷା କରୁଥିଲେ । ରାଜପଦବୀ ପୁରୁଷାନୁକ୍ରମିକ ନଥିଲା । ରାଜା ନିଜ ସମ୍ପ୍ରଦାୟ ମଧ୍ୟରୁ ମନୋନୀତ ହେଉଥିଲେ । ଯୋଦ୍ଧୃବୃନ୍ଦଙ୍କୁ 'ରାଜନ୍ୟ' ବୋଲି କୁହାଯାଉଥିଲା । ଅନେକଗୁଡ଼ିଏ (ବିଶ୍)କୁ ନେଇ ଏକ ଦଳ ଗଠିତ ହେଉଥିଲା । କୁଳ (ପରିବାର) ଗ୍ରାମଗୁଡ଼ିକରେ ବସବାସ କରୁଥିଲେ । ପରିବାର ଥିଲା ସମାଜର ମୂଳପିଣ୍ଡ । କୁଳ ବା ପରିବାରର ମୁଖ୍ୟଙ୍କୁ କୁଳପ କୁହାଯାଉଥିଲା । କୁଳପ ପରିବାରର ସର୍ବଜ୍ୟେଷ୍ଠ ପୁରୁଷ ଥିଲେ ତଥା ପରିବାରକୁ ରକ୍ଷା କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ଥିଲା । ଆଦିବାସୀ (ଜନ), ଆଦିବାସୀ ଗୋଷ୍ଠୀ (ବିଶ୍), ଗାଆଁ (ଗ୍ରାମ), ପରିବାର (କୁଳ), ପରିବାରର ମୁଖ୍ୟ (କୁଳପ) ।

ସମାଜର ପରିବାରଗୁଡ଼ିକ ପିତୃକୈନ୍ଦ୍ରିକ ଥିଲା । ପୁତ୍ରଟିଏ ଜନ୍ମ ହେବାପାଇଁ ପରିବାରର ସାର୍ବଜନୀନ ଇଚ୍ଛା ରହୁଥିଲା । ପୁରୁଷମାନଙ୍କୁ ବିଶେଷ ମହତ୍ତ୍ୱ ଦିଆଯାଉଥିବା ବିଷୟ ଋକ୍‌ବେଦରେ ମଧ୍ୟ ଉଲ୍ଲେଖ ଅଛି, ଯହିଁରେ କି ପୁତ୍ରଟିଏ ଲାଭ କରିବା ପାଇଁ ନିରବଚ୍ଛିନ୍ନ ଭାବରେ ପ୍ରାର୍ଥନା କରାଯାଇଛି ।

ସମାଜ ପିତୃକେନ୍ଦ୍ରିକ ହେଲେ ମଧ୍ୟ ନାରୀର ସ୍ଥାନ ବହୁ ଉଚ୍ଚରେ ଏବଂ ଗୁରୁତ୍ୱପୂର୍ଣ୍ଣ ଥିଲା । ସେମାନ ଶିକ୍ଷିତା ଥିଲେ ତଥା ସଭା ଓ ସମିତିରେ ସଭ୍ୟା ହୋଇପାରୁଥିଲେ । ନାରୀମାନେ ମନ୍ତ୍ର ରଚନା କରୁଥିବାର ଉଦାହରଣ ମଧ୍ୟ ରହିଛି । ବିଳମ୍ବରେ ବିବାହ କରିପାରୁଥିଲେ ତଥା ବିବାହ ପାଇଁ ନିଜର ଜୀବନସାଥୀ ମଧ୍ୟ ମନୋନୀତ କରିପାରୁଥିଲେ; କିନ୍ତୁ ଏହା ମଧ୍ୟ ସର୍ବଦା ଧରି ନିଆଯାଇଥିଲା ଯେ, ନାରୀ (ଝିଅ) ବାପା, ଭାଇ କିମ୍ବା ସ୍ୱାମୀଙ୍କ ଉପରେ ନିର୍ଭରଶୀଳ ହୋଇ ରହିବ । ମୌଖିକ ରୂପରେ ଶିକ୍ଷା ଦିଆଯାଉଥିଲା । ଆଚାର୍ଯ୍ୟ ଯାହା କହୁଥିଲେ ଶିଷ୍ୟମାନେ ତାକୁ ବାରମ୍ବାର ଉଚ୍ଚାରଣ କରି ମନେରଖୁଥିଲେ; କିନ୍ତୁ ଏହି ସମୟ ବେଳକୁ ଶିକ୍ଷା ପରମ୍ପରା ଉନ୍ନତ ଅଥବା ବିଶେଷ ରୂପରେ ବିକଶିତ ନଥିଲା ।

ଶୁଣି ଶୁଣି ମନେ ରଖାଯାଉଥିବାରୁ ବେଦକୁ "ଶ୍ରୁତି" କୁହାଯାଉଥିଲା । ଶ୍ରବଣ, ମନନ ଓ ନିଦିଧ୍ୟାସନ, ଅର୍ଥାତ୍ ଶୁଣିବା, ବାରମ୍ବାର ଉଚ୍ଚାରଣ କରିବା ଏବଂ ମନେ ରଖିବା ଥିଲା ଶିକ୍ଷା ଗ୍ରହଣର ବିଧି ।

ବୈଦିକ ସମାଜ ପିତୃକେନ୍ଦ୍ରିକ ଥିଲେ ମଧ୍ୟ ସମାଜରେ ନାରୀକୁ ପୁରୁଷ ସହିତ ସମାନ ସମ୍ମାନ ମିଳୁଥିଲା । ବାପାଙ୍କ ମୃତ୍ୟୁ ପରେ ପିଣ୍ଡଦାନ ଏବଂ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ପ୍ରତ୍ୟେକ ଗୃହସ୍ଥ ପୁତ୍ରଟିଏ କାମନା କରୁଥିଲେ; ହେଲେ ଝିଅଟିଏ ଜନ୍ମ ହେଲେ ତାକୁ ଅତି ଆଦରରେ ଗ୍ରହଣ କରୁଥିଲେ ତଥା ଘର ପରିବାର ଉତ୍ସବ ମୁଖରିତ ହେଉଥିଲା । ନାରୀ ଘରେ ଏବଂ ସମାଜରେ ବିଶେଷ ରୂପରେ ସମ୍ମାନିତା ହେଉଥିଲା । ବୌଦ୍ଧିକ, ଦାର୍ଶନିକ ଏବଂ ସାମାଜିକ ଉତ୍ସବ ଆଦି କ୍ଷେତ୍ରରେ ସେମାନେ ପୁରୁଷ ସହିତ ସମାନ ଅଧିକାର ପାଉଥିଲେ । ନାରୀ ଥିଲା ଗୃହସ୍ୱାମିନୀ ଏବଂ ଅର୍ଦ୍ଧାଙ୍ଗିନୀ, ତେଣୁ ପ୍ରତ୍ୟେକ ପୂଜାପାର୍ବଣ, ଯଜ୍ଞ ଓ ଧାର୍ମିକ ଅନୁଷ୍ଠାନରେ ସ୍ୱାମୀ ସହିତ ଯୋଗ ଦେଉଥିଲା । ସ୍ତ୍ରୀ ବ୍ୟତୀତ ଯଜ୍ଞାନୁଷ୍ଠାନ ଅସମ୍ଭବ ଥିଲା । ସେତେବେଳେ ପର୍ଦ୍ଦାପ୍ରଥା ଓ ସତୀପ୍ରଥା ନ ଥିଲା ।

ସମାଜରେ ନାରୀ ସ୍ୱାଧୀନ ଭାବରେ ବିଚରଣ କରୁଥିଲା । ପୁରୁଷ ପରି ସେ ମଧ୍ୟ ଶିକ୍ଷା ଗ୍ରହଣ କରୁଥିଲା । ସେତେବେଳେ ଅନେକ ନାରୀକବି ମଧ୍ୟ ଥିଲେ । ଋଗ୍‌ବେଦରେ ଅନେକ ଶିକ୍ଷିତା ନାରୀଙ୍କ ନାମ ରହିଛି; ଯଥା- ଘୋଷା, ବିଶ୍ୱବାରା, ଆପାଲା ଆଦି । ସେମାନେ ବୈଦିକ ମନ୍ତ୍ର ମଧ୍ୟ ରଚନା କରୁଥିଲେ । ଝିଅମାନେ ପ୍ରାପ୍ତବୟସ୍କା ହେବାପରେ ବିବାହ କରୁଥିଲେ ।

ଝିଅମାନଙ୍କର ବିବାହ ପାଇଁ ଉଦ୍ଦିଷ୍ଟ ବୟସ ଋଗ୍‌ବେଦରେ ୧୬ରୁ ୧୮ବର୍ଷ ବୋଲି ଉଲ୍ଲେଖ ଅଛି । କେତେକ କ୍ଷେତ୍ରରେ ପିତାମାତାଙ୍କ ଅନୁମତି ନେଇ ଝିଅମାନେ ନିଜ ସ୍ୱାମୀ ନିଜେ ପସନ୍ଦ କରୁଥିଲେ, ଯାହାକି ପରବର୍ତ୍ତୀ ସମୟରେ ସ୍ୱୟମ୍ବରର ରୂପ ନେଇଥିଲା । ସେ ସମୟରେ ପୁଅଝିଅଙ୍କ ପ୍ରେମ ବିବାହ ମଧ୍ୟ ପ୍ରଚଳିତ ଥିଲା । କେତେକ କ୍ଷେତ୍ରରେ କନ୍ୟାମୂଲ୍ୟ ଏବଂ କେତେକ ସ୍ଥଳେ ଯୌତୁକ ପ୍ରଥା ମଧ୍ୟ ପ୍ରଚଳିତ ଥିଲା । କନ୍ୟାଘରେ ଅତି ଆଡମ୍ବର ସହକାରେ ବିବାହ ସମ୍ପନ୍ନ ହେଉଥିଲା । ସାଧାରଣତଃ ଜଣେ ପୁରୁଷ ଏକପତ୍ନୀ ଗ୍ରହଣ କରୁଥିଲା । ଧନିକମାନେ ବହୁପତ୍ନୀ ମଧ୍ୟ ଗ୍ରହଣ କରୁଥିଲେ; ହେଲେ ଜଣେ ସ୍ତ୍ରୀ ଅନେକ ପତି ଗ୍ରହଣ କରିବା ସମ୍ବନ୍ଧରେ ବେଦରେ ଉଲ୍ଲେଖ ନାହିଁ, ଯାହାକି ପରବର୍ତ୍ତୀ ସମୟରେ ପ୍ରଚଳିତ ହୋଇଥିଲା । ବିଧବା ବିବାହ ମଧ୍ୟ ସ୍ୱୀକୃତି ଲାଭ କରିଥିଲା । ଭାଇଙ୍କ ବିଧବା ସ୍ତ୍ରୀକୁ ଅନ୍ୟ ଭାଇ ବିବାହ କରିପାରୁଥିଲେ । ଏସବୁ ସତ୍ତ୍ୱେ ମଧ୍ୟ ନାରୀ ସର୍ବଦା ପୁରୁଷର ସୁରକ୍ଷାଧୀନା ହୋଇ ରହୁଥିଲା । ଝିଅ ଭାବରେ ବାପାଙ୍କର, ମା' ଭାବରେ ପୁତ୍ରର, ସ୍ତ୍ରୀ ରୂପରେ ସ୍ୱାମୀର, ବିଧବା ହେବା ପରେ ଭାଇର ସୁରକ୍ଷାରେ ରହୁଥିଲା । ବୈଦିକ ଯୁଗରେ ନାରୀର ନୈତିକତା ଅତି ଉଚ୍ଚମାନର ଥିଲା । ଋଗ୍‌ବେଦରେ ଉଲ୍ଲିଖିତ "ଦମ୍ପତି"ଶବ୍ଦ ବିଶେଷ ରୂପରେ ଧାର୍ମିକ ରୀତିନୀତି ସମ୍ବନ୍ଧରେ ସୂଚିତ କରେ । ଅର୍ଥାତ୍ ଉଭୟ ପତିପତ୍ନୀ ମିଳିତ ଭାବରେ ସମସ୍ତ ଧର୍ମକାର୍ଯ୍ୟ ସମ୍ପାଦନା କରିବେ । ନାରୀମାନଙ୍କ ମଧ୍ୟରେ ଏକ ବର୍ଗ ଥିଲେ, ଯାହାଙ୍କୁ ହିତାରୀ ଏବଂ ନୃତ୍ୟାଙ୍ଗନା କୁହାଯାଉଥିଲା । ସମ୍ଭବତଃ ସେମାନଙ୍କ ନୈତିକତା ଉନ୍ନତ ନ ଥିଲା ।

ପୋଷାକ

ସାଧାରଣତଃ ଲୋକେ କାର୍ପାସ ଏବଂ ପଶମ ବସ୍ତ୍ର ପରିଧାନ କରୁଥିଲେ । ସେମାନେ ସାଧାରଣତଃ ତିନି ଖଣ୍ଡ ବସ୍ତ୍ର ପରିଧାନ କରୁଥିଲେ । ଲୁଗାତଳେ ପିନ୍ଧୁଥିବା ବସ୍ତ୍ର କୌପୀନ (ଚଡି ସଦୃଶ)କୁ "ନିବି" ବସ୍ତ୍ର, ଅଣ୍ଟାଠାରୁ ତଳକୁ ପିନ୍ଧୁଥିବା ବସ୍ତ୍ରକୁ "ବାସ କିମ୍ବା ପରିଧାନ" ଏବଂ ଅଣ୍ଟା ଉପରକୁ ପରିଧାନ କରୁଥିବା ବସ୍ତ୍ରକୁ "ଅଧିବାସ" କୁହାଯାଉଥିଲା । ଧନୀ ଲୋକେ ବସ୍ତ୍ରରେ ସୁନା ରୁପା ଆଦି ଖଚିତ କରୁଥିଲେ ତଥା ସୁନ୍ଦର ଛୁଞ୍ଚିକାମ (ଏମ୍ବ୍ରୋଡରି) କରାଉଥିଲେ । ଋଷି, ମୁନିମାନେ ବଳ୍କଳ ଏବଂ ପଶୁ ଚମଡା ପରିଧାନ କରୁଥିଲେ ।

ଅଳଙ୍କାର ଓ ପ୍ରସାଧନ

ଉଭୟ ସ୍ତ୍ରୀ ଓ ପୁରୁଷ ପ୍ରାୟତଃ ସମାନ ପ୍ରକାରର ସୁନାଗହଣା ପିନ୍ଧୁଥିଲେ । ସ୍ତ୍ରୀମାନେ କାନରେ କାନଫୁଲ, ଝୁମୁକା ଆଦି ପିନ୍ଧୁଥିବା ବେଳେ ଉଭୟେ କାନରେ ବାଲି (କର୍ଣ୍ଣବଳୟ) ପିନ୍ଧୁଥିଲେ । ସ୍ତ୍ରୀମାନେ ମୁଣ୍ଡରେ କୁରିଗ୍ରା, ମଥାମଣି ଆଦି ପିନ୍ଧୁଥିଲେ । ନବବିବାହିତାମାନେ ଗଳାରେ ବହୁମୂଲ୍ୟ ହାର ପିନ୍ଧୁଥିଲେ, ଯାହାକୁ "ନିଷ୍କା" କୁହାଯାଉଥିଲା । ସ୍ତ୍ରୀମାନେ କୁଚକୁ ଢାଙ୍କିବା ପାଇଁ ରୁକ୍ମା ନାମକ ଗହଣା ପରିଧାନ କରୁଥିଲେ । କେତେକ ସମୟରେ ଧନିକ ଶ୍ରେଣୀର ସ୍ତ୍ରୀମାନେ ବକ୍ଷବନ୍ଧନୀ (କାଞ୍ଚୁଲି) ପରିଧାନ କରୁଥିଲେ । ହାତରେ କଙ୍କଣ ଏବଂ ବାହୁରେ ବାହୁଟି ମଧ୍ୟ ପରିଧାନ କରୁଥିଲେ ।

ଋଗ୍‌ବେଦରେ "ସଲଟି" ଶବ୍ଦର ବ୍ୟବହାର ହୋଇଛି । ଏହାର ଅର୍ଥ ଆଧୁନିକ ଦର୍ପଣ ଅଟେ । ମୁହଁ ଦେଖିବା ପାଇଁ ସେମାନେ ତମ୍ବା, ମୁଗୁନି ପଥର, ପାଣି ଆଦିର ସାହାଯ୍ୟ ନେଉଥିଲେ । ସେମାନେ ହାଡରୁ ନିର୍ମିତ ପାନିଆ ବ୍ୟବହାର କରୁଥିଲେ । ଉଭୟ ସ୍ତ୍ରୀ ଓ ପୁରୁଷ ଲମ୍ବାଚୁଟି ରଖୁଥିଲେ ଏବଂ ମୁଣ୍ଡରେ ପଗଡି ପରି ଲୁଗା ପିନ୍ଧୁଥିଲେ । ମୁଣ୍ଡର ଚୁଟିକୁ ଆଗପଟରୁ ସିଧା ପଛପଟକୁ କୁଣ୍ଡେଇ ସ୍ତ୍ରୀମାନେ ଚୁଟିକୁ ତିନିଭାଗରେ ବିଭକ୍ତ କରି ଲମ୍ବା ବେଣୀ କରୁଥିଲେ, କେତେକ କ୍ଷେତ୍ରରେ ଜୁଡା କରୁଥିଲେ; ହେଲେ ପୁରୁଷମାନେ ପଛପଟେ ଚୁଟିରେ ଗଣ୍ଠି ପକେଇ ଦେଉଥିଲେ । ସେମାନେ ସୁଗନ୍ଧିତ ତେଲ ଏବଂ ଅତର ତଥା ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ ବ୍ୟବହାର କରୁଥିବା ସମ୍ବନ୍ଧରେ ମଧ୍ୟ ବେଦରେ ବର୍ଣ୍ଣିତ ହୋଇଛି ।

ଖାଦ୍ୟ

ଗହମ ଓ ବାର୍ଲି ଲୋକଙ୍କର ମୁଖ୍ୟ ଖାଦ୍ୟ ଥିଲା । ଏତଦ୍‌ବ୍ୟତୀତ ସେମାନେ ଚାଉଳ, ବିନ୍, ପରିବା, କ୍ଷୀର, ଫଳ ଆଦି ଖାଉଥିଲେ । ସମୟ ସମୟରେ ଏବଂ କେତେକ ପର୍ବପର୍ବାଣିରେ ସେମାନେ ମାଛ ଓ ମାଂସ ମଧ୍ୟ ଖାଉଥିଲେ । ବୈଦିକ ଭାଷାରେ ଗାଈକୁ "ଅଘ୍ନ୍ୟ" (ଯାହାକୁ ହତ୍ୟା କରାଯାଇ ପାରିବ ନାହିଁ) ରୂପରେ ଗ୍ରହଣ କରାଯାଇଛି । ତେଣୁ ସେମାନେ ଗୋମାଂସ ଖାଉ ନ ଥିଲେ । ସେମାନେ ଛେଳି, ମେଣ୍ଢା, ଷଣ୍ଢ, ଘୋଡା ଆଦିର ମାଂସ ଖାଉଥିଲେ । ସେମାନେ ଶସ୍ୟରୁ ପ୍ରସ୍ତୁତ ସୁରା ଏବଂ ପର୍ବପର୍ବାଣିରେ ସୋମ ଗଛର ରସ ଅଥବା ସୋମରସକୁ ମଦ୍ୟ ରୂପରେ ପାନ କରୁଥିଲେ; ହେଲେ ଅଧିକ ମଦ ପିଇ ମଦ୍ୟପ ହେଉଥିବା ଲୋକଙ୍କୁ ସମାଜରେ ଘୃଣା କରାଯାଉଥିଲା ।

ଆମୋଦପ୍ରମୋଦ

ଋଗ୍ ବୈଦିକ ଲୋକମାନେ, ନୃତ୍ୟ, ଗୀତ, ସମର ନୃତ୍ୟ, ରଥଦୌଡ, ବଂଶୀବାଦନ, ପଶାଖେଳ, ମୁଷ୍ଟିଯୁଦ୍ଧ, ଶିକାର କରିବା ଆଦି ଦ୍ୱାରା ଆମୋଦପ୍ରମୋଦ କରୁଥିଲେ । ଋଗ୍‌ବେଦ ଦଶମ ମଣ୍ଡଳର ଶ୍ଳୋକ ସଂଖ୍ୟା ୩୪ରେ ଜୁଆଖେଳକୁ ନିଷିଦ୍ଧ କରାଯାଇଛି । ସେମାନେ ବ୍ୟବହାର କରୁଥିବା ବାଦ୍ୟଯନ୍ତ୍ରଗୁଡିକୁ ତିନି ଭାଗରେ ବିଭକ୍ତ କରାଯାଏ; ଯଥା- ବାଡେଇ କରି ବଜେଇବା ଯନ୍ତ୍ର ଯଥା- ଡ୍ରମ, ପଖାଉଜ, ମୃଦଙ୍ଗ ଆଦି; ଛୁଇଁକି ବଜେଇବା ତାରଲଗା ଯନ୍ତ୍ର ଯଥା- ବୀଣା ଏବଂ ପବନ ଦ୍ୱାରା ଅର୍ଥାତ୍ ଫୁଙ୍କିକରି ବଜେଇବା ଯନ୍ତ୍ର ଯଥା- ବଂଶୀ ଇତ୍ୟାଦି । ପିଲାମାନେ ମାଟିନିର୍ମିତ

ବିଭିନ୍ନ ପ୍ରକାର କଣ୍ଢେଇ ଏବଂ କନ୍ଦୁକ ଆଦିରେ ଖେଳୁଥିଲେ । ତାନ, ମାନ, ଲୟ, ଧ୍ୱନି, ରାଗ ଆଦି ସଙ୍ଗୀତ ସମ୍ବନ୍ଧିତ ବିଭାଗ ଉପରେ ଆର୍ଯ୍ୟମାନଙ୍କର ବିଶେଷ ଜ୍ଞାନ ଥିଲା । ସେମାନଙ୍କର ବିଶାଳ ଝାଟିମାଟି ଘରେ (ଯାହାର କାନ୍ଥ କାଦୁଅ ଏବଂ ଛାତ ଛଣରେ ନିର୍ମିତ ଥିଲା) ସକଳ ପରିବାର ଖୁସିରେ ଜୀବନକୁ ଉପଭୋଗ କରି ରହୁଥିଲେ । ଲୋକଙ୍କର ନୈତିକତା ପବିତ୍ର ଏବଂ ଉଚ୍ଚମାନର ଥିଲା । ତେଣୁକରି ଚୋରି, ଡକାୟତି, ହତ୍ୟା, ଲୁଣ୍ଠନ ଆଦି ସାମାଜିକ ବ୍ୟାଧି ପ୍ରାୟତଃ ନଗଣ୍ୟ ଥିଲା । ସେମାନେ ଧାର୍ମିକ ଜୀବନଯାପନ କରୁଥିବାରୁ ସମାଜରେ ସର୍ବଦା ସୁସ୍ଥ ବାତାବରଣ ରହୁଥିଲା ।

ଋକ୍‌ବେଦର ଅଧିକାରୀ (ସ୍ରଷ୍ଟା / ଲେଖକ)ମାନେ ନିଜକୁ ଅନ୍ୟମାନଙ୍କଠାରୁ ଭିନ୍ନ ଓ ଉନ୍ନତ ମନେ କରୁଥିଲେ ତଥା ଅନ୍ୟମାନଙ୍କୁ ଦାସ ବା ଦସ୍ୟୁ ରୂପରେ ଆଖ୍ୟାୟିତ କରିଥିଲେ । ଦାସମାନଙ୍କ ବାବଦରେ ବର୍ଣ୍ଣନା କରି କୁହାଯାଇଛି ଯେ, ସେମାନେ କୃଷ୍ଣବର୍ଣ୍ଣ, କୃଷ୍ଣଯୋନିସମ୍ଭୂତ, ସେମାନଙ୍କର ଓଠ ବୃହଦାକାର, ଇତର, ଲିଙ୍ଗ ଉପାସକ ଏବଂ ରୁକ୍ଷଭାଷୀ ଥିଲେ । ସେମାନେ ପଶୁସମ୍ପଦରେ ଧନୀ ଏବଂ ଦୁର୍ଗୀକୃତ ଓ ସୁରକ୍ଷିତ ଗ୍ରାମଗୁଡ଼ିକରେ ବାସ କରୁଥିଲେ । ଆମେ 'ପାଣି' ନାମକ ଅନ୍ୟ ଏକ ସମ୍ପ୍ରଦାୟ ବାବଦରେ ମଧ୍ୟ ଅବଗତ ହୋଇଛୁ, ଯେଉଁମାନେ କି ପଶୁ ସମ୍ପଦରେ ବିଶେଷ ପ୍ରତିପତ୍ତିଶାଳୀ ଓ ଧନୀ ଥିଲେ । ପରବର୍ତ୍ତୀ ସମୟରେ 'ପାଣି' ଶବ୍ଦ ବ୍ୟବସାୟୀମାନଙ୍କ କ୍ଷେତ୍ରରେ ଏବଂ ତତ୍‌ପରବର୍ତ୍ତୀ ସମୟରେ ସମ୍ପତ୍ତି କ୍ଷେତ୍ରରେ ବ୍ୟବହୃତ ହେଉଥିଲା । ଏହି ଗୋଷ୍ଠୀ ସମୟ ସମୟରେ ଯୁଦ୍ଧରତ ହୋଇ ବନ୍ଧୁଶୂନ୍ୟ ଭାବରେ ଏକା ଏକା ମଧ୍ୟ ରହୁଥିଲେ । ଏଥିଯୋଗୁଁ ସେମାନଙ୍କୁ ବିଭିନ୍ନ ଜାତିର କିମ୍ବା ଭାଷାଭାଷୀର ଲୋକ ଭାବରେ ବ୍ୟାଖ୍ୟା କରାଯାଇପାରିବ ନାହିଁ । ଉଦାହରଣସ୍ୱରୂପ, ଋକ୍‌ବେଦରେ ଉଲ୍ଲିଖିତ ସୁଦାସ ଜଣେ ସୁପ୍ରସିଦ୍ଧ ମୁଖ୍ୟ (ରାଜା) ଥିଲେ, ଯିଏ କି ଦଶଜଣ ରାଜାଙ୍କ ଯୁଦ୍ଧରେ ଭରତ ସମ୍ପ୍ରଦାୟକୁ ନେତୃତ୍ୱ ପ୍ରଦାନ କରିଥିଲେ । ତାଙ୍କ ନାମରେ ଶେଷରେ 'ଦାସ' ଯୋଗ ହୋଇଥିବାରୁ ଅନୁମାନ କରାଯାଏ ଯେ, ତାଙ୍କର ହୁଏତ 'ଦାସ' ଅର୍ଥାତ୍ ସେବକମାନଙ୍କ ସହିତ କିଛି ସମ୍ପର୍କ ରହିଥିଲା । ଗୋଟିଏ ଅଞ୍ଚଳରେ ଅନେକ ସମ୍ପ୍ରଦାୟର ଉପସ୍ଥିତି ସମ୍ଭବତଃ 'ବର୍ଣ୍ଣ' ପ୍ରଣାଳୀ ଅଥବା ଜାତିପ୍ରଥାକୁ ଜନ୍ମ ଦେଇଥାଇପାରେ ।

ବିଭିନ୍ନ ବୃତ୍ତିଧାରୀ ଯଥା- ବୁଣାକାର, କମାର, ସୁନାରୀ, ବଢ଼େଇ, ଚମାର, ରଥନିର୍ମାତା, ପୁରୋହିତ ଇତ୍ୟାଦି ଗୋଷ୍ଠୀର ଲୋକ ଗୋଟିଏ ଅଞ୍ଚଳରେ ରହୁଥିବାର ବର୍ଣ୍ଣନା ରହିଛି । ରଥନିର୍ମାତାମାନେ ସମାଜରେ ଏକ ବିଶେଷ ସ୍ଥାନ ଓ ସମ୍ମାନର ଅଧିକାରୀ ଥିଲେ । ଋକ୍‌ବେଦରେ ଭିକାରି, ଦିନମଜୁରିଆ ଅଥବା ମଜୁରି ଆଦି ବାବଦରେ କିଛି ଉଲ୍ଲେଖ ନାହିଁ; ହେଲେ ମଧ୍ୟ ସମାଜ ଅର୍ଥନୀତି ଦୃଷ୍ଟିରୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହୋଇଥିଲା । ଅର୍ଥାତ୍ ଧନୀ, ଗରିବ, ମଧ୍ୟବିତ୍ତ ଆଦି ଶ୍ରେଣୀରେ ବିଭକ୍ତ ଥିଲା । ଧନୀ ଲୋକମାନେ ରଥ ଏବଂ ବହୁସଂଖ୍ୟାରେ ଗୋରୁଗାଈ ରଖିଥିବାର ଉଲ୍ଲେଖ ରହିଛି । ସେମାନେ ସେଗୁଡ଼ିକୁ ଉପହାର ରୂପରେ ମଧ୍ୟ ଦେଉଥିଲେ ।

ରାଜନୈତିକ ସଂଗଠନ

ବୈଦିକ ଗୋଷ୍ଠୀଗୁଡ଼ିକର ରାଜନୀତି ସମ୍ପୂର୍ଣ୍ଣ ଭାବରେ ସମତାବାଦୀ ନଥିଲା । ଏହି ବିଭାଜନ ଋକ୍‌ବେଦରେ ହିଁ ପରିଲକ୍ଷିତ ହୁଏ । ଋକ୍‌ବେଦରେ ଦୁଇଗୋଷ୍ଠୀ ବାବଦରେ ଉଲ୍ଲେଖ ଅଛି; ଯଥା- ରାଜନ୍ୟବର୍ଗ, ଯେଉଁମାନେ କି ଯୁଦ୍ଧ କରୁଥିଲେ ଏବଂ ଉଚ୍ଚବର୍ଗ ରୂପରେ ପରିଗଣିତ ହେଉଥିଲେ । ତା'ପରେ ଥିଲେ ଗୋଷ୍ଠୀ (ସମ୍ପ୍ରଦାୟ)ର ଅନ୍ୟାନ୍ୟ ଲୋକ (ବିଶ୍) ଯେଉଁମାନେ କି ନିମ୍ନ ବର୍ଗରେ ପରିଗଣିତ ହେଉଥିଲେ । ସମାଜରେ କୌଣସି ଗୋଷ୍ଠୀ ମଧ୍ୟ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ନଥିଲେ; କିନ୍ତୁ ନିରବଚ୍ଛିନ୍ନ ଯୁଦ୍ଧ ସମାଜରେ ଶ୍ରେଣୀବିଭାଗ ସୃଷ୍ଟି କରିଥିଲା । ଅଧିକ ଚାରଣ ଭୂମିର ଆବଶ୍ୟକତା, ଲୋକମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ସଂଖ୍ୟକ ଗୋରୁଗାଈ, ପୁନଶ୍ଚ ସେମାନଙ୍କର ରହିବା ପାଇଁ ଅଧିକ ସ୍ଥାନ ଏବଂ ସର୍ବୋପରି ଜନବସତି ପାଇଁ ଅଧିକ ସ୍ଥାନର ଆବଶ୍ୟକତା ଆଦି ବାରମ୍ବାର ଗୋଷ୍ଠୀ ସଂଘର୍ଷ ପାଇଁ ଇନ୍ଧନ ଯୋଗାଉଥିଲା । ଏହି ସମ୍ପ୍ରଦାୟଗୁଡ଼ିକ ନିଜ ନିଜର ଯୋଦ୍ଧାଙ୍କୁ ଯୁଦ୍ଧରେ ବିଜୟୀ କରାଇବା ପାଇଁ

ବିଶାଳ ଯଜ୍ଞ ଏବଂ ପଶୁବଳିର ଆୟୋଜନ କରୁଥିଲେ । ଏହି ଯଜ୍ଞଗୁଡ଼ିକରେ ପୁରୋହିତମାନେ ଦେବତା ଓ ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ମଧ୍ୟସ୍ଥିର କାର୍ଯ୍ୟ କରୁଥିଲେ । ସେ ଆହୁତି ମଧ୍ୟ ଭକ୍ତିର ସହିତ ଦେବତାମାନଙ୍କୁ ଆବାହନ କରୁଥିଲେ ନିଜ ସମ୍ପ୍ରଦାୟର ଲୋକଙ୍କୁ ଏବଂ ରାଜାଙ୍କୁ ଆଶୀର୍ବାଦ ଦେବାପାଇଁ ତଥା ରାଜାଙ୍କୁ ଯୁଦ୍ଧରେ ବିଜୟୀ କରାଇବା ପାଇଁ । ପ୍ରଥମେ ପ୍ରଥମେ ଏହି ଯଜ୍ଞଗୁଡ଼ିକରେ ସମଗ୍ର ସମ୍ପ୍ରଦାୟ ସମାନ ଭାବରେ ଅଂଶଗ୍ରହଣ କରୁଥିଲେ । ପଶୁବଳି ସମୟରେ ବହୁ ପରିମାଣରେ ଧନ ଓ ଖାଦ୍ୟ ଇତ୍ୟାଦି ବିତରଣ କରାଯାଉଥିଲା । ସମସ୍ତ ସଭ୍ୟ ସମାନ ଭାଗ ପାଉଥିଲେ, ହେଲେ ବିବାଦ ଏବଂ ଯୁଦ୍ଧର ବୃଦ୍ଧିଯୋଗୁଁ ପୁରୋହିତଙ୍କ ଗୁରୁତ୍ୱ ବଢ଼ିବାରେ ଲାଗିଥିଲା ତଥା ସମାଜରେ ସେ ଏକ ସ୍ୱତନ୍ତ୍ର ସ୍ଥାନ ଏବଂ ସମ୍ମାନ ପାଇଥିଲେ । ପରବର୍ତ୍ତୀ ସମୟରେ ପୁରୋହିତମାନେ ରାଜାଙ୍କଠାରୁ ଦାନ ଦକ୍ଷିଣାର ଗୁରୁଭାଗ ପାଇଥିଲେ ତଥା ସମାଜରେ ଅନ୍ୟମାନଙ୍କ ଅପେକ୍ଷା ଉଚ୍ଚସ୍ଥାନର ଅଧିକାରୀ ହୋଇଥିଲେ । ଯୁଦ୍ଧଯୋଗୁଁ ରାଜାଙ୍କ କ୍ଷମତା ଏବଂ ପ୍ରତିପତ୍ତିରେ ମଧ୍ୟ ବୃଦ୍ଧି ଘଟିଥିଲା ଏବଂ ଉଚ୍ଚ ଓ ନିମ୍ନବର୍ଗ ବିଭାଜନ ସୁସ୍ପଷ୍ଟ ହୋଇଥିଲା; ହେଲେ କେଉଁ ସମୟ ବେଳକୁ ରାଜନୈତିକ ପ୍ରଭେଦ ସୁସ୍ପଷ୍ଟ ହୋଇଥିଲା ଏହା କହିବା କଷ୍ଟସାଧ୍ୟ ଅଟେ । ଆମେ କିନ୍ତୁ ମନେ ରଖିବା ଉଚିତ ଯେ, ରକ୍‌ବେଦର ଦଶମ ମଣ୍ଡଳ ଯହିଁରେ କି 'ପୁରୁଷ ସୂକ୍ତ'ର ମନ୍ତ୍ରସବୁ ରହିଛି ତଥା ପରବର୍ତ୍ତୀ ବୈଦିକ ଗ୍ରନ୍ଥଗୁଡ଼ିକ ପ୍ରମାଣିତ କରେ ଯେ, ରାଜନ୍ୟମଣ୍ଡଳୀ ଉଚ୍ଚବର୍ଗର ଥିଲେ ତଥା ସେମାନେ କ୍ଷତ୍ରିୟ ମର୍ଯ୍ୟାଦା ଲାଭ କରିଥିଲେ । ଅର୍ଥାତ୍ ସେମାନେ ନିଜକୁ କ୍ଷତ୍ରିୟ ରୂପରେ ପରିଚିତ କରିଥିଲେ, ଯାହାକି ଏକ ସ୍ୱତନ୍ତ୍ର ବର୍ଣ୍ଣ ଥିଲା । ସମ୍ଭବତଃ ଏହି ପ୍ରଗତି ଖ୍ରୀ.ପୂ. ୧୦୦୦ର ପରବର୍ତ୍ତୀ ସମୟରେ ସଂଘଟିତ ହୋଇଥିଲା । ଏହାର ଅର୍ଥ ନୁହେଁ ଯେ, ଆମେ ଅଧ୍ୟୟନ କରୁଥିବା ସମୟର ସମାଜର ପ୍ରଗତି ସ୍ଥିର ହୋଇଯାଇଥିଲା । ଏହା ସତ୍ୟ ଯେ, ଏହା ଧୀରେଧୀରେ ପ୍ରଗତି କରୁଥିଲା ଏବଂ ପରବର୍ତ୍ତୀ ବୈଦିକ ଯୁଗ ଆଡ଼କୁ ଗତି କରୁଥିଲା, ଯେତେବେଳେ ଏକ ଜଟିଳ ସାମାଜିକ, ରାଜନୈତିକ ଢାଞ୍ଚା ବିକାଶ ଲାଭ କରିଥିଲା ।

ରଗ୍‌ବେଦୀୟ ସମାଜ ଆଦିବାସୀ ସମାଜ (ସମ୍ପ୍ରଦାୟ) ଢାଞ୍ଚାରେ ଗଠିତ ହୋଇଥିଲା । ରଗ୍‌ବେଦୀୟ ରାଜ୍ୟ ଅଳ୍ପ ହେଉ କି ଅଧିକ ହେଉ ପ୍ରାୟତଃ ସମ୍ପ୍ରଦାୟମାନଙ୍କ ରାଜ୍ୟ ପରି ଥିଲା । ରଗ୍‌ବେଦୀୟ ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଥିଲେ ଯଦୁ, ଅନୁ, ପୁରୁ, ଭରତ, ଶ୍ରୀଞ୍ଜୟ, ଦୂର୍ବାସା ଆଦି । ଏହିପରି ଭାବରେ ଲୋକମାନେ ଅନେକ ଗୁଡ଼ିଏ ସମ୍ପ୍ରଦାୟରେ ବିଭକ୍ତ ହୋଇଥିଲେ, ଯାହାକୁ ଜନ କୁହାଯାଉଥିଲା । ପ୍ରତ୍ୟେକ "ଜନ"ରେ ଜଣେ ଲେଖାଏଁ ରାଜା ରହୁଥିଲେ । ରଗ୍‌ବେଦରେ ଉଲ୍ଲେଖ ଅଛି ଯେ, ସମ୍ପ୍ରଦାୟଗୁଡ଼ିକ ପ୍ରାଧାନ୍ୟ ପାଇଁ ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ ତଥା ଗୋଧନକୁ ବଳପୂର୍ବକ ନେଇଯିବା ପାଇଁ ଚେଷ୍ଟା କରୁଥିଲେ । ପୁନଶ୍ଚ ରଗ୍‌ବେଦରେ ଦଶଜଣ ରାଜାଙ୍କ ଯୁଦ୍ଧ ସମ୍ବନ୍ଧରେ ମଧ୍ୟ ବର୍ଣ୍ଣିତ ହୋଇଛି । ଏହି ଦଶଜଣ ରାଜା ଦଶଗୋଟି ଜନ (ସମ୍ପ୍ରଦାୟ)ର ଶାସକ ଥିଲେ । ପଞ୍ଜାବସ୍ଥିତ ଆର୍ଯ୍ୟମାନଙ୍କର ଭରତ ସମ୍ପ୍ରଦାୟ ଅଥବା (ଜନ)ର ରାଜା ଥିଲେ ସୁଦାସ । ସେ ତାଙ୍କ କୁଳପୁରୋହିତ ବିଶ୍ୱାମିତ୍ରଙ୍କ ଉପରେ ସନ୍ତୁଷ୍ଟ ନ ଥିଲେ, ତେଣୁ ତାଙ୍କୁ ବାହାର କରି ବଶିଷ୍ଠଙ୍କୁ କୁଳପୁରୋହିତ ଭାବରେ ନିଯୁକ୍ତ କରିଥିଲେ । ପ୍ରତିଶୋଧ ପରାୟଣ ବିଶ୍ୱାମିତ୍ର ଦଶଗୋଟି ଜନର ଶାସକଙ୍କୁ ଏକତ୍ରିତ କରି ସୁଦାସଙ୍କ ରାଜ୍ୟକୁ ଆକ୍ରମଣ କରିଥିଲେ । ଏହି ଯୁଦ୍ଧରେ ସୁଦାସ ବିଜୟୀ ହୋଇଥିଲେ, ଫଳରେ ଭରତ ସମ୍ପ୍ରଦାୟ ଅତୀବ ଶକ୍ତିଶାଳୀ ରୂପରେ ପରିଗଣିତ ହୋଇଥିଲା । ଏଥିରୁ ଜଣାଯାଏ ଯେ, ପୂଜକ ଅର୍ଥାତ୍ ବ୍ରାହ୍ମଣ ଯେଉଁମାନେ କି ରାଜାମାନଙ୍କର କୁଳଗୁରୁ ରୂପରେ ନିଯୁକ୍ତ ଥିଲେ, ରାଜ୍ୟରେ ଅତ୍ୟନ୍ତ ପ୍ରଭାବଶାଳୀ ଥିଲେ ଏବଂ ପ୍ରଶାସନର ପୁରୋଧା ଥିଲେ । ଅନେକ ସ୍ଥଳରେ ଆର୍ଯ୍ୟମାନଙ୍କର ଅଣଆର୍ଯ୍ୟମାନଙ୍କ ସହ ଯୁଦ୍ଧର ବର୍ଣ୍ଣନା ମଧ୍ୟ ରହିଛି, ଯେପରି କି ସିନ୍ଧୁନଦୀ ସଭ୍ୟତାର "ପାଣି"(ବ୍ୟବସାୟୀ)ମାନଙ୍କ ସହ ଯୁଦ୍ଧ ।

ପ୍ରଶାସନିକ ବିଭାଗ

ରଗ୍‌ବେଦୀୟ ଆର୍ଯ୍ୟମାନଙ୍କ ପ୍ରଶାସନର ସର୍ବନିମ୍ନ ରାଜନୈତିକ ଏବଂ ସାମାଜିକ ବିଭାଗ ଥିଲା ପରିବାର, ଯାହାକି ପିତୃକୈନ୍ଦ୍ରିକ ଥିଲା । ଅନେକଗୁଡ଼ିଏ ରକ୍ତ-ସମ୍ପର୍କୀୟ ପରିବାର ଏକତ୍ର ବସବାସ କରି ଏକ ସମ୍ପ୍ରଦାୟ ଗଠନ

କରୁଥିଲେ । ଅନେକଗୁଡିଏ ସମ୍ପ୍ରଦାୟ ଏକତ୍ରିତ ହୋଇ ଏକ 'ଗ୍ରାମ' ଗଠନ କରୁଥିଲେ । ଅନେକଗୁଡିଏ ଗ୍ରାମକୁ ନେଇ ଏକ "ବିଶ୍" ଏବଂ ଅନେକଗୁଡିଏ ବିଶ୍‌କୁ ନେଇ ଏକ 'ଜନ' ଗଠିତ ହେଉଥିଲା । "ଜନ" ଥିଲା ଏକ ରାଜ୍ୟ ସହିତ ତୁଳନୀୟ ତଥା ସର୍ବୋଚ୍ଚ ସଂଗଠନ । ତଥାପି ମଧ୍ୟ ଗ୍ରାମ, ବିଶ୍ ଏବଂ ଜନ ମଧ୍ୟରେ ସମ୍ପର୍କ ବେଦରେ ସୁସ୍ପଷ୍ଟ ହୋଇ ପାରି ନାହିଁ । ଗ୍ରାମର ମୁଖ୍ୟଙ୍କୁ 'ଗ୍ରାମଣୀ', ବିଶର ମୁଖ୍ୟଙ୍କୁ 'ବିଶପତି' ଏବଂ ଜନର ମୁଖ୍ୟଙ୍କୁ 'ଗୋପ' କୁହାଯାଉଥିଲା ।

ରାଜ୍ୟର ପରିବ୍ୟାପ୍ତି

ଋଗ୍‌ବେଦୀୟ ରାଜ୍ୟ (ଜନ୍)ଗୁଡ଼ିକ ଅତି କ୍ଷୁଦ୍ର ଥିଲା ଏବଂ ସାଧାରଣତଃ ଗୋଟିଏ ସମ୍ପ୍ରଦାୟ ଅଥବା ବିଶ୍‌କୁ ନେଇ ଗଠିତ ହୋଇଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ରାଜ୍ୟଜୟ ଆଦିଦ୍ୱାରା ଅନେକ ବିଶାଳ ରାଜ୍ୟ ଗଢ଼ି ଉଠିଥିଲା, ଯାହାକୁ ସାମ୍ରାଜ୍ୟ କୁହାଗଲା ତଥା ଶାସକଙ୍କୁ ସମ୍ରାଟ, ଏକରାଟ, ବିରାଟ ଆଦି କୁହାଗଲା । ଏହିପରି ଭାବରେ ଭାରତରେ ସାମ୍ରାଜ୍ୟବାଦିତାର ପରିପ୍ରକାଶ ହୋଇଥିଲା ।

ଶାସନତନ୍ତ୍ର

ରାଜତନ୍ତ୍ର ଥିଲା ସାଧାରଣତଃ ପ୍ରଚଳିତ ପ୍ରକାରର ପ୍ରଶାସନିକ ବ୍ୟବସ୍ଥା । ଏଥିରେ ରାଜା ଥିଲେ ମୁଖ୍ୟ । ତାଙ୍କୁ ରାଜନ୍ କୁହାଯାଉଥିଲା । ଋଗ୍‌ବେଦରେ ରାଜତନ୍ତ୍ରର ଉତ୍ପତ୍ତି ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି; ଯଥା- ଦେବତା ଏବଂ ଅସୁରଙ୍କ ମଧ୍ୟରେ ଯୁଦ୍ଧ, ଦେବତାମାନଙ୍କର ପ୍ରାଥମିକ ପରାଜୟ ଏବଂ ପରବର୍ତ୍ତୀ ବିଜୟ, ତା'ପରେ ମର୍ତ୍ତ୍ୟମଣ୍ଡଳରେ ଏକ ରାଜାଙ୍କର ନିଯୁକ୍ତି ଆଦି । ରାଜାମାନେ (ରାଜନ୍) ବଂଶାନୁକ୍ରମିକ ଭାବରେ ଶାସନ କରୁଥିଲେ । କେତେକ ଅବସ୍ଥାରେ ଋଗ୍‌ବେଦୀୟ ସମ୍ପ୍ରଦାୟ ଏବଂ ବିଶଗୁଡ଼ିକ ସେମାନଙ୍କର ରାଜାଙ୍କୁ ମନୋନୀତ ଅଥବା ନିର୍ବାଚିତ କରୁଥିଲେ । କେତେକ ସମ୍ପ୍ରଦାୟଙ୍କର ରାଜତନ୍ତ୍ର ସମ୍ପର୍କିତ ସମ୍ବିଧାନ ନ ଥିଲା । ସେଗୁଡ଼ିକୁ ସମ୍ପ୍ରଦାୟର ମୁଖ୍ୟମାନେ ଶାସନ କରୁଥିଲେ । ସେଗୁଡ଼ିକୁ 'ଜନ' ମଧ୍ୟ କୁହାଯାଉଥିଲା ଏବଂ ମୁଖ୍ୟଙ୍କୁ 'ଗଣପତି' ଅଥବା 'ଜ୍ୟେଷ୍ଠ' କୁହାଯାଉଥିଲା । ଏଗୁଡ଼ିକ ସାଧାରଣତଃ ଗଣତନ୍ତ୍ର ପରି ଥିଲେ । ଉଲ୍ଲିଖିତ ଅନ୍ୟ ପ୍ରକାରର ଶାସନତନ୍ତ୍ର ଥିଲା ସମ୍ପ୍ରଦାୟର ନେତୃସ୍ଥାନୀୟ କେତେଜଣ ଅଥବା ଗୋଟିଏ ପରିବାରର କେତେଜଣଙ୍କର ମିଳିତ ଭାବରେ ଶାସନକାର୍ଯ୍ୟ ପରିଚାଳନା କରିବା, ଯାହାକୁ ଗୋଷ୍ଠୀତନ୍ତ୍ର (ଓଲିଗାର୍କି) କୁହାଯାଏ । ଏହା ଯଦିଓ ବାସ୍ତବିକ ଗଣତନ୍ତ୍ର ପରି ନଥିଲା, ହେଲେ ଏହାର ମୁଖ୍ୟମାନେ (ଶାସକମାନେ) ଲୋକଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ ।

ରାଜା(ରାଜନ୍)ଙ୍କ ସ୍ଥାନ ଓ କର୍ତ୍ତବ୍ୟ

ଋଗ୍‌ବେଦୀୟ ରାଜା, ସମାଜରେ ଏବଂ ପ୍ରଶାସନରେ ବିଶେଷ ସମ୍ମାନର ଅଧିକାରୀ ଥିଲେ । ତାଙ୍କ ପ୍ରଭୁସତ୍ତା ସମ୍ପୂର୍ଣ୍ଣ ଭାବରେ ଲୋକଙ୍କ ଉପରେ ସ୍ଥାପିତ ହୋଇଥିଲା । ସେ ସମସ୍ତ ପ୍ରକାର ଆଇନ୍‌କାନୁନ୍ ଏବଂ ଦଣ୍ଡର ଊର୍ଦ୍ଧ୍ୱରେ ଥିଲେ । ସେ ଥିଲେ ମୁଖ୍ୟ ନ୍ୟାୟାଧୀଶ, ମୁଖ୍ୟ ସେନାନୀ ଏବଂ ମୁଖ୍ୟ ପ୍ରଶାସକ । ସେ ଚକ୍‌ଚକ୍ କରୁଥିବା ଉଜ୍ଜ୍ୱଳ ଲମ୍ବା ପୋଷାକ ପିନ୍ଧୁଥିଲେ । ଭବ୍ୟ ସୁନ୍ଦର ରାଜପ୍ରାସାଦରେ ରହୁଥିଲେ । ଅଭିଷେକ ଉତ୍ସବ ଦ୍ୱାରା ଅଭିଷିକ୍ତ ହୋଇ ସିଂହାସନ ଆରୋହଣ କରୁଥିଲେ ତଥା ଏହା ତାଙ୍କୁ ଅନେକଗୁଡିଏ ଧାର୍ମିକ ଏବଂ ଐଶ୍ୱରୀୟ ଅନୁମୋଦନ, ନୀତିନିଷ୍ଠତା ଏବଂ ପ୍ରଜା ଓ ରାଷ୍ଟ୍ର-ଅନୁରକ୍ତ କରୁଥିଲା । ଆଶା କରାଯାଉଥିଲା ଯେ, ରାଜା ଦୟା ଓ କରୁଣାରେ ମିତ୍ର (ସୂର୍ଯ୍ୟ)ଙ୍କ ପରି, ବିଶ୍ୱସନୀୟତା ଓ ନୈତିକତାରେ ବରୁଣଙ୍କ ପରି ଏବଂ ସୌନ୍ଦର୍ଯ୍ୟରେ ଇନ୍ଦ୍ରଙ୍କ ପରି ହେବେ ।

ଲୋକଙ୍କର ଧନଜୀବନକୁ ବାହ୍ୟଶତ୍ରୁ ଆକ୍ରମଣରୁ ସୁରକ୍ଷା ପ୍ରଦାନ କରିବା ଥିଲା ରାଜାଙ୍କର ପରମ କର୍ତ୍ତବ୍ୟ । ଚୋରି ଡକାୟତି ଆଦି ଅପରାଧକୁ ବନ୍ଦ କରିବା ପାଇଁ ସେ ବଦ୍ଧପରିକର ଥିଲେ । ବୈଦିକ ମନ୍ତ୍ରରେ "ପ୍ରଜାସୁଖେ ସୁଖମ୍ ରାଜ୍ଞଃ"ର ଉଲ୍ଲେଖ ଅଛି । ଅର୍ଥାତ୍ ରାଜା ତ୍ୟାଗୀ, ନୀତିନିଷ୍ଠ ଏବଂ ପ୍ରଜାବତ୍ସଳ ହେବା ବିଧେୟ ।

ରାଜପାରିଷଦ ଏବଂ ରାଜକାର୍ଯ୍ୟ

ପାରମ୍ପରିକ ରୀତିରେ ରାଜା ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ତାଙ୍କୁ ସାହାଯ୍ୟ କରୁଥିବା ପାରିଷଦଗଣ ଯଥା- ସେନାନୀ, ଗ୍ରାମଣୀ ଏବଂ ପୁରୋହିତଙ୍କ ନାମ ବାରମ୍ବାର ଋଗ୍‌ବେଦରେ ଉଚ୍ଚାରିତ ହୋଇଛି । ରାଜାଙ୍କ ଦ୍ୱାରା ନିଯୁକ୍ତ ସେନାଧ୍ୟକ୍ଷଙ୍କୁ ସେନାନୀ କୁହାଯାଉଥିଲା । ତାଙ୍କର କାର୍ଯ୍ୟଥିଲା ସୈନ୍ୟମାନଙ୍କୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରି ସର୍ବଦା ତତ୍ପର ରଖିବା । ଋଗ୍‌ବେଦୀୟ ସାମରିକ ବାହିନୀ କିନ୍ତୁ ଆଜିକାଲିକାର ସୈନ୍ୟବାହିନୀ ପରି ନିୟମିତ ବାହିନୀ ନ ଥିଲେ । ଆବଶ୍ୟକ ହେଲେ ସୈନ୍ୟବାହିନୀ ଗଠନ ଏବଂ ଏକତ୍ରିତ କରାଯାଉଥିଲା । ସମସ୍ତ ସକ୍ଷମ ପୁରୁଷ ସୈନ୍ୟବାହିନୀରେ ଯୋଗଦେଇ ଯୁଦ୍ଧ କରୁଥିଲେ । ଶାନ୍ତି ସମୟରେ ସେନାନୀ ଜନସାଧାରଣଙ୍କ ସେବାକାର୍ଯ୍ୟ କରୁଥିଲେ । ତାଙ୍କ ପଦବୀ ଗ୍ରାମଣୀଠାରୁ ଉଚ୍ଚରେ ଥିଲା । ଗ୍ରାମଣୀ ଅଥବା ଗାଆଁର ମୁଖ୍ୟ ଥିଲେ ଗ୍ରାମ୍ୟ ଅଧିକାରୀ । ତାଙ୍କଠାରେ ଉଭୟ ଦେୱାନୀ ଏବଂ ସାମରିକ କ୍ଷମତା ରହୁଥିଲା । ସେ ରାଜସ୍ୱ ଆଦାୟ କରୁଥିଲେ ତଥା ଆବଶ୍ୟକ ସମୟରେ ରାଜାଙ୍କୁ ସୈନ୍ୟ ଯୋଗାଉଥିଲେ । ପୁରୋହିତ ଥିଲେ ପ୍ରମୁଖ ରାଜକର୍ମଚାରୀ ଏବଂ ସମସ୍ତଙ୍କର ନମସ୍ୟ । ସେ ରାଜଗୁରୁ ପଦବୀ ଅଳଙ୍କୃତ କରୁଥିଲେ ତଥା ବ୍ରାହ୍ମଣ ଥିଲେ । ରାଜାଙ୍କ ମଙ୍ଗଳ କାମନା କରି ମନ୍ତ୍ର ରଚନା କରିବା ସହିତ ଦେବତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରୁଥିଲେ । ସେମାନେ ବ୍ରାହ୍ମଣ୍ୟ ଧର୍ମ, ବ୍ରାହ୍ମଣ୍ୟ ଶ୍ରେଷ୍ଠତ୍ୱ ଏବଂ ପ୍ରଶାସନରେ ଅଧିକ ପ୍ରଭାବର ପ୍ରତିଷ୍ଠାତା ଥିଲେ । ବୈଦିକ ସମୟରେ ପରବର୍ତ୍ତୀ ସମୟ ପରି ରାଜା, ରାଜ୍ୟର ସମସ୍ତ ଜମିର ମାଲିକ ନ ଥିଲେ । ପ୍ରଜାଙ୍କଠାରୁ ସେ ଭୂରାଜସ୍ୱ ଅଥବା ବଳି ଆଦାୟ କରୁଥିଲେ । ସେ ବ୍ରାହ୍ମଣମାନଙ୍କୁ ଭୂମି ବ୍ୟତୀତ ଅନ୍ୟାନ୍ୟ ଅନେକ ପ୍ରକାରର ଦାନ ଦେଉଥିଲେ; ଯଥା- ଗୋ, ହିରଣ୍ୟ ଆଦି । ଶାରୀରିକ ପରିଶ୍ରମ ନ କରି ବସି ଖାଇବା ପାଇଁ ତଥା ରାଜ୍ୟରେ ପ୍ରଭୁତ୍ୱ ପ୍ରତିଷ୍ଠା କରିବା ପାଇଁ ଏବଂ ଲୋକଙ୍କ ଦ୍ୱାରା ଭୂଦେବ ରୂପରେ ପୂଜିତ ହେବା ପାଇଁ ବୈଦିକ ସାହିତ୍ୟ ରଚନା ମାଧ୍ୟମରେ ବ୍ରାହ୍ମଣମାନେ ନିଜର ପ୍ରତିପତ୍ତି ଜାହିର କରିଥିଲେ । ସେମାନେ ଅତ୍ୟନ୍ତ ଲୋଭୀ ଏବଂ ସ୍ୱାର୍ଥାନ୍ୱେଷୀ ହୋଇଯାଇଥିଲେ । ନିଜସ୍ୱ ସ୍ୱାର୍ଥ ଆଗରେ ଦେଶଦଶର ଚିନ୍ତା ମଧ୍ୟ କରୁ ନ ଥିଲେ । ଏପରିକି ପ୍ରଭୁତ୍ୱ ପ୍ରତିଷ୍ଠା ପାଇଁ ଶୂଦ୍ରମାନଙ୍କୁ ବେଦ ପଠନରୁ ବଞ୍ଚିତ କରିଥିଲେ; ଫଳସ୍ୱରୂପ ସେମାନଙ୍କ ମୁଖ ନିଃସୃତ ବାଣୀ ହିଁ ବାଧ୍ୟତାମୂଳକ ଭାବରେ ସର୍ବମାନ୍ୟ ହେଉଥିବା ବେଦବାଣୀ ଥିଲା ।

ସାମରିକ ବାହିନୀ

ବୈଦିକ ସମୟରେ, ପଦାତିକ ସୈନ୍ୟ (ପତ୍ତି) ଏବଂ ରଥାରୋହୀ ସୈନ୍ୟ (ରଥିନ୍)ଙ୍କୁ ନେଇ ସୈନ୍ୟବାହିନୀ ଗଠିତ ହୋଇଥିଲା । କେବେ କେବେ ଅଶ୍ୱବାହିନୀ ଉପଯୋଗ ମଧ୍ୟ କରାଯାଉଥିଲା । ସୈନ୍ୟମାନେ ପ୍ରହାର କରିବା ପାଇଁ ଧନୁ, ତୀର, ବର୍ଚ୍ଛା, ଖଣ୍ଡା, କୁଠାର ଆଦି ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ । ସୁରକ୍ଷା ପାଇଁ ସେମାନେ ମୁଣ୍ଡରେ ଟୋପି (ହେଲ୍‌ମେଟ୍), ଶରୀରରେ କୋଟ, ସାଞ୍ଜୁ, କବଚ ଆଦି ପିନ୍ଧୁଥିଲେ । ଅସ୍ତ୍ରଶସ୍ତ୍ରଗୁଡିକ ଲୁହାରେ ତିଆରି କରାଯାଇ ତୀର ଆଦି କେତେ ପ୍ରକାରର ଅସ୍ତ୍ରଶସ୍ତ୍ର ଆଗରେ ବିଷ ବୋଳି ଦିଆଯାଉଥିଲା । ସୈନ୍ୟମାନେ ଅନେକଗୁଡିଏ ଛୋଟ ଛୋଟ ଦଳରେ ବିଭକ୍ତ ହୋଇଥିଲେ । ଏହି ଛୋଟ ଦଳଗୁଡିକୁ ଶ୍ରଦ୍ଧା, ବ୍ରତ ଏବଂ ଗଣ କୁହାଯାଉଥିଲା । ଋଗ୍‌ବୈଦିକ ଆର୍ଯ୍ୟମାନେ ଏକ ନୂଆ ପ୍ରକାରର ଯୁଦ୍ଧାସ୍ତ୍ର ନିର୍ମାଣ କରିଥିଲେ, ଯାହାକୁ ପୁରଚରିଷ୍ଣୁ କୁହାଯାଉଥିଲା । ଏହା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରୁଥିଲା । ଅନ୍ୟ ନୂତନ ଅସ୍ତ୍ରଟି ଥିଲା ରଥ-ମୂଷଳ । ଏହି ଯନ୍ତ୍ର ସାହାଯ୍ୟରେ ବଡ ବଡ ପଥର, ଶତ୍ରୁ ଉପରକୁ ଫିଙ୍ଗାଯାଉଥିଲା ।

ସଭା ଓ ସମିତି

ରାଜା ଯଦିଓ ସମସ୍ତ କ୍ଷମତାର ଅଧିକାରୀ ଥିଲେ ତଥାପି ମଧ୍ୟ ସମ୍ପୂର୍ଣ୍ଣ ସାର୍ବଭୌମ ନ ଥିଲେ । ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ସମସ୍ୟାର ସମାଧାନ ପାଇଁ ସେ ରାଜ୍ୟରେ ପ୍ରତିଷ୍ଠିତ ଦୁଇଗୋଟି ଜନପ୍ରିୟ ପରିଷଦର ମତାମତ ଏବଂ

ଉପଦେଶ ନେଉଥିଲେ । ଏହି ଦୁଇଗୋଟି ସଂଗଠନ ଥିଲେ ସଭା ଓ ସମିତି । ସମିତିରେ ଉଭୟ ଜନତା ଏବଂ ରାଜକୁମାରମାନେ ପ୍ରତିନିଧି ରହୁଥିଲେ । ଉପନିଷଦର ବର୍ଣ୍ଣନା ଅନୁଯାୟୀ ସମିତି ଏକ ଜାତୀୟ ବିଶେଷ ପ୍ରତିଷ୍ଠାନ ଥିଲା । ସମିତିର ସଭାପତିଙ୍କୁ "ଇଶ୍ୱାନ" କୁହାଯାଉଥିଲା । ସେ ଅଶେଷ କ୍ଷମତାର ଅଧିକାରୀ ଥିଲେ । ସଭା ଥିଲା ଆଜିକାଲିର ଉଚ୍ଚ ସଦନ ଅଥବା ରାଜ୍ୟସଭା ପରି ଏକ ପରିଷଦ । ଏହାର ପ୍ରତିନିଧି ଥିଲେ ପୂଜକ, ସମ୍ଭ୍ରାନ୍ତ ଏବଂ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିମାନେ । ରାଜା ସଭା ଓ ସମିତିର ଉପଦେଶ ଗ୍ରହଣ କରୁଥିଲେ ତଥା ସେମାନଙ୍କ ସିଦ୍ଧାନ୍ତ ଅନୁଯାୟୀ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ସଭାରେ ସାମ୍ପ୍ରଦାୟିକ ମୁଖ୍ୟମାନଙ୍କର ପ୍ରଭାବ ମଧ୍ୟ ରହିଥିଲା; ଫଳସ୍ୱରୂପ ସୁଶାସନ ପ୍ରତିଷ୍ଠିତ ହୋଇପାରିଥିଲା । ସଭା ଅପେକ୍ଷା ସମିତିର ପ୍ରତିନିଧିତ୍ୱ ଗୁରୁତ୍ୱପୂର୍ଣ୍ଣ ଥିଲା । ରାଜା ମଧ୍ୟ ସମିତିର ସମ୍ମିଳନୀଗୁଡିକରେ ଯୋଗଦେଇ ତର୍କବିତର୍କରେ ଭାଗ ନେଉଥିଲେ । ଋଗ୍‌ବେଦରେ ସମିତିର ସଭ୍ୟମାନଙ୍କୁ ସର୍ବସମ୍ମତିକ୍ରମେ ସିଦ୍ଧାନ୍ତ ନେବା ପାଇଁ ଅନୁରୋଧ କରାଯାଇଛି । ସଭା ଓ ସମିତି ରାଜାଙ୍କର ଏକଛତ୍ରବାଦିତାରେ ପ୍ରତିବନ୍ଧକ ଲଗେଇବା ସହିତ ଶାସନକୁ ସୁସଂଗତ ଏବଂ ଲୋକାଭିମୁଖୀ କରୁଥିଲେ । ଏହିପରି ଭାବରେ ସଭା ଓ ସମିତି ପ୍ରାଚୀନ ଆର୍ଯ୍ୟମାନଙ୍କର ଜନପ୍ରିୟ ଅନୁଷ୍ଠାନ ଥିଲେ ତଥା ଋଗ୍‌ବେଦୀୟ ଯୁଗରେ ଅତ୍ୟନ୍ତ ସମ୍ମାନର ଅଧିକାରୀ ଥିଲେ ।

ଧାର୍ମିକ ଜୀବନ

ବୈଦିକ ଲୋକମାନଙ୍କର ଧାର୍ମିକ ବିଚାରଧାରା ଋକ୍‌ବେଦର ମନ୍ତ୍ରଗୁଡିକରେ ପ୍ରତିଫଳିତ ହୋଇଛି । ସେମାନଙ୍କ ଚାରିପଟରେ ଥିବା ପ୍ରକୃତିର ଶକ୍ତି ଉତ୍ସଗୁଡିକୁ ସେମାନେ ଅଶେଷ ଭକ୍ତି କରୁଥିଲେ । ଏହି ପ୍ରାକୃତିକ ଶକ୍ତି ଉତ୍ସଗୁଡିକ ଥିଲା- ବାୟୁ, ଜଳ, ବର୍ଷା, ଅଶନି, ନିଆଁ ଇତ୍ୟାଦି । ପ୍ରକୃତିର ଏହି ଶକ୍ତିଗୁଡିକୁ ଆୟତ୍ତ କରିବା ସେମାନଙ୍କର ସୀମା ବାହାରେ ଥିଲା । ଏହି ପ୍ରାକୃତିକ ସ୍ୱରୂପଗୁଡିକରେ ସେମାନେ ଦେବତ୍ୱ ଆରୋପ କରି ମାନବ ରୂପରେ ପରିକଳ୍ପନା କରିଥିଲେ, ଯେଉଁମାନେ କି ମୁଖ୍ୟତଃ ପୁରୁଷ ଥିଲେ । ପରବର୍ତ୍ତୀ ସମୟରେ ପୁନଶ୍ଚ ଏହି ପ୍ରକୃତି ସ୍ୱରୂପଧାରୀ ମାନବଙ୍କଠାରେ ଦେବତ୍ୱର ଆରୋପଣ କରାଯାଇଥିଲା, ଯେଉଁମାନେ କି ମହାମାନବ, ଅତିମାନବ ଓ ଭଗବାନ୍‌ଙ୍କ ରୂପରେ ପରିଚିତ ହୋଇଥିଲେ । ଅଳ୍ପସଂଖ୍ୟକ ନାରୀଦେବୀଙ୍କୁ ଭକ୍ତି କରାଯାଉଥିଲା । ଏହି ପ୍ରକାରେ ଧର୍ମ ପିତୃକୈନ୍ଦ୍ରିକ ସମାଜର ଏବଂ ପ୍ରାଚୀନ ଜୀବବାଦର ପ୍ରତିଫଳନ କରିଥିଲା ।

ଆର୍ଯ୍ୟମାନେ ଋଗ୍‌ବେଦରେ ଦେବତାମାନଙ୍କୁ ତିନି ସ୍ତରରେ ବର୍ଣ୍ଣନା କରିଛନ୍ତି । ଅର୍ଥାତ୍ ତିନି ଭାଗରେ ବିଭକ୍ତ କରିଛନ୍ତି; ଯଥା- (୧) ବରୁଣ, ମିତ୍ର, ସୂର୍ଯ୍ୟ, ସାବିତ୍ରୀ, ପୁଷାଣ, ଉଷା ଓ ଅଶ୍ୱିନୀ ଆଦି ଦ୍ୟୁ ଲୋକ କିମ୍ବା ଦ୍ୟାସ୍ଥାନର ଦେବତା ଥିଲେ । (୨) ଇନ୍ଦ୍ର, ରୁଦ୍ର, ବାୟୁ, ପ୍ରଜନ୍ୟ ଓ ଅପାବ ଆଦି ଅନ୍ତରୀକ୍ଷ ଲୋକ କିମ୍ବା ଅନ୍ତରୀକ୍ଷସ୍ଥାନର ଦେବତା ଥିଲେ । (୩) ପୃଥ୍ୱୀ, ଅଗ୍ନି, ସୋମ, ବୃହସ୍ପତି ଓ ନଦୀ ଦେବୀ ଆଦି ଭୂଲୋକ କିମ୍ବା ପୃଥ୍ୱୀସ୍ଥାନର ଦେବତା ଥିଲେ । ଉପରୋକ୍ତ ତିନୋଟି ସ୍ତରରେ ଯଥାକ୍ରମେ ସୂର୍ଯ୍ୟ, ବାୟୁ ଏବଂ ଅଗ୍ନି ହେଉଛନ୍ତି ମୁଖ୍ୟ ଦେବତା । ଇନ୍ଦ୍ର, ଅଗ୍ନି ଏବଂ ସୋମ ଥିଲେ ଅତ୍ୟନ୍ତ ଲୋକପ୍ରିୟ ଦେବତା, ତେଣୁ କରି ସେମାନଙ୍କ ନାମରେ ଋଗ୍‌ବେଦରେ ସର୍ବାଧିକ ପ୍ରାର୍ଥନା ମନ୍ତ୍ର ରହିଛି ।

ଋଗ୍‌ବେଦରେ ଦେବତାମାନଙ୍କ ପଦବୀଗୁଡିକ ସ୍ତରୀଭୂତ ନ ଥିଲା । କୌଣସି ପଶୁକୁ ଆର୍ଯ୍ୟମାନେ ନିଜର ପୂର୍ବ ବଂଶଧର ରୂପରେ ବିବେଚନା କରୁ ନ ଥିଲେ । ବୈଦିକ ଦେବତାମାନେ କେବଳ ମଙ୍ଗଳମୟ ଏବଂ ଉପକାରୀ ଥିଲେ । ଯଜ୍ଞକୁଣ୍ଡରେ ଘୃତ ପ୍ରଦାନପୂର୍ବକ ନାମଧରି ବିଭିନ୍ନ ଦେବତାଙ୍କୁ ବିଭିନ୍ନ ପ୍ରକାରର ଲାଭ ପାଇବା ପାଇଁ ଆର୍ଯ୍ୟମାନେ ଆବାହନ କରୁଥିଲେ । ଶକ୍ତି ହିଁ କେବଳ ମାତ୍ର ଦେବତାମାନଙ୍କର ବୈଶିଷ୍ଟ୍ୟ ଥିଲା । ଦେବତାମାନଙ୍କୁ ଆର୍ଯ୍ୟମାନେ ବନ୍ଧୁ ରୂପରେ ଗ୍ରହଣ କରିଥିଲେ । ତେଣୁ ଭୟ ପରିବର୍ତ୍ତେ ସେମାନେ ଘିଅ, ଫଳ, ଫୁଲ ଆଦି ପ୍ରଦାନ କରି ଖୁସିରେ ଆବାହନ କରୁଥିଲେ । ବୈଦିକ ସମୟରେ ପୂଜକ ଶ୍ରେଣୀ ବୋଲି କିଛି ନ ଥିଲା । ପ୍ରତ୍ୟେକ ଗୃହସ୍ଥ

ନିଜର ପୂଜକ ନିଜେ ଥିଲେ ଏବଂ ମନ୍ତ୍ର ଉଚ୍ଚାରଣ କରି ଦେବତାଙ୍କୁ ଆବାହନ କରୁଥିଲେ । ସେତେବେଳେ ମନ୍ଦିର, ଦେବତାଙ୍କ ମୂର୍ତ୍ତି ଓ ପୂଜକ ଆଦି କିଛି ନ ଥିଲେ । ଯଦିଓ ଋଗ୍‌ବେଦୀୟ ଦେବତାମାନେ ମନ୍ତ୍ର ମାଧ୍ୟମରେ ମାନବସ୍ୱରୂପୀ ଥିଲେ; ହେଲେ ସେମାନଙ୍କର ମାନବସ୍ୱରୂପୀ ମୂର୍ତ୍ତି ନ ଥିଲା ।

ଇନ୍ଦ୍ର ଥିଲେ ଶକ୍ତି ଓ ସମାର୍ଥ୍ୟର ଦେବତା, ଯାହାଙ୍କୁ କି ଶତ୍ରୁମାନଙ୍କର ବିନାଶ ପାଇଁ ସ୍ତୁତିପୂର୍ବକ ଆବାହନ କରାଯାଉଥିଲା । ସେ ଥିଲେ ବଜ୍ର ଓ ଅଶନିର ଦେବତା ତଥା ଜଳବୃଷ୍ଟିକାରୀ ଦେବତା । ତେଣୁ ଆବଶ୍ୟକ ସମୟରେ ବୃଷ୍ଟି କରାଇବା ପାଇଁ ତାଙ୍କୁ ଆବାହନ କରାଯାଉଥିଲା । ସେ କେବେହେଲେ ପରାଜିତ ହେବା ପ୍ରଶ୍ନ ନଥିଲା । ତେଣୁ ବଜ୍ର ଏବଂ ବର୍ଷା, ଶକ୍ତି ସହିତ ସମ୍ପର୍କିତ ଥିଲେ, ଯାହାକି ଏକ ପୁରୁଷ ରୂପରେ ଚିତ୍ରଣ କରାଯାଇଥିଲା ତଥା ଏହାର ପ୍ରତିନିଧିତ୍ୱ କରୁଥିଲେ ଇନ୍ଦ୍ର ଦେବତା । ଏକ ଗୋଷ୍ଠୀର ରାଜା, ଯିଏକି ଯୁଦ୍ଧର ଜଣେ ନେତା ଥିଲେ, ତାଙ୍କର ପରିକଳ୍ପନା କରାଯାଉଥିଲା ଯେ, ସତେ ଯେମିତି ସେ ଇନ୍ଦ୍ରଙ୍କ ଗୁଣ ଓ ଚରିତ୍ରର ପ୍ରତିନିଧିତ୍ୱ କରୁଥିଲେ ।

ଇନ୍ଦ୍ରଙ୍କ ପରେ ଦ୍ୱିତୀୟ ପ୍ରମୁଖ ଦେବତା ଥିଲେ ଅଗ୍ନିଦେବ । ସେ ସ୍ୱର୍ଗ ଏବଂ ମର୍ତ୍ତ୍ୟ ମଧ୍ୟରେ ମଧ୍ୟସ୍ଥି ରୂପରେ ବିବେଚିତ ହେଉଥିଲେ । ଆହୁରି ମଧ୍ୟ ସେ ଥିଲେ ଦେବତା ଏବଂ ମଣିଷମାନଙ୍କ ମଧ୍ୟରେ ମଧ୍ୟସ୍ଥି । ସେ ଗୃହର ଚୁଲିରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲେ ତଥା ବିବାହଗୁଡ଼ିକ ତାଙ୍କରି ଉପସ୍ଥିତିରେ ସମ୍ପନ୍ନ କରାଯାଉଥିଲା । ଅଗ୍ନି ମଇଳା ଏବଂ ଜୀବାଣୁ ଆଦି ସବୁକୁ ଧ୍ୱଂସ କରିପାରୁଥିବା ଯୋଗୁଁ ପବିତ୍ର ରୂପରେ ବିବେଚିତ ହୁଏ । ବୈଦିକ ଯୁଗରେ ଯଜ୍ଞ କିମ୍ବା ବଳି ବିଧାନରେ ଅଗ୍ନିର ମହତ୍ତ୍ୱ ପ୍ରକଟିତ ହେଉଥିଲା । ବିଶ୍ୱାସ କରାଯାଉଥିଲା ଯେ, ଅଗ୍ନିକୁ ଦିଆଯାଉଥିବା ନୈବେଦ୍ୟ ଧୂଆଁ ରୂପରେ ଦେବତାମାନଙ୍କ ପାଖରେ ପହଞ୍ଚୁଯାଉଥିଲା । ଜଳର ପୁରୁଷ ରୂପ ଥିଲେ ବରୁଣ । ସେ ଥିଲେ ବିଶ୍ୱ ବ୍ରହ୍ମାଣ୍ଡର ପ୍ରାକୃତିକ ନିୟମର ରକ୍ଷାକର୍ତ୍ତା ।

ମୃତ୍ୟୁର ଦେବତା ଥିଲେ ଯମ । ପ୍ରାଚୀନ ବୈଦିକ ଧାର୍ମିକ ବିଶ୍ୱାସରେ ତାଙ୍କର ସ୍ଥାନ ଅତୀବ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଏତଦ୍‌ବ୍ୟତୀତ ଆହୁରି ଅନେକ ଦେବତା ଥିଲେ । ସେମାନେ ହେଲେ ସୂର୍ଯ୍ୟ, ସୋମ, ସାବିତ୍ରୀ, ରୁଦ୍ର ଓ ଉଷା ଇତ୍ୟାଦି ଏବଂ ସ୍ୱର୍ଗୀୟ ମଣ୍ଡଳୀ ହେଲେ ଗନ୍ଧର୍ବ, ଅପ୍‌ସରା, ମରୁତ ଆଦି ଯାହାଙ୍କ ପାଇଁ ଋକ୍‌ବେଦୀୟ ପ୍ରାର୍ଥନା ଏବଂ ମନ୍ତ୍ର ସବୁ ରହିଛି ।

ବୈଦିକ ଧର୍ମରେ ବଳିପ୍ରଥା ରହିଥିଲା । ବଳିବିଧାନ ଏବଂ ଯଜ୍ଞ ଅନୁଷ୍ଠାନଗୁଡ଼ିକ ଅନୁଷ୍ଠିତ ହେଉଥିଲା-

୧ । ଦେବତାମାନଙ୍କୁ ଆବାହନ କରିବା ପାଇଁ

୨ । ବର ପ୍ରଦାନ କରିବା କିମ୍ବା ଯୁଦ୍ଧରେ ବିଜୟୀ କରିବା ପାଇଁ କିମ୍ବା

୩ । ଗୋଧନ ଏବଂ ପୁତ୍ର ପ୍ରାପ୍ତି ଇତ୍ୟାଦି ପାଇଁ ।

ବଳିବିଧାନ ପାଇଁ ବ୍ୟବହୃତ କେତେକ ସରଞ୍ଜାମ; ଯଥା- ହୋମକୁଣ୍ଡ, ସୋମ ଗଛକୁ ଚାପ ଦିଆଯାଉଥିବା ପଥର, ଯୁଦ୍ଧରେ ବ୍ୟବହୃତ ହେଉଥିବା ଡ୍ରମ୍, ଟାଙ୍ଗିଆ, ତୋପ ଆଦି ପାଇଁ ମଧ୍ୟ କେତେକ ମନ୍ତ୍ର ଉଦ୍ଦିଷ୍ଟ ଥିଲା । ଏହି ବଳି ବିଧାନଗୁଡ଼ିକରେ ମନ୍ତ୍ର ଉଚ୍ଚାରଣ କରାଯାଉଥିଲା, ପ୍ରାର୍ଥନା କରାଯାଉଥିଲା ତଥା ପୁରୋହିତମାନେ ସର୍ବସାଧାରଣଙ୍କ ପାଇଁ ଏହି ଯଜ୍ଞାନୁଷ୍ଠାନ କରୁଥିଲେ । ବୈଦିକ ସମାଜରେ ବଳି ସର୍ବବିଧାନର ବର୍ଦ୍ଧିଷ୍ଣୁ ଚାହିଦା, ବ୍ରାହ୍ମଣ ବା ପୁରୋହିତମାନଙ୍କର ଚାହିଦା ଓ ମର୍ଯ୍ୟାଦା ବୃଦ୍ଧି କରୁଥିଲା । ବଳିପ୍ରଥା ଲୋକଙ୍କର ଚରିତ ଜ୍ଞାନ ଏବଂ ପଶୁଙ୍କର ଶାରୀରିକ ଗଠନ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି କରୁଥିଲା । ବଳି ଦିଆଯିବା ସ୍ଥାନରେ ବିଭିନ୍ନ ଜିନିଷର ସ୍ଥାନ, ପୁନଶ୍ଚ ସେଗୁଡ଼ିକୁ କିପରି ଭାବରେ ସଜେଇ ରଖାଯିବ ତଥା ଅନୁପାତ ଆଦି ସମ୍ବନ୍ଧରେ ଗଣନା ଓ ହିସାବରେ ପାରଙ୍ଗମ ହେବାପାଇଁ ପ୍ରାଥମିକ ଅଥବା ସର୍ବନିମ୍ନ ଗଣିତ ଜ୍ଞାନର ଆବଶ୍ୟକତା ରହିଥିଲା । ପୁନଶ୍ଚ, ବାରମ୍ବାର ପଶୁବଳି

ଦିଆଯିବାଦ୍ୱାରା ଲୋକମାନେ ପଶୁମାନଙ୍କର ଶରୀର ଗଠନ ବାବଦରେ ଜ୍ଞାନ ଆହରଣ କରିପାରୁଥିଲେ । ବୈଦିକ ଲୋକମାନେ ବିଶ୍ୱାସ କରୁଥିଲେ ଯେ, ଏହି ବିଶ୍ୱବ୍ରହ୍ମାଣ୍ଡର ଅଭିବୃଦ୍ଧି ଘଟିଥିଲା ବିଶ୍ୱାସ ସମ୍ବନ୍ଧୀୟ ଏକ ବିଶାଳ ବଳିବିଧାନଦ୍ୱାରା, ଯାହାକି ବଳିର ରୀତିନୀତି ସବୁର ଯଥାଯଥ ପାଳନପୂର୍ବକ ଠିକ୍ ଭାବରେ କରାଯାଇ ନଥିଲା । ଧର୍ମ, ଯାଦୁବିଦ୍ୟା, ରୀତିନୀତି ଧାରାରେ ପର୍ଯ୍ୟବସିତ ନଥିଲା ଏବଂ ଏହା ଭଗବାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା ଓ ସମ୍ପର୍କ ପ୍ରତିପାଦନ କରେ, ଯାହାକି ସମ୍ଭବ ହୋଇପାରୁଥିଲା ବଳି ଏବଂ ମନ୍ତ୍ର ମାଧ୍ୟମରେ । ସେହି କାଳରେ ଭଗବାନଙ୍କୁ ଧର୍ମଭାବନାର ଅଭିବୃଦ୍ଧି, ଆଧାତ୍ମିକ ସଂସ୍କାର କିମ୍ବା ଦାର୍ଶନିକ ଦୃଷ୍ଟିକୋଣରୁ କିଛି ପାଇବା ପାଇଁ ପୂଜା କରାଯାଉନଥିଲା, ବରଂ ପୂଜା କରାଯାଉଥିଲା ପାର୍ଥିବ ସୁଖଶାନ୍ତି ଏବଂ ବସ୍ତୁ (ଧନ) ପ୍ରାପ୍ତିପାଇଁ । ବଳିବିଧାନ ସମ୍ବନ୍ଧିତ ଧର୍ମ ହେଉଛି ପଶୁପାଳନକାରୀ ଲୋକଙ୍କର ଧର୍ମ । ପଶୁପାଳନ ସମାଜରେ ବ୍ୟାପକ ରୂପରେ ପଶୁବଳି ପ୍ରଥା ପ୍ରଚଳିତ ଥିଲା । ଫଳସ୍ୱରୂପ, ମାଲିକର ବୋଝ କମ୍ କରିବା ପାଇଁ ବୃଦ୍ଧପଶୁ, କ୍ଷୀର ଦେଉ ନ ଥିବା ପଶୁ, ମାଂସ ପାଇଁ ଅନୁପଯୁକ୍ତ ହୋଇଯାଇଥିବା ପଶୁ, ପ୍ରଜନନ ପାଇଁ ଅକ୍ଷମ ହୋଇଯାଇଥିବା ପଶୁ-ସର୍ବୋପରି ଅର୍ଥନୈତିକ ଆୟ ଦୃଷ୍ଟିକୋଣରୁ ଅକ୍ଷମ ହୋଇଯାଇଥିବା ପଶୁଗୁଡ଼ିକୁ ବଳି ଦିଆଯାଉଥିଲା । ଏହି ପ୍ରକାରେ ବୃଦ୍ଧ ପଶୁଗୁଡ଼ିକୁ କମ୍ କରିବାର ଏକ ସୁଚିନ୍ତିତ ଯୋଜନା ଥିଲା ବଳିପ୍ରଥା ତଥା ସମାଜରେ ଏହି ପ୍ରଥାର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । କୃଷିଭିତ୍ତିକ ସମାଜରେ କିନ୍ତୁ ବୃଦ୍ଧପଶୁଗୁଡ଼ିକ ମଧ୍ୟ ଚାଷକାମରେ ଲାଗିପାରୁଥିଲେ, ତେଣୁ ବଳିପ୍ରଥାକୁ ଅନେକାଂଶରେ ବର୍ଜନ କରାଯାଇଥିଲା । ଏହି ପ୍ରକାରେ ବୈଦିକ ଧର୍ମ ପିତୃକୈନ୍ଦ୍ରିକ, ପଶୁପାଳକ ଏବଂ ବସ୍ତୁବାଦୀ ସମାଜ ଆଧାରିତ ଥିଲା ।

ସାହିତ୍ୟ

ସାହିତ୍ୟିକ ଉପାଦାନଗୁଡ଼ିକ ମଧ୍ୟରେ ପ୍ରମୁଖ ହେଉଛି ଚାରି ବେଦ; ଯଥା- ଋକ୍‌ବେଦ, ସାମବେଦ, ଯଜୁର୍ବେଦ ଏବଂ ଅଥର୍ବ ବେଦ ।

ଏଗୁଡ଼ିକ ମଧ୍ୟରେ ଋକ୍‌ବେଦ ହେଉଛି ସର୍ବପ୍ରଥମ ବେଦ । "ବେଦ" ଶବ୍ଦଟି ସଂସ୍କୃତ ଶବ୍ଦ 'ବିଦ୍'ରୁ ଆସିଛି, ଯାହାର ଅର୍ଥ ହେଉଛି "ଜିଜ୍ଞାସା" ।

ବେଦ ହେଉଛି ବିଭିନ୍ନ କବି ଓ ଋଷିଙ୍କ ପରିବାର ବର୍ଗଙ୍କଦ୍ୱାରା ନୈବେଦ୍ୟ ରୂପରେ ଗାନ କରାଯାଇଥିବା ବିଭିନ୍ନ ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଏବଂ ମନ୍ତ୍ରଗୁଡ଼ିକର ସଂକଳନ । ଏହି ଚାରିବେଦ ମଧ୍ୟ ସେ ସମୟର ମୌଖିକ ପ୍ରଥାର ପ୍ରତିନିଧିତ୍ୱ କରିବା ବିଚାରଧାରାରେ ବିବେଚନା କଲେ 'ସଂହିତା' ଅଟନ୍ତି । ଏହି ମନ୍ତ୍ରଗୁଡ଼ିକ ପ୍ରଥମେ ସୃଷ୍ଟି ହେଲାବେଳେ ଲେଖା ହୋଇ ନଥିଲା ଏବଂ ଶ୍ରବଣ, ମନନ, ନିଦିଧ୍ୟାସନ ଯୋଗେ ପୁରୁଷ ପୁରୁଷ ଧରି ଚାଲି ଆସୁଥିଲା । ତେଣୁକରି ବେଦର ଅନ୍ୟନାମ ଶ୍ରୁତି ଅଟେ । ଏହି କାରଣ ଯୋଗୁଁ କୌଣସି ସଂହିତାର ସମୟ ଠିକ୍ ଭାବରେ ଆକଳନ କରାଯାଇ ପାରିନାହିଁ । ବାସ୍ତବରେ ପ୍ରତ୍ୟେକ ସଂହିତା ଅନେକ ଶତାବ୍ଦୀର ସଂଗୃହୀତ ବିଷୟବସ୍ତୁର ପ୍ରତିନିଧିତ୍ୱ କରେ । ଏହି ପରିପ୍ରେକ୍ଷୀରେ ଚାରି ବେଦର ସମୟ କାଳ ନିର୍ଦ୍ଧାରଣ କରିବାକୁ ଯାଇ ମହାମନୀଷୀମାନେ ଋକ୍‌ବେଦର ବର୍ଣ୍ଣିତ ଅବସ୍ଥା, ଘଟଣାବଳୀ, ଭୌଗୋଳିକ ଏବଂ ଐତିହାସିକ ବିବରଣୀକୁ ଅନୁଧ୍ୟାନ କରି ତା'ର ସମୟକାଳ ଖ୍ରୀ.ପୂ. ୧୫୦୦ ରୁ ୧୦୦୦ ମଧ୍ୟରେ ନିର୍ଦ୍ଧାରଣ କରିଛନ୍ତି ।

ଋକ୍‌ବେଦ ସଂହିତା ୧୦ ଖଣ୍ଡ ବହି ଅଥବା ମଣ୍ଡଳର ସମଷ୍ଟି ଅଟେ । ଏଗୁଡ଼ିକ ମଧ୍ୟରୁ ଦ୍ୱିତୀୟ ଏବଂ ସପ୍ତମ ମଣ୍ଡଳ ସର୍ବପ୍ରାଚୀନ ତଥା ବୈଦିକ କାଳରେ ସୃଷ୍ଟି କରାଯାଇଥିଲା ବୋଲି ଗ୍ରହଣ କରାଯାଏ । ମଣ୍ଡଳ ପ୍ରଥମ, ଅଷ୍ଟମ, ନବମ ଏବଂ ଦଶମ, ସଂହିତାରେ ପରବର୍ତ୍ତୀ ସମୟରେ ଯୋଗ କରାଯାଇଥିଲା ବୋଲି ବିଚାର କରାଯାଏ । ଆବେସ୍ତା ଏବଂ ଋକ୍‌ବେଦର ଭାଷାରେ ସାମଞ୍ଜସ୍ୟ ରହିଛି ବୋଲି ଗବେଷକମାନେ ମତ ପ୍ରକାଶ କରିଛନ୍ତି । ଆବେସ୍ତା ହେଉଛି ପ୍ରାଚୀନତମ ଇରାନୀୟ ତଥା ଋକ୍‌ବେଦର ପୂର୍ବବର୍ତ୍ତୀ ଗ୍ରନ୍ଥ । ଭାଷାଗତ ସାମଞ୍ଜସ୍ୟତା ଏବଂ କ୍ରମିକତାରେ ପୂର୍ବବର୍ତ୍ତୀ ଯଥା- ଆବେସ୍ତା, ବେଦର ପୂର୍ବରୁ ଲେଖା ହୋଇଥିଲା ଆଦି ବିଷୟକୁ ବିଚାରକୁ

ନେଇ ଗବେଷକମାନେ କହିଛନ୍ତି ଯେ,

(କ) ଏହି ପୁସ୍ତକଦ୍ୱୟ ବର୍ଣ୍ଣିତ ଲୋକମାନେ ଗୋଟିଏ ଭାଷାଭାଷୀ ଗୋଷ୍ଠୀ ଏବଂ ସେମାନେ ପଶ୍ଚିମ ଏସିଆ ଓ ଇରାନ୍ ଅଞ୍ଚଳରୁ ଭାରତକୁ ଆସିଥିଲେ । ଏହି ଲୋକମାନଙ୍କୁ 'ଆର୍ଯ୍ୟ' ବୋଲି କୁହାଯାଏ ।

(ଖ) ଆର୍ଯ୍ୟମାନଙ୍କର ମୌଳିକ ଉତ୍ପତ୍ତିସ୍ଥଳ ଏକ ଥିଲା, ଯେଉଁଠାରୁ କି ସେମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ଇଉରୋପ ଏବଂ ପୂର୍ବାଞ୍ଚଳକୁ ଗତି କରିଥିଲେ ।

ଯାହାହେଉ, ଆର୍ଯ୍ୟମାନଙ୍କର ଉତ୍ପତ୍ତିସ୍ଥଳ ବାବଦରେ ବର୍ତ୍ତମାନ ମଧ୍ୟ ତର୍କବିତର୍କ ଜାରି ରହିଛି ତଥା କୌଣସି ସ୍ପଷ୍ଟ ସିଦ୍ଧାନ୍ତରେ ଐତିହାସିକମାନେ ଉପନୀତ ହୋଇପାରି ନାହାନ୍ତି । ବିଶେଷତଃ ଆର୍ଯ୍ୟମାନଙ୍କର ସାର୍ବଜନିକ ଜାତିଗତ ସମତା ପରିଚୟ ଧାରଣା ଏବେ ଭୁଲ୍ ବୋଲି ପ୍ରମାଣିତ ହୋଇସାରିଛି; କିନ୍ତୁ ସାର୍ବଜନିକ ଭାଷାଗତ ପରିଚୟକୁ ଐତିହାସିକମାନେ ଏବେ ମଧ୍ୟ ବିଶ୍ୱାସ କରୁଛନ୍ତି ଏବଂ ଏହାର ଭିତ୍ତିରେ ସେମାନଙ୍କ ମଧ୍ୟରୁ ଅନେକ ଏବେ ମଧ୍ୟ କହୁଛନ୍ତି ଯେ, ଆର୍ଯ୍ୟମାନେ ଇରାନ୍ ଅଞ୍ଚଳରୁ ଭାରତକୁ ଆସିଥିଲେ ।

(ଖ) ପରବର୍ତ୍ତୀ ବୈଦିକ ଯୁଗ

ପରବର୍ତ୍ତୀ ସମୟରେ ଲିଖିତ ବେଦ, ଆରଣ୍ୟକ, ଉପନିଷଦ ଆଦି ଗ୍ରନ୍ଥ, ପରବର୍ତ୍ତୀ ସମୟ କାଳରେ ଆର୍ଯ୍ୟମାନଙ୍କର ସ୍ଥିତି ଓ ଚଳଣି ସମ୍ବନ୍ଧରେ ଆଲୋକପାତ କରନ୍ତି । ଏପରିକି ହସ୍ତିନାପୁରରୁ ମଧ୍ୟ ଆମେ ଅତି କମ୍ ପରିମାଣରେ ମାଟିପାତ୍ରର ଭଗ୍ନାଂଶ, ତାମ୍ର ସରଞ୍ଜାମ ଆଦି ପାଇ ପାରିଛୁ, ଯାହାକି ତଦାନୀନ୍ତନ ସମୟର ଇତିହାସ ଗଠନ ପାଇଁ ନଗଣ୍ୟ ଅଟେ । ହସ୍ତିନାପୁରର ସଭ୍ୟତା ଖ୍ରୀ.ପୂ. ୧୦୦୦ ରୁ ଖ୍ରୀ.ପୂ. ୭୦୦ ମଧ୍ୟରେ ବିକଶିତ ହୋଇଥିଲା । ତେଣୁ ପରବର୍ତ୍ତୀ ବୈଦିକ ଯୁଗର ସମୟ କାଳକୁ ସମ୍ଭାବ୍ୟ ଭାବରେ ଖ୍ରୀ.ପୂ. ୧୦୦୦ରୁ ଖ୍ରୀ.ପୂ.୬୦୦ ରୂପରେ ଆକଳନ କରାଯାଏ । ପରବର୍ତ୍ତୀ ବୈଦିକ ଯୁଗରେ ସାମାଜିକ, ରାଜନୈତିକ, ଅର୍ଥନୈତିକ ଏବଂ ଧାର୍ମିକ କ୍ଷେତ୍ରଗୁଡ଼ିକରେ ଅନେକଗୁଡ଼ିଏ ପରିବର୍ତ୍ତନ ସଂଘଟିତ ହୋଇଥିଲା ।

ଉପାଦାନ

ଏହି ସମୟକାଳ ସମ୍ପର୍କରେ ଅଧ୍ୟୟନ କରିବା ପାଇଁ ଆମେ ସାହିତ୍ୟିକ ଏବଂ ପ୍ରତ୍ନତାତ୍ତ୍ୱିକ ଉପାଦାନ ଉପରେ ନିର୍ଭର କରୁ ।

ସାହିତ୍ୟିକ ଉପାଦାନ

ଋକ୍‌ବେଦ ସଂହିତାରେ ପରବର୍ତ୍ତୀ ସମୟରେ ସଂଯୋଗ କରାଯାଇଥିବା ଦଶମ ମଣ୍ଡଳ, ଯଜୁଃ, ଅଥର୍ବ ଏବଂ ସାମବେଦ ଗ୍ରନ୍ଥଗୁଡ଼ିକ ପରବର୍ତ୍ତୀ ବୈଦିକ ଯୁଗରେ ରଚିତ ହୋଇଥିଲା । ପ୍ରାର୍ଥନା ଏବଂ ଗାୟନର ଗ୍ରନ୍ଥ ହେଉଛି ସାମବେଦ ସଂହିତା । ଋକ୍‌ବେଦର ମନ୍ତ୍ରଗୁଡ଼ିକର ଶୈଳୀରେ ପରିବର୍ତ୍ତନ କରି ପାରମ୍ପରିକ ଉତ୍ସବଗୁଡ଼ିକରେ ଗାୟନ କରିବା ଭଳି ସ୍ୱର ସଂଯୋଜନା କରି ସାମବେଦ ଲେଖାଯାଇଅଛି ।

ମନ୍ତ୍ର ଉଚ୍ଚାରଣ ସହିତ ପରମ୍ପରାଗୁଡ଼ିକର ପ୍ରାଞ୍ଜଳ ଓ ବିସ୍ତୃତ ରୂପ ରହିଛି ଯଜୁର୍ବେଦରେ । ଏତଦ୍‌ବ୍ୟତୀତ ଏଥିରେ ରହିଛି ସାମାଜିକ ଓ ରାଜନୈତିକ ବିଷୟବସ୍ତୁ ।

ଅଥର୍ବବେଦରେ ରହିଛି ତଦାନୀନ୍ତନ ଲୋକ ପରମ୍ପରା ତଥା ଏହା ସାର୍ବଜନୀନ ଧର୍ମର ପ୍ରତିନିଧିତ୍ୱ କରେ । ଜନସାଧାରଣଙ୍କର ସାମାଜିକ-ଧାର୍ମିକ ଅବସ୍ଥା ଓ ବିଚାରଧାରା ବାବଦରେ ବୁଝିବା ପାଇଁ ଏହା ଏକ ଉତ୍ତମ ଉପାଦାନ ଅଟେ ।

ସଂହିତାଗୁଡିକର ପରବର୍ତ୍ତୀ ଗ୍ରନ୍ଥ ହେଉଛନ୍ତି "ବ୍ରାହ୍ମଣ" ଯାହାକି ବେଦ ଉପରେ ଟୀକା ଅଥବା ଭାଷ୍ୟ ଅଟେ । ସେଗୁଡିକ ପରମ୍ପରାଗୁଡିକର ସାମାଜିକ ଓ ଧାର୍ମିକ ଦିଗ ଉପରେ ଆଲୋଚନା କରେ ଏବଂ ବୈଦିକ ସମାଜ ଓ ସମାଜ ବ୍ୟବସ୍ଥା ଉପରେ ଆଲୋକପାତ କରେ । ପ୍ରାଚୀନ ଭାରତୀୟ ଇତିହାସର କୌଣସି ସମୟକାଳକୁ ପୌରାଣିକ ଯୁଗ ବୋଲି ଗ୍ରହଣ କରିନେବା ଭୁଲ୍ ଅଟେ, ଯଦିଓ ଉଭୟ ସଂସ୍କୃତ ମହାକାବ୍ୟ ରାମାୟଣ ଓ ମହାଭାରତ, ପ୍ରାଚୀନ ଭାରତୀୟ ସମାଜର ସମସ୍ତ ଦିଗ ସମ୍ବନ୍ଧରେ ସୂଚନା ସମୃଦ୍ଧ ଅଟେ । ଏହି ଉଭୟ ମହାକାବ୍ୟରେ ପ୍ରତିଫଳିତ ବିଷୟବସ୍ତୁର କେନ୍ଦ୍ର ଥିଲା ପରବର୍ତ୍ତୀ ବୈଦିକ ଯୁଗ ବୋଲି ଐତିହାସିକମାନେ ବିଶ୍ୱାସ କରନ୍ତି । ଏଥିରେ ବର୍ଣ୍ଣିତ ଭୌଗୋଳିକ ଅବସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ସେହି ସ୍ଥାନଗୁଡିକ ଉପର ଓ ମଧ୍ୟ-ଗାଙ୍ଗେୟ ଅବବାହିକା ଅଞ୍ଚଳରେ ଅବସ୍ଥିତ ଥିଲା । ଏତଦ୍‌ଭିନ୍ନ ଅନ୍ୟାନ୍ୟ ଅନେକ ଅଞ୍ଚଳ ବାବଦରେ ମଧ୍ୟ ଉଲ୍ଲେଖ କରାଯାଇଛି । ଏହି ପୁରାଣଗୁଡିକ ଅନୁଯାୟୀ ସମସ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ଏହି ଅଞ୍ଚଳରେ ହିଁ ଘଟିଥିଲା । ଆମକୁ କିନ୍ତୁ ମନେ ରଖିବାକୁ ପଡ଼ିବ ଯେ, ପୁରାଣଗୁଡିକରେ ବର୍ଣ୍ଣିତ ଘଟଣାବଳୀର ବାସ୍ତବିକ ଐତିହାସିକ ତତ୍ତ୍ୱ ବୋଲି କୌଣସି ପ୍ରମାଣ ଉପଲବ୍ଧ ହୋଇନାହିଁ । ଦ୍ୱିତୀୟତଃ, ଉଭୟ ପୁରାଣ ତାଙ୍କର ବର୍ତ୍ତମାନର ସ୍ୱରୂପ ପାଇବା ପାଇଁ ଶହ ଶହ ବର୍ଷ ଯାତ୍ରା କରି ସାରିଛନ୍ତି । ତେଣୁ ପୁରାଣଗୁଡିକରେ ଅନେକ ପ୍ରକାରର ସମାଜ ବାବଦରେ ପ୍ରତିଫଳିତ ହୋଇଛି ।

ପ୍ରତ୍ନତାତ୍ତ୍ୱିକ ଉପାଦାନ

ସାହିତ୍ୟିକ ଉପାଦାନ ସର୍ବଦା ପଶ୍ଚିମ ଉତ୍ତରପ୍ରଦେଶ, ହରିୟାଣା ଏବଂ ରାଜସ୍ଥାନର ଅବତାରଣା କରିଛି । ପରବର୍ତ୍ତୀ ବୈଦିକ ଯୁଗର ସମୟକାଳ ଖ୍ରୀ.ପୂ. ୧୦୦୦ ରୁ ୬୦୦ ବୋଲି ଅନେକ ପ୍ରାଚୀନ ଗ୍ରନ୍ଥରେ ଉଲ୍ଲେଖ ରହିଛି । ଅନେକ ସମ୍ପ୍ରଦାୟ, ସାଂସ୍କୃତିକ ଗୋଷ୍ଠୀଙ୍କ ବାବଦରେ ଏହି ଗ୍ରନ୍ଥଗୁଡିକରେ ଉଲ୍ଲେଖ କରାଯାଇଛି । ଏହା ହେଲେ ମଧ୍ୟ କୌଣସି ଏକ ବିଶେଷ ପ୍ରକାରର ମାଟିପାତ୍ର ସମୂହକୁ କୌଣସି ଏକ ଗୋଷ୍ଠୀ ବା ସମ୍ପ୍ରଦାୟଭିତ୍ତିରେ ଚିହ୍ନିତ କରାଯାଇପାରିବ ନାହିଁ; କିନ୍ତୁ ଏକ ସମାନ ଭୌଗୋଳିକ ଅଞ୍ଚଳରେ ସେହି ସମାନ ସମୟକାଳ ମଧ୍ୟରେ କେତେକ କୃଷିଜୀବୀ ସମ୍ପ୍ରଦାୟଗୁଡିକ ଚିତ୍ରିତ ଧୂସର ମାଟିପାତ୍ର ବ୍ୟବହାର କରୁଥିଲେ । ଏହି ପ୍ରତ୍ନତାତ୍ତ୍ୱିକ ଆବିଷ୍କାରଗୁଡିକ ପରବର୍ତ୍ତୀ ବୈଦିକ ଯୁଗରେ ଧାତବ ଅବସ୍ଥାର ପ୍ରତିପାଦନ କରେ ।

ଉପର ଗାଙ୍ଗେୟ ଅବବାହିକା ଅଞ୍ଚଳରେ ୭୦୦ ପି.ଜି.ଡବ୍ଲ୍ୟୁ. ସ୍ଥାନ (ଚିତ୍ରିତ ଧୂସର ମାଟିପାତ୍ର) ଆବିଷ୍କୃତ ହୋଇଛି । ଏହି ସ୍ଥାନଗୁଡିକ ବାହାବଲପୁରସ୍ଥ ଘାଘରା ନଦୀର ଶୁଷ୍କ ଶଯ୍ୟା ଏବଂ ଉତ୍ତର ରାଜସ୍ଥାନ ଅଞ୍ଚଳରେ ପରିବ୍ୟାପ୍ତ ହୋଇ ରହିଥିଲା । ଆହୁରି ମଧ୍ୟ ଏହି ସ୍ଥାନଗୁଡିକ ସିନ୍ଧୁ ଏବଂ ଗଙ୍ଗାନଦୀର ଉପତ୍ୟକା, ଗଙ୍ଗା-ଯମୁନା-ଦୋଆବ ଆଦି ଅଞ୍ଚଳରେ ରହିଥିଲା । ଏହି ସଭ୍ୟତା ପୂର୍ବପଟରେ ଗାଙ୍ଗେୟ ସମତଳ ଭୂମିର ଉତ୍ତରାଞ୍ଚଳ ଏବଂ ସରସ୍ୱତୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କେତେକ ପି.ଜି.ଡବ୍ଲ୍ୟୁ. ସ୍ଥାନ ଥିଲା- ଆତ୍ରାଞ୍ଜିଖେରା, ଅହିଚ୍ଛତ୍ର, ନୋହ, ହସ୍ତିନାପୁର, କୁରୁକ୍ଷେତ୍ର, ଭଗବାନପୁର ଏବଂ ଜାଖେରା ଆଦି ।

ଦକ୍ଷିଣ ରାଜସ୍ଥାନର ବାଣ ସଂସ୍କୃତି ଯାହାର ସମୟକାଳ ଖ୍ରୀ.ପୂ. ୨୦୦୦-୧୪୦୦ ଥିଲା, ତାହା ସମ୍ଭବତଃ ଖ୍ରୀ.ପୂ.୮୦୦ ବେଳକୁ ଗାଙ୍ଗେୟ ଉପତ୍ୟକା ପର୍ଯ୍ୟନ୍ତ ବିସ୍ତାରଲାଭ କରିଥିଲା । ଏହିପରି ଭାବରେ ଏହି କଳା ଏବଂ ନାଲି ମାଟିପାତ୍ର ବ୍ୟବହାରକାରୀମାନେ ମଧ୍ୟ ପରବର୍ତ୍ତୀ ବୈଦିକଯୁଗ ସହିତ ସମ୍ପର୍କିତ ଥିଲେ । ସାହିତ୍ୟକୃତିଗୁଡିକରେ ଆର୍ଯ୍ୟମାନଙ୍କର ପୂର୍ବ ଦିଗକୁ ଗତି ସମ୍ପର୍କରେ ଉଲ୍ଲେଖ ରହିଥିବା ବେଳେ ପ୍ରତ୍ନତାତ୍ତ୍ୱିକ ଉପାଦାନଗୁଡିକରୁ ଏହାର କୌଣସି ବିବରଣୀ ମିଳେ ନାହିଁ । ଆହୁରି ମଧ୍ୟ କୌଣସି ଗୋଟିଏ ହେଲେ ସଭ୍ୟତାର ପୂର୍ବଦିଗକୁ ଗତି ସମ୍ପର୍କରେ ପ୍ରତ୍ନତତ୍ତ୍ୱରୁ କିଛି ପ୍ରମାଣ ମିଳେ ନାହିଁ । ଏହିପରି ଭାବରେ ପ୍ରତ୍ନତାତ୍ତ୍ୱିକ ଏବଂ ସାହିତ୍ୟିକ ଉପାଦାନ ମଧ୍ୟରେ ଏକ ବିଶାଳ ପାର୍ଥକ୍ୟ ରହିଛି; ହେଲେ ପରବର୍ତ୍ତୀ ବୈଦିକ ସମାଜ ଏବଂ ପ୍ରତ୍ନତାତ୍ତ୍ୱିକ ସମାଜ ମଧ୍ୟରେ ଗୋଟିଏ ସମାନତା ପରିଲକ୍ଷିତ ହୁଏ । ତାହାହେଲା ଉଭୟ ସମାଜରେ ଲୁହା ବ୍ୟବହାର ହେଉଥିଲା । ଅଧିକାଂଶ ପି.ଜି.ଡବ୍ଲ୍ୟୁ. ସ୍ଥାନରେ ସାଧାରଣ ଭାବରେ ଲୌହ ସରଞ୍ଜାମ ବ୍ୟବହୃତ ହେଉଥିଲା । ଆତ୍ରାଞ୍ଜିଖେରା, ଯୋଧପୁର ଏବଂ ନୋହଠାରେ

ଅଙ୍ଗାରକ ୧୪ ସମୟ ପରୀକ୍ଷଣରୁ ଜଣାଯାଇଛି ଯେ, ଗାଙ୍ଗେୟ ସମତଳ ଅଞ୍ଚଳ ପ୍ରସଙ୍ଗରେ ଏହି ଧାତୁ ଖ୍ରୀ.ପୂ. ୧୦୦୦-୮୦୦ ମଧ୍ୟରେ ବ୍ୟବହାର କରାଯାଇଥିଲା ।

ଉତ୍ତରପ୍ରଦେଶ, ହିମାଚଳ, ପଞ୍ଜାବ ଏବଂ ପରବର୍ତ୍ତୀ ସମୟରେ ଦକ୍ଷିଣ ବିହାର ଅଞ୍ଚଳରୁ ଲୁହାପଥର ଉତ୍ତୋଳନ ଏକ ସ୍ୱଦେଶୀ ପ୍ରକ୍ରିୟା ଥିଲା । ଋକ୍‌ବେଦରେ ଉଲ୍ଲିଖିତ "ଆୟସ୍" ସମ୍ଭବତଃ ଲୁହା ପାଇଁ ଉଦ୍ଦିଷ୍ଟ ଥିଲା; ହେଲେ ପ୍ରତ୍ନତାତ୍ତ୍ୱିକ ପ୍ରମାଣଗୁଡ଼ିକ ଲୁହାର ବ୍ୟବହାରକୁ ପରବର୍ତ୍ତୀ ବୈଦିକ ଯୁଗ ସହିତ ସମ୍ପର୍କିତ କରେ । ଏ ସମ୍ବନ୍ଧରେ ସାହିତ୍ୟିକ ଉପାଦାନରୁ ମଧ୍ୟ ଅନେକ ପ୍ରମାଣ ମିଳେ । ଯଜୁର୍ବେଦ 'ଆୟସ୍'କୁ 'ଶ୍ୟାମ ଆୟସ୍' କହୁଥିବା ବେଳେ ବ୍ରାହ୍ମଣ 'କୃଷ୍ଣ ଆୟସ୍' କହନ୍ତି । ଉଭୟ ଶବ୍ଦ ଏକ କଳାଧାତୁ ପାଇଁ ଉଦ୍ଦିଷ୍ଟ, ଯାହାର ଅର୍ଥ ହେଉଛି 'ଲୁହା' ।

ଅଧୁନା ଭୂଖନନ ଆହୁରି ମଧ୍ୟ ପ୍ରମାଣ କରେ ଯେ, ଦକ୍ଷିଣ ଭାରତର ତାମ୍ର ସଂସ୍କୃତିର ଲୋକମାନେ ଲୁହା ସହିତ ପରିଚିତ ଥିଲେ । ତେଣୁ ଆମେ କହିପାରିବା ନାହିଁ ଯେ, ବାହାରୁ ଭାରତ ଉପମହାଦେଶକୁ ଆସିଥିବା ଆର୍ଯ୍ୟମାନେ ଲୌହ ଶିଳ୍ପବିଜ୍ଞାନର ଆରମ୍ଭ କରିଥିଲେ ।

ପରବର୍ତ୍ତୀ ବୈଦିକ ଯୁଗରେ ଲୌହ ଶିଳ୍ପବିଜ୍ଞାନ ଏବଂ ଏହାର ପ୍ରଭାବ

ଏଠାରେ ଏକ ପ୍ରଶ୍ନ ପଚରାଯାଇପାରେ ଯେ, ଲୁହା ସମ୍ବନ୍ଧୀୟ ଜ୍ଞାନ ଆହରଣ ସେ ସମୟର ଧାତବ ଶିଳ୍ପ ବିଜ୍ଞାନରେ କିଛି ପ୍ରଗତି ଆଣିଥିଲା କି ? ସେହିପରି ଜଣେ ଜାଣିବାକୁ ଚାହିଁବ ଯେ, ନୂତନ ଶିଳ୍ପବିଜ୍ଞାନର ପ୍ରଚଳନ ସମାଜରେ ଧାତବ ବାତାବରଣକୁ କେତେଦୂର ପରିବର୍ତ୍ତନ କରିଥିଲା ।

ପରବର୍ତ୍ତୀ ବୈଦିକ ଯୁଗର ପ୍ରମାଣଗୁଡ଼ିକ ଏକ ପଶୁପାଳକ ସମାଜରୁ କୃଷିକାରକ ସମାଜକୁ ପରିବର୍ତ୍ତନର ସାକ୍ଷ ପ୍ରଦାନ କରେ । ଆଗରୁ ଏହା କୁହାଯାଇଛି ଯେ, ବେଣ୍ଟ ଲଗେଇବା ପାଇଁ ଗାତଥିବା ଲୁହାର ଟାଙ୍ଗିଆକୁ ଗାଙ୍ଗେୟ-ଦୋଆବ ଅଞ୍ଚଳରୁ ଜଙ୍ଗଲକୁ କାଟିବା ପାଇଁ ବ୍ୟବହାର କରାଯାଇ ସ୍ଥାୟୀଭାବରେ ଚାଷକାର୍ଯ୍ୟ କରିବା ବ୍ୟବସ୍ଥା କରାଯାଇଥିଲା । ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ, ଲୌହମୁନଯୁକ୍ତ ଲଙ୍ଗଳ ଏବଂ ଲୁହାର ଫାଉଡା, ଗଇଁତି ଆଦି କୃଷିକାର୍ଯ୍ୟରେ ଦକ୍ଷତା ବୃଦ୍ଧି ସହିତ ଅଧିକ ଉନ୍ନତି ଆଣିଥିଲା । ଐତିହାସିକମାନେ ଆହୁରି ମଧ୍ୟ ବିଶ୍ୱାସ କରନ୍ତି ଯେ, ଲୌହଶିଳ୍ପ କୌଶଳର ଜ୍ଞାନ କୃଷିଭିତ୍ତିକ ଅର୍ଥନୀତିର ଅଭିବୃଦ୍ଧିରେ ବିଶେଷ ସହାୟକ ହୋଇଥିଲା; ହେଲେ ବର୍ତ୍ତମାନ ଆମେ ଜାଣୁ ଯେ, ପରବର୍ତ୍ତୀ ବୈଦିକ ଯୁଗ ସମ୍ପୂର୍ଣ୍ଣ କୃଷିଭିତ୍ତିକ ନଥିଲା କିମ୍ବା ଲୌହବିଜ୍ଞାନରେ ବିଶେଷ ପ୍ରଗତି କରି ନଥିଲା । କାରଣ ସେ ପର୍ଯ୍ୟନ୍ତ ବିହାରର ସମୃଦ୍ଧ ଲୁହାପଥର ଖଣିଗୁଡ଼ିକ ଖୋଦନ କରାଯାଇନଥିଲା ଏବଂ ଲୁହାପଥରକୁ ତରଳାଇବା ପ୍ରକ୍ରିୟା ମଧ୍ୟ ପ୍ରାଚୀନ ଥିଲା ।

ଭୂଖନନରୁ ମିଳିଥିବା ଜିନିଷଗୁଡ଼ିକ ମଧ୍ୟରେ ଲୁହାର ମୁନଯୁକ୍ତ ତୀର, ବର୍ଚ୍ଛାର ଅଗ ଇତ୍ୟାଦି ଅହିଚ୍ଛତ୍ରଠାରେ ଖନନରୁ ବାହାରିଛି । ଦାଆ, ଫାଉଡା, ଟାଙ୍ଗିଆ ଆଦି ଭୂଖନନଗୁଡ଼ିକରୁ ଅତ୍ୟଳ୍ପ ପରିମାଣରେ ମିଳିଛି । ଜାଖେରାରୁ ମିଳିଥିବା ଲଙ୍ଗଳ ସମ୍ଭବତଃ ଏହି ଯୁଗର ଶେଷ ସମୟର ଅଟେ ।

ଭୂଖନନଗୁଡ଼ିକରୁ ଜଣାଯାଏ ଯେ, ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ପ୍ରତିବନ୍ଧକ ରହିଥିଲା । ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦର ଦ୍ୱିତୀୟାର୍ଦ୍ଧ ପର୍ଯ୍ୟନ୍ତ ଲୁହା, କୃଷିକାର୍ଯ୍ୟକୁ ପ୍ରଭାବିତ କରିପାରି ନଥିଲା । ଏହି ସମୟ ବେଳକୁ ଗାଙ୍ଗେୟ ଉପତ୍ୟକା ମଧ୍ୟଭାଗର ନିମ୍ନ ସନ୍ତସନ୍ତିଆ ଭୂଇଁ ଏବଂ ବର୍ଷାକାଳୀନ ମୌସୁମୀ ଜଙ୍ଗଲ ସବୁକୁ କ୍ରମାନ୍ୱୟରେ କାଟି ସଫା କରାଯାଇଥିଲା ।

ପରବର୍ତ୍ତୀ ବୈଦିକ ଯୁଗରେ ଦୋଆବର ଉପର ଅଞ୍ଚଳରେ ଜଙ୍ଗଲକୁ ପୋଡିକରି ସଫା କରାଯାଉଥିଲା । ମହାଭାରତର ବର୍ଣ୍ଣନାରୁ ଆମେ ଜାଣୁ ଯେ, ଇନ୍ଦ୍ରପ୍ରସ୍ଥ ନଗରୀ ସ୍ଥାପନା ପାଇଁ ଖାଣ୍ଡବ ବନ ଜାଳି ଦିଆଯାଇଥିଲା । ଲୁହା ମୁନଯୁକ୍ତ ଅସ୍ତ୍ରଶସ୍ତ୍ର ଏବଂ ଘୋଡାଟଣା ରଥ ସାମରିକ କାର୍ଯ୍ୟାନୁଷ୍ଠାନରେ ବିଶେଷ ସହାୟକ ହେଉଥିବାର ବର୍ଣ୍ଣନା ମହାଭାରତରେ ରହିଛି; ହେଲେ ଜୀବନଧାରଣ ସମ୍ବନ୍ଧୀୟ କାର୍ଯ୍ୟକଳାପରେ କାର୍ଯ୍ୟକାରୀ ରୂପରେ ଲୌହବିଜ୍ଞାନର କୌଣସି ଭୂମିକା ନଥିଲା ।

ଅର୍ଥନୈତିକ ସ୍ୱରୂପ

ଖ୍ରୀ:ପୂ: ପ୍ରଥମ ସହସ୍ରାବ୍ଦରୁ ଧୀରେ ଧୀରେ ଜନବସତି ଗଢ଼ି ଉଠୁଥିବା ଗଙ୍ଗା-ଯମୁନା-ଦୋଆବରେ ବିଶାଳ ପଟୁମାଟି ନିର୍ମିତ ସମତଳ ଅଞ୍ଚଳ ଏବଂ ଗାଙ୍ଗେୟ ଉପତ୍ୟକାର ମଧ୍ୟବର୍ତ୍ତୀ ଅଞ୍ଚଳରେ ପରବର୍ତ୍ତୀ ବୈଦିକ ଯୁଗର ଉନ୍ନତ କୃଷିକାର୍ଯ୍ୟ ସମ୍ଭବ ହୋଇପାରିଥିଲା; ହେଲେ ମଧ୍ୟ ପରବର୍ତ୍ତୀ ଯୁଗର ଗ୍ରନ୍ଥଗୁଡ଼ିକରେ ପଶୁପାଳନର ବିଶେଷ ମହତ୍ତ୍ୱ ରହିଥିବା ପ୍ରତିପାଦିତ ହୋଇଛି ।

ଉଭୟ ପ୍ରତ୍ନତାତ୍ତ୍ୱିକ ଏବଂ ସାହିତ୍ୟିକ ଉତ୍ସର ବିବରଣୀରୁ ଜଣାଯାଏ ଯେ, ଏହି ସମୟ ବେଳକୁ ଧାନ ଲୋକଙ୍କର ପ୍ରଧାନ ଖାଦ୍ୟଶସ୍ୟ ରୂପରେ ଧାର୍ଯ୍ୟ ହୋଇଥିଲା । ପି.ଜି.ଡବ୍ଲ୍ୟୁ. ଏବଂ ବାଣ ସଭ୍ୟତା ଅଞ୍ଚଳରୁ ନିଆଁ ଧାସରେ କଳା ହୋଇଯାଇଥିବା ଧାନ ଭୂଖନନରୁ ମିଳିଛି । ବୈଦିକ ଗ୍ରନ୍ଥରେ ଉଲ୍ଲିଖିତ 'ବ୍ରିହି', 'ତଣ୍ଡୁଳ' ଏବଂ 'ଶାଳି' ଆଦି ଶବ୍ଦ ଧାନକୁ ହିଁ ବୁଝାଇଥାଏ । ଏଥିରୁ ଜଣାଯାଏ ଯେ ଚାଷ କରିବା ଅଭ୍ୟାସ ଆରମ୍ଭ କରାଯାଇଥିଲା ଏବଂ ଜମିରୁ ବାର୍ଲି ଓ ଧାନ ଉତ୍ପାଦନ କରାଯାଉଥିଲା । ଏହି ସମୟରେ ବହୁଳ ଭାବରେ ପ୍ରଚଳିତ ବଳି ପ୍ରଥା ଯଥା- ରାଜସୂୟ ଆଦି ଯଜ୍ଞରେ କ୍ଷୀର, ଘିଅ ଏବଂ ପଶୁ ସହିତ ଶସ୍ୟକୁ ମଧ୍ୟ ନୈବେଦ୍ୟ ରୂପରେ ଦିଆଯାଉଥିଲା । ଅଥର୍ବ ବେଦରେ ନିର୍ଦ୍ଦେଶିତ ବାରଗୋଟି ନୈବେଦ୍ୟ (ତ୍ୟାଗ) ଯାହାକି ଭୌତିକ ଲାଭ ଅଥବା ସମୃଦ୍ଧି ପାଇଁ ଉଦ୍ଦିଷ୍ଟ, ସେଥିରେ କୁହାଯାଇଛି ଯେ, ବ୍ରାହ୍ମଣମାନଙ୍କୁ ଗାଈ, ବାଛୁରୀ, ବଳଦ, ସୁନା, ଭାତ, ଛଣ ଛପର ହୋଇଥିବା ଘର ଏବଂ ଉତ୍ତମ ଚାଷ ହୋଇପାରୁଥିବା ଜମି ଦିଆଯାଉଥିଲା । ନୈବେଦ୍ୟ ରୂପରେ ଦିଆଯାଉଥିବା ଏହି ଜିନିଷଗୁଡ଼ିକ ସ୍ଥାୟୀ ରୂପରେ ବସତି ସ୍ଥାପନ ଏବଂ କୃଷିକାର୍ଯ୍ୟରେ ତାତ୍ପର୍ଯ୍ୟ ବୃଦ୍ଧି ପାଉଥିବାର ସ୍ପଷ୍ଟ ସୂଚନା ଦିଏ । ପରବର୍ତ୍ତୀ ବୈଦିକ ଗ୍ରନ୍ଥଗୁଡ଼ିକ ଆହୁରି ମଧ୍ୟ କୁହନ୍ତି ଯେ, ଲଙ୍ଗଳରେ ଆଠ, ବାର ଏବଂ କୋଡ଼ିଏ ଗୋଟି ବଳଦ ଯୋଚା ହେଉଥିଲେ । ଯୋଚା ହେଉଥିବା ଏହି ବଳଦ ସଂଖ୍ୟା ପ୍ରତୀକାତ୍ମକ ପରି ଦୃଷ୍ଟିଗୋଚର ହେଲେ ମଧ୍ୟ ଲଙ୍ଗଳରେ ଚାଷ ଏହି ସମୟ ବେଳକୁ ସୁପରିଚିତ ଏବଂ ଲୋକପ୍ରିୟ ହୋଇପାରିଥିଲା ।

ପଶୁପାଳନ ଅବକ୍ଷୟର ତାତ୍ପର୍ଯ୍ୟ

ପଶୁପାଳନ ପ୍ରାଚୀନ ବୈଦିକ ଯୁଗ ପରି ଆଉ ଲୋକଙ୍କର ଜୀବନ ଧାରଣ ପାଇଁ ପ୍ରଧାନ ଜୀବିକା ହୋଇ ରହି ନଥିଲା । ଯୌଗିକ କୃଷିକାର୍ଯ୍ୟ- ଯାହା ଚାଷ ଏବଂ ପଶୁପାଳନର ସମନ୍ୱୟ ଥିଲା; ଏହି ସମୟରେ ଲୋକଙ୍କର ଜୀବିକା ନିର୍ବାହର ପ୍ରଧାନ ଉପାୟରେ ପରିଣତ ହୋଇଯାଇଥିଲା । ଏହି ପର୍ଯ୍ୟାୟର କୃଷିକାର୍ଯ୍ୟ ଶ୍ରମ ପାଇଁ ଉଦ୍ଦିଷ୍ଟ ନଥିଲା । ଦୋଆବର ପଟୁମାଟି ପଡ଼ିଥିବା ଅଞ୍ଚଳରେ ଭୂଖନନରୁ ଧାନର ଅବଶେଷ ମିଳିଛି । ଏଥିରୁ ଜଣାଯାଏ ଯେ, ଜଳସେଚନପୂର୍ବକ ଧାନଚାଷ ଯାହାକି ଶ୍ରମ ପାଇଁ ଉଦ୍ଦିଷ୍ଟ, ଏହି ସମୟ ସୁଦ୍ଧା ପ୍ରୟୋଗ କରାଯାଇ ନଥିଲା ।

ଯୌଗିକ ବା ମିଶ୍ରିତ କୃଷିକାର୍ଯ୍ୟ ସ୍ଥାୟୀ ରୂପରେ ବସବାସ ଆଡ଼କୁ ଆଗେଇ ନେଇଥିଲା । ପି.ଜି.ଡବ୍ଲ୍ୟୁ.ର ସଂଗ୍ରହସ୍ଥଳଗୁଡ଼ିକ ୨/୩ ମିଟର ଖାଲ ଥିଲା । ଏହା ସୂଚନା ଦିଏ ଯେ ଲୋକମାନେ ସେହି ସ୍ତରରେ ଅନେକଦିନ ଧରି ରହୁଥିଲେ । ଭଗବାନପୁର ଏବଂ ଜାଖେରାର ଭୂଖନନରୁ ଜଣାଯାଏ ଯେ, ପ୍ରଥମ ପର୍ଯ୍ୟାୟର ଝାଟିମାଟି ଗୋଲାକାର କୁଡ଼ିଆ ପରିବର୍ତ୍ତେ ଏହି ସମୟରେ ବେଶିଦିନ ସ୍ଥାୟୀ ହୋଇ ରହୁଥିବା ମାଟିକାନ୍ଥର ଘରସବୁ ନିର୍ମାଣ କରାଯାଇଥିଲା । ସ୍ଥାୟୀ ଭାବରେ ବସବାସ କରିବା ପାଇଁ ଏହି ସମୟରେ ଦୀର୍ଘଦିନ ସ୍ଥାୟୀ ଉପକରଣ ଯଥା - ମାଟିରେ ଘର ନିର୍ମାଣ କରିବା ଆରମ୍ଭ ହୋଇଯାଇଥିଲା ।

ଜମିର ଗୁରୁତ୍ୱ ପ୍ରକାଶ

ଘର ଲୋକ, ଘର ଚାକର ଏବଂ ଦାସମାନଙ୍କ ସାହାଯ୍ୟରେ ଜମି ଚାଷ କରାଯାଉଥିଲା । ଏହି ସମୟରେ ଜମିର ମାଲିକ ସମ୍ପ୍ରଦାୟ କିମ୍ବା ବିଶ୍ ଥିଲେ । କ୍ରମେ କ୍ରମେ ଯେତେବେଳେ ଜମିର ମାଲିକାନା ପରିବାର ହାତରେ

ନ୍ୟସ୍ତ ହେଲା ସେତେବେଳେ ଗୃହସ୍ୱାମୀ ଧନର ମାଲିକ ହେଲେ । ବୈଶ୍ୟମାନେ ସମାଜରେ ଉତ୍ପାଦନକାରୀ ଶ୍ରେଣୀ ରୂପରେ ପରିଚିତ ହେଲେ । ସେମାନେ ଧନର ଉତ୍ସ ତଥା କାର୍ଯ୍ୟକାରୀ ରୂପରେ ଶସ୍ୟ ଉତ୍ପାଦନ କରୁ ନଥିବା କ୍ଷତ୍ରିୟ ଓ ବ୍ରାହ୍ମଣମାନଙ୍କର ସ୍ଥାୟୀ ଭାବରେ ଜୀବନଧାରଣ ପାଇଁ ଖାଦ୍ୟାନ୍ନ ଯୋଗାଣକାରୀରେ ପରିଣତ ହୋଇଯାଇଥିଲେ । ଜମିର ସୁରକ୍ଷା କରୁଥିବାରୁ ବୈଶ୍ୟମାନେ, କ୍ଷତ୍ରିୟମାନଙ୍କୁ ଉପଢ଼ୌକନ ଏବଂ ଧର୍ମର ରକ୍ଷାକରି ବୈଦିକ ପ୍ରଗତି କରୁଥିବାରୁ ବ୍ରାହ୍ମଣମାନଙ୍କୁ ଦାନ ଓ ଦକ୍ଷିଣା ଦେଉଥିଲେ । ବୈଶ୍ୟ (ବିଶ୍)ମାନେ ଆଖ୍ୟାୟିତ କରୁଥିବା ପାରିବାରିକ ଅର୍ଥନୀତି ହିଁ ପ୍ରଧାନ ଆଶ୍ରା ଥିଲା । ଉତ୍ପାଦନ କରୁନଥିବା ବର୍ଗଙ୍କୁ ଉପହାର ଏବଂ ଦାନ ଫଳରେ ଜିନିଷର ଏକ ସବୁଦିନିଆ ସୁଷମ ବଣ୍ଟନ ହୋଇପାରୁଥିଲା । ଜମିବିକ୍ରି ବାବଦରେ କୌଣସି ପ୍ରମାଣ ନାହିଁ । ବିଶ୍ୱକର୍ମା ଭଉବନ ନାମକ ଜଣେ ଶାସକ ଯେତେବେଳେ ଜମି ଦାନ କରିବା ପାଇଁ ଚେଷ୍ଟା କରିଥିଲେ ପୃଥ୍ୱୀମାତା ତାଙ୍କୁ ଭର୍ତ୍ସନା କରିଥିଲେ । ଗ୍ରନ୍ଥଗୁଡିକରୁ ଜଣାଯାଏ ଯେ ସାମ୍ପ୍ରଦାୟିକ ସ୍ତରରେ ଜମିକୁ ପୂଜା କରାଯାଉଥିଲା ଏବଂ ବିଶ୍ (ବୈଶ୍ୟ) ମାନଙ୍କର ସ୍ୱତନ୍ତ୍ର ଅଧିକାର ରହିଥିଲା ।

ପରବର୍ତ୍ତୀ ବୈଦିକ ଯୁଗରେ ଲୋକେ ତାଙ୍କର ପୂର୍ବଜ ବୈଦିକ ଯୁଗର ଲୋକଙ୍କ ପରି ଗ୍ରାମରେ ରହୁଥିଲେ । ଏହି ସମୟକାଳରେ କିଛି ପରିମାଣରେ ନଗରଗୁଡିକ ଗଢି ଉଠିଥିଲା । ଗ୍ରାମରେ ଚାଷୀମାନେ ଚାଷକାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିଲେ; ହେଲେ କେତେକ ସ୍ଥଳରେ ବୃହତ୍ ଚାଷୀ ଅଥବା ଜମିଦାରମାନେ ଗ୍ରାମର ସମସ୍ତ ଜମିର ମାଲିକାନା ପାଇଯାଉଥିଲେ । ସେପରି କ୍ଷେତ୍ରରେ କୃଷକମାନେ ଅତ୍ୟନ୍ତ ହଇରାଣ ହେଉଥିଲେ । ଏତଦ୍ଭିନ୍ନ ସମସ୍ତ ଅଞ୍ଚଳରେ ଗ୍ରାମର ସମସ୍ତ ଜମିର ମାଲିକ ଥିଲେ ଗ୍ରାମରେ ରହୁଥିବା ପରିବାରଗୁଡିକ ଏବଂ ପରିବାରର ମୁଖ୍ୟମାନେ ଜମି ଓ ଚାଷ ସମ୍ବନ୍ଧରେ ବୁଝୁଥିଲେ । ଏହି ସମୟରେ ଲୋକଙ୍କ ଜୀବିକା ନିର୍ବାହର ମୁଖ୍ୟ ସାଧନ ଥିଲା ଚାଷ । ଲୋକେ ଚାଷର ଉନ୍ନତ ପ୍ରଣାଳୀ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥିଲେ । ସେମାନେ ଜମିକୁ ଗଭୀର ଭାବେ କର୍ଷଣ କରୁଥିଲେ, ଉନ୍ନତମାନର ଗୋବର ଖତ ଏବଂ ପିଡିଆ ଦେଉଥିଲେ । ଉନ୍ନତମାନର ବିହନ ବୁଣୁଥିଲେ । ପରବର୍ତ୍ତୀ ବୈଦିକ ଯୁଗର ଆର୍ଯ୍ୟମାନେ ଲଙ୍ଗଳରେ ଲୁହାଫଳକ ଲଗାଉଥିଲେ ତଥା ପ୍ରାୟତଃ ୨୪ ଗୋଟି ବଳଦଙ୍କୁ ବଡ ଲଙ୍ଗଳ ଟାଣିବା ପାଇଁ ଯୋଚୁଥିଲେ । ସାଧାରଣତଃ କିନ୍ତୁ ଦୁଇଗୋଟି ବଳଦ ସାହାଯ୍ୟରେ ହଳ କରୁଥିଲେ ।

ସେମାନଙ୍କର ମୁଖ୍ୟ ଫସଲ ଥିଲା ଧାନ, ଗହମ ଓ ବାର୍ଲି । ଧାନକୁ "ବ୍ରିହିଃ" କୁହାଯାଉଥିବା ବେଳେ ଗହମକୁ "ଗୋଧୂମ" କୁହାଯାଉଥିଲା । କାର୍ପାସ, ଆଖୁ ଏବଂ ତୈଳବୀଜ ଥିଲା ଅର୍ଥ ଆୟକାରୀ ଫସଲ । ଏତଦ୍ଭିନ୍ନ ସେମାନେ ଅନେକଗୁଡିଏ ଗାଈଗୋରୁ, ଛେଳିମେଣ୍ଢା ଆଦି ପାଳନ କରୁଥିଲେ । ସମାଜରେ ଜଣେ ଚାଷୀର ଅର୍ଥନୈତିକ ମାନଦଣ୍ଡ ଏବଂ ପ୍ରତିଷ୍ଠା ସେ ପୋଷିଥିବା ଗାଈଗୋରୁଙ୍କ ସଂଖ୍ୟାରୁ ଆକଳନ କରାଯାଉଥିଲା । ଅଥର୍ବବେଦରେ ଚାଷୀମାନଙ୍କର ମଙ୍ଗଳ, ଭଲ ଫସଲ ଅମଳ ଓ ସମୃଦ୍ଧି ପାଇଁ ଅନେକଗୁଡିଏ ପ୍ରାର୍ଥନା ରହିଛି । ଜମିରେ ହଳ କରିବା ପାଇଁ, ବୀଜ ବୁଣିବା ପାଇଁ, ଶସ୍ୟ ବଢିବା ପାଇଁ, ଉପଯୁକ୍ତ ବର୍ଷା ହେବା ପାଇଁ, ଶସ୍ୟରେ କୀଟ ପତଙ୍ଗ ନ ଲାଗିବା ପାଇଁ, ବନ୍ୟାବାତ୍ୟା ନ ହେବା ପାଇଁ, ଗୃହପାଳିତ ପଶୁଙ୍କ ସଂଖ୍ୟା ବୃଦ୍ଧି ପାଇଁ ମଧ୍ୟ ଅନେକଗୁଡିଏ ପ୍ରାର୍ଥନା ରହିଛି ।

ବ୍ୟବସାୟ ବାଣିଜ୍ୟ

ସଭ୍ୟତାର ପ୍ରଗତି ସହିତ ପରବର୍ତ୍ତୀ ବୈଦିକ ଯୁଗରେ ବ୍ୟବସାୟ ବାଣିଜ୍ୟରେ ମଧ୍ୟ ବୃଦ୍ଧି ହୋଇଥିଲା । ଅନ୍ତର୍ଦ୍ଦେଶୀୟ ଏବଂ ବହିର୍ବାଣିଜ୍ୟ ଉଭୟରେ ଅନେକ ପ୍ରଗତି ହୋଇଥିଲା । ଲୋକମାନେ ସମୁଦ୍ରରେ ଜାହାଜ ଚଳେଇବା ଏବଂ ବିଦେଶକୁ ଯାଇ ବାଣିଜ୍ୟ କରିବାରେ ସିଦ୍ଧହସ୍ତ ହୋଇସାରିଥିଲେ । ଅଥର୍ବବେଦରେ ଉଭୟ ପୂର୍ବ ଓ ପଶ୍ଚିମ ସାଗର ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି । ଯାହା ଜଣାଯାଉଛି ଯେ, ମେସୋପଟାମିଆ ସହିତ ଭାରତର ବାଣିଜ୍ୟିକ ସମ୍ପର୍କ ଗଢି ଉଠିଥିଲା । ବୈଶ୍ୟମାନେ ପୁରୁଷାନୁକ୍ରମେ ବ୍ୟବସାୟ ବାଣିଜ୍ୟରେ ଲିପ୍ତ ରହୁଥିଲେ । ଧନିକ ବଣିକମାନଙ୍କୁ 'ଶ୍ରେଷ୍ଠୀନ୍' କୁହାଯାଉଥିଲା । ପୋଷାକ, ଚମଡା ତିଆରି ଜିନିଷ ଆଦି ବିଶେଷ ଲାଭଦାୟକ ବ୍ୟବସାୟ ଥିଲା ।

ଅନ୍ତର୍ଦ୍ଦେଶୀୟ ବାଣିଜ୍ୟ ସଡକ ପଥ ଓ ନଦୀ ପଥରେ ପଞ୍ଜାବଠାରୁ ବିହାର ଏବଂ ନେପାଳ, ଶ୍ରାବସ୍ତୀ, ମଥୁରା, ତକ୍ଷଶିଳା ଆଦି ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ଅନେକ ସହରରେ ବାଣିଜ୍ୟ କେନ୍ଦ୍ରଗୁଡ଼ିକ ଗଢି ଉଠିଥିଲା । ପାର୍ବତୀୟ ସମ୍ପ୍ରଦାୟ କିରାତମାନେ ଲୁଗାକୁ ରଙ୍ଗ କରିବା ପାଇଁ ରଙ୍ଗ, ଗୋରୁ ଚମଡା ଓ ମେଥି ଆଦି ବିନିମୟରେ ବ୍ୟାବସାୟୀଙ୍କଠାରୁ ପୋଷାକ ନେଉଥିଲେ । ବ୍ୟବସାୟୀମାନଙ୍କ ସଂଗଠନକୁ ନିଗମ କୁହାଯାଉଥିଲା । ସାଧାରଣତଃ ବ୍ୟବସାୟ ଜିନିଷ ବଦଳରେ ଜିନିଷ ଦିଆନିଆରେ (ବାର୍ଟର) ଚାଲିଥିଲା । ବୈଦିକ ସାହିତ୍ୟରୁ ଜଣାଯାଏ ଯେ, ପରବର୍ତ୍ତୀ ସମୟରେ ପ୍ରାୟତଃ ଏକ ପ୍ରକାରର ସ୍ୱର୍ଣ୍ଣ ମୁଦ୍ରା ନିଷ୍କାକୁ ଜିନିଷପତ୍ର କିଣିବା ପାଇଁ ଏକକ ରୂପରେ ବ୍ୟବହାର କରାଯାଉଥିଲା । ଏହାର ଓଜନ ଥିଲା ୩୨୦ ରତି । ଅନ୍ୟ ଏକକଟି ଥିଲା ସତମାନ, ଯାହାର ଓଜନ ୧୦୦ ଗୋଟି କ୍ରିଷ୍ଣାଲର ଓଜନ ସହିତ ସମାନ ଥିଲା । ଅନ୍ୟ ଏକକଟି ଥିଲା ୧.୮ ଗ୍ରେନ୍ ଓଜନବିଶିଷ୍ଟ ଗୁଞ୍ଜାଫଳ ଅଥବା କ୍ରିଷ୍ଣାଲ । ବିନିମୟ ପାଇଁ ବ୍ୟବସାୟୀମାନେ ଗୁଞ୍ଜାଫଳକୁ ମଧ୍ୟ ଏକକ ରୂପରେ ଗ୍ରହଣ କରୁଥିଲେ । ପଣ୍ୟଦ୍ରବ୍ୟଗୁଡ଼ିକୁ ନେବା ଆଣିବା ପାଇଁ ସେମାନେ ବଳଦ ଟାଣୁଥିବା ଶଗଡଗାଡି ଏବଂ ଘୋଡା ଟାଣୁଥିବା ରଥର ଉପଯୋଗ କରୁଥିଲେ । ନଦୀରେ ଡଙ୍ଗାଦ୍ୱାରା ଜିନିଷପତ୍ର ନେବା ଆଣିବା କରୁଥିଲେ । ଅନେକେ ପୁଣି ଅର୍ଥ ଲଗାଣକାରୀ ବ୍ୟବସାୟ କରୁଥିଲେ । ଋଣକୁ "କୁସିଦ" କୁହାଯାଉଥିବା ବେଳେ ଋଣଗ୍ରହୀତାକୁ "କୁସିଦିନ୍" କୁହାଯାଉଥିଲା ।

ଉଦ୍ୟୋଗୀକରଣ

ଉଦ୍ୟୋଗୀକରଣ ଅଥବା ଶିଳ୍ପାୟନରେ ଅହେତୁକ ବୃଦ୍ଧି ଘଟିଥିଲା । ଶିଳ୍ପ ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ବୃତ୍ତିରେ ଅଭିବୃଦ୍ଧି ପ୍ରଣିଧାନଯୋଗ୍ୟ ଥିଲା । ବୈଦିକ ସାହିତ୍ୟରେ ଅନେକ ପ୍ରକାରର ବୃତ୍ତିଧାରୀ ଯଥା- କଂସେଇ, ଧୀବର, ଗାଈ ଜଗୁଆଳୀ, ଝୁଡି, ଦଉଡି, ରଥ, ଧନୁ, ଚକ ଆଦି ତିଆରି କରୁଥିବା ଲୋକଙ୍କ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ସେ ସମୟରେ ଧୋବା, ବଢେଇ, କମାର, ଚମାର, କୁମ୍ଭାର, ସୁନାରୀ ଆଦି ମଧ୍ୟ ସମାଜରେ ବାସ କରୁଥିଲେ । ଏହି ଲୋକମାନେ ତିଆରି କରୁଥିବା ଜିନିଷ ସବୁକୁ ନେଇ ବ୍ୟବସାୟୀମାନେ ବଜାରରେ ବିକ୍ରି କରୁଥିଲେ । ନାରୀମାନେ ମଧ୍ୟ ଛୁଞ୍ଚିକାମ (ଏମ୍ବ୍ରୋଡୋରି), ବାଉଁଶକାମ ଏବଂ ପୋଷାକ ତିଆରି ଆଦି କରୁଥିଲେ ।

ରାଜନୀତି ଏବଂ ସମାଜ

ପଶୁପାଳନରୁ ମିଶ୍ରିତ କୃଷିଭିତ୍ତିକ ଅର୍ଥନୀତିକୁ ପରିବର୍ତ୍ତନ ପରବର୍ତ୍ତୀ ବୈଦିକ ଯୁଗର ସମାଜ ଏବଂ ରାଜନୀତି ଉପରେ ବିଶେଷ ପ୍ରଭାବ ପକାଇଥିଲା । ପରିବର୍ତ୍ତନର ମୁଖ୍ୟ ଧାଡିଗୁଡ଼ିକ ଥିଲା-

- ବୈଦିକ ଯୁଗର ସାମ୍ପ୍ରଦାୟିକ ପରିଚୟ, ଆଞ୍ଚଳିକ ପରିଚୟକୁ ପରିତ୍ୟାଗ କରିଥିଲା ଏବଂ ଫଳସ୍ୱରୂପ ଶାସନ ମୁଖ୍ୟ ପଦ୍ଧତିରେ ମଧ୍ୟ ପରିବର୍ତ୍ତନ ହୋଇଥିଲା ।
- ବୈଦିକ ଯୁଗର ସାମାଜିକ ଢ଼ାଞ୍ଚା, ଯାହାକି ସାମ୍ପ୍ରଦାୟିକ ସମ୍ପର୍କ ଆଧାରିତ ଏବଂ ସମ୍ଭ୍ରାନ୍ତବାଦୀ ଥିଲା- ଅତିମାତ୍ରାରେ ଯୌଗିକ ହୋଇଯାଇଥିଲା । ଏହି ପ୍ରକାର ସମାଜ ଅସମାନତା ଦ୍ୱାରା ଚିହ୍ନିତ ହୋଇଥାଏ । ଏପରିକି ସେହି ସମାନ ଗୋଷ୍ଠୀ ବିଭିନ୍ନ ଉପଗୋଷ୍ଠୀରେ ବିଭାଜିତ ହୋଇଯାଇଥିଲା, ଯାହା ମଧ୍ୟରୁ ଅନେକ ସମାଜର ଉଚ୍ଚବର୍ଗରେ ଅଧିଷ୍ଠିତ ହୋଇଥିବା ବେଳେ କେତେକ ନିମ୍ନବର୍ଗରେ ରହିଥିଲେ ।

ରାଜନୈତିକ ସଂଗଠନ

ଋକ୍‌ବେଦୀୟ ସମୟରେ ଜନସମୁଦାୟ କିମ୍ବା ଗୋଷ୍ଠୀ ଅର୍ଥରେ 'ଜନ' ଶବ୍ଦର ବ୍ୟବହାର କରାଯାଇଥିଲା ଏବଂ ତା'ପରେ ଜନପଦ ବିକାଶ ଲାଭ କରିଥିଲା । 'ଜନପଦ' ଶବ୍ଦର ଅର୍ଥ ହେଲା ଯେଉଁଠି ସମ୍ପ୍ରଦାୟ କିମ୍ବା ଗୋଷ୍ଠୀ ବସବାସ କରନ୍ତି । ପରବର୍ତ୍ତୀ ବୈଦିକ ଗ୍ରନ୍ଥଗୁଡ଼ିକରେ ପ୍ରଥମଥର ପାଇଁ 'ରାଷ୍ଟ୍ର' ଶବ୍ଦର ବ୍ୟବହାର ମଧ୍ୟ ହୋଇଥିଲା; ହେଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହା ଠିକ୍ ଭାବରେ ବ୍ୟାଖ୍ୟା ଓ ଚିହ୍ନିତ କରାଯାଇଥିବା ରାଜ୍ୟ ଅଥବା ସାମ୍ରାଜ୍ୟ ଅର୍ଥରେ ବ୍ୟବହୃତ ହୋଇ ନଥିଲା ।

ଦୁଇଗୋଟି ବଡ଼ ଏବଂ ମହତ୍ତ୍ୱପୂର୍ଣ୍ଣ ବୈଦିକ ସମ୍ପ୍ରଦାୟ ମିଳିତ ହୋଇ କୁରୁବଂଶର ବିକାଶ କରିଥିଲେ । ଭରତ ଏବଂ ପୁରୁ ସମ୍ପ୍ରଦାୟ ଉପରେ ଗଙ୍ଗା-ଯମୁନା-ଦୋଆବ ଅଞ୍ଚଳ ଅଧିକାର କରିଥିବା ବାବଦରେ ବୈଦିକ ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ହୋଇଛି । ସେହିପରି ଉଲ୍ଲେଖ ଅଛି ଯେ, ପାଞ୍ଚାଳମାନେ ଦୋଆବର ମଧ୍ୟବର୍ତ୍ତୀ ଅଞ୍ଚଳକୁ ଅଧିକାର କରିଥିଲେ । ଏହାକୁ ପାଞ୍ଚାଳ ଦେଶ କୁହାଯାଉଥିଲା । ଏଥିରୁ ଜଣାଯାଏ ଯେ, ସାମ୍ପ୍ରଦାୟିକ ପରିଚୟ ଆଞ୍ଚଳିକ ପରିଚୟ ମଧ୍ୟରେ ମିଳେଇଯାଉଥିଲା । ଏହା ମଧ୍ୟ କୁହାଯାଇଛି ଯେ, ଯେତେବେଳେ କୁରୁ ଏବଂ ପାଞ୍ଚାଳ ଏକତ୍ରିତ ହୋଇଗଲେ ସେମାନଙ୍କର ଆଧିପତ୍ୟ ଗଙ୍ଗା-ଯମୁନା-ଦୋଆବର ଉପର ଏବଂ କେନ୍ଦ୍ରାଞ୍ଚଳ ସୀମାନ୍ତଯାଏଁ ପ୍ରତିଷ୍ଠିତ ହୋଇଥିଲା । ଜନ ଏବଂ ଜନର ଆଧିପତ୍ୟ ପ୍ରତିଷ୍ଠିତ ଅଞ୍ଚଳ ମଧ୍ୟରେ ସମ୍ପର୍କ ଯୋଗୁଁ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ସୁଦ୍ଧା ଜନପଦ ଏବଂ ମହାଜନପଦ ସବୁ ଗଢ଼ି ଉଠିଥିଲା ।

ଗୋଷ୍ଠୀର ମୁଖ୍ୟ ଯୋଦ୍ଧାଗଣ

ଯେତେବେଳେ ସମ୍ପ୍ରଦାୟଗୁଡ଼ିକ ଏକତ୍ରିତ ତଥା କୌଣସି ଏକ ଅଞ୍ଚଳ ଭିତ୍ତିରେ ଚିହ୍ନିତ ହେଲେ, ତାହା ସମ୍ପ୍ରଦାୟର ମୁଖ୍ୟଙ୍କ ପଦମର୍ଯ୍ୟାଦା, କ୍ଷମତା ଏବଂ କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିଥିଲା । ରାଜନ ଅଥବା ମୁଖ୍ୟ ଏହାପରେ କେବଳମାତ୍ର ଗୋରୁଗାଈଙ୍କୁ ବଳପୂର୍ବକ ଛଡ଼େଇ ଆଣିବା କାର୍ଯ୍ୟ ବ୍ୟତୀତ ତାଙ୍କ ନିଜ ସମ୍ପ୍ରଦାୟର ଲୋକେ ରହୁଥିବା ଅଞ୍ଚଳ (ରାଜ୍ୟ)ର ରକ୍ଷାକର୍ତ୍ତା ରୂପରେ ଆବିର୍ଭାବ ହୋଇଥିଲା । ଋକ୍‌ବେଦୀୟ ସମୟର 'ରାଜନ୍ୟ' ଯେଉଁମାନେକି ସର୍ବଶ୍ରେଷ୍ଠ ବଂଶ ଥିଲେ ବର୍ତ୍ତମାନ 'କ୍ଷତ୍ରିୟ' ରୂପରେ ପରିଚିତ ହୋଇଥିଲେ । 'କ୍ଷତ୍ରିୟ' ଶବ୍ଦର ଆକ୍ଷରିକ ଅର୍ଥ ହେଲା, ଯେଉଁମାନେ ଶାସନାଧୀନ ଅଞ୍ଚଳ (କ୍ଷେତ୍ର) ଉପରେ କ୍ଷମତାଶାଳୀ ଅଟନ୍ତି । କ୍ଷତ୍ରିୟ ବର୍ଗର କ୍ଷମତାର ଭିତ୍ତି ଥିଲା ନିଜ ସମ୍ପ୍ରଦାୟ ଏବଂ ସମ୍ପ୍ରଦାୟ ନିର୍ଭର କରୁଥିବା ଜନ ତଥା ବସତି ସ୍ଥାପନ କରିଥିବା ଅଞ୍ଚଳର ସୁରକ୍ଷାକର୍ତ୍ତା ଭୂମିକା ଗ୍ରହଣ କରିବା । କ୍ଷତ୍ରିୟମାନଙ୍କ ସୁରକ୍ଷା ପ୍ରଦାନ ବଦଳରେ ବୈଶ୍ୟମାନଙ୍କର ସାମାଜିକ ସ୍ଥିତି କ୍ଷତ୍ରିୟମାନଙ୍କର ଅଧସ୍ତନ ଅଥବା ଅଧୀନସ୍ଥ ହେବା ଆଡ଼କୁ ଆଗେଇ ଚାଲିଥିଲା । ତତ୍ ପରବର୍ତ୍ତୀ ସମୟରେ 'ବାଲି' ଏବଂ 'ଭାଗ' ସ୍ୱଇଚ୍ଛାରେ ପ୍ରଦତ୍ତ ଉପହାର ଅର୍ଥରେ ଆଉ ପ୍ରୟୋଗ ନହୋଇ କ୍ରମେ କ୍ରମେ ନିରବଚ୍ଛିନ୍ନ ଖଜଣା ଏବଂ ରାଜଦେୟରେ ପରିଣତ ହୋଇଯାଇଥିଲା ।

ସାମ୍ପ୍ରଦାୟିକ ସଭା

କ୍ଷତ୍ରିୟମାନଙ୍କ ମର୍ଯ୍ୟାଦାରେ ପରିବର୍ତ୍ତନର ପ୍ରତିଫଳନ ହୋଇଥିଲା ସାମ୍ପ୍ରଦାୟିକ ସଭାରେ । ଏହି ସମୟରେ ସମିତି ଅପେକ୍ଷା ସଭା ବେଶି ମହତ୍ତ୍ୱପୂର୍ଣ୍ଣ ହୋଇଯାଇଥିଲା । ସଭାରେ ରାଜାଙ୍କୁ ପଚରାଯାଉଥିବା ଉଦାହରଣରୁ ଜଣାଯାଏ ଯେ ରାଜକାର୍ଯ୍ୟ ସମ୍ପାଦନରେ ସଭା ରାଜାଙ୍କୁ ସାହାଯ୍ୟ କରୁଥିଲା । ରାଜପଦବୀ ଜନ୍ମଭିତ୍ତିକ ନଥିଲା, ବରଂ କେବଳ କ୍ଷତ୍ରିୟ ଶ୍ରେଣୀରୁ ରାଜାଙ୍କୁ ମନୋନୀତ କରାଯାଉଥିଲା ।

ରାଜାଙ୍କର ବୈଧତା

ଦୃଢ଼ ରୂପରେ ପ୍ରତିଷ୍ଠିତ ଉତ୍ତରାଧିକାରୀ ସୂତ୍ରରେ ସିଂହାସନ ଆରୋହଣ ଏବଂ ଜ୍ୟେଷ୍ଠାଧିକାର ନିୟମର ଆବର୍ତ୍ତମାନରେ ରାଜାଙ୍କୁ ସିଂହାସନାରୂଢ଼ କରିବା ପାଇଁ ରାଜ୍ୟାଭିଷେକ ପ୍ରଥା ବିଶେଷ ମହତ୍ତ୍ୱପୂର୍ଣ୍ଣ ଥିଲା । ତେଣୁ ରାଜସୂୟ, ଅଶ୍ୱମେଧ, ବାଜପେୟ ଆଦି ବଳିବିଧାନ ସମ୍ବନ୍ଧିତ ଯଜ୍ଞାନୁଷ୍ଠାନ ଅତିମାତ୍ରାରେ ଅନୁଷ୍ଠିତ ହେଉଥିଲା । ଋକ୍‌ବେଦୀୟ ସମୟରେ ଅଶ୍ୱମେଧ ଯଜ୍ଞ ଏକ କ୍ଷୁଦ୍ର ଅନୁଷ୍ଠାନ ଥିଲା; କିନ୍ତୁ ଏହି ସମୟ ବେଳକୁ ଅନ୍ୟ ରାଜ୍ୟକୁ ଜୟକରି ଅଧିକୃତ ରାଜ୍ୟରେ ନିଜସ୍ୱ ଅଧିକାରର ବୈଧିକରଣ କରିବା ପାଇଁ ଏହି ଯଜ୍ଞାନୁଷ୍ଠାନ କରାଯାଉଥିଲା । ଅନ୍ୟ ଯଜ୍ଞଗୁଡ଼ିକ ଥିଲା ରାଜାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା ଏବଂ ରାଜାଙ୍କଦ୍ୱାରା ପ୍ରଣୀତ ନୀତି ନିୟମ, ଯାହାକି ତାଙ୍କର ପ୍ରଭୁତ୍ୱ ଓ କ୍ଷମତାର ବୈଧିକରଣ ପାଇଁ ଉଦ୍ଦିଷ୍ଟ ଥିଲା । ଉଦାହରଣସ୍ୱରୂପ, ରାଜସୂୟ ଯଜ୍ଞ ଚାଲୁଥିବା ସମୟରେ

ଯଜ୍ଞକର୍ତ୍ତା ରାଜା ରୂପରେ ଘୋଷିତ ହେଉଥିଲେ । ପରବର୍ତ୍ତୀ ସମୟରେ ଯେତେବେଳେ ନୂଆ ରାଜା ଏବଂ ନୂଆ ରାଜ୍ୟର ଅଭ୍ୟୁଦୟ ହେଉଥିଲା ଏହି ବଳିବିଧାନର ସଙ୍ଗତ ରହୁଥିଲା । ସେମାନେ ଧାର୍ମିକ ଉତ୍ତରାଧିକାରୀ ଭାବରେ ନିଜର କ୍ଷମତା ପ୍ରତିଷ୍ଠା କରିବା ପାଇଁ ମଧ୍ୟ ଏହି ବଳିବିଧାନଗୁଡ଼ିକର ଆୟୋଜନ କରୁଥିଲେ ।

ରାଜାଙ୍କର ଆହୁରି ମଧ୍ୟ ଆବଶ୍ୟକତା ଥିଲା ଯେ, ସେ ନିଜର ସାଧନ, ଅର୍ଥ, ଉତ୍ପାଦନ ଏବଂ ଆବଣ୍ଟନ ଆଦିର ସୁବିନିଯୋଗ କରିବେ, ଯାହାକି ତାଙ୍କର ପ୍ରତିପତ୍ତିକୁ କେବଳ ଜଣେ ଲୁଣ୍ଠନକାରୀ କିମ୍ବା ଯୁଦ୍ଧର ମୁଖ୍ୟଠାରୁ ବହୁ ଊର୍ଦ୍ଧ୍ୱକୁ ଉଠେଇ ପାରିବ । ବର୍ତ୍ତମାନ ସୁଦ୍ଧା କିନ୍ତୁ ସାର୍ବଭୌମ ସମ୍ରାଟ ହୋଇ ନଥିଲେ । କାରଣ ସେ ନିର୍ବାଚିତ ଅଥବା ମନୋନୀତ ହେଉଥିଲେ ତଥା ଆବଶ୍ୟକ ସ୍ଥଳେ ବହିଷ୍କୃତ ମଧ୍ୟ ହେଉଥିଲେ; ହେଲେ ତାଙ୍କ ଉପରେ ଗୁରୁଦାୟିତ୍ୱର ବୋଝ ରହିଥିଲା । ସେ ସମ୍ପ୍ରଦାୟ ନିକଟରେ ଉତ୍ତରଦାୟୀ ମଧ୍ୟ ଥିଲେ । ଆହୁରି ମଧ୍ୟ ଶାସନକାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରୁଥିବା ଅନ୍ୟାନ୍ୟ ରାଜାମାନଙ୍କୁ ମଧ୍ୟ ସେ ନିଯୁକ୍ତି ଦେଇପାରୁ ନଥିଲେ । ସେମାନେ ନିଜସ୍ୱ ଅଧିକାର ବଳରେ ମୁଖ୍ୟ ହେଉଥିଲେ । ମହତ୍ତ୍ୱପୂର୍ଣ୍ଣ ଥିଲା, ଏହି ସମୟବେଳକୁ କ୍ଷତ୍ରିୟ ବଂଶ ସ୍ୱତନ୍ତ୍ର ରୂପରେ ସର୍ବଶ୍ରେଷ୍ଠ ବର୍ଗରୂପରେ ପ୍ରତିଷ୍ଠିତ ହୋଇ ସାରିଥିଲା । ଏହାର କାରଣ ଥିଲା, ଏହି ସମୟ ସୁଦ୍ଧା ଆଞ୍ଚଳିକ ପରିଚୟ ଧାରଣା ପ୍ରତିଷ୍ଠିତ ହୋଇ ସାରିଥିଲା । ଏଣୁ ଅଞ୍ଚଳ ବା ରାଜ୍ୟ, ରାଜାଙ୍କ ଶାସନ କ୍ଷମତାର ବାସ୍ତବ ପରିପ୍ରକାଶ ଥିଲା ।

ସାମ୍ପ୍ରଦାୟିକ ସଂଘର୍ଷ

ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ତଥା ନିଜ ସମ୍ପ୍ରଦାୟ ମଧ୍ୟରେ ବିବାଦ ଅଥବା ସଂଘର୍ଷରେ ପରିବର୍ତ୍ତନ ସଂଘଟିତ ହୋଇଥିଲା । ଯୁଦ୍ଧଗୁଡ଼ିକ ଆଉ ପଶୁସମ୍ପଦ ଅଧିକାର କରିବା ପାଇଁ ଖଣ୍ଡବିଖଣ୍ଡିତ ଯୁଦ୍ଧ ନହୋଇ ଜମି ଅଧିକାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିଲା । ସମ୍ପ୍ରଦାୟର ଜନସଂଖ୍ୟା ବୃଦ୍ଧି ଅଧିକ ଅଞ୍ଚଳ ଅଧିକାର କରିବା ପାଇଁ ପ୍ରବର୍ତ୍ତାଇ ଥିଲା । ଲୁହାରେ ତିଆରି ଅସ୍ତ୍ରଶସ୍ତ୍ର ତଥା ହାଲୁକା ଚକଯୁକ୍ତ ଘୋଡ଼ାଟଣା ରଥ ଯୋଦ୍ଧାମାନଙ୍କର ଯୁଦ୍ଧ କ୍ଷମତାକୁ ଅନେକ ଗୁଣରେ ବୃଦ୍ଧି କରିଥିଲା । ମହାଭାରତ ନିଜସ୍ୱ ସମ୍ପ୍ରଦାୟ ମଧ୍ୟରେ ଯୁଦ୍ଧର ପ୍ରତିଫଳନ କରେ, ଯହିଁରେ କି କୁରୁ ସମ୍ପ୍ରଦାୟର କୌରବ ଏବଂ ପାଣ୍ଡବମାନେ ଯୁଦ୍ଧ କରିଥିଲେ ।

ପୂଜକ (ବ୍ରାହ୍ମଣ)

ରାଜନ୍ୟ କ୍ଷତ୍ରିୟ ବର୍ଗର କ୍ଷମତା ଓ ପ୍ରତିପତ୍ତି ବୃଦ୍ଧି ସହିତ ବ୍ରାହ୍ମଣମାନଙ୍କର ମହତ୍ତ୍ୱ ମଧ୍ୟ ଆଶାତୀତ ଭାବରେ ବୃଦ୍ଧି ପାଇଥିଲା । କାରଣ ବ୍ରାହ୍ମଣମାନେ କ୍ଷତ୍ରିୟଙ୍କର ଅଭିଷେକ ପ୍ରଥା ସମ୍ପାଦକପୂର୍ବକ ତାଙ୍କୁ ରାଜଗାଦିରେ ଆସୀନ କରାଉଥିଲେ; କ୍ଷତ୍ରିୟ ଯଜମାନମାନେ ବ୍ରାହ୍ମଣମାନଙ୍କୁ ଦାନ ଓ ଦକ୍ଷିଣା ମାଧ୍ୟମରେ ସମ୍ପତ୍ତି ପ୍ରଦାନ କରୁଥିଲେ । ବିସ୍ତୃତ ଅଭିଷେକ ପ୍ରଥା ପ୍ରମାଣିତ କଯେ ଯେ, ପ୍ରାଥମିକ ସ୍ତରରେ ରାଜାଙ୍କ କ୍ଷମତା ଶକ୍ତିଶାଳୀ ନଥାଏ; ହେଲେ ରାଜା ହେବା ପରେ ସେ ସତ୍କର୍ମ, ନ୍ୟାୟ, ଯୁଦ୍ଧଜୟ ମାଧ୍ୟମରେ ନିଜର ଶାସନ ଦକ୍ଷତାର ପ୍ରମାଣ କରୁଥିଲେ । ପରବର୍ତ୍ତୀ ସମୟରେ ବ୍ରାହ୍ମଣମାନେ ରାଜପୁରର ମର୍ଯ୍ୟାଦା ଲାଭ କରିଥିଲେ ଏବଂ ତାଙ୍କର ସମ୍ମାନ ଓ ପ୍ରତିପତ୍ତି ଦେବତାମାନଙ୍କ ସହ ସମାନ ହୋଇଥିଲା । ଏହା ଅନୁଭବ କରାଯାଉଥିଲା ଯେ, ଦେବତାମାନଙ୍କୁ ଯୁଦ୍ଧ ମାଧ୍ୟମରେ ପ୍ରାର୍ଥନା କରି ଆବାହନ କରାଯିବ ଏବଂ ବ୍ରାହ୍ମଣ ପୁରୋହିତଙ୍କୁ ଦାନଦ୍ୱାରା ସନ୍ତୁଷ୍ଟ କରାଯିବ । ଏହିପରି ଭାବରେ ପୁନର୍ବଣ୍ଟନ ଏହି ଦୁଇଗୋଷ୍ଠୀ ମଧ୍ୟରେ ସୀମିତ ଥିଲା ତଥା ଧୀରେ ଧୀରେ ରାଜନୈତିକ ଆଧିପତ୍ୟ କ୍ଷତ୍ରିୟମାନଙ୍କ ପାଖକୁ ଚାଲିଯାଇଥିଲା ।

ସାମାଜିକ ଜୀବନ

ସମାଜରେ ଚାରିବର୍ଣ୍ଣର ଲୋକେ ରହୁଥିଲେ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଦେହରୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୂଦ୍ରମାନେ ଉତ୍ପତ୍ତି ହୋଇଥିଲେ । ପ୍ରାଥମିକ ମଣିଷ ବିଷୟରେ ଏହି ମନ୍ତ୍ର ଋକ୍‌ବେଦର ପରବର୍ତ୍ତୀ ଖଣ୍ଡରେ ରହିଛି । ଏହି ପ୍ରକାରେ ଚାରିବର୍ଣ୍ଣର ଉତ୍ପତ୍ତି ବାବଦରେ ପ୍ରଥମଥର ପାଇଁ କୁହାଯାଇଛି ।

ଏଥିରେ କୁହାଯାଇଛି - ସେମାନେ ଯେତେବେଳେ ମଣିଷମାନଙ୍କୁ ଭାଗ ଭାଗ କଲେ, କେତେ ପ୍ରକାରେ ସେମାନେ ବିଭକ୍ତ କଲେ ? ତା'ର ମୁହଁକୁ କ'ଣ, ବାହୁକୁ କ'ଣ, ଜାନୁକୁ କ'ଣ ଏବଂ ପାଦକୁ କ'ଣ କୁହାଯିବ ?

ବ୍ରାହ୍ମଣମାନେ ତାଙ୍କ ମୁହଁରୁ, କ୍ଷତ୍ରିୟମାନେ ବାହୁରୁ, ବୈଶ୍ୟମାନେ ଜାନୁ (ଜଂଘ)ରୁ ଏବଂ ଶୂଦ୍ରମାନେ ପାଦରୁ ଜନ୍ମନେଲେ । ଋକ୍‌ବେଦରେ କୁହାଯାଇଛି ଯେ,

"ବ୍ରହ୍ମଣୋସ୍ୟ ମୁଖମ୍ ଆସୀଦ୍
ବାହୁ ରାଜନ୍ୟଃ କୃତଃ ।
ଉରାତତ୍ ଅସ୍ୟଯଦ୍ ବୈଶ୍ୟଃ
ପାଦଭ୍ୟାମ୍ ଶୁଦ୍ରୋ ଅଜାୟତ୍ ।" (ଋକ୍‌ବେଦ ଦଶମ ମଣ୍ଡଳ)

ଏହି ମନ୍ତ୍ରର ସାଂକେତିକ ଅର୍ଥ ହେଲା ଯେ, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୂଦ୍ରମାନେ ହେଉଛନ୍ତି ଅସମାନ ଜାତି ଓ ସେମାନଙ୍କ ସାମାଜିକ ସ୍ଥିତି ଓ ମର୍ଯ୍ୟାଦା ସମାନ ନ ଥିଲା । ବ୍ରାହ୍ମଣମାନଙ୍କୁ ମୁଣ୍ଡ ସହିତ ତୁଳନା କରାଯାଇଥିବା ବେଳେ ଶୂଦ୍ରମାନଙ୍କୁ ପାଦ ସହିତ ତୁଳନା କରାଯାଇଛି । ସାମାଜିକ ଜୀବନରେ ବ୍ରାହ୍ମଣମାନେ ଉଚ୍ଚତର ବର୍ଣ୍ଣ ରୂପରେ ପରିଗଣିତ ହେଉଥିଲେ, କାରଣ ସମାଜ କେବଳମାତ୍ର ତାଙ୍କରି ମାଧ୍ୟମରେ ଦେବତାମାନଙ୍କ ସହ କଥାବାର୍ତ୍ତା କରିପାରୁଥିଲା । ଯୁଦ୍ଧ ବନ୍ଦୀମାନଙ୍କ ସହିତ ମିଶି ଶୂଦ୍ରମାନେ ଦୈହିକ ଶ୍ରମ କରୁଥିଲେ ।

ବର୍ଣ୍ଣ ପରିକଳ୍ପନା

ବର୍ଣ୍ଣ ପଦ୍ଧତି ନିମ୍ନମତେ ପର୍ଯ୍ୟବସିତ ଥିଲା ।

(କ) ଜନ୍ମସ୍ଥିତି

(ଖ) ବର୍ଣ୍ଣ ବ୍ୟବସ୍ଥାରେ ଶ୍ରେଣୀକ୍ରମରେ ପ୍ରଥମେ ବ୍ରାହ୍ମଣ ରହିଥିବା ବେଳେ ଶେଷରେ ଶୂଦ୍ର ରହିଥିଲା । (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର)

(ଗ) ସ୍ୱବର୍ଣ୍ଣ ବିବାହ ଏବଂ ପାରମ୍ପରିକ ପବିତ୍ରତା ।

ବର୍ଣ୍ଣ ବ୍ୟବସ୍ଥା ପୁନଶ୍ଚ ଧର୍ମ ଧାରଣା ଉପରେ ଅନୁବନ୍ଧିତ ଥିଲା; ଯଥା- ସର୍ବବ୍ୟାପୀ ନିୟମ ଏବଂ ବର୍ଣ୍ଣ ଧର୍ମ ଥିଲା, ସମାଜ ବ୍ୟବସ୍ଥାର ଉତ୍ତମ କାର୍ଯ୍ୟକାରିତା ପାଇଁ ଏକ ସାମାଜିକ ନିୟମ ପ୍ରତିଷ୍ଠା ପାଇଁ ପ୍ରୟାସ; ହେଲେ ପରବର୍ତ୍ତୀ ବୈଦିକ ଯୁଗରେ ଏହି ବର୍ଣ୍ଣ ଧର୍ମ ପ୍ରଣାଳୀ ଠିକ୍ ଭାବରେ ବିକାଶ ଲାଭ କରିପାରି ନଥିଲା ।

ସାମାଜିକ ଗୋଷ୍ଠୀ ବିଭାଜନ କେବଳ ବୃତ୍ତିଭିତ୍ତିକ ଥିଲା; ସମାଜ ତଥାପି ମଧ୍ୟ ନମନୀୟ ଥିଲା, ଯେଉଁଠାରେ କି ବୃତ୍ତି ଜନ୍ମ ଉପରେ ନିର୍ଭରଶୀଳ ନଥିଲା ।

ଏପରିକି ପରବର୍ତ୍ତୀ ସମୟରେ ଯଥା- ବୈଦିକ ଯୁଗର ପରବର୍ତ୍ତୀ ସମୟରେ, ପ୍ରତ୍ୟେକ ଗୋଷ୍ଠୀର ପ୍ରଥା ଓ ପରମ୍ପରାର ବର୍ଣ୍ଣନା ବର୍ଣ୍ଣଧର୍ମ କରିଥିଲା । ବର୍ଣ୍ଣ ବ୍ୟବସ୍ଥା ଅଣକ୍ଷତ୍ରିୟମାନେ ନିଜକୁ କ୍ଷତ୍ରିୟ ବୋଲି ଦାବି କରିବା ତଥା ରାଜା ହେବାରୁ ବାରଣ କରିପାରି ନଥିଲା (ଉଦାହରଣସ୍ୱରୂପ ନନ୍ଦ ଓ ମୌର୍ଯ୍ୟମାନେ) । ଆହୁରି ମଧ୍ୟ ବ୍ରାହ୍ମଣମାନଙ୍କୁ ମଧ୍ୟ ରାଜା ହେବାରୁ ବାରଣ କରିପାରି ନଥିଲା (ଉଦାହରଣସ୍ୱରୂପ ସୁଙ୍ଗମାନେ) । ତେଣୁ ବର୍ଣ୍ଣ ବ୍ୟବସ୍ଥାକୁ ବୈଦିକ ପରବର୍ତ୍ତୀ ଯୁଗରେ ଦୃଢ଼ ଭାବରେ କାର୍ଯ୍ୟକାରୀ କରାଯାଇ ପାରିନଥିଲା ।

ଏହା ମଧ୍ୟ ସମ୍ଭବ ଯେ, ପରବର୍ତ୍ତୀ ବୈଦିକ ଯୁଗରେ ଭୌଗୋଳିକ ସ୍ଥିତିରେ ପରିବର୍ତ୍ତନ କରିବାକୁ ଯାଇ ବୈଦିକ ଲୋକେ ଅଣବୈଦିକ ସମ୍ପ୍ରଦାୟମାନଙ୍କ ସହିତ ଯୁଦ୍ଧ କରିଥିଲେ । ତେଣୁ ନୂତନ ପରିସ୍ଥିତିର ଆବଶ୍ୟକତା ପୂରଣ ପାଇଁ ଯୌଗିକ ସମାଜ ଗଠନ କରାଯାଇଥିଲା । ଅଥର୍ବବେଦରେ ଉଲ୍ଲେଖ ଅଛି ଯେ, ପରିଶେଷରେ ଅନେକ ଅଣବୈଦିକ ରୀତିନୀତି ଓ ପରମ୍ପରାକୁ ବୈଦିକ ସମ୍ପ୍ରଦାୟ ଗ୍ରହଣ କରିଥିଲା ତଥା ସେଗୁଡିକ ପୂଜକମାନଙ୍କ ଦ୍ୱାରା

ସ୍ୱୀକୃତ ମଧ୍ୟ ହୋଇଥିଲା; ହେଲେ ମଧ୍ୟ ନିଜ ସମ୍ପ୍ରଦାୟର ପବିତ୍ରତାକୁ ଅକ୍ଷୁଣ୍ଣ ରଖିବା ପାଇଁ ସ୍ୱବର୍ଣ୍ଣ ଏବଂ ସ୍ୱଗୋତ୍ରରେ ବିବାହ ନୀତିକୁ ଦୃଢ଼ ଭାବରେ ଲାଗୁ କରାଯାଇଥିଲା । ଆହୁରି ମଧ୍ୟ ସମାଜରେ ବ୍ରାହ୍ମଣ ଏବଂ କ୍ଷତ୍ରିୟମାନଙ୍କର ଗୁରୁତ୍ୱ ବଢୁଥିବା ଦୃଷ୍ଟିରୁ ସେମାନଙ୍କର ସ୍ୱତନ୍ତ୍ର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ଆବଶ୍ୟକ ହୋଇପଡ଼ିଥିଲା । ପରବର୍ତ୍ତୀ ବୈଦିକ ଯୁଗରେ ବର୍ଣ୍ଣ ଭାବନା ମୌଳିକ ନୀତି ଉପରେ ଆଧାରିତ ହୋଇ ରହିଥିଲା । ଉଦାହରଣସ୍ୱରୂପ – ଅଛୁଆଁ ପ୍ରଥା ନଥିଲା ।

ଗୋତ୍ର

ଗୋତ୍ର ପ୍ରତିଷ୍ଠାନ ଏହି ସମୟରେ ବିକାଶ ଲାଭ କରିଥିଲା । (ଗୋତ୍ରର ଅର୍ଥ ଗୋଶାଳା) । ନିଜ ସମ୍ପ୍ରଦାୟରେ ବିବାହ ବିରୁଦ୍ଧରେ ଲୋକେ ଅନ୍ୟ ଗୋତ୍ରରେ ବିବାହକୁ କାର୍ଯ୍ୟକାରୀ କରିବା ଆରମ୍ଭ କରି ଦେଇଥିଲେ । ଗୋତ୍ର ଏକ ପୂର୍ବପୁରୁଷଠାରୁ ନିମ୍ନଗାମୀ ହେବା ଦର୍ଶାଏ ଏବଂ ସ୍ୱଗୋତ୍ରରେ ବିବାହ ହୋଇପାରେ ନାହିଁ (ସ୍ୱାମୀ ସ୍ତ୍ରୀ ଉଭୟଙ୍କ ଗୋତ୍ର ଏକ ହେଲେ ବିବାହ ଅସମ୍ଭବ ଅଟେ) ।

ପରିବାର

ପିତୃକୈନ୍ଦ୍ରିକ ପରିବାର ସୁପ୍ରତିଷ୍ଠିତ ହୋଇପାରିଥିଲା ତଥା ଗୃହପତି ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୋଇପାରିଥିଲେ । ଯେହେତୁ ପାରିବାରିକ ଅର୍ଥନୀତି ପ୍ରଭାବ ବିସ୍ତାର କରିଚାଲିଥିଲା ତା' ସାଥୀରେ ଗୃହପତିଙ୍କର ସ୍ଥାନ ମଧ୍ୟ ଅର୍ଥନୈତିକ ମର୍ଯ୍ୟାଦା ପାଇପାରିଥିଲା । ବ୍ୟବହାର ପ୍ରଣାଳୀ ଉପରେ ଆଧାରିତ ଥିଲା ଜମି ଉପରେ ଅଧିକାର ଏବଂ ଜମିର ସାମ୍ପ୍ରଦାୟିକ ମାଲିକାନା ପ୍ରଚଳିତ ଥିଲା । ଗୃହପତିମାନେ ଧନୀ ଥିଲେ ଏବଂ ଯଜମାନ ହେବା ତାଙ୍କର ପାରମ୍ପରିକ ଭୂମିକା ଥିଲା । ତାଙ୍କର ସମ୍ପତ୍ତି ଦାନରୁ ଆସୁ ନଥିଲା । ତାହା ନିଜ ଶ୍ରମ ବଳରେ ଉପାର୍ଜିତ ଥିଲା । ଯଶ ଓ କୀର୍ତ୍ତି ପ୍ରାପ୍ତି ନିମନ୍ତେ ଯଜ୍ଞାନୁଷ୍ଠାନ କରିବା ପାଇଁ ସେମାନେ ବାଧ୍ୟ ହେଉଥିଲେ । ତେଣୁ ତାଙ୍କୁ ସମ୍ପତ୍ତିର ଏକ ଅଂଶ ବ୍ରାହ୍ମଣମାନଙ୍କୁ ଦାନରେ ଦେବାପାଇଁ ପଡୁଥିଲା । ଅଳ୍ପ କେତେକ ଦାର୍ଶନିକା ନାରୀ ଏବଂ କେତେକ ରାଣୀ ରାଜ୍ୟାଭିଷେକରେ ଅଂଶଗ୍ରହଣ କରୁଥିବା ବ୍ୟତୀତ ସାଧାରଣତଃ ନାରୀମାନଙ୍କୁ ପୁରୁଷମାନଙ୍କର ଅଧସ୍ତନ ରୂପରେ ପରିଗଣିତ କରାଯାଉଥିଲା । କୌଣସି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେବାରେ ସେମାନଙ୍କୁ ସଂଶ୍ଳିଷ୍ଟ କରାଯାଉ ନଥିଲା ।

ଜୀବନର ତିନି ସ୍ତର

ତିନିଗୋଟି ଆଶ୍ରମ କିମ୍ୱା ଜୀବନର ତିନିଗୋଟି ସ୍ତର ବାବଦରେ ଉପଦେଶ ଦିଆଯାଇଥିଲା । ଏହି ତିନିଗୋଟି ସ୍ତର; ଯଥା- ବ୍ରହ୍ମଚର୍ଯ୍ୟ, ଗୃହସ୍ଥ ଏବଂ ବାନପ୍ରସ୍ଥ ଥିଲା । ଏଥିରୁ ଜଣାଯାଏ ଯେ, ଏହି ସମୟ ପର୍ଯ୍ୟନ୍ତ ଚତୁର୍ଥ ସ୍ତର; ଯଥା – 'ସନ୍ନ୍ୟାସ' ଉପନିଷଦ ଲେଖାହେବା ପର୍ଯ୍ୟନ୍ତ ଅଜଣା ଥିଲା । ପରବର୍ତ୍ତୀ ସମୟଗୁଡିକରେ ଏହି ସନ୍ନ୍ୟାସୀମାନେ ବୈଦିକ ସମାଜ ବ୍ୟବସ୍ଥାକୁ ଶାନ୍ତ କିମ୍ୱା ଉଗ୍ର ରୂପରେ ବିରୋଧ କରିଥିଲେ ।

ଖାଦ୍ୟ ଓ ପାନୀୟ

ଗହମ, ବାର୍ଲି, ପନିପରିବା, ଫଳ, କ୍ଷୀର, ମାଂସ ଆଦି ପାରମ୍ପରିକ ଖାଦ୍ୟ ସହିତ ସେମାନେ ଅନେକ ପ୍ରକାରର ସୁସ୍ୱାଦୁ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରି ଖାଉଥିଲେ । ଚାଉଳ କିମ୍ୱା ବାର୍ଲିରେ ଘିଅ ମିଶେଇ ଏକ ପ୍ରକାର ପିଠା ତିଆରି କରୁଥିଲେ, ତାକୁ ଅପୁପା କହୁଥିଲେ । "ଓଦାନ" ଥିଲା, ଘିଅ, କ୍ଷୀର ଅଥବା ଦହି ସହିତ ଚାଉଳକୁ ମିଶେଇ ରନ୍ଧାଯାଉଥିବା ଏକ ପ୍ରକାରର ଖାଦ୍ୟ । "କର ମ୍ଭ" ଥିଲା, ଚାଉଳ କିମ୍ୱା ବାର୍ଲି ସହିତ କ୍ଷୀର ମିଶେଇ ପ୍ରସ୍ତୁତ କରାଯାଉଥିବା କ୍ଷୀରୀ । ଅନ୍ୟ ଏକ ସୁସ୍ୱାଦୁ ଖାଦ୍ୟ ଥିଲା "ଯବଗୁ" ଯାହାକି ବାର୍ଲିରୁ ପ୍ରସ୍ତୁତ କରାଯାଉଥିଲା । ଚାଉଳରେ ବିନ୍ ଆଦି ପରିବା ଓ ଘିଅ ମିଶାଇ ସେମାନେ ବିରିଆନି କରୁଥିଲେ । କ୍ଷୀରରୁ ଅନେକ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଖାଉଥିଲେ । ଏହି ଖାଦ୍ୟଗୁଡିକ ମଧ୍ୟରେ ପ୍ରସିଦ୍ଧ ଥିଲା ଅମିକ୍ଷା (ଘନୀଭୂତ ଦହି ଖଣ୍ଡ), ଦଧି (ଖଟା

ଦହି), ନବନୀତ (ସଜ ଲହୁଣୀ), ପାୟସ୍ୟ (ଖଟା କ୍ଷୀର ସହିତ ଗରମ ସଜ କ୍ଷୀରର ମିଶ୍ରଣ), ପ୍ରିସଦ୍-ଅଜୟ (ଖଟା କ୍ଷୀର ଓ ଲହୁଣୀର ମିଶ୍ରଣ), ଫାଣ୍ଟା (ସର ଓ ଲହୁଣୀର ମିଶ୍ରଣ), ପର୍ବପର୍ବାଣିରେ ସେମାନେ ସାଧାରଣତଃ ମାଂସ ଖାଉଥିଲେ । ସେମାନେ ବିଶେଷ କରି ଛେଳି ଓ ମେଣ୍ଢା ମାଂସ ଖାଉଥିଲେ । ସୁରା ଥିଲା ନିମ୍ନମାନର ମଦ୍ୟ ତଥା ଝଗଡାକାରକ, ତେଣୁ ତାକୁ ପିଇବା ନିଷିଦ୍ଧ କରାଯାଇଥିଲା । ଯଜୁର୍ବେଦରେ ବର୍ଣ୍ଣିତ ମାସର ଥିଲା ଏକ ପ୍ରକାରର ଉତ୍ତମ ମଦ୍ୟ । ସେମାନେ ଅତି ଉତ୍ତମ ମଦ୍ୟ ସୋମରସ ଏବଂ ସୁମଧୁର ମଧୁ ତଥା କ୍ଷୀରକୁ ପାନୀୟ ରୂପରେ ବ୍ୟବହାର କରୁଥିଲେ । ଏହି ସମୟ ବେଳକୁ ସୋମରସ ପ୍ରାୟତଃ ଦୁର୍ଲ୍ଲଭ ଥିଲା, ତେଣୁ ତା' ବଦଳରେ ଲୋକେ ପୁତିକା ଏବଂ ଅର୍ଜୁନାନୀକୁ ମଦ୍ୟ ରୂପରେ ବ୍ୟବହାର କରୁଥିଲେ ।

ପୋଷାକ

ପରବର୍ତ୍ତୀ ବୈଦିକ ଯୁଗରେ ଲୋକମାନେ ତିନିଖଣ୍ଡ ବସ୍ତ୍ରକୁ ପୋଷାକ ରୂପରେ ବ୍ୟବହାର କରୁଥିଲେ । ଅନ୍ତର୍ବାସକୁ "ନିବି" ବାସ କୁହାଯାଉଥିଲା । ଅଣ୍ଟାଠାରୁ ତଳକୁ ପିନ୍ଧୁଥିବା ବସ୍ତ୍ରକୁ "ବାସ" ଏବଂ ଅଣ୍ଟା ଉପରକୁ ପିନ୍ଧୁଥିବା ବସ୍ତ୍ରକୁ "ଅଧିବାସ" କହୁଥିଲେ । ସେମାନେ ଉଭୟ ପଶମ ଏବଂ କାର୍ପାସ ବସ୍ତ୍ର ବ୍ୟବହାର କରୁଥିଲେ । ପୂଜା, ଯଜ୍ଞ, ବଳିବିଧାନ ଆଦି ସମୟରେ ରେଶମର ନିବି ବାସ, ଧୂଆ ହୋଇ ନ ଥିବା ପଶମ ବାସ ଏବଂ ଉଷ୍ଣିସ ଅଥବା ଅଧିବାସ ଯାହାକି ମୁଣ୍ଡରେ ପଗଡି ସଦୃଶ ଥିଲା ଆଦି ପିନ୍ଧୁଥିଲେ । ତନ୍ତୀ ସମ୍ପ୍ରଦାୟ ସୁନ୍ଦର ବସ୍ତ୍ରସବୁ ପ୍ରସ୍ତୁତ କରୁଥିଲେ । ସମସ୍ତ ଲୋକେ ସୁନ୍ଦର ଛୁଞ୍ଚିକାମ ହୋଇଥିବା ବସ୍ତ୍ରକୁ ପସନ୍ଦ କରୁଥିଲେ । ଧନିକ ଲୋକେ ବସ୍ତ୍ରରେ ସୁନା ଓ ରୁପା ଜଡିତ କରି ପିନ୍ଧୁଥିଲେ ।

ଅଳଙ୍କାର

ଉଭୟ ସ୍ତ୍ରୀ ଓ ପୁରୁଷ ସୁନା ଅଳଙ୍କାର ପିନ୍ଧିବା ପାଇଁ ପସନ୍ଦ କରୁଥିଲେ । ଉଭୟେ କାନରେ ବାଲି, ସ୍ତ୍ରୀମାନେ ମଥାରେ ମଣି ଓ ବେକରେ ଭବ୍ୟହାର ପିନ୍ଧୁଥିଲେ । ପୁରୁଷମାନେ ହାତରେ ବଳୟ ଏବଂ ସ୍ତ୍ରୀମାନେ କଙ୍କଣ ପିନ୍ଧୁଥିଲେ । ସେମାନେ ସଲତି (ତମ୍ବା ଅଥବା ମୁଗୁନି ପ୍ରସ୍ତର) ଓ ହାଡନିର୍ମିତ ପାନିଆ ସାହାଯ୍ୟରେ ମୁଣ୍ଡକୁ ସୁନ୍ଦର ରୂପରେ କୁଣ୍ଡେଇ ବେଣୀ ଅଥବା ଜୁଡ଼ା କରୁଥିଲେ । ବୈଦିକ ସାହିତ୍ୟର ବର୍ଣ୍ଣନା ଅନୁଯାୟୀ ଅନେକ ସମୟରେ ସ୍ତ୍ରୀମାନେ ମୁଣ୍ଡରେ ଫୁଲ ଖୋସୁଥିଲେ ଏବଂ ବନଫୁଲ ମାଳ ପିନ୍ଧୁଥିଲେ ।

ଆମୋଦପ୍ରମୋଦ

ସଂଗୀତ, ନୃତ୍ୟ, ରଥଦୌଡ, ଘୋଡାଦୌଡ, ଶିକାର କରିବା, ପଶା ଖେଳିବା ଆଦି ଦ୍ୱାରା ଲୋକମାନେ ଆମୋଦପ୍ରମୋଦ କରୁଥିଲେ । ବୈଦିକ ସାହିତ୍ୟରେ "ସୈଲୁଶ" ଶବ୍ଦର ଉଲ୍ଲେଖ ଅଛି, ଯାହାର ଅର୍ଥ ହେଉଛି ଅଭିନେତା । ଅର୍ଥାତ୍ ନାଟକ ମଧ୍ୟ ମଞ୍ଚସ୍ଥ ହେଉଥିଲା । ଗାଥାଗୁଡିକୁ ବୀଣାବାଦକମାନେ ପର୍ବପର୍ବାଣିରେ (ବୀଣାଗାଥିନ୍) ଗାୟନ କରି ବୀଣାବାଦନ କରୁଥିଲେ । ବଂଶୀ, ଶଙ୍ଖ, ବୀଣା ଆଦି ବାଦ୍ୟଯନ୍ତ୍ରର ଅନେକ ବାଦକ ସମାଜରେ ଥିଲେ । ଯଜୁର୍ବେଦରେ "ବାଂଶନର୍ତ୍ତୀନ" ସମ୍ବନ୍ଧରେ କୁହାଯାଇଛି । ଅର୍ଥାତ୍ ଆଜିକାଲିକାର ବାଉଁଶରାଣୀ ନୃତ୍ୟ ପରବର୍ତ୍ତୀ ବୈଦିକ ଯୁଗରେ ପ୍ରଚଳିତ ଥିଲା ।

ନାରୀର ସ୍ଥାନ

ପରବର୍ତ୍ତୀ ବୈଦିକ ଯୁଗରେ ନାରୀର ଅବସ୍ଥା ଶୋଚନୀୟ ହୋଇପଡିଥିଲା । ବୈଦିକ ଯୁଗରେ ସେମାନେ ଉପଭୋଗ କରୁଥିବା ମାନ ସମ୍ମାନ ଏବଂ ସାମାଜିକ ସ୍ଥିତିରୁ ବଞ୍ଚିତ ହୋଇଥିଲେ । ବାପାଙ୍କ ସମ୍ପତ୍ତି ଭାଗରୁ ତାକୁ ବଞ୍ଚିତ କରାଯିବା ସହିତ ବାପା କିମ୍ବା ସ୍ୱାମୀଙ୍କ ଆୟ ଉପରେ ନିର୍ଭର କରିବା ପାଇଁ ବାଧ୍ୟ କରାଯାଇଥିଲା । ଶିକ୍ଷା ଗ୍ରହଣ ଏବଂ ଧର୍ମକାର୍ଯ୍ୟ କରିବା ପାଇଁ ଉପବୀତ ଗ୍ରହଣକୁ ବାଧ୍ୟତାମୂଳକ କରାଯାଇଥିଲା । ବ୍ରାହ୍ମଣମାନଙ୍କ ବିଶ୍ୱାସ ଥିଲା ଯେ,

ଉପବୀତରେ ସମସ୍ତ ଦେବତା ଉପବେଶନ କରୁଥିଲେ । ନାରୀମାନଙ୍କୁ ପ୍ରକୃତିଦତ୍ତ ଥିଲା ମାସିକିଆ ଋତୁମତୀ ହେବା, ଯାହାକୁ ଏକ ଅପବିତ୍ର କର୍ମ ରୂପରେ ଗ୍ରହଣ କରାଯାଇଥିଲା, ତେଣୁ ନାରୀ ଛଅଦିନ ପର୍ଯ୍ୟନ୍ତ ଅପବିତ୍ର ହୋଇ ରହୁଥିଲା । ହଠାତ୍ ଏହିକର୍ମ ହେଲେ ଉପବୀତ ଖୋଲାଯାଇ ପାରିବ ନାହିଁ, ତେଣୁ ସକଳ ଦେବତା ମାରା ହୋଇଯିବେ । ଏହି କାରଣ ଯୋଗୁଁ ଉପବୀତ ଗ୍ରହଣରୁ ନାରୀକୁ ବାରଣ କରାଯାଇଥିଲା । ଅର୍ଥାତ୍ ଶିକ୍ଷା ଏବଂ ଧର୍ମକାର୍ଯ୍ୟରୁ ବାରଣ କରାଯାଇଥିଲା; ଫଳରେ ନାରୀ ଏକ ଦାସୀରେ ପରିବର୍ତ୍ତିତ ହୋଇଯାଇଥିଲା । ଏହି ସମୟକାଳ ବେଳକୁ ଝିଅଟିଏ ଜନ୍ମ ହେଲେ ଦୁଃଖର କାରଣ ରୂପରେ ବିବେଚନା କରାଯାଉଥିଲା । ଝିଅର ଲାଳନପାଳନରେ ଅବହେଳା କରାଯାଉଥିଲା । ତେଣୁ ଝିଅ ଶିଶୁଟି ତା' ଭାଇ ତୁଳନାରେ ନିଜକୁ ନ୍ୟୂନ ମନେକରୁଥିଲା, ଯାହାକି ମାନସିକ ସ୍ତରରେ ତାକୁ ଅସହାୟ ଏବଂ ଅବାଞ୍ଛିତ କରିଦେଉଥିଲା । ପୁନଶ୍ଚ ସ୍ତ୍ରୀ ତା'ର ରାଜନୈତିକ ଅଧିକାର ମଧ୍ୟ ହରେଇ ଥିଲା ଏବଂ ରାଜନୈତିକ ସଂଗଠନରେ ଯୋଗ ଦେବା, ସଭାସମିତିକୁ ଯିବା ପାଇଁ ତାକୁ ବାରଣ କରାଯାଇଥିଲା । ଏପରିକି ବେଦ ପାଠକରିବା ପାଇଁ ମଧ୍ୟ ନାରୀକୁ ବାରଣ କରାଯାଇଥିଲା । ଏପରି ଅବସ୍ଥା ସୃଷ୍ଟି କରାଯାଇଥିଲା ଯେ, ଅନନ୍ୟୋପାୟ ହୋଇ ସେ ପୁରୁଷର ଦାସୀଟିଏ ହୋଇ ବଞ୍ଚିବା ପାଇଁ ବାଧ୍ୟ ହେଉଥିଲା । ବହୁ ବିବାହ ପ୍ରଥା ସମାଜରେ ବହୁଳ ଭାବରେ ପ୍ରଚଳିତ ଥିଲା, ଯହିଁରେ ନାରୀର ଅବସ୍ଥା ଆହୁରି ଶୋଚନୀୟ ହୋଇଯାଇଥିଲା । ଅଳ୍ପ କେତେକ କ୍ଷେତ୍ରରେ ଏକ ନାରୀର ବହୁପତି ଗ୍ରହଣର ଉଦାହରଣ ମଧ୍ୟ ପରବର୍ତ୍ତୀ ବୈଦିକ ସାହିତ୍ୟରେ ରହିଛି । ଯୌତୁକ ପ୍ରଥାର ମଧ୍ୟ ବହୁଳ ଭାବରେ ପ୍ରଚଳନ ଆରମ୍ଭ ହୋଇଯାଇଥିଲା । ରାଜପରିବାର କେତେକ ରମଣୀ ମାତ୍ର ସ୍ୱତନ୍ତ୍ର ରାଜନୈତିକ, ଶିକ୍ଷାଗତ ଏବଂ ଧାର୍ମିକ ଅଧିକାର ପାଇ ପାରୁଥିଲେ ।

ଶିକ୍ଷା

ଉଚ୍ଚବର୍ଗଙ୍କ ମଧ୍ୟରେ ଶିକ୍ଷା ଗ୍ରହଣ ପ୍ରାୟତଃ ବାଧ୍ୟତାମୂଳକ ହୋଇଯାଇଥିଲା । ଶିକ୍ଷା ଦୃଷ୍ଟିରୁ ଏହି ସମୟ କାଳ ବେଳକୁ ଆର୍ଯ୍ୟ ସମାଜ ବୌଦ୍ଧିକତାର ଚରମ ସୀମାରେ ଉପନୀତ ହୋଇ ସାରିଥିଲା । ଧାର୍ମିକ ଏବଂ ଧର୍ମନିରପେକ୍ଷ ଉଭୟ ପ୍ରକାରର ଶିକ୍ଷା ଦିଆଯାଉଥିଲା । ବେଦ ଓ ଉପନିଷଦ ବ୍ୟତୀତ ଗଣିତ, ସାହିତ୍ୟ, ବ୍ୟାକରଣ, ତର୍କ, ବିଧି ଆଦି ଅନେକ ବିଷୟରେ ଶିକ୍ଷା ଦିଆଯାଉଥିଲା । କ୍ଷତ୍ରିୟମାନେ ସାଧାରଣତଃ ଯୁଦ୍ଧବିଦ୍ୟା ଏବଂ ପ୍ରଶାସନ ସମ୍ବନ୍ଧରେ ଶିକ୍ଷା ଗ୍ରହଣ କରୁଥିଲେ । ଛାତ୍ର ହେବା ପାଇଁ ବିଧିବିଧାନଗୁଡିକ ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରାଯାଇଥିଲା । ପ୍ରଥମ ନିୟମ ଥିଲା ବ୍ରତୋପନୟନ, ଯାହାଦ୍ୱାରା କି ବ୍ରହ୍ମଚାରୀ ଏକ ନୂତନ ଜୀବନ ଶୈଳୀ ମଧ୍ୟକୁ ପ୍ରବେଶ କରୁଥିଲା । ଉପବୀତ ଗ୍ରହଣ ପରେ ପିଲାମାନେ ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ ଗୁରୁକୁଳକୁ ଯାଉଥିଲେ ଏବଂ ସେଠି ରହି ଅଧ୍ୟୟନ କରୁଥିଲେ । ତାଙ୍କର ପ୍ରଥମ କର୍ତ୍ତବ୍ୟ ଥିଲା ଗୁରୁଙ୍କ ସେବା କରିବା ଏବଂ ପବିତ୍ରତା ରକ୍ଷା କରିବା । ଯୋଗ, ଦର୍ଶନ, ତପସ୍ୟା, ଆଲୋଚନା ଓ ତର୍କ ଆଦି ଶିକ୍ଷାର ପଦ୍ଧତି ଥିଲା । ବେଦକୁ ଅତି ପବିତ୍ର ବୋଲି ଗ୍ରହଣ କରାଯାଉଥିଲା । ତେଣୁ ତାକୁ ଲେଖିବା ପାପ ରୂପରେ ଗୃହୀତ ହୋଇଥିଲା, ଯାହା ଫଳରେ ଶିକ୍ଷାର ମାଧ୍ୟମ ଥିଲା ଶ୍ରବଣ, ମନନ ଓ ନିଦିଧ୍ୟାସନ । ଶିକ୍ଷାଦାନ ଏକ ପବିତ୍ର କର୍ମ ହୋଇଥିବାରୁ ଗୁରୁମାନେ ପାରିଶ୍ରମିକ ନେଉ ନ ଥିଲେ । ପଢା ଶେଷ ପରେ ଶିଷ୍ୟମାନେ ଗୁରୁ ଦକ୍ଷିଣା ଦେଉଥିଲେ, ଯାହା ସର୍ବଦା ଧନ ସମ୍ପତ୍ତି ନ ଥିଲା । ଉପବୀତ ଗ୍ରହଣ ସମସ୍ୟା ଯୋଗୁଁ ନାରୀମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଥିଲେ ମଧ୍ୟ ରାଜପରିବାରର ଏବଂ ସମ୍ଭ୍ରାନ୍ତ ପରିବାରର ଅଳ୍ପ କେତେଜଣ ମହିଳା ଶିକ୍ଷା ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ରହିଥିଲେ ଦାର୍ଶନିକା ପଥ୍ୟାସୂତୀ ଯିଏକି ସରସ୍ୱତୀ ଉପାଧି ପାଇଥିଲେ । ବ୍ରହ୍ମବାଦିନୀ ଗାର୍ଗୀ ଏବଂ ମୈତ୍ରୀ ଥିଲେ ସ୍ୱନାମଧନ୍ୟା ବିଦୂଷୀ ରମଣୀ । ଝିଅମାନଙ୍କୁ ବିଶେଷ କରି ନୃତ୍ୟ ସଙ୍ଗୀତ ଶିକ୍ଷା ଦିଆଯାଉଥିଲା ।

ଭାଷା

ପରବର୍ତ୍ତୀ ବୈଦିକ ଯୁଗରେ ସାଧାରଣ ନାଗରିକମାନେ "ପ୍ରାକୃତ" ଭାଷାରେ କଥୋପକଥନ କରୁଥିଲେ । ଏହା ସ୍ୱତଃପ୍ରବୃତ୍ତ ଅଟେ ଯେ, ପ୍ରତ୍ୟେକ ଜନପଦର ଲୋକେ ସେମାନଙ୍କର ନିଜସ୍ୱ ପ୍ରାକୃତ ଭାଷାର ବିକାଶ କରିବେ ।

ପ୍ରାଥମିକ ପର୍ଯ୍ୟାୟରେ ଏହିପରି ତିନୋଟି ପ୍ରାକୃତ ଭାଷା ବିକାଶଲାଭ କରିଥିଲା; ଯଥା- ସୌରସେନୀ, (ମଧ- ଦୋଆବ ଏବଂ ସୁରସେନ ଅଞ୍ଚଳରେ କଥିତ ଭାଷା), ମାଗଧି (ମଗଧ ଏବଂ ପୂର୍ବ ଭାରତର କଥିତ ଭାଷା) ଏବଂ ମହାରାଷ୍ଟ୍ରୀ (ପଶ୍ଚିମ ଭାରତର କଥିତ ଭାଷା) । ପରବର୍ତ୍ତୀ ସମୟରେ ଏଗୁଡ଼ିକରୁ ଅନେକ ଉପଭାଷାର ଜନ୍ମ ହୋଇଥିଲା । ଏହିପରି ଭାବରେ ବୈଦିକ ସଂସ୍କୃତିରୁ ଦୁଇଗୋଟି ଭାଷାର ଜନ୍ମ ହୋଇଥିଲା; ଯଥା- ସଂସ୍କୃତ (ଦେବଭାଷା) ଏବଂ ପ୍ରାକୃତ (ଲୋକଭାଷା) । ସଂସ୍କୃତ ଥିଲା ସର୍ବଭାରତୀୟ ସ୍ତରରେ ଶିକ୍ଷିତ ଲୋକଙ୍କର ମୁଖ୍ୟ କଥିତ ଭାଷା ଏବଂ ରାଜଭାଷା ।

ଔଷଧି ଏବଂ ଚିକିତ୍ସା

ଅଥର୍ବ ବେଦରେ ଅନେକଗୁଡ଼ିଏ ରୋଗ ଏବଂ ବିଖ୍ୟାତ କବିରାଜି ଚିକିତ୍ସକଙ୍କ ନାମ ଉଲ୍ଲେଖ କରାଯାଇଛି । ପୋଡି ଯାଇଥିବା ପଶୁର ପାଉଁଶ, ପାଣି ଏବଂ ଜଡ଼ିବୁଟିରୁ ଚିକିତ୍ସକମାନେ ଔଷଧି ପ୍ରସ୍ତୁତ କରୁଥିଲେ । ସେମାନେ ମଣିଷର ଶରୀର ତତ୍ତ୍ୱ ଏବଂ ଶରୀର ଗଠନ ସମ୍ବନ୍ଧରେ ଅବଗତ ଥିଲେ । ଚିକିତ୍ସା ପାଇଁ ଲୋକେ ଗୁଣିଗାରେଡ଼ି, ମନ୍ତ୍ରତନ୍ତ୍ର ଉପରେ ମଧ ବିଶ୍ୱାସ କରୁଥିଲେ ।

ଜ୍ୟୋତିଷ ବିଦ୍ୟା

ପରବର୍ତ୍ତୀ ବୈଦିକ ଯୁଗରେ ଅନେକ ଲୋକ ଗାଣିତିକ ଜ୍ୟୋତିଷର ଗଣନା କରିପାରୁଥିଲେ । ସେମାନେ ସ୍ପଷ୍ଟ ରୂପରେ ଦିନପଞ୍ଜି ଏବଂ ଚନ୍ଦ୍ର ଓ ସୂର୍ଯ୍ୟଙ୍କର ଗତିପଥ, ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ ଆଦିର ଗଣନା କରିପାରୁଥିଲେ । ଜ୍ୟୋତିଷଶାସ୍ତ୍ରରେ ସାରା ବିଶ୍ୱକୁ ଭାରତର ଅବଦାନ ଅତୁଳନୀୟ ଅଟେ ।

ଧାର୍ମିକ ବ୍ୟବସ୍ଥା

ଏହି ସମୟର ଶାସ୍ତ୍ରଗୁଡ଼ିକ ଦୁଇଗୋଟି ଧର୍ମ ପରମ୍ପରା ବାବଦରେ ଉଲ୍ଲେଖ କରେ ।

- ବୈଦିକ : ଯାହାକି ସାମ ଏବଂ ଯଜୁର୍ବେଦ ସଂହିତା ଏବଂ ବ୍ରାହ୍ମଣରେ ପ୍ରକାଶିତ ହୋଇଛି ଏବଂ
- ଅଣବୈଦିକ କିମ୍ବା ଲୋକପରମ୍ପରା ଯାହାକି ବିଶଦ ଭାବରେ ଅଥର୍ବବେଦରେ ପ୍ରକାଶିତ ହୋଇଛି ।

ଏହା ସତ୍ୟ ଅଟେ ଯେ, ଅଥର୍ବବେଦୀୟ ଧର୍ମ ପରମ୍ପରା ବୈଦିକ ଧର୍ମର ଏକ ଅଂଶ ଥିଲା । ଏହା ପ୍ରକାରାନ୍ତରେ କୁହେ ଯେ, ବିଭିନ୍ନ ଧର୍ମଧାରାର ସଂସ୍କୃତି, ପରମ୍ପରା ଏବଂ ବିଶ୍ୱାସ ବୈଦିକ ଧର୍ମଧାରା ସହ ମିଶିଯାଇଥିଲା । ଯଜୁର୍ବେଦ ସଂହିତା ଏବଂ ବ୍ରାହ୍ମଣରେ ସେ ସମୟର ବଳିପ୍ରଥା ବାବଦରେ ଉଲ୍ଲେଖ କରାଯାଇଛି । ଏହି ସମୟରେ ବଳିପ୍ରଥା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା । ସେଗୁଡ଼ିକ ଉଭୟ ସରକାରୀ ବଳିବିଧାନ; ଯଥା- ରାଜସୂୟ ଯଜ୍ଞ, ବାଜପେୟ ଯଜ୍ଞ ଏବଂ ଅଶ୍ୱମେଧ ଯଜ୍ଞ ଆଦି ବହୁଳଭାବରେ ଅନୁଷ୍ଠିତ ହେଉଥିଲା, ଯେଉଁଥିରେ କି ସମଗ୍ର ସମ୍ପ୍ରଦାୟ ଅଂଶଗ୍ରହଣ କରୁଥିଲା । ଏହି ବଳିବିଧାନଗୁଡ଼ିକର କେତେକ ପ୍ରଥାରେ ଗର୍ଭଧାରଣ, ଉର୍ବରତା ଏବଂ ସମୃଦ୍ଧିର ଉପାଦାନ ମଧ ରହିଥିଲା । ଉଦାହରଣସ୍ୱରୂପ - ଅଶ୍ୱମେଧ ଯଜ୍ଞର ବଳିପାଇଁ ଉଦ୍ଦିଷ୍ଟ ଅଶ୍ୱର ପଛକୁ ପାଟରାଣୀ ଶୋଉଥିଲେ, ଯେଉଁଠାରେ କି ରାଣୀ, ଧରଣୀର ପ୍ରତିନିଧିତ୍ୱ କରୁଥିଲେ ଏବଂ ଧରିନିଆଯାଉଥିଲା ଯେ, ଏହି ପ୍ରଥା ରାଜାଙ୍କ ସମୃଦ୍ଧିକୁ ପ୍ରତିଷ୍ଠିତ କରିବ । ବାଜପେୟ ଏବଂ ରାଜସୂୟ ଯଜ୍ଞଗୁଡ଼ିକରେ କୃଷିର ଉନ୍ନତି ସମ୍ପର୍କିତ ଅନେକଗୁଡ଼ିଏ ପ୍ରଥା ଓ ରୀତିନୀତିର ପାଳନ କରାଯାଉଥିଲା । ଉତ୍ସବ ମୁଖରିତ ଯଜ୍ଞଗୁଡ଼ିକରେ ଧରିତ୍ରୀର ନିୟମିତ ବ୍ୟବଧାନରେ ପୁନର୍ବାର ଯୌବନ ପ୍ରାପ୍ତି ଏବଂ ଉର୍ବରତା ସମ୍ବନ୍ଧୀୟ ବିଷୟବସ୍ତୁକୁ ସମ୍ମିଳିତ କରାଯାଉଥିଲା ।

ପୌରୋହିତ୍ୟ (ପୂଜକ ବ୍ୟବସ୍ଥା) ବିଧି

ପ୍ରଥାଗୁଡ଼ିକର ବିସ୍ତୃତ ରୂପ ସମ୍ବନ୍ଧରେ ପରବର୍ତ୍ତୀ ବୈଦିକ ଯୁଗର ଗ୍ରନ୍ଥଗୁଡ଼ିକ ଉଲ୍ଲେଖ କରିଛନ୍ତି । ଏହି ସମୟ ବେଳକୁ ସେଗୁଡ଼ିକ ଯୌଗିକ ଏବଂ କଷ୍ଟସାଧ ହୋଇପଡ଼ିଥିଲା, ଯାହାକୁ କି ସମ୍ପନ୍ନ କରିବା ପାଇଁ ବୃତ୍ତିଧାରୀ ଅଭିଜ୍ଞ

ଏବଂ ଜ୍ଞାନୀ ଲୋକଙ୍କର ଆବଶ୍ୟକ ହେଉଥିଲା । ବଳିବିଧାନ ସମ୍ପନ୍ନ କରିବା ପାଇଁ ଅନେକ ବିଧିବିଧାନ ସୃଷ୍ଟି କରାଯାଇଥିଲା; ଫଳରେ ବୈଦିକ ବଳି ଆଉ ସାମାନ୍ୟ ଭାବରେ ନିଆଁରେ ଖାଦ୍ୟ ଏବଂ ନୈବେଦ୍ୟ ଅର୍ପଣ କରିବା ହୋଇ ରହିନଥିଲା । ଯଜମାନର ଆବଶ୍ୟକତା ଏବଂ କ୍ଷମତାକୁ ନେଇ ନୈବେଦ୍ୟ ଏବଂ ବଳିର ପ୍ରକାର ନିର୍ଦ୍ଧାରଣ କରାଯାଉଥିଲା । ବଳିପ୍ରଥା ସାଙ୍କେତିକ ରହସ୍ୟର ଧର୍ମୋତ୍ତର ସମ୍ପତ୍ତି ହୋଇଯାଇଥିଲା ଏବଂ ରୀତିନୀତି ପ୍ରଥା ଆଦି ରହସ୍ୟାବୃତ୍ତ ଶକ୍ତିର ଧର୍ମୋତ୍ତର ସମ୍ପତ୍ତି ହୋଇଯାଇଥିଲା । ସରଳ ଭାବରେ କହିଲେ ବଳିପ୍ରଥା ଏବଂ ଦେବତାଙ୍କ କ୍ଷମତା ଆଦି ସାଧାରଣ ଜନତାଙ୍କ ପାଇଁ ଦୁର୍ବୋଧ ଏବଂ ରହସ୍ୟାବୃତ୍ତ ହୋଇଯାଇଥିଲା, ଯାହାର ବାସ୍ତବିକତା କେବଳ ମାତ୍ର ପୁରୋହିତମାନେ ଜାଣିଥିଲେ ବୋଲି ବିଶ୍ୱାସ କରାଯାଉଥିଲା । ସରକାରୀ ହେଉ ଅଥବା ବ୍ୟକ୍ତିବାଦ ହେଉ ଏହି ଯଜ୍ଞାନୁଷ୍ଠାନଗୁଡ଼ିକୁ ସମ୍ପନ୍ନ କରିବା ବିଧି ଏତେ ଜଟିଳ ହୋଇପଡ଼ିଲା ଯେ, ପୌରୋହିତ୍ୟ କରିବା ପାଇଁ ଏକ ନୂତନ ବିଜ୍ଞାନର ଉଦ୍ଭବ ହୋଇଥିଲା । ଏହି ପ୍ରକାରେ ବ୍ରାହ୍ମଣ ବା ପୂଜକଗୋଷ୍ଠୀ ଯଜ୍ଞ ବାବଦରେ ବିଶେଷଜ୍ଞ ହୋଇଗଲେ । ଯଜ୍ଞର ଭିନ୍ନ ଭିନ୍ନ ପର୍ଯ୍ୟାୟକୁ ସମ୍ପନ୍ନ କରିବା ପାଇଁ ଭିନ୍ନ ଭିନ୍ନ ଗୋଷ୍ଠୀର ପୁରୋହିତ ମଧ୍ୟ ରହିଥିଲେ ।

ପରିବର୍ତ୍ତିତ ଦେବତା ସମୂହ

ବୈଦିକ ଯୁଗର ବିଶେଷ ପ୍ରଭାବଶାଳୀ ଦେବତା ଇନ୍ଦ୍ର ଏବଂ ଅଗ୍ନି ଏହି ସମୟ ବେଳକୁ ଗୁରୁତ୍ୱ ହରେଇ ସାରିଥିଲେ । ସୃଷ୍ଟିକର୍ତ୍ତା ପ୍ରଜାପତିଙ୍କ ଗୁରୁତ୍ୱ ବୃଦ୍ଧି ପାଇଥିଲା । ଏହା ଆହୁରି ମଧ୍ୟ ବସତିରେ ସ୍ଥାୟିତ୍ୱର ମହତ୍ତ୍ୱ ପ୍ରତିପାଦନ କରେ । ବିଶେଷତଃ କୃଷିଭିତ୍ତିକ ସମାଜରେ କୃଷି ସମ୍ବନ୍ଧୀୟ ଗପର ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଥିଲା । ଋକ୍‌ବେଦର ଜିନିଷ ଦେବତା ରୁଦ୍ର ଗୁରୁତ୍ୱପୂର୍ଣ୍ଣ ହୋଇଯାଇଥିଲେ ଏବଂ ବିଷ୍ଣୁ ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଦେବତା ରୂପରେ ମାନ୍ୟତା ପାଇଥିଲେ । ପଶୁସମ୍ପଦ ରକ୍ଷାକର୍ତ୍ତା ଦେବତା 'ପୁଷାନ' ଏବେ ଶୂଦ୍ରମାନଙ୍କର ଦେବତାରେ ପରିଣତ ହୋଇଯାଇଥିଲେ । ଦେବତାମାନଙ୍କର ପଦ ମର୍ଯ୍ୟାଦା ଏବଂ ସ୍ଥିତିର ପରିବର୍ତ୍ତନ ସୂଚନା ଦିଏ ଯେ, ସମ୍ପ୍ରଦାୟଗୁଡ଼ିକ ପଶୁପାଳକ ଗୋଷ୍ଠୀରୁ ସ୍ଥାୟୀଭାବରେ ବସବାସ କରୁଥିବା କୃଷିକାରକ ଗୋଷ୍ଠୀକୁ ପରିବର୍ତ୍ତିତ ହୋଇଥିଲେ । ବୈଦିକ ଯୁଗରେ ପ୍ରକୃତିର ପ୍ରତିନିଧିତ୍ୱ କରୁଥିବା ଦେବତାମାନଙ୍କୁ କ୍ରମେ କ୍ରମେ ପରିତ୍ୟାଗ କରାଯାଉଥିଲା ତଥା ପ୍ରକୃତିର ବିଭିନ୍ନ ପରିପ୍ରକାଶରେ ବିଭିନ୍ନ ଐଶ୍ୱରିକ ବ୍ୟକ୍ତିତ୍ୱର ଆରୋପ କରାଯାଇଥିଲା । ଅର୍ଥାତ୍, ପ୍ରକୃତିର ବିଭିନ୍ନ ସ୍ୱରୂପ ନରଦେହଧାରୀ ଦେବତାରେ ପରିଣତ ହୋଇଯାଇଥିଲେ, ଯାହାକି ଅତୀବ ଜଟିଳ ହୋଇପଡ଼ିଥିଲା । ପରବର୍ତ୍ତୀ ବୈଦିକ ଯୁଗର ମନ୍ତ୍ରଗୁଡ଼ିକରେ, ଧାରଣ କରିଥିବା ବ୍ୟକ୍ତି-ଭଗବାନଙ୍କଠାରେ ପ୍ରକୃତିର କୌଣସି ଉପାଦାନ ଦେଖିବାକୁ ମିଳେ ନାହିଁ ।

ଭୂତପ୍ରେତରେ ବିଶ୍ୱାସ

ଋଗ୍‌ବୈଦିକ ଆର୍ଯ୍ୟମାନେ ଯୁଦ୍ଧରେ ଜୟ କରି ଭାରତ ଭିତରକୁ ପ୍ରବେଶ କରିବା ସମୟରେ ଦ୍ରାବିଡ ଏବଂ ଅନୁନ୍ନତ ସମ୍ପ୍ରଦାୟଗୁଡ଼ିକର ସମ୍ପର୍କରେ ଆସିଥିଲେ । ଏହି ଆଦିମ ଅଧିବାସୀମାନେ ସର୍ପ, ବୃକ୍ଷ, ଲିଙ୍ଗ, ଯୋନି, ପଶୁ ଆଦିଙ୍କୁ ପୂଜା କରୁଥିଲେ । ପରବର୍ତ୍ତୀ ବୈଦିକ ଯୁଗରେ ଆର୍ଯ୍ୟମାନେ ଧ୍ୱଂସ କରିବା ପରିବର୍ତ୍ତେ ସେମାନଙ୍କୁ ଏବଂ ତାଙ୍କ ଦେବତାମାନଙ୍କୁ ଗ୍ରହଣ କରିନେଇଥିଲେ । ଆଦିମ ଅଧିବାସୀ ଏବଂ ସେମାନଙ୍କ ଧର୍ମକୁ ଆଶ୍ରୟ ଦେବା ଏବଂ ନିଜ ଧର୍ମ ସହିତ ମିଶେଇ ଦେବା ଫଳରେ ସାମାଜିକ ଏବଂ ଧାର୍ମିକ କ୍ଷେତ୍ରରେ ଗୁଣିଗାରେଡ଼ି ଏବଂ ଅନ୍ଧବିଶ୍ୱାସର ଉଦ୍ଭବ ହୋଇଥିଲା । ଭାରତର ଆଦିମ ଅଧିବାସୀମାନେ ଭୂତ, ପ୍ରେତ, ତାରା, ବୃକ୍ଷ, ପାହାଡ, ପର୍ବତ, ନଦୀ ଆଦିକୁ ପୂଜା କରୁଥିଲେ । ଫଳସ୍ୱରୂପ ଅଥର୍ବ ବେଦରେ କୁହୁକ ବିଦ୍ୟା, ଗୁଣିଗାରେଡ଼ି, ତନ୍ତ୍ର ଆଦିର ସମାବେଶ ହୋଇଥିଲା । ଦେବଦେବୀ ହୋଇଯାଇଥିଲେ ମନ୍ତ୍ରାଧୀନ । ମଣିଷ ପ୍ରାର୍ଥନା, ସାଧନା ଓ ମନ୍ତ୍ର ବଳରେ ସେମାନଙ୍କୁ ବଶ୍ୟ କରି ରଖି ପାରୁଥିଲା । ଭୂତପ୍ରେତ, ରାକ୍ଷସ, ଖର୍ବକାୟ ଅସୁନ୍ଦର ଅସୁର, ଦୁଷ୍ଟଭୂତ, ବଶୀକରଣ, ଅବତାର ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ସମାଜରେ ଲୋକପ୍ରିୟ ଥିଲା । ଆର୍ଯ୍ୟମାନେ ଏହି ସବୁକୁ ମଧ୍ୟ ବୈଦିକ ସାହିତ୍ୟ ପୁରାଣରେ ସ୍ଥାନିତ କରିଥିଲେ । ବୈଦିକ ମନ୍ତ୍ରଗୁଡ଼ିକ ତନ୍ତ୍ରଶକ୍ତି ସମୃଦ୍ଧ ହେବା ଆରମ୍ଭ ହୋଇଯାଇଥିଲା । ରୋଗରୁ ଆରୋଗ୍ୟ କରିବା ଏବଂ ପରିବାରରେ

ସୁଖ ସମୃଦ୍ଧି ଆଣିବା ପାଇଁ ଗୁଣିଗାରେଡି ଏବଂ ତନ୍ତ୍ରବିଦ୍ୟା ପ୍ରାଧାନ୍ୟ ବିସ୍ତାର କରିଥିଲା । ରୀତିନୀତି ପାଳନ, ପରମ୍ପରାର ଗତିଶୀଳତା, ଉତ୍ସବ ଆଦିର ଆଡମ୍ବର, ବିସ୍ତାର ଏବଂ ଖର୍ଚ୍ଚରେ ବୈଦିକ ସମୟ ଅପେକ୍ଷା ପରବର୍ତ୍ତୀ ବୈଦିକ ସମୟ ଅନେକ ଆଗେଇ ଯାଇଥିଲା । ପୁନଶ୍ଚ ପୂଜାପାର୍ବଣରେ ଜଟିଳତା ପ୍ରବେଶ କରିଥିଲା, ଯାହାକି ଗରିବ ଓ ସାଧାରଣ ଜନତାଙ୍କ ପହୁଞ୍ଚଠାରୁ ଦୂରେଇ ଯାଇଥିଲା । ପରବର୍ତ୍ତୀ ବୈଦିକ ସମୟରେ ବଳିଦାନ ପ୍ରଥା ଅତ୍ୟନ୍ତ ବ୍ୟୟବହୁଳ ଓ ମହାର୍ଘ ହୋଇପଡିଥିଲା । ବଳିଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଯାଇଥିଲା । ଯଜୁର୍ବେଦ ଏବଂ ସାମବେଦରେ ବଳିଦାନକୁ ଗୁରୁତ୍ୱ ଦେଇ ଅନେକ ମନ୍ତ୍ର ଓ ବିଧି ପ୍ରଦାନ କରାଯାଇଥିଲା । ମଣିଷଙ୍କଠାରେ ବୈଦିକ ଏବଂ ଉନ୍ନତ ଚେତନା ଶକ୍ତିର ଉଦ୍ରେକ ହୋଇଥିଲା ।

ଲୋକମାନେ ଜୀବନକୁ ଏକ ଭିନ୍ନ ସ୍ୱରୂପରେ ଅନୁଭବ କରିଥିଲେ । ଜୀବନକୁ କର୍ତ୍ତବ୍ୟମୟ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ବିବେଚନା କରୁଥିଲେ । ସେମାନଙ୍କ ଦର୍ଶନ ତତ୍ତ୍ୱ ଅନୁଯାୟୀ ମଣିଷ ପାଞ୍ଚଗୋଟି ଋଣ ସହିତ ଧରାପୃଷ୍ଠକୁ ଆସିଥାଏ ଏବଂ ଋଣଗୁଡିକୁ ପରିଶୋଧ କରିବା ଜୀବନର ପରମ ଲକ୍ଷ୍ୟ ଅଟେ । ଋଣଗୁଡିକ ଯଥା- ପିତୃଋଣ, ମାତୃଋଣ, ଦେବଋଣ, ଗୁରୁଋଣ ଏବଂ ଭୂତଋଣ, ଯାହାକି ପିତାମାତାଙ୍କ ସେବା, ଦେବ ପୂଜନ, ଯଜ୍ଞ, ବିଦ୍ୟା ଗ୍ରହଣ ଓ ଜୀବଜଗତ ଏବଂ ମଣିଷର ସେବା ଦ୍ୱାରା ପରିଶୋଧ କରାଯାଇ ପାରେ । ଏହା ଶତପଥ ବ୍ରାହ୍ମଣରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇଛି । ସ୍ୱର୍ଗ ଓ ନର୍କର ଧାରଣାର ବିକାଶ ମଧ୍ୟ ହୋଇଥିଲା, ଯାହାକି ଅଥର୍ବ ବେଦରେ ବର୍ଣ୍ଣିତ ହୋଇଛି । ପ୍ରତ୍ୟେକ ମଣିଷ ନିଜସ୍ୱ କର୍ମାନୁଯାୟୀ ଫଳପ୍ରାପ୍ତ ହୋଇଥାଏ ଏବଂ ପୁନର୍ଜନ୍ମ ଲଭିଥାଏ । ସତ୍‌କର୍ମ ତାକୁ ମୋକ୍ଷ ଆଡକୁ ଟାଣି ନେଇଥାଏ । ଏହି ସମୟବେଳକୁ ପୁନଶ୍ଚ ଅବତାରବାଦ ସମ୍ବନ୍ଧୀୟ ଧାରଣାର ଜନ୍ମ ମଧ୍ୟ ହୋଇଥିଲା; ଫଳସ୍ୱରୂପ ଭଗବାନ୍ ହୋଇଯାଇଥିଲେ ଅବତାରୀ ଦେହଧାରୀ ମଣିଷ । ଚିନ୍ତାଶୀଳ ମଣିଷର ମସ୍ତିଷ୍କ ସୃଷ୍ଟି ସର୍ଜନା ଏବଂ ଜୀବନ ରହସ୍ୟର ଗୂଢ଼ତତ୍ତ୍ୱର ସନ୍ଧାନରେ ନିୟୋଜିତ ହୋଇଥିଲା । ପରମାତ୍ମା ଅଥବା ପରମବ୍ରହ୍ମ ହୋଇଗଲେ ନିର୍ଗୁଣ, ନିରାକାର ସର୍ବବ୍ୟାପୀ । ଆତ୍ମା ହୋଇଗଲା ଅଜର, ଅମର, ଅବିନାଶୀ । ଆତ୍ମା ସର୍ବପାପରୁ ମୁକ୍ତ ହୋଇ ପୁଣ୍ୟମୟ ହୋଇଗଲେ ତାହା ପରମବ୍ରହ୍ମଙ୍କଠାରେ ଲୀନ ହୋଇଯିବ ଏବଂ ଆଉ ପୁନର୍ଜନ୍ମ ହେବ ନାହିଁ । ଅନ୍ୟଥା ବାରମ୍ବାର ମର୍ତ୍ତ୍ୟମଣ୍ଡଳରେ ଜନ୍ମହୋଇ ଦୁଃଖ ଭୋଗ କରିବ । ଆତ୍ମା ପୁଣ୍ୟମୟ ହେବାପାଇଁ ସତ୍‌କର୍ମ ଥିଲା ଶ୍ରେଷ୍ଠ ପନ୍ଥା । ତେଣୁ ଜୀବନ ହୋଇଗଲା କର୍ମପ୍ରଧାନ । ଏହି ସମୟ କାଳରେ ସୃଷ୍ଟ ଉପନିଷଦ୍‌ଗୁଡିକ ଏହିସବୁ ବିଚାରଧାରା ସହିତ ଧର୍ମ, ଅର୍ଥ, କାମ, ମୋକ୍ଷ, ଆତ୍ମା ଏବଂ ଭଗବତ୍ ସତ୍ତା ଉପରେ ପ୍ରଚାର ଆରମ୍ଭ କରିଦେଇଥିଲେ ।

ଆତ୍ମସଂଯମ

ମୃତ୍ୟୁ ପରବର୍ତ୍ତୀ ସୁଖ ପାଇଁ ଏହି ସମୟକାଳରେ ଆତ୍ମସଂଯମର ବିଚାରଧାରା ବିକାଶଲାଭ କରିଥିଲା; ଫଳସ୍ୱରୂପ ମଣିଷ ଜୀବନର ଶେଷ ପର୍ଯ୍ୟାୟରେ ମୃତ୍ୟୁ ପୂର୍ବରୁ ତପଃ ସାଧନା ଏବଂ ପରମାତ୍ମାଙ୍କଠାରେ ଲୀନ ହୋଇ ପୁନର୍ଜନ୍ମରୁ ମୁକ୍ତି ପାଇବା ପାଇଁ ଆତ୍ମ ସଂଯମରେ ବ୍ରତୀ ହେଉଥିଲା । ଏହାର ମୂଳମନ୍ତ୍ର ଥିଲା ଅରଣ୍ୟ ମଧ୍ୟରେ କୃଚ୍ଛ୍ର ସାଧନା, କଠୋର ଭାବରେ ନୀତିନିଷ୍ଠ ଏବଂ ଶୃଙ୍ଖଳିତ ହେବା, ବିଷୟ ବାସନା ଓ ସୁଖକୁ ପରିତ୍ୟାଗ କରିବା ଆଦି । ଏହିପରି ଭାବରେ ପରବର୍ତ୍ତୀ ବୈଦିକ ଯୁଗରେ ଧର୍ମ, ଦର୍ଶନ, ଆତ୍ମା ଓ ପରମାତ୍ମାଙ୍କ ସମ୍ବନ୍ଧୀୟ ବିଚାରଧାରାରେ ଏକ ବିବର୍ତ୍ତନ ସଂଘଟିତ ହୋଇଥିଲା ।

ଲୋକପରମ୍ପରା

ଲୋକପରମ୍ପରା ସମ୍ପର୍କରେ ସୂଚନାର ଖଣି ହେଉଛି ଅଥର୍ବ ବେଦ । ବଳି ପରମ୍ପରା ସମ୍ମିଳିତ ବୈଦିକ ଧର୍ମଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ଅଟେ । ପୁନଶ୍ଚ, ଏହା ଯାଦୁ ଏବଂ ରହସ୍ୟ ସହିତ ବିଶେଷ ଭାବରେ ସମ୍ପର୍କିତ ଅଟେ । ବେଦର ବିଷୟବସ୍ତୁରେ ମାନବ ଜୀବନର ବିଭିନ୍ନ କ୍ରିୟା, ଘଟଣା, ରହସ୍ୟ ଆଦି ବିଭିନ୍ନ ଦିଗ ସମ୍ବନ୍ଧରେ ଉଲ୍ଲେଖ ଅଛି । ମନ୍ତ୍ରଗୁଡିକ ସମ୍ପର୍କ ରଖୁଥିବା ବିଭିନ୍ନ ବିଷୟବସ୍ତୁ; ଯଥା-

- ରୋଗର ଚିକିତ୍ସା ଓ ଆରୋଗ୍ୟ
- ନିରୋଗୀ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା
- ଘର ଏବଂ ପିଲାଙ୍କର ସମୃଦ୍ଧିରେ ଆନନ୍ଦ
- ପଶୁସମ୍ପଦ ଏବଂ କର୍ମ
- ପରସ୍ପର ମଧ୍ୟରେ ଏକତା ସୃଷ୍ଟି କରିବାରେ ଆନନ୍ଦ
- ବିବାହ ଏବଂ ସମ୍ଭାଷଣରେ ଆନନ୍ଦ ଇତ୍ୟାଦି ।

ଅଥର୍ବବେଦ ବିଭିନ୍ନ ପ୍ରକାରର କୁସଂସ୍କାର ଏବଂ ଅନ୍ଧବିଶ୍ୱାସ ବାବଦରେ ଉଲ୍ଲେଖ କରିଛନ୍ତି । 'ଅଥର୍ବନ୍' ଶବ୍ଦ ଏକ ଯାଦୁକାରୀ ସୂତ୍ରକୁ ବୁଝାଏ ଏବଂ ଅଥର୍ବବେଦୀୟ ପୁରୋହିତମାନେ ଏହି ଯାଦୁକାରୀ ଧର୍ମଭିତ୍ତିରେ ପୂଜା କରୁଥିଲେ । ବୈଦିକ ରୀତିର ଦେବତାମାନଙ୍କୁ ମଧ୍ୟ ପ୍ରାର୍ଥନା ମାଧ୍ୟମରେ ଆବାହନ କରାଯାଉଥିଲା; ହେଲେ ସେମାନଙ୍କୁ ଯେଉଁ କାରଣ ପାଇଁ ଆବାହନ କରାଯାଉଥିଲା ତାହା ନଗଣ୍ୟ ଏବଂ ବ୍ୟକ୍ତିକେନ୍ଦ୍ରିକ ଥିଲା । ଅନେକ ପ୍ରକାରର ଆତ୍ମା, ପିଶାଚ, ରାକ୍ଷସ, ଡାକିନୀମାନଙ୍କୁ ସମୃଦ୍ଧି ପ୍ରାପ୍ତିପାଇଁ ଅଥବା ଶତ୍ରୁର କିମ୍ବା ବନ୍ଧୁର ଚରମ ବିପର୍ଯ୍ୟୟ ଘଟେଇବା ପାଇଁ ଆବାହନ କରାଯାଉଥିଲା । ଏହି ଆବାହନ ଏବଂ ମନ୍ତ୍ର ଉଚ୍ଚାରଣ ଗୃହ କିମ୍ବା ଗୃହ ସମ୍ବନ୍ଧୀୟ ସମସ୍ୟାରେ ସୀମିତ ଥିଲା । ଏହା ଆହୁରି ମଧ୍ୟ ସାଧାରଣ ମଣିଷର ଦୈନନ୍ଦିନ ଜୀବନଚର୍ଯ୍ୟା ସମ୍ପର୍କିତ ଥିଲା ।

ଉଦାହରଣସ୍ୱରୂପ, ଇନ୍ଦ୍ରଙ୍କୁ ଆବାହନ କରି ଘରୁ ଚୋରି କରୁଥିବା ଡକାୟତ, ଶରୀର ଭିତରର କ୍ରୀଡା, ଗଧିଆଭୂତ ଆଦିଙ୍କୁ ମାରିବା ପାଇଁ କୁହାଯାଇଛି । ଅଶ୍ୱିନୀକୁମାରଙ୍କୁ କୃଷିର ସୁରକ୍ଷା ଏବଂ ମୂଷା ମାରିବା ଦାୟିତ୍ୱ ଦିଆଯାଇଛି । ନୂଆଘର ତିଆରି କରିବା ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବା ନିମନ୍ତେ ସାବିତ୍ରୀଙ୍କୁ ପଠାଯାଇଛି । ଲୋକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟତା, ଏକତା ଆଣିବା ତଥା ସୁରକ୍ଷିତ ପ୍ରସବ କରାଇବା ପାଇଁ ପୁଷାନ୍‌ଙ୍କୁ ଆବାହନ କରାଯାଇଛି । ରାକ୍ଷସମାନଙ୍କୁ ବିତାଡିତ କରିବା ପାଇଁ ସୂର୍ଯ୍ୟଙ୍କୁ ଆବାହନ କରାଯାଇଛି ।

ଏହି ଯୁଗର ଶେଷ ଭାଗରେ ପୂଜକମାନଙ୍କର ପ୍ରଭୁତ୍ୱ ଏବଂ ଯଜ୍ଞରେ ଜଟିଳତା ବିରୁଦ୍ଧରେ ଏକ ଶକ୍ତିଶାଳୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଫଳସ୍ୱରୂପ ଉପନିଷଦଗୁଡିକରେ ଘୋଷଣା କରାଯାଇଥିବା ଦାର୍ଶନିକ ତତ୍ତ୍ୱ, ସୂତ୍ରଦ୍ୱାରା ସ୍ପଷ୍ଟ ରୂପରେ ପ୍ରକାଶିତ ହୋଇଥିଲା । ଏହି ତତ୍ତ୍ୱ ବ୍ରହ୍ମଜ୍ଞାନ ପ୍ରାପ୍ତି ଉପରେ ଗୁରୁତ୍ୱ ଦେଇଥିଲା, ଯେଉଁଥିପାଇଁକି କେବଳ ଯୋଗ ହିଁ ପର୍ଯ୍ୟାପ୍ତ ଥିଲା । ବଳିବିଧାନ ଏବଂ ତହିଁରେ ଖର୍ଚ୍ଚ ହେଉଥିବା ଧନ ବିରୁଦ୍ଧରେ ଏହି ସମୟରେ ଆତ୍ମା ସମ୍ବନ୍ଧରେ ଜ୍ଞାନର ବାର୍ତ୍ତା ପ୍ରଚାର କରାଯାଇଥିଲା । ଏହି ପ୍ରକାରେ ଧର୍ମର ବସ୍ତୁବାଦିତାକୁ ପରିହାର କରାଯାଇଥିଲା ଏବଂ ଦର୍ଶନ ସାମ୍ରାଜ୍ୟରେ ଧର୍ମ ପ୍ରବେଶ କରିଥିଲା । ଆତ୍ମା ଅପରିବର୍ତ୍ତିତ, ଅଜର, ଅମର, ଅବିନାଶୀ ବୋଲି ଉପନିଷଦମାନେ ପ୍ରଚାର କରିଥିଲେ । ଏହା ପୁନଶ୍ଚ ଏକ ପ୍ରକାର ସ୍ଥାୟିତ୍ୱ ଏବଂ ଏକତାର ଆବଶ୍ୟକତା ବାବଦରେ ଉପଦେଶ ଦେଉଥିଲା । [illegible], ଏହି ସମୟରେ ଜ[illegible] ଏବଂ ମହାଜନପଦଗୁଡିକର ଅଭ୍ୟୁଦୟ ହେଉଥିଲା ।

ଏହି ପ୍ରକାରେ ଆମେ ଦେଖୁ ଯେ, ବୈଦିକ ଏବଂ ପରବର୍ତ୍ତୀ ବୈଦିକ ଯୁଗ ମଧ୍ୟରେ ଧର୍ମଧାରା, ଧର୍ମପାଳନ ଏବଂ ଧର୍ମ ବିଶ୍ୱାସ ଉପରେ ଏକ ବଡ଼ ଧରଣର ପରିବର୍ତ୍ତନ ସଂଘଟିତ ହୋଇଥିଲା । ଏହି ପରିବର୍ତ୍ତନ, ପଶୁପାଳନ ସମ୍ପ୍ରଦାୟରୁ କୃଷିକାରକ ସମ୍ପ୍ରଦାୟକୁ ଗତି ସହିତ ଆଂଶିକ ଭାବରେ ସମ୍ପର୍କିତ ଅଟେ । ଏହି ସମୟର ଧାର୍ମିକ ପରିବର୍ତ୍ତନ, ପ୍ରାଚୀନ ବୈଦିକ ଏବଂ ପରବର୍ତ୍ତୀ ବୈଦିକ ଯୁଗର ସାମାଜିକ, ରାଜନୈତିକ, ଅର୍ଥନୈତିକ ପରିବର୍ତ୍ତନକୁ ପ୍ରତିଫଳନ କରେ ତଥା ସେଗୁଡିକ ସମାନ୍ତରାଳ ଭାବରେ ଗତି କରିଥିଲା ।

ଆଦର୍ଶ ପ୍ରଶ୍ନାବଳୀ

ଶୂନ୍ୟସ୍ଥାନ ପୂରଣ କର ।

୧ । ସଂହିତାଗୁଡ଼ିକର ପରବର୍ତ୍ତୀ ଗ୍ରନ୍ଥ _______ ଅଟେ ।

୨ । ପରବର୍ତ୍ତୀ ବୈଦିକ ଯୁଗରେ ଲୋକଙ୍କର ପ୍ରଧାନ ଖାଦ୍ୟଶସ୍ୟ _______ ଥିଲା ।

୩ । _______ ବେଦରେ ଉଭୟ ପୂର୍ବ ଓ ପଶ୍ଚିମ ସାଗର ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି ।

୪ । ବୈଦିକ ଯୁଗରେ ଧାନକୁ _______ ଏବଂ ଗହମକୁ _______ କୁହାଯାଉଥିଲା ।

୫ । ଲୋକ ପରମ୍ପରା ସମ୍ପର୍କରେ ସୂଚନାର ଖଣି _______ ବେଦ ଅଟେ ।

ଉତ୍ତରମାଳା

(୧) ବ୍ରାହ୍ମଣ, (୨) ଧାନ, (୩) ଅଥର୍ବ, (୪) ବ୍ରିହିଃ ଓ ଗୋଧୂମ, (୫) ଅଥର୍ବ ।

ଏକପଦ ଉତ୍ତରମୂଳକ ପ୍ରଶ୍ନୋତ୍ତର ।

୧ । ଆର୍ଯ୍ୟମାନେ କେଉଁ ଭାଷାଭାଷୀ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିଲେ ?

୨ । ଋକ୍‌ବୈଦିକ ପ୍ରମାଣ ସମ୍ବନ୍ଧିତ କେଉଁ ଅଞ୍ଚଳ ମୁଖ୍ୟ ଭୌଗୋଳିକ ଅଞ୍ଚଳ ଥିଲା ?

୩ । ଋକ୍‌ବେଦ ଏବଂ କେଉଁ ଗ୍ରନ୍ଥର ଭାଷାଗତ ସମତା ଉପରେ କୌଣସି ମତଭେଦ ନାହିଁ ?

୪ । ଭାରତରେ ଆର୍ଯ୍ୟମାନଙ୍କର ଅବସ୍ଥାନ ସମ୍ବନ୍ଧରେ ଆମେ କେଉଁ ସାହିତ୍ୟରୁ ଜାଣିଥାଉ ?

୫ । ଋକ୍‌ବେଦ କେତେଗୋଟି ମଣ୍ଡଳରେ ବିଭକ୍ତ ହୋଇଛି ?

୬ । ସାମବେଦରେ କେତେଗୋଟି ଶ୍ଳୋକ ରହିଛି ?

୭ । ଦେବତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରାର୍ଥନା ଗାୟନର ଗ୍ରନ୍ଥକୁ କ'ଣ କୁହାଯାଏ ?

୮ । ବୈଦିକ ଧାର୍ମିକ ଅନୁଷ୍ଠାନ ତଥା ଅନ୍ୟାନ୍ୟ ପୂଜା ଓ ଯଜ୍ଞ ଆଦିର ବିଧିବିଧାନ ସମ୍ବନ୍ଧରେ କେଉଁ ଗ୍ରନ୍ଥ ଶିକ୍ଷା ପ୍ରଦାନ କରେ ?

୯ । ବୈଦିକ ଯୁଗରେ କବିରାଜଙ୍କୁ କ'ଣ କୁହାଯାଉଥିଲା ?

୧୦ । ପଶୁପାଳକ ସମାଜରେ ବ୍ୟାପକ ରୂପରେ କେଉଁ ପ୍ରଥା ପ୍ରଚଳିତ ଥିଲା ?

୧୧ । ବେଦ ଶବ୍ଦଟି କେଉଁ ସଂସ୍କୃତ ଶବ୍ଦରୁ ନିଷ୍ପନ୍ନ ହୋଇଛି ?

୧୨ । ସର୍ବପ୍ରଥମ ବେଦର ନାମ କ'ଣ ?

୧୩ । ମନ୍ତ୍ର ଉଚ୍ଚାରଣ ସହିତ ପରମ୍ପରାଗୁଡ଼ିକର ପ୍ରାଞ୍ଜଳ ଓ ବିସ୍ତୃତ ରୂପ କେଉଁ ବେଦରେ ରହିଛି ?

୧୪ । ଋକ୍‌ବେଦରେ ଉଲ୍ଲିଖିତ "ଆୟସ୍" କେଉଁ ଧାତୁ ପାଇଁ ଉଦ୍ଦିଷ୍ଟ ଥିଲା ?

୧୫ । ମହାଭାରତର ଉଲ୍ଲେଖ ଅନୁଯାୟୀ ଇନ୍ଦ୍ରପ୍ରସ୍ଥ ନଗରୀ ସ୍ଥାପନା ପାଇଁ କେଉଁ ବଣକୁ ଜାଳି ଦିଆଯାଇଥିଲା ?

ଉତ୍ତରମାଳା

(୧) ଇଣ୍ଡୋ-ଇଉରୋପୀୟ, (୨) ସପ୍ତନଦୀର ଦେଶ, (୩) ଆବେସ୍ତା, (୪) ବେଦ ଓ ବୈଦିକ, (୫) ଦଶ, (୬) ୧୬୦୩, (୭) ସଂହିତା, (୮) କଳ୍ପ, (୯) ଭିଷକ୍, (୧୦) ପଶୁବଳି, (୧୧) ବିଦ୍, (୧୨) ଋକ୍, (୧୩) ଯଜୁଃ, (୧୪) ଲୁହା, (୧୫) ଖାଣ୍ଡବ ।

ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

୧ । ଋକ୍‌ବେଦରେ ଉଲ୍ଲିଖିତ ସପ୍ତସୈନ୍ଧବ ଅଞ୍ଚଳର ବିସ୍ତୃତି ସମ୍ବନ୍ଧରେ ଲେଖ ।
୨ । ଆର୍ଯ୍ୟମାନେ ହରପ୍ପା ସଭ୍ୟତାକୁ କିପରି ଭାବରେ ଧ୍ୱଂସ କରିଥିଲେ ?
୩ । ଯଜୁର୍ବେଦ ସମ୍ବନ୍ଧରେ ଉଲ୍ଲେଖ କର ।
୪ । ବେଦକୁ କାହିଁକି ଶ୍ରୁତି କୁହାଯାଏ ?
୫ । ବୈଦିକ ଯୁଗରେ ଆୟୁର୍ବିଜ୍ଞାନର କିପରି ପ୍ରଗତି ହୋଇଥିଲା ?
୬ । ବୈଦିକ ଯୁଗରେ ଲୋକେ କିପରି ପୋଷାକ ପିନ୍ଧୁଥିଲେ ?
୭ । ବୈଦିକ ଯୁଗର ସଭା ଓ ସମିତି ସମ୍ବନ୍ଧରେ ଲେଖ ।
୮ । ବୈଦିକ ଯୁଗର ଯୌଗିକ କୃଷିକାର୍ଯ୍ୟ ସମ୍ବନ୍ଧରେ ଲେଖ ।
୯ । ପରବର୍ତ୍ତୀ ବୈଦିକ ଯୁଗର ଲୋକେ କିପରି ଅଳଙ୍କାର ପିନ୍ଧୁଥିଲେ ?
୧୦ । ପରବର୍ତ୍ତୀ ବୈଦିକ ଯୁଗର ଜ୍ୟୋତିଷ ବିଦ୍ୟା ସମ୍ବନ୍ଧରେ ଲେଖ ।

ଛଅଟି ବାକ୍ୟରେ ଉତ୍ତର ଲେଖ (୭୫ ଶବ୍ଦ ମଧ୍ୟରେ) ।

୧ । ପରବର୍ତ୍ତୀ ବୈଦିକ ଯୁଗର ସାହିତ୍ୟିକ ଉପାଦାନ ସମ୍ବନ୍ଧରେ ଉଲ୍ଲେଖ କର ।
୨ । ପରବର୍ତ୍ତୀ ବୈଦିକ ଯୁଗର ଅର୍ଥନୈତିକ ସ୍ୱରୂପ କିପରି ଥିଲା ?
୩ । ସେ ସମୟକାଳର ଜମିର ଗୁରୁତ୍ୱ ପ୍ରଦାନ କର ।
୪ । ରାଜନୈତିକ ସଂଗଠନ ସମ୍ବନ୍ଧରେ ଉଲ୍ଲେଖ କର ।
୫ । ସାମାଜିକ ଜୀବନ କିପରି ଥିଲା ଲେଖ ।
୬ । ନାରୀର ସ୍ଥାନ ସମ୍ବନ୍ଧରେ ଆଲୋଚନା କର ।
୭ । ପ୍ରାଚୀନ ବୈଦିକ ଯୁଗର ଅର୍ଥନୀତି ସମ୍ବନ୍ଧରେ ଲେଖ ।
୮ । ପ୍ରାଚୀନ ବୈଦିକ ଯୁଗର ଗ୍ରାମ୍ୟ ସଭ୍ୟତା କିପରି ଥିଲା ?
୯ । ଧାର୍ମିକ ଜୀବନ କିପରି ଥିଲା ?
୧୦ । ପ୍ରାଚୀନ ବୈଦିକ ସାହିତ୍ୟ ସମ୍ବନ୍ଧରେ ବର୍ଣ୍ଣନା କର ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ (୫୦୦ ଶବ୍ଦ ମଧ୍ୟରେ) ।

୧ । ପ୍ରାଚୀନ ବୈଦିକ ଯୁଗର ସାହିତ୍ୟ, ଅର୍ଥନୀତି ଓ ଧର୍ମ ସମ୍ବନ୍ଧରେ ଆଲୋଚନା କର ।
୨ । ପ୍ରାଚୀନ ବୈଦିକ ଯୁଗର ସାମାଜିକ ଓ ରାଜନୈତିକ ଜୀବନ ସମ୍ବନ୍ଧରେ ବର୍ଣ୍ଣନା କର ।
୩ । ପରବର୍ତ୍ତୀ ବୈଦିକ ଯୁଗର ଉପାଦାନଗୁଡ଼ିକ ସମ୍ବନ୍ଧରେ ଉଲ୍ଲେଖ କର ।
୪ । ପରବର୍ତ୍ତୀ ବୈଦିକ ଯୁଗର ଅର୍ଥନୀତି, ରାଜନୀତି ଏବଂ ସମାଜ ବ୍ୟବସ୍ଥା ସମ୍ବନ୍ଧରେ ବିଶଦ ବର୍ଣ୍ଣନା କର ।

ଡକ୍ଟର ଶଶାଙ୍କ ଶେଖର ସାମଲ (ତରଣି)ଙ୍କ ଜନ୍ମ ୧୯୫୬ ମସିହା ଜୁନ୍ ମାସ ୫ ତାରିଖରେ ହୋଇଥିଲା । ସେ ପ୍ରଥମେ ପଦ୍ମପୁର ଗ୍ରାମ ଜିଲ୍ଲା- ବରଗଡ ଏବଂ ବର୍ତ୍ତମାନ ଗଜପତିନଗର, ଭୁବନେଶ୍ୱରଠାରେ ସ୍ଥାୟୀଭାବେ ଅବସ୍ଥାନ କରୁଛନ୍ତି । ଅଧୁନା ଓଡିଶା ପ୍ରଦେଶର ଇତିହାସ, ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱର ଅଧ୍ୟୟନ ଓ ଗବେଷଣା ପାଇଁ ସେ ଜୀବନର ବହୁମୂଲ୍ୟର ଯଥା– ଚାରି ଦଶନ୍ଧି କାଳ ଉତ୍ସର୍ଗ କରି ପିଲାଙ୍କ ପାଠ୍ୟ ପୁସ୍ତକ, ଆଧୁନିକ କବିତା ପୁସ୍ତକ ଆଦି ରଚନା କରିଛନ୍ତି । ସାରା ବିଶ୍ୱ ତଥା ଏ ଦେଶ ଓ ଜାତି ପାଇଁ ତାଙ୍କ ଅବଦାନର ଅମୂଲ୍ୟ ରତ୍ନ ବା ଗବେଷଣାତ୍ମକ ଗ୍ରନ୍ଥ, "ଗନ୍ଧମାର୍ଦ୍ଦନ ପର୍ବତର ପ୍ରତ୍ନତାତ୍ତ୍ୱିକ ବୈଭବ" (ଉଭୟ ଓଡିଆ ଏବଂ ଇଂରାଜୀ ଭାଷାରେ ପ୍ରକାଶିତ) ଏବଂ "ରାଧାନଗରଗଡ଼ ଓ ଧର୍ମଶାଳାର ପ୍ରତ୍ନତାତ୍ତ୍ୱିକ ବୈଭବ" (ପ୍ରକାଶକ କାବ୍ୟଲୋକ) ରଚନା କରିଛନ୍ତି । ଡକ୍ଟର ସାମଲ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାରରୁ ୧୯୮୦ ମସିହାରେ ଇତିହାସ ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପୁନଶ୍ଚ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱରରୁ ୧୯୮୮ ମସିହାରେ ଏମ୍.ଫିଲ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୨୦୦୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟଦ୍ୱାରା ତାଙ୍କୁ ଇତିହାସରେ ବିଭୂଷଣ (ପିଏଚ୍.ଡି) ଉପାଧି ପ୍ରଦାନ କରାଯାଇଛି । ଲାଲା ଲଜ୍‌ପତ୍‌ରାୟ, ଆଇନ୍ ମହାବିଦ୍ୟାଳୟ, ସମ୍ବଲପୁରରୁ ୧୯୮୭ ମସିହାରେ ଆଇନ୍ ସ୍ନାତକ ଏଲ୍ଏଲ୍. ବି. ଓ ରାଷ୍ଟ୍ରଭାଷା ପ୍ରଚାର ସମିତି ୱାର୍ଦ୍ଧାଙ୍କ ଦ୍ୱାରା ପରିଚାଳିତ ହିନ୍ଦୀ କୋବିଦ ପରୀକ୍ଷାରେ ୧୯୭୨ ମସିହାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଲୋକସେବା ଆୟୁକ୍ତ ଓଡିଶା (ଓ.ପି.ଏସ୍.ସି)ଙ୍କ ଦ୍ୱାରା ପରିଚାଳିତ ସାକ୍ଷାତକାରରେ ଉତ୍ତୀର୍ଣ୍ଣ ହୋଇ ୧୯୯୦ ମସିହାରୁ ଓଡିଶା ଶିକ୍ଷା ସେବା (ଓ.ଇ.ଏସ୍.) ଅଧିକାରୀ ରୂପରେ ଶିକ୍ଷକତା କରି ଆସୁଥିଲେ । ଦୀର୍ଘ ବର୍ଷ ଧରି ଖଲ୍ଲିକୋଟ ସ୍ୱୟଂଚାଳିତ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ରୂପରେ ଦାୟିତ୍ୱ ନିର୍ବାହ କରି ପ୍ରାଧ୍ୟାପକ ଡକ୍ଟର ସାମଲ ୨୦୧୬ ମସିହା ଜୁନ୍ ମାସ ୩୦ ତାରିଖରେ ଅବସର ଗ୍ରହଣ କରିଛନ୍ତି ।

KM Since 1981
KITAB MAHAL
JCK Tower, College Square, Cuttack- 753003, Odisha
website: www.kitabmahal.net e-mail: mail@kitabmahal.in
Phone: 0671- 2548333, 2548301, 2312585

ISBN-978-93-88581-08-0
Price: ₹ 195.00